


ମା' ହେବେ ପରିଣୀତି
▶ପୃଷ୍ଠା ୧୨ ଦେଖନ୍ତୁ...



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-65 ◆FRIDAY ◆29 AUGUST 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୬୫ ◆ଶୁକ୍ରବାର ◆୨୯ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ଗ୍ରହଦୋଷ କାଟିବା ପାଇଁ ନାତିକୁ ବଳି



■ ପ୍ରୟାଗରାଜ, ୨୮ ।୮ (ଏଜେନ୍ସି): ଅନ୍ଧ ବିଶ୍ୱାସ ପାଇଁ ଜଣେ ନିରୀହର ଜୀବନ ଯାଇଛି । ତାନ୍ତ୍ରିକ କଥାରେ ପଡ଼ି ଶରଣ ସିଂ ନାମକ ଜଣେ ପ୍ରପର୍ଟି ଡିଲର ଜଘନ୍ୟ କାଣ୍ଡ ଘଟାଇଛନ୍ତି । ଗ୍ରହଦୋଷ କାଟିବାକୁ ଯାଇ ସେ ନିଜର ୧୭ ବର୍ଷୀୟ ନାତିକୁ ବଳି ଦେବାକୁ ପଛାଇନାହାନ୍ତି । ଉତ୍ତର ପ୍ରଦେଶ ପ୍ରୟାଗରାଜର କାରେଲି ଥାନା ଅଞ୍ଚଳରେ ଏହି ଜଘନ୍ୟ କାଣ୍ଡ ଘଟିଛି । ସୂଚନା ଅନୁଯାୟୀ ନାତି ପୀୟୂଷ ମଙ୍ଗଳବାର ସ୍କୁଲ ଯାଉଥିବା ବେଳେ ଜେଜେ ତାଙ୍କୁ ଅପହରଣ କରି ନେଇଥିଲେ । ପରେ ଘରକୁ ନେଇ ତନ୍ତ୍ର- ମନ୍ତ୍ର କରିବା ସହ ବଳି ଦେଇଥିଲେ । ହାତଗୋଡ଼ କାଟିବା ସହ ମୁଣ୍ଡଗଣ୍ଡି ଅଲଗା କରି ଦେଇଥିଲେ । ପୀୟୂଷ ନ ଫେରିବାରୁ ମଙ୍ଗଳବାର ନିଖୋଜ ମାମଲା ରୁଜୁ କରାଯାଇଥିଲା । ପୀୟୂଷଙ୍କ ପିତା ଅଜୟ ସିଂ ମୃତ୍ୟୁବରଣ କରିସାଥିବା ବେଳେ ମା କାମିନୀଙ୍କ ସହ ସେ ସାଦିଆପୁରର ଗୁରୁଦ୍ୱାର ନିକଟରେ ରହୁଥିଲେ । ପୀୟୂଷ ସରସ୍ୱତୀ ବିଦ୍ୟାମନ୍ଦିରରେ ଏକାଦଶ ଶ୍ରେଣୀରେ ପଢୁଥିଲେ । ସକାଳେ ସ୍କୁଲ୍‌କୁ ଯିବା ପରେ ପୀୟୂଷ ଘରକୁ ଫେରି ନଥିଲେ । କିନ୍ତୁ ସେ ସ୍କୁଲକୁ ଯାଇନଥିବା କାମିନୀ ଜାଣିବାକୁ ପାଇଥିଲେ । ଫଳରେ ସେ ପୁଲିସରେ ଅଭିଯୋଗ କରିଥିଲେ । ସିସିଟିଭି ଫୁଟେଜକୁ ଆଧାର କରି ପୁଲିସ ଶରଣ ସିଂଙ୍କୁ ଗିରଫ କରିଥିଲା । ଶରଣ ନିଜ ଅପରାଧ ସ୍ୱୀକାର କରିଛନ୍ତି । ଅଧିକ ତଦନ୍ତ ପାଇଁ ଶରଣଙ୍କ ସମେତ ତାଙ୍କ ପତ୍ନୀ ଓ ଅନ୍ୟ ଜଣେ ପୁଅକୁ ପୁଲିସ ପଚରାଉଚରା କରୁଛି ।

# ୪ ମହଲା କୋଠା ଭୁଶୁଡ଼ି ୧୭ ମୃତ, ୯ ଆହତ

**ଜନ୍ମଦିନ ପାଳନ ବେଳେ ଅଘଟଣ**

**ବିଲ୍ଡର୍ ଗିରଫ**



■ ମୁମ୍ବାଇ, ୨୮ ।୮ (ଏଜେନ୍ସି): ମହାରାଷ୍ଟ୍ରର ପାଲଘର ଜିଲ୍ଲାରେ ଏକ ୪ ମହଲା ବିଶିଷ୍ଟ କୋଠା ଭୁଶୁଡ଼ିବା ଫଳରେ ୧୭ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୯ ଜଣ ଆହତ ହୋଇଛନ୍ତି । ମୁମ୍ବାଇ ନିକଟସ୍ଥ ବିରାର ଅଞ୍ଚଳର ବିଜୟ ନଗରରେ ଅଗଷ୍ଟ ୨୬ରେ ରାତି ୧୨.୦୫ରେ ପାଖାପାଖି ୫୦ ଫ୍ଲାଟ ବିଶିଷ୍ଟ ୪ ତାଲା କୋଠା ରମାବାଇ ଆପାର୍ଟମେଣ୍ଟର ୧୨ଟି ଫ୍ଲାଟ୍ ନିକଟରେ ଥିବା ଏକ ଚାଳ ଘର ଉପରେ ଭୁଶିଡି ପଡ଼ିଥିଲା । ଉଦ୍ଧାରକାର୍ଯ୍ୟ ଚାଲିଥିବା ବେଳେ ଗୁରୁବାର ୫ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି । ଘଟଣା ବେଳେ ଚତୁର୍ଥ ମହଲାରେ ଜଣେ ଏକ ବର୍ଷୀୟ ଝିଅର ଜନ୍ମଦିନ ପାଳନ କରାଯାଉଥିଲା ଓ ପାର୍ଟି ଦିଆଯାଉଥିଲା । ଏହି ଝିଅ ସମେତ ତା'ର ମା ଓ ଆଉ କେତେଜଣ ଅତିଥି ଏଥିରେ ମୃତ୍ୟୁବରଣ କରିଛନ୍ତି । ଆହତ ହୋଇଥିବା ▶ପୃଷ୍ଠା-୭

**ଟ୍ରମ୍ପ ଟାରିଫ**

# ୫.୮%କୁ ଖସିବ ଜିଡିପି

## ପ୍ରଭାବିତ ହେବେ ଦେଶର ନିଯୁକ୍ତିଭିତ୍ତିକ ଶିଳ୍ପର ୨.୧ କୋଟି ଶ୍ରମିକ




**ବୟନ ସାମଗ୍ରୀ, ରତ୍ନ ଅଳଙ୍କାର, ସାମୁଦ୍ରିକ ଖାଦ୍ୟ ଶିଳ୍ପ ସର୍ବାଧିକ କ୍ଷତିଗ୍ରସ୍ତ**

**ଅଟୋ ଯନ୍ତ୍ରାଂଶ ଉପରେ ୨୫%; ଇସ୍ପାତ ଓ ଆଲୁମିନିୟମରେ ୫୦%**

**ଭାରତରୁ ରପ୍ତାନୀ ହେଉଥିବା ୬୦% ସାମଗ୍ରୀ ଉପରେ ୫୦% ଟାରିଫ**

**ସେମିକଣ୍ଡକ୍ଟର, ଜେନେରିକ୍ ଔଷଧ, ଇଲେକ୍ଟ୍ରୋନିକ ସାମଗ୍ରୀ ବାଦ୍**

■ ନୂଆଦିଲ୍ଲୀ, ୨୮।୮ (ଏଜେନ୍ସି): ଅଗଷ୍ଟ ୨୭ ତାରିଖରୁ ଭାରତୀୟ ଆମଦାନୀ ଉପରେ ଅତିରିକ୍ତ ୨୫% 'ରୁଷ୍ ଜୋରିମାନା' ଲାଗୁ କରିଛି ଆମେରିକା । ପୂର୍ବରୁ ଭାରତ ଉପରେ ୨୫% ଟାରିଫ୍ ବା ଶୁଳ୍କ ଲାଗୁ ହୋଇଥିବା ବେଳେ ସମ୍ପ୍ରତି ଅତିରିକ୍ତ ୨୫% ଜୋରିମାନା ଶୁଳ୍କ ହାରକୁ ୫୦%ରେ ପହଞ୍ଚାଇଛି । ଗୋଟିଏ ରିପୋର୍ଟ ଅନୁସାରେ ଆମେରିକା ନିଜ ଆବଶ୍ୟକତା ନିମନ୍ତେ ଭାରତରୁ ଆମଦାନୀ କରୁଥିବା ଜେନେରିକ ଔଷଧ, ଇଲେକ୍ଟ୍ରୋନିକ୍ସ ଓ ସେମିକଣ୍ଡକ୍ଟରକୁ ଅତିରିକ୍ତ ଜୋରିମାନାରୁ ବାଦ ଦେଇଛି । ସେହିପରି ଅଟୋ ଯନ୍ତ୍ରାଂଶ ଉପରେ ୨୫% ଟାରିଫ ଲାଗୁ କରିଥିବା ସମୟରେ ଆଲୁମିନିୟମ ସାମଗ୍ରୀ ଉପରେ ୫୦% ଟିକସ ଲଦିଛି । ମାତ୍ର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ଭାରତୀୟ ନିଯୁକ୍ତିଭିତ୍ତିକ ବୟନ, ଚମଡ଼ା, ରତ୍ନ ଓ ଅଳଙ୍କାର ଶିଳ୍ପ ଦ୍ୱାରା ଉତ୍ପାଦିତ ସାମଗ୍ରୀ ଉପରେ ଆମେରିକା ଲାଗୁ କରିଥିବା ୫୦% ଶୁଳ୍କ ଭାରତୀୟ ଅର୍ଥନୀତିକୁ ଗଭୀର ଭାବରେ ପ୍ରଭାବିତ କରିବ ବୋଲି ଆକଳନ କରାଯାଉଛି । ଆମେରିକାର ଏହି ଶୁଳ୍କ ଭାରତ ଉପରେ ବଳବତ୍ତର ରହିଲେ ଆଗାମୀ ୬ ମାସ ପରେ ପରିସ୍ଥିତି ଭୟଙ୍କର ହେବ ଓ ଏହି କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କ ମଧ୍ୟରୁ ପ୍ରାୟ ୨କୋଟି ୧୦ ଲକ୍ଷ କ୍ଷତିଗ୍ରସ୍ତ ହେବେ ବୋଲି ପ୍ରାରମ୍ଭିକ ଭାବରେ ଆଶଙ୍କା କରାଯାଉଛି ।

ଅନ୍ୟପକ୍ଷରେ ଟ୍ରମ୍ପ ଟାରିଫ୍‌ର ପ୍ରଭାବ ଭାରତୀୟ ପୁଞ୍ଜି ବଜାରରେ ମଧ୍ୟ ଅନୁଭୂତ ହୋଇଛି । ଗତକାଲି ଭାରତୀୟ ପୁଞ୍ଜି ବଜାର ବନ୍ଦ ରହିଥିବା ବେଳେ ଆଜି ସେନସେକ୍ସ ୭୦୦ ପଏଣ୍ଟ ହ୍ରାସ ପାଇଛି । ଅନ୍ୟପକ୍ଷରେ ଅର୍ଥନୀତି ସଂକ୍ରାନ୍ତରେ ଅନ୍ତର୍ଜାତୀୟ ରେଟିଂ ଏଜେନ୍ସି ନୋମ୍ୟୁରା ଟାରିଫ୍ ପ୍ରଭାବରେ ୨୦୨୫-୨୬ ଆର୍ଥିକ ବର୍ଷରେ ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ପୂର୍ବାନୁମାନ ୬.୨ରୁ ୫.୮ ପ୍ରତିଶତକୁ ହ୍ରାସ ପାଇବ ବୋଲି ଆକଳନ କରିଛି । ନୋମୁରା ରିପୋର୍ଟ ଅନୁସାରେ ଆର୍ଥିକବର୍ଷ ୨୦୨୫-୨୬ରେ ୨୫% ପ୍ରତିଶତ ପାରସ୍ପରିକ ଶୁଳ୍କ ବଳବତ୍ତର ରହିପାରେ । ନଭେମ୍ବର ପରେ ଅତିରିକ୍ତ ୨୫% ଶୁଳ୍କ ହଟାଇ ଦିଆଯିବାର ସମ୍ଭାବନା ରହିଛି । ତଥାପି ୨୦୨୫-୨୬ ଆର୍ଥିକ ବର୍ଷରେ ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ୬.୨ରୁ ୫.୮ ପ୍ରତିଶତକୁ ହ୍ରାସ ପାଇପାରେ । ତେବେ ଦ୍ରବ୍ୟ ଓ ସେବା ଟିକସ (ଜିଏସ୍‌ଟି)ରେ ସଂସ୍କାର ଅଣାଗଲେ କିଛି ପରିମାଣରେ ଏହାକୁ ନିୟନ୍ତ୍ରଣ କରାଯାଇ ପାରିବ । ଆମେରିକା ସେମିକଣ୍ଡକ୍ଟର, ଇଲେକ୍‌ଟ୍ରୋନିକ୍ସ, ▶ପୃଷ୍ଠା-୭

**ବିହାର ବିଧାନସଭା ନିର୍ବାଚନ**

# ଜେଡିୟୁ ପୁଣି ବଡ଼ଭାଇ




■ ପାଟନା, ୨୮ ।୮ (ଏଜେନ୍ସି): ବିହାରରେ ଚଳିତ ବର୍ଷ ଶେଷ ଆଡ଼କୁ ହେବାକୁ ଯାଉଥିବା ରାଜ୍ୟ ବିଧାନସଭା ନିର୍ବାଚନରେ ଆସନ ଭାଗବଣ୍ଟାକୁ ନେଇ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ନେତୃତ୍ୱାଧୀନ ଏନ୍‌ଡିଏରେ ସହମତି ପ୍ରକାଶ ପାଇଥିବା ଜଣାପଡ଼ିଛି । ଦିଲ୍ଲୀରେ ଏନେଇ ଆଲୋଚନା ହୋଇଛି ଏବଂ ଯେକୌଣସି ମୁହୂର୍ତ୍ତରେ ଏହା ଘୋଷଣା ହୋଇପାରେ ବୋଲି କୁହାଯାଉଛି ।

ମିଳିଥିବା ସୂଚନା ଅନୁଯାୟୀ ବିଧାନସଭାର ମୋଟ୍ ୨୪୩ଟି ଆସନ ମଧ୍ୟରୁ ନୀତୀଶଙ୍କ ଜନତାଦଳ(ୟୁ)କୁ ସର୍ବାଧିକ ୧୦୨ଟି ଆସନ ମିଳିଥିବା ବେଳେ ବିଜେପି ଭାଗରେ ୧୦୧ ଆସନ ପଡ଼ିଛି । ନୀତୀଶଙ୍କୁ ମୁଖ୍ୟମନ୍ତ୍ରୀର ଚେହେରା ରୂପେ ଉପସ୍ଥାପନ କରିବାକୁ ଯାଇ ଏଭଳି ନିଷ୍ପତ୍ତି ହୋଇଛି । ଗତ ବିଧାନସଭା ନିର୍ବାଚନର ବିଜେପି ତୁଳନାରେ କମ୍ ଆସନ ପାଇଥିଲେ ମଧ୍ୟ ନୀତୀଶ ମୁଖ୍ୟମନ୍ତ୍ରୀ ରହିଥିଲେ । ସେହିଭଳି ଗତ ନିର୍ବାଚନରେ ଏନ୍‌ଡିଏ ପାଇଁ ଘାତକ ସାବ୍ୟସ୍ତ ହୋଇଥିବା ଚିରାଗ ପାଶ୍ୱାନଙ୍କ ଲୋକ ଜନଶକ୍ତି ପାର୍ଟି (ରାମବିଳାଶ)କୁ ୨୦ଟି ଆସନ ଦିଆଯାଇଛି । ଗତ ବିଧାନସଭା ନିର୍ବାଚନରେ ତାଙ୍କ ଦଳ ସ୍ୱାଧୀନ ଭାବେ ଲଢ଼ିଥିବାରୁ ଅତିକମରେ ୩୦ଟି ଆସନର କ୍ଷତି ସହିଥିଲା ଏନ୍‌ଡିଏ । ସେହି ନିର୍ବାଚନରେ ତାଙ୍କ ପାର୍ଟି ଗୋଟିଏ ଆସନ ଜିତିଥିଲେ ମଧ୍ୟ ୩୦ଟିରେ ଏନଡିଏ ପ୍ରାର୍ଥୀଙ୍କ ପାଇଁ ପରାଜୟର କାରଣ ହୋଇଥିଲା । ତାଙ୍କୁ ସନ୍ତୁଷ୍ଟ କରିବାକୁ ଯାଇ ୨୦ଟି ଆସନ ଦିଆଯାଇଛି ।

ଏହାବାଦ୍ ଜିତେନ ରାମ ମାନ୍‌ଝୀଙ୍କ ହିନ୍ଦୁସ୍ତାନ ଆୱାମ ମୋର୍ଚ୍ଚା (ଏଚ୍‌ଏଏମ୍) ଓ ଉପେନ୍ଦ୍ର କୁଶୱାହଙ୍କ ରାଷ୍ଟ୍ରୀୟ ଲୋକ ମୋର୍ଚ୍ଚା (ଆରଏଲ୍‌ଏମ୍)କୁ ୧୦ଟି ଲେଖାଏଁ ଆସନ ଦିଆଯାଇଛି । କିନ୍ତୁ ▶ପୃଷ୍ଠା-୭



# ମା' ସମଲେଇଙ୍କୁ ନବାନ୍ନ ଲାଗି

■ ସମ୍ବଲପୁର, ୨୮ ।୮ (ସମିସ): ପଶ୍ଚିମଓଡ଼ିଶାରେ ଗୁରୁବାର ପାରମ୍ପରିକ ଉତ୍ସାହ ଉଦ୍ଦୀପନାର ସହ ଗଣପର୍ବ ନୂଆଁଖାଇ ପାଳିତ ହୋଇଯାଇଛି । ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥି ନିର୍ଦ୍ଧାରିତ ଲଗ୍ନରେ ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ସହ ବିଭିନ୍ନ ଦେବାଦେବୀଙ୍କଠାରେ ନବାନ୍ନ ଲାଗି ହେବାପରେ ଗ୍ରାମଦେବୀ, ଇଷ୍ଟଦେବୀ ତଥା ଘରେ ଠାକୁରଙ୍କୁ ଭୋଗ ଲଗେଇ ଲୋକେ ନୂଆଁ ଖାଇଛନ୍ତି ।

ମା' ସମଲେଶ୍ୱରୀଙ୍କ ମୂଳପୀଠ ସମ୍ବଲପୁରରେ ଆଜି ଭୋର ୪ଟାରୁ ମା' ସମଲେଶ୍ୱରୀଙ୍କୁ ସ୍ନାନାଦି ପରେ ସମ୍ବଲପୁରୀ ପାଟବସ୍ତ୍ର, ଅଳଙ୍କାର ଆଦି ବେଶଭୂଷା ପରେ ପୂଜକମାନେ ▶ପୃଷ୍ଠା-୭

# ନିଜକୁ ଜାଳିଦେଲେ ଯୁବ ଆଇନଜୀବୀ

■ ଭୁବନେଶ୍ୱର, ୨୮ ।୮ (ସମିସ): ଗୁରୁବାର ରାତିରେ ରାଜଧାନୀରେ ଜଣେ ଆଇନଜୀବୀ ନିଜ ଦେହରେ ନିଆଁ ଲଗେଇ ଆତ୍ମାହୁତି ଦେଇଛନ୍ତି । ଏଭଳି ଘଟଣା ମଞ୍ଚେଶ୍ୱର ଥାନା ଜଗନ୍ନାଥ ନଗରରେ ଦେଖିବାକୁ ମିଳିଛି । ମୃତ ଯୁବକ ହେଲେ ଦୀପକ ସାହୁ । ପୁଲିସ ଖବର ପାଇ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠେଇ ଦେଇଛି । କିଭଳି ଭାବରେ ଦୀପକ ନିଜ ଦେହରେ ନିଆଁ ଲଗେଇଲେ ସେ ନେଇ ପୁଲିସ ତଦନ୍ତ କରୁଛି ।

ସୂଚନା ଅନୁସାରେ, ଦୀପକ ପରିବାର ସହ ଜଗନ୍ନାଥ ନଗରରେ ରହୁଥିଲେ । ପାରିବାରିକ ସମସ୍ୟାକୁ ନେଇ ମାନସିକ ଚାପରେ ଥିଲେ ଦୀପକ । ଗୁରୁବାର ରାତି ୧୦ଟା ସମୟରେ ଦୀପକ ଏକାକୀ ୪ ମହଲା ଉପରକୁ ▶ପୃଷ୍ଠା-୭

# ଦିନରେ ପ୍ରବଚନ; ରାତିରେ ଚୋରି



**ଅପରାଧରୁ ଦୂରେଇ ଯିବାକୁ ବାର୍ତ୍ତା ବାଣ୍ଟି ନିଜେ କରୁଥିଲା ଅପରାଧ**

**୨୦୦ ଗ୍ରାମ ସୁନା, ୧ଲକ୍ଷ ଟଙ୍କା ଜବତ**

**ଚୋରି ସୁନା ବନ୍ଧକ ରଖି ଆଣୁଥିଲା ଟଙ୍କା**

**ୟୁ-ଟ୍ୟୁବ୍‌ରେ 'ଚେଞ୍ଜ ୟୋର୍ ଲାଇଫ୍' ନାମରେ ଖୋଲିଥିଲା ଚ୍ୟାନେଲ**

**ବନ୍ଦ ଥିବା ଘରକୁ କରୁଥିଲା ଟାର୍ଗେଟ**

■ ଭୁବନେଶ୍ୱର, ୨୮ ।୮ (ସମିସ): ଦିନରେ ପ୍ରବଚନ ଦେଇ ରାତିରେ ଚୋରି କରୁଥିଲା । ପୁଲିସ ହାତରେ ଧରାପଡ଼ିଛି ଏମିତି ଏକ ଦୁର୍ଦ୍ଦାନ୍ତ ଚୋର । ୟୁ-ଟ୍ୟୁବ୍‌ରେ 'ଚେଞ୍ଜ ୟୋର୍ ଲାଇଫ୍' ନାମକ ଏକ ଚ୍ୟାନେଲ ଖୋଲି ପ୍ରବଚନ ଦେଉଥିଲା । ଖରାପ କାମ ନ କରିବାକୁ ଲୋକଙ୍କୁ ପରାମର୍ଶ ଦେଉଥିଲା । ରାତି ହେଲେ ସ୍କୁଟି ଧରି ବାହାରି ପଡୁଥିଲା ଚୋରି କରିବାକୁ । ବନ୍ଦ ଥିବା ଘରକୁ ଟାର୍ଗେଟ କରୁଥିଲା । ଏଭଳି ଛଦ୍ମବେଶୀ ଚୋରକୁ ଧରିଛି ପୁଲିସ । ତା' ନିକଟରୁ ୨୦୦ ଗ୍ରାମର ସୁନା ଅଳଙ୍କାର, ନଗଦ ୧ଲକ୍ଷ ଟଙ୍କା, ସ୍କୁଟି ଏବଂ ଲୁହାରଡ୍ ଜବତ ହୋଇଛି । ▶ପୃଷ୍ଠା-୭

**ଦୁର୍ଦ୍ଦିନରେ କପା ଚାଷୀ**

# ଉତ୍ପାଦନ ବଢୁଛି; ଦର ବଢୁନି


ବିହନ ପାଇଁ ବାହାର ରାଜ୍ୟକୁ ଭରସା

■ ଭୁବନେଶ୍ୱର, ୨୮।୮ (ସମିସ): କପା ଏକ ଅର୍ଥ ଉପାର୍ଜନକାରୀ ଫସଲ । ଚାଷ ପାଇଁ ଓଡ଼ିଶା ଜଳବାୟୁ ବି ଅନୁକୂଳ । ମାତ୍ର କପା ଚାଷ ଆଖିଦୃଶିଆ ଭାବେ ବଢ଼ିପାରୁନି । ଚାଷୀ ଆୟ ବୃଦ୍ଧିରେ ବି ସହାୟ ହୋଇପାରୁନି । ଏତଦବ୍ୟତୀତ କପା ବିହନ ପାଇଁ ଚାଷୀମାନେ ଦହଗଞ୍ଜ ହେଉଛନ୍ତି । ଆଜି ପର୍ଯ୍ୟନ୍ତ ବିହନ ପାଇବା ଦିଗରେ ଚାଷୀମାନେ ଆତ୍ମନିର୍ଭର ହୋଇପାରୁନାହାନ୍ତି । ପ୍ରତିବର୍ଷ ବିହନ ପାଇଁ ଆମକୁ ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି । ଯେତିକି କପା ଉତ୍ପାଦନ ହେଉଛି, ଚାଷୀଙ୍କୁ ତା'ର ଉଚିତ୍ ମୂଲ୍ୟ ମିଳୁନି । ଆମ ରାଜ୍ୟରେ ସୂତା କଳ ବନ୍ଦ ହୋଇଯିବା ଯୋଗୁଁ କପା ଚାଷୀଙ୍କ ଉନ୍ନତି ହୋଇପାରୁନି ବୋଲି ବିଶେଷଜ୍ଞମାନେ ପ୍ରକାଶ କରୁଛନ୍ତି । ବାହାର ରାଜ୍ୟର ବେପାରୀ ଶାଗ-ମାଛ ଦରରେ ଓଡ଼ିଶାରୁ କପା କିଣି ନେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି ।

କୃଷି ବିଭାଗ ସୂଚନାନୁସାରେ, ଓଡ଼ିଶାରେ କପା ଚାଷ ୧୯୮୫ ମସିହା ପରଠାରୁ କ୍ରମାଗତ ଭାବେ ବୃଦ୍ଧି ପାଉଛି । ପ୍ରଥମେ ୫ ହଜାର ହେକ୍ଟର ଜମିରେ ଚାଷ ହୋଇ ୫ହଜାର ଗାଣ୍ଠି ଉତ୍ପାଦନ ହୋଇଥିଲା । ୨୦୧୨ ମସିହାରେ ୧.୧୧ ହେକ୍ଟର ଜମିରୁ ୨.୭୧ ଲକ୍ଷ ଗାଣ୍ଠି ଉତ୍ପାଦନ ହେଉଥିବାବେଳେ ୨୦୨୨ରେ ୭.୯ ଲକ୍ଷ ଗାଣ୍ଠିକୁ ବୃଦ୍ଧି ପାଇଥିଲା । ଏବେ ପାଖାପାଖି ୯ ଲକ୍ଷ ଗାଣ୍ଠି ଉତ୍ପାଦନ ହେଉଛି । କପା ଚାଷ ପୂର୍ବରୁ କଳାହାଣ୍ଡି, ବଲାଙ୍ଗିର, ରାୟଗଡ଼ା ଓ ନୂଆପଡ଼ା ଜିଲ୍ଲାରେ ହେଉଥିବାବେଳେ ଏବେ ଏହା ଗଞ୍ଜାମ, ସୋନପୁର, ଗଜପତି, ବୌଦ୍ଧ, ବରଗଡ଼, ଫୁଲବାଣୀ ଓ କୋରାପୁଟରେ ହେଉଛି । ଆମ ରାଜ୍ୟର ଢିପ ଜମିରେ ଚାଷ ହେଉଥିବା ସ୍ଥାନୀୟ କିସମର ଧାନ, ସୁଆଁ, ଗୁଲ୍‌ଜି, ହରଡ଼, ମାଣ୍ଡିଆ ପ୍ରଭୃତି ଅପେକ୍ଷାକୃତ ସ୍ୱଳ୍ପ ଲାଭଜନକ ଶସ୍ୟ ▶ପୃଷ୍ଠା-୭




ସକାଳ THE SAKALA



www.sakalaepaper.com

## ବନ୍ଧୁ ପରିଚୟ ଦେଇ ସାଇବର ଠକେଇ

# ଏସ୍‌ଏମ୍‌ଏସ୍ ପଠାଇ ନେଇଗଲା ୪୫ ହଜାର; ଠକ ଗିରଫ

ରାଉରକେଲା, ୨୮।୮ (ସମିସ): ପୁଲିସ ଓ ବ୍ୟାଙ୍କ ପକ୍ଷରୁ ଯେତେ ସଚେତନ କରାଯାଉଥିଲେ ମଧ୍ୟ ସାଇବର ଠକେଇ ଥମିବାର ନାଁ ଧରୁନି। ନିଜକୁ ବନ୍ଧୁର ପରିଚୟ ଦେଇ ଫେକ୍ ଏସ୍‌ଏମ୍‌ଏସ୍ ଜରିଆରେ ହରିଆଣାର ଜଣେ ଦୁର୍ବୃତ୍ତ ରାଉରକେଲା ସେକ୍ଟର-୩ ଅଞ୍ଚଳର ଜଣେ ଯୁବକଙ୍କ ଠାରୁ ଦୁଇଟି ପର୍ଯ୍ୟାୟରେ ୪୫ ହଜାର ଟଙ୍କା ଠକି ନେଇଛି। ଏହି ଘଟଣାରେ ପୁଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲା, ହରିୟାଣା ରାଜ୍ୟ ମେୱାଟ ଜିଲ୍ଲା ମଣ୍ଡିଖେରା ଚିତୋରା ଗ୍ରାମର ସାହିଲ ଖାନ (୨୨)। ତା'ଠାରୁ ନକଲି ୟୁପିଆଇ ପେମେଣ୍ଟ ସ୍କ୍ରିନସଟ୍, ନକଲି ମେସେଜ୍, ଆଧାର କାର୍ଡ ଓ ମୋବାଇଲ ଫୋନ୍ ଆଦି ଜବତ କରାଯାଇଥିବା ଜଣାପଡ଼ିଛି।



ପୁଲିସ ସୂଚନା ମୁତାବକ, ରାଉରକେଲା ଏନ୍‌ଆଇଟି କ୍ୟାମ୍ପସର କ୍ୱାର୍ଟର ନଂ ଏଫ୍‌ଆର୍/୫୭ରେ ରହୁଥିବା ଦୀନବନ୍ଧୁ ବାଗ ନାମକ ଜଣେ ଯୁବକଙ୍କୁ ଗତ ୧୩ ଅଗଷ୍ଟରେ ଏକ ଅଜଣା ଫୋନ୍ ନମ୍ବର ୮୦୯୨୩୨୦୭୪୨ରୁ କଲ୍ ଆସିଥିଲା। ଫୋନ୍ କରିଥିବା ଦୁର୍ବୃତ୍ତ ନିଜକୁ ଅବିନାଶ ବାଗଡ଼େ ବୋଲି ପରିଚୟ ଦେଇ ଗୋଣ୍ଡିଆର ଜଣେ ପୁରୁଣା ବନ୍ଧୁ ବୋଲି ପରିଚୟ ଦେଇଥିଲା। ତେବେ ଏହି ନାମରେ ଦୀନବନ୍ଧୁଙ୍କ ଜଣେ ପରିଚିତ ବନ୍ଧୁ ଥିବାରୁ ସେ ଉକ୍ତ ଫୋନ କରିଥିବା ଯୁବକଙ୍କ କଥାକୁ ବିଶ୍ୱାସ କରିଥିଲେ। ଦୁର୍ବୃତ୍ତ ଜଣକ ଜରୁରିକାଳୀନ ପରିସ୍ଥିତି ତଥା ତାଙ୍କ ବନ୍ଧୁ ଜାକିର ଖାନଙ୍କ ଚିକିତ୍ସା ପାଇଁ ଏକ ହସ୍ପିଟାଲକୁ ଟଙ୍କା ପଠାଇବା ପରିବର୍ତ୍ତେ ଶ୍ରୀ ବାଗଙ୍କ ଆକାଉଣ୍ଟରେ ୪୫ ହଜାର ଟଙ୍କା ପଠାଇ ଦେଇଛନ୍ତି ବୋଲି କହିଥିଲା। ପରେ ଶ୍ରୀ ବାଗ୍‌ଙ୍କ ଫୋନ୍ ନମ୍ବରକୁ ଏକ ମେସେଜ୍ ଆସିଥିଲା। ଯେଉଁଥିରେ କି ୪୫ ହଜାର ଟଙ୍କା ତାଙ୍କ ବ୍ୟାଙ୍କ ଆକାଉଣ୍ଟରେ କ୍ରେଡିଟ୍ ହୋଇଥିବା ଦର୍ଶାଉଥିଲା। ଏଥିରେ ବିଶ୍ୱାସ କରି ଅନଲାଇନ୍ ଯୋଗେ ଶ୍ରୀ ବାଗ ସବୁ ଟଙ୍କା ୨ଟି ପର୍ଯ୍ୟାୟରେ ଫେରସ୍ତ କରି ଦେଇଥିଲେ। ତେବେ ବ୍ୟାଙ୍କ ଷ୍ଟେଟମେଣ୍ଟ ଯାଞ୍ଚ କରିବା ପରେ କୌଣସି ଟଙ୍କା ଆକାଉଣ୍ଟକୁ ଆସି ନଥିବା ଶ୍ରୀ ବାଗ ଜାଣିବାକୁ ପାଇଥିଲେ। ଏପରିକି ଫୋନ ଆସିଥିବା ନମ୍ବରରେ କଲ୍ କରିବା ପରେ ତାହା ସୁଇଚ୍ ଅଫ୍ ହୋଇଯାଇଥିଲା। ଫଳରେ ସେ ସାଇବର ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଏହାପରେ ୧୫ ତାରିଖରେ ଶ୍ରୀ ବାଗ ଥାନାରେ ଏ ନେଇ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ରାଉରକେଲା ଏସ୍‌ପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଏସ୍‌ପି ରାଜକୁମାର ମିଶ୍ର ଓ ଜୋନାଲ ଡିଏସ୍‌ପି ଯୋଗେଶ ପଣ୍ଡାଙ୍କ ତତ୍ତ୍ୱାବଧାନରେ ସେକ୍ଟର-୩ ଥାନା ଆଇଆଇସି ପି କେ ମୁର୍ମୁ ଓ ସବ୍‌ଇନିସପେକ୍ଟର ଆର କେ ଭୁଇ ଏ ନେଇ ତଦନ୍ତ ଆରମ୍ଭ କରିଥିଲେ। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ହରିୟାଣା ରାଜ୍ୟ ମେୱାଟ ଜିଲ୍ଲା ମଣ୍ଡିଖେରା ଚିତୋରା ଗ୍ରାମର ସାହିଲ ଖାନକୁ ପୁଲିସ ଗିରଫ କରିଥିଲା। ଅଭିଯୁକ୍ତ ସାହିଲ ଖାନ ଏକ ଠକ ଦଳ ଗଠନ କରି ବିଭିନ୍ନ ଲୋକଙ୍କ ଠାରୁ ଏପରି ଟଙ୍କା ଲୁଟୁଥିବା ପୁଲିସ ତଦନ୍ତରୁ ଜାଣିବାକୁ ପାଇଛି। ଅଭିଯୁକ୍ତ ସାହିଲ ସହ ସଲମାନ ଓ ମେୱାଟ ହରିୟାଣାର ତାହିର ସାମିଲ ଥିବା ତଦନ୍ତରୁ ଜଣାପଡ଼ିଛି। ଫୋନ୍ ପେ'ର ଏକ ନକଲି ଆପ୍ ବ୍ୟବହାର କରି ସ୍କ୍ରିନସଟ୍ ଏବଂ ନକଲି କ୍ରେଡିଟ୍ ମେସେଜ୍ ତିଆରି କରୁଥିଲେ। ପରେ ହ୍ୱାଟ୍ସଆପ୍ କିମ୍ବା ମେସେଜ ମାଧ୍ୟମରେ ତାହାକୁ ପଠାଇ ଠକୁଥିଲେ। ଟଙ୍କା ପାଇବା ପରେ ତୁରନ୍ତ ଟଙ୍କା ଉଠାଇ ନିଜ ମଧ୍ୟରେ ବାଣ୍ଟି ନେଉଥିଲେ ବୋଲି ପୁଲିସ ତଦନ୍ତରୁ ଜଣାପଡ଼ିଛି।

## ବାସନ୍ତୀ କଲୋନୀ ଆଖଣ୍ଡଳମଣି ପୂଜା କମିଟି

# ତୋରଣରେ ମନମୋହୁଛି 'କଟକ ରେଳଷ୍ଟେସନ'




ରାଉରକେଲା, ୨୮।୮ (ସମିସ): ରାଉରକେଲା ସହରରେ ଚଳିତ ବର୍ଷ ୧୮୮ଟି ପୂଜା ମଣ୍ଡପରେ ଅଗ୍ରପୂଜ୍ୟ ଗଜାନନଙ୍କ ପୂଜା ହୋଇଥିବା ବେଳେ ବାସନ୍ତୀ କଲୋନୀ ସ୍ଥିତ ଡିଏଭି ପୋଖରୀ ନିକଟରେ ଥିବା ଆଖଣ୍ଡଳମଣି କମିଟି ପକ୍ଷରୁ ଆୟୋଜିତ ମଣ୍ଡପରେ କଟକ ରେଳଷ୍ଟେସନର ତୋରଣ ଦର୍ଶକଙ୍କ ମନମୋହୁଛି। ଏହି ତୋରଣର ଉଚ୍ଚତା ୫୫ ଫୁଟ୍ ହୋଇଥିବା ବେଳେ ସମ୍ପୂର୍ଣ୍ଣ ତୋରଣ ରଙ୍ଗୀନ ଆଲୋକମାଳାରେ ସଜ୍ଜିତ ହୋଇଛି। ଆଖଣ୍ଡଳମଣି କମିଟି ପକ୍ଷରୁ ହୋଇ ଆସୁଥିବା ଏହି ପୂଜା ଚଳିତବର୍ଷ ୨୬ ବର୍ଷରେ ପଦାର୍ପଣ କରିଛି। ପୂଜା ମଣ୍ଡପରେ ମୁମ୍ବାଇର ଲାଲବାଗ ରାଜା ଗଣପତି ନାଥଙ୍କ ମୂର୍ତ୍ତି ଶୋଭାପାଉଛି। ଏଠାକାର ଗଣେଶ ମୂର୍ତ୍ତିର ଉଚ୍ଚତା ସାଢ଼େ ୧୪ ଫୁଟ ରହିଛି। ଏଥିପାଇଁ କମିଟି ପକ୍ଷରୁ ସମୁଦାୟ ୮ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି। ୧୧ ଦିନ ଧରି ଏହି ପୂଜା ମହୋତ୍ସବ ଚାଲିବ ବୋଲି କମିଟିର ସଭାପତି ସପନ ବେହେରା ସୂଚନା ଦେଇଛନ୍ତି। ପେଣ୍ଡାଲ ପରିସରରେ ମା' ପାଇଁ ଗଛଟିଏ ଅଭିଯାନରେ ଚାରାରୋପଣ କରି ଏକ କୃତ୍ରିମ ବଗିଚା ନିର୍ମାଣ କରାଯାଇଛି, ଯାହା ସହରକୁ ସ୍ୱଚ୍ଛ ଓ ସବୁଜ ରଖିବା ପାଇଁ ବାର୍ତ୍ତା ଦିଆଯାଇଛି ବୋଲି ସାଧାରଣ ସମ୍ପାଦକ ଚନ୍ଦନ ବରାଳ କହିଛନ୍ତି। ଉପସଭାପତି ରାଜା ନାୟକ, ସନ୍ତୋଷ ବେହେରା, ଅମିତ ବାରିକ, ଉପଦେଷ୍ଟା ବାସୁଦେବ ବରାଳ, ସିଲୁ ଦାସ, ସଂଗ୍ରାମ ସାଗର, ଉଣା ଦାସ, ସୁଶାନ୍ତ ବାରିକ, ଯୁବ ନେତା କହରା ଜେନା ପ୍ରମୁଖ ଏଥିରେ ସହଯୋଗ କରିଛନ୍ତି।

# ନୂଆଁଖାଇ ପାଇଁ ବଣାଇଁରେ ଉତ୍ସବର ମାହୋଲ

ବଣାଇଁ, ୨୮।୮ (ସମିସ): ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ପାଇଁ ବଣାଇଁ ଅଞ୍ଚଳରେ ଉତ୍ସବର ମାହୋଲ ଦେଖିବାକୁ ମିଳିଛି। ଗତ ଦୁଇ ତିନ ଦିନ ଧରି ପ୍ରତ୍ୟେକ ଗ୍ରାମରେ ଗ୍ରାମଦେବୀଙ୍କ ପୂଜାର୍ଚ୍ଚନା ପରେ ଆଜି ଭାଦ୍ରବ ମାସ ଶୁକ୍ଲ ପକ୍ଷ ପଞ୍ଚମୀ ତିଥି ପଡ଼ିଥିବାରୁ ପ୍ରତ୍ୟେକ ଘର ପରିବାର ପକ୍ଷରୁ ନିଜ ନିଜର ଇଷ୍ଟଦେବୀ ଓ ପିତୃପୁରୁଷଙ୍କ ନିକଟରେ ନବାନ୍ନ ଅର୍ପଣ କରି ପରିବାରବର୍ଗ ସେଇ ନବାନ୍ନ ଭକ୍ଷଣ କରିଥିଲେ। ଗାଁ ଗୁଡ଼ିକରେ ପ୍ରଥମ ଧାନ ଫସଲ ଅମଳ ହେଲାପରେ ତାକୁ ପ୍ରଥମେ ଇଷ୍ଟ ଦେବୀଙ୍କ ନିକଟରେ ସମର୍ପଣ କରି ନିଜ ପରିବାରରେ ଭାତ, ଡାଲି, ତରକାରୀ, ଖଟା, ମିଠା, ପିଠା ଓ ଖିରୀ ତିଆରି କରି ସାମୁହିକ ଭୋଜନର ମଜା ନେଇଛନ୍ତି। ବିଶ୍ୱାସ ରହିଛି ଆଜିର ଦିନରେ ଯେତେ ପ୍ରକାର ଖାଦ୍ୟ ତିଆରି କରି ଇଷ୍ଟ ଦେବୀ ଓ ପୂର୍ବପୁରୁଷଙ୍କୁ ପ୍ରଦାନ କରିବ, ବର୍ଷସାରା ସେଇ ପ୍ରକାର ଖାଦ୍ୟ ପରିବାରବର୍ଗ ଖାଇବାକୁ ପାଇବେ। ଏହି ଉପଲକ୍ଷେ ସମସ୍ତେ ବଡ଼ି ଭୋରରୁ ଉଠି ଗାଧୋଇ ନୂଆବସ୍ତ୍ର ପରିଧାନ କରି ନବାନ୍ନ ଅର୍ପଣ କରିବାରେ ସପରିବାର ଲାଗିପଡ଼ିଥିଲେ। ପରିବାରର ବୟୋଜ୍ୟୋଷ୍ଠଙ୍କୁ କନିଷ୍ଠମାନେ ନୂଆଖାଇ ଜୁହାର କରିଥିଲେ।ଏ ହି ଅବସରରେ ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଥିଲା।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ବଣାଇଁ ଏନ୍‌ଏସି କ୍ରିୟାନୁଷ୍ଠାନ କମିଟି



ବଣାଇଁ, ୨୮।୮ (ସମିସ): ବଣାଇଁ ଉପଖଣ୍ଡ ସଦର ମହକୁମାକୁ ଏନ୍‌ଏସି ଘୋଷଣା କରିବାକୁ ଆଦିବାସୀ ବ୍ୟାପାର କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କ ପରାମର୍ଶକ୍ରମେ ମଙ୍ଗଳବାର ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ନେତୃତ୍ୱରେ ଏନଏସି କ୍ରିୟାନୁଷ୍ଠାନ କମିଟିର ଏକ ପ୍ରତିନିଧି ମଣ୍ଡଳୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିଛନ୍ତି। ଲୋକସେବା ଭବନସ୍ଥିତ କାର୍ଯ୍ୟାଳୟ ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଖୁବଶିଘ୍ର ଦାବି ପୂରଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ଏହାପରେ ଉକ୍ତ ପ୍ରତିନିଧିଦଳ ରାଜ୍ୟ ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳଣା ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ପରେ କମିଟି ରାଜ୍ୟ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ଭେଟି ଦାବିପତ୍ର ଦେଇଥିଲେ। ପୂର୍ବରୁ ଚଳିତ ମାସ ୨୪ ତାରିଖରେ ରାଜାମୁଣ୍ଡା ବିଜେପି କାର୍ଯ୍ୟାଳୟ ପରିସରରେ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା, କ୍ରିୟାନୁଷ୍ଠାନ କମିଟିର ଆବାହକ ସତ୍ୟ ନାରାୟଣ ମିଶ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମଙ୍କୁ ଭେଟି ଏନ୍‌ଏସି ଘୋଷଣା ଦାବି ନେଇ ଏକ ସ୍ମାରକ ପତ୍ର ପ୍ରଦାନ କରିଥିଲେ। ବୁଧବାର ସନ୍ଧ୍ୟାରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଓରାମ ତାଙ୍କର ଏକ ଭିଡିଓ ବାର୍ତ୍ତାରେ ବଣାଇଁକୁ ଏନ୍‌ଏସି ଘୋଷଣା କରାଯିବା ନେଇ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ସୂଚନା ଦେଇଥିବା କହିଛନ୍ତି। ଏଥିପାଇଁ ବଣାଇଁ ଏନ୍‌ଏସି କ୍ରିୟାନୁଷ୍ଠାନ କମିଟି ଓ ଜନସାଧାରଣ ପକ୍ଷରୁ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ବିଧାୟକ ଲକ୍ଷ୍ମଣମୁଣ୍ଡାଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। କ୍ରିୟାନୁଷ୍ଠାନ କମିଟିର ଆବାହକ ସତ୍ୟନାରାୟଣ ମିଶ୍ର, ସଂଯୋଜକ ତପନ କୁମାର ଦଣ୍ଡିଆ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାହାସ ବିହାରୀ ପ୍ରଧାନ, ବରିଷ୍ଠ ବିଜେପି ନେତା ମନୋଜ ପ୍ରଧାନ, ହେମନ୍ତ କୁମାର ସାହୁ, ବୁଲୁ ସ୍ୱାଇଁ, ଶିକ୍ଷାବିତ ପ୍ରଦୀପ କୁମାର ମିଶ୍ର, ମିଳନ କୁମାର ମହାନ୍ତ, କଂଗ୍ରେସ ନେତା ଶ୍ରୀକାନ୍ତ ଦଣ୍ଡିଆ, ସାମ୍ବାଦିକ ଗୀରେନ୍ଦ୍ର ସାହୁ, ସମାଜସେବୀ ରଞ୍ଜିତ ସେଠୀ, ବଣିକ ସଂଘର କୋଷାଧ୍ୟକ୍ଷ ରମେଶ ଚନ୍ଦ୍ର ଦଣ୍ଡିଆ, ସୀତାରାମ ପଣ୍ଡା, ଦେବରାଜ ପ୍ରଧାନ ପ୍ରମୁଖ ମୁଖ୍ୟମନ୍ତ୍ରୀ, ରାଜସ୍ୱ ଏବଂ ନଗର ଉନ୍ନୟନ ମନ୍ତ୍ରୀଙ୍କୁ ଭୁବନେଶ୍ୱରରେ ସାକ୍ଷାତ ସମୟରେ ଉପସ୍ଥିତ ଥିଲେ।

# ବନ୍ଦ ଘରୁ ଚୋରି ଉଦ୍ୟମ

ରାଉରକେଲା, ୨୮।୮ (ସମିସ): ଘରେ କେହି ନଥିବାର ସୁଯୋଗ ନେଇ ଦୁର୍ବୃତ୍ତ ମାନେ ଚୋରି ଉଦ୍ୟମ କରିଥିବା ଉଦିତନଗର ଥାନାରେ ଅଭିଯୋଗ ହୋଇଛି। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନା ମୁତାବକ, ବାସନ୍ତୀ କଲୋନୀ ଇ/୨୫, ଫେଜ ୧ରେ ଶ୍ରୀକିଶନ ସୋନି ରୁହନ୍ତି। ସବୁ ଦିନ ଭଳି ବୁଧବାର ସକାଳେ ଘର କବାଟ ତାଲା ପକାଇ ଦୋକାନକୁ ପଳାଇ ଯାଇଥିଲେ। ରାତି ପ୍ରାୟ ୧୦ଟା ବେଳେ ଫେରିବା ପରେ ତାଲା ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ। କବାଟ ଖୋଲିବାକୁ ଚେଷ୍ଟା କରିଥିଲେ ହେଁ ଭିତର ପଟୁ ବନ୍ଦ ଥିଲା। ପୁଲିସ ଘଟଣା ସ୍ଥଳରେ ପହଞ୍ଚି କବାଟ ଖୋଲି ଭିତରକୁ ପଶିଥିଲା। ଦୁର୍ବୃତ୍ତମାନେ ତାଲା ଭାଙ୍ଗି ଘର ଭିତରକୁ ପ୍ରବେଶ କରିବା ପରେ ଆଲମାରୀ ସମେତ ଅନ୍ୟ ଆସବାବପତ୍ର ଖେଳେଇ ଦେଇଥିଲେ। କିଛି ସାମଗ୍ରୀ ନମିଳିବାରୁ ଭିତର ପଟୁ ଲକ୍ କରୁ ଘରର ପଛ ପାର୍ଶ୍ୱ ଖାଲି ସ୍ଥାନରୁ ଡେଇଁ ଫେରାର ହୋଇଯାଇଥିଲେ ବୋଲି ପୁଲିସ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଅପରପକ୍ଷେ ଉକ୍ତ କ୍ୱାଟର ଅଞ୍ଚଳ ମୁଖ୍ୟ ରାସ୍ତାରେ ଥିବା ଓ ଚଳଚଞ୍ଚଳ ରାସ୍ତା ରହିଥିବା ବେଳେ ଦୁର୍ବୃତ୍ତ ମାନଙ୍କ ଏଭଳି ଚୋରି ଉଦ୍ୟମ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

# ଆର୍‌ଏସ୍‌ପି ପକ୍ଷରୁ ସ୍ୱେରେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ଉଦ୍‌ଘାଟିତ




ରାଉରକେଲା, ୨୮।୮ (ସମିସ): ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ଏହାର ସହରାଞ୍ଚଳ ପାଇଁ ଏକ ଅତ୍ୟାଧୁନିକ ଦୈନିକ ୩୦ ନିୟୁତ ଲିଟର କ୍ଷମତା ସମ୍ପନ୍ନ ଏକ ସ୍ୱେରେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ (ଏସ୍‌ଟିପି)କୁ କାର୍ଯ୍ୟକ୍ଷମ କରିଛି। ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ଏହାକୁ ଉଦ୍‌ଘାଟିତ କରିଥିଲେ। ମାନବ ସମ୍ବଳ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, କାର୍ଯ୍ୟ ବିଭାଗର ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ଅନୀଲ କୁମାର, ଖଣି ବିଭାଗର ଏମ୍‌ପି ସିଂହ, ପ୍ରକଳ୍ପ ବିଭାଗର ସୁଦୀପ ପାଲ ଚୌଧୁରୀ, ବିତ୍ତ ଓ ଲେଖା ବିଭାଗର ସିଜିଏମ ରାଜେଶ ଦାସଗୁପ୍ତା ଏବଂ ଆର୍‌ଏସ୍‌ପି ତଥା ମେକନର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଡିଆଇସି ଏହି ଉନ୍ନତ ସୁବିଧା ବୁଲି ଦେଖିବା ସହିତ ବିଭିନ୍ନ ୟୁନିଟ୍‌ଗୁଡ଼ିକର ସମୀକ୍ଷା କରିଥିଲେ। ଡିଆଇସି ପ୍ଲାଣ୍ଟର ପ୍ରକ୍ରିୟାକୁ ଆରମ୍ଭ କରିଥିଲେ। ପରେ ଚାରାରୋପଣ କରାଯାଇଥିଲା।

୯୬ କୋଟି ଟଙ୍କା ବ୍ୟୟରେ ବିକଶିତ ଏହି ଅତ୍ୟାଧୁନିକ ସୁବିଧା ଦୈନିକ ୩୦ ନିୟୁତ ଲିଟର (ଏମ୍‌ଏଲ୍‌ଡି) ସିୱେଜ୍ ଜଳ ପ୍ରବନ୍ଧନର କ୍ଷମତା ବହନ କରୁଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି)ଙ୍କ ପରାମର୍ଶ ଅନୁଯାୟୀ ଗ୍ରହଣ କରାଯାଇଥିବା ଏହି ପ୍ରମୁଖ ପଦକ୍ଷେପ ଇସ୍ପାତ ସହରାଞ୍ଚଳରେ ପରିବେଶ ସମସ୍ୟାକୁ ସମାଧାନ କରିବା ସହିତ ଜୀବନଧାରଣ ମାନରେ ଉନ୍ନତି ଆଣିବାକୁ ଲକ୍ଷ୍ୟ ରଖିଛି। ଏହି ପ୍ରକଳ୍ପ କାର୍ଯ୍ୟାନ୍ୱୟନ ଯୋଗାଯୋଗ ଦଳରେ ସହର ଇଞ୍ଜିନିୟରିଂ ଓ ଉଦ୍ୟାନକୃଷି ବିଭାଗର ସିଜିଏମ୍ ବିକେ ଜୋଜୋ, ସହର ସେବା ଓ ସିଏସ୍‌ଆର ବିଭାଗର ସିଜିଏମ୍ ଟି ଜି କାନେକର, ସହର ଇଞ୍ଜିନିୟରିଂ ଜଳ ଯୋଗାଣ ବିଭାଗର ଜିଏମ୍ ମଙ୍ଗଲ ଓରାମ ସାମିଲ ଅଛନ୍ତି। ଏହି ମହତ୍ୱାକାଂକ୍ଷୀ ପଦକ୍ଷେପ ସ୍ଥାୟିତ୍ୱର ବିକାଶ ଦିଗରେ ଆର୍‌ଏସ୍‌ପିର ଯାତ୍ରାରେ ଏକ ପ୍ରମୁଖ ମାଇଲଖୁଣ୍ଟ। ଉକ୍ତ ଆଧୁନିକୀକରଣ ସ୍ୱେରେଜ୍ ଟ୍ରିଟ୍‌ମେଣ୍ଟ ଭିତ୍ତିଭୂମି ଜଳ ସମ୍ପଦର ଗୁଣବତ୍ତା ବୃଦ୍ଧି କରିବା ସଙ୍ଗେ ସଙ୍ଗେ ପ୍ରଦୂଷଣକୁ ହ୍ରାସ କରି ଏକ ସ୍ୱଚ୍ଛ, ସୁସ୍ଥ ପରିବେଶ ସୃଷ୍ଟି କରିବ ବୋଲି ଆଶା କରାଯାଉଛି।

# ବିର୍ ବଜରଙ୍ଗୀ ଯୁବ ସଂଘର ରକ୍ତଦାନ ଶିବିର

କୋଇଡ଼ା, ୨୮।୮ (ସମିସ): କୋଇଡ଼ା ବ୍ଲକ ପାଟମୁଣ୍ଡା ପଞ୍ଚାୟତ ବଲଡିହି ଅଞ୍ଚଳର ବିର୍ ବଜରଙ୍ଗୀ ଯୁବ ସଂଘ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ବଲଡିହି କ୍ଲବ୍ ହାଉସ୍ ଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ କୋଇଡା ବିଡିଓ ସମରେନ୍ଦ୍ର ସାରା ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ କୋଇଡା ତହସିଲଦାର ନିର୍ମଳ ବିଶ୍ୱାଳ, ପାଟମୁଣ୍ଡା ପୂର୍ବତନ ସରପଞ୍ଚ ଅବିନାଶ ସୁମନ ବାଗେ, କେୟୁଜେ ସମ୍ପାଦକ ଅବିନାଶ ଶର୍ମା ପ୍ରମୁଖ ଯୋଗଦେଇଥିଲେ। ଶିବିରରୁ ମୋଟ ୪୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ସଂଘ ସଭାପତି ନକୁଳ ପାତ୍ର, ସମ୍ପାଦକ ତପନ ପାତ୍ର, କୋଷାଧ୍ୟକ୍ଷ ବିଶ୍ୱଜିତ ପାତ୍ର, ଉମାକାନ୍ତ ପାତ୍ର, ଦିପକ ପାତ୍ର, ଖଗେଶ୍ୱର ପାତ୍ର, ବିଜୟ ପାତ୍ର, ବୁଧୁ ପାତ୍ରଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।




# ସୁନ୍ଦରଗଡ଼ ବିଜେଡି ପକ୍ଷରୁ ଏସ୍‌ପି ଅମ୍ରିତପାଲ କୌରଙ୍କୁ ସ୍ୱାଗତ



ରାଉରକେଲା, ୨୮।୮ (ସମିସ): ସୁନ୍ଦରଗଡ଼ ପୁଲିସ ଜିଲ୍ଲାରେ ଯୋଗ ଦେଇଥିବା ନୂତନ ଏସ୍‌ପି ଅମ୍ରିତପାଲ କୌରଙ୍କୁ ସୁନ୍ଦରଗଡ଼ ବିଜୁ ଜନତା ଦଳର ବରିଷ୍ଠ ନେତା ତଥା ବିଧାୟକ ଯୋଗେଶ କୁମାର ସିଂଙ୍କ ପ୍ରତିନିଧି ଜୟନାରାୟଣ ତ୍ରିପାଠୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସୌଜନ୍ୟମୂଳକ ସାକ୍ଷାତ କରି ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ଏହି ଅବସରରେ ପ୍ରତିନିଧି ମଣ୍ଡଳୀ ନୂତନ ଏସ୍‌ପିଙ୍କ ସହିତ ଜିଲ୍ଲାରେ ଶାନ୍ତିଶୃଙ୍ଖଳା ରକ୍ଷା ବିଷୟରେ ଆଲୋଚନା କରିଥିଲେ। ଏସ୍‌ପି ଅମ୍ରିତପାଲ କୌର ଏ ନେଇ ଜିଲ୍ଲାବାସୀଙ୍କ ସାହାଯ୍ୟ ଓ ସହଯୋଗ କାମନା କରିଥିଲେ। ଏହି ଆଲୋଚନା ସମୟରେ ପ୍ରତିନିଧି ଦଳରେ ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, କାଉନସିଲର କୈଳାସ ତନ୍ତୀ ଏବଂ ଯୁବ ବିଜେଡି ନେତା ପଙ୍କଜ ଶ୍ରେଷ୍ଠ ଉପସ୍ଥିତ ଥିଲେ।

# ବଣାଇଁର ବିଭିନ୍ନ ସ୍ଥାନରେ ଗଣେଶ ପୂଜା

ବଣାଇଁ, ୨୮ (ସମିସ): ବଣାଇଁ ବନଖଣ୍ଡ କାର୍ଯ୍ୟାଳୟରେ ବନବିଭାଗ ଗଣେଶ ପୂଜା କମିଟି ପକ୍ଷରୁ ଆୟୋଜିତ ପୂଜାରେ ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ର ଉପସ୍ଥିତ ଥିଲେ। ସହକାରୀ ବନ ସଂରକ୍ଷକ ରଣଭୀର ମୀନା କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ବଣାଇଁ ରାଜା ସାହେବ ବୀର କେଶରୀ ଇନ୍ଦ୍ର ଦେଓଦେବ ମଧ୍ୟ ଏଥିରେ ସାମିଲ ହୋଇଥିଲେ। ରମେଶ ଚନ୍ଦ୍ର ବେହେରା, ଶଙ୍କର ପ୍ରସାଦ ସାହୁ, ଲୋକନାଥ ସାମଲ, ମନୋରଞ୍ଜନ ଗିରି, ସନ୍ତୋଷ କୁମାର ଗନ୍ତାୟତ, ମାନସ ଶତପଥି, ସୁଜିତ କୁମାର ସାହୁ,



ଚନ୍ଦ୍ର ଶେଖର ଗଡ଼ନାୟକ, ଶ୍ରୀକାନ୍ତ କିସାନ, ସହଦେବ ମୁଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ସେହିପରି ବଣାଇଁ ବଜାର ଦାଣ୍ଡ, ଗୁଣ୍ଡିଚା ମନ୍ଦିର, କେନ୍ଦ୍ରିକଳା, ଗଡ଼ ମହାବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗଜାନନଙ୍କ ପୂଜା ହୋଇଯାଇଛି। ବଣାଇଁ ବନଖଣ୍ଡ ପକ୍ଷରୁ ନିର୍ମିତ ତୋରଣ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ସନ୍ଧ୍ୟାରେ କଣ୍ଠଶିଳ୍ପୀ ଲିପ୍ସା ମହାପାତ୍ର ଓ ତାଙ୍କ ସାଥିଙ୍କ ଦ୍ୱାରା ଭଜନ ସନ୍ଧ୍ୟା ଆୟୋଜନ କରାଯାଇଥିଲା।

## ଲେଫ୍ରିପଡ଼ା ଝୁରିମାଲ ଗାଁରେ ନିଆରା ନୂଆଁଖାଇ

# ଗୋଟିଏ ହାଣ୍ଡିରେ ୧୬୩ ପରିବାରର ନବାନ୍ନ

ରାଉରକେଲା, ୨୮।୮ (ସମିସ)

ସୁନ୍ଦରଗଡ଼ ଜିଲ୍ଲା ଲେଫ୍ରିପଡ଼ା ଝୁରିମାଲ ଗାଁରେ ନିଆରା ନୂଆଖାଇ ପର୍ବ ପାଳିତ ହୋଇଛି। ଗାଁ ଦାଣ୍ଡରେ ଗୋଟିଏ ହାଣ୍ଡିରେ ରନ୍ଧା ହୋଇଛି ୧୬୩ଟି ପରିବାର ପାଇଁ ନବାନ୍ନ। ଭାତ, ଡାଲି, ଖିରୀ ପିଠା ର ବାସ୍ନା ସଙ୍ଗେ ସଙ୍ଗେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଗୋଟିଏ ଧାଡ଼ିରେ ବସି ନୂଆଁ ଚାଉଳ ସଙ୍ଗେ ବିଭିନ୍ନ ସୁସ୍ୱାଦୁ ଖାଦ୍ୟର ମଜା ନେଇଥିଲେ ଆବାଳ ବୃଦ୍ଧବନିତା। ହୁଳହୁଳି, ହରିବୋଲ ସଙ୍ଗେ ସଙ୍ଗେ ପାରମ୍ପରିକ ସଙ୍କୀର୍ତ୍ତନ ତାଳେ ତାଳେ କାନ୍ଧକୁ କାନ୍ଧ ମିଶାଇ ଗଣପର୍ବ ନୂଆଖାଇର ନୃତ୍ୟ ଗୀତରେ ମସଗୁଲ ହୋଇଥିଲେ ଗ୍ରାମବାସୀ। ଏହିପରି ଏକ ଅଭିନବ ତଥା ନିଆରା ନୂଆଁଖାଇ ପାଳନ କରି ଏକତା ଓ ସହଭାଗିତାର ବିରଳ ଦୃଷ୍ଟାନ୍ତ ସୃଷ୍ଟି କରିଥିଲେ ଝୁରିମାଲ ଗ୍ରାମବାସୀ। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଅଭିନବ ଢଙ୍ଗରେ ବେଶ ହର୍ଷ ଉଲ୍ଲାସରେ ଏହି ଗଣପର୍ବକୁ 'ସାମୁହିକ ନୂଆଁଖାଇ' ଭାବରେ ପାଳନ କରି ଏକତା, ସହଭାଗିତା ଓ ଭାଇଚାରାର ବାର୍ତ୍ତା ଦେଇଛି ଝୁରିମାଲ ଗାଁ। ଦୀର୍ଘ ୧୩ ବର୍ଷ ଧରି 'ସାମୁହିକ ନୂଆଁଖାଇ' ଧୂମଧାମରେ ଝୁରିମାଲ ଗ୍ରାମବାସୀ ପାଳନ କରୁଛନ୍ତି। ପ୍ରଥମେ ୫ଟି ପରିବାର ମିଶି ଆରମ୍ଭ କରିଥିବା



ଏହି 'ସାମୁହିକ ନୂଆଁଖାଇ' ଆଜି ଗ୍ରାମର ସମୁଦାୟ ୧୬୩ ଟି ପରିବାରକୁ ଏକତାର ଡୋରିରେ ବାନ୍ଧିଛି। ଚଳିତ ବର୍ଷ ସର୍ବପ୍ରଥମେ ଗ୍ରାମର ଆରାଧ୍ୟ ଦେବତା ସଂକଟମୋଚନ ବଜରଙ୍ଗବାଲୀଙ୍କ ପାଖରେ ନୂଆଁ ଚାଉଳ ଲାଗି ପରେ ଗ୍ରାମର ପ୍ରତ୍ୟେକ ପରିବାର ନିଜ ନିଜ ଇଷ୍ଟଦେବା/ଦେବୀଙ୍କୁ ପୂଜାର୍ଚ୍ଚନା କରିଥିଲେ। ଏହାପରେ ଗ୍ରାମର ପ୍ରତ୍ୟେକ ପରିବାରରୁ ଆବାଳବୃଦ୍ଧ ବନିତା ଏକତ୍ରିତ ହୋଇ ଗାଁ ଦାଣ୍ଡରେ ନବାନ୍ନ ଭକ୍ଷଣ କରିଥିଲେ। ଏହାପରେ ନୂଆଖାଇ ଭେଟଘାଟ ଆରମ୍ଭ ହୋଇଥିଲା। ପୁଚି ଖେଳ, ଶଙ୍ଖ ଫୁଙ୍କା, ହୁଳହୁଳି, ବାଡ଼ିଘିଚା ଇତ୍ୟାଦିରେ ଝୁରିମାଲ ଗ୍ରାମବାସୀ ମଜ୍ଜି ଯାଇଥିଲେ। ଏହି ଅବସରରେ ଝୁରିମାଲ ନୂଆଁଖାଇ କମିଟି ତରଫରୁ ନୂଆଖାଇ ସମାରୋହ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ କେଦାର କମେଡିଏନ ସୋ'ର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ସୁନ୍ଦରଗଡ଼ ବିଧାୟକ ଯୋଗେଶ କୁମାର ସିଂ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଝୁରିମାଲ ଗ୍ରାମର ଗୌନ୍ତିଆ ଜନ୍ମଜୟ ପଟେଲ ଏହି ଅଭିନବ ଆୟୋଜନ ପାଇଁ ନିଜର ଗ୍ରାମର ସମସ୍ତ ଉଦ୍ୟୋକ୍ତାଙ୍କୁ ଧନ୍ୟବାଦ ଦେବା ସହ ଆଖପାଖ ସବୁ ଗାଁ ଏହି ପରମ୍ପରାରେ ସାମିଲ ହେବା ପାଇଁ ଆହ୍ୱାନ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଅଞ୍ଚଳର ତିନି ଜଣ ସାମ୍ବାଦିକ ସୁଶାନ୍ତ ଷଡ଼ଙ୍ଗୀ, କାଲୋ ସିଂ ଓ ରବି ତନ୍ତୀଙ୍କୁ ଝୁରିମାଲ ନୂଆଁଖାଇ କମିଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। କମିଟି ତରଫରୁ ଗ୍ରାମର ତିନି ଜଣ ନିଆରା ପ୍ରତିଭାଙ୍କ ମଧ୍ୟରେ ଇଣ୍ଡିଆ ବୁକ ଆଚିଭର ଓ ଗ୍ଲୋବାଲ କିଡ୍ସ ଆଚିଭର ପୁରସ୍କାର ବିଜେତା ସ୍?ରିତ ଉପାଧ୍ୟାୟ, ଗ୍ରାମର ପ୍ରଥମ ଡାକ୍ତରୀ ଛାତ୍ରୀ ଶ୍ୱେତାଞ୍ଜଳି ପଟେଲ, ମିସ ଓଡ଼ିଶା ପୁରସ୍କାର ବିଜୟିନୀ ସାରିକା ପାଣ୍ଡେଙ୍କୁ ସମ୍ମାନିତ କରାଯାଇଥିଲା। ଫିରୋଜ ପଟେଲ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କମିଟିର ଆବାହକ ଦିଗାମ୍ବର ଉପାଧ୍ୟାୟ ଧନ୍ୟବାଦ ଜଣାଇଥିଲେ। ଏହି ଅବସରରେ ଦିଆମୁଣ୍ଡା ଗୌରାଙ୍ଗ ସଂକୀର୍ତ୍ତନ ମଣ୍ଡଳୀ, ବନ୍ଧପାଳି ଦୁଲୁଦୁଲି ଓ ଝୁରିମାଲ ସମ୍ପ୍ରଦା ଗୋଷ୍ଠୀଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ ବେଶ୍ ମନଛୁଆଁ ହୋଇଥିଲା।





# ଜିଲ୍ଲାରେ ଏକତା ଓ ଭାଇଚାରା ବୃଦ୍ଧି କରୁଛି ନୂଆଁଖାଇ

ନୂଆପଡା,୨୮ ।୮ (ସମିସ):ପଶ୍ଚିମ ଓଡିଶାର ଗଣ ପର୍ବ ନୂଆଁଖାଇ ବହୁ ହର୍ଷ ଉଲ୍ଲାସର ସହ ପାଳିତ ହୋଇଥିବାବେଳେ ନୂଆପଡା ଜିଲ୍ଲାରେ ମଧ ନୁଆଁ ଖାଇ ସମସ୍ତଙ୍କୁ ଖୁସି ଓ ସମୃଦ୍ଧି ଆଣି ଦେଇଛି। ଗୁରୁବାର ସକାଳବେଳା ନୂଆପଡା ଜିଲ୍ଲାରେ ଗାଁଠୁ ସହର ସବୁ ଆଡେ ନୂଆଁଖାଇ ପାଇଁ ଚଳଚଞ୍ଚଳ ହୋଇ ଉଠିଥିଲା। ନୂଆଁଖାଇ ପୂର୍ବଦିନ ବିଭିନ୍ନ ସ୍ଥାନରୁ ଲୋକେ ଘର ମୁହାଁ ହୋଇ ସାରିଥିଲେ। ଗାଁରେ ଘରେ ସମସ୍ତେ ଏକଜୁଟ ହୋଇ ସାରିଥିଲେ। ନିର୍ଦ୍ଧାରିତ ପୂର୍ବାହ୍ନ ୧୦ଟା୩୩ମିନିଟରୁ୧୦ଟା ୫୫ମିନିଟ ମଧ୍ୟରେ ଶୁଭଲଗ୍ନ ରହିଥିବା ବେଳେ ସମସ୍ତେ ନୂଆଁଅନ୍ନ ଭୋଜନ କରିଥିଲେ।

- ଏକାଠି ଗୋଟିଏ ପରିବାରର ହଜାରେ ସଦସ୍ୟ ଖାଇଲେ
- ମାଁ ସମଲେଇଙ୍କ ପୀଠରେ ନିଆରା ନୂଆଖାଇ



## କୋମନାରେ ନିଆରା ନୂଆଁଖାଇ

ଖଡିଆଳ ଗଡ଼ଜାତରାଜ୍ୟର ପ୍ରାଚୀନ ରାଜଧାନୀ କୋମନାଗଡରେ ନିଆରା ପରମ୍ପରାରେ ନୂଆଁଖାଇ ପର୍ବ ପାଳିତ ହୋଇ ଯାଇଛି। କୋମନାଗଡର ଅଧିଷ୍ଠାତ୍ରୀ ଦେବୀ ମା’ ସମଲେଶ୍ୱରୀ ଓ ରକ୍ତାମ୍ବରୀ ଦେବୀଙ୍କ ପାଖେ ଚତୁର୍ଥୀ ନିଶା ରାତିରେ ନୂଆ ଲାଗି ହୋଇ ଥାଏ। ନୂଆଁଖାଇ ଦିନ କୋମନାଗଡର ଇଷ୍ଟଦେବ ଜଗନ୍ନାଥଙ୍କ ପାଖେ ନୂଆଁ ଲାଗି ହୋଇ ଥାଏ।

କୋମନା ଅଞ୍ଚଳବାସୀ ସମଲେଶ୍ୱରୀ ମନ୍ଦିର ଓ ଜଗନ୍ନାଥ ମନ୍ଦିରର ପ୍ରସାଦ ଆଣି ନିଜ ନିଜ ଘର ଦେବୀଦେବତାଙ୍କୁ ପୂଜା କରି ସପରିବାର ନୂଆଁ ଖାଇଥାନ୍ତି। ଅପରାହ୍ନରେ କୋମନାର ସମଲେଶ୍ୱରୀ ସାଂସ୍କୃତିକ ଅନୁଷ୍ଠାନ ଆନୁକୂଲ୍ୟରେ କୋମନା ପାଇକପଡ଼ାର ହଜାର ହଜାର ଲୋକ ଦେବ ଦର୍ଶନରେ ନଗର ପରିକ୍ରମା କରିଥିଲେ। ବାଜା ବଜାଇ ପ୍ରଥମେ କୋମନା ଗଡର ଅଧିଷ୍ଠାତ୍ରୀ ଦେବୀ ସମଲେଶ୍ୱରୀ ଦେବୀଙ୍କୁ ଦର୍ଶନ ସାରି ପରେ ଅନ୍ୟ ଦେବୀଦେବତାଙ୍କୁ ଦର୍ଶନ କରିଥିଲେ।ପରେ ରାଧାକୃଷ୍ଣ ମନ୍ଦିର ପରିସରରେ ନାଚ ଗୀତର ଆସର ଜମିଥିଲା।

## ଗୋଟିଏ ଜାଗାରେ ଖାଇଲେ ୫୯ ପରିବାର

ସଦର ବ୍ଲକ୍ କୋଟେନଚୁଆଁ ଅନ୍ତର୍ଗତ ଜାମଦର୍ହା ଗ୍ରାମରେ ପଶ୍ଚିମ ଓଡ଼ିଶାର କୃଷି ଭିତ୍ତିକ ପର୍ବ ନୂଆଁଖାଇ ପାଳନ କଲେ ମାଝୀ ପରିବାର। ୫୯ ଟି ପରିବାର ଏକାଠି ନୂଆଁ ଖାଇଛନ୍ତି।ପ୍ରଥମେ ପରିବାରର ଇଷ୍ଟ ଦେବତା ଧରୁଆ ବୁଢା ଠାରେ ନୂଆ ଧାନକୁ ଚୁଡ଼ା ପ୍ରସ୍ତୁତ କରି ନବାନ୍ନ ଲାଗି ହେଇଥିଲା। ପରେ ପୂଝାରୀ ନରେନ୍ ମାଝୀ ପୂଜାର୍ଚ୍ଚନା ସାରିବା ପରେ ସମସ୍ତ ପରିବାରର ୪୮୫ଜଣ ସଦସ୍ୟ ଏକାଠି ବସି ନବାନ୍ନ ଭକ୍ଷଣ କରିଥିଲେ। ନୂଆଁ ଖାଇ ସାରିଲା ପରେ ସାନ ବଡ଼ମାନଙ୍କୁ ଜୁହାର ଭେଟ କାର୍ଯ୍ୟକ୍ରମ ହେଇଥିଲା। ମୋଟାସିଂ ମାଝୀ, ହିରାଲାଲ ମାଝୀ,ପ୍ରହଲ୍ଲାଦ ମାଝୀ,ରମେଶ ମାଝି,ଗଣେଶ ମାଝୀ, ମତିରାମ ମାଝୀ, ଜୟଧର ମାଝୀ, ବିପିନ ମାଝୀ, ଲୋକନାଥ ମାଝୀ, ମନିରାମ ମାଝୀ, ଦେବାର୍ଚ୍ଚନ ମାଝୀ, ଧ୍ରୁବ ମାଝୀ ପ୍ରମୁଖ ସହଯୋଗ କରିଥିଲେ।

## ଗୋଟିଏ ଜାଗାରେ ହଜାରେ ଲୋକ ଖାଇଲେ ନୂଆ

ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକ୍ ନେହେନା ଦଣ୍ଡସେନା ପରିବାରର ଏକ ହଜାରରୁ ଅଧିକ ସଦସ୍ୟ ଗୋଟିଏ ସ୍ଥାନରେ ନୂଆଖାଇ ପର୍ବ ପାଳନ କରି ରେକର୍ଡ କରିଛନ୍ତି। ଏହି ଅବସରରେ ନୂଆପଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ଲାଷ୍ଟିକ ମୁକ୍ତ ଅଭିଯାନ ଜୋରଦାର ଚଳାଇଥିବା ବେଳେ ନୂଆଖାଇରେ କୌଣସି ପ୍ଲାଷ୍ଟିକ ଜିନିଷ ବ୍ୟବହାର ନକରି, କେବଳ ପତ୍ର ଖାଲି ଦନା ଓ କାଗଜର ଗ୍ଲାସ ବ୍ୟବହାର କରି ପ୍ଲାଷ୍ଟିକ ବର୍ଜନ କରିବାକୁ ସଚେତନ କରି ନୂଆଖାଇଥିଲେ। ଏହି ଦଣ୍ଡସେନା ପରିବାର ସମ୍ପୂର୍ଣ୍ଣ କୃଷି କାର୍ଯ୍ୟ ଉପରେ ନିର୍ଭର କରୁଥିବା ବେଳେ କୃଷି ଭିତ୍ତିକ ପର୍ବ ନୂଆଖାଇକୁ ମହାସମାରୋହରେ ଦୀର୍ଘ ବର୍ଷ ଧରି ଗୋଟିଏ ସ୍ଥାନରେ ପାଳନ କରି ଆସୁଛନ୍ତି। ଚଳିତ ୨୦୨୫ ମସିହାରେ ପରିବାରର ସମସ୍ତ ସଦସ୍ୟ ଗୋଟିଏ ସ୍ଥାନରେ ନୂଆଖାଇ ପର୍ବ ପାଳନ କରି ଏକତାର ଓ ଭାଇ ଚାରାର ନିଦର୍ଶନ ଦେଇଛନ୍ତି। ଏହି ଦଣ୍ଡସେନା ପରିବାର ଗୋଟିଏ ବିଶାଳ ପରିବାର ହୋଇଥିବା ବେଳେ ଏହି ପରିବାରର ଅନେକ ସଦସ୍ୟ ରାଜ୍ୟ ତଥା ରାଜ୍ୟବାହାରୁ ଆସି ନୂଆଖାଇରେ ସାମିଲ ହୋଇଥିଲେ। ନୂଆଖାଇ ପ୍ରସ୍ତୁତିରେ ଯୁବ ଗୋଷ୍ଠି ପ୍ରମୁଖ ଭୂମିକା ନିଭାଉ ଥିବାବେଳେ ବରିଷ୍ଠମାନେ କଣ କରାଯିବ ସେନେଇ ଦିଗଦର୍ଶନ ଦିଅନ୍ତି। ନୂଆଖାଇପରେ ଛାତ୍ରଛାତ୍ରୀ ଓ ମହିଳାଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିବା ବେଳେ ରାତି ସଂସ୍କୃତି କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ କେବଳ ପରିବାରର ସଦସ୍ୟମାନେ ଭାଗ ନେଇଥିଲେ। ନୂଆଖାଇକୁ ଅଶୋକ ଦଣ୍ଡସେନା, ବିରେନ୍ଦ୍ର ଦଣ୍ଡସେନା, ଯୁଗଲ, ଆଶୁତୋଷ, ବିଶ୍ୱ ରଞ୍ଜନ, ସନ୍ତୋଷ, ଅଜୟ, ରାଜୁ, ପିଣ୍ଟୁ, ଲାଲଟୁ, ପପୁ, ନାନୁରାଜା ସମେତ ପରିବାରର ଅନ୍ୟ ସଦସ୍ୟ ମାନେ ସହଯୋଗ କରିଥିଲେ।

## ମହାନନ୍ଦ ପରିବାର ୩୫୦ଜଣ ସାମୂହିକ ପାଳିଲେ ନୂଆଖାଇ



ଗୋଲାମୁଣ୍ଡା,୨୮ ।୮ (ସମିସ):ପଶ୍ଚିମ ଓଡ଼ିଶାର କୃଷି ଭିତ୍ତିକ ମୁଖ୍ୟ ଗଣପର୍ବ ହେଉଛି “ନୂଆଖାଇ। ପର୍ବ ସହରରୁ ପୁରପଲ୍ଲୀ ପର୍ଯ୍ୟନ୍ତ ଭାଦବ ମାସ ଶୁକ୍ଳ ପକ୍ଷ ପଞ୍ଚମୀ ତିଥିରେ “ନୂଆଖାଇ” ପର୍ବ କାହିଁ କେଉଁ ଯୁଗରୁ ପୂର୍ବ ପୁରୁଷ ମାନେ ନିଜର ଭାଇଚାରା ସହ ପାରମ୍ପରିକ ରୀତିନୀତି ଅନୁସାରେ ନୂତନ ଶସ୍ୟକୁ ପୂଜାକରି ଘରକୁ ଆଣିଥାନ୍ତି। ଏବଂ ନୂଆ ବସ୍ତ୍ର ପରିଧାନ କରି ଶୁଭଲଗ୍ନ ଶୁଭ ତିଥି ଅନୁସାରେ ଚୁଡ଼ା କୁଟି ପିଠାପଣା କରି ନିଜ ପିତୃ ପୁରୁଷକୁ ଭୋଗ ଲଗାଇ ସାରିଲା ପରେ ନିଜର ପରିବାରର ସମସ୍ତ ସଦସ୍ୟ ଏକତ୍ରିତ ହୋଇ “ନୂଆଖାଇ” ପର୍ବ ପାଳନ ଥାନ୍ତି।”ନୂଆଖାଇ”ସାରିଲା ପରେ ଜୁହାର ଭେଟ କାର୍ଯ୍ୟକ୍ରମ ହୋଇଥାଏ।

କନିଷ୍ଠମାନେ ବରିଷ୍ଠମାନଙ୍କୁ ଗୋଡ଼ ଧରି ନମସ୍କାର କରିଥାନ୍ତି ଏବଂ ଛୋଟମାନଙ୍କୁ ସ୍ନେହ ଆଦର ସହକାରେ ଆଶୀର୍ବାଦ କରିଥାନ୍ତି।ଏହି ଅବସରରେ ଗୋଲାମୁଣ୍ଡା ବ୍ଲକ୍ ମାନଝରି ପଞ୍ଚାୟତଡୁଡୁକେଲ ଗ୍ରାମର ୪୦ଟି ମହାନନ୍ଦ ପରିବାରର ୩୫୦ଲୋକ ସାମୂହିକ ଭାବରେ ନବାନ୍ନ ଭକ୍ଷଣ କରିଥିଲେ। କାର୍ଯ୍ୟକ୍ରମ ରାଜକୁମାର ମହାନନ୍ଦ ,ପ୍ରମୋଦ କୁମାର ମହାନନ୍ଦ ,ଗୋକୁଳ ମହାନନ୍ଦ ,ପ୍ରଦୀପ ମହାନନ୍ଦ,ରମେଶ ମହାନନ୍ଦ,ରାମ ମହାନନ୍ଦ,ଭକ୍ତରାମ ମହାନନ୍ଦ, ଅକ୍ରୁର ମହାନନ୍ଦ,ରମାକାନ୍ତ ମହାନନ୍ଦ,ହିରୋ ମହାନନ୍ଦ,ରୁମାଞ୍ଚଳ ମହାନନ୍ଦ, ବୁଲବୁଲ ମହାନନ୍ଦ ,ଗୁଡ୍ଡୁ ମହାନନ୍ଦ,ଆକାଶ ମହାନନ୍ଦ, ତେଜୁ ମହାନନ୍ଦ,ଝରିଆ ମହାନନ୍ଦ, ଦିଗାମ୍ବର ମହାନନ୍ଦ,କିଶନ ମହାନନ୍ଦ ପ୍ରମୁଖଙ୍କ ନେତୃତ୍ୱରେ ପରିଚାଳିତ ହୋଇଥିବା ବେଳେ ପଡ଼ାର ଅନ୍ୟ ଲୋକମାନେ ସହଯୋଗ କରିଥିଲେ।

## ସାମୂହିକ ନୂଆ ଖାଇଲେ ସାହା ପରିବାର ୧୦୨ ସଦସ୍ୟ

କେସିଙ୍ଗା,୨୮ ।୮ (ସମିସ):କଳାହାଣ୍ଡି ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀଙ୍କ ନିକଟରେ ନବାନ୍ନ ଲାଗି ହେବାପରେ ସମସ୍ତେ ନୂଆ ଖାଇଛନ୍ତି ।କଳାହାଣ୍ଡିରେ ଜିଲ୍ଲାରେ ନୂଆଁଖାଇର ଭିନ୍ନତା ରହିଛି । କୌଣସି ଏକ ନିର୍ଦ୍ଦିଷ୍ଟ ତିଥିରେ ବା ଗୋଟିଏ ଦିନରେ ସମଗ୍ର ଜିଲ୍ଲାରେ ନୂଆଁଖାଇ ପାଳିତ ହୋଇନଥାଏ ।ଭାଦ୍ରବ ମାସ ପଞ୍ଚମୀ ତିଥିରେ କେସିଙ୍ଗା ବ୍ଲକ ଅଞ୍ଚଳର ଗାଁ ମାନଙ୍କରେ ଚଳିତ ବର୍ଷ ଆନନ୍ଦ ଉଲ୍ଲାସ ମଧ୍ୟରେ ନୂଆଁଖାଇ ପର୍ବ ପାଳିଛନ୍ତି । ପ୍ରଥମେ ଗ୍ରାମର ଦେବାଦେବୀ ଓ ଘରର ଇଷ୍ଟଦେବତାଙ୍କ ନିକଟରେ ନବାନ୍ନ ଲାଗି ହୋଇଥିଲା। ପରେ ପିତୃପୁରୁଷମାନଙ୍କୁ ନୂଆ ଚାଉଳରେ ଅନ୍ନ ପ୍ରସ୍ତୁତ କରାଯାଇ ଅର୍ପଣ କରାଯାଇଥିଲା ।ଏହା ପରେ ସମସ୍ତେ ନୂଆଁଖାଇ ଥିଲେ । କେସିଙ୍ଗା ବ୍ଲକ୍ କାଣ୍ଡେଲ ଗ୍ରାମରେ ସମସ୍ତଙ୍କ ଘରେ ପାରମ୍ପରିକ ରୀତିନୀତି ଅନୁଯାୟୀ ନୂଆଁଖାଇ ପର୍ବ ପାଳନ ହୋଇଥିଲା । କୃଷି ଭିତ୍ତିକ ଗଣପର୍ବ ନୂଆଁଖାଇ ଭାଇଚାରାର ବାର୍ତ୍ତା ଦେଇ କାଣ୍ଡେଲ ଗାଁର ସାହା ବଂଶର ସ୍ୱର୍ଗତ ଲଛି ସାହା ଏବଂ ସ୍ୱର୍ଗତ ପବନୀ ସାହାଙ୍କ ଦାୟାଦ ରମେଶ ଚନ୍ଦ୍ର ସାହାଙ୍କ ସମଗ୍ର ପରିବାରର ୧୦୨ଜଣ ସଦସ୍ୟ ଗୋଟିଏ ସ୍ଥାନରେ ବସି ନୂଆ ଖାଇଛନ୍ତି । ନୂଆ ଖାଇବା ପୂର୍ବରୁ ମାଆ ଲକ୍ଷ୍ମୀଙ୍କ ଫଟୋରେ ପୂଜାର୍ଚ୍ଚନା କରାଯାଇ, ପ୍ରଥମ ଭୋଗ ପରେ ପ୍ରଥା ଅନୁସାରେ କୁରେଇ ପତ୍ରରେ ନୂଆ ଧାନରେ ତିଆରି ଚୁଡ଼ାକୁ ପ୍ରସାଦ ରୂପେ ପିତୃ ପୁରୁଷ, ଦେବଦେବୀଙ୍କ ନିକଟରେ ସମର୍ପଣ କରି ଗ୍ରହଣ କରିଥିଲେ । ନୂଆଁଖାଇ ସାରିବା ପରେ ଛୋଟମାନେ ବଡ ମାନଙ୍କୁ ମୁଣ୍ଡିଆ ମାରି ଆଶୀର୍ବାଦ ନେଇଥିଲେ ।କହିରଖୁ କି, ସ୍ୱର୍ଗତ ଲଛି ସାହା ଙ୍କ ୩ ପୁଅ ସ୍ୱର୍ଗତ ପୁରନ୍ଦର ସାହା, ଜଗବନ୍ଧୁ ସାହା ଓ ଦୈତାରୀ ସାହା ସ୍ୱର୍ଗତ ପୁରନ୍ଦରଙ୍କ ସାହାଙ୍କ ଚାରି ପୁଅ ଓ ଜଗବନ୍ଧୁ ସାହାଙ୍କ ୨ ପୁଅ, ଏବଂ ଦୈତାରୀ ସାହାଙ୍କ୫ପୁଅଙ୍କ ସମସ୍ତ ପରିବାରର ୧୦୨ଜଣ ଏକାଠି ହୋଇ ଗୋଟିଏ ଘରେ ବସି ନୂଆଁଖାଇଛନ୍ତି । ଯାହା କାଣ୍ଡେଲ ଗାଁ ପାଇଁ ଭାଇଚାରାର ଉଦାହରଣ ସୃଷ୍ଟି କରିଛି । ସ୍ୱର୍ଗତ ପୁରନ୍ଦର ସାହା ଙ୍କ ପୁଅ ବର୍ତ୍ତମାନ ପରିବାରର ବୟୋଜ୍ୟେଷ୍ଠ ହିସାବରେ ରହିଛନ୍ତି । ପରିବାରର ଭାଇ ଭାଇ ଭିତରେ ସୁସଂପର୍କ ରକ୍ଷା କରିବା ସହ ପରିବାର ମଧ୍ୟରେ ଏକତା ରକ୍ଷା କରିବା ସକାଶେ ନୂଆଁଖାଇରେ ଏକାଠି ହୋଇଛୁ ବୋଲି ପରିବାରର ରମେଶ ଚନ୍ଦ୍ର ସାହା କହିଛନ୍ତି ।

### ନୂଆଁଖାଇରେ ଭାଇଚାରାର ନିଦର୍ଶନ



## ମାଁ ମାଟିର ପର୍ବ ନୂଆଁଖାଇ

କେସିଙ୍ଗା,୨୮ ।୮ (ସମିସ):ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ୍‌ର ବିଭିନ୍ନ ସ୍ଥାନରେ ପାଳିତ ହୋଇଯାଇଛି । ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ ମାଁ ସମଲେଶ୍ୱରୀଙ୍କ ମନ୍ଦିରରୁ ଲଗ୍ନ ଧାର୍ଯ୍ୟ ହୋଇଥିଲା । ଘରେ ଘରେ ଖିରି ପିଠାରେ ମହମହ ମହକୁଛି ଗାଆଁ ପରିବେଶ ।କଥାରେ ଅଛି ଜିଁ ଥିଲେ ଆର ବରଷକେ ନୂଆଁ ଖାଏମା । ବାହାରେ କାମଧନ୍ଦା, ଚାକିରି, ବେଉସା କରୁଥିବା ସମସ୍ତ ପାରିବାରିକ ସଦସ୍ୟ ଦିନକ ପାଇଁ ଗାଆଁ ମାଟିରେ ପାଦ ପକାଇ ନୂଆଁଖାଇ ପାଳନ କରିବା ପରମ୍ପରା ଆଦ୍ୟାବଧି ବଳବତ୍ତର ରହିଛି । ନୂଆଖାଇ ପରେ ଭେଟଘାଟ କାର୍ଯ୍ୟକ୍ରମ ବଡ଼ମାନଙ୍କୁ ଜୁହାର ଓ ଛୋଟମାନଙ୍କୁ ଆର୍ଶୀବାଦ ଏହି ପରମ୍ପରାର ମଧ ବଳବତ୍ତର ରହିଛି ।ଗଣପର୍ବ ନୂଆଁଖାଇରେ ‘ସକାଳ’ ପରିବାର ପକ୍ଷରୁ ସମସ୍ତ ପଶ୍ଚିମ ଓଡ଼ିଶାବାସୀଙ୍କୁ ନୂଆଁଖାଇ ଜୁହାର ।



## ୫୦୦ଜଣ ଏକାଠି ନୂଆ ଖାଇଲେ

କର୍ଲାମୁଣ୍ଡା,୨୮ ।୮ (ସମିସ):ପଶ୍ଚିମ ଓଡିଶାର କୃଷି ଭିତ୍ତିକ ଗଣପର୍ବ ନୂଆଖାଇ କର୍ଲାମୁଣ୍ଡା ବ୍ଲକ ଅଞ୍ଚଳରେ ବେଶ ଧୂମଧାମର ସହିତ ପାଳିତ ହୋଇଯାଇଛି। କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ୍ ରିଷିଡା ଗାନ୍ଧିନଗରପଡାରେ ସାମୂହିକ ଭାବେ ନୂଆଖାଇ ପର୍ବ ପାଳିତ ହୋଇଯାଇଛି। ଗାନ୍ଧିନଗରପଡା ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ୫୦୦ଜଣ ସଦସ୍ୟ ସଦସ୍ୟା ଏକତ୍ରିତ ଭାବେ ନୂଆଖାଇ ପର୍ବ ପାଳନ କରି ସମାଜ ପାଇଁ ଭାଇଚାରାର ନିଦର୍ଶନ ସାଜିଛନ୍ତି। ପ୍ରଥମେ ମା’ମାଣିକେଶ୍ୱରୀ,ମା’ ଅର୍ଣ୍ଣପୂର୍ଣ୍ଣା, ରାଧାକୃଷ୍ଣ, ଗ୍ରାମ୍ୟ ଦେବୀ ବୁହାଶୁଣି ପୀଠରେ ନୂଆ ଧାନର ଚୁଡା, ପିଠା ଭୋଗ ଅର୍ପଣ କରିବା ପରେ ସମସ୍ତେ ଏକତ୍ରିତ ଭାବେ ନୂଆଖାଇ ଥିଲେ।ପରେ ସମସ୍ତେ ସମସ୍ତଙ୍କ ସହିତ ଜୁହାର ଭେଟ କାର୍ଯ୍ୟକ୍ରମ ହୋଇଥିଲା। ଘାସିରାମ ସୁନା, ଚୁମ୍ବନ ସୁନା,ତ୍ରିନାଥ ନାଏକ, ସତ୍ୟନାରାୟଣ କୁମାର, ମିନକେତନ ସୁନା, ନରେନ୍ଦ୍ର ନାଗ, ମୋହନ ସୁନା,କବିରାଜ ନାଏକ,ପିଣ୍ଟୁ ସୁନା, ବିସିକେଶନ ସୁନା,ବରୁଣ ସୁନା,ସୌଭାଗ୍ୟ କୁମାର, ପ୍ରକାଶ ସୁନା, ବିବେକ ସୁନା,ରାଉତ ସୁନା, ଜୟମନ୍ତ ସୁନାଙ୍କ ନେତୃତ୍ୱରେ ଯୁବ ଗୋଷ୍ଠୀ ଓ ପଡାବାସୀ ସହଯୋଗ କରିଥିଲେ।



## କଳାହାଣ୍ଡିରେ ପଞ୍ଚମୀ ତିଥିର ନୂଆଖାଇ ସଂପନ୍ନ

# ଉଭାସିତ ହେଲା ଆଦିମ କୃଷିଜୀବୀ ସଭ୍ୟତାର ଚିତ୍ର

କୋକସରା,୨୮ ।୮ (ସମିସ):ଭାଦ୍ର ଶୁକ୍ଳ ପଞ୍ଚମୀ ତିଥି ଗୁରୁବାର ଦିନ କଳାହାଣ୍ଡିର ଗ୍ରାମାଞ୍ଚଳରେ ପାରମ୍ପରିକ ରିତିନିତି ଅନୁକ୍ରମେ ସଂପନ୍ନ ହୋଇଛି ଗଣପର୍ବ ନୂଆଖାଇ। ବିଧିମତେ ଗ୍ରାମଦେବାଦେବୀ ଓ ପିଦର (ପିତୃ ଉପାସନା ସ୍ଥଳୀ)ରେ ନିଜ ନିଜର ଇଷ୍ଟଦେବୀଙ୍କୁ ପ୍ରଥମ ଅନ୍ନ ସମର୍ପଣ ପୂର୍ବକ ନୂଆ ଖାଇବାର ପରମ୍ପରାକୁ ସମ୍ମାନ ଦେବାକୁ ଯାଇ, କୋକସରା ସମେତ କଳାହାଣ୍ଡି ଜିଲ୍ଲାର ବିଭିନ୍ନ ଅଞ୍ଚଳର ଭିନ୍ନ ଭିନ୍ନ ସ୍ଥାନରେ ଘରେ ଘରେ ପାଳିତ ହୋଇଯାଇଛି ନୂଆଖାଇ। ଜନସାଧାରଣ ନୂଆଖାଇବା ପରେ ପରସ୍ପର ମଧ୍ୟରେ ଜୁହାର ଭେଟ ହୋଇଛନ୍ତି। ନୂଆଖାଇରେ ଆଦିମ କୃଷି ସଭ୍ୟତାର ଚିତ୍ର ଉଭାଶିତ ହୋଇଛି ।ନୂଆଖାଇର କିଛିଦିନ ପୂର୍ବରୁ ଘରଦ୍ୱାର ସଫା ସୁତୁରା କରାଯାଏ। ଏହି ସମୟରେ ଗାଁର ଗୌନ୍ତିଆଙ୍କ ନିର୍ଦ୍ଦେଶମତେ ଜାନୀ, ଦିଶାରୀ ଓ ଗଣା “ପନା ପାଏନ୍’ ଡାକିଥାନ୍ତି। ଏହାପରେ ନୂଆଖାଇର ଅବ୍ୟବାହିତ ପୂର୍ବରୁ “ରୁଗୀ ବଲା’ କାର୍ଯ୍ୟକ୍ରମ ସମାପନ ହୋଇଥାଏ। ଗାଁର ଗଣା ରୁଗୀବଲା କାର୍ଯ୍ୟ ସଂପାଦନ କରୁଥିବା ବେଳେ ଜାନୀ ଓ ଦିଶାରୀ ତାଙ୍କୁ ସହଯୋଗ କରିଥାନ୍ତି। ନୂଆଖାଇର ପୂର୍ବଦିନକୁ “ଉପାସ ବାର’ ବୋଲି କୁହାଯାଇଥାଏ। ଏହି ଦିନ ସନ୍ଧ୍ୟାରେ ପିଦର ଠାରେ ଦେବାଦେବୀଙ୍କୁ ଆସିବାକୁ ଆବାହନ କରାଯାଇଥାଏ। ଗୃହକର୍ତ୍ତା ଓ ଗୃହିଣୀ ଉପବାସରେ ରହି ପୂର୍ବ ପୁରୁଷ ବିଧିମତେ ଏହି ରିତି ସଂପନ୍ନ କରିଥାନ୍ତି। ସନ୍ଧ୍ୟା ସମୟରେ ପିଦରରେ ପିତୃ ପୁରୁଷଙ୍କୁ ଆବାହନ କରି ପରଦିନ ଅର୍ଥାତ ପଞ୍ଚମୀ ତିଥିରେ ନୂଆ ଖାଇବାର ସୂଚନା ଦିଆ ଯାଇଥାଏ। ବର୍ଷକୁ ଥରେ ଆସୁଥିବା ଏହି ପର୍ବ ଯେମିତି ସୁରୁଖୁରୁରେ ସଂପନ୍ନ ହେବ ସେଥିପାଇଁ ଇଷ୍ଟ ଦେବାଦେବୀ ଓ ପିତୃ ପୁରୁଷଙ୍କ ଠାରେ ଆଶିର୍ବାଦ ଭିକ୍ଷା କରିଥାନ୍ତି ଗୃହ କର୍ତ୍ତା। ଉପାସ ବାର ଦିନ ଗାଁର ଧରଣୀ ପୀଠରେ ଖେଡ୍ ସୁଆ ନୀତି ପାଳିତ ହୋଇଥାଏ। ଗ୍ରାମର ଗୌନ୍ତିଆ ଏହି ନିତି ସଂପାଦନ କରୁଥିବାବେଳେ ଜାନୀ, ଦିଶାରୀ ଓ ଗଣା ସହଯୋଗ କରିଥାନ୍ତି। ଗୌନ୍ତିଆ ଭଟାରେ ପୂଜାର୍ଚ୍ଚନା କରି ଛେଟ୍’କା ଧାନକେଣ୍ଡା ଆଣି ଧରଣୀ ପିଠରେ ରଖିଥାନ୍ତି, ଯାହାକୁ ଖେଡ୍ ସୁଆ ବୋଲି କୁହାଯାଏ। କେତେକ ଗ୍ରାମରେ ଜାନୀ, ଦିଶାରୀ ଓ ଗଣା ଘର ଘର ଯାଇ ନୂଆ ଧାନ କେଣ୍ଡା ଦେଇ ଆସିଥାନ୍ତି। ଅନ୍ୟ କେତେକ ଗ୍ରାମରେ ଗୃହ କର୍ତ୍ତାମାନେ ନୂଆଖାଇ ଦିନହିଁ ଧାନ ସଂଗ୍ରହ କରି ଆଣିଥାନ୍ତି। ନୂଆଖାଇ ପୂର୍ବରୁ ଗଜାମୁଙ୍ଗ, ମକର, ମିତ, ମାର୍ସାଦ, ସାଇ ଆଦି ବିଭିନ୍ନ ମାନ୍ୟ କରୁଥିବା ଯୋଡିମାନେ ନିଜ ନିଜ ମଧ୍ୟରେ “ଜୁଗାର୍ ଭାର୍’ ଦିଆନିଆ ହୋଇଥାନ୍ତି। ଏହା ନିଜ ନିଜ ମଧ୍ୟରେ ମୈତ୍ରୀ ବନ୍ଧନକୁ ସୁଦୃଢ କରିବାରେ ସହାୟକ ହୋଇଥାଏ। ପୁଅ ପାଇଁ ବୋହୂ ଠିକ୍ ହୋଇଥିଲେ ବୋହୁ ପାଇଁ ମଧ ଜୁଗାର୍ ଭାର ଯାଇଥାଏ। ନୂଆଖାଇ ଦିନ ପ୍ରାତ କାଳରୁ ଗୃହକର୍ତ୍ତା ଭଟାକୁ ଯାଇ ଗୋରସ, ଚାଉଳ, ଫୁଲ ଆଦି ଅର୍ପଣକରି ନୂଆ ଧାନକୁ ଘରକୁ ଆଣିଥାନ୍ତି। ଏହି ଧାନକୁ କୁଟି ପ୍ରସାଦ ତିଆରି କରାଯାଏ। ଏପଟେ ଗୃହିଣୀମାନେ ବିବିଧ ବର୍ଣ୍ଣର ପିଠା, ଅନ୍ନ ଆଦି ପ୍ରସ୍ତୁତ କରିଥାନ୍ତି। କୂଳାଚାର ବିଧିରେ ପିଦରରେ ପିତୃ ଉପାସନା କରାଯାଏ। ଗୃହ ଦେବାଦେବୀ ଓ ପିତୃ ପୁରୁଷଙ୍କ ଠାରେ ନବାନ୍ନ ସମର୍ପଣ ପରେ ଘରର ସମସ୍ତେ ଏକାଠି ବସି ନବାନ୍ନ ଭକ୍ଷଣ କରିଥାନ୍ତି। ଏହାପରେ କନିଷ୍ଠମାନେ ଗୁରୁଜମାନଙ୍କୁ ମୁଣ୍ଡିଆ ମାରିଥାନ୍ତି। ନୂଆଖାଇ ଓ ଜୁହାର ପର୍ବ ସମାପନ ହେବାପରେ ଘରର ଛୋଟ ଛୋଟ ଶିଶୁ ମାନଙ୍କୁ ଏକାଠି ବସାଇ ସେମାନଙ୍କୁ କ୍ଷୀର ଦ୍ୱାରା ସେମାନଙ୍କ ପାଦ ପ୍ରକ୍ଷାଳନ କରାଯାଏ ଓ ଅକ୍ଷତ ଅରୁଆ ଚାଉଳ ଏବଂ ଫୁଲ ଦେଇ ଆଶିର୍ବାଦ କରାଯାଏ। ଏହାପରେ ସମସ୍ତେ ଗାଁ ଦାଣ୍ଡକୁ ବାହାରି ସମସ୍ତଙ୍କ ସହ ଜୁହାର ଭେଟ ହୋଇଥାନ୍ତି। ବର୍ଷ ଯାକର ମନୋମାଳିନ୍ୟ ଜୁହାର ଭେଟ ଦ୍ୱାରା ପାଣି ଫୋଟକା ପରି ମିଳାଇ ଯାଇଥାଏ। କଳାହାଣ୍ଡିର ଗଡ଼ଜାତ ଅଞ୍ଚଳକୁ ଛାଡିଦେଇ କୋକସରା ସମେତ ୧୩ଟି ବ୍ଲକର ଗ୍ରାମାଞ୍ଚଳରେ ଭାଦ୍ରବ ମାସ ଶୁକ୍ଳ ପକ୍ଷ ପଞ୍ଚମୀ ତିଥିରେ ନୂଆଖାଇ ପାଳିତ ହୋଇଯାଇଛି। ଏହା ପୂର୍ବରୁ ଜିଲ୍ଲାର ପଥର୍ଲା, ବାହାଦୂରପଦର ଓ ପାଲକାପଡା ଗ୍ରାମବାସୀ ଭାଦ୍ର ଶୁକ୍ଳ ପ୍ରତିପଦା ତିଥିରେ ନୂଆ ଖାଇଥିଲେ। ଏହାପରେ ଆସନ୍ତା ଦଶମୀ ତିଥିରେ ଭବାନୀପାଟଣା ସମେତ କଳାହାଣ୍ଡି ଗଡ଼ଜାତର ପୁରାତନ ଜମିଦାରୀ ଅଞ୍ଚଳ ଲାଞ୍ଜିଗଡ ସହର, ମହୁଲପାଟଣା, କର୍ଲାପାଟ, ଜୟପାଟଣା, ମଦନପୁର ରାମପୁର ଓ ଥୁଆମୂଳ ରାମପୁର ସହରବାସୀ ନୂଆ ଖାଇବେ। ତେବେ ଅନ୍ନକୁ ବ୍ରହ୍ମର ମାନ୍ୟତା ଦେଇଥିବା ଆଦିମ କୃଷିଜୀବୀ ସମାଜରେ କେଉଁ ଏକ ଆବାହମାନ କାଳରୁ ଚଳି ଆସୁଥିବା ପ୍ରଥା ଓ ପରମ୍ପରା ପଞ୍ଚମୀ ତିଥିରେ ପାଳିତ ହୋଇଥିବା ନୂଆଖାଇରେ ଦେଖିବାକୁ ମିଳିଛି।





# ବଧୂ ହତ୍ୟା ଅଭିଯୋଗରେ ସ୍ୱାମୀ ଓ ଶଶୁର ଗିରଫ

ଡିଗିରିଆ, ୨୮।୮ (ସମିସ)

ତିଗିରିଆ ଥାନା ଅଧୀନ ନୂଆପାଟଣା ତେଲି ସାହିରେ ଜଣେ ବଧୂକୁ ଗୁରୁବାର ହତ୍ୟା ଅଭିଯୋଗରେ ତିଗିରିଆ ପୁଲିସ ପକ୍ଷରୁ ନବବଧୂର ଶଶୁର ପ୍ରହ୍ଲାଦ ଦତ୍ତ ଓ ସ୍ୱାମୀ ଦୀପକ କୁମାର ଦତ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଥାନା ଆଇଆଇସି ସମରେନ୍ଦ୍ର ପାଇକରାୟ ସୂଚନା ଦେଇଛନ୍ତି। ଝିଅର ବାପାଙ୍କ ଲିଖିତ ଅଭିଯୋଗ ପରେ ତିଗିରିଆ ପୁଲିସ ପକ୍ଷରୁ ମାମଲା ରୁଜୁ କରାଯାଇ ଉଭୟଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି।

ମାଣିଆବନ୍ଧ ଥାନା ଅନ୍ତର୍ଗତ ମୁକ୍ତାନଗର (ମଠ ସାହି)ର ବାସିନ୍ଦା କାଶୀନାଥ ବେହେରାଙ୍କ ଅଭିଯୋଗ ଅନୁଯାୟୀ, ଆଜକୁ ପ୍ରାୟ ୯ ବର୍ଷ ତଳେ ତାଙ୍କର ବଡ଼ ଝିଅ କଳ୍ପନା ବେହେରାଙ୍କ ବିବାହ ତିଗିରିଆ ଥାନା ଅନ୍ତର୍ଗତ ନୂଆପାଟଣା ତେଲି ସାହିର ବାସିନ୍ଦା ପ୍ରହ୍ଲାଦ ଦତ୍ତଙ୍କ ପୁଅ ଦୀପକ ଦତ୍ତଙ୍କ ସହ ହୋଇଥିଲା। ଗତ ୬ ମାସ ତଳେ ସମୃଦ୍ଧି ପ୍ରହ୍ଲାଦ ଝିଅ କଳ୍ପନାକୁ ବାପ ଘରୁ ୫୦ ହଜାର ଟଙ୍କା ଆଣିବା ପାଇଁ କହିଥିଲେ। କଳ୍ପନା ନିଜ ବାପଘର ଆର୍ଥିକ ଅବସ୍ଥା ଭଲ ନ ଥିବାରୁ ସେ ଏତେ ଟଙ୍କା ଦେବାକୁ ସମର୍ଥ ହେବେ ନାହିଁ ବୋଲି ଶଶୁରଙ୍କୁ କହିଥିଲେ। ଏହି ଘଟଣା ପରେ କଳ୍ପନାଙ୍କ ସ୍ୱାମୀ ଦୀପକ, ଶାଶୂ, ଶଶୁର, ଦେଢ଼ଶୁର, ଯା ମିଶି ତାଙ୍କୁ ଶାରୀରିକ, ମାନସିକ ଭାବେ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ପୂର୍ବରୁ ଏହି ନିର୍ଯାତନା ସମ୍ପର୍କରେ କଳ୍ପନା ତାଙ୍କ ପରିବାର ଲୋକଙ୍କୁ ଅବଗତ କରାଇଥିଲେ। ଗୁରୁବାର ସକାଳ ପ୍ରାୟ ୬ଟା ସମୟରେ କଳ୍ପନାଙ୍କ ଶଶୁର ଘର ତରଫରୁ ଫୋନ ଯୋଗେ ଝିଅର ଦେହ ଖରାପ ଅଛି ବୋଲି ଜଣାଇଥିଲେ। ଉକ୍ତ ଖବର ଶୁଣି ଝିଅକୁ ଆଠଗଡ଼ ମେଡ଼ିକାଲକୁ ଦେଖିବା ପାଇଁ ଯାଇଥିବା ବେଳେ ସେଠାରେ ପହଞ୍ଚି ଝିଅର ମୃତ୍ୟୁ ହୋଇଯାଇଥିବା ଜାଣିବାକୁ ପାଇଥିବା କାଶୀନାଥ ଅଭିଯୋଗ କରିଛନ୍ତି। ପୂର୍ବରୁ ନିର୍ଯାତନା ଦେଉଥିବା ଝିଅର ଶଶୁର ଘରେ କଳ୍ପନାଙ୍କୁ ବିଷ ଦେଇ ମାରି ଦେଇଥିବା କଳ୍ପନାଙ୍କ ବାପା କାଶୀନାଥ ତିଗିରିଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ତିଗିରିଆ ଥାନା ଆଇଆଇସି ଶ୍ରୀ ପାଇକରାୟ ଶବ ବ୍ୟବଚ୍ଛେଦ ପାଇଁ ପଠାଇବା ସହ କେସ୍ ନମ୍ବର ୧୬୮/୨୫ ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ ମୃତ୍ୟୁ ସମୟରେ କଳ୍ପନା ୬ମାସର ଗର୍ଭବତୀ ଥିବା ବାପା କାଶୀନାଥ ପ୍ରକାଶ କରିଛନ୍ତି।

# ନିଖୋଜ ଛାତ୍ରୀ ସାଙ୍ଗ ଘରୁ ଉଦ୍ଧାର

ଟାଙ୍ଗୀ, ୨୮।୮ (ସମିସ): ଅଭିଭାବକଙ୍କ ଦାୟିତ୍ୱହୀନତା ଯୋଗୁଁ ଜଣେ ଷଷ୍ଠ ଶ୍ରେଣୀ ଛାତ୍ରୀ ଗଣେଶ ପୂଜା କରିବା ଲାଗି ବିଦ୍ୟାଳୟ ଆସି ସାଙ୍ଗ ଘରକୁ ପଳାଇବା ଓ ନିଖୋଜ ରିପୋର୍ଟ ଦାଖଲ ପରେ ଉଦ୍ଧାର ଘଟଣା ଟାଙ୍ଗୀ ଥାନା ବିଶ୍ୱାଳି ଫାଣ୍ଡି ଅଧୀନସ୍ଥ ସଫା ଗ୍ରାମରେ ଚର୍ଚ୍ଚାକୁ ଆସିଛି। ଟାଙ୍ଗୀ ଅଞ୍ଚଳର ସର୍ବପୁରାତନ ସଫା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆୟୋଜିତ ଗଣେଶ ପୂଜାରେ ଷଷ୍ଠ ଶ୍ରେଣୀ ଛାତ୍ରୀ ଅସୀମା ବିଶ୍ୱାଳ ଯୋଗଦେଇଥିଲେ। ମାତ୍ର ପୂଜା ଶେଷ ପରେ ସାଙ୍ଗ ସହ ନିକଟବର୍ତ୍ତୀ ବୀରଚିନ୍ତାମଣିପୁର ଗ୍ରାମକୁ ପଳାଇ ଆସିଥିଲେ। ଘଟଣା ସଂକ୍ରାନ୍ତରେ ଅସୀମାଙ୍କ ପରିବାର ଜାଣି ନ ପାରି ବିଭିନ୍ନ ସ୍ଥାନରେ ଖୋଜାଖୋଜି କଲା ପରେ ନିରାଶ ହୋଇ ପୁଲିସରେ ଅଭିଯୋଗ କରିଥିଲେ। ଅନ୍ୟପକ୍ଷରେ ସାଙ୍ଗ ଘରେ ରାତି ତମାମ ରହିଥିଲେ ହେଁ ସାଙ୍ଗ ଘର ପକ୍ଷରୁ ଅସୀମାଙ୍କ ପରିବାରକୁ କୌଣସି ସୂଚନା ଦିଆଯାଇ ନ ଥିଲା।



ବ୍ରଦର୍ସ ୟୁନାଇଟେଡ କ୍ଲବ୍, ମଧୁପାଟଣା

# ନେମାଳର ବିଭିନ୍ନ ସ୍ଥାନରେ ଗଣେଶ ପୂଜା



ନେମାଳ, ୨୮।୮ (ସମିସ): ନେମାଳ ଆଖପାଖ ଅଞ୍ଚଳରେ ଗଣେଶ ପୂଜା ମହାସମାରୋହରେ ପାଳନ କରାଯାଇଛି। ଏଥିମଧ୍ୟରେ ମହାପୁରୁଷ ଅଚ୍ୟୁତାନନ୍ଦ ମହାବିଦ୍ୟାଳୟ ଛାତ୍ର ସଂସଦ ପକ୍ଷରୁ ଗଣେଶ ପୂଜା ପାଳନ କରାଯାଇଛି। ଏଥିରେ ପୂର୍ବତନ ଛାତ୍ର ସଭାପତି କ୍ଷମାନିଧି ପୁଝାରୀ, ଗୋବିନ୍ଦ ଦାସ, ହିମାଂଶୁ ଶେଖର ଦାସ, ବଳଦେବାନନ୍ଦ ଦାସ, ପୁରାତନ ଛାତ୍ର ଜାନକୀବଲ୍ଲଭ ମହାନ୍ତି, ବିଭୂତି ଦ୍ୱିବେଦୀ, ଭାଗବତ ସାହୁ ସେହିପରି ଅଚ୍ୟୁତାନନ୍ଦ ବିଦ୍ୟାପୀଠ, ମା' ଜାଗୁଳାଇ ପୀଠ, ଫ୍ରେଣ୍ଡସ ୟୁନିଅନ କ୍ଲବ, ଶ୍ରମିକ ପାଠାଗାର, ଜେଜେ କ୍ଲବ, ଶାନ୍ତପୁର ଶିଶୁ ମନ୍ଦିର, ଲାଲବାହାଦୁର ବିଦ୍ୟାପୀଠ, ଫ୍ରେଣ୍ଡସ ଷ୍ଟାର କ୍ଲବ, ୟଙ୍ଗ ଷ୍ଟାର କ୍ଲବ, କଳିଙ୍ଗ ମଡେଲ ହାଇସ୍କୁଲ, ଶିବାନନ୍ଦ ବିଦ୍ୟାମନ୍ଦିର ପ୍ରଭୁ ଗଣପତିଙ୍କ ପୂଜାର୍ଚ୍ଚନା କରାଯାଇଥିଲା।

# ସରସ୍ୱତୀ ଶିଶୁ ମନ୍ଦିରରେ ଗଣେଶ ପୂଜା



କଟକ, ୨୮।୮ (ସମିସ): ସାମନ୍ତସାହି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ବିଘ୍ନ ବିନାଶକ ଗଣେଶଙ୍କ ପୂଜା ଅନୁଷ୍ଠିତ ହୋଇଛି। ସ୍କୁଲର ପ୍ରତିଷ୍ଠାତା ଅଧ୍ୟାପକ ନଗେନ୍ଦ୍ର ନାଥ ପଲେଇ, ସମ୍ପାଦିକା ସୋନାଲି ଦାଶ, ପ୍ରଧାନ ଆଚାର୍ଯ୍ୟ ଅଭିମନ୍ୟୁ ଦାସ, ଭୀମସେନ ପ୍ରଧାନ, ଶୁଭଶ୍ରୀ ମହାନ୍ତି, ପ୍ରଜ୍ଞା ପରମିତା ମହାନ୍ତି, ରାଜେଶ୍ୱରୀ ମହାରଣା, ମିତାଲୀ ବୋଷ, ରିଚା ମୂଳିଆ, ପ୍ରମିଳା ସ୍ୱାଇଁ, ବନଜ୍ୟୋତ୍ସ୍ନା କାନୁନଗୋ, ଯାଜ୍ଞସେନୀ ମହାନ୍ତି, ଶିବାନୀ ରସ୍ତୋଗୀ ସମସ୍ତ ଛାତ୍ରଛାତ୍ରୀ, ଅଭିଭାବକ, ପୂଜାରେ ଯୋଗଦେଇଥିଲେ। ପୂଜା ପରେ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବିକଚ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ



କଟକ, ୨୮।୮ (ସମିସ): ବଡମ୍ବା-ନରସିଂହପୁରର ବିକଚ ସାହିତ୍ୟ ସଂସଦ ପକ୍ଷରୁ ୩୧ତମ ବାର୍ଷିକ ଉତ୍ସବ ଓ ନୂଆଖାଇ ଆସର ଆୟୋଜିତ ହୋଇଯାଇଛି। ଏହି ସାହିତ୍ୟ ସମାରୋହରେ ଅନୁଗୋଳର କବି ତଥା ଶ୍ୱେତପଦ୍ମା ସମ୍ପାଦିକା ଅନୀତା ପାଣିଙ୍କୁ ମାନପତ୍ର, ଉପଢ଼ୌକନ ସହିତ ସାରସ୍ୱତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ସମାରୋହରେ ଅନୁଷ୍ଠାନର ସଭାପତି ବିଶିଷ୍ଟ ସମାଲୋଚକ ଦୁର୍ଯ୍ୟୋଧନ ବରାଳ, ବଡମ୍ବା ବିଧାୟକ ବିଜୟ କୁମାର ଦଳବେହେରା, ଚେୟାରମ୍ୟାନ୍ ରଘୁପତି ମହାନ୍ତି, ସମ୍ପାଦକ କଳିଙ୍ଗ କିଶୋରୀ ପ୍ରଧାନ, ପରିଚାଳନା ସମ୍ପାଦକ ଦେବଦତ୍ତ ମଳୟ କୁମାର ବରାଳ ସହିତ ୧୦୦ରୁ ଊର୍ଦ୍ଧ୍ୱ କବି, ବିଦ୍ୱାନ, ଶିକ୍ଷାବିତ ଉପସ୍ଥିତ ଥିଲେ। କବୟିତ୍ରୀ ଶ୍ରୀମତି ପାଣିଙ୍କ ସାହିତ୍ୟ ସାଧନା ଓ ମାତୃଭାଷାର ସେବା ପାଇଁ ଅନୁଷ୍ଠାନ ତରଫରୁ ଶୁଭକାମନା ଜ୍ଞାପନ କରାଯାଇଛି।

## ଜଙ୍ଗଲ ଓ ପରିବେଶ ସଚେତନତା

# ବନାଞ୍ଚଳ ଅଧିକାରୀଙ୍କ ଅନୁପସ୍ଥିତିକୁ ନିନ୍ଦା

ନରସିଂହପୁର, ୨୮।୮ (ସମିସ): ନରସିଂହପୁର ବ୍ଲକ ଅଧୀନ କମଳାଡିହଠାରେ କମଳାଡିହ ଅଞ୍ଚଳର ବରିଷ୍ଠ ନାଗରିକଙ୍କ ପକ୍ଷରୁ ଗତ ୨୨ ତାରିଖରେ ଜଙ୍ଗଲ ସୁରକ୍ଷା ଓ ଏହାର ପ୍ରତିକାର ନେଇ ଏକ କାର୍ଯ୍ୟକ୍ରମ ଆୟୋଜିତ ହେବାର ଥିଲା। ହେଲେ ଜିଲ୍ଲିଣ୍ଡା ରେଞ୍ଜ ବନାଞ୍ଚଳ ଅଧିକାରୀ ଲିଙ୍ଗରାଜ ଭୋଇ ସରକାରୀ କାର୍ଯ୍ୟ ଥିବାର ବାହାନା କରି ୨୩ ତାରିଖରେ କାର୍ଯ୍ୟକ୍ରମ କରାଯାଉ ବୋଲି କହିଥିଲେ। ତାଙ୍କ ଅନୁସାରେ ୨୩ ତାରିଖରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲେ ମଧ୍ୟ ଅଧିକାରୀ ଶ୍ରୀ ଭୋଇ କାର୍ଯ୍ୟକ୍ରମରେ ଯୋଗଦେଲେ ନାହିଁ। ସମ୍ପୃକ୍ତ ଘଟଣା ଅଞ୍ଚଳର ପରିବେଶବିତ୍ ଏବଂ ବୁଦ୍ଧିଜୀବୀଙ୍କୁ ବିସ୍ମିତ କରିଛି। ଏହି ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା ପ୍ରକାଶ ପାଇଛି। ବ୍ଲକ କମଳାଡ଼ିହ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସମସ୍ତ ଗ୍ରାମଗୁଡ଼ିକରେ ଦୀର୍ଘ ଦିନ ହେଲା ମାଙ୍କଡ, ହାତୀ, ବାରହା ଆଦି ବନ୍ୟଜନ୍ତୁମାନେ ବିଭିନ୍ନ ଫସଲ, ପନିପରିବା, ଘରଦ୍ୱାର, ଗଛଲତା ଆଦି ଭାଙ୍ଗିରୁଜି ନଷ୍ଟ କରୁଛନ୍ତି। ତା'ର ପ୍ରତିକାର ଓ ସୁରକ୍ଷା ପାଇଁ ମା' ଭୁବନେଶ୍ୱରୀ ବରିଷ୍ଠ ନାଗରିକ ମଞ୍ଚ ଆନୁକୂଲ୍ୟରେ ସ୍ଥାନୀୟ ଜିଲ୍ଲିଣ୍ଡା ରେଞ୍ଜ ବନାଞ୍ଚଳ ଅଧିକାରୀ ଲିଙ୍ଗରାଜ ଭୋଇ ଓ ସ୍ଥାନୀୟ ସରପଞ୍ଚ ଶରତ କୁମାର ଖଟୁଆଙ୍କ ଉପସ୍ଥିତିରେ ଜଙ୍ଗଲ ଓ ପରିବେଶ ସଚେତନତା କାର୍ଯ୍ୟକ୍ରମ ସ୍ଥିର କରାଯାଇଥିଲା। ୫୦ରୁ ୬୦ ଜଣ ବରିଷ୍ଠ ନାଗରିକ ସଦସ୍ୟ, ସ୍ଥାନୀୟ ଅଞ୍ଚଳର ୪ ପଞ୍ଚାୟତର ସରପଞ୍ଚ, ବାଲିପୁଟ ବନପାଳ ବିଭୂତି ଭୂଷଣ ଦେହୁରୀ ଏବଂ ଜିଲିଣ୍ଡା



ରେଞ୍ଜ ବନପାଳ ଗଗନ ମାଝୀ ପ୍ରମୁଖ ଦିନ ୨ଟାଠାରୁ ୪ଟା ପର୍ଯ୍ୟନ୍ତ ଅପେକ୍ଷା କରି ଚାହିଁ ବସିଥିଲେ ମଧ୍ୟ ବନାଞ୍ଚଳ ଅଧିକାରୀ ଆସିଲେ ନାହିଁ କି ଫୋନ୍ ଉଠାଇଲେ ନାହିଁ। ଜଣେ ଦାୟିତ୍ୱ ସମ୍ପନ୍ନ କର୍ମଚାରୀ ପରିଣତ ବୟସର ବରିଷ୍ଠ ଲୋକମାନଙ୍କୁ ଠକିବାକୁ ସମସ୍ତେ ନିନ୍ଦା କରିଛନ୍ତି।

# ବିଧାୟିକାଙ୍କ ବାସ୍ତରୀ ମଠ ପରିଦର୍ଶନ



କଟକ, ୨୮।୮ (ସମିସ): ପୂର୍ବାହ୍ଣ ୧୧ଟା ସମୟରେ ବାରବାଟୀ-କଟକର ବିଧାୟିକା ସୋଫିଆ ଫିରଦୋଷ, ବରିଷ୍ଠ କଂଗ୍ରେସ ନେତ୍ରୀ ଗିରିବାଳା ବେହେରା, ପୂର୍ବତନ ବିଧାୟକ ମହମ୍ମଦ ମୋକିମ୍ ବାସ୍ତରୀ ମଠ ପରିଦର୍ଶନରେ କରିଥିଲେ। ବାସ୍ତରୀ ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ସମସ୍ତଙ୍କୁ ସାଗତ କରିବା ସହ କଟକର ସର୍ବପୁରାତନ ଆଧ୍ୟାତ୍ମିକ ଓ ଐତିହ୍ୟ ସମ୍ପନ୍ନ ସାଂସ୍କୃତିକ ଅନୁଷ୍ଠାନର ପୁନରୁଦ୍ଧାର ତଥା ଏକ ଭବ୍ୟରୂପ ପ୍ରଦାନ ନିମନ୍ତେ ଅନୁରୋଧ କରାଯାଇଥିଲା। ପୂର୍ବତନ ବିଧାୟକ ମହମ୍ମଦ ମୋକିମ ବାସ୍ତରୀ ସର୍ବାଧିକାରୀ ସମୀର ଦେଙ୍କ ସ୍ମୃତିଚାରଣ କରିବା ସହ ତାଙ୍କର ଯାହା ପରିକଳ୍ପନା ଥିଲା ଆମେ ତାକୁ ନିଶ୍ଚିତ ସାକାର କରିବା ଏବଂ ଏହା ହେବ ପୂଜ୍ୟ ବାସ୍ତରୀ ସର୍ବାଧିକାରୀଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି। ବିଧାୟିକା ସୋଫିଆ ଫିରଦୋଷ ତାଙ୍କ ବକ୍ତବ୍ୟରେ ଐତିହାସିକ ସାକ୍ଷର ବହନ କରୁଥିବା ତଥା ପ୍ରାୟ ଶହେଟି ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀର ମୁଖ୍ୟ ଆରାଧନା ପୀଠର ଯାହା ଆବଶ୍ୟକ, ପୂରଣ କରିବାର ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ଉକ୍ତ ଆଲୋଚନାରେ ବାସ୍ତରୀ କାର୍ଯ୍ୟକାରୀ ସର୍ବାଧିକାରୀ ତଥା ପଚିଶ ଦିଗଭାଗ ସର୍ବାଧିକାରୀ ସୁରେଶ ସାହୁ, ବାଇଶି ଦିଗଭାଗ ସର୍ବାଧିକାରୀ ସୁବାସଚନ୍ଦ୍ର ସାହୁ, ଉଣେଇଶ ଦିଗଭାଗ ସର୍ବାଧିକାରୀ ବିରେନ୍ଦ୍ର ସାହୁ, ଷୋହଳ ଦିଗଭାଗ ସର୍ବାଧିକାରୀ ପ୍ରଦୀପ ସାହୁ, ପଚିଶ ଦିଗଭାଗ ସର୍ବମହନ୍ତ ରବୀନ୍ଦ୍ର ବସ୍ତିଆ, ସଭ୍ୟ ହରେକୃଷ୍ଣ ପ୍ରଧାନ, ରମେଶଚନ୍ଦ୍ର ସାହୁ, ପ୍ରତାପଚନ୍ଦ୍ର ଦାସ, ବିରଞ୍ଚି ମହାରଣା, ନରେଶ ସାହୁ, ଶରତ ଚନ୍ଦ୍ର ପ୍ରଧାନ, ପ୍ରଦୀପ ସାହୁ, ରବୀନ୍ଦ୍ର ବେହେରା, ନାରାୟଣ ସାହୁ, ଜଗନ୍ନାଥ ସାହୁ, ଶଙ୍କର ପ୍ରଧାନ, ଅରବିନ୍ଦ ବେହେରା, ନିହାର ରଞ୍ଜନ ସାମନ୍ତରାୟ, ଅଶୋକ ଦାସ, କରୁଣାକର ମହାରଣା, ସମ୍ପୂର୍ଣ୍ଣାନନ୍ଦ ନାଟିଆ, ପ୍ରକାଶ ଚନ୍ଦ୍ର ତ୍ରିପାଠୀ, ବାସ୍ତରୀ ମଣ୍ଡଳ ସର୍ବ କଟୁଆଳ ପ୍ରଦୀପ ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ବାସ୍ତରୀ ସଂକୀର୍ତ୍ତନମଣ୍ଡଳୀର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ। ପ୍ରଦୀପ ସାହୁ ଧନ୍ୟବାଦ ଦେଇଥିଲେ।

# ସେଚାଞ୍ଚଳ ବିକାଶ ପାଇଁ ୬ କୋଟି ମଞ୍ଜୁର



କଟକ, ୨୮।୮ (ସମିସ): ରାଜ୍ୟ ଜଳସେଚନ ବିଭାଗ ଅଧୀନରେ ରହିଥିବା ସେଚାଞ୍ଚଳ ଉନ୍ନୟନ ବିଭାଗ ପକ୍ଷରୁ କଟକ ଜିଲ୍ଲାର ୪ଟି ବ୍ଲକରେ ୧୭ କିଲୋମିଟର ବ୍ୟାପୀ କାଡ଼ା ନାଳ ନିର୍ମାଣ କରାଯିବ। ଚଳିତ ଆର୍ଥିକ ୨୦୨୫-୨୬ ରେ ସରକାର ଏହି ବିଭାଗକୁ ୬ କୋଟି ୧୨ ଲକ୍ଷ ଟଙ୍କା ମଞ୍ଜୁର କରିଥିବା ଜଣାପଡ଼ିଛି। ବର୍ଷ ଶେଷ ସୁଦ୍ଧା ନିର୍ମାଣ କାର୍ଯ୍ୟ ଶେଷ ହେବ। ଫଳରେ ଜିଲ୍ଲାରେ ରହିଥିବା ମୁଖ୍ୟ ଓ ଶାଖା କେନାଲରୁ ବାହାରିଥିବା ଏହି ନାଳ ମାଧ୍ୟମରେ ଜିଲ୍ଲାର ଆଉ ୮୦୦ ହେକ୍ଟର ଚାଷ ଜମିକୁ ଉଭୟ ଖରିଫ ଓ ରବି ଋତୁରେ ଜଳସେଚନ କରାଯାଇପାରିବ।

ସୂଚନାଯୋଗ୍ୟ ଯେ ଗତ ୨୦୨୪-୨୫ ଆର୍ଥିକ ବର୍ଷରେ ରାଜ୍ୟ ସରକାର କାଡା (କମାଣ୍ଡ ଏରିଆ ଡେଭେଲପମେଣ୍ଟ ଅଥରିଟି)କୁ ୧୯୦.୪୯ ଲକ୍ଷ ଟଙ୍କା ଅନୁଦାନ ଦେବା ପରେ ୪୩ଟି ପ୍ରକଳ୍ପ ସମ୍ପନ୍ନ ହୋଇଥିଲା। ପ୍ରସ୍ତାବିତ ନୂଆ ପ୍ରକଳ୍ପ ପାଇଁ ସାଲେପୁର, ମାହାଙ୍ଗା, ନରସିଂହପୁର ଓ ନିଶ୍ଚିନ୍ତକୋଇଲି ଅଞ୍ଚଳର ଚାଷୀମାନେ ୮୦୦ ହେକ୍ଟର ଚାଷ ଜମିକୁ ପାଣି ନେଇପାରିବ ବୋଲି ବିଭାଗ ସୂତ୍ରରୁ ଜଣାପଡ଼ିଛି।

# ମା' ଲୋଭି ଠାକୁରାଣୀ କ୍ଲବ୍‌ର କଳାକାର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

ତିଗିରିଆ, ୨୮।୮ (ସମିସ): ତିଗିରିଆ ବ୍ଲକ ଅନ୍ତର୍ଗତ ବିନ୍ଧାଣିମା ପଞ୍ଚାୟତ ହାଟସାହିସ୍ଥିତ ମା' ଲୋଭି ଠାକୁରାଣୀ କ୍ଲବ ତରଫରୁ ଗଣେଶ ପୂଜା ୨୦ ବର୍ଷ ପୂର୍ତ୍ତି ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କ୍ଲବର



ସଭାପତି ଭରତଚନ୍ଦ୍ର ବଳ, ସମ୍ପାଦକ ସଞ୍ଜୟକୁମାର ରାଉତଙ୍କ ପୌରୋହିତ୍ୟରେ ମା' ଲୋଭି ଠାକୁରାଣୀଙ୍କ ମନ୍ଦିର ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ଯୁବ ସଂଗଠକ ମାନସ ରଞ୍ଜନ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିନ୍ଧାଣିମା ଦେଶ ସଭାପତି ପ୍ରସନ୍ନ କୁମାର ନାୟକ, ଯୁବନେତା ଗଣେଶ୍ୱର ରାଉତ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିନ୍ଧାଣିମା ରାମାୟଣ ପ୍ରଚାର ସମିତି ତରଫରୁ ପ୍ରତିବର୍ଷ ହେଉଥିବା ରାମଲୀଳାରେ ଅଭିନୟ କରୁଥିବା ପ୍ରଫୁଲ୍ଲ କୁମାର ସାହୁ, ପ୍ରଶାନ୍ତ କୁମାର ସାହୁ, କୃତିବାସ ଖଟୁଆ, ଦେବେନ୍ଦ୍ର ସାହୁ, ରାଜକିଶୋର ସାହୁ, ତ୍ରିଲୋଚନ ରାଉତ, ଅଖିଳ ରାଉତଙ୍କ ସମେତ ନାଟ୍ୟ ସମିତି ମୁଖ୍ୟ ପୂର୍ଣ୍ଣଚନ୍ଦ୍ର ସାହୁ, ଡ୍ରାମା ଗୁରୁ ଅକ୍ଷୟ ଲେଙ୍କାଙ୍କୁ ଅତିଥିଙ୍କ ଦ୍ୱାରା ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଗ୍ରାମର କୁନି କୁନି କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ରାମଲୀଳା ନାଟ୍ୟ ସଂସଦର କଳାକାରଙ୍କ ଦ୍ୱାରା ଇନ୍ଦ୍ରଜିତ ବଧ ନାଟକ ପ୍ରଦର୍ଶିତ ହୋଇଥିଲା। କ୍ଲବ ସଦସ୍ୟ ମନୋଜ ରାଉତ, ଅଶୋକ ସାହୁ, ବାବୁ ରାଉତ, ଗଣେଶ ରାଉତ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

## ୫୫ତମ ଭଞ୍ଜ ମଣ୍ଡପ ପ୍ରତିଷ୍ଠା ଦିବସ

# ପତିତ ପାବନ ସ୍ୱାଇଁ ଓ ଚୌଧୁରୀ ଭାରତୀ କୃଷ୍ଣଙ୍କୁ କଳିଙ୍ଗ ଭାରତୀ ସଂସ୍କୃତି ସଂଗଠକ ସମ୍ମାନ

କଟକ, ୨୮।୮ (ସମିସ)

କଳିଙ୍ଗ ଭାରତୀର ଉଦ୍ୟମରେ କଟକ ମିଶନ ରୋଡଠାରେ ୫୫ ବର୍ଷ ତଳେ (୧୯୭୧ ମସିହାରେ) ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଶ୍ୱନାଥ ଦାସ ଭଞ୍ଜ ମଣ୍ଡପର ପ୍ରତିଷ୍ଠା କରିବା ଓଡ଼ିଆ ଅସ୍ମିତାର ଅଭୁଲା ସ୍ମୃତି। ଏହି ମଣ୍ଡପ ଓଡ଼ିଶାର ବହୁ ବକ୍ତା, ଓଡିଶୀ ଶାସ୍ତ୍ରୀୟ ସଙ୍ଗୀତଜ୍ଞ ଓ ନୃତ୍ୟବିତମାନଙ୍କର ଏକ୍ସୁଡିଶାଳ। ଏହି ଅସ୍ମିତାର ସୁରକ୍ଷା ଓ ସଂରକ୍ଷଣ ପ୍ରତ୍ୟେକ ଓଡ଼ିଆଙ୍କ କର୍ତ୍ତବ୍ୟ ବୋଲି ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଆଜି ସନ୍ଧ୍ୟାରେ ଓଡ଼ିଶାର ପ୍ରାଚୀନ ସାରସ୍ୱତ ଅନୁଷ୍ଠାନ 'କଳିଙ୍ଗ ଭାରତୀର ୫୫ତମ ଭଞ୍ଜ ମଣ୍ଡପ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଅନୁଷ୍ଠିତ ଉତ୍ସବରେ ବିଶିଷ୍ଟ ସଂଗଠକ ପ୍ରାର୍ଥନା ଟିଭି ଚ୍ୟାନେଲର ମୁଖ୍ୟ ପତିତ ପାବନ ସ୍ୱାଇଁ ଓ ବିଶିଷ୍ଟ ସାଂସ୍କୃତିକ ସଂଗଠକ ଚୌଧୁରୀ ଭାରତୀ



କୃଷ୍ଣଙ୍କୁ ଚଳିତ ବର୍ଷର ମର୍ଯ୍ୟାଦାପୂର୍ଣ୍ଣ କଳିଙ୍ଗ ଭାରତୀ ପୁରୁଷୋତ୍ତମ ପଟ୍ଟନାୟକ ସ୍ମାରକୀ 'ସଂସ୍କୃତି ସଂଗଠକ ସମ୍ମାନ' ପ୍ରଦାନ କରାଯାଇଥିଲା। କଳିଙ୍ଗ ଭାରତୀର ସଭାପତି ଡାକ୍ତର ଶୈଳେଶ୍ୱର ନନ୍ଦଙ୍କ ସଭାପତିତ୍ୱରେ 'ଓଡ଼ିଶାର ଅସ୍ମିତା ରକ୍ଷାରେ ଭଞ୍ଜ ଜୟନ୍ତୀ ଓ ଭଞ୍ଜ ମଣ୍ଡପ' ଶୀର୍ଷକ ବିଷୟ ବସ୍ତୁ ଉପରେ ସ୍ମାରକୀ ବକ୍ତୃତାକୁ ସୌମ୍ୟ ରଞ୍ଜନ ପଟ୍ଟନାୟକ ପ୍ରଦୀପ ଜାଳି ଉଦଘାଟନ କରିଥିଲେ। ଏଥିରେ କଳିଙ୍ଗ ଭାରତୀର ନିର୍ବାହୀ ସଭାପତି ପ୍ରଭାତ କୁମାର ନନ୍ଦ ସ୍ୱାଗତ ଭାଷଣ ଦେଇଥିଲେ। ଅନୁଷ୍ଠାନର ଉପଦେଷ୍ଟା ଆଇନଜୀବୀ ପ୍ରସନ୍ନ କୁମାର ନନ୍ଦ ଭଞ୍ଜ ଜୟନ୍ତୀ ଓ ଭଞ୍ଜ ମଣ୍ଡପ ଏକ ଆନ୍ଦୋଳନ ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଡ. ଶାନ୍ତନୁ କୁମାର ରଥ ଭଞ୍ଜ ସାହିତ୍ୟ ଶବ୍ଦ ସମୁଦ୍ର ପାର କରିଥିଲା ବୋଲି କହିଥିଲେ ଯାହା ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ଭାଷା ପ୍ରମାଣିତ କରିବାରେ ସକ୍ଷମ ହୋଇଥିଲା। ସଭାପତି ଡା. ଶୈଳେଶ୍ୱର ନନ୍ଦ ଉଦବୋଧନ ଦେଇ ଭଞ୍ଜ ମଣ୍ଡପର ଗରିମାମୟ ଇତିହାସ ସମ୍ପର୍କରେ ଉଲ୍ଲେଖ କରିଥିଲେ। ସଂଗଠନ ସମ୍ପାଦକ ଡ. ଅନୁପ ମାର୍ଥା ଧନ୍ୟବାଦ ଦେଇଥିଲେ। ସିପ୍ରା କର ମାନପତ୍ର ପାଠ କରିଥିଲେ। ଏଥିରେ ଗୁରୁ ତନ୍ମୟ ହୋତାଙ୍କ ପରିଚଳନାରେ ଓଡିଶୀ ଶାସ୍ତ୍ରୀୟ ଓ ଭଞ୍ଜ ସଙ୍ଗୀତ ଉପସ୍ଥାପନା କରିଥିଲେ। କାର୍ଯ୍ୟକ୍ରମରେ ଉପସଭାପତି ରାଜଲକ୍ଷ୍ମୀ ମହାନ୍ତି, ରଞ୍ଜିତ କର, ମନୋରଞ୍ଜନ ମହାପାତ୍ର, ଅଜିତ ପଟ୍ଟନାୟକ, ସତ୍ୟ ଗୋପାଳ ପରିଡା, ଶକ୍ତି ଶଙ୍କର ମହାନ୍ତି, ସିଦ୍ଧାର୍ଥ ଶଙ୍କର ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

# ପୂଜା ମଣ୍ଡପ ପରିଦର୍ଶନ କଲେ ପୂର୍ବତନ ବିଧାୟକ



ନରସିଂହପୁର, ୨୮।୮ (ସମିସ): ନରସିଂହପୁର ବ୍ଲକ ଅନ୍ତର୍ଗତ ପୁରପଲ୍ଲୀଠାରୁ ଆରମ୍ଭ କରି ବିଭିନ୍ନ ଅନୁଷ୍ଠାନ ତରଫରୁ ମହାଆଡମ୍ବର ସହକାରରେ ଗଣେଶ ପୂଜା ଅନୁଷ୍ଠିତ ହୋଇଛି। ଗୁରୁବାର ପୂର୍ବତନ ବିଧାୟକ ଦେବୀପ୍ରସାଦ ମିଶ୍ର, କଟକ ଜିଲ୍ଲା ପରିଷଦ ସଭାପତି କିଶୋରଚନ୍ଦ୍ର ମିଶ୍ର, ବ୍ଲକ ଅଧ୍ୟକ୍ଷା ସସ୍ମିତା ଜେନା, ସମିତିସଭ୍ୟ ନିର୍ମଳ ଜେନା, ସରପଞ୍ଚ ଗଦାଧର ସାହୁ, ଶୁଭ୍ରାଂଶୁ ଭୂଷଣ ମହାପାତ୍ର ପ୍ରମୁଖ ଗଜାନନଙ୍କ ପ୍ରତ୍ୟେକ ମେଢ଼ ଦର୍ଶନ କରିଥିଲେ। ଏହାସହ ପାଇକପଡ଼ାପଟଣା, ନିଜିଗଡ଼, ନୂଆପାଟଣା ସମେତ ଜିଲିଣ୍ଡା ବିଦ୍ୟାର୍ଥୀ କୋଚିଂ ସେଣ୍ଟର, ଆର୍ତ୍ତତ୍ରାଣ ୟୁଥ୍ କ୍ଲବ ନୂଆପାଟଣା ଓ ଗ୍ରାମରେ ଅନୁଷ୍ଠିତ ଗଣେଶ ପୂଜା ମଣ୍ଡପ ପରିଦର୍ଶନ କରିଥିଲେ। ସେହି ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ପରିଚାଳନା କରିଥିଲେ।

## ଦୁର୍ଘଟଣାରେ ଥାନା ଡ୍ରାଇଭର ଗୁରୁତର

ଭୁବନ, ୨୮।୮(ସମିସ): ଢେଙ୍କାନାଳ ଜିଲ୍ଲା ଭୁବନ ଥାନା ଡ୍ରାଇଭର୍ ପୁରୁଷୋତ୍ତମପୁର ଗ୍ରାମର ଲଳିତ ମିଶ୍ର ଡ୍ୟୁଟି ସାରି ବାଇକ୍ ଯୋଗେ ଘରକୁ ଫେରୁଥିବା ବେଳେ ଦୁର୍ଘଟଣାର ଶିକାର ହୋଇ ଗୁରୁତର ଆହତ ହୋଇଛନ୍ତି। ଭୁବନ ଏନ୍ଏସି



ଅନ୍ତର୍ଗତ ରଗଡ଼ି ଛକ ନିକଟରେ ବିପରୀତ ଦିଗରୁ ଆସୁଥିବା ବାଇକ୍ ସହ ଲଳିତଙ୍କ ବାଇକ୍ ମୁହାମୁହିଁ ଧକ୍କା ହୋଇଥିଲା। ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି।

## ଦୁର୍ଗାପୂଜା ପାଇଁ ମାଟି ଅନୁକୂଳ

ଭୁବନ, ୨୮।୮(ସମିସ): ଢେଙ୍କାନାଳ ଜିଲ୍ଲା ଭୁବନରେ ପ୍ରସିଦ୍ଧ ଦଶହରା ଦୁର୍ଗା ପୂଜା ପାଇଁ ମାଟି ଅନୁକୂଳ କରାଯାଇଛି। ଭୁବନର ଦେଶ ମେଢ଼ ସମେତ ୧୩ ଅନୁଷ୍ଠାନ ପକ୍ଷରୁ ମାଟି ଅନୁକୂଳ ହୋଇଛି। ଦେଶ ମେଢ଼ ପକ୍ଷରୁ ସୁସଜ୍ଜିତ ବଳଦକୁ ଗ୍ରାମ ପରିକ୍ରମା କରାଯାଇ ରଗଡ଼ିଠାରୁ ପୂଜାର୍ଚ୍ଚନା କରାଯାଇ ମାଟି ଅନୁକୂଳ କରାଯାଇଛି।

## ଯୋଗାଣ ମନ୍ତ୍ରୀଙ୍କ ପୂଜା ମଣ୍ଡପ ପରିଦର୍ଶନ

ଢେଙ୍କାନାଳ, ୨୮।୮(ସମିସ): ଢେଙ୍କାନାଳ ସଦର ବ୍ଲକ ଗୋବିନ୍ଦପୁର ମଣ୍ଡଳ ଅନ୍ତର୍ଗତ ଶୁଆଖାକାଟେଣୀ ପଞ୍ଚାୟତ ରଞ୍ଜା, କନ୍ଦପଡ଼ା, ଅସନାପାଟିଆ ପ୍ରଭୃତି ଗ୍ରାମରେ ଆୟୋଜିତ ଶ୍ରୀଗଣେଶଙ୍କ ପୂଜା ମଣ୍ଡପଗୁଡ଼ିକୁ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ପରିଦର୍ଶନ କରିବା ସହ ଅଞ୍ଚଳର ସମସ୍ୟା ଉପରେ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତି ରଞ୍ଜିତ ଭିଶାଲ, ନୃସିଂହ ମହାଲିକ, ରସାନନ୍ଦ ନାୟକ, ଦେବନାରାୟଣ ସାହୁ, ଅମର ଖିଲାର, ସାଗର ନାୟକ, ଚିଣ୍ଟୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ସାମାଜିକ ସାଂସ୍କୃତିକ ବିକାଶ ସଙ୍ଘ ପକ୍ଷରୁ ସହାୟତା

ଢେଙ୍କାନାଳ, ୨୮।୮(ସମିସ): କଙ୍କଡ଼ାହାଡ଼ ବ୍ଲକ କଣ୍ଟାପାଳ ପଞ୍ଚାୟତ ଗୋତମରା ଗ୍ରାମର ଶ୍ରୀକାନ୍ତ ବେହେରାଙ୍କ ଘର ଲଗାଣ ବର୍ଷାରେ ଭାଙ୍ଗି ଯାଇଥିଲା। ଶ୍ରୀକାନ୍ତ, ତାଙ୍କ ସ୍ତ୍ରୀ ଓ ତିନି ପିଲାଙ୍କ ସହ ଚଳିବା ପାଇଁ ଅସୁବିଧା ହେଉଥିବା ଖବର ପାଇ ଢେଙ୍କାନାଳ ସାମାଜିକ ସାଂସ୍କୃତିକ ବିକାଶ ସଂଘ ପକ୍ଷରୁ ସକ୍ରିୟ ସଦସ୍ୟ ସୌମ୍ୟା ମିଶ୍ର ତାଙ୍କୁ ଜରିପାଲ ଓ କିଛି ରାସନ୍ ସାମଗ୍ରୀ ପ୍ରଦାନ କରିଛନ୍ତି। ସାମାଜିକ ସାଂସ୍କୃତିକ ବିକାଶ ସଂଘ ଜିଲ୍ଲାର ବିଭିନ୍ନ ବ୍ଲକରେ ଲୋକଙ୍କ ଅସୁବିଧା ସମୟରେ ପହଞ୍ଚି ନିଜ ସାମର୍ଥ୍ୟ ଅନୁସାରେ ସାହାଯ୍ୟ କରିଥାଏ। ଯୋଗୀ ଓ ଦେବାଂଶୀ ରଣା ଏଥିପାଇଁ ସଂଘକୁ ସାହାଯ୍ୟ କରିଥିଲେ।

## ଢେଙ୍କାନାଳରେ କେନ୍ଦ୍ରମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା

ଢେଙ୍କାନାଳ, ୨୮।୮(ସମିସ): ଢେଙ୍କାନାଳ ବିଜେପି ତରଫରୁ ସ୍ଥାନୀୟ ସର୍କିଟ୍ ହାଉସ୍‌ଠାରେ ବୁଧବାର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। କେନ୍ଦ୍ରମନ୍ତ୍ରୀ ପ୍ରଧାନ ଦିନିକିଆ ଢେଙ୍କାନାଳ-ଅନୁଗୋଳ ଗସ୍ତରେ ଆସି ମଙ୍ଗଳବାର ସ୍ଥାନୀୟ ସର୍କିଟ୍ ହାଉସ୍‌ରେ ରାତ୍ରିଯାପନ କରିଥିଲେ। ସକାଳେ ଦଳୀୟ ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତା ପହଞ୍ଚି ଜିଲ୍ଲା ସଭାପତି ରାସବିହାରୀ ବେହେରାଙ୍କ ନେତୃତ୍ୱରେ ମନ୍ତ୍ରୀ ପ୍ରଧାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ ଓ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ବିଧାୟକ ବିଭୂତି ଭୂଷଣ ପ୍ରଧାନ, ଶତ୍ରୁଘ୍ନ ଜେନା, ପୂର୍ବତନ ମନ୍ତ୍ରୀ ନବୀନ ଚନ୍ଦ୍ର ନାରାୟଣ ଦାସ, ରାଷ୍ଟ୍ରୀୟ ସଦସ୍ୟ ପ୍ରେମାନନ୍ଦ ଜେନା, ନଗରପାଳ ଜୟନ୍ତୀ ପାତ୍ର, ପୂର୍ବତନ ଜିଲ୍ଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ପୂର୍ବତନ ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ପାତ୍ର, ଜିଲ୍ଲା ମିଡିଆ ସେଲ ପ୍ରଭାରୀ ନବକିଶୋର ଗୁରୁ, ଜିଲ୍ଲା ଉପସଭାପତି ମାତୃପ୍ରସାଦ ନନ୍ଦ, ଶିବପ୍ରସାଦ ସାହୁ, ସନାତନ ବେହେରା, ଜିଲ୍ଲା ସାଧାରଣ ସମ୍ପାଦକ ସୁନୀଲ ଶର୍ମା, ଜିଲ୍ଲା କୋଷାଧ୍ୟକ୍ଷ ସଞ୍ଜୀବ ମହାପାତ୍ର, ବରିଷ୍ଠ ନେତା ସୁରେଶ ପାଣିଗ୍ରାହୀ, ସରୋଜ ପଟ୍ଟନାୟକ, ନଗରମଣ୍ଡଳ ସଭାପତି ବିକାଶ ସାହୁ, କାଉନ୍‌ସିଲର ନିରୋଦ କୁମାର ସାହୁ, ସୂର୍ଯ୍ୟପ୍ରତାପ ରାଉତ, ପ୍ରତାପ ନାୟକ, ପ୍ରଦୀପ ମଲ୍ଲିକ, ବଳରାମ ସେଠୀ, ବିଭୂତି ଷଣ୍ଢ, ଜିଲ୍ଲା ଅନୁସୂଚିତ ଜାତି ସଭାପତି ଲକ୍ଷ୍ମୀଧର ଦଳେଇ, ଯୁବମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସତ୍ୟରଞ୍ଜନ ଭୂୟାଁ, ଅଞ୍ଜନ ପାଣି, ମିଲନ୍ ବେହେରା, କନିଷ୍କ ବେହେରା, ମନ୍ତ୍ରୀଙ୍କ ପୌର ପ୍ରତିନିଧି ସନ୍ତୋଷ ରାଉତ, ସାଂସଦଙ୍କ ପୌର ପ୍ରତିନିଧି ରୁଦ୍ରନାରାୟଣ ତ୍ରିପାଠୀ, ବରିଷ୍ଠ ନେତା ରମେଶ ଚନ୍ଦ୍ର ସାମଲ, ସୋନି ସାହୁ, ଅପର୍ଣ୍ଣା ରଥ, ଅଭୟ ନାୟକ, ସଞ୍ଜୟ ରାଉତ, ସଞ୍ଜୟ ଦାସ, ଚନ୍ଦନ ବେହେରା, ରମ୍ୟରଞ୍ଜନ ମହାପାତ୍ରଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

### କୃଷି ବିଜ୍ଞାନକେନ୍ଦ୍ର ଓ ଏମଏସ ସ୍ୱାମିନାଥନ ରିସର୍ଚ୍ଚ ଫାଉଣ୍ଡେସନ

# ଭାପୁର ମହିଳା କୃଷକ ଉତ୍ପାଦକ କମ୍ପାନୀ ସହ ଚୁକ୍ତିନାମା

ଢେଙ୍କାନାଳ, ୨୮।୮(ସମିସ)




ଢେଙ୍କାନାଳ ସଦର ବ୍ଲକ ବଳଦେବଜୀଉ ମହିଳା କୃଷକ ଉତ୍ପାଦକ କମ୍ପାନୀ ଲିମିଟେଡ୍ ସହିତ ଏମ୍ଏସ୍ ସ୍ୱାମୀନାଥନ ରିସର୍ଚ୍ଚ ଫାଉଣ୍ଡେସନ୍ ଓ ଢେଙ୍କାନାଳ କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆବାସୀୟ ଗ୍ରାମ ଜ୍ଞାନ କେନ୍ଦ୍ର ମାଧ୍ୟମରେ କିପରି କୃଷକମାନଙ୍କ କୃଷି ଜନିତ ସମସ୍ୟା ଓ ସେମାନଙ୍କ ଅଗ୍ରଗତି ହୋଇପାରିବ ସେ ସମ୍ପର୍କରେ ଚୁକ୍ତିନାମା ଅନୁଷ୍ଠିତ ହୋଇଛି। ଏଥିସହ ଅତିଥିଙ୍କ ଦ୍ୱାରା ଆବାସୀୟ ଗ୍ରାମ ଜ୍ଞାନ କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ଏହି ଚୁକ୍ତିନାମାରେ ବଳଦେବଜୀଉ ମହିଳା କୃଷକ ଉତ୍ପାଦକ କମ୍ପାନୀ ତରଫରୁ ଜ୍ୟୋତିର୍ମୟୀ ପ୍ରଧାନ, କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଡ. ସେଫାଳି ରାଉତ, ଏମ୍ଏସ୍ ସ୍ୱାମୀନାଥନ ରିସର୍ଚ୍ଚ ଫାଉଣ୍ଡେସନ୍ ତରଫରୁ ଡ. ରାଜକୁମାର ରାମାସ୍ୱାମୀ ଚୁକ୍ତିନାମାରେ ସ୍ୱାକ୍ଷର କରିଥିଲେ।

ବଳଦେବଜୀଉ ମହିଳା କୃଷକ ଉତ୍ପାଦକ କମ୍ପାନୀ ଗ୍ରାଣ୍ଟ୍‌ଥର୍ଣ୍ଟନ୍ ଭାରତ ଓ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ପରିବର୍ତ୍ତନ ଦ୍ୱାରା ପରିଚାଳିତ ସାମାଜିକ ଏବଂ ପରିବର୍ତ୍ତନଶୀଳ ଗ୍ରାମୀଣ ଅର୍ଥନୈତିକ ସଶକ୍ତୀକରଣ ପ୍ରକଳ୍ପ ଅଧୀନରେ ୨୦୨୩ ମେ ୪ରେ ଗଠନ ହୋଇଥିଲା। ଏଥିରେ ୩ ପଞ୍ଚାୟତର ୧୩ ଗ୍ରାମରୁ ୧୦୧୦ ଜଣ ମହିଳା ସେୟାର ହୋଲ୍‌ଡର ଭାବେ ଯୋଡ଼ି ହୋଇଛନ୍ତି। ଏହି କମ୍ପାନୀ ୨୦୨୪-୨୫ ଆର୍ଥିକ ବର୍ଷରେ ଏକ କୋଟି ୩୮ ଲକ୍ଷ ଟଙ୍କାର ବ୍ୟବସାୟ କରିବା ସହ ଇଟାଲିକୁ ୧୦୦ କ୍ୱିଣ୍ଟାଲ୍ ଆମ୍ବ ରପ୍ତାନୀ କରିଛି। ଏହି କମ୍ପାନୀଟି ଚାଷୀମାନଙ୍କୁ ଧାନ ବିହନ, ସାର ଯୋଗାଇ ଦେବା ସହ କୃଷି ବିଜ୍ଞାନ କେନ୍ଦ୍ର, କୃଷି ବିଭାଗ ଓ ଉଦ୍ୟାନ ବିଭାଗ ସହାୟତାରେ ଚାଷୀଙ୍କ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ କରିଆସୁଅଛି। କମ୍ପାନୀର ସୁ-ପରିଚାଳନାକୁ ଦେଖି ଢେଙ୍କାନାଳ କୃଷି ବିଜ୍ଞାନ କେନ୍ଦ୍ର, ଓଡ଼ିଶା କୃଷି ବୈଷୟିକ ମହାବିଦ୍ୟାଳୟ, ଏମ୍ଏସ୍ ସ୍ୱାମୀନାଥନ ରିସର୍ଚ୍ଚ ଫାଉଣ୍ଡେସନ. ସିଆର୍‌ଆର୍‌ଆଇ ଓ ନରୱେ ଆମ୍ବ୍ରାସି ମିଳିତ ସହଯୋଗରେ ଆଗାମୀ ୩ବର୍ଷ ପାଇଁ କ୍ଲାଇମେଟ୍ ରେଜିଲାନ୍ସ ଉପସ୍କେଲ ପ୍ରକଳ୍ପ ବଳଦେବଜୀଉ ମହିଳା କୃଷକ ଉତ୍ପାଦକ କମ୍ପାନୀର ୪ଟି ଗ୍ରାମରେ ଯଥା-ବେଗୁଆନପାଳ, ମହୁଲପୁଞ୍ଜି, ସିମିଳିପାଟଣା ଓ ହରିଡ଼ାପଶିରେ ଏହି ପ୍ରକଳ୍ପର କାର୍ଯ୍ୟକ୍ରମ କରାଯାଉଛି। ଏହି କ୍ଲାଇମେଟ୍ ରେଜିଲାନ୍ସ ଉପସ୍କେଲ୍ ପ୍ରକଳ୍ପର କାର୍ଯ୍ୟକ୍ରମ ଅନୁଧ୍ୟାନ କରିବା ପାଇଁ ଗୁରୁବାର ନରୱେ ଆମ୍ବ୍ରାସି ତରଫରୁ ଡ. ମେହେରତିପ୍ ତେସଫାଇ, ଡ. ଉଦୟ ଶେଖର ନଗଠୁ, ଏମ୍ଏସ୍ ସ୍ୱାମୀନାଥନ ଫାଉଣ୍ଡେସନ୍ ତରଫରୁ ଡ. ରାଜକୁମାର ରାମାସ୍ୱାମୀ, ବିଶ୍ୱରଞ୍ଜନ ସାହୁ, ଓଡ଼ିଶା କୃଷି ବୈଷୟିକ ମହାବିଦ୍ୟାଳୟ ତରଫରୁ ଡ. ଶ୍ରାବଣୀ ଦାସ, ଡ. ଅମିତ୍ ଫୋନଗଲସ୍, ଡ. ସୁଚିସ୍ମିତା ଜେନା, କୃଷି ବିଜ୍ଞାନ କେନ୍ଦ୍ର ଢେଙ୍କାନାଳ ତରଫରୁ ଡ. ଦିବ୍ୟସୁନ୍ଦର କର, ଡ. ସେଫାଳି ରାଉତ, ଡ. ରୋଜାଲିନ୍ ମହାନ୍ତ, ସଂଘମିତ୍ରା ସାହୁ, ଅଂଶୁମାନ୍ ସାହୁ, ଗ୍ରାଣ୍ଟ୍‌ଥର୍ଣ୍ଟନ୍ ଭାରତର କ୍ଲଷ୍ଟର ମ୍ୟାନେଜର ନାରାୟଣ ଖଟୁଆ, ବଳଦେବଜୀଉ ମହିଳା କୃଷକ ଉତ୍ପାଦକ କମ୍ପାନୀ ତରଫରୁ ସମସ୍ତ ବୋର୍ଡ ଅଫ୍ ଡାଇରେକ୍ଟରମାନଙ୍କ ଉପସ୍ଥିତିରେ ଭାପୁର କାର୍ଯ୍ୟାଳୟରେ ଚୁକ୍ତିନାମା ଅନୁଷ୍ଠିତ ହୋଇଥିଲା। ପରେ ଏହି ଟିମ୍‌ର ସମସ୍ତ ସଦସ୍ୟ ବେଗୁନିଆପାଳ ଗ୍ରାମ କୋଠଘରେ ୭୦ଜଣ ଚାଷୀଙ୍କ ଉପସ୍ଥିତିରେ ଏକ ବୈଠକ କରିବା ସହ ଗ୍ରାମରେ ହୋଇଥିବା ଛତୁଚାଷ, ଧାନଚାଷ, ଷ୍ଟ୍ରେଲିସ୍ ପଦ୍ଧତି ଦ୍ୱାରା କରାଯାଇଥିବା ପନିପରିବା ଚାଷ, ପ୍ରକଳ୍ପ ଅଧୀନରେ କରାଯାଇଥିବା ଲଙ୍କା ଚାଷ, ଡିଏସ୍‌ଆର୍ ଦ୍ୱାରା ଧାନଚାଷ ଇତ୍ୟାଦିକୁ ଅନୁଧ୍ୟାନ କରିଥିଲେ। ଏହି କ୍ଷେତ୍ର ପରିଦର୍ଶନ କାର୍ଯ୍ୟକ୍ରମକୁ ରାଜକୁମାର ପ୍ରଧାନ, ବିକାଶ ସାହୁ, ଶେକ୍ ଅବ୍‌ଦୁଲ୍ ସଫିକ୍ ପ୍ରମୁଖ ପରିଚାଳନା କରିଥିଲେ। ଜ୍ୟୋତିର୍ମୟୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଗଣପର୍ବ ଦଶହରା ପାଇଁ ମାଟି ଅନୁକୂଳ

**● ଭାଇଚାରା ମଧ୍ୟରେ ୬୫ ବର୍ଷରେ ପହଞ୍ଚିଛି ତରୁଣ ବଜାର ପୂଜା ପ୍ରତିଷ୍ଠାନ**



କାମାକ୍ଷାନଗର, ୨୮।୮(ସମିସ): ଗଣପର୍ବ ଦଶହରାକୁ ଆଉ ମାତ୍ର ମାସେ ବାକିଥିବା ବେଳେ ଏହାକୁ ନେଇ ଚଳଚଞ୍ଚଳ ହୋଇଛନ୍ତି ସହରର ବିଭିନ୍ନ ପୂଜା ପ୍ରତିଷ୍ଠାନ। ଦୁର୍ଗାପୂଜା ନିମନ୍ତେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ପାଇଁ ଗୁରୁବାର ମାଟି ଅନୁକୂଳ ହୋଇଛି। ସହରର ବହୁ ପୁରାତନ ତରୁଣବଜାର ପୂଜା ପ୍ରତିଷ୍ଠାନ ତରଫରୁ ସ୍ଥାନୀୟ ରେକୁଳା ନିକଟରେ ମାଟି ଅନୁକୂଳ କରାଯାଇଛି। ଦୀର୍ଘ ୬୫ ବର୍ଷ ଧରି ତରୁଣବଜାର ପୂଜା ପ୍ରତିଷ୍ଠାନ ଦୁର୍ଗାପୂଜା କରି ଆସୁଥିବା ବେଳେ ସହରର ଏକମାତ୍ର ପୂଜା ଅନୁଷ୍ଠାନ ଭାବେ ହିନ୍ଦୁ, ମୁସଲିମଙ୍କ ମଧ୍ୟରେ ଭାଇଚାରା ସହ ପୂଜା ଅନୁଷ୍ଠିତ ହୋଇ ଆସୁଛି। ତରୁଣ ବଜାରରେ ବହୁ ସଂଖ୍ୟାରେ ମୁସଲିମ ସମ୍ପ୍ରଦାୟର ବ୍ୟବସାୟୀ ରହିଥିବା ବେଳେ ମା'ଙ୍କ ମାଟିଅନୁକୂଳ କାର୍ଯ୍ୟକ୍ରମରେ ସମସ୍ତେ ଭାଇଚାରାର ସହ ପୂଜା କରିଥାନ୍ତି। ତରୁଣ ବଜାର ପୂଜା ପ୍ରତିଷ୍ଠାନ ସମ୍ପାଦକ ବିନୋଦ ବିହାରୀ ସେଠୀଙ୍କ ନେତୃତ୍ୱରେ ଶତାଧିକ ବ୍ୟବସାୟୀ ଶୋଭାଯାତ୍ରାରେ ଯାଇ ବାଜା, ବାଣ ରୋଷଣୀରେ ମା'ଙ୍କ ମୂର୍ତ୍ତି ନିର୍ମାଣ ପାଇଁ ମାଟି ଅନୁକୂଳ କରିଥିଲେ। ବଜାର ସଭାପତି ଦୁଷ୍ମନ୍ତ କୁମାର ନନ୍ଦ, କର୍ତ୍ତା ହିତେନ୍ଦ୍ରୀୟ ବିଶ୍ୱାଳ, ବ୍ୟବସାୟୀ ଅରସାଦ ଅହମ୍ମଦ, ଜୟକୃଷ୍ଣ ସାହୁ, ସରୋଜ ନାୟକ, ଅଜୟ କୁମାର ଶତପଥୀ ପ୍ରମୁଖ ସହଯୋଗ କରିଥିଲେ।

## ମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଉଦଘାଟନ



ଢେଙ୍କାନାଳ, ୨୮।୮(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ସନ୍ଥପୁର ପଞ୍ଚାୟତରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ରାଜ୍ୟ ସରକାରଙ୍କ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ହୋଇଥିବା ଶ୍ରୀ ଜଗନ୍ନାଥ ମନ୍ଦିର ଚାରଣ ମଣ୍ଡପ, ଶିବ ମନ୍ଦିର ଯଜ୍ଞ ମଣ୍ଡପ, ଡାଳସିଂହ ମାର୍ଥାପୁରରେ ନିର୍ମାଣ ହୋଇଥିବା ଗୋଷ୍ଠୀ ଗୃହ ଆଦି ପ୍ରକଳ୍ପ ଉଦଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସହକାରୀ ବିଡିଓ ଏସ୍ ନୈବେଦ୍ୟଙ୍କ ସମେତ ଶତାଧିକ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ସାଂସଦଙ୍କ ଗଣେଶ ପୂଜା ପରିଦର୍ଶନ



ଭୁବନ, ୨୮।୮(ସମିସ): ଭୁବନ ଅଞ୍ଚଳରେ ଗଜାନନ ପୂଜା ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିଛି। ଗଣେଶ ପୂଜା ପାଇଁ ତାଳଚେର ରାଜ୍ୟରେ ପ୍ରସିଦ୍ଧି ଅର୍ଜନ କରିଥିବା ବେଳେ ବର୍ତ୍ତମାନ ଭୁବନ ଅଞ୍ଚଳର ଯୁବକମାନଙ୍କ ଦ୍ୱାରା ଆୟୋଜିତ ଗଣେଶ ପୂଜା ଓ ସୁସଜ୍ଜିତ ତୋରଣ ସହ ଆକର୍ଷଣୀୟ ମୂର୍ତ୍ତି ସ୍ୱତନ୍ତ୍ର ପରିଚୟ ତିଆରି କରିପାରିଛି। ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ଭୁବନ ଗସ୍ତରେ ଆସି ବିଭିନ୍ନ ପୂଜା ମଣ୍ଡପ ପରିଦର୍ଶନ କରିଛନ୍ତି। ଦୀର୍ଘ ୧୨ ବର୍ଷ ହେବ ରୟାଲିଆନ୍ସର୍ସ କ୍ଲବ ପକ୍ଷରୁ ଏଠାରେ ପୂଜା ଆୟୋଜନ ହେଉଥିବା ବେଳେ ଚଳିତବର୍ଷ ନିର୍ମିତ ହୋଇଥିବା ଭବ୍ୟ ରାମମନ୍ଦିର ସଦୃଶ ତୋରଣ ଓ ରାମଲାଲାଙ୍କ ମୂର୍ତ୍ତିକୁ ସାଂସଦ ପ୍ରଶଂସା କରିଥିଲେ। ୩୦ ଲକ୍ଷ ଟଙ୍କା ବ୍ୟୟରେ ୧୦୦ ଜଣ ସ୍ଥାନୀୟ କଳାକାରଙ୍କ ଦ୍ୱାରା ଏହି ତୋରଣ ନିର୍ମାଣ କରାଯାଇଛି। ଉଦଳା ଅଞ୍ଚଳର କାରିଗର ରାମଲାଲାଙ୍କ ମୂର୍ତ୍ତି ନିର୍ମାଣ କରିଛନ୍ତି।

## ମଢ଼ି ମହିମା ପୀଠରେ ନୂଆଖାଇ ପାଳିତ

କାମାକ୍ଷାନଗର, ୨୮।୮(ସମିସ): କାମାକ୍ଷାନଗର ମଢ଼ି ମହିମା ପୀଠରେ ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ନୂଆଖାଇକୁ ଧର୍ମୀୟ ଭାବନା ଓ ଭକ୍ତିର ସହ ନବାନ୍ନ ଖାଇ ପାଳିଛନ୍ତି ସାଧୁସନ୍ଥ। ମହିମା ଧର୍ମର ଭାଦ୍ରବ ମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ହୋଇଥାଏ ନବାନ୍ନ ଭୋଗ। କାମାକ୍ଷାନଗର ଆଖପାଖ ଅଞ୍ଚଳରୁ ମହିମା ଧର୍ମର ସାଧୁସନ୍ଥଙ୍କ ସମେତ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଥାଏ ଏଠାରେ। ପାଞ୍ଚ ଧାମ ମଧ୍ୟରୁ କାମାକ୍ଷାନଗର ମଢ଼ିସାହିରେ ଥିବା ମହିମା ପୀଠ ଅନ୍ୟତମ। ଏଠାରେ ମହିମା ଧର୍ମାବଲମ୍ବୀମାନେ ବେଶ୍ ଆନନ୍ଦ ଓ ଉଦ୍ଦୀପନା ସହ ନୂଆଖାଇ ପାଳନ କରିଛନ୍ତି। ପୀଠର ଅନ୍ୟତମ ପରମ୍ପରା ହେଉଛି ନୂଆଖାଇର ପ୍ରଥମ ନବାନ୍ନ ପ୍ରସ୍ତୁତ କରାଯାଇ ଜାତି ଓ ବିଶ୍ୱଶାନ୍ତି ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥାଏ। ବ୍ରାହ୍ମ ମୁହୂର୍ତ୍ତରୁ ପ୍ରଭୁ ଅଲେଖ ସ୍ୱାମୀଙ୍କ ପୂଜାର୍ଚ୍ଚନା କରାଯାଇଥାଏ। ବର୍ଷର ପ୍ରଥମ ଶସ୍ୟରୁ ଚୁଡ଼ା ପ୍ରସ୍ତୁତ କରାଯାଇ ପଞ୍ଚାମୃତ ସହ ନବାନ୍ନ ପ୍ରସ୍ତୁତ ହୋଇଥାଏ। ଘର ଦ୍ୱାର ଲିପାପୋଛା ଓ ସଫାସୁତୁରା କରିଥାନ୍ତି।



ନିତ୍ୟକର୍ମ ପରେ ନୂତନ ବସ୍ତ୍ର ପରିଧାନ କରି ନବାନ୍ନ ଖାଇବା ପାଇଁ ମହିମାଗାଦିରେ ପହଞ୍ଚିଥାନ୍ତି। ଶୂନ୍ୟପ୍ରଭୁଙ୍କ ପାଖରେ ନବାନ୍ନ ଅର୍ପଣ ପରେ ଏକାଠି ବସି ଭାଇଚାରାର ସହ ନବାନ୍ନ ଖାଇ ନୂଆଖାଇ ପାଳନ କରିଛନ୍ତି। ଢେଙ୍କାନାଳ ଜିଲ୍ଲା ଯୋରନ୍ଦାସ୍ଥିତ ମୁଖ୍ୟଧାମ ମହିମା ଗାଦିରେ ପ୍ରଥମେ ନୂଆଖାଇ ପାଳନ ପରେ ମଢ଼ିସାହିରେ ପୂଜାର୍ଚ୍ଚନା ପରେ ଏକ ମାଟି ପାତ୍ରରେ ଅମୋଣିଆ ଭୋଗରେ ନବାନ୍ନ ପ୍ରସ୍ତୁତ କରି ଅଲେଖ ମହିମାଙ୍କ ଉଦ୍ଦେଶ୍ୟରେ ଅର୍ପଣ କରାଯାଏ। ପରେ ସାଧୁସନ୍ଥମାନେ ବିଶ୍ୱର କଲ୍ୟାଣ ଓ ଚଳିତ ବର୍ଷ ଯଥେଷ୍ଟ ଖାଦ୍ୟଶସ୍ୟ ପ୍ରାପ୍ତି ନିମନ୍ତେ ଅଲେଖ ଡାକ ଦେଇଥାନ୍ତି। ସମସ୍ତ ସାଧୁଭକ୍ତ ଏକାଠି ହୋଇ ନବାନ୍ନ ଭକ୍ଷଣ କରି ନୂଆଖାଇ ପାଳନ କରିଥାନ୍ତି।

# ଜିଲ୍ଲାସ୍ତରୀୟ ତାଏକ୍ୱୋଣ୍ଡୋ ପ୍ରତିଯୋଗିତା

ଢେଙ୍କାନାଳ, ୨୮।୮(ସମିସ)



ଢେଙ୍କାନାଳ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଓ ଆମେଚର ତାଏକ୍ୱୋଣ୍ଡୋ ଆସୋସିଏସନ ମିଳିତ ଆନୁକୂଲ୍ୟରେ ସରକାରୀ ବିଦ୍ୟାଳୟସ୍ତରୀୟ ତାଏକ୍ୱୋଣ୍ଡୋ ପ୍ରତିଯୋଗିତା ସ୍ଥାନୀୟ ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ବିନୀତା ସେନାପତି ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିବା ସହ ତାଏକ୍ୱୋଣ୍ଡୋ କ୍ରୀଡ଼ା ବିଦ୍ୟାଳୟ ସମୂହରେ ସାମିଲ ହୋଇ ବହୁ ପ୍ରସିଦ୍ଧି ଲାଭ କରିବା ସହ ଗତ ବର୍ଷ ୪ଟି ପଦକ ହାସଲ କରିଥିବାରୁ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ତାଏକ୍ୱୋଣ୍ଡୋର ଉନ୍ନତି ନିମନ୍ତେ ମାଷ୍ଟର ଇଂ ସୌମ୍ୟବ୍ରତ ସାହୁଙ୍କ ଉଦ୍ୟମ ଓ ଉତ୍ସାହକୁ ପ୍ରଶଂଶା କରିଥିଲେ। ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମନୋଜ ରଞ୍ଜନ ଦଳେଇ ଯୋଗଦେଇ ଏହି କ୍ରୀଡ଼ାର ଆହୁରି ପ୍ରସାରପ୍ରଚାର ପାଇଁ ମତ ପ୍ରଦାନ କରିଥିଲେ। ଆମେଚର ତାଏକ୍ୱୋଣ୍ଡୋ ସଂଘ ସମ୍ପାଦକ ତଥା ଜାତୀୟସ୍ତରର କୋଚ୍ ୪ର୍ଥ ଡାନ୍ ବ୍ଲାକ ବେଲ୍ଟ ମାଷ୍ଟର ଇଂ ସୌମ୍ୟବ୍ରତ ସାହୁ ମୁଖ୍ୟ ରେଫେରି ଦାୟିତ୍ୱ ବହନ କରିବା ସହ ବିଦ୍ୟାଳୟରେ ତାଏକ୍ୱୋଣ୍ଡୋକୁ କିଭଳି ଆହୁରି ଅଧିକ ଗୁରୁତ୍ୱ ଦିଆଯିବ ସେ ନେଇ ବ୍ଲକସ୍ତରୀୟ ଶିକ୍ଷକ ପ୍ରଶିକ୍ଷଣ ଶିବିର କରିବାକୁ ପ୍ରସ୍ତାବ ଦେଇଥିଲେ। ଏହାକୁ ଶିକ୍ଷା ବିଭାଗ ପକ୍ଷରୁ ସ୍ୱାଗତ କରାଯାଇଛି। ଭାରପ୍ରାପ୍ତ ଶାରୀରିକ ଶିକ୍ଷା ନିରୀକ୍ଷକ ପ୍ରକାଶ ଚନ୍ଦ୍ର ବେହେରା ସ୍ୱାଗତ ଭାଷଣ ଦେବା ସହ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସାରା ରାଜ୍ୟରେ ପ୍ରଥମେ ୨୦୧୨ରୁ ଏହି ଖେଳ ବିଦ୍ୟାଳୟ ସ୍ତରରେ ପ୍ରଦର୍ଶନ ଭାବେ ମାଷ୍ଟର ଇଂ ସୌମ୍ୟବ୍ରତ ସାହୁଙ୍କ ପକ୍ଷରୁ ହୋଇଆସୁଥିବା ବେଳେ ଗତ ୪ ବର୍ଷ ହେଲା କେବଳ ଢେଙ୍କାନାଳ ଜିଲ୍ଲାରେ ଆନ୍ତଃ ବିଦ୍ୟାଳୟସ୍ତରୀୟ ତାଏକ୍ୱୋଣ୍ଡୋ ପ୍ରତିଯୋଗିତା ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଓ ଆମେଚର ତାଏକ୍ୱୋଣ୍ଡୋ ସଂଘ ମିଳିତ ଆନୁକୂଲ୍ୟରେ ପ୍ରତିବର୍ଷ ଆୟୋଜିତ ହୋଇ ବହୁ ପ୍ରତିଭାବାନ ଖେଳାଳିଙ୍କୁ ଉତ୍ସାହିତ କରାଯାଉଛି। ଏହି ସଫଳତା ପାଇବା ପରେ ଢେଙ୍କାନାଳ ଜିଲ୍ଲାର ବହୁ ଯୋଗଦାନ ରହିଥିବାରୁ ସମସ୍ତେ ଏହି ପ୍ରୟାସ ପାଇଁ ଉଚ୍ଚ ପ୍ରଶଂସା କରିଥିଲେ। ଏହି ପ୍ରତିଯୋଗିତାରେ ଢେଙ୍କାନାଳ ଜିଲ୍ଲାର ୧୪ ଓ ୧୭ ବର୍ଷ ବର୍ଗ ବାଳିକା ବିଭାଗରେ ୧୩ ଜଣ ଓ ବାଳକ ବିଭାଗରେ ୧୨ ଜଣ ସମୁଦାୟ ୨୫ଜଣ ପ୍ରତିଯୋଗୀ ବ୍ଲକରୁ ମନୋନୀତ ହୋଇ ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରୁ କୃତୀ ତଥା ଉତ୍କୃଷ୍ଟ କ୍ରୀଡ଼ା ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀ ଆଗାମୀ ଦିନରେ କେନ୍ଦୁଝର ଜିଲ୍ଲାରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗନେବେ। ଏହି ଚୟନ ପ୍ରକ୍ରିୟାରେ ରେଫରି ଭାବେ ସୁଚିସ୍ମିତା ବେହେରା, ଲୋପାମୁଦ୍ରା ସାହୁ, ରାଜେନ୍ଦ୍ର ବେହେରା, ଇନ୍ଦ୍ରଜିତ ସାହୁ, ପ୍ରତାପ ନାଏକ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟ କ୍ରୀଡ଼ା ଶିକ୍ଷକ ସଂଘ ସହ ସମ୍ପାଦକ ସୁବ୍ରତ କୁମାର ମିଶ୍ର, କ୍ରୀଡ଼ା ଶିକ୍ଷକ ଜଗନ୍ନାଥ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲା ବେଳେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସୁନିତାବାଳା ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଲେ ଯୋଗାଣ ମନ୍ତ୍ରୀ

ଢେଙ୍କାନାଳ, ୨୮।୮(ସମିସ): ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବୁଧବାର ଢେଙ୍କାନାଳରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। ଢେଙ୍କାନାଳ ନଗରଠାରେ ନବନିର୍ମିତ ସଦର ରାଜସ୍ୱ କାର୍ଯ୍ୟାଳୟକୁ ଜିଲ୍ଲା ପ୍ରଶାସନିକ ଅଧିକାରୀ ଓ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରିଥିଲେ। କୃଷିଭିତ୍ତିକ ଗଣପର୍ବ ନୂଆଖାଇ ଉପଲକ୍ଷେ ସ୍ଥାନୀୟ ପୁରୁଣା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ସିଏମ୍ କିଷାନ୍ ତୃତୀୟ କିସ୍ତିର ସହାୟତା ରାଶି ପ୍ରଦାନ ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମଧ୍ୟାହ୍ନରେ ଢେଙ୍କାନାଳ ଆଇନ ମହାବିଦ୍ୟାଳୟରେ ପ୍ରଭୁ ଗଣେଶଙ୍କ ପୂଜାରେ ଯୋଗଦେଇ ପୁଷ୍ପାଞ୍ଜଳି ପ୍ରଦାନ କରିଥିଲେ। ଅପରାହ୍ନରେ ଭାଲିଆ ବୋଲକାଟେଣୀ ପଞ୍ଚାୟତ ଗୋହିରାଖାଲ ଗ୍ରାମ ପୂଜା ମଣ୍ଡପ, ସପ୍ତଶଯ୍ୟା ପଞ୍ଚାୟତ ବଡ଼ଗିଲା, ସଦେଇବେରେଣୀ ଗ୍ରାମ ପୂଜା ମଣ୍ଡପ, ନାଗିଆପଶି ଓ ବିରାଡ଼ିଆ ପଞ୍ଚାୟତର ବିଭିନ୍ନ ପୂଜା ମଣ୍ଡପ ପରିଦର୍ଶନ କରିଥିଲେ। ସନ୍ଧ୍ୟାରେ ଢେଙ୍କାନାଳ ସହରର ପୂଜା ମଣ୍ଡପ ବୁଲିଥିଲେ।

ଗୁରୁବାର ସକାଳ ୮ଟାରେ ସ୍ଥାନୀୟ ହନୁମାନବାଟିକାସ୍ଥିତ ଚା' ଖଟିରେ ପହଞ୍ଚି ଉପସ୍ଥିତ ବୁଦ୍ଧିଜୀବୀଙ୍କ ସହ ଢେଙ୍କାନାଳର ବିକାଶ ଉପରେ ଆଲୋଚନା କରିଥିଲେ। ପୂର୍ବାହ୍ନ ୧୧ଟାରେ ସଦର ବ୍ଲକ ସପ୍ତଶଯ୍ୟାଠାରେ ପ୍ରତିଷ୍ଠିତ ଇଣ୍ଡାକ୍ସ ସ୍ପିରିଟ୍ ପ୍ରାଇଭେଟ୍ ଲିମିଟେଡ୍ କାରଖାନାରେ ଆୟୋଜିତ ଏକ ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଅଞ୍ଚଳର ୩୬ଜଣ ଅନୁସୂଚିତ ଜନଜାତି ଯୁବକ ଯୁବତୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ କାରଖାନାର ପରିଚାଳନା ନିର୍ଦ୍ଦେଶକ ଆକାଶ ଅଗ୍ରୱାଲ, ଅଧ୍ୟକ୍ଷ ପ୍ରକାଶ କୁମାର ରାଉତ, ନିର୍ଦ୍ଦେଶକ ପ୍ରକାଶ ନାୟକଙ୍କ ସମେତ ସ୍ଥାନୀୟ ଜନପ୍ରତିନିଧି ଓ ନେତୃବୃନ୍ଦ ଉପସ୍ଥିତ ଥିଲେ। ମଧ୍ୟାହ୍ନରେ ମନ୍ତ୍ରୀ ପାତ୍ର ଗଁଦିଆ ବ୍ଲକ ଡାଳସିଂହା ମାର୍ଥାପୁର ଗ୍ରାମରେ ଏକ ଗୋଷ୍ଠୀ କେନ୍ଦ୍ର,



ଏରନ୍ଦା ଗ୍ରାମରେ ଶିବପାର୍ବତୀ ମନ୍ଦିର ଯଜ୍ଞ ମଣ୍ଡପ ଓ ସନ୍ଥପୁରରେ ଚାରଣ ମଣ୍ଡପ ଉଦ୍‌ଘାଟନ କରିଥିଲେ। ଅପରାହ୍ନରେ ସଦର ବ୍ଲକ କନ୍ଦପଡ଼ା, ରଞ୍ଜା ଓ ଗଁଦିଆ ବ୍ଲକ ଲତାଦେଇପୁରରେ ପୂଜା ମଣ୍ଡପଗୁଡ଼ିକ ବୁଲି ଦେଖିବା ସହ ସ୍ଥାନୀୟ ଜନସାଧାରଣଙ୍କ ସହିତ ଅଞ୍ଚଳର ଉନ୍ନୟନ କାର୍ଯ୍ୟ ଓ ସମସ୍ୟା ବାବଦରେ ଆଲୋଚନା କରିଥିଲେ। ସନ୍ଧ୍ୟାରେ ଖଣ୍ଡବନ୍ଧ ମହୋତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଭୁବନେଶ୍ୱର ଫେରିଛନ୍ତି।

# ଶିକ୍ଷକଙ୍କୁ ଓଡ଼ିଶା ଆଇକନ ଆୱାର୍ଡ




ରମ୍ଭା,୨୮।୮(ସମିସ): ମଙ୍ଗଳବାର ଦିନ ସେଣ୍ଟର ଫର ଏଜୁକେସନାଲ ଡେଭଲପମେଣ୍ଟ ଫାଉଣ୍ଡେସନ ଏବଂ ନୀତି ଆୟୋଗର ମିଳିତ ସହଯୋଗରେ ୨୬ ଅଗଷ୍ଟ ୨୦୨୫ରେ ଭୁବନେଶ୍ୱର ସ୍ଥିତ ଜୟଦେବ ଭବନରେ ଏହାର ୧୭ତମ ଶିକ୍ଷା ସମ୍ମିଳନୀ ଆୟୋଜନ କରାଯାଇଥିଲା। ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଶିକ୍ଷା କ୍ଷେତ୍ରରେ ବିଶିଷ୍ଟ ଅବଦାନ ରଖୁଥିବା ଶିକ୍ଷକମାନେ ଏଠି ଯୋଗ ଦେଇଥିଲେ। ଏନସିଇଆରଟିର ପୂର୍ବତନ ନିର୍ଦ୍ଦେଶକ, ଡକ୍ଟର ହୃଷୀକେଶ ସେନାପତି ଓ ଡକ୍ଟର ଶଙ୍କର ଗୋଏଙ୍କା, ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ। ଏକାମ୍ର ବିଧାୟକ ବାବୁ ସିଂହ, ମୁଖ୍ୟ ଅତିଥି ଓ ସ୍ମୃତି ପଟ୍ଟନାୟକ, ବିଜେପି ନେତ୍ରୀ, କଟକ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଜାତୀୟ ଶିକ୍ଷା ନୀତି-୨୦୨୦ର ସଫଳ ପ୍ରୟୋଗରେ ଶିକ୍ଷକଙ୍କ ଭୂମିକା ବିଷୟରେ ଆଲୋକପାତ କରିଥିଲେ। ସିବିଏସଇ ସହୋଦୟ ସ୍କୁଲ କମ୍ପ୍ଲେକ୍ସ, ପୂର୍ବ ଓଡ଼ିଶା ଅଧ୍ୟକ୍ଷ ଏବଂ କାର୍ଯ୍ୟନିର୍ବାହୀ ପରିଷଦର ସଦସ୍ୟ ଡକ୍ଟର ପ୍ରିୟଦର୍ଶୀ ନାୟକଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସେ ଏକାଧାରରେ ଜଣେ ଆଦର୍ଶ ଶିକ୍ଷକ, ଯୁବ କବି ଓ ସୁବକ୍ତା ଭାବରେ ଏହି ଅଞ୍ଚଳରେ ପରିଚିତ।

# ଜିଆର୍‌ଏସ୍ ପରୀକ୍ଷା ହୋଇ ବର୍ଷେ ବିତିଲା; ଫଳ ବାହାରୁ ନଥିବାରୁ ଅସନ୍ତୋଷ

ପାରଳାଖେମୁଣ୍ଡି,୨୮।୮(ସମିସ): ଗଜପତି ଜିଲ୍ଲା ପରିଷଦ କାର୍ଯ୍ୟାଳୟ ପକ୍ଷରୁ ଚିଠି ନଂ.୨୨୬୦ ତା-୨୮।୮।୨୪ରେ ଗ୍ରାମ ରୋଜଗାର ସେବକ (ଜି.ଆର୍.ଏସ୍.) ପଦବୀ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ସମୁଦାୟ ୯୯ଟି ପଦ ପାଇଁ ଆବେଦନର ତାରିଖ ୨୯।୮ରୁ ୩୦।୯।୨୪ ବୋଲି ବିଜ୍ଞାପନରେ ଦର୍ଶାଯାଇଥିଲା। ଯାହାକୁ ନେଇ ଜିଲ୍ଲାର ହଜାର ହଜାର ସଂଖ୍ୟାରେ ବେକାର ଯୁବକ ଯୁବତୀ ବହୁ ଆଶା ନେଇ ଆବେଦନ କରିଥିଲେ। କିନ୍ତୁ ପଦ୍ମ ଘୁଞ୍ଚି ଘୁଞ୍ଚି ଗଲାଭଳି ବିଜ୍ଞପ୍ତିର ବର୍ଷକ ପରେ ମଧ୍ୟ ଫଳ ପ୍ରକାଶ ପାଇନଥିବାରୁ ଆବେଦନକାରୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ୯୯ ଟି ପଦ(ପୁରୁଷ ୬୬ ଓ ୩୩ ମହିଳା)ଙ୍କ ପାଇଁ ପଦବୀ ରହିଥିବା ବେଳେ ଅଣସଂରକ୍ଷିତ ବର୍ଗର ପୁରୁଷ ୪୩, ମହିଳା ୨୧, ଏସ୍‌ସିବିସି ପାଇଁ ଗୋଟିଏ ପୁରୁଷ ଗୋଟିଏ ମହିଳା, ଏସି ପାଇଁ ୯ଟି ପୁରୁଷ ୪ଟି ମହିଳା, ଏସଟି ବର୍ଗଙ୍କ ପାଇଁ ୧୩ ଟି ପୁରଷ ଓ ୭ଟି ମହିଳା ସଂରକ୍ଷିତ ଥିଲା। ଏହି ସଂରକ୍ଷଣ ବ୍ୟବସ୍ଥା ମଧ୍ୟରେ କ୍ରୀଡ଼ାବିତ୍‌ଙ୍କ ପାଇଁ ଗୋଟିଏ, ଅବସରପ୍ରାପ୍ତ କର୍ମଚାରୀଙ୍କ ପାଇଁ ୩ ଟି, ଦିବ୍ୟାଙ୍ଗ ପାଇଁ ୪ଗୋଟି ପଦବୀ ପ୍ରାଥମିକତା ଭିତ୍ତିରେ ରହିଥିଲା। କିନ୍ତୁ ବର୍ଷେ ବିତିଯାଇଥିବାରୁ ଅନେକ ଆଶା, ଆକାଂକ୍ଷା ମଧ୍ୟରେ ରହିଯାଇଛି ଆବେଦନକାରୀଙ୍କ ଭାଗ୍ୟର ଡୋରୀ। କାରଣ ବେକାରୀ ସଂଖ୍ୟା ଦିନକୁ ଦିନ ବୃଦ୍ଧିପାଉଥିବା ବେଳେ ନିଯୁକ୍ତିର ବ୍ୟାପକ ଅଭାବ ଗଜପତି ଜିଲ୍ଲାରେ ଶିକ୍ଷିତ ଯୁବକ ଯୁବତୀଙ୍କ ଉପରେ ଚାପ ସୃଷ୍ଟି କରୁଥିବା ବେଳେ ସରକାରୀ ପଦବୀ ଖାଲି ଯୋଗୁଁ ହୀତାଧିକାରୀ ଜନହିତକର ଯୋଜନା ଗୁଡିକ ଶୀଘ୍ର ଓ ପ୍ରକୃତ ହୀତାଧିକାରୀ ପାଇପାରୁନାହାନ୍ତି। ଯେଉଁ ସରକାରୀ କର୍ମଚାରୀ ମଧ୍ୟ କାମ କରୁଛନ୍ତି କର୍ମଚାରୀଙ୍କ ଅଭାବରୁ ସେମାନେ ଚାପରେ ରହୁଛନ୍ତି। ତେବେ କୌଣସି ଏକ ନିଯୁକ୍ତି ବିଜ୍ଞପ୍ତି ସରକାରଙ୍କ ତରଫରୁ ପ୍ରକାଶ ପାଇବା ପରେ ଏହାକୁ ଶୀଘ୍ର କାର୍ଯ୍ୟକାରୀ କରିବା ଦାୟିତ୍ୱ ପ୍ରଶାସନର। କେଉଁଠି ନା କେଉଁଠି ସେ ପ୍ରଶାସନିକ ଅବହେଳା ହେଉ କି ଦୁର୍ବଳଦକ୍ଷତା ଯୋଗୁ ତୁରନ୍ତ ଏହି ବିଜ୍ଞପ୍ତି ଗୁଡିକୁ କାର୍ଯ୍ୟକାରୀ କରାଯାଇପାରୁନାହିଁ। ଯାହାଫଳରେ ଦାଦନ ଶ୍ରମିକ ପାଇଁ ସମଗ୍ର ରାଜ୍ୟରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଗଜପତି ଜିଲ୍ଲା ମନରେଗାରେ ନିଯୁକ୍ତି ପାଇବାକୁ ଥିବା ଗ୍ରାମ ରୋଜଗାର ସେବକ ପଦବୀ ବିଜ୍ଞପ୍ତି ପରେ ଏକ ବର୍ଷ ପୂରଣ ହୋଇଛି କିନ୍ତୁ ନିଯୁକ୍ତି ପତ୍ର ଆବେଦନକାରୀଙ୍କୁ ଚୟନ କରାଯାଇ ପ୍ରଦାନ କରାଯାଇନାହିଁ। ସମୟସୀମା ମଧ୍ୟରେ ନିଯୁକ୍ତି ପ୍ରଦାନ କରାଯାଉ ନଥିବାରୁ ବହୁ ଯୁବକ ଯୁବତୀ ଦାଦନ ଖଟିବା ପାଇଁ ରାଜ୍ୟ ତଥା ରାଜ୍ୟ ବାହାରକୁ ଯାଉଛନ୍ତି ବୋଲି ଆଲୋଚନା ହେଉଛି।

# ମଣ୍ଡପରେ ପୂଜା ପାଉଛନ୍ତି ଅଗ୍ରପୂଜ୍ୟ; ଜମୁଛି ଭିଡ଼

ପୋଲସରା,୨୮।୮(ସମିସ): ପୋଲସରା ସହର ସମେତ ବିଭିନ୍ନ ଅଞ୍ଚଳରେ ଅଗ୍ରପୂଜ୍ୟ ଗଣେଶଙ୍କ ପୂଜା ପାଳିତ ହୋଇଛି। ପୋଲସରା ଓ ଏହାର ଆଖପାଖ ଅଂଚଳରେ ପାଖାପାଖି ୫୦ରୁ ଊର୍ଦ୍ଧ ପୂଜା ମଣ୍ଡପରେ ବିଭିନ୍ନ ବେଶରେ ଗଜାନନ ପୂଜା ପାଉଛନ୍ତି। ପୋଲସରା ସହରର ରାଣୀପଡ଼ା ବଡ ସାହିରେ ମା'ମଙ୍ଗଳା ଯୁବକ ସଙ୍ଘ ତରଫରୁ ନିର୍ମିତ ୧୫ ଫୁଟ ଉଚ୍ଚତା ବିଶିଷ୍ଟ ଗଣେଶଙ୍କ ମୂର୍ତ୍ତି ଦେଖିବାକୁ ଲୋକଙ୍କ ଭିଡ ଜମୁଛି। ସେହିପରି କଳମ୍ବ ସାହିରେ ମଧ୍ୟ ଇଣ୍ଡିଆ ଗେଟର ଅବିକଳ ନିର୍ମିତ ତୋରଣ ତାସହ ପୁରୁଣା ଥାନା ଛକ, ମିଲ୍ଲ ସାହି, ତୋଟା ସାହି, ଖଣ୍ଡିଆ ସାହି ରାଣୀପଡ଼ା ଦଣ୍ଡା ସାହି, ମେଡିକାଲ ଛକ, ବ୍ଲକ ଛକ ଓ ଆଖପାଖ ପଞ୍ଚାୟତରେ ମଧ୍ୟ ଲୋକଙ୍କ ଭିଡ ଦେଖିବାକୁ ମିଳୁଛି। ବିଶେଷ କରି ମନଶୀଳା ଓ ଉସ୍ତାପଡ଼ା ଗ୍ରାମରେ ବିଭିନ୍ନ ବେଶରେ ଗଣେଶଙ୍କ ମୂର୍ତ୍ତି ଦେଖିବାକୁ ସନ୍ଧ୍ୟାରେ ଲୋକଙ୍କ ଭିଡ ଜମୁଛି। ସେହିପରି ସମସ୍ତ ସରକାରୀ ଶିକ୍ଷାନୁଷ୍ଠାନରେ ପାରମ୍ପରିକ ରୀତିନୀତି ଅନୁସାରେ କୁନିକୁନି ଶିଶୁ ନିଜର ପ୍ରଥମ ଶିକ୍ଷା ଗ୍ରହଣ ପାଇଁ ଖଡ଼ି ଛୁଆଁ କାର୍ଯ୍ୟକ୍ରମ ମଧ୍ୟ ହୋଇଥିଲା।






**ଜଗନ୍ନାଥପ୍ରସାଦ:** ଜଗନ୍ନାଥପ୍ରସାଦ ସହରର ମୁଖ୍ୟ ବଜାର ବ୍ୟବସାୟୀ ସଙ୍ଘ, କଇଥସାହି, ବଡଦାଣ୍ଡ, କୁମ୍ଭାର ସାହି, ବ୍ଲକ ଛକ, ସ୍ଥାନୀୟ କଲେଜ, ଅଞ୍ଚଳର ବିଭିନ୍ନ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ମାନଙ୍କରେ ଗଣେଶଙ୍କ ମୃଣ୍ମୟ ମୂର୍ତ୍ତିକୁ ପୂଜାର୍ଚ୍ଚନା କରାଯାଇଛି। ସନ୍ଧ୍ୟାରେ ସ୍ଥାନୀୟ ସହରାଞ୍ଚଳ ଓ ବିଭନ୍ନ ସାହିର ପୂଜା ମଣ୍ଡପ ମାନଙ୍କରେ ଭଞ୍ଜନଗର ଉପଖଣ୍ଡ ଅଧିକାରୀ ଡ଼ଃ ଦୀପକ କୁମାର ମିଶ୍ର, ଥାନାଧିକାରୀ ପ୍ରମୋଦ କୁମାର ଲେଙ୍କା ବୁଲି ଦେଖିବା ସହ ବିସର୍ଜନ ସମୟରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ କହିଥିଲେ। ଚଳିତ ବର୍ଷ କଇଥ ସାହି ସିଦ୍ଧି ବିନାୟକ ପୂଜା କମିଟି ପକ୍ଷରୁ ପ୍ରସ୍ତୁତି କରା ଯାଇଥିବା ପୂଜା ମଣ୍ଡପଟି ରୋମାଞ୍ଚକର ରହିଛି। ଏହି ପୂଜାରେ ସାମ୍ବାଦିକ ଚନ୍ଦ୍ରକେତୁ ରାଉତ କର୍ତ୍ତା ଭାବେ କାର୍ଯ୍ୟ ତୁଲାଇଥିବା ବେଳେ କମିଟି ପକ୍ଷରୁ ଧବଳେଶ୍ୱର ବେହେରା, କେଳା ପ୍ରଧାନ, ବସନ୍ତ ପ୍ରଧାନ, ସୂର୍ଯ୍ୟମଣି ପ୍ରଧାନ, ସଞ୍ଜୟ ପ୍ରଧାନ, ତପନ କୁମାର ପ୍ରଧାନ, ନାରାୟଣ ପ୍ରଧାନ, ଆଶିଷ ପଟ୍ଟନାୟକ, ସୁନୀଲ କୁମାର ପ୍ରଧାନ, ରାଜା ପ୍ରଧାନ, ଜଗନ୍ନାଥ ଗୌଡ଼, ରବୀନ୍ଦ୍ର ପ୍ରଧାନ, କାହ୍ନୁ ଦଳେଇ, ଜିତେନ୍ଦ୍ର ମହାନ୍ତି, ରାଜାରାମ ପ୍ରଧାନ, ସାଗର ଡାକୁଆ, ସନ୍ତୋଷ ଗୁରୁ ଏବଂ ସମସ୍ତ ସଭ୍ୟ ସହଯୋଗ କରିଥିଲେ।

**କୁକୁଡ଼ାଖଣ୍ଡି:** କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ଲାଠୀ ଗାଁର ବିଭିନ୍ନ ସାହିରେ ଗଣେଷ ପୂଜା ଅନୁଷ୍ଠିତ ହୋଇଛି। ଗାଁର ଗୌଡ଼ ସାହି ଠାରୁ ଆରମ୍ଭ କରି ମଙ୍ଗଳବାର ସାହି, କଟକନଗର ସାହି, କୁମ୍ଭାର ସାହି, ପାଢ଼ୀ ସାହି, ବଡ଼ଦାଣ୍ଡ ସାହି, ନେଳିଆ ବନ୍ଧ ସାହି ଏବଂ ଦାସ ସାହିରେ ଗଣେଷଙ୍କ ମୃଣ୍ମୟ ପ୍ରତିମା ପୂଜା ପାଉଛନ୍ତି। ଗୌଡ଼ ସାହି ପୂଜା କମିଟି ପକ୍ଷରୁ ଦୀର୍ଘ ୧୦ବର୍ଷ ହେଲା ଏହି ପୂଜା ଅନୁଷ୍ଠିତ ହେଉଛି। ଅଜିତ କୁମାର ଗୌଡ଼ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପୂଜାରେ ସୁନୀଲ ଗୌଡ଼, ମନୋଜ ବିଶ୍ୱାଳ, ଶିବରାମ ବିଶ୍ୱାଳ, ମହେନ୍ଦ୍ର ଗୌଡ଼, ଜୟସେନ ଗୌଡ଼, ସନ୍ତୋଷ ଗୌଡ଼, ୱାର୍ଡ ସଭ୍ୟ ଜିଷ୍ଣୁ ଗୌଡ଼, ପପୁନୁ ଗୌଡ଼ ପ୍ରମୁଖ ସହଯୋଗ କରିଥିଲେ।

## ଗଛ ଲଗାଇ ଗଣେଶ ପୂଜା ପାଳିଲେ ବନାଞ୍ଚଳ ଅଧିକାରୀ



ସୋରଡ଼ା,୨୮।୮(ସମିସ): ବଡଗଡ଼ ବନାଞ୍ଚଳ ତରଫରୁ ରେଞ୍ଜର ଅଞ୍ଜନ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଗଣେଶ ଚତୁର୍ଥୀ ଏକ ଭିନ୍ନ ପ୍ରୟାସରେ ଅନୁଷ୍ଠିତ କରାଯାଇଛି। ଏହି ପୂଜା ଦ୍ୱାରା ଏକ ପେଡ ଗଣେଶ ଜି କେ ନାମ ୨.୦ ମାଧ୍ୟମ ରେ ଲୋକ ମାନଙ୍କୁ ବୃକ୍ଷରୋପଣ କରିବା ପାଇଁ ଅଭିନବ ଢ଼ଙ୍ଗରେ ବାର୍ତ୍ତା ଦେବାରେ ପ୍ରୟାସ କରିଥିଲେ। କାର୍ଯ୍ୟକ୍ରମରେ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ ଯୋଗ ଦେବା ସହ ଦକ୍ଷିଣ ଘୁମୁସର ଅତିରିକ୍ତ ବନଖଣ୍ଡ ଅଧିକାରୀ ପ୍ରଦୀପ କୁମାର ବେହେରା ଯୋଗ ଦେଇଥିଲେ। ଏହି ଅବସରରେ ବଡଗଡ ଠାରେ ବିଧାୟକ ନୀଳମଣି ବିଷୋୟୀ, ଦକ୍ଷିଣ ଘୁମୁସର ବନଖଣ୍ଡର ଅତିରିକ୍ତ ବନଖଣ୍ଡ ଅଧିକାରୀ ପ୍ରଦୀପ କୁମାର ବେହେରା ଆଦି ଯୋଗ ଦେଇଥିବା ବେଳେ ବଡ଼ଗଡ଼ ବନାଞ୍ଚଳ ଅଧିକାରୀ ଅଞ୍ଜନ କୁମାର ନାୟକଙ୍କ ଆୟୋଜନ କ୍ରମେ ନୂତନ ଦିଶା ଦେଇଥିବା ବେଳେ ଗିରିଜାନନ୍ଦନଙ୍କ ପୂଜା ପାଇଁ ଅଞ୍ଚଳ ଚଳଚଞ୍ଚଳ ହୋଇଉଠିଛି।








ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁରେ ଏକ ବସ୍ ଚା' ଦୋକାନକୁ ମାଡ଼ିଯିବାରୁ ଚା' ପିଉଥିବା ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା ଓ ଦୋକାନୀ ଗୁରୁତର ହୋଇଥିଲେ। କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ରାସ୍ତାରୋକ କରିଛନ୍ତି।

# ଦୁର୍ଗାପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ



ପାରଳାଖେମୁଣ୍ଡି,୨୮।୮(ସମିସ): ପାରଳାଖେମୁଣ୍ଡି ସ୍ଥିତ ରାଜଗୁରୁ ସାହି ଛକରେ ୫୧ ତମ ଦୁର୍ଗା ପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ ହୋଇଛି। ଦୁର୍ଗାପ୍ରସାଦ ବ୍ୟାୟାମଶାଳା ଆନୁକୁଲ୍ୟରେ ପ୍ରତ୍ୟେକ ବର୍ଷ ପରି ଚଳିତବର୍ଷ ମଧ୍ୟ ରୀତିନୀତି ସହ ଆକର୍ଷଣୀୟ ସାଜସଜ୍ଜାରେ ପୂଜା ପାଳନ ହେବ ବୋଲି କୁହାଯାଇଛି। ମା'ଙ୍କୁ ଅସ୍ଥାୟୀ ମଣ୍ଡପରେ ପ୍ରତିଷ୍ଠା କରି ଷଷ୍ଠୀରୁ ଦଶମୀ ପର୍ଯ୍ୟନ୍ତ ଏଠାରେ ପୂଜାର୍ଚ୍ଚନା କରାଯାଇଥାଏ। ଆଜି ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ବୀରବାଦ୍ୟର ବାଜଣାରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଥିଲା। ଏହି ଅବସରରେ ଆୟୋଜକଙ୍କ ପକ୍ଷରୁ ଅନ୍ନଭୋଗର ବ୍ୟବସ୍ଥା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଦୁର୍ଗାପୂଜା କମିଟି ସଭାପତି ନରେଶ ମହାରଣା, ଉପସଭାପତି ବିଜୟ ପ୍ରଧାନ, ସମ୍ପାଦକ ଚିତ୍ତରଞ୍ଜନ ଦାସ, ପ୍ରଶାନ୍ତ କୁମାର ପ୍ରଧାନ, ରମେଶ ଚନ୍ଦ୍ର ମହାରଣା, ସତ୍ୟନାରାୟଣ ସାହୁ ଓ ଜଗନ୍ନାଥ ପଣ୍ଡାଙ୍କ ସମେତ ବହୁ ସଂଖ୍ୟକ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

# ଡ୍ରେନ୍ ନିର୍ମାଣ କଲାଣି ଠିକାସଂସ୍ଥା; ଘରେ ପଶିଲା ପାଣି



ଫିରିଙ୍ଗିଆ,୨୮।୮(ସମିସ): ରାସ୍ତା ନିର୍ମାଣ ବେଳେ ଡ୍ରେନ କଥା ଭୁଲିଗଲା ଆର୍‌କେଡି ଠିକା ସଂସ୍ଥା। ଏଥିଯୋଗୁ ଅସରାଏ ବର୍ଷାରେ ହେଲେ ରାସ୍ତା ଉପରେ ପାଣି ଭାସିବା ଯୋଗୁଁ ରାସ୍ତା ତଳ ପଟେ ଥିବା ଘରେ ଆଣ୍ଠୁଏ ପାଣି ମାଡିଯାଇଛି। ଏଥିସହ ଘର ବାହାରେ ରାସ୍ତା କଡ଼ରୁ ମାଟି ଧୋଇ ଘର ଦୁଆରେ ଗଦା ହେଉଛି। ହଳଦୀ, ଅଦା ଏବଂ ବିନ୍‌ସି କ୍ଷେତରେ ପାଣି ମାଡ଼ିଯିବାରୁ ମାଟି ପୋତି ହୋଇ ଫସଲ ନଷ୍ଟ ହୋଇଛି। କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକର ପାଲାବୃଡ଼ି ଠାରୁ ପାଙ୍ଗା ଉପରସାହି ପଞ୍ଚାୟତ ଦେଇ ସାଡିଙ୍ଗିଆ ପର୍ଯ୍ୟନ୍ତ ଯାଇଥିବା ରାସ୍ତାର କଲାଡି ଗାଁରେ ଏଭଳି ଘଟିଛି। ଅର୍‌କେଡ଼ି ଠିକା ସଂସ୍ଥା ଦ୍ୱାରା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ କରାଯାଉଛି। ବାରମ୍ବାର ଅଭିଯୋଗ ପରେ ମଧ୍ୟ ଡ୍ରେନ ନିର୍ମାଣ ନ କରାଯିବାରୁ ବର୍ଷା ପାଣି ରାସ୍ତା ଉପର ଦେଇ କାଲାଡି ଗାଁର ଅନନ୍ତ କହଁରଙ୍କ ଘରେ ପ୍ରବେଶ କରିଥିଲା। ଘର ଭିତରେ ପାଣି ଜମା ହେବା ସହ ରାସ୍ତା କଡ଼ରୁ ମାଟି ଆସି ଘର ବାହାରେ ଗଦା ହୋଇଛି। ଅଦା, ହଳଦୀ ଓ ବିନସି ଚାଷ ଜମିରେ ପାଣି ଓ ମାଟି ମାଡିଯିବାରୁ ଫସଲ ନଷ୍ଟ ହୋଇଛି। ଡ୍ରେନ ନିର୍ମାଣ ପାଇଁ ଦାୟିତ୍ୱରେ ଥିବା ଯନ୍ତ୍ରୀ ଓ ଅରକେଡ଼ି ଠିକା ସଂସ୍ଥାକୁ ଲୋକେ ଜଣାଇଥିଲେ। କିନ୍ତୁ ସଂସ୍ଥା ତାହା ନ କରିବାରୁ ଏଭଳି ଅବସ୍ଥା ହୋଇଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ବାରମ୍ବାର ପାଣି ରାସ୍ତା ଉପରେ ପ୍ରବାହିତ ହେବା ଯୋଗୁ ସ୍ଥାୟିତ୍ୱ ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତୁରନ୍ତ ଏହି ରାସ୍ତା କଡରେ ଡ୍ରେନ ନିର୍ମାଣ ପାଇଁ ଦାବି ହେଉଛି।



# ନାଳରେ ପଡ଼ି ଫିଟ୍‌ସ ଆକ୍ରାନ୍ତଙ୍କ ମୃତ୍ୟୁ



ବାଲିଗୁଡ଼ା,୨୮।୮(ସମିସ): ବାଲିଗୁଡ଼ା ଥାନା ଉହାକିଆ ଗାଁରେ ଫିଟ୍‌ସ୍ ହେବା ପରେ ନାଳରେ ପଡି ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ଏଭଳି ଘଟଣାକୁ ନେଇ ଉହାକିଆ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

ମୃତ ବ୍ୟକ୍ତି ଜଣକ ସିଫନ ମଲିକ। ମୃତ ସିଫନ ତାଙ୍କ ଝିଅ ସହ ବିଲରେ କିଛି କାମ କରିବାକୁ ଯାଇଥିଲେ। କାମ ସରିବା ପରେ ଝିଅକୁ ଘରକୁ ପଠାଇ ବିଲ ପାଖରେ ଥିବା ନାଳରେ ଧୋଇ ହେବାକୁ ଯାଇଥିଲେ। କିନ୍ତୁ ଠିକ୍ ସେହି ସମୟରେ ଫିଡସ୍ ହେବାରୁ ନାଳ ଭିତରେ ପଡିଯାଇଥିଲେ। ବିଳମ୍ବ ହେବା ଯୋଗୁ ସିଫନଙ୍କ ଝିଅ ତାଙ୍କୁ ଖୋଜିବା ପାଇଁ ଆସିଲା ବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସମାଜସେବୀ ଅରୁଣ ବାବୁ ଖବର ପାଇ ବାଲିଗୁଡା ଅଗ୍ନିଶମ ବାହିନୀ ଓ ବାଲିଗୁଡ଼ା ପୁଲିସ୍‌କୁ ଖବର ଦେଇଥିଲେ। ଘଟଣା ସ୍ଥଳରେ ପୁଲିସ ପହଞ୍ଚି ମୃତଦେହ ଉଦ୍ଧାର କରି ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

### ମୁଖ୍ୟ ଚିକିତ୍ସାଳୟ ପୁରୁଣା କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା

# ସାଂସଦ ଓ ଯୁବ ଏକତା ମଞ୍ଚ ମଧ୍ୟରେ ଆଲୋଚନା ବିଫଳ

ଦେବଗଡ଼,୨୮।୮(ସମିସ): ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୋଠା ପରିବର୍ତ୍ତନ ପରଠାରୁ ସହରବାସୀଙ୍କ ମଧ୍ୟରେ ଦେଖା ଦେଇଥିବା ଅସନ୍ତୋଷ ଜନ ଆନ୍ଦୋଳନର ରୂପ ଧାରଣ କରିଛି। ସହର ମଧ୍ୟ ସ୍ଥଳରେ ଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସହର ଠାରୁ ୬ କିମି ନୂଆଁବାଲିରୋଡ଼ ମୌଜାକୁ ସ୍ଥାନାନ୍ତର ପରେ ପ୍ରାଥମିକ ଚିକିତ୍ସା ପାଇଁ ମଧ୍ୟ ଜନସାଧାରଣଙ୍କୁ ଅଯଥା ଖର୍ଚ୍ଚାନ୍ତ ହେବା ସହ ଅସୁରକ୍ଷିତ ପରିବେଶରେ ଯିବାକୁ ବାଧ୍ୟ ହେବାକୁ ପଡୁଛି। ଜରୁରୀକାଳୀନ ପ୍ରାଥମିକ ଚିକିତ୍ସା ଅଭାବରୁ ଏକ ମାସ ମଧ୍ୟରେ ଏକାଧିକ ବ୍ୟକ୍ତିଙ୍କ ମଧ୍ୟ ମୃତ୍ୟୁ ଘଟିଥିବା ଦେଖିବାକୁ ମିଳିଛି। ଫଳରେ ମୁଖ୍ୟ ଚିକିତ୍ସାଳୟ ପୁରୁଣା କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ଯୋଗାଇବା ଦାବି ହେଉଛି। ମାସାଧିକ କାଳ ମଞ୍ଚ ପକ୍ଷରୁ ଜିଲ୍ଲା ପ୍ରଶାସନ ଜରିଆରେ ଜିଲ୍ଲାବାସୀଙ୍କ ଦାବିକୁ ରାଜ୍ୟ ସରକାରଙ୍କ ଠାରେ ପହଞ୍ଚାଇ ଥିଲେ ମଧ୍ୟ ରାଜ୍ୟ ସରକାର ଅଣଦେଖା କରୁଛନ୍ତି। ଏହାର ପ୍ରତିବାଦରେ ଯୁବ ଏକତା ମଞ୍ଚ ପକ୍ଷରୁ ଗତ ୨୧ ତାରିଖ ୧୨ ଘଣ୍ଟିଆ ଦେବଗଡ ବନ୍ଦ ପାଇଁ



ଡାକରା ଦେଇଥିଲା। ବନ୍ଦ ଡାକରାକୁ ଜନସାଧାରଣଙ୍କ ସ୍ୱତଃ ସମର୍ଥନ ମିଳିଥିଲା। ଜିଲ୍ଲା ପ୍ରଶାସନ ପକ୍ଷରୁ ଉପଜିଲ୍ଲାପାଳ ପରୀକ୍ଷିତ ସାହୁ ଓ ଅତିରିକ୍ତ ଏସପି ଧୀରଜ ଚୋପଦାର ପହଞ୍ଚି ମଞ୍ଚର ଦାବିକୁ ଖୁବଶୀଘ୍ର ପୂରଣ ପାଇଁ ପ୍ରତିଶ୍ରୁତି ଦେବାରୁ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ତେବେ ସାଂସଦ ଧର୍ମେନ୍ଦ୍ରଙ୍କ ଆଜି ଦେବଗଡ ଗସ୍ତ କାର୍ଯ୍ୟକ୍ରମ ସୂଚନା ପାଇ ଯୁବ ଏକତା ମଞ୍ଚ ପକ୍ଷରୁ ଗତକାଲି ଗୋପାଳଜୀଉ ମନ୍ଦିରରେ ଜନସାଧାରଣଙ୍କ ନେଇ ସାଧାରଣ ସଭା ହୋଇଥିଲା। ବୈଠକରେ ମଞ୍ଚର ଆବାହକ ସଚ୍ଚିକାନ୍ତ ଦାଶ ଓ ସୁରଜିତ ମହାପାତ୍ରଙ୍କ ସମେତ ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ। ଆଜି ସ୍ଥାନୀୟ ସର୍କିଟ ହାଉସ ଠାରେ କେନ୍ଦ୍ର ମନ୍ତ୍ରୀଙ୍କୁ ସାକ୍ଷାତ କରି ପୌରାଞ୍ଚଳରେ ଦେଖା ଦେଇଥିବା ସ୍ୱାସ୍ଥ୍ୟ ସମସ୍ୟା ସମ୍ପର୍କରେ ଆଲୋଚନା କରି ଦାବିପତ୍ର ଦେବାର ନିଷ୍ପତ୍ତି ନେଇଥିଲେ। ନିଷ୍ପତ୍ତି ଅନୁଯାୟୀ ଆଜି ସାଂସଦଙ୍କ ସହ ମଞ୍ଚର ପ୍ରତିନିଧି ଆଲୋଚନା କରିଥିଲେ। ମାତ୍ର ଏହି ଆଲୋଚନା ଏକ ପ୍ରକାର ନିଷ୍ଫଳ ହୋଇଥିବା ମଞ୍ଚ ପକ୍ଷରୁ କ୍ଷୋଭର ସହ ସୂଚନା ଦିଆଯାଇଛି।

ସାଂସଦ ଶ୍ରୀ ପ୍ରଧାନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପୁରୁଣା କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ଯୋଗାଇବା ନେଇ କୌଣସି ସ୍ପଷ୍ଟ ଉତ୍ତର ନ ଦେଇ ଆଗକୁ ଚାଲୁ କରାଯିବ ବୋଲି କହି ଥିଲେ ମଧ୍ୟ କୌଣସି ନିର୍ଦ୍ଦିଷ୍ଟ ସମୟ ସୀମା କହି ନଥିଲେ। ଫଳରେ ଆଗାମୀ ଦିନରେ ଜିଲ୍ଲା ଯୁବ ଏକତା ମଞ୍ଚ ପକ୍ଷରୁ ପରବର୍ତ୍ତୀ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସୂଚନା ମିଳିଛି।

# ଚାଷୀଙ୍କୁ ସିଏମ୍ କିଷାନ ସହାୟତା ରାଶି ପ୍ରଦାନ



ଝାରସୁଗୁଡା,୨୮।୮(ସମିସ): କୃଷି ଭିତ୍ତିକ ଗଣପର୍ବ ନୂଆଁଖାଇ ଅବ୍ୟବହିତ ପୂର୍ବରୁ ବୁଧବାର ଗଣେଶ ଚତୁର୍ଥୀ ଅବସରରେ ଜିଲ୍ଲାର ୪୩,୯୮୩ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ସିଏମ୍ କିଷାନ ସମ୍ମାନ ନିଧି ସହାୟତା ରାଶି ପ୍ରଦାନ କରାଯାଇଛି। ଏଥି ସହିତ ଜିଲ୍ଲାର ୩୫୭ଜଣ ଭୂମିହୀନ ଚାଷୀଙ୍କୁ ମଧ୍ୟ ଯୋଜନା ଅନ୍ତର୍ଗତ ସହାୟତା ରାଶି ପ୍ରଦାନ କରାଯାଇଛି। ଝାରସୁଗୁଡା ଯାନ୍ତ୍ରିକ ବିଦ୍ୟାଳୟ ପ୍ରେକ୍ଷାଳୟରେ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ବିଧାୟକ ଟଙ୍କଧର ତ୍ରିପାଠୀ ଯୋଗ ଦେଇ କେନ୍ଦ୍ର ତଥା ରାଜ୍ୟ ସରକାର ଚାଷୀମାନଙ୍କ ଆୟକୁ ବହୁଗୁଣିତ କରିବା ପାଇଁ ତତ୍ପର ବୋଲି କହିଥିଲେ। ଚାଷୀଙ୍କ ସୁବିଧା ପାଇଁ ଜିଲ୍ଲାରେ ମଣ୍ଡିମାନଙ୍କର ଉନ୍ନତିକରଣ କରାଯାଉଥିବା ଉଲ୍ଲେଖ କରିବା ସହ ଜଳସେଚନ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ପାଇଁ ଇଣ୍ଟିଗ୍ରେଟେଡ ଇରିଗେସନ ପ୍ରୋଜେକ୍ଟ କାର୍ଯ୍ୟକାରୀ କରାଯିବ ବୋଲି ବିଧାୟକ କହିଥିଲେ। ଧାନ ବ୍ୟତୀତ ଅନ୍ୟ ଅର୍ଥକାରୀ ଫସଲ ଉତ୍ପାଦନ ପାଇଁ ଚାଷୀଙ୍କୁ ପରାମର୍ଶ ଦେଇଥିଲେ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ପ୍ରତିନିଧି ରଘୁନନ୍ଦନ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଓ ବରଗଡ଼ ସାଂସଦ ପ୍ରତିନିଧି ସୁନୀଲ ପଣ୍ଡା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ରାଜ୍ୟ ସରକାରଙ୍କ ପକ୍ଷରୁ ଭୁବନେଶ୍ୱର ଠାରେ ଆୟୋଜିତ ସିଏମ୍ କିଷାନ ସମ୍ମାନ ନିଧି ଯୋଜନାର ରବି ଫସଲ ୨୦୨୫-୨୬ ପାଇଁ ଚାଷୀଙ୍କୁ କିସ୍ତି ହସ୍ତାନ୍ତର କାର୍ଯ୍ୟକ୍ରମର ପ୍ରସାରଣ ସମସ୍ତେ ଆଭାସି ମାଧ୍ୟମରେ ଯାନ୍ତ୍ରିକ ବିଦ୍ୟାଳୟରେ ଦେଖିଥିଲେ। ଏହି ଅବସରରେ ଜିଲ୍ଲାର ପ୍ରତି ବ୍ଲକ୍‌ରୁ ଜଣେ ଲେଖାଏଁ ଚାଷୀଙ୍କୁ ପ୍ରତୀକାତ୍ମକ ଭାବେ ୨ ହଜାର ଟଙ୍କାର ଡମି ଚେକ ବିଧାୟକ ପ୍ରଦାନ କରିଥିଲେ।

ଏଥି ସହିତ ପ୍ରତି ବ୍ଲକ୍‌ରୁ ଜଣେ ଲେଖାଁଏ ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ ପରୀକ୍ଷା କାର୍ଡ ପ୍ରଦାନ କରିଥିଲେ। ବାୟ ଇନପୁଟ ପ୍ରଡକ୍ସନ ୟୁନିଟ ବାବଦକୁ କୋଲାବିରା ମାଁ ବୈଷ୍ଣବୀ ଏସ୍‌ଏଚଜିକୁ ୫ଲକ୍ଷ ଟଙ୍କା ଓ ଦଲକୀର ଜୟ ମାଁ ତାରିଣୀ ଏସ୍‌ଏଚଜିକୁ ୩୦ ହଜାର ଟଙ୍କାର ସହାୟତାରାଶି ପ୍ରଦାନ କରାଯାଇଥିବା ବେଳେ ସିଡ ମନିରିଭଲଭିଂ ଫଣ୍ଡ ବାବଦକୁ ୪ ଜଣଙ୍କୁ ୨୫ ହଜାର ଲେଖାଏଁ, ବଡମାଲର ଆଦି ଅନାଦି ଏସ୍‌ଏଚଜିକୁ ମିଲେଟ ଶକ୍ତି ଟିଫିନ ସେଣ୍ଟର ବାବଦକୁ ୫୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ଇଣ୍ଟିଗ୍ରେଟେଡ ଫାର୍ମିଂ ପାଇଁ ୨ ଜଣଙ୍କୁ ୧୦ ହଜାର ୨୫ଟଙ୍କା ଲେଖାଏଁ ଓ ଦୁଇ ଜଣକୁ ୬ହଜାର ୨ଶହ ୫୦ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରାଯାଇଛି। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ ନନ୍ଦ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରାକ ସୂଚନା ପ୍ରଦାନ କରିଥିଲେ।

# ସିଏମ୍ କିଷାନର ତୃତୀୟ କିସ୍ତି ପ୍ରଦାନ ପାଇଁ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ

ଦେବଗଡ଼,୨୮।୮(ସମିସ): ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷ ଠାରେ ବୁଧବାର ସିଏମ୍ କିଷାନ ଯୋଜନାର ତୃତୀୟ କିସ୍ତି ପ୍ରଦାନ ପାଇଁ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସିଏମ କିଷାନ ତୃତୀୟ କିସ୍ତି ପ୍ରଦାନ କାର୍ଯ୍ୟକ୍ରମକୁ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ସିଧାପ୍ରସାରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର ପ୍ରସାଦ ମିଞ୍ଜ ସମ୍ମାନିତ ଅତିଥି ଭାବେ, ସାଂସଦଙ୍କ ପ୍ରତିନିଧି ଅରୁଣ ସାହୁ, ବିଧାୟକଙ୍କ ପ୍ରତିନିଧି ଚନ୍ଦ୍ରଶେଖର ଭୁକ୍ତା, ଭାରପ୍ରାପ୍ତ ପୌରାଧକ୍ଷ ପ୍ରଜିତ ଭୋଜ, କୃଷି ବୈଜ୍ଞାନିକ କ୍ଷିରୋଦ ଚନ୍ଦ୍ର ବିଶ୍ୱାଳ, ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ



ଦେବାଶିଷ ଜଗଦେବ, ବ୍ଲକ୍ କୃଷି ଅଧିକାରୀ ମନୋଜ ମାରାଣ୍ଡି ଯୋଗ ଦେଇ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ।

ସିଏମ କିଷାନ ଯୋଜନାରେ ଦେବଗଡ ଜିଲ୍ଲାରୁ ୪୬,୬୮୮ଜଣ ଚାଷୀଙ୍କୁ ଡିବିଟି ମାଧ୍ୟମରେ ୨୦୦୦ ଟଙ୍କା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବହୁ ଚାଷୀ ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଝାରସୁଗୁଡ଼ାରେ ଖେଲୋ ଇଣ୍ଡିଆ କେନ୍ଦ୍ର ସ୍ଥାପନ ଦାବି

ଝାରସୁଗୁଡ଼ା,୨୮।୮(ସମିସ): ନୂଆଦିଲ୍ଲୀ ଜବାହରଲାଲ ନେହେରୁ ଷ୍ଟାଡିୟମ୍ କମ୍ପ୍ଲେକ୍ସରେ ରହିଥିବା ଯୁବ ବ୍ୟାପାର କ୍ରୀଡ଼ା ମନ୍ତ୍ରଣାଳୟର ଯୁଗ୍ମ ସଚିବ (ଖେଲୋ ଇଣ୍ଡିଆ) ଭିନିଲ କ୍ରିଷ୍ଣାଙ୍କୁ ରାଜ୍ୟ ହକି ସଂଘ ଓଡ଼ିଶାର ଉପାଧ୍ୟକ୍ଷ ଜୀବନ ମହାନ୍ତି ତାଙ୍କ କାର୍ଯ୍ୟାଳୟରେ ଭେଟିଛନ୍ତି। ଏହି ଅବସରରେ ଝାରସୁଗୁଡା ଜିଲ୍ଲାରେ ଖେଲୋ ଇଣ୍ଡିଆ କେନ୍ଦ୍ର ସ୍ଥାପନ କରିବାକୁ ଅନୁରୋଧ କରିଛନ୍ତି। ମହାନ୍ତି ମାଲିମୁଣ୍ଡାରେ ଅସମାପ୍ତ ଷ୍ଟାଡିୟମ୍ ନିକଟରେ ଏକ ଫୁଟବଲ୍ ଷ୍ଟାଡିୟମ, ଭଲିବଲ୍, ବକ୍ସିଂ ଏବଂ ସୁଟିଂ ଖେଲୋ ଇଣ୍ଡିଆ କେନ୍ଦ୍ର ସ୍ଥାପନ କରିବାକୁ ଯୁଗ୍ମ ସଚିବଙ୍କୁ ଅନୁରୋଧ କରିଥିଲେ। କଣ୍ଟାପାଲିରେ ହକି ଷ୍ଟାଡିୟମରେ ହକି ପ୍ରତି ଆଗ୍ରହୀ ଝାରସୁଗୁଡା ଛାତ୍ରମାନଙ୍କ ପାଇଁ ନୂତନ ହକି ଗ୍ରାଉଣ୍ଡ, ନବନିର୍ମିତ କାର୍ଯ୍ୟାଳୟ ଏବଂ ସମସ୍ତ ଆନୁଷଙ୍ଗିକ ସୁବିଧା ବିଷୟରେ ଶୁଣି ସେ ସନ୍ତୋଷ ପ୍ରକାଶ କରିଥିଲେ। ପ୍ରକାଶ ଯେ, ଭିନିଲ କ୍ରିଷ୍ଣା ଓଡ଼ିଶାରେ କ୍ରୀଡା କମିଶନର ଭାବେ କାର୍ଯ୍ୟ କରୁଥିବା ସମୟରେ ମାଲିମୁଣ୍ଡାରେ ନିର୍ମିତ ଷ୍ଟାଡିୟମ ପରିଦର୍ଶନ କରିଥିଲେ। ଦାବି ଅନୁଯାୟୀ, ଖେଲୋ ଇଣ୍ଡିଆ କେନ୍ଦ୍ର ନିର୍ମାଣ ପାଇଁ ସମସ୍ତ ପ୍ରକାରର ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ।

## ମହୁଲ ଗଛରୁ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ରିଆମାଳ,୨୮।୮(ସମିସ): ଦେବଗଡ଼ ଜିଲ୍ଲା ରିଆମାଳ ଥାନା ଅଧୀନ ଖଳିନାଳି ଗାଁରେ ଏକ ମହୁଲ ଗଛରୁ ଗୁରୁବାର ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ମୃତ ମହିଳା ରିଆମାଳ ଥାନା ମହୁଲଦର୍ହ ଗାଁର ବୈରାଗି ସମର୍ଥାଙ୍କ ସ୍ତ୍ରୀ ବାସନ୍ତି ସମର୍ଥା(୩୮) ବୋଲି ଜଣାପଡ଼ିଛି। ଗତ ୫ ଦିନ ହେଲା ସେ ନିଖୋଜ ଥିବା ବେଳେ ଆଜି ତାଙ୍କର ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ଘଟଣା ସ୍ଥଳରେ କଂସର ଫାଣ୍ଡି ଅଧିକାରୀ ସରୋଜ ପ୍ରଧାନ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ତାଙ୍କର ଗୋଟିଏ ପୁଅ, ଦୁଇ ଝିଅ ଅଛନ୍ତି। ମୃତକଙ୍କ ସ୍ୱାମୀ ବୈରାଗୀଙ୍କ ଘର ବିଜାନାଳୀ ଗାଁରେ ହୋଇଥିବା ବେଳେ ସେ ଘର ଜ୍ୱାଇଁ ଭାବେ ମହୁଲଦର୍ହରେ ରହୁଥିଲେ। ମାତ୍ର ଅଚାନକ ସ୍ତ୍ରୀ ନିଖୋଜ ଥିବା ବେଳେ ଖୋଜାଖୋଜି କରି ପାଇ ନ ଥିଲେ। ଆଜି ସକାଳୁ ଶବ ଚିହ୍ନଟ କରି ପୁଲିସକୁ ଖବର ଦେଇଥିଲେ।

## ରିଆମାଳ ବ୍ଲକ୍‌ର ବିଭିନ୍ନ ସ୍ଥାନରେ ଗଣେଶ ପୂଜା

କୁଣ୍ଢେଇଗୋଳା,୨୮।୮(ସମିସ): ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ୍ ଅଧୀନ ରେଙ୍ଗାଲ ବାହାଲ, ତେଲିମୁଣ୍ଡା ଓ ରିଆମାଳ ଠାରେ ବୁଧବାର ପ୍ରଭୁ ଶ୍ରୀଗଣେଶଙ୍କ ପୂଜା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ସରୋଜ ମାଝୀ ଓ ସମ୍ପାଦକ ପ୍ରତୀକ ସାହୁଙ୍କ ତତ୍ତ୍ୱାବଧାନରେ ରିଆମାଳ ଗଣେଶ ପୂଜା ଅନୁଷ୍ଠିତ ହୋଇଥିଲା। ଟିକେଶ୍ୱର୍ ନନ୍ଦ ପୁରୋହିତ କାର୍ଯ୍ୟ ସମ୍ପାଦନ କରିଥିଲେ। ସେହିପରି ରଞ୍ଜନ ବିଶି ପୂଜାର କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ସେହିପରି ତେଲିମୁଣ୍ଡା ଠାରେ ସଭାପତି ସଂକେତ ସନୋମ ପ୍ରଧାନ, ସମ୍ପାଦକ ସମ୍ବିତ ପ୍ରଧାନଙ୍କ ତତ୍ତ୍ୱାବଧାନରେ ପୂଜା ଅନୁଷ୍ଠିତ ହୋଇଥିବାବେଳେ ଲମ୍ବୋଦର ନାଏକ ପୂଜାର କର୍ତ୍ତା ହୋଇଥିଲେ। ଜିଲ୍ଲା ସ୍ତରୀୟ ନୃତ୍ୟ ପ୍ରତିଯୋଗିତାକୁ ସମାଜସେବୀ ଲୋକନାଥ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଡ.ଶ୍ରୀକାନ୍ତ ବିଶି ଓ ଡ.ସଞ୍ଜୟ ପାଣି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ହେମନ୍ତ ପ୍ରଧାନ ଓ ଚୈତନ୍ୟ ସାହୁ ବିଚାରକ କାର୍ଯ୍ୟ ସମ୍ପାଦନ କରିଥିଲେ। ମିଳନ ପ୍ରଧାନ, ଲକି ସାହୁ, ସୁନିଲ ନାୟକ, ମନୋଜ ସାହୁ, ସାଗର ସାହୁ ସହଯୋଗ କରିଥିଲେ। ଅନ୍ୟପକ୍ଷରେ ରେଙ୍ଗାଲବାହାଲ ଠାରେ ସଭାପତି ସବ୍ୟସାଚୀ ପ୍ରଧାନ ଓ ସମ୍ପାଦକ ନବୀନ ନାୟକଙ୍କ ତତ୍ତ୍ୱାବଧାନରେ ପୂଜା ଅନୁଷ୍ଠିତ ହୋଇଥିଲା। କେଦାର ପ୍ରଧାନ ପୂଜାର କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପ୍ରବୀର ଶତପଥୀ ପୁରୋହିତ କାର୍ଯ୍ୟ ସମ୍ପାଦନ କରିଥିଲେ।



# ଝାରସୁଗୁଡ଼ା ଜିଲ୍ଲାର ବିଭିନ୍ନ ସ୍ଥାନରେ ନୂଆଁଖାଇ

ଝାରସୁଗୁଡ଼ା,୨୮।୮(ସମିସ): ପଶ୍ଚିମ ଓଡ଼ିଶାରେ ନୂଆଁଖାଇର ରହିଛି ଅନେକ ସ୍ୱତନ୍ତ୍ରତା। ବର୍ତ୍ତମାନ ସମୟରେ ପରିବାର ପରିଜନଙ୍କ ଠାରୁ ଲୋକେ ଦୂରେଇ ଯାଉଥିବା ବେଳେ ପଶ୍ଚିମ ଓଡ଼ିଶାର ଗାଁ ଠୁ ସହର ପ୍ରାୟ ସବୁଠାରେ ପରିବାର ଏକାଠି ହୋଇ ନୂଆଁଖାଇ ପାଳନ କରିଥାନ୍ତି। ଏହି ଅନନ୍ୟ କୃଷି ଭିତ୍ତିକ ପର୍ବ ଏବେ ମଧ୍ୟ ଜୀବିତ ରହିଛି। ଯୌଥ ପରିବାରର ପରମ୍ପରା ପରି ପରିବାରର ସମସ୍ତ ସଦସ୍ୟ ଏକତ୍ରିତ ହୋଇ ଏହି ନୂଆଁଖାଇ ପାଳିଥାନ୍ତି। ଯିଏ ଯେଉଁଠି ଥିଲେ ମଧ୍ୟ ନିଜ ପରିବାର ବର୍ଗଙ୍କ ସହିତ ରାଗରୁଷା ଭୁଲି ଏକତ୍ରିତ ହୋଇଥାନ୍ତି। ପଶ୍ଚିମ ଓଡ଼ିଶାର ମହାନ ଗଣ ପର୍ବ ହେଉଛି ନୂଆଁଖାଇ। ଏହି ଉପଲକ୍ଷେ ଝାରସୁଗୁଡ଼ା ଜିଲ୍ଲାର ଗାଁରୁ ସହର ସବୁଠି ଗୁରୁବାର ନୂଆଁଖାଇ ଧୁମଧାମରେ ପାଳନ କରାଯାଇଛି। ଦେବୀ ମାଁ ସମଲେଇଙ୍କ ପାଖରେ ନବାନ୍ନ ଭୋଗ ଲାଗିବା ପରେ ଘରେ ଘରେ ନିଜର ଇଷ୍ଟଦେବୀଙ୍କୁ ନବାନ୍ନ ଲଗାଇବା ପରେ ନୂଆଁଖାଇ ପାଳନ ପ୍ରକ୍ରିୟା ଆରମ୍ଭ



ହୋଇଥିଲା। ପିଠାପଣା, ନାନାଦି ପ୍ରକାର ବ୍ୟଞ୍ଜନରେ ବାସ୍ନାରେ ସମସ୍ତଙ୍କ ଘର ପୂରି ଉଠିଥିଲା। ଏହି ଦିନ ସମସ୍ତେ ଏକାଠି ହେବା ସହ ସମସ୍ତେ ମିଶି ନୂଆଁ ଖାଇଛନ୍ତି। ସକାଳୁ ସକାଳୁ ମହିଳା ମାନେ ମଣ୍ଡା, କାକରା, ଖିରି ପୁଡି କରିବା ପରେ ଭାତ, ଡାଲି, ତରକାରୀ, ଶାଗ, ଆମ୍ବିଲି ଆଦି ରୋଷେଇ କରି ପ୍ରଥମେ ନିଜ ନିଜ ଇଷ୍ଟଦେବୀଙ୍କୁ ଭୋଗ ଦେବା ପରେ ଗୁହାଳରେ ପୂଜାର୍ଚ୍ଚନା କରିଥିଲେ। ପରେ ସମସ୍ତେ ନବାନ୍ନ ଗ୍ରହଣ କରିବା ପରେ ଜୁହାର ଭେଟଘାଟ କରିଥିଲେ।

## ବ୍ରଜରାଜନଗର ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରରେ ଗଣେଶ ପୂଜା

ଝାରସୁଗୁଡ଼ା,୨୮।୮(ସମିସ): ବ୍ରଜରାଜନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶ୍ରୀଗଣେଶ ଚତୁର୍ଥୀ ଉତ୍ସବ ବହୁତ ଆନନ୍ଦରେ ପାଳନ କରାଯାଇଛି। ସକାଳୁ ଛାତ୍ରଛାତ୍ରୀ ପୂଜା ପାଇଁ ପ୍ରସାଦ ଏବଂ ଫୁଲ ନେଇ ଆସିଥିଲେ। ସମସ୍ତେ ମିଳିମିଶି ଭଜନ ଓ ଗଣେଶ ବନ୍ଦନା ଗାୟନ କରିଥିଲେ।

କାର୍ଯ୍ୟକ୍ରମରେ ସଂକୁଳ ପ୍ରମୁଖ ଯୋଗେଶ ପଧାନ ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ଯୋଗେନ୍ଦ୍ର ନାଥ ଠାକୁର ଏବଂ ସଭାପତି ଗୋବିନ୍ଦ ସିଂ ସମ୍ପାଦକ ସାହେବ ରାଓ କୋଷାଧକ୍ଷ ଭବାନୀ କୁଆଁର ଉପସ୍ଥିତ ଥିଲେ। ଜିଲ୍ଲା ପ୍ରମୁଖ ବିଜୟ ଦାସ ପ୍ରାଚୀର ପତ୍ରିକାର ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମର ପ୍ରମୁଖ ପଙ୍କଜ ପଟେଲ ଏବଂ ସମସ୍ତ ଗୁରୁଜୀ ଗୁରୁମା



କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ ସମସ୍ତେ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ ଏବଂ ସମସ୍ତଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା।

## ରେଙ୍ଗାଲପାଲି ପ୍ରେମାନନ୍ଦ ଯୋଗାଶ୍ରମରେ ନୂଆଁଖାଇ

ରିଆମାଳ,୨୮।୮(ସମିସ): ରିଆମାଳ ବ୍ଲକ୍ ଲୁଲଙ୍ଗ ପଞ୍ଚାୟତ ଅଧୀନ ରେଙ୍ଗାଲପାଲି ପ୍ରେମାନନ୍ଦ ଯୋଗାଶ୍ରମରେ ନୂଆଁଖାଇ ପର୍ବ ପାଳିତ ହୋଇଯାଇଛି। ଆଶ୍ରମର ମହନ୍ତ ସ୍ୱରୂପାନନ୍ଦ ପୁରୀଜିଙ୍କ ତତ୍ତ୍ୱାବଧାନରେ ୨୦୦୦ରୁ ଊର୍ଦ୍ଧ୍ୱ ଭକ୍ତ ଯୋଗ ଦେଇଥିଲେ। ସକାଳେ ରୁଦ୍ରାଭିଷେକ ଓ ଗୁରୁ ପୂଜା ଅନୁଷ୍ଠିତ ହୋଇଥିଲା। ନୂଆଁଖାଇ ପର୍ବରେ କର୍ତ୍ତା ଭାବେ ଅମିୟ ବେହେରା, ଉମାକାନ୍ତ ଦେହୁରୀ, ଜଗେନ୍ଦ୍ର ପ୍ରଧାନ ଓ ତାଙ୍କ ସହ ଧର୍ମିଣୀ ମାନେ ପୂଜା କାର୍ଯ୍ୟ



ତୁଲାଇଥିଲେ। ପୂଜକ ଭାବେ ପିତାମ୍ବର ଶତପଥୀ, ସଞ୍ଜୟ ଶତପଥୀ, ତ୍ରିନାଥ ନନ୍ଦ, ଗୋପିନାଥ ଶତପଥୀ ହୋମଯଜ୍ଞ କାର୍ଯ୍ୟ ତୁଲାଇ ଥିଲେ। ରେଙ୍ଗାଲପାଲି, ଚିଙ୍ଗୁଡିଝରଣ, କୋରଡଖୋଲ, ଛେଣ୍ଡିପଦା, କୁଲୁମା, ବାଇଶିପାଲି, ପଳସାକୁଦର, ତିଲେଇପଶି ଆଦି ୧୫ରୁ ଊର୍ଦ୍ଧ୍ୱ ସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବ୍ରହ୍ମଚାରୀ ଅନ୍ତର୍ଯ୍ୟାମୀ ଦାଶ, ନିଗମାନନ୍ଦ ଗିରି, ବୁଦ୍ଧଦେବାନନ୍ଦ ଗିରି ପରିଚାଳନା କାର୍ଯ୍ୟ ତୁଲାଇଥିଲେ। ସମସ୍ତ ଭକ୍ତମାନଙ୍କୁ ଅନ୍ନ ପ୍ରସାଦ ବଣ୍ଟନ କରାଯାଇ ଥିଲା।

## ବର୍ଷାରେ ଭାଙ୍ଗିଲା ଘର, ଅଳ୍ପକେ ବର୍ତ୍ତିଲା ପରିବାର



ରିଆମାଳ,୨୮।୮(ସମିସ): ରିଆମାଳ ବ୍ଲକ୍ ଅଞ୍ଚଳରେ ଗତ କିଛି ଦିନ ହେଲା ବର୍ଷା ଲାଗି ରହିଛି। ବର୍ଷାରେ ବ୍ଲକ୍‌ର ବହୁ କ୍ଷୟକ୍ଷତି ହୋଇଥିବା ବେଳେ ବ୍ଲକ୍‌ର ରିଆମାଳ ପଞ୍ଚାୟତ ଅଧୀନ ବଡବାହାଲ ଗାଁରେ ଜଣଙ୍କ ଘର ବର୍ଷା ପାଣି ମାଡ଼ରେ ଭାଙ୍ଗି ଯାଇଛି।

ଅତ୍ୟଧିକ ବର୍ଷାରେ ଗାଁର ଅତୁଲ୍ୟ ଜେନାଙ୍କ ଘରଟି ଭାଙ୍ଗି ଯାଇଥିବା ବେଳେ ଉପର ଛପର ମଧ୍ୟ ଖସି ପଡ଼ିଛି। ଏଥିରେ ପରିବାର ସଦସ୍ୟ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ପ୍ରକାଶ ଯେ, ଉକ୍ତ ପରିବାର ଆଜି ପର୍ଯ୍ୟନ୍ତ ଇନ୍ଦିରା ଆବାସ ଘର ପାଇବାରୁ ବଞ୍ଚିତ ହୋଇ ରହିଛନ୍ତି। ତେଣୁ ବିପଦ ସଂକୁଳ ଅବସ୍ଥାରେ ସେମାନେ ରହି ଆସୁଥିଲେ। ସେଇ ଘର ମଧ୍ୟ ଭାଙ୍ଗି ଯାଇଥିବାରୁ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ କ୍ଷତି ପୂରଣ ସହ ଏକ ଆବାସ ଘର ଯୋଗାଇ ଦେବାକୁ ପରିବାର ଅନୁରୋଧ କରିଛନ୍ତି।

# ନୂଆଁଖାଇ ଭେଟ୍‌ଘାଟ୍ ଫୁଟବଲ୍ ପ୍ରତିଯୋଗିତା: ଖୀଷ୍ଟ କ୍ଲବ୍ ଭୁଲାମାଲ ଚାମ୍ପିଅନ

ଝାରସୁଗୁଡ଼ା,୨୮।୮(ସମିସ)

ଝାରସୁଗୁଡ଼ା ଜିଲ୍ଲା ସଦର ବ୍ଲକ୍ ଅଧୀନ ରାଜପୁର କଟାପାଲି ଖେଳ ପଡିଆରେ ଚାଲିଥିବା ୩୦ ତମ ମାଁ ସମଲେଇ ନୂଆଁଖାଇ ଭେଟଘାଟ୍ ଫୁଟବଲ୍ ପ୍ରତିଯୋଗିତା ଗୁରୁବାର ଉଦ୍‌ଯାପିତ ହୋଇଛି। ଫାଇନାଲ ଖେଳ ବସୁନ୍ଧରା ୟୁଥ୍ କ୍ଲବ୍ ବିହାଯୋର ଓ ଖୀଷ୍ଟ କ୍ଲବ୍ ଭୁଲାମାଲ ଦଳ ମଧ୍ୟରେ ହୋଇଥିଲା। ଏଥିରେ ଖୀଷ୍ଟ କ୍ଲବ୍ ଭୁଲାମାଲ ଦଳ ୩-୧ ଗୋଲରେ ବିଜୟୀ ହୋଇ ଚଳିତ ବର୍ଷର ଚାମ୍ପିଅନ ହୋଇଛି।

ଉଦ୍‌ଯାପନୀ ଉତ୍ସବରେ ବ୍ରଜରାଜନଗର ପୂର୍ବତନ ବିଧାୟିକା ଅଳକା ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ରାଜପୁର ସରପଞ୍ଚ ସରସ୍ୱତୀ ନାଏକ, ଚାନ୍ଦିନୀମାଲ ସରପଞ୍ଚ ଲକ୍ଷ୍ମୀଧର ମିଶ୍ର, ଗୌରମାଲ ସରପଞ୍ଚ ରାଜ ସାଏ, ଲୋଇସିଂହ ସରପଞ୍ଚ ସନାତନ ରୋହିଦାସ, ମରାକୁଟା ସରପଞ୍ଚ ଲିଲି ତନ୍ତୀ, ବିଜେଡି ଯୁବନେତା ପରୋଷୋତ୍ତମ ମହାନ୍ତି, ରାଜପୁର ସମିତି



ସଭ୍ୟା ସସ୍ମିତା ତନ୍ତୀ, ଗୌରମାଲ ସମିତି ସଭ୍ୟା ପୁଷ୍ପା ଖଡିଆ, ସାମ୍ବାଦିକ ବିଜୟ ଦାସ, ପ୍ରଦ୍ୟୁମ୍ନ ପରିଡା, ବୁଦ୍ଧଦେବ ଭୋଇ, ନିରଞ୍ଜନ କୁଅଁର, ଗଣେଶ ବାଗ, ଶିକ୍ଷାବିତ୍ ପ୍ରଶାନ୍ତ ପାଟଯୋଶି, ଗାଁ ଗୌନ୍ତିଆ ରମେଶ ପ୍ରଧାନ, ବିମଳ ସାହୁ, ସଞ୍ଜୀବ ମେହେର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ। ଆୟୋଜକ ଗଣପତି କ୍ଲବ୍‌ର ସଭାପତି ଈଶ୍ୱର ପ୍ରଧାନ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଅତିଥି ମାନେ ଚାମ୍ପିଅନ ଖୀଷ୍ଟ କ୍ଲବ୍ ଭୁଲାମାଲ ଦଳକୁ ଟ୍ରଫି ସହିତ ୩୦,୦୦୦ ହଜାର ଟଙ୍କା ଓ ଉପବିଜେତା ବସୁନ୍ଧରା ୟୁଥ୍ କ୍ଲବ୍ ବିହାଯୋର ଦଳକୁ ଟ୍ରଫି ସହିତ ୨୦,୦୦୦ ହଜାର ଟଙ୍କା ପ୍ରଦାନ କରିଥିଲେ। ଫାଇନାଲ ଖେଳକୁ ନବୀନ ଦେଓ, ଅନନ୍ତ କାଲୋ, ସଞ୍ଜୀବ ବାରିକ ଓ ଅରୁଣ ମିର୍ଦ୍ଧା ପରିଚାଳନା କରିଥିଲେ ଓ ସୁଶାନ୍ତ ପଟେଲ ମ୍ୟାଚ୍ କମିସନର ଦାୟିତ୍ୱ ତୁଲାଇଥିଲେ। ପ୍ରତିଯୋଗିତାର ଭଲ ପ୍ରଦର୍ଶନ ଲାଗି ଭୁଲାମାଲ ଦଳର ଅର୍ଜୁନଙ୍କୁ ଶ୍ରେଷ୍ଠ ଖେଳାଳି, ଦୀପକ ଓରାମ ମ୍ୟାନ୍ ଅଫ ଦି ମ୍ୟାଚ୍, ଯୁଗେଶ ବଡ଼ାଇ ଶ୍ରେଷ୍ଠ ଫରୱାର୍ଡ, ଶ୍ରେଷ୍ଠ ଗୋଲକିପର ସୁଜନ, ଶ୍ରେଷ୍ଠ ଡିଫେନ୍ସ ଭାବେ ଅମିତ୍ ଓରାମ, ପ୍ରତିଯୋଗିତାର ଅନୁଶାସିତ ଦଳ ଭାବେ ଭୁଲାମାଲ ଦଳକୁ ପୁରସ୍କୃତ କରାଯାଇଥିଲା। ଅଶୋକ ବେହେରା ଓ ରାଜୀବ ପାଟଯୋଶି ମଞ୍ଚ ପରିଚାଳନା କରିଥିଲେ। ଦୀର୍ଘ ୧୫ ଦିନ ଧରି ଖେଳକୁ ସଫଳତାର ସହ ପରିଚାଳନା କରିଥିବା ରେଫରି ଓ ସ୍ୱେଚ୍ଛାସେବୀଙ୍କୁ ମେଡାଲ ପ୍ରଦାନ କରି ସମ୍ମାନିତ କରାଯାଇଥିଲା।

## ଗ୍ରାମେଶ୍ୱରୀ ଠାକୁରାଣୀଙ୍କ ବାର୍ଷିକ ଉତ୍ସବ



ଅନୁଗୋଳ,୨୮ ।୮ (ସମିସ): ଅନୁଗୋଳ ଜିଲ୍ଲା ବସଲା ଗ୍ରାମରେ ଗ୍ରାମେଶ୍ୱରୀ ଠାକୁରାଣୀଙ୍କ ନୂତନ ଗୃହ ପ୍ରତିଷ୍ଠା ଓ ବାର୍ଷିକ ଉତ୍ସବ ପାଳିତ ହୋଇଛି। ଏଥିରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗଦେଇଥିଲେ। ସରପଞ୍ଚ ଚନ୍ଦନ କୁମାର ସାହୁଙ୍କ ତତ୍ତ୍ୱାବଧାନ ତଥା ବସଲା ଗ୍ରାମ ସଭାପତି ଦିଲୀପ କୁମାର ସାହୁଙ୍କ ନେତୃତ୍ୱରେ ଶାନ୍ତିଶୃଙ୍ଖଳାର ସହ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ। ମା'ଙ୍କ ଆଲମ ଆସିବା ପରେ ପ୍ରସାଦ ସେବନ କାର୍ଯ୍ୟକ୍ରମ ହୋଇଥିଲା।

### ଋଣ ପରିଶୋଧ କରିପାରିଲେନି ବୋଲି...

# ମହିଳାଙ୍କ ବେକରେ ଚପଲ ପକାଇ ଗାଁ ବୁଲାଇଲେ

ଅନୁଗୋଳ,୨୮ ।୮ (ସମିସ):

ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ହଣ୍ଡପା ଥାନା ଅଞ୍ଚଳର ଜଣେ ମହିଳା ଋଣ ପରିଶୋଧ କରି ନ ପାରିବାରୁ ଗାଁ ବୈଠକରେ ନିଷ୍ପତ୍ତି କ୍ରମେ ତାଙ୍କ ବେକରେ ଚପଲ ମାଳ ପକାଇ ରାସ୍ତାରେ ବୁଲାଯାଇଛି। ଏହି ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏ ନେଇ ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କାହାକୁ ଗିରଫ କରାଯାଇ ନାହିଁ।

ମିଳିଥିବା ସୂଚନା ଅନୁଯାୟୀ, ମହିଳା ଜଣକ ଗାଁ ପାଣ୍ଠିରୁ ୨ ହଜାର ଟଙ୍କା ଋଣ ନେଇଥିଲେ। ହେଲେ ଉକ୍ତ ଟଙ୍କା ପରିଶୋଧ କରି ନ ପାରିବାରୁ ସମ୍ପୃକ୍ତ ମହିଳାଙ୍କୁ ନେଇ ଗ୍ରାମରେ ମହିଳାମାନେ ଗତ ୧୪ ତାରିଖ ଏକ ବୈଠକ କରିଥିଲେ। ନେଇଥିବା ୨ ହଜାର ଟଙ୍କା

### ଭିଡିଓ ଭାଇରାଲ

ସହ ୩୦ ପ୍ରତିଶତ ସୁଧ ମିଶାଇ ଫେରସ୍ତ କରିବାକୁ କିଛି ମହିଳା ଋଣ ନେଇଥିବା ମହିଳାଙ୍କୁ କହିଥିଲେ। ହେଲେ ଏତେଟଙ୍କା ସୁଧ ଦେଇପାରିବେ ନାହିଁ ବୋଲି ମହିଳା ଜଣକ କହିଥିଲେ। କେବଳ ମୂଳ ୨ ହଜାର ଟଙ୍କା ଫେରାଇବା ପାଇଁ ରାଜି ହୋଇଥିଲେ। ହେଲେ ଗ୍ରାମର ମହିଳାମାନେ ସୁଧ ସହ ଟଙ୍କା ଫେରାଇବା ପାଇଁ ଜିଦ୍ ଧରିଥିଲେ। ମହିଳା ଜଣକ ଦେଇପାରିବେ ନାହିଁ ବୋଲି କହିବାରୁ ତାଙ୍କୁ ଅନ୍ୟ ମହିଳା ଘେରି ଯାଇଥିଲେ। ପରେ ତାଙ୍କ ହାତ ବାନ୍ଧି ମୁହଁରେ କଳା ବୋଳିବା ସହ ବେକରେ ଚପଲ ମାଳ ପକାଇ ଗାଁରେ ବୁଲାଇଥିଲେ। ଏ ନେଇ ପୀଡ଼ିତା ମହିଳା ଥାନାରେ ଅଭିଯୋଗ କରିବା ପରେ ପୁଲିସ ଗ୍ରାମର କେତେଜଣ ମହିଳାଙ୍କ ନାମରେ ମାମଲା ରୁଜୁ କରିଛି। ଏହି ଘଟଣା ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପରେ ଆଠମଲ୍ଲିକ ଅଞ୍ଚଳର ସାମାଜିକ କର୍ମୀ ପ୍ରିୟଦର୍ଶିନୀ ସ୍ୱାଇଁ ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ ମାଧ୍ୟମରେ ଅବଗତ କରାଇଥିଲେ। ପରେ ଉକ୍ତ ଘଟଣାକୁ ଗମ୍ଭୀରତା ସହ ନେଇ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ରାଜ୍ୟ ଗୃହ ବିଭାଗ ପକ୍ଷରୁ ଅନୁଗୋଳ ଏସପିଙ୍କୁ ୧୮ ତାରିଖ ନିର୍ଦ୍ଦେଶ ଦିଆଯାଇଥିଲା। ୧୯ ତାରିଖ ଗ୍ରାମକୁ କିଶୋରନଗର ସିଡିପିଓ ଯାଇ ତଦନ୍ତ କରିଥିଲେ। ଏ ନେଇ କିଶୋରନଗର ବିଡିଓ ସୁବ୍ରତ କୁମାର ବେହେରା କୁହନ୍ତି ଘଟଣାର ତଦନ୍ତ ପାଇଁ ହଣ୍ଡପା ଥାନା ଆଇଆଇସିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆଇଆଇସି ନମିତା ନାୟକ କୁହନ୍ତି, ଥାନାରେ ମାମଲା ରୁଜୁ କରାଯାଇଛି। ଆଇନ ଅନୁଯାୟୀ ପଦକ୍ଷେପ ନିଆଯାଉଛି। ଏସଟି, ଏସି ମାମଲା ପାଇଁ ତହସିଲଦାରଙ୍କୁ ଚିହ୍ନଟ ପାଇଁ ଅନୁମତି ଲୋଡ଼ାଯାଇଛି। ଖୁବଶୀଘ୍ର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଆଇଆଇସି ନାୟକ କହିଛନ୍ତି।

### ସୁରେଶ୍ୱରୀ ଜଳସେଚନ ଯୋଜନା କାର୍ଯ୍ୟକାରୀ ଦାବି

# ୨୪ରେ ବ୍ଲକ ଅଫିସ ଘେରଉ

କିଶୋରନଗର,୨୮ ।୮ (ସମିସ): ଦୀର୍ଘଦିନ ଧରି ଉପେକ୍ଷିତ ସୁରେଶ୍ୱରୀ ଜଳସେଚନ ଯୋଜନା କାର୍ଯ୍ୟକାରୀ ଦାବିରେ ଜୀବନ ଜୀବିକା ଓ କୃଷିଜମି ସୁରକ୍ଷା କମିଟି ପକ୍ଷରୁ କରମଲକଟାଠାରେ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଛି। କମିଟିର ସାଙ୍ଗଠନିକ ସମ୍ପାଦକ ରମଣୀ ରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସଭ୍ୟ ରବୀନ୍ଦ୍ର ସାହୁ, ତୀର୍ଥବାସୀ ଭୋଇ, ବାବାଜୀ ପ୍ରଧାନ, କିଶୋରୀ ପ୍ରଧାନ, ବସନ୍ତ ସାହୁ, ଭଗବାନ ସାହୁ, ଦେବରାଜ ସାହୁ, ବିଜୟ ମୁଣ୍ଡା, ନିରାକାର ମୁଣ୍ଡା, ରମେଶ ଲୁହା, ତରୁଣ ବେହେରା, ରମେଶ ସାହୁ, ପ୍ରଫୁଲ୍ଲ ସାହୁ, ରାମଚନ୍ଦ୍ର ଦେହୁରୀ, ଗୌର ସାହୁ, ସୁରୁଚି ପ୍ରଧାନ, ଲକ୍ଷ୍ମୀ ପ୍ରଧାନ, ପୀତାମ୍ବର ପ୍ରଧାନ, ପୁରୀ ବେହେରା, ରବୀନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ସୁରେଶ୍ୱରୀ ଜଳସେଚନ ଯୋଜନା କାର୍ଯ୍ୟକାରୀ କରିବାରେ ରାଜ୍ୟ ସରକାର ଓ ଜଳସମ୍ପଦ ବିଭାଗର ଅବହେଳା, ଉଦାସୀନତାକୁ ତୀବ୍ର ନିନ୍ଦା କରିଥିଲେ। ଜେଆର୍ ପାୱାର କମ୍ପାନୀ ହଟାଇବା ପାଇଁ ଯେଉଁଭଳି ଆନ୍ଦୋଳନ ହୋଇଥିଲା ସେହିଭଳି ଆନ୍ଦୋଳନ ଗଢ଼ିତୋଳିବାକୁ ସମସ୍ତେ ମତ ଦେଇଥିଲେ। ସୁରେଶ୍ୱରୀ ଜଳସେଚନ ଯୋଜନା କାର୍ଯ୍ୟକାରୀ ପାଇଁ ୨୦୦୪ରେ ତତ୍କାଳୀନ ଜଳସମ୍ପଦ ମନ୍ତ୍ରୀ ଶୁଭ ଦେଇଥିଲେ। ଏଥିପାଇଁ ରାଜ୍ୟ ସରକାର ୬ କୋଟି ଟଙ୍କା ମଞ୍ଜୁର କରିଥିଲେ। ହେଲେ ଏହି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ




ନ ହେବା ସରକାରଙ୍କ ଚାଷୀମାରଣ ନୀତିକୁ ସୂଚାଉଛି ବୋଲି ସେମାନେ ଅଭିଯୋଗ କରିଥିଲେ। ସୁରେଶ୍ୱରୀ ଜଳସେଚନ ଯୋଜନା କାର୍ଯ୍ୟକାରୀ ଦାବିରେ ସେପ୍ଟେମ୍ବର ୨୪ରେ କିଶୋରନଗର ବ୍ଲକ ଅଫିସ ଘେରଉ କରିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଛି। ଏଥିସହ ଚାଷୀ ପଞ୍ଜୀକରଣ ଅବଧି ବୃଦ୍ଧି ପାଇଁ କମିଟି ପକ୍ଷରୁ ଦାବି କରାଯାଇଛି। ଅବଧି ବୃଦ୍ଧି କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

## ଛେଳିଆପଡ଼ାରେ ଅଗ୍ରପୂଜ୍ୟ ଗଣେଶଙ୍କ ପୂଜା



ଅନୁଗୋଳ,୨୮ ।୮ (ସମିସ): ଅନୁଗୋଳ ବ୍ଲକ ଛେଳିଆପଡ଼ା ଗାଁରେ ଅଗ୍ରପୂଜ୍ୟ ଶ୍ରୀଗଣେଶଙ୍କ ପୂଜା ଆଡ଼ମ୍ବର ସହକାରେ ପାଳନ ହୋଇଛି। ଗ୍ରାମର ଲାୟନ୍ସ କ୍ଲବ ପକ୍ଷରୁ ଆଜକୁ ପ୍ରାୟ ପାଞ୍ଚ ବର୍ଷ ହେଲା ଶ୍ରୀଗଣେଶଙ୍କ ପୂଜା ହୋଇଆସୁଛି। ଏଥିରେ ସଭାପତି ସୁମନ ସାହୁଙ୍କ ସମେତ ରାଜୁ ସାହୁ, ମଣ୍ଟୁ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଆଗାମୀ ଆଠଦିନ ଧରି ଗାଁରେ ପୂଜା ପାଇବେ ଶ୍ରୀଗଣେଶ। ପ୍ରତିଦିନ ଭକ୍ତଙ୍କ ପାଇଁ ପ୍ରସାଦ ସେବନ କାର୍ଯ୍ୟକ୍ରମ ରହିଥିବା ବେଳେ ସେପ୍ଟେମ୍ବର ୭ ତାରିଖ ବିସର୍ଜନ କାର୍ଯ୍ୟକ୍ରମ ରହିଛି।

## ବ୍ରାହ୍ମଣବିଲରେ ରକ୍ତଦାନ ଶିବିର



ଛେଣ୍ଡିପଦା,୨୮ ।୮ (ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ୍ ବ୍ରାହ୍ମଣବିଲ ଗ୍ରାମ ବରମୁଣ୍ଡା ଗଣେଶ ପୂଜା କମିଟି ପକ୍ଷରୁ ଗଣେଶ ପୂଜା ଅବସରରେ ମା' ଡାକେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ମୋଟ୍ ୧୩୮ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ମୁଖ୍ୟଅତିଥି ଭାବେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ଯଶୋବନ୍ତ ପ୍ରସାଦ ବେହେରା, ପୂର୍ବତନ ବିଧାୟକ ସୁଶାନ୍ତ କୁମାର ବେହେରା, ସମିତିସଭ୍ୟା ମିନତୀ ସାହୁ, ଗ୍ରାମ ସଭାପତି ରବୀନ୍ଦ୍ର ପ୍ରଧାନ, ସମ୍ପାଦକ କାଳୀଚରଣ ବେହେରା, କନ୍ଦର୍ପ ପ୍ରଧାନ, ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତି କୈଳାସ ଚନ୍ଦ୍ର ସାହୁ, ଇନ୍ଦ୍ରମଣି ସାହୁ, ଧନେଶ୍ୱର ବେହେରା, ପ୍ରଫୁଲ୍ଲ ସାହୁ, ଗିରୀଶ ଚନ୍ଦ୍ର ପ୍ରଧାନ, କେଶବାନନ୍ଦ ସାହୁ, ସାରଥି ସାହୁ ପ୍ରମୁଖ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। କମିଟି ସଭାପତି ବିନୟ କୁମାର ସାହୁ, ସମ୍ପାଦକ ସୌମ୍ୟରଞ୍ଜନ ସାହୁ, ସଦସ୍ୟ ରୂପକାନ୍ତ ସାହୁ, ନଗେନ କୁମାର ସାହୁ, ଗୋପବନ୍ଧୁ ସାହୁ, ମନୋଜ ପ୍ରଧାନ, କିରଣ ସାହୁ, ସୁଶାନ୍ତ ପ୍ରଧାନ, ନୀଳମଣି ସାହୁ ପ୍ରମୁଖ ଶିବିର ପରିଚାଳନା କରିଥିଲେ। ଅନୁଗୋଳ ରକ୍ତଭଣ୍ଡାର ସଦସ୍ୟମାନେ ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ରକ୍ତ ସଂଗ୍ରହ କରିଥିଲେ। ବ୍ରାହ୍ମଣବିଲ ଗ୍ରାମରେ ବର୍ଷକୁ ୩ ଥର ରକ୍ତଦାନ ଶିବିର ଆୟୋଜନ ହେଉଥିବାରୁ ରକ୍ତଭଣ୍ଡାର କର୍ମକର୍ତ୍ତା ଗ୍ରାମବାସୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ବାଙ୍କିମୁଣ୍ଡା ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଘାଟିତ

# ଖଳଚାନ୍ଦିଆ ୨-୦ ଗୋଲରେ ବିଜୟୀ

ଖମାର,୨୮ ।୮ (ସମିସ): ପାଲଲହଡ଼ା ବ୍ଲକ ଖମାର ଥାନା ମୁଣ୍ଡରିବେଡ଼ା ପଞ୍ଚାୟତ ବାଙ୍କିମୁଣ୍ଡା ଗ୍ରାମ ମା' ହିଙ୍ଗୁଳା କ୍ଲବ ଆନୁକୂଲ୍ୟରେ ୯ମ ଫୁଟବଲ ଟୁର୍ଣ୍ଣାମେଣ୍ଟ ଗୁରୁବାରଠାରୁ ଆରମ୍ଭ ହୋଇଛି। ଉଦଘାଟନୀ ମ୍ୟାଚ୍ ଖଳଚାନ୍ଦିଆ ଓ ସିଆରିମାଳିଆ ମଧ୍ୟରେ ଖେଳାଯାଇଥିଲା। ଖଳଚାନ୍ଦିଆ ୨-୦ ଗୋଲରେ ବିଜୟୀ ହୋଇଛି। ମୁଖ୍ୟଅତିଥି ଭାବେ ମୁଣ୍ଡରିବେଡ଼ା ପଞ୍ଚାୟତର ନାଏବ ସରପଞ୍ଚ ହେମା ସାହୁ, ସମ୍ମାନିତ ଅତିଥି ଭାବେ ମଣ୍ଡଳସ୍ତରୀୟ ହୋ ସମାଜ ସଂଗଠନ ସଭାପତି ଲଛମନ ହେମ୍ବ୍ରମ, ସାମ୍ବାଦିକ ଖଗେଶ୍ୱର ପିଙ୍ଗୁଆ, ସମାଜସେବୀ ପଳଉ କୁମାର ସାହୁ ଉପସ୍ଥିତ ରହି ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ।



ଆୟୋଜକ କ୍ଲବ ସଭାପତି ମୋହନ ଗାଗରାଇ, ସମ୍ପାଦକ ନିରଞ୍ଜନ କୁଲୁଡ଼ି, ସଭ୍ୟ ଦୁମ୍ପି ଗାଗରାଇ, ଜେନା ପିଙ୍ଗୁଆ, ଯୋଗେଶ୍ୱର ହେମ୍ବ୍ରମ, ସୋମନାଥ ହେମ୍ବ୍ରମ, ବାଇଧର କୁଲୁଡ଼ି, ନାଥ ଗାଗରାଇ, ବିକନ କୁଲୁଡ଼ି, ହରି କୁଲୁଡ଼ି, ପ୍ରଶାନ୍ତ ତିରିଆ ଏବଂ ଦୀନେଶ ଗାଗରାଇ ପ୍ରମୁଖଙ୍କ ନେତୃତ୍ୱରେ ଟୁର୍ଣ୍ଣାମେଣ୍ଟ ପରିଚାଳିତ ହେଉଛି। ସୂଚନାଯୋଗ୍ୟ, ପ୍ରତିବର୍ଷ ଗଣେଶ ପୂଜା ଉପଲକ୍ଷେ ଏଠାରେ ଗ୍ରାମାଞ୍ଚଳ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୁଏ।

## ବଇଣ୍ଡା କଲେଜର ବିକାଶ ସମ୍ପର୍କରେ ଆଲୋଚନା

ଅନୁଗୋଳ,୨୮ ।୮ (ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଇଣ୍ଡା ଜନତା ମହାବିଦ୍ୟାଳୟର ବିକାଶ ସମ୍ପର୍କରେ ବୁଧବାର ମହାବିଦ୍ୟାଳୟ ପରିସରରେ ଆଲୁମନି ଆସୋସିଏସନ ଓ ଅଧ୍ୟକ୍ଷଙ୍କ ମଧ୍ୟରେ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଆଲୁମନି ଆସୋସିଏସନ ସଭାପତି ପ୍ରତାପ କୁମାର ପ୍ରଧାନ, ସମ୍ପାଦକ ଅରବିନ୍ଦ ସାହୁ, ପୁରାତନ ଛାତ୍ର ସନ୍ତୋଷ କୁମାର ପ୍ରଧାନ, ରାଜେଶ ପ୍ରଧାନ, ଗିରିଜା ଶଙ୍କର ସାହୁ, ପୂର୍ବତନ ଅଧ୍ୟକ୍ଷ କାଳନ୍ଦୀ ଚରଣ ପ୍ରଧାନ, ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଶାନ୍ତ ଖମାରୀ, ପୁରାତନ ଛାତ୍ର ଅରୁଣ କୁମାର ସାହୁ ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ। ମହାବିଦ୍ୟାଳୟରେ କିପରି ସଠିକ ଭାବେ ପାଠ ପଢ଼ାଯିବ ସେ ନେଇ ଅଧ୍ୟକ୍ଷଙ୍କ ସହ ଆଲୋଚନା କରାଯାଇଥିଲା। ସେହିପରି ସରକାରଙ୍କ ପକ୍ଷରୁ ନିର୍ମାଣ ହେବାକୁ ଥିବା ଛାତ୍ରୀନିବାସ ସମ୍ପର୍କରେ ଆଲୋଚନା କରାଯିବା ସହ ନବନିର୍ମିତ ଯୁକ୍ତଦୁଇ ଶ୍ରେଣୀର ନୂତନ କୋଠାରେ ଛାତ୍ରଛାତ୍ରୀ କିପରି ଶୀଘ୍ର ପାଠ ପଢ଼ିବେ ସେ ନେଇ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସେହିପରି ମହାବିଦ୍ୟାଳୟ ମୁଖ୍ୟ ଫାଟକ ନିର୍ମାଣ ବିଳମ୍ବକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ତୁରନ୍ତ ଏହି ସମସ୍ୟାଗୁଡ଼ିକ ସମାଧାନ ପାଇଁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯିବ ବୋଲି ଆସୋସିଏସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।



## ବିଭିନ୍ନ ଶିକ୍ଷାନୁଷ୍ଠାନରେ ଗଣେଶ ପୂଜା

ବଁଅରପାଳ,୨୮ ।୮ (ସମିସ): ବଁଅରପାଳରେ ଥିବା ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ, ବୈଷୟିକ ଶିକ୍ଷାନୁଷ୍ଠାନ ଓ ତାଲିମ୍ କେନ୍ଦ୍ରରେ ବୁଧବାର ଅଗ୍ରପୂଜ୍ୟ ଗଜାନନଙ୍କ ପୂଜା ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳନ କରାଯାଇଛି। ସକାଳେ ଛାତଛାତ୍ରୀମାନେ ବିଭିନ୍ନ ପ୍ରକାର ଫୁଲ ଓ ଫଳ ଆଦି ନେଇ ବିଦ୍ୟାଳୟକୁ ଯାଇଥିଲେ। ପୂଜାପାଠ ପରେ ପୁଷ୍ପାଞ୍ଜଳି ଦେବା ସହ ପ୍ରଭୁ ଶ୍ରୀଗଣେଶଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ। ଏହି ଅବସରରେ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଅନ୍ନପ୍ରସାଦ ବ୍ୟବସ୍ଥା କରାଯାଇଥିଲା। ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଦିବ୍ୟଦର୍ଶନ ଶିଶୁ ମନ୍ଦିର, ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ପିବିକେ ଉଚ୍ଚ ବିଦ୍ୟାଳୟ, ସେବାଶ୍ରମ ସ୍କୁଲ, ବ୍ଲୁ ମଣ୍ଡ ଇଂଲିଶ ମିଡିୟମ ସ୍କୁଲ, ଇନ୍ଦିରା ଗାନ୍ଧୀ ବାଳିକା ବିଦ୍ୟାଳୟ, ଗୋତମରା ଉଚ୍ଚ ବିଦ୍ୟାଳୟ, ବିଶ୍ୱନାଥପୁର ୟୁପି ସ୍କୁଲ ଓ ଅରହାଟସ୍ଥିତ ନାରାୟଣୀ ଇଞ୍ଜିନିୟରିଂ କଲେଜରେ ଗଜାନନଙ୍କ ପୂଜା ଅନୁଷ୍ଠିତ ହୋଇଛି। ପୂର୍ବତନ ବିଧାୟକ ରଜନୀକାନ୍ତ ସିଂହ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ଅନୁଷ୍ଠିତ ପୂଜାରେ ଯୋଗଦେଇଥିଲେ।



## ଇଚ୍ଛାପୁର ଗ୍ରାମରେ ରକ୍ତଦାନ ଶିବିର

ବଇଣ୍ଡା,୨୮ ।୮ (ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ହଣ୍ଡପା ଥାନା ଇଚ୍ଛାପୁର ଗ୍ରାମରେ ଗୁରୁବାର ବିନାୟକ ୟୁଥ୍ କ୍ଲବ୍ ଆନୁକୂଲ୍ୟରେ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ କଣ୍ଢେଇକୁଳିଆ ସରପଞ୍ଚ ନୟନୀ ବେହେରା ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଉତ୍ତମ କୁମାର ମାଟିଆରୀ, କ୍ଲବ୍ ସଭାପତି ଅବିନାଶ ସାହୁ, ସମ୍ପାଦକ ଦୀନେଶ ମାଝୀ, ଗଣେଶ ପୂଜା କମିଟି ସଭାପତି ସରୋଜ ଦ୍ୱାରି, ସମ୍ପାଦକ କାଳିଆ ସାହୁ, ଅରୁଣ ସାହୁ, ସିପନ୍ ଧଳ, ସଞ୍ଜିତ ସାହୁ, ରିଙ୍କୁ ଧଳ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ୫୬ ୟୁନିଟ ରକ୍ତ ସଂଗ୍ରହ ହୋଇଛି।



ବଇଣ୍ଡା ମେଡିକାଲର ଆୟୁଷ ଡାକ୍ତର ସରୋଜ ନନ୍ଦ ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଅନୁଗୋଳ ବ୍ଲଡ଼ ବ୍ୟାଙ୍କ କର୍ମଚାରୀ ହରୀଶ ଜେନା, ଜିତେନ ଦାସ, ନର୍ସ ମଞ୍ଜୁଲତା ଶତପଥୀ, ରମେଶ ପାତ୍ର, କାମାକ୍ଷା ପ୍ରସାଦ ପ୍ରମୁଖ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ।

# ଟ୍ରକ ମାଲିକ ସଂଘ ସଭ୍ୟଙ୍କୁ କୋଇଲା ଲୋଡିଂରେ ଅଣଦେଖା

ତାଳଚେର,୨୮ ।୮ (ସମିସ):

ଶିଳ୍ପ ନଗରୀ ତାଳଚେରରୁ ଟ୍ରକ ଯୋଗେ ରାଜ୍ୟର ବିଭିନ୍ନ ଅଞ୍ଚଳକୁ କୋଇଲା ପରିବହନ ହେଉଥିବା ବେଳେ ଟ୍ରକ ମାଲିକମାନେ ପର୍ଯ୍ୟାପ୍ତ ଲୋଡିଂ ଓ ଉଚିତ ଭଡ଼ାକୁ ନେଇ ସବୁବେଳେ ଅସନ୍ତୋଷ ପ୍ରକାଶ କରୁଛନ୍ତି। ତାଳଚେର ଟ୍ରକ ମାଲିକମାନେ କିପରି ଅଧିକ ପରିମାଣରେ କୋଇଲା ଲୋଡିଂ ପାଇପାରିବେ ଓ ଉଚିତ ଭଡ଼ା ପାଇବେ ସେଥିପାଇଁ ମୁଖ୍ୟତଃ ସବୁ ସମୟରେ ଆଲୋଚନା କରାଯାଏ। ଏଠି ଫାଷ୍ଟ କମ୍ ଫାଷ୍ଟ ସର୍ଭ ନୀତି ଯୋଗୁଁ ତାଳଚେର ଟ୍ରକ ମାଲିକ ଉପକୃତ ହେଇପାରୁ ନ ଥିବା ଅଭିଯୋଗ ହେଉଛି। ଜିଲ୍ଲା ପ୍ରଶାସନର ନିୟମ ଅନୁଯାୟୀ ଟ୍ରକ ମାଲିକ ସଙ୍ଘର ସଭ୍ୟ ପ୍ରଥମେ ଲୋଡିଂ କରିବେ। ତା' ପରେ ଅନ୍ୟ ଅଞ୍ଚଳର ଟ୍ରକଗୁଡ଼ିକ ଲୋଡିଂ ପାଇବେ ବୋଲି ନିର୍ଦ୍ଦେଶ ରହିଛି। କିନ୍ତୁ ଲିଙ୍ଗରାଜ





ସେକ୍ଟରରେ ତାହା ନ ହୋଇ ସଂଘ ସଭ୍ୟ ତାଲିକାକୁ ଖଣି କର୍ତ୍ତୃପକ୍ଷ ଅଣଦେଖା କରୁଥିବାରୁ ଏଠି ପ୍ରଥମେ ଲୋଡିଂ ପାଇବାରୁ ବଞ୍ଚିତ ହେଉଥିବା ଟ୍ରକ ମାଲିକ ଅଭିଯୋଗ କରିଛନ୍ତି। ଉଲ୍ଲେଖଯୋଗ୍ୟ, ୨୦୧୯ରେ ପ୍ରଶାସନ ଟ୍ରକ ମାଲିକ ସଙ୍ଘ ଓ ପରିବହନକାରୀ ସଂସ୍ଥା ମଧ୍ୟରେ ଭଡ଼ା ବାବଦରେ ମିଳିତ ବୈଠକରେ ନିଷ୍ପତ୍ତି ହୋଇଥିବା ଟ୍ରକ ମାଲିକମାନଙ୍କ ପାଇଁ ଉଚିତ ଭଡ଼ା ଧାର୍ଯ୍ୟ କରାଯାଇଥିବା ବେଳେ ତାକୁ ପରିବହନକାରୀ ସଂସ୍ଥାମାନେ ପାଳନ କରୁନାହାନ୍ତି। ସେପଟେ ଟ୍ରକ ଟାୟାରଠାରୁ ଆନୁଷଙ୍ଗିକ ଯାନ୍ତ୍ରାଂଶର ଅହେତୁକ ଦର ବୃଦ୍ଧି ସହ ସରକାରଙ୍କ ଟାକ୍ସ ଓ ଅନ୍ୟାନ୍ୟ କାଗଜପତ୍ରର ନବୀକରଣ ବାବଦ ଖର୍ଚ୍ଚ ବୃଦ୍ଧି ଘଟିଛି। ତା' ମଧ୍ୟରେ ଘରଖର୍ଚ୍ଚ ଓ ଗାଡ଼ି ଚାଳକଙ୍କ ଦରମା ଦେବା ଅସମ୍ଭବ ହୋଇପଡୁଛି। ଏପରିସ୍ଥଳେ ଟ୍ରକ ମାଲିକଟି ଗାଡ଼ିଖଣ୍ଡିଏ ଋଣରେ ଆଣି ତା'ର କିସ୍ତି ପୈଠ କରିବା ପାଇଁ ନିଜ ଗଚ୍ଛିତ ସମ୍ପତ୍ତି, ଘରର ସୁନା ବନ୍ଧକ ଦେବାପରି ପରିସ୍ଥିତି ଉପୁଜିଛି। ଏହିପରି ଭାବେ ବର୍ତ୍ତମାନ ଟ୍ରକ ମାଲିକମାନେ ମାନସିକ ଯନ୍ତ୍ରଣା ଭୋଗୁଥିବା ନଜରକୁ ଆସିଛି। ବିଗତ ଦିନରେ ମଧ୍ୟ ଏପରି ସ୍ଥିତି ଉପୁଜି କେତକ ଟ୍ରକ ମାଲିକ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା ପରି ଚରମ ପଦକ୍ଷେପ ନେଇଛନ୍ତି। ଏବେ ମଧ୍ୟ ଆଗପରି ଦୁର୍ଦ୍ଦିନ ମଧ୍ୟରେ ଟ୍ରକ ମାଲିକ ଗତି କରୁଥିବା କିଛି ଟ୍ରକ ମାଲିକ ପ୍ରକାଶ କରିଛନ୍ତି। ମାଲିକମାନଙ୍କ କହିବା ଅନୁଯାୟୀ, ସରକାରଙ୍କ ଫାଷ୍ଟ କମ୍ ଫାଷ୍ଟ ସର୍ଭ ନିୟମ ଯୋଗୁଁ ପ୍ରକୃତ ତାଳଚେର ଟ୍ରକ ମାଲିକମାନେ ଉପକୃତ ହୋଇପାରୁ ନାହାନ୍ତି। କାରଣ ବାହାର ଅଞ୍ଚଳର କିଛି ଲୋକ କୌଶଳ କ୍ରମେ ଆଧାର କାର୍ଡ ଜରିଆରେ ଠିକଣା ପରିବର୍ତ୍ତନ କରି ତାଳଚେର ପରିବହନ କାର୍ଯ୍ୟାଳୟରେ ଗାଡ଼ି ପଞ୍ଜୀକୃତ କରାଇ ନକଲି ଘରପଟା, ନକଲି ଆଧାର କାର୍ଡରେ ସଂଘ ସଭ୍ୟ ହୋଇ କୋଇଲା ପରିବହନ କ୍ଷେତ୍ରରେ ସେହି ଗାଡ଼ିକୁ ନିୟୋଜିତ କରୁଥିବାରୁ ତାଳଚେର ଅଞ୍ଚଳର ଟ୍ରକ ମାଲିକ ଲୋଡିଂ ନ ପାଇ ମାସକ ମଧ୍ୟରେ ଅଳ୍ପ ସଂଖ୍ୟକ ଲୋଡ୍ ପାଉଛନ୍ତି। ଫଳରେ ଭିଟାମାଟି ହରାଇ ଅଞ୍ଚଳର କ୍ଷତିଗ୍ରସ୍ତ ପ୍ରଜା ଓ ଧୂଳିଧୂଆଁ ଖାଇ ସ୍ଥାନୀୟ ଜନସାଧାରଣ ଟ୍ରକ ବେପାରରେ କ୍ଷତି ସହିବାକୁ ବାଧ୍ୟ ହେଉଛନ୍ତି। ଅନ୍ୟପକ୍ଷରେ ନିୟମ ଅନୁଯାୟୀ ସଂଘ ସଭ୍ୟ ତାଲିକାକୁ ମଧ୍ୟ ଖଣି କର୍ତ୍ତୃପକ୍ଷ ପାଳନ କରୁନାହାନ୍ତି। ଫଳରେ ଗାଡ଼ି ମାଲିକଙ୍କୁ ଲୋଡିଂ କ୍ଷେତ୍ରରେ ସମସ୍ୟା ସୃଷ୍ଟି ହୋଇଛି। ତୁରନ୍ତ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଟ୍ରକ ମାଲିକମାନେ ନିବେଦନ କରିଛନ୍ତି।

## ଅଫିସର୍ସ ଆସୋସିଏସନର ୩୮ତମ ପ୍ରତିଷ୍ଠା ଦିବସ

ନାଲକୋନଗର,୨୮ ।୮ (ସମିସ): ନାଲକୋ ଅଫିସର୍ସ ଆସୋସିଏସନର ୩୮ତମ ପ୍ରତିଷ୍ଠା ଦିବସ ଓ ଗଣେଶ ଚତୁର୍ଥୀ ଉତ୍ସବ ବୁଧବାର ପାଳନ କରାଯାଇଛି। ଗଣେଶ ପୂଜାରେ କର୍ତ୍ତା ଭାବେ ଅରୁଣ ସାହୁ ଯୋଗଦେଇଥିଲେ। ଆସୋସିଏସନର ସମସ୍ତ କାର୍ଯ୍ୟକର୍ତ୍ତା, ସଭ୍ୟ ପରିବାର ସହ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସିଜିଏମ ସିପିପି ସତ୍ୟବାଦୀ ମିଶ୍ର, ଜିଜିଏମ କୋଲ୍ ଆଣ୍ଡ ଆସ ଶୁଭେନ୍ଦୁ ଘୋଷ, ଏଚ୍ଆଣ୍ଡଏ-ଏସଆଣ୍ଡପି ସୁନୀଲ ମହାପାତ୍ର, ସିଜିଏମ ସ୍ମେଲ୍ଟର ଅକ୍ଷୟ ବେହେରା, ସିଜିଏମ କାଷ୍ଟ ହାଉସ ଆଣ୍ଡ ରୋଲିଂ ପ୍ଲାଣ୍ଟ ଦିଲୀପ କୁମାର ବାଗ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଆସନ୍ତା ୫ ବର୍ଷ ମଧ୍ୟରେ ନାଲକୋର ସମ୍ପ୍ରସାରଣ ଓ ଉତ୍ପାଦନ କ୍ଷମତା ବୃଦ୍ଧି ସହ ନାଲକୋକୁ ମହରତ୍ନ ମାନ୍ୟତା ପାଇଁ ଅଫସର ସଂଘ କାର୍ଯ୍ୟ କରିବ ବୋଲି ନିଷ୍ପତ୍ତି ହୋଇଛି। ଅଫିସରମାନଙ୍କ ୨୦୨୭ରେ ହେବାକୁ ଥିବା ଦରମା ନିର୍ଦ୍ଧାରଣ (ପେରିଭିଜନ) ସମ୍ପର୍କରେ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବାକୁ ନିଷ୍ପତ୍ତି ହୋଇଛି। ସଭାପତି ବନମାଳୀ ସେଠୀ, ସାଧାରଣ ସମ୍ପାଦକ ନଳିନୀକାନ୍ତ ପଣ୍ଡା, ଉପସଭାପତି ଦେବାଶିଷ ମିଶ୍ର, କିଶୋର କୁମାର ବେହେରା, କୋଷାଧ୍ୟକ୍ଷ ଗୌତମ ନାୟକ, ଯୁଗ୍ମ ସମ୍ପାଦକ ଦେବୀପ୍ରସାଦ ମହାପାତ୍ର, ପ୍ରତାପ ଚନ୍ଦ୍ର ମଲ୍ଲିକ, ରାକେଶ ବେହେରା, ମନୋଜ ଚନ୍ଦନ, କମିଟିର ରମେଶ ସାହୁ, ସୁରେନ୍ଦ୍ର ନାୟକ, ମଦନ ମୋହନ ବେହେରା, ଦିବ୍ୟଜ୍ୟୋତି ମହାପାତ୍ର, ରାହୁଲ କ୍ରିଷ୍ଣା, ପୀୟୂଷ ରଞ୍ଜନ ପତି, ପ୍ରଣୟ ସିଂହ, ଅନ୍ନପୂର୍ଣ୍ଣା ବେହେରା ଲକ୍ଷ୍ମୀଧର ରାଉତ, ଅରୁଣ ପଟ୍ଟନାୟକ, ଏସକେ ନାଗ, ସୁଶାନ୍ତ ଜେନା ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।



## ଗୋଚର ଜମିରୁ ବାଲି ଉତ୍ତୋଳନ; ଜେସିବି ଓ ହାଇୱା ଜବତ

ବଲଙ୍ଗା,୨୮।୮ (ସମିସ): ଗୋଚର ଜମିରୁ ପୋତା ବାଲି ଉତ୍ତୋଳନକୁ ନେଇ ବଲଙ୍ଗା ଥାନା ଗୋପୀନାଥପୁର ଗ୍ରାମରେ ଉତ୍ତେଜନା ଦେଖାଦେଇଛି। ଖବର ପାଇ ବଲଙ୍ଗା ପୁଲିସ ଘଟଣାସ୍ଥଳରୁ ଗୋଟିଏ ହାଇୱା ସହ ଗୋଟିଏ ଜେସିବି ମେସିନକୁ ଜବତ କରି ଥାନାକୁ ଆଣି ତଦନ୍ତ ଜାରି ରଖିଛି। ସୂଚନା ମୁତାବକ, ବଲଙ୍ଗା ବାୟାବରଠାରୁ ଗୋପୀନାଥପୁର ପ୍ରଧାନମନ୍ତ୍ରୀ ରାସ୍ତାର ପ୍ରଶସ୍ତୀକରଣ କାର୍ଯ୍ୟ ଚାଲୁରହିଛି। ଏହି ରାସ୍ତା କାର୍ଯ୍ୟ କରୁଥିବା ଜନୈକ ଠିକାଦାରଙ୍କ ପୋତାବାଲିର ଆବଶ୍ୟକ ଥିବାରୁ ସେ ଗୁରୁବାର ପୂର୍ବାହ୍ଣରେ ଗ୍ରାମର ଗୋଚର ଜମିରେ ଥିବା କୁଦରୁ ବେଆଇନ ଭାବେ ଜେସିବି ମେସିନ ଦ୍ୱାରା ହାଇୱାରେ ବାଲି ନେବା ପାଇଁ ଲୋଡ୍ କରୁଥିଲେ। ଏହାକୁ ନେଇ ଗ୍ରାମରେ ଉତ୍ତେଜନା ଦେଖାଦେଇଥିଲା। ଏନେଇ ବଲଙ୍ଗା ପୁଲିସ ସୂଚନା ପାଇ ଘଟଣାସ୍ଥଳରେ ପହଞ୍ଚି ଜେସିବି ଓ ହାଇୱାକୁ ଜବତ କରି ଥାନାକୁ ନେଇ ତଦନ୍ତ ଜାରି ରଖିଛି।

## ତେଜରାତି ଦୋକାନରୁ ଚୋରି କରି ଗିରଫ

ବଲଙ୍ଗା,୨୮।୮ (ସମିସ): ବଲଙ୍ଗା ଥାନା ଦଳଭାଣପୁର ଗ୍ରାମର ମେଳଣ ପଡ଼ିଆରେ ଥିବା କ୍ୟାବିନ୍ ଭାଙ୍ଗି ଗ୍ରୋସରୀ ସାମଗ୍ରୀ ଓ ନଗଦ ଟଙ୍କା ଚୋରି ମାମଲାରେ ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ଦଳଭାଣପୁର ଗ୍ରାମର କୁଶ ବେହେରା ବୋଲି ପୁଲିସ ସୂଚନା ଦେଇଛି। ପୂର୍ବରୁ ଏହି ମାମଲାରେ ସେହି ଗ୍ରାମର ଆଶିଷ ନାରାୟଣ ବେହେରାକୁ ଗିରଫ କରାଯାଇଥିଲା। ସୂଚନା ମୁତାବକ, ଗ୍ରାମର ସୂର୍ଯ୍ୟକାନ୍ତ ବାଘଙ୍କର ମେଳଣ ପଡ଼ିଆରେ ଏକ କ୍ୟାବିନ୍‌ରେ ଗ୍ରୋସରୀ ଦୋକାନ କରିଥିଲାବେଳେ ଅଭିଯୁକ୍ତ ଗତ ୨୦ ତାରିଖ ବିଳମ୍ବିତ ରାତିରେ ଦୋକାନ କ୍ୟାବିନ୍ ଭାଙ୍ଗି ୧୦ହଜାର ଟଙ୍କାର ଗ୍ରୋସରୀ ସାମଗ୍ରୀ ଓ ନଗଦ ୨ହଜାର ଟଙ୍କା ଚୋରି କରିନେଇଥିଲେ। ଏନେଇ ସୂର୍ଯ୍ୟକାନ୍ତ ଘଟଣାର ପରଦିନ ଥାନାରେ ଅଭିଯୋଗ କରିବା ପରେ ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା।

## ସଡ଼କ ଦୁର୍ଘଟଣାରେ ଦୁଇ ଆହତ

ନୟାହାଟ,୨୮।୮ (ସମିସ): ନୟାହାଟ ଫାଣ୍ଡି ଅନ୍ତର୍ଗତ ପାଣିଛତ୍ର ଓ ଯୋଗେଶ୍ୱରପୁରଠାରେ ସଡ଼କ ଦୁର୍ଘଟଣାରେ ଦୁଇ ଜଣ ଆହତ ହୋଇଥିବାବେଳେ ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି ଆହତ ବ୍ୟକ୍ତିଙ୍କୁ ଚିକିତ୍ସା ପାଇଁ ପଠାଇଥିବାବେଳେ ଦୁଇଟି ବାଇକ୍ ଜବତ କରିଛନ୍ତି। ଆହତ ବ୍ୟକ୍ତିଦ୍ୱୟ ହେଲେ ନିଆଳି ଥାନା ଅଞ୍ଚଳର ବିରଞ୍ଚି ପରିଡ଼ା ଓ ନୟାହାଟ ଫାଣ୍ଡି ଅନ୍ତର୍ଗତ ମଧୁବନ ଗ୍ରାମର ଶ୍ରଦ୍ଧାଞ୍ଜଳି ସାହୁ। ଏ ସମ୍ପର୍କରେ ଗୋପ ଥାନାରେ କେସ୍ ନମ୍ବର ୨୬୬/୨୫ ଓ ୨୭୧/୨୫ ଦୁଇଟି ମୋକଦ୍ଦମା ରୁଜୁ କରାଯାଇଛି।

## ସଡ଼କ ଦୁର୍ଘଟଣାରେ ଜଣେ ମୃତ, ୩ ଆହତ



ବ୍ରହ୍ମଗିରି,୨୮।୮ (ସମିସ): ଗୁରୁବାର ପୁରୀ-ସାତପଡ଼ା ଜାତୀୟ ରାଜପଥର ରାୟପୁର ଛକ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହେବା ସହିତ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ଆହତମାନଙ୍କୁ ପ୍ରଥମେ ରେବଣା ନୂଆଗାଁ ପ୍ରାଥମିକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଛି। ପ୍ରକାଶ ଯେ, ପୁରୀ-ସାତପଡ଼ା ରାସ୍ତା ରାୟପୁର ଛକଠାରେ ପୁରୀ ପଟୁ ଆସୁଥିବା ଏକ ବ୍ୟାଟେରି ଟୋଟ ଅଟୋ ସହ ସାତପଡ଼ାରୁ ପର୍ଯ୍ୟଟକ ନେଇ ଆସୁଥିବା କାର୍ ମୁହାଁମୁହିଁ ଧକ୍କା ହୋଇଥିଲା। ଅଟୋ ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାବେଳେ କାର୍‌ରେ ଥିବା ଡ୍ରାଇଭରଙ୍କ ସମେତ ୩ଜଣ ଗୁରୁତର ହୋଇଛନ୍ତି। ମୃତ ଯୁବକ ଅରଖକୁଦା ଥାନା ଗୋପୀନାଥପୁର ଗାଁର ସ୍ୱରାଜ୍ୟ ବେହେରା (୩୫) ବୋଲି ଜଣାପଡ଼ିଛି। କାର୍ ଡ୍ରାଇଭର ଅଟୋକୁ ଧକ୍କା ଦେଇ ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇଛି। ଗାଡ଼ିଟିର ଆଗ ପଟ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି। ଗାଡ଼ି ଚାଳକ ନିଶାସକ୍ତ ଥିବା କିଛି ସ୍ଥାନୀୟ ଲୋକ କହିଛନ୍ତି। ଅରଖକୁଦା ମେରାଇନ୍ ଥାନା ଦୁର୍ଘଟଣାସ୍ଥଳରେ ପହଞ୍ଚି ଦୁଇଟିଯାକ ଗାଡ଼ିକୁ ଜବତ କରିଛି। କେଉଁ କାରଣରୁ ଦୁର୍ଘଟଣା ହୋଇଛି ଏହି ଘଟଣାର ଅନୁସନ୍ଧାନ କରୁଥିବା ପୁଲିସ କହିଛି।

## ଅଜଣା ଗାଡ଼ି ଧକ୍କାରେ ଦୁଇ ଗୋରୁ ମୃତ

ଗୋପ,୨୮।୮ (ସମିସ): ଗୋପ-କୋଣାର୍କ ରାସ୍ତାର କଲେଜ ଛକ ନିକଟ ସତ୍ୟସାଇ ବିଦ୍ୟାମନ୍ଦିର ସମ୍ମୁଖରେ ଗୁରୁବାର ରାତି ୯ଟା ସମୟରେ ଏକ ଅଜଣା ଦ୍ରୁତଗାମୀ ଗାଡ଼ି ଧକ୍କାରେ ଦୁଇ ଗୋରୁଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, କୋଣାର୍କରୁ ଗୋପ ଅଭିମୁଖେ ଯାଉଥିବା ଏକ ଅଜଣା ଗାଡ଼ି ଗୋପ କଲେଜ ଛକ ନିକଟ ସତ୍ୟସାଇ ବିଦ୍ୟାମନ୍ଦିର ସ୍କୁଲ ନିକଟରେ ବୁଲୁଥିବା ଦୁଇ ବୁଲା ଗୋରୁଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଦୁଇ ବୁଲା ଗୋରୁଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି।

## କାକଟପୁରକୁ ଏନ୍‌ଏସି ମାନ୍ୟତା ଦାବି

# ବ୍ଲକ୍ କଂଗ୍ରେସର ୧୨ ଘଣ୍ଟିଆ ବନ୍ଦ ସଫଳ

କାକଟପୁର/ବାଙ୍ଗୁରିଗାଁ,୨୮।୮ (ସମିସ)



ପୁରୀ ଜିଲ୍ଲା କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ନୀତିକାନ୍ତି ଜଗନ୍ନାଥ ସଂସ୍କୃତି ସହିତ ଓତଃପ୍ରୋତ ଭାବେ ଜଡ଼ିତ। ସେଥିପାଇଁ କାକଟପୁର ସାରା ରାଜ୍ୟରେ ଏକ ପ୍ରମୁଖ ସ୍ଥାନ ଭାବେ ପରିଚିତ। କିନ୍ତୁ ଦୀର୍ଘ ଦିନ ଧରି କାକଟପୁରକୁ ଏନ୍‌ଏସି ମାନ୍ୟତା ପାଇଁ ଦାବି ହୋଇଆସୁଥିଲେ ମଧ୍ୟ ସରକାରଙ୍କ ଉଦାସୀନତା ଯୋଗୁଁ ଏହା ସମ୍ଭବ ହୋଇପାରୁ ନାହିଁ। ପୂର୍ବ ସରକାରଙ୍କ ସମୟରେ କାକଟପୁରକୁ ଏନ୍‌ଏସି ମାନ୍ୟତା ପାଇଁ ଘୋଷଣା ହୋଇଥିଲେ ମଧ୍ୟ ଏହା ଅଦ୍ୟାବଧି ଫାଇଲ୍ ତଳେ ଚାପି ହୋଇ ରହିଛି। ଏହି ପରିପ୍ରେକ୍ଷୀରେ ଗୁରୁବାର କାକଟପୁର ବ୍ଲକ୍ କଂଗ୍ରେସ ପକ୍ଷରୁ ୧୨ ଘଣ୍ଟିଆ ବନ୍ଦ ଡକରା ଦିଆଯାଇଥିବାବେଳେ ଏହାକୁ ସମସ୍ତ ବ୍ୟବସାୟୀ ସଂଘ, ମୋଟର ମାଲିକ ସଂଘ, ବିଭିନ୍ନ ସଂଗଠନ ଏବଂ ସ୍ଥାନୀୟ ଜନସାଧାରଣ ସମର୍ଥନ କରିଥିଲେ। କଂଗ୍ରେସର ବିଧାୟକ ପ୍ରାର୍ଥୀ ତଥା ଯୁବନେତା ବିଶ୍ୱଭୂଷଣ ଦାସ, ବ୍ଲକ୍ କଂଗ୍ରେସର ପୂର୍ବତନ ସଭାପତି ଏବଂ ସଂଯୋଜକ ଯଶୋବନ୍ତ ମହାନ୍ତିଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ କାକଟପୁରର ବଲରା ଛକ ଏବଂ ମେଡିକାଲ ଛକରେ ପିକେଟିଂ କରିବା ସହ ରାସ୍ତାରୋକ କରି ସରକାରଙ୍କ ବିରୋଧରେ ନାରାବାଜି ଦେବା ସହ କାକଟପୁରକୁ ଏନ୍‌ଏସି ମାନ୍ୟତା ନ ମିଳିଲେ ଆଗାମୀ ଦିନରେ ଏ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ରାଜ୍ୟ ସରକାରଙ୍କୁ ଚେତାବନୀ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁରୀ ଜିଲ୍ଲା କଂଗ୍ରେସ କମିଟି ସଂଯୋଜକ ଇଂ ରାଜେଶ ମିଶ୍ର, ମହିଳା ସଭାପତି ନିରୁପମା ପାତ୍ର, ସାଧାରଣ ସମ୍ପାଦକ ସୌମ୍ୟକାନ୍ତ ଖୁଣ୍ଟିଆ, ସେବା ଦଳ ଅଧ୍ୟକ୍ଷ ବିଶ୍ୱକେଶନ ହରିଚନ୍ଦନ, ଗୋପ କଂଗ୍ରେସ କମିଟି ସଭାପତି ଭାସ୍କର ସେଠ୍, ପିସିସି ପୂର୍ବତନ ସାଧାରଣ ସମ୍ପାଦକ ସୁକାନ୍ତ ପ୍ରଧାନ, ଅସ୍ତରଙ୍ଗ କଂଗ୍ରେସ କମିଟି ସଭାପତି ସୁକାନ୍ତ ମହାନ୍ତି, କୋଣାର୍କ କଂଗ୍ରେସ କମିଟି ସଭାପତି ଉପେନ୍ଦ୍ର କାଣ୍ଡି, ପୂର୍ବତନ କାକଟପୁର ବ୍ଲକ୍ ଅଧ୍ୟକ୍ଷ ବିପିନ ବିହାରୀ ମହାନ୍ତି, ଯୁବନେତା ଜୟନ୍ତ ବେହେରା, ଶେଖ୍ ଲିଆକତଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

## କଣାସରେ ସାର ଅଭାବ; ଚାଷୀ ହନ୍ତସନ୍ତ

କଣାସ,୨୮।୮ (ସମିସ): କେନ୍ଦ୍ର ଓ ରାଜ୍ୟ ସରକାର ଚାଷୀଙ୍କ ପ୍ରଗତି ପାଇଁ ବିଭିନ୍ନ ଯୋଜନା କରି କୋଟି କୋଟି ଟଙ୍କା ଖର୍ଚ୍ଚ କରିଚାଲିଥିବା ବେଳେ ପୁରୀ ଜିଲ୍ଲା କଣାସ ବ୍ଲକ୍‌ର ଚାଷୀ ଚଢ଼ା ଦରରେ ସାର କିଣୁଥିବା ଏବଂ ଆବଶ୍ୟକ ମୁତାବକ ସାର ମିଳୁ ନ ଥିବାରୁ ଚାଷୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରକାଶ ଯେ, କଣାସ ବ୍ଲକ୍‌ର ୨୮ଟି ଗ୍ରାମ ପଞ୍ଚାୟତରେ ୩୦ରୁ ଊର୍ଦ୍ଧ୍ୱ ସାର ବିକ୍ରେତା ସରକାରୀ ସ୍ୱୀକୃତିପ୍ରାପ୍ତ କରିଥିବାବେଳେ ୟୁରିଆ, ୨୮-୨୮ ଗ୍ରୋମର ସାର ବଜାରରେ ମିଳୁନାହିଁ। ୟୁରିଆ ସାର ବସ୍ତା ୨୭୦ ଟଙ୍କା ସରକାରୀ ଧାର୍ଯ୍ୟ ଥିବାବେଳେ ବିଭିନ୍ନ ସ୍ଥାନରେ ୪୦୦ରୁ ୫୦୦ଟଙ୍କା ବିକ୍ରି କରାଯାଉଛି। ୨୮-୨୮ ଗ୍ରୋମର ସାର ବସ୍ତା ପିଛା ସରକାରୀ ମୂଲ୍ୟ ୧୪୫୦ ଟଙ୍କା ଥିବାବେଳେ ୧୮୦୦ରୁ ଊର୍ଦ୍ଧ୍ୱ ଟଙ୍କାରେ ବିକ୍ରି ହେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। କଣାସରେ କୃଷି ଅଧିକାରୀ ପଦ ଦୀର୍ଘ ଦିନ ହେଲା ଖାଲି ପଡ଼ିଥିବାବେଳେ ୮ଦିନ ତଳେ ଜଣେ କୃଷି ଅଧିକାରିଣୀ କଣାସ କୃଷି କାର୍ଯ୍ୟାଳୟରେ ଯୋଗଦେଇଥିଲେ ମଧ୍ୟ ତାଙ୍କର ଦେଖାନାହିଁ। ସାର ଅଭାବ ସମ୍ପର୍କରେ କେତେକ ସରକାରୀ ସ୍ୱୀକୃତିପ୍ରାପ୍ତ ଡିଲରଙ୍କୁ ପଚାରିବାରୁ ସେ କହୁଛନ୍ତି ଆମେ ହୋଲ୍‌ସେଲରଙ୍କଠାରୁ ୟୁରିଆ ଓ ଗ୍ରୋମର ଆଣିବା ପାଇଁ ବାରମ୍ବାର ଦୌଡ଼ି ଦୌଡ଼ି ନିରାଶ ହେଲୁଣି। ଚାଷୀ ୟୁରିଆ ଓ ଗ୍ରୋମର ସାର ପାଇଁ ସରକାରୀ ସ୍ୱୀକୃତିପ୍ରାପ୍ତ ବିକ୍ରେତାଙ୍କ ପାଖକୁ ଯାଇ ସାର ନ ପାଇ ନିରାଶ ହୋଇ ଫେରୁଥିବାରୁ ଚାଷୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ଜିଲ୍ଲା କୃଷି ଅଧିକାରୀ ଚାଷୀଙ୍କ ସମସ୍ୟା ସମାଧାନ ପାଇଁ ଦୃଷ୍ଟି ଦେବାକୁ ଚାଷୀମାନେ ଦାବି କରିଛନ୍ତି।

## କଣାସରେ ଗଣେଶ ମଣ୍ଡପ ଉତ୍ସବମୁଖର

କଣାସ,୨୮।୮ (ସମିସ): ବୁଧବାର ଗଜାନନଙ୍କ ପୂଜା ଉତ୍ସବ ପାଳନ କରାଯାଉଥିବା ବେଳେ ଦିନତମାମ ବର୍ଷା ଲାଗି ରହିଥିବାରୁ କେତେକାଂଶରେ ବାଧା ସୃଷ୍ଟି କରିଥିଲା। ଗୁରୁବାର ବର୍ଷା ଛାଡ଼ିଯାଇଥିବାରୁ କଣାସ ବଜାରର ପ୍ରତ୍ୟେକ ଗଣେଶ ମଣ୍ଡପରେ ଜନଗହଳି ଲାଗିରହିଛି। ସେହିପରି କଣାସ ଗ୍ରାମ, ଡିମିରି ଗ୍ରାମ ଓ ଆଖପାଖ ଗ୍ରାମରେ ଅନୁଷ୍ଠିତ ଗଣେଶ ମଣ୍ଡପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେଉଥିବା ଦେଖିବାକୁ ମିଳିଛି। ଗଣେଶ ମଣ୍ଡପଗୁଡ଼ିକ ରଙ୍ଗ ବେରଙ୍ଗର ଆଲୋକରେ ସାଜସଜ୍ଜା ହୋଇଥିବାରୁ ବିଶେଷଭାବେ ଆକର୍ଷିତ ହୋଇଛି।



କଣାସ ବଜାରର ବାଲିଘାଇ ଛକରେ ଆର୍‌ଡିଏକ୍ସ ୟୁନିଟ୍ ପକ୍ଷରୁ ନିର୍ମାଣ କରାଯାଇଥିବା ତୋରଣ ବିଶେଷ ଆକର୍ଷଣ ହୋଇଥିବାବେଳେ କଣାସ କୁଞ୍ଜେଶ୍ୱରୀ ବଜାର, ବସ୍‌ଷ୍ଟାଣ୍ଡ, କୃଷ୍ଣନଗର, କଣାସ ଗୋଲାବଜାର, ସହନା କ୍ଲବ୍, ଚାନ୍ଦପଡ଼ା କ୍ଲବ୍ ଗଣେଶ ମଣ୍ଡପରେ ଜନଗହଳି ଲାଗିରହିଛି। କଣାସ କୁଞ୍ଜେଶ୍ୱରୀ ବ୍ୟବସାୟୀ ସଂଘ ଗଣେଶ ମଣ୍ଡପ ଏବଂ ଗୋଲାବଜାର ବ୍ୟବସାୟୀ ସଂଘ ଗଣେଶ ମଣ୍ଡପରେ ବିଭିନ୍ନ ପ୍ରବଚକମାନେ ପ୍ରବଚନ ଦେଉଥିବାରୁ ବହୁ ବୁଦ୍ଧିଜୀବୀ, ସଂସ୍କୃତି ପ୍ରେମୀମାନେ ଯୋଗଦେଇଛନ୍ତି।

## ନ୍ୟାୟ ଅପେକ୍ଷାରେ ଥାନାର ଦ୍ୱାରସ୍ଥହେଲେ ୬୦ରୁ ଊର୍ଦ୍ଧ୍ୱ ଚାଷୀ

ନିମାପଡ଼ା,୨୮।୮ (ସମିସ): ହାଇଦରାବାଦର ଏକ ଘରୋଇ କମ୍ପାନୀ ଅଧିକ ଅମଳ ପାଇଁ ଚାଷୀମାନଙ୍କୁ ଏକ ହାଇବ୍ରିଡ୍ ଧାନଚାଷ ପାଇଁ କମ୍ପାନୀର କର୍ମଚାରୀମାନେ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ବ୍ଲକ୍ ଅନ୍ତର୍ଗତ ଅଲଣ୍ଡା, ଛଣିଜଙ୍ଗ, ରଟିଲୋ, ବଡ଼ମାଛପୁର, ଚଇଁରପଦା, ଡେଣୁଅଁ ଆଦି ପଞ୍ଚାୟତ ସହିତ ନିକଟସ୍ଥ ଗୋପ ଓ ବାଲିପାଟଣା ବ୍ଲକ୍‌ର ଅନେକ ଚାଷୀ କମ୍ପାନୀର କର୍ମଚାରୀଙ୍କ କଥାରେ ବିଶ୍ୱାସ କରି ଏହି ଧାନ ବିହନ କିଣି ମେଲ୍ ଓ ଫିମେଲ୍ ଧାନ ଫସଲ କରିଥିଲେ। ତେବେ କମ୍ପାନୀର ପ୍ରତିଶ୍ରୁତି ଅନୁଯାୟୀ ଧାନ ଅମଳ ହୋଇନଥିଲା। ବିହନ କ୍ରୟ କରି ଫସଲ କରିଥିବା ଚାଷୀମାନେ କମ୍ପାନୀର କର୍ମଚାରୀଙ୍କୁ ଏ ବିଷୟରେ ଜଣାଇବା ପରେ କର୍ମଚାରୀମାନେ ପ୍ରତ୍ୟେକ ଚାଷୀ ଅମଳ କରିଥିବା ୨ରୁ ୩ କ୍ୱିଣ୍ଟାଲ ଧାନକୁ ସେମାନଙ୍କଠାରୁ ନେଇ ଦେଢ଼ମାସରୁ ଅଧିକ ହେବ ଧାନ ବାବଦ ଟଙ୍କା କିମ୍ବା ପ୍ରତିଶ୍ରୁତି ଅନୁଯାୟୀ ଫସଲ ହାନୀ ସହାୟତା ଚାଷୀଙ୍କୁ ଦେବା ପରିବର୍ତ୍ତେ କର୍ମଚାରୀମାନେ



ନିଜ ନିଜର ଫୋନ୍‌କୁ ସୁଇଚ୍ ଅଫ୍ କରି ଚାଷୀଙ୍କୁ ଭୂଆଁ ବୁଲାଇ ଆସୁଛନ୍ତି। ଗତ ବୁଧବାର ସନ୍ଧ୍ୟାରେ କେତେକ ଚାଷୀ ଉକ୍ତ କମ୍ପାନୀର ୨ଜଣ କର୍ମଚାରୀଙ୍କୁ ଧରି ପୁଲିସ ଜିମା ଦେଇଥିଲେ। କ୍ଷତିପୂରଣ ଦାବିରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ କ୍ଷତିଗ୍ରସ୍ତ ଚାଷୀ କମ୍ପାନୀର କର୍ମଚାରୀଙ୍କ ନାଁରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରେ କମ୍ପାନୀ କର୍ମଚାରୀ କ୍ଷତିଗ୍ରସ୍ତ ଚାଷୀଙ୍କୁ ଚୁକ୍ତି ଅନୁଯାୟୀ ୧ ମାସ ମଧ୍ୟରେ ନେଇଥିବା ଧାନ ଏବଂ ଫସଲ କ୍ଷତି ବାବଦ ଟଙ୍କା ଦେବେ ବୋଲି ଚାଷୀମାନଙ୍କ ସହିତ ଲିଖିତ ଚୁକ୍ତି କରିଥିବା ଜଣାପଡ଼ିଛି।

## ସରିଲା ଚାଷୀ ପଞ୍ଜୀକରଣ
## ୱେବ୍‌ସାଇଟ୍‌ରେ ଉପଲବ୍ଧ ହେଉନି ତଥ୍ୟ

ଗୋପ,୨୮।୮ (ସମିସ): ରାଜ୍ୟ ସରକାର ଚାଷୀମାନଙ୍କ ପାଇଁ ସରକାରୀ ବର୍ଦ୍ଧିତ ଦରରେ ଧାନ କିଣିବା ଲାଗି ମଣ୍ଡିର ବ୍ୟବସ୍ଥା କରିଥିବାବେଳେ ଚାଷୀମାନେ ନିଜର ନାମକୁ ଧାନ ବିକ୍ରି ଲାଗି ପଞ୍ଜୀକରଣ କରିଛନ୍ତି। ଗତ ୨୫ ତାରିଖଠାରୁ ଚାଷୀ ପଞ୍ଜୀକରଣ ଶେଷ ହୋଇଛି। ମାତ୍ର ଅଦ୍ୟାବଧି ୱେବ୍‌ସାଇଟ୍‌ରେ ଚାଷୀ ପଞ୍ଜୀକରଣ ତଥ୍ୟ ଉପଲବ୍ଧ ହେଉନଥିବା ଦେଖିବାକୁ ମିଳିଛି। ଫଳରେ ଅନେକ ନକଲି ଚାଷୀ ପଞ୍ଜୀକରଣ କରିଥିବା ନେଇ ଆଶଙ୍କା ଉପୁଜୁଛି। ସରକାର ଧାନର ସର୍ବନିମ୍ନ ମୂଲ୍ୟ ୩୧୦୦ ଟଙ୍କାକୁ ବୃଦ୍ଧି କରିବା ପରେ ଚାଷୀ ପଞ୍ଜୀକରଣ ଲାଗି ବିଭିନ୍ନ ମଣ୍ଡିରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଚାଷୀମାନେ ଆବଶ୍ୟକ କାଗଜପତ୍ର ଦେଇ ପଞ୍ଜୀକରଣ କରିଥିବାବେଳେ କ'ଣ ପାଇଁ ୱେବ୍‌ସାଇଟ୍‌ରେ ଚାଷୀଙ୍କ ତଥ୍ୟ ଉପଲବ୍ଧ ହେଉନାହିଁ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

କେନ୍ଦ୍ର ଓ ରାଜ୍ୟ ସରକାର ଡିଜିଟାଲ ଇଣ୍ଡିଆକୁ ଗୁରୁତ୍ୱ ଦେଉଥିବାବେଳେ ସମସ୍ତ ସରକାରୀ କାର୍ଯ୍ୟ ମଧ୍ୟ ଅନ୍‌ଲାଇନ୍ ଜରିଆରେ କରାଯାଉଛି। ସେହିପରି ଚାଷୀ ପଞ୍ଜୀକରଣ ଲାଗି ଫର୍ମ ସୋସାଇଟିରେ ଦାଖଲ ସମୟରେ ଆଖି ସ୍କାନ୍ ମଧ୍ୟ କରାଯାଉଛି। ସମସ୍ତ କାର୍ଯ୍ୟ ଅନ୍‌ଲାଇନ୍ ମାଧ୍ୟମରେ କରାଯାଉଥିଲେ ମଧ୍ୟ କ'ଣ ପାଇଁ ଏହି ତଥ୍ୟ ୱେବ୍‌ସାଇଟ୍‌ରେ ଉପଲବ୍ଧ ହେଉନି ଏହା ପଛରେ କ'ଣ ରହସ୍ୟ ରହିଛି ତାହା ତଦନ୍ତ ସାପେକ୍ଷ ହୋଇପଡ଼ିଛି। ଅପରପକ୍ଷେ ସରକାର ବଦଳିବା ପରେ କେତେକ ରାଜନୈତିକ ଦଳର ବ୍ୟକ୍ତିବିଶେଷ ସରକାରୀ କର୍ମଚାରୀ ଜାଲିଆତି କରି ନିଜକୁ ଚାଷୀ ବୋଲି ଦର୍ଶାଇ ସରକାରୀ ବର୍ଦ୍ଧିତ ଦରରେ ଧାନ ବିକ୍ରି କରିବା ପାଇଁ ନାମ ପଞ୍ଜୀକରଣ କରିଥିବା ଅଭିଯୋଗ ହୋଇଛି। ଗତ ବର୍ଷ ଗୋପ ବ୍ଲକ୍‌ର ୨୯ଟି ସେବା ସମବାୟ ସମିତିରେ ୯ ହଜାରରୁ ଊର୍ଦ୍ଧ୍ୱ ଚାଷୀ ଧାନ ବିକ୍ରି କରିବା ପାଇଁ ସେମାନଙ୍କ ନାମ ପଞ୍ଜୀକରଣ କରିଥିବାବେଳେ ଚଳିତ ବର୍ଷ ଏହା ୧୦ ହଜାରରୁ ଊର୍ଦ୍ଧ୍ୱ ହୋଇପାରେ ବୋଲି ଅନୁମାନ କରାଯାଉଛି। ଅଧିକ ସଂଖ୍ୟକ ଚାଷୀ ଧାନ ବିକ୍ରି ପାଇଁ ନାମ ପଞ୍ଜୀକରଣ କରୁଥିଲେ ମଧ୍ୟ ଧାନ ବିକ୍ରି ସମୟେର ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାଜ୍ୟ ସରକାର ଚାଷୀଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ବିଭିନ୍ନ ଯୋଜନା ପ୍ରଣୟନ କରୁଥିଲେ ମଧ୍ୟ କେତେକ ଅଣଚାଷୀ ସରକାରୀ କର୍ମଚାରୀ ଅସାଧୁ ବ୍ୟକ୍ତି ନିଜକୁ ଚାଷୀ ଦର୍ଶାଇ ସମସ୍ତ ସରକାରୀ ସୁବିଧା ହାତଉଛନ୍ତି। ସରକାର ଯୋଗ୍ୟ ଚାଷୀ ଚିହ୍ନଟ ନିମନ୍ତେ ସର୍ଭେ କରିବାର ଆବଶ୍ୟକ ରହିଥିବା ସାଧାରଣରେ ଆଲୋଚନା ହେଉଛି। ଅପରପକ୍ଷେ ଚାଷୀଙ୍କ ତଥ୍ୟ ୱେବ୍‌ସାଇଟ୍‌ରେ ଉପଲବ୍ଧ ହେଉନଥିବା ଯୋଗୁଁ ଅଧିକାଂଶ ନକଲି ଚାଷୀ ଧାନ ବିକ୍ରି ପାଇଁ ନାମ ପଞ୍ଜୀକରଣ କରିଥିବା ଆଶଙ୍କା ଉପଜିଛି। ଏହା ଉପରେ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ଶ୍ରୀଗଣେଶଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା

ଡେଲାଙ୍ଗ,୨୮।୮ (ସମିସ): ରେଞ୍ଜସ୍ଥିତ ଡେଲାଙ୍ଗ ମଣ୍ଡଳ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶିକ୍ଷା ଅଧିକାରୀ, କର୍ମଚାରୀ ଓ ସିଆର୍‌ସିସି ବୃନ୍ଦଙ୍କ ସମ୍ମିଳିତ ସହଯୋଗରେ ଗୁରୁବାର ପ୍ରଥମ କରି ଅଗ୍ରପୂଜ୍ୟ ଶ୍ରୀଗଣେଶଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ବିଧି ଅନୁଯାୟୀ, ପଣ୍ଡିତ ସନ୍ତୋଷ କୁମାର ତ୍ରିପାଠୀ, ଆଦିତ୍ୟ ମହାପାତ୍ରଙ୍କ



ଦ୍ୱାରା କଳସ ସ୍ଥାପନ, ସୂର୍ଯ୍ୟପୂଜା, ମାତୃପୂଜା ଓ ମନ୍ତ୍ରପାଠ ସହ ଚୁଆ, ହଳଦୀ, ଘୃତ, ମହୁ, ଦୁଗ୍ଧ, ଗୋମୟ ଆଦି ପ୍ରଲେପ ପରେ ବିଗ୍ରହଙ୍କ ମହାସ୍ନାନ, ହୋମପୂଜା ଏବଂ ପ୍ରାଣ ପ୍ରତିଷ୍ଠା କରାଯାଇ ସିଂହାସନରେ ସ୍ଥାପନ କରାଯାଇଥିଲା। ଗୋଷ୍ଠୀ ଶିକ୍ଷା ଅଧିକାରୀ ଶତ୍ରୁଘ୍ନ ବେହେରା ଏଥିରେ କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ସିଆର୍‌ସିସି ତପନ କୁମାର ମଲ୍ଲିକ, ଜଗନ୍ନାଥ ପରିଡ଼ା, ପ୍ରଦୀପ୍ତ ବଳିୟାରସିଂହ, ଦୟାନିଧି ମାର୍ଥା, ସୁଦୀପ୍ତ ପରିଡ଼ା, କୃତିବାସ ପରିଡ଼ା, କ୍ଷେତ୍ରବାସୀ ଆଲୁକ, ସୋମନାଥ ବେହେରା, ଦୁର୍ଯ୍ୟୋଧନ ପ୍ରଧାନ, ମନୋରଞ୍ଜନ ମହାରଣା, ସଂସ୍କୃତି ପ୍ରେମୀ ଶିକ୍ଷକ ଅଭୟ ଚରଣ ସାହୁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ କଳ୍ପନା ବିଶ୍ୱାଳ, ଜଗୁଆଳି ପ୍ରଫୁଲ୍ଲ ତାଡ଼ ପ୍ରମୁଖ ସହଯୋଗ କରିଥିଲେ।

## ପୁରୀ କୃଷି ବିଜ୍ଞାନ କେନ୍ଦ୍ରରେ ସିଏମ୍ କିଷାନ କିସ୍ତି ପ୍ରଦାନ ସମାରୋହ

ସାକ୍ଷୀଗୋପାଳ,୨୮।୮ (ସମିସ): ସିଏମ୍ କିଷାନର କିସ୍ତି ବୁଧବାର ଗଣେଶ ପୂଜା ଅବସରରେ ରାଜ୍ୟର କୃଷକଙ୍କୁ ଅନ୍‌ଲାଇନ୍ ମାଧ୍ୟମରେ ପ୍ରଦାନ କରାଯାଇଛି। ପୁରୀ ଜିଲ୍ଲାସ୍ତରୀୟ ସିଏମ୍ କିଷାନ ଉତ୍ସବ ସାକ୍ଷୀଗୋପାଳସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବରେ ପୁରୀ ଲୋକସଭା ସାଂସଦ ସମ୍ବିତ୍ ପାତ୍ର କୃଷି ଓ କୃଷକର ବିକାଶ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ଓ ସରକାର ଦେଇଥିବା କଥାକୁ ପାଳନ କରିଛନ୍ତି। ପୁରୀ ଜିଲ୍ଲାର ମୋଟ୍ ୨ ଲକ୍ଷ ୨୫ ହଜାର ୬୫୬ ଜଣ କ୍ଷୁଦ୍ର ଓ ନାମମାତ୍ର କୃଷକ ଏବଂ ୧୨୧୯ ଜଣ ଭୂମିହୀନ କୃଷକ ଏହି କିସ୍ତିରେ ୨ହଜାର ଟଙ୍କା ହିସାବରେ ସିଏମ୍ କିଷାନ ସମ୍ମାନ ନିଧି ସହାୟତା ମାଧ୍ୟମରେ ୪୫ କୋଟି ୩୭ ଲକ୍ଷ ୫୦ ହଜାର ଟଙ୍କା ପ୍ରାପ୍ତ କରିଛନ୍ତି। ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଏଥିରେ ଅଧ୍ୟକ୍ଷତା କରିବା ସହ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ବରିଷ୍ଠ ବୈଜ୍ଞାନିକ ଅମ୍ବିକା ପ୍ରସାଦ ନାୟକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଜିଲ୍ଲା କୃଷି ଅଧିକାରୀ, ସମସ୍ତ ବ୍ଲକ୍‌ସ୍ତରୀୟ, ଜିଲ୍ଲାସ୍ତରୀୟ କୃଷି ଅଧିକାରୀ, କର୍ମଚାରୀ ଏବଂ କୃଷକ ଉପସ୍ଥିତ ଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ସୁମିତ୍ରା ଆଚାର୍ଯ୍ୟ ସଭା ପରିଚାଳନା କରିଥିବାବେଳେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ସୁଶାନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ପରିଷଦ ସଭ୍ୟ ରତିକାନ୍ତ ମିଶ୍ର, ଜିଲ୍ଲା ପରିଷଦ ସଭ୍ୟା ବିଷ୍ଣୁପ୍ରିୟା ବରାଳ, ତ୍ରିଲୋଚନ ରଥ, ଦୀପକ ଶତପଥୀ, ସୁରେନ୍ଦ୍ର ପ୍ରଧାନ, ସୁବାସ ଚନ୍ଦ୍ର ଜେନା ପ୍ରମୁଖଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଗାଁରେ ପହଞ୍ଚିଲା ପ୍ରବାସୀ ଶ୍ରମିକଙ୍କ ମରଶରୀର

## ଉପମୁଖ୍ୟମନ୍ତ୍ରୀଙ୍କ ସମେତ ଜିଲ୍ଲା ଅଧିକାରୀମାନେ କଲେ ଶେଷ ଦର୍ଶନ

ନିମାପଡ଼ା,୨୮।୮ (ସମିସ): ନିମାପଡ଼ା ବଡ଼ମାଞ୍ଚପୁର ପଞ୍ଚାୟତର ପ୍ରବାସୀ ଶ୍ରମିକ ଦାଦନ ଖଟିବାକୁ କେରଳ ଯାଇଥିବାବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡ଼ିବାବେଳେ ରାଜ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହ ପ୍ରବାସୀ ଶ୍ରମିକଙ୍କ ଶବକୁ ଯଥା ସମ୍ମାନ ସହକାରେ ତାଙ୍କ ପୈତୃକ ଘରକୁ ପଠାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଗ୍ରାମରେ ପ୍ରବାସୀ ଶ୍ରମିକଙ୍କ ଶବ ପହଞ୍ଚିବା ପରେ ହଜାର ହଜାର ଲୋକଙ୍କ ସମାବେଶ ହୋଇଥିବାବେଳେ ଗ୍ରାମରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।



ସୂଚନା ଅନୁଯାୟୀ, ନିମାପଡ଼ା ବ୍ଲକ୍ ବଡ଼ମାଛପୁର ଗ୍ରାମର ହୀନା ନାୟକଙ୍କ ପୁଅ ବିଜୟ ନାୟକ କେରଳରେ ପ୍ରବାସୀ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ଦେହ ଅସୁସ୍ଥ ହେବାରୁ ଗତ ୨୪ ତାରିଖରେ ଟ୍ରେନ୍ ଯୋଗେ ନିଜ ଗ୍ରାମକୁ ଫେରୁଥିବାବେଳେ ଦେହ ଅଧିକ ଅସୁସ୍ଥ ହେବାରୁ କେରଳର ପାଲପାଟ ଷ୍ଟେସନରେ ଓହ୍ଲାଇ ସଂଜ୍ଞାହୀନ ହୋଇ ଯାଇଥିଲେ। ରେଲ୍‌ୱେ ପୁଲିସ ବିଜୟଙ୍କୁ ପାଲପାଟ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଖବର ପାଇ ପରିବାର ଭାଙ୍ଗି ପଡ଼ିବାବେଳେ ଖବର ପାଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ତାଙ୍କ ପରିବାର ସହିତ କଥା ହୋଇ ପ୍ରବାସୀଙ୍କୁ ଫେରାଇ ଆଣିବା ପାଇଁ କହିଥିଲେ। ଗୁରୁବାର ଦିନ ୧୧ଟାରେ ପ୍ରବାସୀ ଶ୍ରମିକଙ୍କ ମରଶରୀର ସ୍ୱତନ୍ତ୍ର ବିମାନ ଯୋଗେ ବିଜୁ ପଟ୍ଟନାୟକ ବିମାନ ବନ୍ଦରଠାରେ ପହଞ୍ଚିଥିବାବେଳେ ସେଠାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉପସ୍ଥିତ ରହିବା ସହିତ ରାଜ୍ୟ ବୀମା ବିଭାଗ ତରଫରୁ ଶ୍ରମ ଆୟୁକ୍ତ ଓ ପୁରୀ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାଶ୍ରମ ଅଧିକାରୀ ଖୋର୍ଦ୍ଧା ପ୍ରଭାକର ବିଶ୍ୱାଳଙ୍କ ସହଯୋଗରେ ଚିନ୍ମୟ ପ୍ରିୟଦର୍ଶିନୀ ସହକାରୀ ଶ୍ରମ ଅଧିକାରୀ ପୁରୀ, ପ୍ରିୟଙ୍କା ପ୍ରିୟଦର୍ଶିନୀ ଶ୍ରମ ଅଧିକାରୀ ପୁରୀ, ଚୌଧୁରୀ ସୁବ୍ରତ କୁମାର ଜେନା ଶ୍ରମ ଆୟୁକ୍ତ ପୁରୀ ଓ ମଧୁସ୍ମିତା ଶୁକ୍ଲା ପର୍ଯ୍ୟଟନ ଅଧିକାରୀ ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦରରେ ଉପସ୍ଥିତ ରହି ପ୍ରବସୀ ଶ୍ରମିକଙ୍କୁ ଉପମୁଖ୍ୟମନ୍ତ୍ରୀଙ୍କ ସମେତ ଉପସ୍ଥିତ ଅଧିକାରୀମାନେ ପୁଷ୍ପଗୁଚ୍ଛ ଦେଇ ଶେଷ ଦର୍ଶନ କରିଥିଲେ। ଏହାପରେ ମୃତଦେହ ଗ୍ରାମରେ ପହଞ୍ଚିବା ପରେ ତାଙ୍କୁ ବିଜେପି ନେତା ଶ୍ୟାମ ସୁନ୍ଦର ନାୟକ, ଯତିନ୍ଦ୍ର ସାଇଁ, କାଉନ୍‌ସିଲର ତଥା ନଗର ସଭାପତି ନିରଞ୍ଜନ ନାୟକଙ୍କ ସମେତ ଶତାଧିକ ଲୋକ ଶେଷ ଦର୍ଶନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବାରୁ ବିଜୟଙ୍କ ପରିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## କ୍ୟାନ୍ସର ପୀଡ଼ିତଙ୍କ ଚିକିତ୍ସାରେ ଅର୍ଥାଭାବ ବାଧକ

ନୟାହାଟ,୨୮।୮ (ସମିସ): ଲିଭର କ୍ୟାନ୍ସରରେ ପୀଡ଼ିତ ୩୧ ବର୍ଷର ଯୁବକଙ୍କ ଚିକିତ୍ସା ପାଇଁ ଆର୍ଥିକ ସହାୟତା ପାଇଁ ପତ୍ନୀ ସସ୍ମିତା ଭୋଇ ଆକୁଳ ନିବେଦନ କରିଛନ୍ତି। ପ୍ରକାଶ ଯେ, ପୁରୀ ଜିଲ୍ଲା ନୟାହାଟ ଫାଣ୍ଡି ଅନ୍ତର୍ଗତ ଧୂମାଳ ପଞ୍ଚାୟତର ଧୂମାଳ ଗ୍ରାମର କାଳନ୍ଦୀ ଭୋଇ ଜଣେ ଦିନ ମଜୁରିଆ। ଦିନେ କାମକୁ ନ ଗଲେ ଚୁଲି ଜଳେନି। ଗତ ୪ ମାସ ହେଲା ଲିଭର କ୍ୟାନ୍ସରରେ କାଳନ୍ଦୀ ପୀଡ଼ିତ ହୋଇ ଭୁବନେଶ୍ୱର ସମ୍ ହସ୍ପିଟାଲରେ ଚିକିତ୍ସାଧୀନ ଥିବାବେଳେ ସରକାରଙ୍କ ଅନୁଦାନ ସ୍ୱାସ୍ଥ୍ୟବୀମା କାର୍ଡରୁ ଅର୍ଥ ସରିଯିବା ପରେ କାଳନ୍ଦୀ ନିଜ ଘରେ ଆସି ଅଛନ୍ତି। ଖବର ପାଇ ଧୂମାଳ



ସରପଞ୍ଚଙ୍କ ପ୍ରତିନିଧି ତଥା ସମାଜସେବୀ ଅଭିମନ୍ୟୁ ସିଂହ ପୀଡ଼ିତଙ୍କୁ ଭେଟି ଆର୍ଥିକ ସହାୟତା ଯୋଗାଇବା ସହିତ ଶୁଖିଲା ଖାଦ୍ୟ ପ୍ରଦାନ କରିଥିଲେ। କାଳନ୍ଦୀଙ୍କ ୨ ବର୍ଷର ଝିଅ ଓ ବୃଦ୍ଧ ବାପା-ମାଆ ଥିବାବେଳେ ରୋଜଗାରକ୍ଷମ ଏକମାତ୍ର ପୁଅ ଲିଭର କ୍ୟାନ୍ସରରେ ପୀଡ଼ିତ ହେବାରୁ ଘରେ ଚୁଲି ଜଳୁ ନାହିଁ। ଦିନେ ଖାଇଲେ ଦିନେ ଉପବାସ। ଆର୍ଥିକ ସହାୟତା ଯୋଗାଇଦେବା ପାଇଁ ତାଙ୍କ ପତ୍ନୀ ସସ୍ମିତା ଭୋଇ ଫୋନ୍ ନମ୍ବର ୭୩୨୭୮୯୫୫୩୯ରେ ଯୋଗାଯୋଗ କରିବାକୁ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନକୁ ଆକୁଳ ନିବେଦନ କରିଛନ୍ତି।



# ଭୁବନେଶ୍ୱର ସିଟି

# ନିକୋ ପାର୍କରେ ନର୍କ ଯନ୍ତ୍ରଣା

ଭୁବନେଶ୍ୱର, ୨୮ ।୮ (ସମିସ)

ଦିନଥିଲା ପାର୍କରେ ଲୋକଙ୍କ କୋଳାହଳ ଓ ଗହଳିରେ ସକାଳ ସନ୍ଧ୍ୟାରେ ପାର୍କ ଫାଟି ପଡୁଥିଲା। ହେଲେ ସେହି ନିକୋ ପାର୍କ ବା ବିଡିଏ ସିଟି ସେଣ୍ଟର ଏବେ ଲୋକଙ୍କୁ ଅପେକ୍ଷା କରି ରହିଛି। ଯେଉଁ ପାର୍କ ଦିନେ ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣର ସ୍ଥାନ ପାଲଟିଥିଲା ସେଠାକୁ ଏବେ ଗୋଟିଏ ବି ପର୍ଯ୍ୟଟକ ଆସୁନାହାନ୍ତି।

ଛୋଟ ପିଲା ବୟସ୍କଙ୍କ ପାଇଁ ଚିତ୍ତବିନୋଦନ ପ୍ରମୁଖ କେନ୍ଦ୍ରସ୍ଥଳୀ ରହିଥିଲା ଏହି ପାର୍କ। ଏମିତି କି ବାହାଘର ଓ ଭୋଜି କରିବାର ଡେ଼ଷ୍ଟିନେସନ ପଏଣ୍ଟ ଥିଲା। ନୀଳ ଜଳରାଶିରେ ବୋଟିଂ, ଟଏ ଟ୍ରେନ, ଫିଲ୍ମ ଦେଖିବା ପାଇଁ ଦିନେ ଲୋକଙ୍କ ଭୀଡ଼ ଜମୁଥିଲା। ହେଲେ ଏବେ ସବୁ ଇତିହାସ ହେବା ସହ ନିଜର ଅସ୍ତିତ୍ୱ ହରାଉଥିବା ବେଳେ ବର୍ତ୍ତମାନ ସ୍ଥିତିରେ ଏକ ପ୍ରକାରର ନର୍କ ପାଲଟିଯାଇଛି ନିକୋ ପାର୍କ।




ନବେ ଦଶକରେ କୋଲକାତାର ନିକୋ ନାମକ ଏକ ସଂସ୍ଥା ଏହି ପାର୍କ ନିର୍ମାଣ କରିଥିଲା। ୧୯୯୮ ସମିହାରେ ଏହି ପାର୍କର ଲୋକାର୍ପଣ କରାଯାଇଥିଲା। ବିଡ଼ିଏ ଓ ନିକୋ ଗ୍ରୁପ୍ ମିଳିତ ପ୍ରୟାସରେ ଏହି ପାର୍କ ବିକଶିତ ହୋଇଥିଲା। ସେହି ସମୟରେ ଏହି ପାର୍କକୁ ଅତ୍ୟାଧୁନିକ ପାର୍କର ମାନ୍ୟତା ମଧ୍ୟ ମିଳିଥିଲା। ଏଠାରେ ୱାଟର ରାଇଡ଼ିଂ, ମ୍ୟୁଜିକାଲ ଉପକରଣ, ସିନେମା ଟ୍ରିକ୍ ସଲଭ୍, ହଣ୍ଟିଙ୍ଗ୍ ହାଉସ୍, ୱାକିଂ ବାର୍ଥ ସହ ଜିମ୍ ଉପକରଣ ଆଦି ରହିଥିଲା। ଏଥିସହିତ ଛୋଟ ପିଲାଙ୍କ ପାଇଁ ଟଏଟ୍ରେନ୍, କାରଡ୍ୟାନ୍ସ, ସ୍ୱାଏ ଦୋଳି, ହର୍ସ ଦୋଳିର ମଧ୍ୟ ବ୍ୟବସ୍ଥା କରାଯାଇଥିଲା। ଭଳିକିଭଳି ଖେଳ ଉପକରଣ ସାଙ୍ଗକୁ ଭୁଲ୍‌ଭୁଲେୟା ଓ ଡ଼ାଇନେସର ଗୃହ ମଧ୍ୟ ରହିଥିଲା। ଏଥିସହିତ ଫୁଲଗଛ ସହିତ ଫଟୋ ଉଠାଇବାର ଲୋକମାନେ ନେଇ ପାରୁଥିଲେ। ହେଲେ ୧୯୯୯ ମସିହା ମହାବାତ୍ୟାରେ ପାର୍କ ପୂରା ଛାରଖାର ହୋଇଗଲା। ନିକୋ ଗ୍ରୁପ୍ ଋଣ ଆଣି ପୁଣି ପାର୍କର ପୁନରୁଦ୍ଧାର କାର୍ଯ୍ୟ କରିଥିଲେ ବି ବିଭିନ୍ନ କାରଣରୁ ପାର୍କ ସେତେ ବିକଶିତ ହୋଇ ନ ଥିଲା। ନିକୋ ପାର୍କ ଏହି କାମରୁ ଓହରି ଯାଇଥିଲେ। ୨୦୦୭ ମସିହାରେ ବିଡ଼ିଏ ଓ ଏକ ଘରୋଇ ସଂସ୍ଥା ସନ୍‌ଟେକ୍ ସିଟି ଏହି ପାର୍କର ଦାୟିତ୍ୱ ନେଲେ। ପରେ ପାର୍କର ନାମ ବଦଳି ବିଡ଼ିଏ ସିଟି ସେଣ୍ଟର ହେଲା। ୨୦୧୯ ମସିହା ବାତ୍ୟା ଫନିରେ ପାର୍କ ଶ୍ରୀହୀନ ହୋଇଗଲା। ବାତ୍ୟା ପରେ ପରେ କରୋନା ପାଇଁ ପାର୍କ ଅନିର୍ଦ୍ଦିଷ୍ଟ କାଳ ପାଇଁ ତାଲା ପଡ଼ିଗଲା। କରୋନା ଯିବା ପରେ ୨୦୨୨ ମସିହାରେ ଏହି ପାର୍କ ଖୋଲିଲା। କିନ୍ତୁ ପାର୍କର ଆଉ ମରାମତି ବି କରାଗଲା ନାହିଁ। ସେହି ବର୍ଷ ବହୁତ ଅଭିଯୋଗ ପରେ ପ୍ରଶାସନ ପକ୍ଷରୁ ସଫା ମଧ୍ୟ କରାଗଲା। ହେଲେ ତିନି ବର୍ଷ ବିତିଯାଇଥିଲେ ମଧ୍ୟ ପାର୍କ ଏବେ ଶ୍ରୀହିନ ହୋଇ ପଡ଼ିଛି।

**ଅନାବନା ଘାସରେ ପରିପୂର୍ଣ୍ଣ ଭିତର ବାହାର**

**ଭିତରେ ଭଣଭଣ ମଶା; ଭାଙ୍ଗିଗଲାଣି ଖେଳ ଉପକରଣ**



ବର୍ତ୍ତମାନ ପାର୍କ ଖୋଲୁଥିଲେ ମଧ୍ୟ ଜଣେ ଲୋକକୁ ୧୦୦ ଟଙ୍କା ଟିକେଟ କରିବାକୁ ପଡୁଛି। ପାର୍କ ଭିତରେ ସମୁଦାୟ ୧୨ଟି ଆମୋଦଦାୟକ ବ୍ୟବସ୍ଥା ହୋଇଥିଲା। କିନ୍ତୁ ଏବେ କେବଳ ଷ୍ଟ୍ରାକିଙ୍ଗ୍ କାର, ୱାଟର କଷ୍ଟର, ଭୋରଟେକ୍ସ ଗେମ୍ ଚାଲୁଅଛି। ଆଉ ସବୁ ଜିନିଷ ଭାଙ୍ଗିଯିବା ସହିତ ନଷ୍ଟ ମଧ୍ୟ ହୋଇଗଲାଣି। ବର୍ଜ୍ୟଜଳ ମିଶି ପାର୍କରେ ଥିବା ଜଳ ଦୂଷିତ ଓ ବିଷାକ୍ତ ହୋଇ ପଡ଼ିଛି। ଏଥିସହିତ ପାର୍କ ଆଗରେ, ଟିକେଟ୍ ଘର ସାମ୍ନାରେ ଛୋଟ ଛୋଟ ଘାସ ଉଠିଥିବା ବେଳେ ପାର୍କ ଭିତର ଘାସରେ ପରିପୂର୍ଣ୍ଣ ହୋଇଛି। ଏଥିସହିତ ମଶାଙ୍କ ଉତ୍ପାତ ବଢ଼ିଯାଇଛି। କେଉଁ ଦିନ ୧୦ ଜଣ ଲୋକ ପାର୍କ ଆସୁଛନ୍ତି ତ ଆଉ କେଉଁଦିନ ଆଦୌ କେହି ଆସୁନାହାନ୍ତି।

ପାର୍କ ପାଇଁ ଯଦି ସମସ୍ତେ ଚିନ୍ତା କରିବେ ତେବେ ପାର୍କକୁ ପୁଣି ପର୍ଯ୍ୟଟକ ଫେରିବେ। ପାର୍କର ଆଲୋଚନା କେବଳ ଆଲୋଚନାରେ ରହିଯାଉଛି। ଯଦି ଏହି ଆଲୋଚନା କାମରେ ଲଗାଯାଆନ୍ତା ତେବେ କିଛିଟା ସୁଫଳ ମିଳିପାରନ୍ତା ବୋଲି ପାର୍କର ଜଣେ କର୍ମଚାରୀ କହିଛନ୍ତି। ପାର୍କର ସମସ୍ୟା ନେଇ ବିଡ଼ିଏ ଅଧିକାରୀଙ୍କ ସହିତ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୈଣସି ଉତ୍ତର ମିଳିପାରିନାହିଁ।

## ସଙ୍ଗୀତ ଓ କବିତାରେ ବର୍ଷାର ଅନୁଭବ

ଭୁବନେଶ୍ୱର, ୨୮।୮ (ସମିସ): ସମ୍ଭାବନା ଓ ସମ୍ଭାବନା ଓଡ଼ିଆଣୀ ସମିତି ପକ୍ଷରୁ ବର୍ଷା ସଙ୍ଗୀତକୁ ନେଇ ଗୀତଗୋବିନ୍ଦ ସଦନରେ 'ମେଘ ମହ୍ଲାର' ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନେଇ ଯା ରେ ମେଘ ମତେ, ମେଘ ବରଷିଲା ଟୁପୁରୁ ଟୁପୁରୁ କେଶୁର ମାଇଲା ଗଜା, ଗରଜେ ମେଘ ଘୁମ୍ ଘୁମ୍, ଆଜି ମୁଁ ଶ୍ରାବଣୀ, ପୁଣି ସେଇ ଶ୍ରାବଣରେ, ଶ୍ରାବଣରେ ଶ୍ରାବଣ, ସେଇ ବର୍ଷା ସେଇ ରାତି, ମାଝୀରେ, ବର୍ଷା ପଡ଼ିଲାଣି କେମିତି ଯିବା ଆଦି ଅନେକ ବର୍ଷା ସଙ୍ଗୀତ ପରିବେଷଣ ହୋଇଥିଲା। ଏହି ସୁନ୍ଦର ସଙ୍ଗୀତଗୁଡ଼ିକ ନିମାକାନ୍ତ ରାଉତରାୟ, ହରପ୍ରିୟା ସ୍ୱାଇଁ, ସିଦ୍ଧାନ୍ତ ଶତପଥି, ବିପୁଲ, ବିଜୟଲକ୍ଷ୍ମୀ ରାଉତରାୟ ପ୍ରମୁଖ କଣ୍ଠଶିଳ୍ପୀ ସଙ୍ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ବିଶିଷ୍ଟ ସାହିତ୍ୟିକ ଡ. ଅସିତ ମହାନ୍ତି, ଅନୁଷ୍ଠାନର ସମ୍ପାଦକ ଦେବ ପ୍ରସାଦ ପରିଜା, ୨୦୨୫ର ଶ୍ରେଷ୍ଠ ଓଡ଼ିଆଣୀ ରୀତା ଶଙ୍ଖୁଆ ଓ ସମ୍ଭାବନା ଓଡ଼ିଆଣୀ ସମିତିର ସଭାନେତ୍ରୀ ସୌଦାମିନୀ ଉପସ୍ଥିତ ଥିଲେ।

## ୩ ଜଣଙ୍କୁ 'ଓଡ଼ିଶୀ କଳା ସମ୍ମାନ'



ଭୁବନେଶ୍ୱର, ୨୮।୮ (ସମିସ): ନୃତ୍ୟାନୁଷ୍ଠାନ 'ଜ୍ୟୋତି କଳା ମନ୍ଦିର' ତରଫରୁ 'ଓଡ଼ିଶୀ କଳା ସମ୍ମାନ' ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାର ପ୍ରଥମ ଅର୍ଘ୍ୟରେ ଅନୁଷ୍ଠାନର ପ୍ରତିଷ୍ଠାତା ନିର୍ଦ୍ଦେଶକ ଗୁରୁ ଜ୍ୟୋତି ରାଉତଙ୍କ ଦ୍ୱାରା ଓଡ଼ିଆ ଅଭିନୟ 'ଆସି ଘନ କାଳ' ପରିବେଷିତ ହୋଇଥିଲା। ଏକ ନାତିଶୀତୋଷ୍ଣ ସନ୍ଧ୍ୟାରେ ଏହା ଉପସ୍ଥିତ ଦର୍ଶକଙ୍କୁ ବିମୋହିତ କରିଥିଲା। ପରେ ପରେ ଗୁରୁ ଜ୍ୟୋତି ରାଉତଙ୍କ ନିର୍ଦ୍ଦେଶନାରେ ବରିଷ୍ଠ ବର୍ଗର ନୃତ୍ୟଶିଳ୍ପୀମାନେ 'ଶିବ ମଙ୍ଗଳାଚରଣ' ଓ କନିଷ୍ଠ ବର୍ଗର ଶିଳ୍ପୀମାନଙ୍କ ଦ୍ୱାରା 'ଆନନ୍ଦ ଭୈରବୀ ପଲ୍ଲବୀ' ପରିବେଷଣ ହୋଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଅନୁଷ୍ଠାନର ବରିଷ୍ଠ ଛାତ୍ରୀମାନଙ୍କ ଦ୍ୱାରା 'ଶିବ ତାଣ୍ଡବ' ଓ 'ସଜ କଞ୍ଜ ନୟନା' ପରିବେଷଣ ହୋଇଥିଲା। ଶେଷରେ ନବୀନା ଛାତ୍ରୀମାନଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ ପରିବେଷଣ ହୋଇଥିଲା। ନୂଆଁଖାଇ ଅବସରରେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। ଅତିଥି ଭାବେ ମଧ୍ୟ ବିଧାୟକ ବାବୁ ସିଂହ, ସାହିତ୍ୟ ଏକାଡେମୀ ସଚିବ ଚନ୍ଦ୍ରଶେଖର ହୋତା, ସଂଗ୍ରାମ କେଶରୀ ପାଇକରାୟ, ନୃତ୍ୟଶିଳ୍ପୀ ସୁଜାତା ମହାପାତ୍ର ଯୋଗ ଦେଇଥିଲେ। ଏହି ଅବସରରେ ସଙ୍ଗୀତ ଗୁରୁ ଲକ୍ଷ୍ମୀକାନ୍ତ ପାଲିତ୍, ମର୍ଦ୍ଦଳ ଗୁରୁ ରବି ନାରାୟଣ ପଣ୍ଡା, ନୃତ୍ୟ ଗୁରୁ ବିମ୍ବାଧର ଦାସଙ୍କୁ ଚଳିତ ବର୍ଷର 'ଓଡ଼ିଶୀ କଳା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା।

## ଓଡ଼ିଶା ଉଦ୍ୟୋଗୀ ପରିବାରର ମାସିକ ବୈଠକ

ଭୁବନେଶ୍ୱର, ୨୮।୮ (ସମିସ): ସ୍ଥାନୀୟ ୟୁନିଟ-୯ ଠାରେ ଥିବା ବୁଦ୍ଧ ମନ୍ଦିର ପରିସରରେ ଓଡ଼ିଶା ଉଦ୍ୟୋଗୀ ପରିବାରର ମାସିକ ବୈଠକ ସଂଯୋଜକ ଶ୍ରୀକାନ୍ତ ସାହୁଙ୍କ ସଂଯୋଜନା ଓ ବିଶିଷ୍ଟ ଉଦ୍ୟୋଗୀ ଶିବ ନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଞ୍ଜାବ ନେସନାଲ ବ୍ୟାଙ୍କର ଶାଖା ମୁଖ୍ୟ ପରିଚାଳକ ଏଲଏଲ ମିଶ୍ର ଯୋଗଦେବା ସହିତ ପରିପ୍ରେକ୍ଷୀରେ ଉଦ୍ୟୋଗୀଙ୍କ ଭୂମିକା, ସାମୁହିକ କାର୍ଯ୍ୟଧାରା ସହିତ ଯେ କୌଣସି ଉତ୍ପାଦିତ ଦ୍ରବ୍ୟର ପ୍ରଚାର, ପ୍ରସାର ସହିତ ସେମାନଙ୍କ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ଉପରେ ଆଲୋକପାତ କରିବା ବ୍ୟାଙ୍କ ସର୍ବଦା ଉଦ୍ୟୋଗୀଙ୍କୁ ଋଣ ଓ ପ୍ରୋତ୍ସାହିତ କରିବା ଦିଗରେ ବଦ୍ଧ ପରିକର ବୋଲି ମତ ବ୍ୟକ୍ତ କରିଥିଲେ। ସଭାପତି ଶ୍ରୀଯୁକ୍ତ ମିଶ୍ର ଉଦ୍ୟୋଗୀଙ୍କ ସମ୍ମାନ, ସୁରକ୍ଷା, ଅଭିବୃଦ୍ଧି ସହିତ ସାମାଜିକ ଗଣମାଧ୍ୟମ, ଆଧୁନିକ ଜ୍ଞାନ କୌଶଳ, ସହିତ ସୋସିଆଲ ମିଡ଼ିଆ ମ୍ୟାନେଜମେଣ୍ଟର ଉପାଯୋଗୀତା ଉପରେ ମତବ୍ୟକ୍ତ କରିଥିଲେ। ଘରେ ଘରେ ଉଦ୍ୟୋଗୀ ସୃଷ୍ଟି କରିବା ଉଦ୍ୟୋଗୀ ପରିବାରର ମୂଳଲକ୍ଷ୍ୟ ବୋଲି ମତବ୍ୟକ୍ତ କରିଥିଲେ କ୍ଷବିଭିନ୍ନ ଜିଲ୍ଲାରୁ ଉଦ୍ୟୋଗୀମାନେ ଆସି ନିଜନିଜର ଅଭିଜ୍ଞତା ବଣ୍ଟନ କରିଥିଲେ। ଏହି ଅବସରରେ ପ୍ରାଉଡ଼ ପରଚେଜର ଭାବେ ଉଦ୍ୟୋଗୀ ଶ୍ୟାମ ସୁନ୍ଦର ମହାରଣାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସୀତାଂଶୁ ଶେଖର ମହାରଣା, ମନୋଜ, ନିଳୟକାନ୍ତ ନାୟକ ପରିଚାଳନା କରିଥିଲେ।

## ସରସ୍ୱତୀ ଶିକ୍ଷା ମନ୍ଦିରରେ ଭଗବତ୍ ଗୀତା କର୍ମଶାଳା



ହଂସପାଳ, ୨୮।୮ (ସମିସ): ନହରକଣ୍ଟାସ୍ଥିତ ସରସ୍ୱତୀ ଶିକ୍ଷା ମନ୍ଦିରରେ ଭଗବତ୍ ଗୀତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବାବାଜୀ ସତ୍ୟାନନ୍ଦ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଶୁଭାଇ ଭଉଣୀ ମାନଙ୍କୁ ଗୀତା ସମ୍ପର୍କ ରେ ଆଲୋକପାତ କରି କହିଥିଲେ ବାପାମାଆଙ୍କୁ ଭକ୍ତି କର, ପ୍ରତିଦିନ ସକାଳୁ ମୁଣ୍ଡିଆ ମାରିବା ସହ ତାଙ୍କ କଥାକୁ ଅକ୍ଷର ଅକ୍ଷର କରି ପାଳନ କରିବା ଏବଂ ତାଙ୍କର ସର୍ବଦା ସେବାକର ଯେପରିକି ବୃଦ୍ଧାଶ୍ରମର ଆବଶ୍ୟକତା ପଡ଼ିବ ନାହିଁ। ପ୍ରଫେସର ଡ଼ଃ ଅକ୍ଷୟ କୁମାର ମିଶ୍ର ଯୋଗ ଦେଇ ଗୀତା ଆମ ମାତା, ଗୀତା ରୁ ଆମେ ଦୈନନ୍ଦିନ କାର୍ଯ୍ୟ ଶିଖିଥାଉ ତେଣୁ ସମସ୍ତେ ଆମେ ପ୍ରତିଦିନ ଗୀତା ପାଠ କରିବା ଉଚିତ୍ ବୋଲି ନିଜ ଅଭିଭାଷଣ ରଖିଥିଲେ। ବିଦ୍ୟାଳୟର ସମ୍ପାଦକ ସୁରେନ୍ଦ୍ର ଖୁଣ୍ଟିଆ ସଭାରେ ସଭାପତିତ୍ୱ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଜୟଶ୍ରୀ ମହାପାତ୍ର, ଡମ୍ବରୁଧର ଜେନା, ବିଶ୍ୱଭୂଷଣ ବାରିକ ଓ ସମସ୍ତ ଗୁରୁଜୀ ଗୁରୁମା ଏବଂ ବହୁ ଶିଶୁ ଭାଇ ଭଉଣୀ ମାନେ ଯୋଗ ଦେଇଥିଲେ।

## ପ୍ରଧାନଶିକ୍ଷକଙ୍କ ପରଲୋକ

ବାଲକାଟି, ୨୮।୮ (ସମିସ): ବାଲିଅନ୍ତା ବ୍ଲକ ବାଲକାଟିସ୍ଥିତ ପ୍ରତାପଶାସନ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୁଃଶାସନ ରାଉତଙ୍କ ପରଲୋକ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୫୭ ବର୍ଷ ହୋଇଥିଲା। ସେ ଏହା ପୂର୍ବରୁ ପ୍ରତାପ ଶାସନ ବାଳିକା ଉଚ୍ଚ ବିଦ୍ୟାଳୟରେ ସହକାରୀ ଶିକ୍ଷକ ଭାବେ କାର୍ଯ୍ୟ ନିର୍ବାହ କରିଥିଲେ। ମଙ୍ଗଳବାର ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା। ବୁଧବାର କର୍ମକ୍ଷେତ୍ର ଉକ୍ତ ବିଦ୍ୟାଳୟକୁ ସ୍ୱର୍ଗତଃ ସ୍ୱାଇଁଙ୍କ ମରଶରୀର ଆସିବା ପରେ ସେଠାରେ ପ୍ରାକ୍ତନ ଶିକ୍ଷକ ପଣ୍ଡିତ ବ୍ରଜ କିଶୋର ମହାନ୍ତି, ବିଧୁଭୂଷଣ ପଟ୍ଟନାୟକ, ଜୟନ୍ତ ମହାନ୍ତି, ସମିତିସଭ୍ୟ ଗଙ୍ଗାଧର ମାହାରୀ, ପ୍ରଶାନ୍ତ ବାରିକ, ବିଜୟ ମୁଦୁଲି ଶେଷ ଦର୍ଶନ କରିଥିଲେ।

## ଧର୍ମବିହାର ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରରେ ବୌଦ୍ଧିକ ମଣ୍ଡପ ଉଦ୍‌ଘାଟିତ



ଭୁବନେଶ୍ୱର, ୨୮।୮ (ସମିସ): ଧର୍ମବିହାର ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର ପ୍ରାଙ୍ଗଣରେ ଶ୍ରୀଗଣେଶ ପୂଜା ଓ ନୂତନ ବୌଦ୍ଧିକ ମଣ୍ଡପ ଉଦଘାଟିତ ହୋଇଯାଇଛି। ମହାନଗର ସଙ୍ଘଚାଳକ ସମୀର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଶ୍ରୀନିବାସ ମାନସିଂହ, ସମ୍ପାଦକ ସତ୍ୟନାରୟଣ ପଟ୍ଟନାୟକ, କୋଷାଧକ୍ଷ ନାରୟଣ ଚୌଧୁରୀ ଓ ପ୍ରଧାନ ଆଚାର୍ଯ୍ୟ ମାନସ ରଞ୍ଜନ ଜେନା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ଶିକ୍ଷା ବିକାଶ ସମିତିର ସମ୍ପାଦକ ସରୋଜ ହାତୀ, ପ୍ରାନ୍ତ ସଂଗଠନ ମନ୍ତ୍ରୀ ତାରକଦା ସରକାର, ପୂର୍ବ ସମ୍ଭାଗ ସଂଯୋଜକ ଶିରୀଶ ହାତୀ, ବିଭାଗ ନିରୀକ୍ଷକ ନୃସିଂହ ଚରଣ ମିଶ୍ର ଏହି ଉତ୍ସବରେ ଉପସ୍ଥିତ ରହିଥିଲେ।

## ସାମ୍ବାଦିକ ସୁଶାନ୍ତ ଦାସଙ୍କ ପିତୃବିୟୋଗ



ଭୁବନେଶ୍ୱର, ୨୮।୮ (ସମିସ): ବରିଷ୍ଠ ସାମ୍ବାଦିକ ସୁଶାନ୍ତ କୁମାର ଦାସଙ୍କ ପିତା ସୁରେନ୍ଦ୍ର ନାଥ ଦାସଙ୍କ ହୃଦଘାତରେ ୯୪ ବୟସରେ ଗୁରୁବାର ପରଲୋକ ଘଟିଛି। ହୃଦଘାତ ପରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ପରେ ଏମ୍ସ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ହାର୍ଟ ସର୍ଜରୀ କରାଯାଇଥିଲା ପରେ କିଡ୍‌ନୀ ଖରାପ ଯୋଗୁଁ ଡ଼ାଏଲିସିସ୍ କରାଯାଇଥିଲା। ବହୁତ ପ୍ରଚେଷ୍ଟା କରିବା ପରେ ଶେଷରେ ସେ ଇହଲିଳା ତ୍ୟାଗ କରିଛନ୍ତି। ସୁରେନ୍ଦରଙ୍କ ବୁବନ୍ଦୋବସ୍ତ, ଜମିଜମା, ସମ୍ବନ୍ଧୀୟ ଆଇନଗତ ଦିଗ ଉପରେ ବିଶେଷ ପାଣ୍ଡିତ୍ୟ ରହିଥିଲା। ଭୁବନେଶ୍ୱର ଉପକଣ୍ଠସ୍ଥିତ ପୈତୃକ ଗ୍ରାମରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

## ଜେଏମ୍‌ଏସ୍‌ଏରେ ଆନ୍ତଃସ୍କୁଲ ଜିମ୍ନାଷ୍ଟିକ୍ସ



ଭୁବନେଶ୍ୱର, ୨୮।୮ (ସମିସ): ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ନିକଟସ୍ଥ ସମେଇଗାଡିଆ ଜେଏମ୍ ସ୍ପୋର୍ଟ୍ସ ଏକାଡେମୀ ପରିସରରେ ଚତୁର୍ଥ ଆନ୍ତଃସ୍କୁଲ ଜିମ୍ନାଷ୍ଟିକ୍‌ସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୀ ଜିଲ୍ଲା ସ୍କୁଲ ଓଭରଅଲ ଚାମ୍ପିଅନ ହୋଇଥିଲାବେଳେ ଦିଲ୍ଲୀ ପବ୍ଲିକ୍ ସ୍କୁଲ ରନର୍ସଅପ୍ ହୋଇଛି। ଏଥିରେ ୬ ବର୍ଷରୁ କମ୍ ଏବଂ ୧୨ ବର୍ଷ କିମ୍ବା ତାଠାରୁ ଅଧିକ ବୟସର ଖେଳାଳିଙ୍କ ମଧ୍ୟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ୬ ବର୍ଷରୁ କମ୍ ବିଭାଗରେ ହୃଦୟ ସିଂଘାଣିଆ ଓ ଜୟଶ୍ରୀ ପରମାଣିକ, ୮ ବର୍ଷରୁ କମ୍ ବିଭାଗରେ ଭାସ୍କର ଭବିକ ବେଉରା ଓ କିଭା ପ୍ରିୟଦର୍ଶିନୀ ବରାଳ, ୧୦ ବର୍ଷରୁ କମ୍ ବିଭାଗରେ ବିଷ୍ଣୁପ୍ରସାଦ ସାମନ୍ତରାୟ, ଦିବ୍ୟାଞ୍ଜଳି ମହାନ୍ତ ୨ଟି ଲେଖାଏଁ, ଆଡଭାନ୍ସ ବୟସ ବିଭାଗରେ ଯଶରାଜ ମହାନ୍ତି, ଦିବ୍ୟାଂଶ ପାଣିଗ୍ରାହୀ ଓ ଏଶ୍ୱର୍ଯ୍ୟା ଭଟ୍ଟାଚାର୍ଯ୍ୟ ୩ଟି ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଖୁସି ରେଡ୍ଡୀ ଗୋଟିଏ ବିଭାଗରେ ପ୍ରଥମ ହୋଇଥିଲେ। ଖେଳ ଶେଷରେ ପୂର୍ବତନ କ୍ରୀଡ଼ାମନ୍ତ୍ରୀ ସୁରେଶ ରାଉତରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ପ୍ରମୋଦ କର, ସିଦ୍ଧାର୍ଥ ଶଙ୍କର ରାଉତ, ନରେନ୍ଦ୍ର ସେଠୀ ଓ ଜ୍ୟୋତିରଞ୍ଜନ ବେହେରା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏକାଡେମୀର ଅଧକ୍ଷା ମୀରାରାଣୀ ଦାସଙ୍କ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସମ୍ପାଦକ ଯଶୋବନ୍ତ ଦାସ ଓ ଆଡଭୋକେଟ ସୁବ୍ରତ ମହାପାତ୍ର ସମସ୍ତ ପ୍ରକାର ସହଯୋଗ କରିଥିଲେ।

# ଉପକଣ୍ଠରେ ସୁଧୁରୁନି ରାସ୍ତା ଯନ୍ତ୍ରଣା

ଭୁବନେଶ୍ୱର, ୨୮।୮ (ସମିସ): ଏବେବି ମହାନଗର ନିଗମ ଅଧିନରେ ରହିଥିବା ଅଞ୍ଚଳ ଗୁଡ଼ିକରେ ଲୋକେ ମାଟି ରାସ୍ତାକୁ ଭରସା କରୁଛନ୍ତି। ବିଭିନ୍ନ ଗାଁ ଗହଳି ଓ ଅପହଞ୍ଚ ଇଲାକାରେ ପକ୍କା ରାସ୍ତା ନିର୍ମାଣ କରାଯାଉଥିବା ବେଳେ ରାଜଧାନୀରେ ଲୋକଙ୍କ ଯାତାୟତର ମାଧ୍ୟମ ପାଲଟିଛି ମାଟି ରାସ୍ତା। ଚାରିଆଡ଼େ ଛିଡ଼ା ହୋଇଛି ଆପାର୍ଟମେଣ୍ଟ, କେତେକ ସ୍ଥାନରେ ବଡ଼ ବଡ଼ ଅଟ୍ଟାଳିକା ନିର୍ମାଣ କାର୍ଯ୍ୟ ମଧ୍ୟ ଚାଲିଛି। ହେଲେ ଯିବାକୁ ନାହିଁ ରାସ୍ତା। ଅଞ୍ଚଳ ଭିତରକୁ ଯିବାକୁ ହେଲେ ଚାଲିଚାଲି ଯିବାକୁ ପଡୁଛି। ବିଶେଷକରି କାର୍ କିମ୍ବା ବଡ଼ ଗାଡ଼ି ଏହି ରାସ୍ତା ଦେଇ ଯିବାକୁ ନାକେଦମ୍ ହେଉଛନ୍ତି ଗାଡ଼ି ଚାଳକ। କାରଣ ରାସ୍ତାଗୁଡ଼ିକ ଅଣଓସାରିଆ ସାଙ୍ଗକୁ ମୋରମ୍ ଅବା ମାଟି ରାସ୍ତା। କେଉଁଠି ରାସ୍ତା ଉପରେ ନଳକୂପ ପାଣି ଜମି ରହିଛି ତ ଆଉ କେଉଁଠି ଖାଲ ଖମାରେ ଭର୍ତ୍ତି ହୋଇଛି। ଅସରାଏ ବର୍ଷା ହେଲେ ସ୍ଥିତି ଆହୁରି ସାଂଘାତିକ। ଅଜଣା ଲୋକେ ଏହି ରାସ୍ତାରେ ଗଲେ ଭୟଭୀତ ହୋଇ ପଡୁଛନ୍ତି। ଏଭଳି ରାସ୍ତା ଦେଖିବାକୁ ମିଳିଛି ଭୁବନେଶ୍ୱର ମହାନଗର ନିଗମ ଅଧୀନସ୍ଥ ୱାର୍ଡ ନମ୍ବର ୪ରେ ରହିଥିବା ପାହାଳରୁ ଯୋହଳକୁ ସଂଯୋଗ କରୁଥିବା ରାସ୍ତା।

**■ ଟେଣ୍ଡର ପରେ ବି ହୋଇପାରିଲାନି ରାସ୍ତାକାମ**

**■ ହନ୍ତସନ୍ତ ହେଉଛନ୍ତି ସ୍ଥାନୀୟ ଲୋକେ**



ପାହାଳ ଛକରୁ ମାତ୍ର ୧କିଲୋମିଟର ଦୂରରେ ରହିଛି ଏହି ମାଟି ରାସ୍ତା। ଭୁବନେଶ୍ୱର ମହାନଗର ନିଗମ ସହ ଯୋଡ଼ି ହେବା ପରେ ବି ସୁଧୁରି ପାରନି ଅଞ୍ଚବାସୀଙ୍କ ଗମନାଗମନ ବ୍ୟବସ୍ଥା। ପାହାଳ, ଯୋହଳ, ଗୋହଳ, ନହରକଣ୍ଟା, ନଖରା ଗାଁକୁ ରାସ୍ତାଟି ସଂଯୋଗ କରୁଥିବାରୁ ପ୍ରତିଦିନ ଶହଶହ ଲୋକେ ଯାତାୟତ କରନ୍ତି ଏହି ରାସ୍ତାରେ। ଯୋହଳରେ ପ୍ରାୟ ୫୦୦ ପରିବାର ରହିଥିବା ବେଳେ ସେମାନଙ୍କ ଏକମାତ୍ର ଭରସା ହେଉଛି ଏହି ମାଟି ରାସ୍ତା। ହେଲେ ବର୍ତ୍ତମାନ ଲଗାଣ ବର୍ଷାରେ ରାସ୍ତା ପାଇଁ ସହରକୁ ଗମନାଗମନ ଏକପ୍ରକାର ବିଚ୍ଛିନ୍ନ ହୋଇଥିବା କୁହାଯାଉଛି। ପୂର୍ବରୁ ଏଠାକାର ଲୋକମାନେ ଚାଷଜମି ସମେତ ଗୋପାଳନକୁ ଭରସା କରୁଥିବା ବେଳେ ଧିରେ ଧିରେ ଚାଷଜମି ଗୁଡ଼ିକ ଉପରେ ଗଢ଼ି ଉଠିଲା ବଡ଼ ବଡ଼ ଅଟ୍ଟାଳିକା। ଗାଁ ଲୋକେ ଏବେବି ଏଠାରେ ଗୋପାଳନ କରି ପରିବାର ଗୁଜୁରାଣ ମେଣ୍ଟାଉଛନ୍ତି। ସେହିପରି କେତେକ ସହରୀ ପରମ୍ପରାକୁ ଆପଣେଇ ସମସ୍ତଙ୍କ ଜୀବନଶୈଳୀରେ ପରିବର୍ତ୍ତନ କରିଛନ୍ତି। ହେଲେ ଆଜିଯାଏ ସୁଧୁରି ପାରିନି ରାସ୍ତା ସମସ୍ୟା। କେତେକ ସ୍ଥାନରେ ରାସ୍ତା ଗୁଡ଼ିକ ଅଣଓସାରିଆ ହୋଇଥିବାରୁ ଜରୁରୀ ସମୟରେ ଆମ୍ବୁଲାନ୍ସ ତ ଦୂରର କଥା ଅଟୋ ମଧ୍ୟ ଯିବାକୁ ରାସ୍ତା ନାହିଁ। ଫଳରେ ଅଞ୍ଚଳବାସୀ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସବୁଠୁ ବଡ଼ କଥା ହେଉଛି ରାସ୍ତା ଗୁଡ଼ିକରେ ଖାଲଖମା ଭର୍ତ୍ତି ହୋଇଥିବାରୁ ଅସରାଏ ବର୍ଷାରେ କୃତ୍ରିମ ପୋଖରୀ ପାଲଟୁଛି ଚଲାପଥ। ଫଳରେ ସ୍କୁଲ ଛାତ୍ରଛାତ୍ରୀମାନଙ୍କ ଠାରୁ ଆରମ୍ଭ କରି ବୟସ୍କ ବ୍ୟକ୍ତି ମଧ୍ୟ ଅସୁବିଧାର ଶିକାର ହେଉଛନ୍ତି। ଏନେଇ ଗ୍ରାମବାସୀମାନେ କହିଛନ୍ତି ଯେ, ପକ୍କା ରାସ୍ତା ନିର୍ମାଣ ପାଇଁ ବହୁବାର ଅଭିଯୋଗ ପରେ ୨୦୨୨ ଶେଷ ଆଡ଼କୁ ମସିହାରେ ରାସ୍ତା କାମ ପାଇଁ ଟେଣ୍ଡର ହୋଇଥିଲା। ଦେଢ଼ କିଲୋମିଟର ରାସ୍ତା ଓ ଉଭୟ ପାର୍ଶ୍ୱରେ ଡ୍ରେନ୍ କାମ କରାଯିବାକୁ ମଧ୍ୟ ଅର୍ଥ ମଞ୍ଜୁର ହୋଇଥିଲା। ପ୍ରଥମେ ଡ୍ରେନ୍ କାମ ପାଇଁ ରାସ୍ତା ଖୋଳାଯାଇ କାମ ଆରମ୍ଭ କରାଯାଇଥିଲା। ୧୦୦ ମିଟର ପର୍ଯ୍ୟନ୍ତ ଡ୍ରେନ୍ କାମ କରାଯାଇଥିବା ବେଳେ ତା ପରେ କାମ ବନ୍ଦ ରହିଛି। ପକ୍କା ରାସ୍ତା ତ ଦୂରର କଥା ଡ୍ରେନ୍ କାମ ବି ଅଧାପନ୍ତରିଆ ଭାବେ ପଡ଼ି ରହିଛି। ତେଣୁ ବର୍ଷା ସମୟରେ ଜଳ ନିଷ୍କାସନ ହୋଇନପାରୀ କୃତ୍ରିମ ପୋଖରୀ ଭ୍ରମ ସୃଷ୍ଟି କରୁଥିବା ବେଳେ ଲୋକେ ଜରୁରୀ କାମରେ ବାହାରକୁ ଯାଇପାରୁ ନାହାନ୍ତି। ଯେଉଁମାନେ ଯାଉଛନ୍ତି ସେମାନେ ପାଣି କାଦୁଅରେ ପଶି ଯିବା ଆସିବା କରୁଥିବା ବେଳେ ଦୁଇଚକିଆ ଯାନ କାଦୁଅରେ ପୋତି ହୋଇଯାଉଥିବା ଗ୍ରାମବାସୀମାନେ କହିଛନ୍ତି। ତେବେ ଦୀର୍ଘଦିନ କାମ ହୋଇ ନ ପାରିବାରୁ ଟେଣ୍ଡର କ୍ୟାନସଲ ହୋଇଯାଇଥିବା ଗ୍ରାମବାସୀମାନେ କହିବା ସହ ତୁରନ୍ତ ରାସ୍ତା କାମ କରାଯିବାକୁ ଦାବି କରିଛନ୍ତି। ଏନେଇ ୱାର୍ଡର କର୍ପୋରେଟରଙ୍କୁ ଯୋଗଯୋଗ କରାଯାଇଥିଲେ ବି ଯୋଗାଯୋଗ ହୋଇପାରି ନାହିଁ।

ଡିଜିଟାଲ୍ ଇଣ୍ଡିଆର ବିକଳ ଚିତ୍ର

# ୮ ଗାଁ ଲୋକ ନେଟ୍‌ୱର୍କ ସେବାରୁ ବଞ୍ଚିତ

ମୋହନା,୨୮।୮ (ସମିସ)





ବିଜେପି ସରକାରର ବିଭିନ୍ନ ପ୍ରତିଶ୍ରୁତି ମଧ୍ୟରୁ ଡିଜିଟାଲ ଇଣ୍ଡିଆ ଅନ୍ୟତମ। ଏହି ସେବା ମାଧ୍ୟମରେ ପଲ୍ଲୀରୁ ଦିଲ୍ଲୀ ଆଧୁନିକୀକରଣ ସହ ମୋବାଇଲ ନେଟୱାର୍କ ସେବା ମାଧ୍ୟମରେ ବିଭିନ୍ନ ସୁବିଧା ପାଇପାରିବେ। କିନ୍ତୁ ଗଜପତି ଜିଲ୍ଲାରେ ସରକାରଙ୍କ ଏହି ନାରା ବିଫଳ ହୋଇଛି। ଜିଲ୍ଲାର ଉପାନ୍ତ ମୋହନା ବ୍ଲକର ଦୁର୍ଗମ ଅଞ୍ଚଳରେ ଥିବା ଖାରୀଗୁଡା ପଞ୍ଚାୟତ ଅନ୍ତର୍ଗତ ଅରୁମପେଟା ଗାଁ ସହ ୮ ଗାଁ ଲୋକେ ନେଟୱାର୍କ ସେବାରୁ ବଞ୍ଚିତ। ସରକାର ଗୋଟିଏ ପଟେ ଡିଜିଟାଲ ସେବା ଯୋଗାଉଥିବା ବେଳେ ଆଜି ମଧ୍ୟ ଏମିତି ଗାଁ ନେଟୱାର୍କ ସୁବିଧାରୁ ବଞ୍ଚିତ ହୋଇ ରହିଛନ୍ତି। ଯାହା ଫଳରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଗ୍ରାମବାସୀ। ଛାତ୍ରଛାତ୍ରୀଙ୍କ ଅନ୍‌ଲାଇନରେ ପାଠ ପଢ଼ା ହେଉ, ସରକାରୀ କାର୍ଯ୍ୟ ଅବା ଜରୁରୀକାଳୀନ ସେବା ସବୁଥିରେ ବଞ୍ଚିତ ହୋଇ ରହୁଛନ୍ତି ଏହି ଅଞ୍ଚଳର ଲୋକେ। ଗାଁ ଗାଁରେ ନେଟୱାର୍କ ସେବା ଜରୁରୀ ହୋଇ ପଡ଼ିଥିବା ବେଳେ ଲୋକଙ୍କ ପାଖରେ ମୋବାଇଲ ଅଛି କିନ୍ତୁ ନେଟୱାର୍କ ନଥିବା ଯୋଗୁଁ କୌଣସି କାର୍ଯ୍ୟରେ ଆସୁନାହିଁ ମୋବାଇଲ। ଛାତ୍ରଛାତ୍ରୀ ଅନଲାଇନ ପାଠପଢା ନିମନ୍ତେ ନେଟୱାର୍କ ପାଇଁ ପାଖାପାଖି ୫ ରୁ ୬ କିଲୋ ମିଟର ଦୂରକୁ ଯିବାକୁ ପଡୁଛି। ଏମିତିକି ଗାଁରେ ଯଦି କେହି ସ୍ୱାସ୍ଥ୍ୟ ସମସ୍ୟାରେ ପଡନ୍ତି ତା ହେଲେ ଆମ୍ବୁଲାନ୍ସକୁ ଯୋଗାଯୋଗ କରି ପାରୁନଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ସମସ୍ୟା ନେଇ ଖାରୀଗୁଡା ପଞ୍ଚାୟତର ଡେଙ୍ଗାପୁଟି, ଅରୁମପେଟା, ବୁରୀଗୁଡା, ଗୁବେଲ, ଗୁଞ୍ଜିପଦର, ୱାଲାପଙ୍କା, ଲେଖାରିଗାଁ, ଟିକେଲମା, ଗରଡ଼ା ଓ ବାଟୀପଙ୍କା ଗ୍ରାମବାସୀ ଅଭିଯୋଗ କରି ଆସୁଛନ୍ତି ତଥାପି କେହି ଶୁଣୁନଥିବା କହିଛନ୍ତି। ଏହାହେଉଛି ଡିଜିଟାଲ ଇଣ୍ଡିଆର ବାସ୍ତବ ଚିତ୍ର, ଆଗାମୀ ଦିନରେ ସମସ୍ୟାର ସମାଧାନ ନହେଲେ ଅଞ୍ଚଳବାସୀ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ୟୁରିଆ ସାର ଅଭାବ; ଚାଷୀ ହନ୍ତସନ୍ତ

ଟିକାବାଲି, ୨୮।୮ (ସମିସ)




କନ୍ଧମାଳ ଜିଲ୍ଲା ଟିକାବାଲି ସମେତ ଶଙ୍କରାଖୋଲ ଚକାପାଦ, ପାବୁରିଆ ଇତ୍ୟାଦି ବଜାରରେ ୟୁରିଆ ସାର ପ୍ରାୟ ଏକ ମାସ ହେବ ମିଳୁନାହିଁ। ସରକାରୀ ସ୍ତରରେ ବହୁମୁଖୀ ସମବାୟ ସମିତି ତରଫରୁ ଲ୍ୟାମ୍ପ୍‌ସକୁ ଚଳିତ ବର୍ଷ ଜୁନ୍ ମାସରେ ୨୦୫ କ୍ୱିଣ୍ଟାଲ ୟୁରିଆ ସାର ଆସିଥିଲା। ଧାନ ରୁଆ ସରିବା ପୂର୍ବରୁ ଅଗଷ୍ଟ ମାସ ପହିଲାରୁ ସାର ଶେଷ ହୋଇଯାଇଛି। ସେହିଭଳି ଗଡ଼ଗୁଡ଼ା ଲ୍ୟାମ୍ପସ୍‌କୁ ମଧ୍ୟ ପାଖାପାଖି ୨୦୦ କ୍ୱିଣ୍ଟାଲ ୟୁରିଆ ଆସିଥିଲା। ତାହା ମଧ୍ୟ ଅଗଷ୍ଟ ପହିଲାରୁ ସରିଯାଇଥିବା ସୂଚନା ମିଳିଛି। ଟିକାବାଲି ବଜାରରେ ମାତ୍ର ଗୋଟିଏ ସାର ଦୋକାନ ଥିବା ବେଳେ ସେଠାରେ ମଧ୍ୟ ସାର ନାହିଁ। ଫଳରେ ଚାଷୀ ନାହିଁ ନଥିବା ହଇରାଣ ହେଉଛନ୍ତି। ଏନେଇ ଟିକାବାଲି ଲ୍ୟାମ୍ପସ୍ ଅଧିକାରୀ ଶିଶିର କୁମାରଙ୍କୁ ପଚାରିବାରୁ ସାର ଗଚ୍ଛିତ କରି ରଖିବାକୁ ସ୍ଥାନ ବା ବଡ଼ ଗୋଦାମ ନଥିବାରୁ ପର୍ଯ୍ୟାପ୍ତ ପରିମାଣରେ ଅଣା ଯାଉନଥିବା କହିଛନ୍ତି। ଏହା ବ୍ୟତୀତ ଫୁଲବାଣୀ ଲ୍ୟାମ୍ପରେ ମଧ୍ୟ ୟୁରିଆ ନଥିବାରୁ ସାର ଆସିପାରୁନ ଥିବା କହିଛନ୍ତି। ଚଳିତ ବର୍ଷ ଟିକାବାଲି ଲ୍ୟାମ୍ପରେ ୨୯୦ଚାଷୀଙ୍କ ନାମ ପଞ୍ଜିକରଣ ହୋଇଥିବା ବେଳେ ଟିକାବାଲିର ଅନ୍ୟ ଏକ ଗଡଗୁଡା ଲ୍ୟାମ୍ପରେ ମଧ୍ୟ ପାଖାପାଖି ୩୦୦ ଚାଷୀ ପଞ୍ଜୀକରଣ ହୋଇଛନ୍ତି। ଏହା ବ୍ୟତୀତ ଭାଗ ଚାଷୀ ଓ ଅନ୍ୟ କ୍ଷୁଦ୍ର ଚାଷୀଙ୍କୁ ମିଶାଇ ୭ ହଜାରରୁ ଅଧିକ ଚାଷୀ ଧାନଚାଷ କରିଛନ୍ତି। ମାତ୍ର ଧାନ ଚାଷରେ ୟୁରିଆ ଅଭାବରୁ ବାଧା ଉପୁଜୁଥିବାରୁ ଚାଷୀ ଚିନ୍ତାରେ। ଠିକ୍ ସମୟରେ ଯଦି ସାର ନମିଳେ ତେବେ ଧାନ ଅମଳ ପ୍ରଭାବିତ ହେବ ବୋଲି କୁହାଯାଇଛି। କର୍ତ୍ତୃପକ୍ଷ ଅଳ୍ପଦିନ ମଧ୍ୟରେ ୟୁରିଆ ସାର ଯୋଗାଣ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି।

## ଗୁମ୍ମା ପଞ୍ଚାୟତ; ଜଳଛତ୍ର ନାଁରେ ବ୍ୟାପକ ଅର୍ଥ ହରିଲୁଟ୍

ଗୁମ୍ମା,୨୮।୮ (ସମିସ)



ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ଗୁମ୍ମା ପଞ୍ଚାୟତରେ ଜଳଛତ୍ର ନାଁରେ ବ୍ୟାପକ ଟଙ୍କା ଆତ୍ମସାତ କରାଯାଇଥିବା ଅଭିଯୋଗ ହୋଇଛି। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁସାରେ ଗୁମ୍ମା ପଞ୍ଚାୟତରେ ଜଳଛତ୍ର ପାଇଁ ଗୋଟିଏ ମାଟି ହାଣ୍ଡିରେ ପାନୀୟ ଜଳ ରଖିବାକୁ ୧୬ ହଜାର ୫ଶହ ଟଙ୍କା ବାବଦରେ ୧୦ ଜଳଛତ୍ର ଖୋଲାଯାଇ ୧ଲକ୍ଷ ୬୫ହଜାର ଟଙ୍କା ସରକାରୀ କଳରୁ ପଞ୍ଚାୟତ ନିର୍ବାହୀ ଅଧିକାରିଣୀ ଉର୍ବଶୀ ପାଣିଙ୍କ ଖାତା ନମ୍ବର ୩୬୨୩୪୪୬୯୬୯୫କୁ ପଠାଯାଇଥିବା ଉଲ୍ଲେଖ ରହିଛି। କିନ୍ତୁ ଗ୍ରୀଷ୍ମଋତୁରେ ଦିନ ସାରା ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ରହି ପିଇବା ପାଣି ଯୋଗାଇଥିବା ଅସ୍ଥାୟୀ କର୍ମଚାରୀଙ୍କ ପାରିଶ୍ରମିକ ମଞ୍ଜୁର ଟଙ୍କା ହରିଲୁଟ କରାଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ଖ୍ରୀଷ୍ଟିଆନ ସାହି, ପାଇକ ସାହି, ହାଟପଦା ଛକ, କୁତାମ ଓ କେସିପୁର ଆଦି ବିଭିନ୍ନ ସ୍ଥାନରେ ଜଳଛତ୍ର ବାବଦରେ ପଞ୍ଚାୟତ ନିର୍ବାହୀ ଅଧିକାରିଣୀ କର୍ମଚାରୀମାନଙ୍କୁ ମାତ୍ର ୧୦ହଜାର ଟଙ୍କା ପ୍ରଦାନ କରିଥିଲେ। କିନ୍ତୁ ଗୁମ୍ମା ପଞ୍ଚାୟତ ଖାତାକୁ ଗୋଟିଏ ଜଳଛତ୍ର କର୍ମଚାରୀଙ୍କ ବାବଦରେ ୧୬ହଜାର ୫ଶହ ଟଙ୍କା ଆସିଥିବା ବେଳେ ବାକି ୬୫୦୦ ଟଙ୍କା କୁଆଡ଼େ ଗଲା ବୋଲି ପ୍ରଶ୍ନ କରିଛନ୍ତି ଦେବୀ ଲିମ୍ମା, ପଦ୍ମା ପାଣି, ବିନନ୍ଦିନୀ ନାୟକ, ଦ୍ରୁପଦି ପାଇକ ଓ ଅନ୍ୟମାନେ। ଏନେଇ ପିଇଓ ଉର୍ବଶୀ ପାଣିଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ କୌଣସି ଉତ୍ତର ଦେଇ ନଥିଲେ। ପୂର୍ବରୁ ମଧ୍ୟ ଉକ୍ତ ପିଇଓଙ୍କ ନାମରେ ଅନେକ ଅଭିଯୋଗ ପରେ ମଧ୍ୟ ବ୍ଲକ ପ୍ରଶାସନ ଏବଂ ଜିଲ୍ଲା ପ୍ରଶାସନ ନିରବଦ୍ରଷ୍ଟା ସାଜିବାରୁ ଏଭଳି ଆତ୍ମସାତ ଅଭିଯୋଗ ଆସିଛି ବୋଲି ବୁଦ୍ଧିଜୀବୀ ମହଲରେ କ୍ଷୋଭ ପ୍ରକାଶ ପାଇଛି। ଏନେଇ ତୁରନ୍ତ ଅଭିଯୋଗକାରୀ ଏବଂ ଅଞ୍ଚଳବାସୀ ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି।

## ଫିରିଙ୍ଗିଆରେ ମା’ ପିତାବଳିଙ୍କ ଯନ୍ତାଳ ଯାତ୍ରା



ଫିରିଙ୍ଗିଆ,୨୮।୮ (ସମିସ): ଫିରିଙ୍ଗିଆ ବ୍ଲକ ଫିରିଙ୍ଗିଆର ଅଧିଷ୍ଠାତ୍ରୀ ଦେବୀ ମା’ ପିତାବଳୀଙ୍କ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଯନ୍ତାଳ ଯାତ୍ରା ବା ନୂଆଁଲାଗି ବାର୍ଷିକ ପର୍ବ ପାଳିତ ହୋଇଛି। ଗୁରୁବାର ସକାଳୁ ଯଥାବିଧି ପ୍ରକାରେ ମା’ ପିତାବଳୀ ମନ୍ଦିର ପୂଜା ଓ ପରିଚାଳନା କମିଟି ଏବଂ ଅଞ୍ଚଳର ଭକ୍ତ ପୂଜକ ସତ୍ୟନାରାୟଣ ଭୁକ୍ତା ଏବଂ ବାହୁକ ପଦ୍ମଚରଣ ପ୍ରଧାନଙ୍କୁ ବାଜାବାଦ୍ୟ ଢୋଲ ମହୁରୀ ସହ ମନ୍ଦିରକୁ ପଟୁଆରରେ ପାଛୋଟି ଆଣିଥିଲେ। ଦିନ ତମାମ ମନ୍ଦିରରେ ପୂଜା ଅନୁଷ୍ଠିତ ହୋଇଥିଲା। ଭୋଗ ଚମାଇବା ପରେ ସନ୍ଧ୍ୟାରେ ମା’ଙ୍କ ପାଖରେ ନବାହ୍ନ ଲାଗି କରାଯାଇଥିଲା। ଅଞ୍ଚଳରେ ପୂର୍ବରୁ ଚଳି ଆସିଥିବା ପ୍ରଥା ଅନୁସାରେ ମା’ଙ୍କ ପାଖରେ ଗୁରୁବାର ନବାହ୍ନ ଲାଗି ପରେ ଶୁକ୍ରବାର ପ୍ରତ୍ୟେକ ଗାଁରେ ଘରେ ଘରେ ନୂଆଖାଇ ପାଳନ କରାଯାଇଛି। ମନ୍ଦିର ପୂଜକ ସତ୍ୟନାରାୟଣ ଭୁକ୍ତା ଓ ବାହକ ଭାବରେ ପଦ୍ମ ଚରଣ ପ୍ରଧାନ ପୂଜା କାର୍ଯ୍ୟ କରିଥିଲେ। ମା’ ପିତାବଳୀ ମନ୍ଦିର ପରିଚାଳନା କମିଟି ସମ୍ପାଦକ ଗୁରୁବନ କହଁର, ମୃତ୍ୟୁଞ୍ଜୟ ସାହୁ, ଚକ୍ରଧର ନାୟକ, ଉମା ବିନ୍ଧାଣି, ଅନ୍ଧୁ ମୁଖି, ଟୁକୁ ମୁଖୀ, ପ୍ରମୋଦ କହଁର, ପତି ପ୍ରଧାନ, କୁତକା କହଁର, ବିଶ୍ୱରଞ୍ଜନ କହଁର, କମିଟି ସଦସ୍ୟ ଏବଂ ଫିରିଙ୍ଗିଆ ଅଞ୍ଚଳବାସୀ ସହଯୋଗ କରିଥିଲେ। ସରୋଜ ଚର୍ଚ୍ଚି ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଚଳିତ ବର୍ଷ ମଧ୍ୟ ପୂର୍ବବର୍ଷ ଭଳି ଜିଲ୍ଲା ଏବଂ ଜିଲ୍ଲା ବାହାରୁ ଶତାଧିକ ଭକ୍ତ ଯୋଗ ଦେଇଥିଲେ।

## ଗଜପତିର ଆଇ.ମନ୍ମଥରାଓଙ୍କୁ ପଞ୍ଚମ ବିମୁଗ୍ଧା ସମ୍ମାନ

ପାରଳାଖେମୁଣ୍ଡି,୨୮।୮ (ସମିସ): ଭୁବନେଶ୍ୱରର ଭଞ୍ଜମଣ୍ଡପରେ ପଦାମୃତ ନୃତ୍ୟ ଅନୁଷ୍ଠାନ ତରଫରୁ ଆୟୋଜିତ ପଞ୍ଚମ ବିମୁଗ୍ଧା କାର୍ଯ୍ୟକ୍ରମରେ ଗଜପତି ଜିଲ୍ଲାର ଦୂରଦର୍ଶନ ସାକ୍ସୋଫୋନ୍ କଳାକାର ଆଇ. ମନ୍ମଥରାଓ ସମ୍ମାନୀତ ହୋଇଛନ୍ତି। ତାଙ୍କୁ ଏହି ଅବସରରେ ମାନପତ୍ର, ଉପଢୌକନ ଓ ୫ ହଜାର ଟଙ୍କା



ପ୍ରଦାନ କରାଯାଇଛି। ଉକ୍ତ ଉତ୍ସବରେ ଅତିଥି ଭାବେ ସଂଗୀତ ନାଟକ ଏକାଡେମୀର ସଚିବ ଡ. ଚନ୍ଦ୍ରଶେଖର ହୋତା, ଗୁରୁ ଧନେଶ୍ୱର ସ୍ୱାଇଁ, ପଣ୍ଡିତ ରଘୁନାଥ ପାତ୍ର, ନୃତ୍ୟବିତ୍ ଶୁଭଶ୍ରୀ ମୁଖାର୍ଜୀ, ଅନୁଷ୍ଠାନର ଉପଦେଷ୍ଟା ନୃସିଂହଚରଣ ପଟ୍ଟନାୟକ, ପଦାମୃତ ନୃତ୍ୟାୟନର ସମ୍ପାଦକ ସୀତାକାନ୍ତ ଜେନା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଅନୁଷ୍ଠାନର ନୃତ୍ୟ ଗୁରୁ ତଥା ଦୂରଦର୍ଶନ ଶିଳ୍ପୀ ପ୍ରିତିପ୍ରିୟା ବେହେରା ଓ ବିନ୍ଦୁପ୍ରିୟା ବେହେରାଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଓଡିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ମନ୍ମଥଙ୍କ ଏ ସମ୍ମାନ ପାଇଁ ଗଜପତି ଜିଲ୍ଲା କଳାକାର ତଥା ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି।

## ନିଖୋଜ ବୃଦ୍ଧଙ୍କ ଗଳିତ ମୃତଦେହ ଉଦ୍ଧାର

ମୋହନା,୨୮।୮ (ସମିସ): ଗଜପତି ଜିଲ୍ଲା ଆର.ଉଦୟଗିରି ପୁଲିସ ଜଣେ ନିଖୋଜ ବୃଦ୍ଧଙ୍କ ଗଳିତ ମୃତଦେହ ଉଦ୍ଧାର କରିଛି। ସେ ହେଲେ ରାମଗିରି ଥାନା ପରିସଲ ଗାଁର ଉଦୟ ମାଳି (୭୦)। ବୃଦ୍ଧ ଜଣକ ଚଳିତ ମାସ ୭ ତାରିଖରୁ ନିଖୋଜ ଥିବା ପରିବାର ଲୋକେ ରାମଗିରି ଥାନାରେ ଅଭିଯୋଗ କରିଥିଲେ। ପୁଲିସ ବିଭିନ୍ନ ସ୍ଥାନରେ ଖୋଜା ଖୋଜି କରିଥିବାବେଳେ ତାଙ୍କର କୌଣସି ସନ୍ଧାନ ମିଳି ନଥିଲା। ଆଜି ଛେଳିଗଡ଼ ଜଳ ପ୍ରକଳ୍ପର ବାଙ୍କିଝର ନଦୀ ପଥରେ ସ୍ଥାନୀୟ ଲୋକେ ଏକ ମୃତଦେହ ପଡ଼ିଥିବା ଦେଖି ଆର.ଉଦୟଗିରି ଥାନାକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ମୃତଦେହ ଜବତ କରି ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ମୃତଦେହକୁ ଚିହ୍ନଟ କରିଥିଲେ। ଏନେଇ ଆର୍.ଉଦୟଗିରି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହେବା ସହ ପୁଲିସ ଶବ ଜବତ କରି ଘଟଣାର ତଦନ୍ତ କରିବା ସହ ବ୍ରହ୍ମପୁର ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

## ପଦ୍ମ ତୋଳିବାକୁ ଯାଇ ପୋଖରୀରେ ବୁଡ଼ି ଯୁବକ ମୃତ



ଗୋଷାଣି, ୨୮।୮ (ସମିସ): ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଗୁରାଣ୍ଡି ଥାନା ଅନ୍ତର୍ଗତ ଜଙ୍ଗଲପାଡୁ ଗ୍ରାମର ଜଣେ ଯୁବକ ବୁଧବାର ଗଣେଶ ପୂଜା ପାଇଁ ପୋଖରୀରୁ ପଦ୍ମଫୁଲ ତୋଳିବାକୁ ଯାଇ ବୁଡ଼ି ପ୍ରାଣ ହରାଇଛନ୍ତି। ମୃତକ ହେଲେ କନ୍ଦର୍ପ ସାମଲ (୩୫)। ସେ ଅପରାହ୍ନ ୩ଟାରେ ଗ୍ରାମରେ ଚାଲିଥିବା ଗଣେଶ ପୂଜା ପାଇଁ ପଦ୍ମଫୁଲ ଆଣିବାକୁ ଜେନା ପୋଖରୀକୁ ଯାଇ ଫେରିନଥିଲେ। ଖୋଜାଖୋଜି ପରେ ବି ପତ୍ତା ମିଳିନଥିଲା। ଗାଈ ଚରାଳିମାନେ ସନ୍ଧ୍ୟାରେ ପୋଖରୀ ହୁଡ଼ାରେ ତାଙ୍କ ଚପଲ ଦେଖି ଗ୍ରାମବାସୀଙ୍କୁ ସୂଚନା ଦେଇଥିଲେ। ଖବର ପାଇ ଗୁରାଣ୍ଡି ଥାନା ଓ ପାରଳାଖେମୁଣ୍ଡି ସ୍ଥିତ ଅଗ୍ନିଶମବାହିନୀ ବିଳମ୍ବିତ ସନ୍ଧ୍ୟା ପର୍ଯ୍ୟନ୍ତ ପୋଖରୀରେ ବହୁ ଖୋଜାଖୋଜି କରିବା ପରେ ରାତ୍ର ସାଢେ ୧୦ଟାରେ ମୃତଦେହ ଉଦ୍ଧାର କରିଥିଲେ। ଶବ ବ୍ୟବଚ୍ଛେଦ ନିମନ୍ତେ ମହାପ୍ରୟାଣ ଗାଡ଼ିକୁ ଖବର ଦେଇଥିଲେ ମଧ୍ୟ ବିଳମ୍ବରେ ପହଞ୍ଚିବ ବୋଲି ସୂଚନା ପାଇବା ପରେ ଅଗ୍ନିଶମ ବାହିନୀ ଗାଡ଼ିରେ ଶବକୁ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଏନେଇ ଗୁରାଣ୍ଡି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବାର ଏଏସ୍‌ଆଇ ସୁଶାନ୍ତ ଦଳେଇ ସୂଚନା ଦେଇଛନ୍ତି।

## ବିଲକୁ ଖସିଲା ଲକ୍ଷ୍ମୀ ବସ୍

ଚକାପାଦ,୨୮।୮ (ସମିସ): କନ୍ଧମାଳ ଜିଲ୍ଲା ବପଲ ମେଣ୍ଡି-ସଲାଗୁଡ଼ା ନିକଟରେ ଆଜି ଅପରାହ୍ନରେ ଶଙ୍କରାଖୋଲ ପଟୁ ଲାଇନପଡ଼ାକୁ ଆସୁଥିବା ଲକ୍ଷ୍ମୀ ବସ୍ ଭାରସାମ୍ୟ ହରାଇ ଏକ ଗଛକୁ ଧକ୍କା ଦେଇ ବିଲ ଭିତରକୁ ପଶିଯାଇଥିଲା। ବିଲରେ ପାଣି କାଦୁଅ ଥିବାରୁ ଗାଡ଼ି ବିଶେଷ କ୍ଷତିଗ୍ରସ୍ତ ହୋଇନଥିଲା। କେବଳ ସାମ୍ନା କାଚ ଭାଙ୍ଗି ଯାଇଛି। ଏଥିରେ ଜଣେ ମହିଳା ଆହତ ହୋଇଥିବାରୁ ତାଙ୍କୁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟ ଯାତ୍ରୀମାନେ ସାମାନ୍ୟ ଆହତ ହୋଇଥିବା ଜଣାଯାଇଛି।

## ଆନ୍ଧ୍ରରେ ଓଡ଼ିଆ ଶ୍ରମିକ ମୃତ



ଗୁମ୍ମା,୨୮।୮ (ସମିସ): ରାଜ୍ୟରେ ଦାଦନ ଶ୍ରମିକଙ୍କ ଦୁଃଖ ଦୂର ହେଉନାହିଁ। ସରକାର ବଦଳିଥିବା ବେଳେ ଦାଦନ ଶ୍ରମିକଙ୍କ ଦୁଃଖ ଦୂର ହେବା ପରିବର୍ତ୍ତେ ବଢ଼ିବାରେ ଲାଗିଛି। ସୂଚନାଯୋଗ୍ୟ ଯେ, ଦାଦନ ଖଟିବାକୁ ଯାଇଥିବା ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ନାମନଗଡ଼ ପଞ୍ଚାୟତ ଅଙ୍ଗେଇଡ଼ା ଗ୍ରାମର ଦିଲକାଶ ଶବରଙ୍କ (୧୫)ଙ୍କ ଆନ୍ଧ୍ରପ୍ରଦେଶ ରାଜମନ୍ଦ୍ରୀରେ ମୃତ୍ୟୁ ଘଟିଛି। ଅର୍ଥ ଅଭାବରୁ ଦିଲକାଶ ୨ବର୍ଷ ପୂର୍ବେ ନାମନଗଡ଼ ସରକାରୀ ବିଦ୍ୟାଳୟରୁ ଅଷ୍ଟମ ଶ୍ରେଣୀରେ ପାଠପଢା ଛାଡ଼ି ରାଜମନ୍ଦ୍ରୀ ସ୍ଥିତ ଏକ କୋଠାଘର ନିର୍ମାଣରେ ଶ୍ରମିକ ଭାବେ କାମ କରିବାକୁ ଯାଇଥିଲେ। ମଙ୍ଗଳବାର ଅଜଣା ଗାଡ଼ି ଧକ୍କାରେ ଦିଲକାଶଙ୍କ ସେଠାରେ ମୃତ୍ୟୁ ଘଟିଛି। ପୁଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରିବା ସହ ତଦନ୍ତ କରୁଥିବା ବେଳେ ବୁଧବାର ରାତିରେ ଦିଲକାଶଙ୍କ ମୃତଦେହ ଗାଁରେ ପହଞ୍ଚିଥିଲା। ଏନେଇ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ପୁଅକୁ ହରେଇ ପରିବାର ଲୋକେ ଭାଙ୍ଗି ପଡିଥିବା ବେଳେ ଗ୍ରାମବାସୀ ଦିଲକାଶଙ୍କ ପରିବାର ଲୋକଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଅନୁରୋଧ କରିଛନ୍ତି।

## କୁର୍ମିଙ୍ଗିଆ-ରିଟୁଡ଼ି ରାସ୍ତା ମରଣଯନ୍ତା

### ଜରୁରିକାଳୀନ ସେବା ପ୍ରଭାବିତ

ଜି.ଉଦୟଗିରି,୨୮।୮ (ସମିସ): ଜି.ଉଦୟଗିରି ବ୍ଲକ କଳିଙ୍ଗା ପଞ୍ଚାୟତର କୁର୍ମିଙ୍ଗିଆ-ରେଟୁଡ଼ି ରାସ୍ତା ଏବେ ମରଣଯନ୍ତା ପାଲଟିଛି। ବର୍ଷାରେ ଏହା ଅଧିକ ଦୟନୀୟ ହୋଇପଡିଛି।



ଏହି ରାସ୍ତା ଦେଇ ସାଇକଲ, ବାଇକ୍ ଯିବା ମଧ୍ୟ କଷ୍ଟକର ହେଉଥିବା ବେଳେ ତିନି ଚକିଆ, ଚାରିଚକିଆ ଯାନ ଯିବା ଅସମ୍ଭବ ହୋଇପଡିଛି। ଏପରିକି ଜରୁରୀ ସେବା ପାଇଁ ଆମ୍ବୁଲାନ୍ସ ଆସିବା କଷ୍ଟକର ହୋଇପଡିଛି। ଏହି ଅଞ୍ଚଳରେ ହାତୀ ଭୟ ରହିଥିବା ବେଳେ ରାସ୍ତା ଖରାପ ଯୋଗୁ ବନ ବିଭାଗ ପହଞ୍ଚିବାରେ ମଧ୍ୟ ସମସ୍ୟା ଦେଖାଦେଇଛି। ରାସ୍ତା ପାଇଁ ବିଶେଷ କରି ଛାତ୍ରଛାତ୍ରୀ ନିୟମିତ ଯିବା ଆସିବାରେ ନାହିଁ ନଥିବା ହଇରାଣ ହୋଇଛନ୍ତି। ଯାହାକୁ ନେଇ ଦିନକୁ ଦିନ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢିବାରେ ଲାଗିଛ। ପକ୍କା ରାସ୍ତା ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଆବାସ ଯୋଜନାରୁ ବଞ୍ଚିତ ବୃଦ୍ଧା ରତ୍ତୁ ଦିଗାଲ

ଫିରିଙ୍ଗିଆ,୨୮।୮ (ସମିସ)





- ଲଗାଣ ବର୍ଷାରେ ଭାଙ୍ଗିଲା କାନ୍ଥ; ଅଳ୍ପକେ ବର୍ତ୍ତିଗଲେ
- ଜରିପାଲ ଟଣା ଭଙ୍ଗାଦଦରା ଘରେ ବିତୁଛି ଜୀବନ

ଯୋଗ୍ୟ ଆବାସ ହିତାଧିକାରୀ ଆବାସ ଯୋଜନାରୁ ବଞ୍ଚିତ ହୋଇ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବାବେଳେ ବହୁ ଅଯୋଗ୍ୟ ଘର ହାତେଇଛନ୍ତି। କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ରତଙ୍ଗ ପଞ୍ଚାୟତ ୨ନଂ. ନମ୍ବର ୱାର୍ଡ ଡାଙ୍ଗେଡ଼ିକିଆ ବରସାହିର ଜଣେ ଅସହାୟ ବିଧବା ମହିଳା ରତ୍ତୁ ଦିଗାଲଙ୍କୁ ଆଜି ପର୍ଯ୍ୟନ୍ତ ଘର ଖଣ୍ଡିଏ ମିଳିପାରିନାହିଁ। ବର୍ତ୍ତମାନ ତାଙ୍କର ବୟସ ୮୦ ଟପିଥିବାବେଳେ କାଗଜପତ୍ର ଠିକ ନଥିବାରୁ ଭତ୍ତା ଏକ ହଜାର ଟଙ୍କା ମିଳୁଛି। ସ୍ୱାମୀ ମାର୍କଣ୍ଡ ଦିଗାଲଙ୍କ ୩୦ ବର୍ଷ ପୂର୍ବେ ଦେହାନ୍ତ ହେବା ପରେ ୨ ପୁଅକୁ ନେଇ ରହୁଥିଲେ। କିନ୍ତୁ ସାନ ପୁଅ ମା’କୁ ଛାଡି ଚାଲିଯାଇ ଭୁବନେଶ୍ୱରରେ ରହି ଶ୍ରମିକ ଭାବେ କାମ କରୁଛନ୍ତି। ବଡ଼ ପୁଅଙ୍କ ଆଖିକୁ ଦେଖାଯାଉନାହିଁ। ସେ ମଧ୍ୟ ମେଡିକାଲରେ ଅସହାୟ ଅବସ୍ଥାରେ ଚିକିତ୍ସାଧୀନ। ବର୍ତ୍ତମାନ ଭଙ୍ଗା ଦଦରା ଘରେ ବଡ଼ ପୁଅର ପୁଅ ନାତିକୁ ଧରି ବଡ଼ କଷ୍ଟରେ ଘରେ ରହୁଥିଲେ। କିନ୍ତୁ ଗତ କିଛି ଦିନ ହେବ ଲଗାଣ ବର୍ଷାରେ ରାତିରେ ଘର ଭିତରେ ସେ ଶୋଇଥିବା ବେଳେ ଘରର ଗୋଟିଏ ପଟ କାନ୍ଥ ଭୁଶୁଡି ପଡିଛି। ଜୀବନ ବଞ୍ଚି ଯାଇଥିଲେ ମଧ୍ୟ ବର୍ତ୍ତମାନ ଭଙ୍ଗା ଘରେ ରହୁଥିବା ବେଳେ ସରକାରଙ୍କ ତରଫରୁ ପାଲ ଖଣ୍ଡିଏ ମଧ୍ୟ ତାଙ୍କୁ ମିଳି ପାରିନାହିଁ। ବାରମ୍ବାର ଘର ଖଣ୍ଡେ ପାଇଁ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ବ୍ଲକ କାର୍ଯ୍ୟାଳୟରେ ଅଧିକାରୀଙ୍କୁ ଭେଟି ଲିଖିତ ଭାବରେ ଘର ପାଇଁ ଆବେଦନ କରିଥିଲେ ମଧ୍ୟ କୌଣସି ସଫଳ ହୋଇନଥିବା ରତ୍ତୁ ଦିଗାଲ କହିଛନ୍ତି। ତୁରନ୍ତ ଅସହାୟ ପରିବାରକୁ ଆବାସ ଯୋଜନାରେ ସାମିଲ କରି ଘର ଯୋଗାଇଦେବାକୁ ଅସହାୟ ରତ୍ତୁ ସହ ଡାଙ୍ଗେଡ଼ିକିଆ ଓ ବରସାହି ଅଞ୍ଚଳବାସୀ ଦାବି କରିଛନ୍ତି।


ମା' ସମଲେଶ୍ୱରୀଙ୍କଠାରେ ନବାନ୍ନ ଲାଗି ପାଇଁ ପୂଜକ ପରିବାରର ମହିଳାମାନେ ପିଠା ତିଆରି କରୁଛନ୍ତି


ନବାନ୍ନ ଲାଗି ପାଇଁ ପୂଜକ ପରିବାରରୁ ରୀତିନୀତିରେ ଆସୁଛି ଭୋଗ


ନବାନ୍ନ ଲାଗି ପରେ ନୂଆ ଚାଉଳ ଭୋଗ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼


ମା'ଙ୍କ ଆଳତୀ ସମୟରେ ଶ୍ରଦ୍ଧାଳୁଙ୍କ ସମାଗମ

# ନୂଆଁଖାଇରେ ପଶ୍ଚିମ ଓଡ଼ିଶା ଉତ୍ସବ ମୁଖର

ସମ୍ବଲପୁର,୨୮।୮ (ସମିସ):ସମଗ୍ର ପଶ୍ଚିମ ଓଡ଼ିଶାରେ ଉତ୍ସାହ ଓ ଉଦ୍ଦୀପନାର ସହ ଗୁରୁବାର ପାରମ୍ପରିକ ରୀତିନୀତିରେ ନୂଆଁଖାଇ ପାଳିତ ହୋଇଯାଇଛି। ଇଷ୍ଟଦେବୀ ମା' ସମଲେଶ୍ୱରୀଙ୍କ ସମେତ ବିଭିନ୍ନ ଦେବଦେବୀଙ୍କଠାରେ ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥି ନିର୍ଦ୍ଧାରିତ ଲଗ୍ନରେ ନୂଆଁ ଲାଗିକରି ଅଞ୍ଚଳବାସୀ ନୂଆଁ ଖାଇଛନ୍ତି। ମା' ସମଲେଶ୍ୱରୀଙ୍କ ମୂଳପୀଠ ସମ୍ବଲପୁରଠାରେ ନବାନ୍ନ ଲାଗି ହୋଇଥିବାବେଳେ ସୁବର୍ଣ୍ଣପୁରରେ ମା' ସୁରେଶ୍ୱରୀ, ବଲାଙ୍ଗୀରରେ ମା' ସମଲେଶ୍ୱରୀ ଓ ମା' ପାଟଣେଶ୍ୱରୀ, ବୌଦ୍ଧରେ ମା' ଭୈରବୀ, କଳାହାଣ୍ଡିରେ ମା' ମାଣିକେଶ୍ୱରୀ, ସୁନ୍ଦରଗଡ଼ରେ ମା' ସମଲେଶ୍ୱରୀ ପୀଠରେ ନବାନ୍ନ ଲାଗି ହୋଇଯାଇଛି।

ସମ୍ବଲପୁରରେ ଆଜି ଭୋର୍‌ରୁ ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କୁ ସ୍ନାନାଦି ସମ୍ପନ୍ନ କରାଯାଇ ଅଳଙ୍କାର, ବେଶଭୂଷା ପରେ ଗମ୍ଭୀରା ଓ ପାଶ୍ୱର୍ ଦେବାଦେବୀଙ୍କଠାରେ ପୂଜକମାନେ ବନା ବା ଝୋଟି ଦେଇଥିଲେ। ପୂର୍ବାହ୍ନ ପ୍ରାୟ ୧୦ଟା ସମୟରେ ୪ ଜଣ ପୂଜକ ପରିବାର ସହିତ ବେହେରା ପରିବାରରୁ ନବାନ୍ନ



ଭୋଗ ଆସିଥିଲା। ନିର୍ଦ୍ଧାରିତ ଲଗ୍ନ ୧୦ଟା ୩୩ ମିନିଟ ରୁ ୧୦ଟା ୫୫ ମିନିଟ ମଧ୍ୟରେ ନୂଆ ଚାଉଳ, କ୍ଷୀରି, ପିଠା ଆଦି ଭୋଗ ଲାଗି ହୋଇଥିଲା। ଏହାପରେ ପରଂପରା ଅନୁଯାୟୀ ୧୧୫ ପାଶ୍ୱର୍ ଦେବାଦେବୀ ଏବଂ ତିନୋଟି ମନ୍ଦିରରେ ନବାନ୍ନ ଲାଗି କରାଯାଇଥିଲା। ନବାନ୍ନ ଲାଗି ପରେ ମା' ସମଲେଶ୍ୱରୀଙ୍କ ମଙ୍ଗଳ ଆଳତୀ ହୋଇଥିଲା। ମଧ୍ୟାହ୍ନ ୧୨ଟା ସମୟରେ ମା'ଙ୍କ ଅନ୍ନଭୋଗ ପରେ ଶ୍ରଦ୍ଧାଳୁମାନେ ଦର୍ଶନ କରିଥିଲେ। ମା'ଙ୍କଠାରେ ନବାନ୍ନ ଲାଗି ହେବାପରେ ସମ୍ବଲପୁର ତଥା ଆଖପାଖ ଅଞ୍ଚଳରେ ଘରେ ଘରେ ଗୃହଦେବୀ ଓ ଇଷ୍ଟଦେବୀଙ୍କଠାରେ ନବାନ୍ନ ଲାଗି କରି ଲୋକେ ନବାନ୍ନ ଭକ୍ଷଣ କରିଥିଲେ। ନୂଆଁ ଖାଇବା ପରେ ନିଜଠାରୁ ବଡ଼ମାନଙ୍କୁ ମୁଣ୍ଡିଆ ମାରି ଜୁହାର୍ ଭେଟ୍ କରିଥିଲେ। ସମଗ୍ର ପଶ୍ଚିମ ଓଡ଼ିଶାରେ ବିଭିନ୍ନ ସ୍ଥାନରେ 'ନୂଆଁଖାଇ ଭେଟ୍‌ଘାଟ୍' ଆୟୋଜିତ ହୋଇଯାଇଛି। ସମ୍ବଲପୁରୀ କବିତା ପାଠୋତ୍ସବଠାରୁ ଆରମ୍ଭ କରି ଗୀତ, ନୃତ୍ୟ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ସୂଚନା ମିଳିଛି।

## ସାରସ୍ୱତ ସାଧକ ହାଡ଼ିବନ୍ଧୁ ମିର୍ଦ୍ଧାଙ୍କ ଆତ୍ମଜୀବନୀ ଲୋକାର୍ପିତ



ସମ୍ବଲପୁର,୨୮।୮ (ସମିସ):ଓଡ଼ିଶା ଲୋକସେବା ଆୟୋଗର ପ୍ରାକ୍ତନ ଅଧ୍ୟକ୍ଷ ତଥା ସାରସ୍ୱତ ସାଧକ ସ୍ୱର୍ଗତ ଡଃ ହାଡିବନ୍ଧୁ ମିର୍ଦ୍ଧାଙ୍କ ଆତ୍ମଜୀବନୀ 'ମୋ ଜୀବନ ଗାଥା' ଓ ହାଡ଼ିବନ୍ଧୁ ମିର୍ଦ୍ଧା ଗ୍ରନ୍ଥାବଳୀ ଲୋକାର୍ପିତ ହୋଇଯାଇଛି। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟଠାରେ ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ବଲପୁରୀ ଗୀତ 'ରଙ୍ଗବତୀ'ର ଗୀତିକାର ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ ମୁଖ୍ୟଅତିଥି ରୂପେ ଯୋଗ ଦେଇ ସ୍ୱର୍ଗତ ମିର୍ଦ୍ଧାଙ୍କୁ ଜଣେ ଅସାଧାରଣ ପ୍ରତିଭାସମ୍ପନ୍ନ ଲେଖକ ଓ ଗବେଷକ ରୂପେ ଅଭିହିତ କରିଥିଲେ। ଆଦିବାସୀ ସମାଜର ଜଣେ ମହାନ୍ ହିତାକାଂକ୍ଷୀ ଥିବା ଡଃ ମିର୍ଦ୍ଧା ଭୀମଭୋଇ ସାହିତ୍ୟ ଓ ଆଦିବାସୀ ସଂସ୍କୃତି ପରମ୍ପରା ଉପରେ ତାଙ୍କର ଲେଖା ପାଇଁ ଚିରଦିନ ଅମର ରହିବେ ବୋଲି ମତ ରଖିଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଦୀପକ କୁମାର ବେହେରା ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର ମୁଖ୍ୟବକ୍ତା ରୂପେ ଯୋଗ ଦେଇ ସ୍ୱର୍ଗତ ମିର୍ଦ୍ଧା ବିରଳ ପ୍ରତିଭାର ଅଧିକାରୀ ଥିଲେ ବୋଲି କହିଥିଲେ। ପ୍ରାଧ୍ୟାପକ ଡଃ ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ ପୁସ୍ତକର ସମୀକ୍ଷା କରି ସ୍ୱର୍ଗତ ମିର୍ଦ୍ଧା ପ୍ରାଗାର୍ଯ୍ୟ ସଭ୍ୟତାର ଏକ ପ୍ରତିନିଧି ରୂପେ ସଂଘର୍ଷମୟ ବାଲ୍ୟ ଓ କୈଶୋର ଜୀବନ ଅତିବାହିତ କରିଥିଲେ। ଅନାମଧେୟ ପଲ୍ଲୀର ଜଣେ ନିରକ୍ଷର ଗାଈଆଳ ଟୋକା ଯେ ଆପଣା ଇଚ୍ଛାଶକ୍ତିରେ ଉଚ୍ଚ ଶିକ୍ଷା ଲାଭ କରି ଓପିଏସ୍‌ସିର ଚେୟାରମେନ ହୋଇପାରନ୍ତି, ଏହା ଡ.ମିର୍ଦ୍ଧା ଆପଣା ଜୀବନରେ ପ୍ରମାଣିତ କରି ପାରିଥିଲେ। ସଂସ୍କୃତି ଗବେଷକ ଡଃ ଦ୍ୱାରିକାନାଥ ନାୟକ, ଡଃ ପ୍ରଦୀପ ପଣ୍ଡା ଓ ଏନ୍‌ଏସ୍‌ସିବି କଲେଜର ଓଡ଼ିଆ ବିଭାଗ ମୁଖ୍ୟ ଡଃ ଶ୍ୟାମ ଭୋଇ ସ୍ୱର୍ଗତ ମିର୍ଦ୍ଧାଙ୍କ ସାହିତ୍ୟକୃତି ଉପରେ ଆଲୋଚନା କରିଥିଲେ। ଶେଷରେ ଦିଲ୍ଲୀ ଏମ୍‌ସର ପ୍ରଫେସର ସ୍ୱର୍ଗତ ମିର୍ଦ୍ଧାଙ୍କ ଜ୍ୟେଷ୍ଠ ପୁତ୍ର ଡ.ବିଜୟ ରଞ୍ଜନ ମିର୍ଦ୍ଧା ଧନ୍ୟବାଦ ଅର୍ପଣ କରିଥିଲେ।

## ପାଣି ପାଇଁ ରାସ୍ତାରେ ବସିଲେ ମହିଳା



ସମ୍ବଲପୁର,୨୮।୮ (ସମିସ):ଦେଢ଼ରୁ ଦୁଇ ମାସ ହେବ ଜନସ୍ୱାସ୍ଥ୍ୟ ବିଭାଗ ଠିକ ଭାବେ ପାଣି ଦେଉନି। ୭ ଦିନକୁ ଥରେ ଆସିଲେ ପୁଣି ଆଉ ୭-୮ ଦିନ ଅପେକ୍ଷା। ବାରମ୍ବାର ଅଭିଯୋଗ ପରେ ମଧ୍ୟ ପିଏଚଡି ବିଭାଗ କର୍ଣ୍ଣପାତ କରୁନଥିଲା। ବାଧ୍ୟ ହୋଇ ବେହେରାମୁଣ୍ଡାର ମହିଳାମାନେ ରାସ୍ତାରେ ଧାରଣାରେ ବସିଥିଲେ। ପାଞ୍ଚଗଛିଆ-ଠାକୁରପଡ଼ା ରାସ୍ତା ଉପରେ ସ୍ଥାନୀୟ ମହିଳାମାନେ ପ୍ରାୟ ୨ ଘଣ୍ଟା ରାସ୍ତା ଉପରେ ବସିଥିଲେ। ବାରମ୍ବାର କହିବା ପରେ ମଧ୍ୟ ପିଏଚ୍‌ଡି ବିଭାଗ ଶୁଣୁ ନଥିଲା।ତେଣୁ ନିଜର ହକ ପାଇଁ ସେମାନେ ଦାବି କରିଥିଲେ।ଘଟଣା ସ୍ଥଳକୁ କ୍ଷେତରାଜପୁର ଥାନା ଓ ବରେଇପାଲି ଥାନା ପୁଲିସ ପହଞ୍ଚି ବୁଝାସୁଝା କରିଥିଲେ। ହେଲେ ସେମାନେ ଜିଦରେ ଅଟଳ ରହିଥିଲେ।ପିଏଚ୍‌ଡି ବିଭାଗର ଜେଇ ଘଟଣାସ୍ଥଳକୁ ପହଞ୍ଚିଥିଲେ। ଅସୁବିଧା ପାଇଁ ପାନୀୟ ଜଳ ନିୟମିତ ଦିଆଯାଉନଥିବା କହିଥିଲେ।୨ଟି ଟ୍ୟାଙ୍କର ମଗାଇ ପାଣି ସୁବିଧା କରିଥିଲେ। ଆଗକୁ ଏପରି ଅସୁବିଧା ହେବ ନାହିଁ ବୋଲି ପ୍ରତିଶ୍ରୁତି ଦେବା ପରେ ମହିଳାମାନେ ଧାରଣାରୁ ଉଠିଥିଲେ।

## ସିଏମ୍ କିଷାନରେ ୯୦୯୭୦ ହିତାଧିକାରୀ ଉପକୃତ

ସମ୍ବଲପୁର,୨୮।୮ (ସମିସ):ପଶ୍ଚିମଓଡ଼ିଶାର ଗଣପର୍ବ ନୂଆଁଖାଇ ଅବସରରେ ଓୟୁଏଟି ଭୁବନେଶ୍ୱରଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର କୃଷକମାନଙ୍କୁ ରବି ୨୦୨୫-୨୬ର ସିଏମ କିଷାନ ସହାୟତା ରାଶିର କିସ୍ତି ପ୍ରଦାନ କରିଛନ୍ତି। ଏହି ଅବସରରେ ସମ୍ବଲପୁର ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ମିଳିତ ଆନୁକୂଲ୍ୟରେ ଜିଲ୍ଲା ପ୍ରେକ୍ଷାଳୟ 'ତପସ୍ୱିନୀ'ଠାରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରତିନିଧି ନାଉରୀ ନାଏକ ମଞ୍ଚାସୀନ ଥିଲେ। ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଭାରତୀୟ ପ୍ରଶାସନିକ ସେବା ଶିକ୍ଷାନବିସ ଶୁଭ୍ରା ପଣ୍ଡା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାତ୍ର, ମୁଖ୍ୟଜିଲ୍ଲା କୃଷି ଅଧିକାରୀ ହେମନ୍ତ କୁମାର ଜେନାଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ ଓ ଚାଷୀମାନେ ଉପସ୍ଥିତ ଥିଲେ।ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସିଏମ୍ କିଷାନ ସହାୟତା ରାଶି ପ୍ରଦାନ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଆଭାସୀ ମାଧ୍ୟମରେ ପ୍ରସାରଣ କରାଯାଇଥିଲା। ମୁଖ୍ୟଅତିଥି ମନ୍ତ୍ରୀ ଶ୍ରୀ ନାଏକ ଅଭିଭାଷଣରେ ନିଜ ଜିଲ୍ଲାର ଉନ୍ନତି କରିବାକୁ ହେଲେ ପ୍ରଥମେ ଚାଷକୁ ପ୍ରାଧାନ୍ୟ ଦେବାକୁ ପଡ଼ିବ, ଚାଷୀ ଭାଇଭଉଣୀଙ୍କୁ ସୁଦୃଢ଼ କରିବାକୁ ପଡ଼ିବ ବୋଲି କହିଥିଲେ। ଉଲ୍ଲେଖଯୋଗ୍ୟ ଯେ, ସମ୍ବଲପୁର ଜିଲ୍ଲାରେ ୯୦୯୭୦କ୍ଷୁଦ୍ର ଓ ନାମମାତ୍ର ଚାଷୀ ଓ ୨୫ ଭୂମିହୀନ ଚାଷୀଙ୍କୁ ଯେଉଁମାନେ ଇ-କେୱାଇସି, ଜମିଜମାର ବିବରଣୀ, ଆଧାର ବ୍ୟାଙ୍କ ଆକାଉଣ୍ଟ ଲିଙ୍କ୍, ଆଧାର ଅନୁଯାୟୀ ନାମ ସଂଶୋଧନ ଆଦି ଯୋଜନାର ସମସ୍ତ ଆବଶ୍ୟକତା ପୂରଣ କରୁଛନ୍ତି, ସେହି ସିଏମ୍ କିଷାନ ଯୋଗ୍ୟ ହିତାଧିକାରୀ ଆଜି ୨,୦୦୦ଟଙ୍କା ହିସାବରେ ମୋଟ ୧୮.୩୬ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଏହି ଅର୍ଥ ସିଧାସଳଖ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର୍ କରାଯାଉଥିବା ଜଣାପଡ଼ିଛି।

## ଟ୍ରେନରୁ ପଡ଼ି ଅଜଣା ବ୍ୟକ୍ତିଙ୍କ ମୃତ୍ୟୁ

କୁଚିଣ୍ଡା,୨୮।୮ (ସମିସ):ବାମରା ବ୍ଲକ୍ ବରିହାଗଡ଼ପୋଷ ବ୍ରିଜ ନିକଟରେ ଟ୍ରେନରୁ ପଡ଼ି ଜଣେ ଅଜଣା ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। ସୂଚନା ମୁତାବକ, ସୋମବାର ଦିନ ବରିହାଗଡ଼ପୋଷ ନିକଟ ରେଳ ଲାଇନରେ ମୃତଦେହ ପଡ଼ିଥିବାର ସୂଚନା ପାଇ ବାମରା ଜିଆରପି ପୁଲିସ ଘଟଣାସ୍ଥଳକୁ ପହଞ୍ଚି ଯାଞ୍ଚ କରିଥିଲେ। ପ୍ରାରମ୍ଭିକ ତଦନ୍ତରୁ ବ୍ୟକ୍ତି ଜଣକ ଚଳନ୍ତାଟ୍ରେନରୁ ପଡ଼ି ମୃତ୍ୟୁବରଣ କରିଥିବେ ବୋଲି ଅନୁମାନ କରାଯାଉଛି।ଘଟଣାସ୍ଥଳରେ କୌଣସି ପରିଚୟ ସନଦ ମିଳିନଥିବାରୁ ମୃତଦେହକୁ ଉଦ୍ଧାର କରି ଗୋବିନ୍ଦପୁର ଡାକ୍ତରଖାନାରେ ସୁରକ୍ଷିତ ରଖାଯାଇଥିଲା। ପରବର୍ତ୍ତୀକାଳରେ, ବୁଧବାର ଦିନ ଶବବ୍ୟବଚ୍ଛେଦ ପରେ ବାମରା ସ୍ଥିତ ମଶାଣୀରେ ସନ୍ଧ୍ୟାରେ ପୋଲିସଙ୍କ ଉପସ୍ଥିତିରେ ଶବଦାହ (ପୋତି) କରାଯାଇଥିଲା। ତଦନ୍ତ ଅଧିକାରୀ ଏସଆଇ ସିତାରାମ ସୁନାରି କହିଛନ୍ତି ଯେ, ମୃତକଙ୍କ ପରିଚୟସମ୍ପର୍କରେ ତଦନ୍ତ ଜାରି ରହିଛି।

## ସମ୍ବଲପୁରୀ କବି ବିପିନ ଆଚାର୍ଯ୍ୟଙ୍କ ପରଲୋକ



ସମ୍ବଲପୁର,୨୮।୮ (ସମିସ): ସମ୍ବଲପୁରୀ କବି ଓ ଲେଖକ ବିପିନ ଆଚାର୍ଯ୍ୟ(୮୧)ଙ୍କ ବୁଧବାର ଅପରାହ୍ଣରେ ଭୁବନେଶ୍ୱର ଠାରେ ପରଲୋକ ହୋଇଯାଇଛି। ସମ୍ପ୍ରତି ସାନ ଝିଅ ସହିତ ଭୁବନେଶ୍ୱରଠାରେ ରହୁଥିଲେ। ତାଙ୍କର ବିଭିନ୍ନ ଆଲୋଚନା, ଗଳ୍ପ, କବିତା ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହୋଇଥିଲା। ତାଙ୍କ ସମ୍ବଲପୁରୀ କବିତା ସଂକଳନ 'ମହକ୍' ବହୁ ଆଦୃତି ଲାଭ କରିଥିଲା। ଛାତ୍ର ଜୀବନରେ ତାଙ୍କ ଉପନ୍ୟାସ 'ନଦୀ ମହାନଦୀ' କଲିକତାରୁ ପ୍ରକାଶିତ ଜନସାହିତ୍ୟରେ ପ୍ରକାଶିତ ହୋଇଥିଲା। ଡେବ୍ରିଗଡ଼ ସାହିତ୍ୟ ସଂସଦ, ଭଟଲି, ସଏଲତା ମହାମିଲନ୍, ଘେଁସ, ଉତ୍କଳ ବିଶ୍ୱବିଦ୍ୟାଳୟ ସାଂପ୍ରତିକ କବିତା କର୍ମଶାଳା, ପଶ୍ଚିମ ଓଡ଼ିଶା କବି ସମ୍ମେଳନ, ବିଜେପୁର, ନୀଳମାଧବ ସାହିତ୍ୟ ସ୍ମୃତି ସଂସଦ, ସମ୍ବଲପୁର, ନିହି ପ୍ରକାଶନୀ ଆଦି ଦ୍ୱାରା ସାରସ୍ୱତ ସାଧନା ପାଇଁ ସମ୍ମାନିତ କରାଯାଇଥିଲା। ଭୁବନେଶ୍ୱର ସତ୍ୟନଗର ଶ୍ମଶାନଘାଟରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। କବି ବିପିନ ଆଚାର୍ଯ୍ୟଙ୍କ ବିୟୋଗରେ ସମ୍ବଲପୁରୀ ସାହିତ୍ୟପ୍ରେମୀ ମହଲରେ ଶୋକର ଛାୟା ଖେଳିଯାଇଛି।

## ବାଲିବନ୍ଧାରେ ଅତ୍ୟାଧୁନିକ ପୁନର୍ବାସ କେନ୍ଦ୍ର ଉଦ୍‌ଘାଟିତ



ସମ୍ବଲପୁର,୨୮।୮ (ସମିସ): ସମ୍ବଲପୁର ସମେତ ଆଖପାଖ ଅଞ୍ଚଳର ଦିବ୍ୟାଙ୍ଗଜନଙ୍କୁ ଅତ୍ୟାଧୁନିକ ଚିକିତ୍ସା ସୁବିଧା ଯୋଗାଇ ଦେବା ଲକ୍ଷ୍ୟରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୁରୁବାର ନୂଆଁଖାଇ ଅବସରରେ ସମ୍ବଲପୁର ବାଲିବନ୍ଧାରେ ପ୍ରାୟ ୨୩ କୋଟି ଟଙ୍କା ବ୍ୟୟରେ ନିର୍ମିତ 'ଅତ୍ୟାଧୁନିକ ପୁନର୍ବାସ କେନ୍ଦ୍ର' (ଏଆରସି) ଉଦଘାଟନ କରିଛନ୍ତି। ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓ ସମ୍ବଲପୁର ଜିଲ୍ଲା ପ୍ରଶାସନର ଉଦ୍ୟମରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ନୂଆଁଖାଇ ଅବସରରେ ଉଦଘାଟିତ "ଅତ୍ୟାଧୁନିକ ପୁନର୍ବାସ କେନ୍ଦ୍ର' ସମ୍ବଲପୁର ସମେତ ଆଖପାଖ ଅଞ୍ଚଳର ଅର୍ଥସୋସ୍ ତଥା ଭିନ୍ନକ୍ଷମମାନଙ୍କ ପାଇଁ କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ଆବଶ୍ୟକତାକୁ ପୂରଣ କରିବ। ଏହି କେନ୍ଦ୍ର ପ୍ରତିଷ୍ଠା କରିଥିବାରୁ ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ଓ ଜିଲ୍ଲା ପ୍ରଶାସନକୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ। ଏହି ଅବସରରେ ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଅନ୍ତର୍ଗତ ପେନସନ ଓ ଦିବ୍ୟାଙ୍ଗଙ୍କୁ ବିଭିନ୍ନ ସହାୟକ ଉପକରଣ ବିତରଣ କରିବା ସହ ଜିଲ୍ଲା ପ୍ରଶାସନକୁ ଅନେକ ଉପାଦେୟ ପରାମର୍ଶ ଦେଇଥିଲେ। ଏହି ପୁନର୍ବାସ କେନ୍ଦ୍ରରେ ଅନେକ ଅତ୍ୟାଧୁନିକ ଉପକରଣ ଅଛି। ଏହି ମେସିନର ପରିଚାଳନା ପାଇଁ ଡାକ୍ତରମାନଙ୍କୁ ପ୍ରଶିକ୍ଷଣ ମିଳିବା ଦରକାର। ଉଲ୍ଲେଖନୀୟ ଯେ ଉଦ୍‌ଘାଟିତ ପୁନର୍ବାସ କେନ୍ଦ୍ରରେ ଦୁଇଟି ମୁଖ୍ୟ ୟୁନିଟ୍ ରହିଛି ଯଥା ରୋବୋଟିକ୍ ଫିଜିଓଥେରାପି ୟୁନିଟ୍ ଏବଂ ଆଡଭାନ୍ସଡ ପ୍ରୋସ୍ଥେଟିକ୍ ବା ଅର୍ଥୋଟିକ୍ ୟୁନିଟ୍। ଏଠାରେ ପ୍ରତିଷ୍ଠା ହୋଇଥିବା କେନ୍ଦ୍ରରେ ମୋଟ ୨୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ଏ ମଧ୍ୟରୁ ରୋବୋଟିକ୍ ଫିଜିଓଥେରାପି ୟୁନିଟ୍ ପାଇଁ ପ୍ରାୟ ୧୯ କୋଟି ଟଙ୍କା ଏବଂ ଆଡଭାନ୍ସଡ ପ୍ରୋସ୍ଥେଟିକ୍ ବା ଅର୍ଥୋଟିକ୍ ୟୁନିଟ୍ ପାଇଁ ପ୍ରାୟ ୪.୨୭ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ଏହି କେନ୍ଦ୍ର ପ୍ରତିଷ୍ଠା ହେବା ଦ୍ୱାରା ସମ୍ବଲପୁର ଓ ଏହାର ପଡ଼ୋଶୀ ଜିଲ୍ଲାଗୁଡ଼ିକର ଦିବ୍ୟାଙ୍ଗମାନେ ବିଶେଷ ଭାବେ ଉପକୃତ ହେବେ। କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

### ସମ୍ବଲପୁରରେ ନୂଆଁଖାଇଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

# ଏକାଠି ହୋଇ ନବାନ୍ନ ଖାଇବା ମୋର ସୌଭାଗ୍ୟ

ସମ୍ବଲପୁର,୨୮।୮ (ସମିସ):

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁରରେ "ନୂଆଁଖାଇ'ପାଳନ କରିଛନ୍ତି। ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ଦର୍ଶନ କରିବା ସହ ସମ୍ବଲପୁର ଅଞ୍ଚଳର ଶ୍ୟାମସୁନ୍ଦର ପତିଙ୍କ ବାସଭବନରେ ନବାନ୍ନ ଖାଇ ନୂଆଁଖାଇ ପର୍ବ ପାଳନ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ପ୍ରଥମେ ମାନେଶ୍ୱର ବ୍ଲକ୍ ସିନ୍ଦୁରପଙ୍କ ଅଞ୍ଚଳ ଗସ୍ତ କରିବା ସହ ଶ୍ୟାମସୁନ୍ଦର ପତିଙ୍କ ବାସଭବନରେ ସେମାନଙ୍କ ପରିବାର ସଦସ୍ୟଙ୍କ ସହ "ନବାନ୍ନ' ଖାଇଥିଲେ। ପରବର୍ତ୍ତୀ ସମୟରେ ମା'ସମଲେଶ୍ୱରୀଙ୍କ ମନ୍ଦିରକୁ ଯାଇ ମନ୍ତ୍ରୀ, ବିଧାୟକ, ଓଡ଼ିଶା ବାହାରୁ ଆସିଥିବା ବିଶିଷ୍ଟ ସାମ୍ବାଦିକଗଣ ଓ ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କ ସହ "ନବାନ୍ନ' ଗ୍ରହଣ କରିଥିଲେ। ରାଜ୍ୟ ବାହାରୁ ଆସିଥିବା ଅତିଥିମାନଙ୍କ ସହ ସମ୍ବଲପୁରର କଳା, ସଂସ୍କୃତି, ଐତିହ୍ୟ, ଇତିହାସ, ପର୍ଯ୍ୟଟନ ସହ ଏଠାରେ ଥିବା ସମ୍ଭାବନା ଉପରେ ଆଲୋଚନା କରିଥିଲେ। ଶ୍ରୀ ପ୍ରଧାନ ଓଡ଼ିଶାବାସୀଙ୍କୁ ନୂଆଁଖାଇର ଶୁଭେଚ୍ଛା ଜଣାଇବା ସହ କହିଛନ୍ତି ଯେ ନୂଆଁଖାଇ ଚାଷୀ ଏବଂ ଚାଷର ଉନ୍ନତି ଓ ସମୃଦ୍ଧିର କଥା କୁହେ। ଶ୍ୟାମସୁନ୍ଦର ପତିଙ୍କ ପରିବାର ସଦସ୍ୟଙ୍କ ସହ "ନବାନ୍ନ' ଖାଇ ନୂଆଁଖାଇ ପାଳନ କରିବା ମୋର ସୌଭାଗ୍ୟ। ନୂଆଁଖାଇ କେବଳ ଏକ ପର୍ବ ନୁହେଁ ବରଂ ଏକ ଭାବାବେଗ। ଏହି ଦିନ ଏକାଠି ହେବା ଓ ସାଥୀ ହୋଇ ନବାନ୍ନ ଖାଇବା ଏହି ପର୍ବର ବିଶେଷତା। "ନୂଆଁଖାଇ'ରେ ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ଆଶୀର୍ବାଦ ନେବା ମୋର ସୌଭାଗ୍ୟ। ଆତ୍ମୀୟତା, ଚାଷୀ ଓ ଚାଷର ଉନ୍ନତି ଏବଂ ସାଂସ୍କୃତିକ ସମାହାରର ପର୍ବ ନୂଆଁଖାଇ। ଆଜି ଭଳି ଦିନରେ ମା'ସମଲେଇଙ୍କ ମନ୍ଦିର ପରିସରରେ ଦଳୀୟ ମନ୍ତ୍ରୀ, ବିଧାୟକ, ରାଜ୍ୟ ବାହାରୁ ଆସିଥିବା ଗଣମାଧ୍ୟମର ବନ୍ଧୁ ଏବଂ ସାମାଜର ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କ ସହ "ନବାନ୍ନ ପ୍ରସାଦ' ଗ୍ରହଣ କରିବାର ସୌଭାଗ୍ୟ ଲାଭ କଲି। କୃଷିଭିତ୍ତିକ ଗଣପର୍ବ "ନୂଆଁଖାଇ'ରେ ନବାନ୍ନର ସ୍ୱତନ୍ତ୍ରତା ରହିଛି। ନୂଆଁଖାଇ ସମସ୍ତଙ୍କ ପାଇଁ ଆଶା ଓ ସମ୍ଭାବନା ଆଣିଦେଉ ବୋଲି ମା'ଙ୍କ ପାଖରେ ଶ୍ରୀ ପ୍ରଧାନ ପ୍ରାର୍ଥନା କରିଛନ୍ତି। ମା'ସମଲେଶ୍ୱରୀ ମନ୍ଦିର ପରିସରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ସାଥୀରେ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ଦିଲ୍ଲୀ ଏବଂ ବାହାରୁ ଆସିଥିବା ବିଶିଷ୍ଟ ସାମ୍ବାଦିକଗଣ ଓ ପ୍ରମୁଖ ବ୍ୟକ୍ତିବିଶେଷମାନେ ନବାନ୍ନ ଗ୍ରହଣ କରିଥିଲେ ବୋଲି ବିଜେପି କ୍ଷେତ୍ରୀୟ ଗଣମାଧ୍ୟମ ସଂଯୋଜକ ମାନସ ବକ୍ସି ସୂଚନା ଦେଇଛନ୍ତି।



## ସମସ୍ତେ ଏକାଠି ହୋଇ ସମ୍ବଲପୁରର ପ୍ରତିଛବିକୁ ବିଶ୍ୱ ଦରବାରରେ ପହଞ୍ଚାଇବା

ସମ୍ବଲପୁର, ୨୮।୮ (ସମିସ) : ସମ୍ବଲପୁରରେ ଅନେକ ସମ୍ଭାବନା ଥିବା ବେଳେ ଦକ୍ଷ ଯୁବଶକ୍ତି ଅଛନ୍ତି। ସମ୍ବଲପୁରର ପ୍ରତିଛବିକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ଆମେ ସମସ୍ତେ ଏକାଠି ହୋଇ ନିଜର ଦାୟିତ୍ୱ ନିର୍ବାହ କରିବାର ଆବଶ୍ୟକତା ରହିଛି ବୋଲି ଗୁରୁବାର ସମ୍ବଲପୁରରେ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଆୟୋଜିତ 'ନୂଆଁଖାଇ ଭେଟଘାଟ୍' କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

କେନ୍ଦ୍ରମନ୍ତ୍ରୀ "ଓଡ଼ିଶା ସାଂସ୍କୃତିକ ସମାଜ', 'ପଣ୍ଡିତ ଲକ୍ଷ୍ମୀନାରାୟଣ ସାଂସ୍କୃତିକ ସଂସଦ ଓ ଚିତ୍ରୋତ୍ପଳା ଯୁବକ ସଂଘ' ଏବଂ "ସମଲେଶ୍ୱରୀ ଯୁବକ ସଂଘ'ର ପୃଥକ ପୃଥକ "ନୂଆଁଖାଇ ଭେଟଘାଟ୍-୨୦୨୫" କାର୍ଯ୍ୟକ୍ରମରେ ଯୋଗଦେବା ସହ ପ୍ରତିଭାବାନ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନକୁ 'ନୂଆଁଖାଇ ସମ୍ମାନ'ରେ ସମ୍ମାନିତ କରିଥିଲେ। ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ସମ୍ବଲପୁରରେ ଅନେକ ସମ୍ଭାବନା ଅଛି। ବୁର୍ଲା ଇଞ୍ଜିନିୟରିଂର ଛାତ୍ରଛାତ୍ରୀମାନେ ନିଜ କୌଶଳ ଦ୍ୱାରା ବିଶ୍ୱରେ ପରିଚୟ ତିଆରି କରୁଛନ୍ତି। ସମ୍ବଲପୁରରେ ନ୍ୟୁ ଏଜ୍ ଇକୋନୋମୀ ତିଆରି କରିବା ପାଇଁ ଯୋଜନା କରିବାକୁ ହେବ। ଯୁବକମାନଙ୍କୁ ଅଧିକ ଦକ୍ଷ ସହ ସେମାନଙ୍କ ପାଇଁ ରୋଜଗାର ସୃଷ୍ଟି କରିବାକୁ ହେବ। ସମ୍ବଲପୁରୀ କଳାର ଏକ ଅତ୍ୟାଧୁନିକ ସେଣ୍ଟର ତିଆରି କରିବା। ସରସତିଆ ଭଳି ପାରମ୍ପରିକ ଖାଦ୍ୟକୁ ଜିଆଇ ଟ୍ୟାଗରେ ସାମିଲ କରିବା ପାଇଁ ଉଦ୍ୟମ କରିବା। କୁଦୋପାଲି ଭଳି ସମ୍ବଲପୁରର ଇତିହାସକୁ ଆଗେଇ ନେବାରେ ସହଯୋଗୀ ହେବା।

ଶ୍ରୀ ପ୍ରଧାନ ଆହୁରି କହିଥିଲେ ଏକାଠି ହେବା ଓ ଏକଜୁଟ ହୋଇ ରହିବାର ପର୍ବ ହେଉଛି ନୂଆଁଖାଇ। ବିକଶିତ ସମ୍ବଲପୁର, ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଢ଼ିବା ପାଇଁ ଆମେ ଯେଉଁ ସଂକଳ୍ପ ନେଇଛୁ, ସେଥିପାଇଁ ଆମର ଏକତା ଅତୁଟ ରହିବା ଆବଶ୍ୟକ। ଏକତା ବଳରେ ହିଁ ଆମେ ସମଗ୍ର ବିଶ୍ୱକୁ ନୂଆ ନେତୃତ୍ୱ ଦେଇ ପାରିବା ବୋଲି ସେ କହିଥିଲେ। ସମ୍ବଲପୁରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ସହ ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକର ବ୍ୟବହାରକୁ କମ କରିବା ପାଇଁ ସେ ଜନସାଧାରଣଙ୍କୁ ଅପିଲ କରିଛନ୍ତି।

# ଭୁବନେଶ୍ୱର ସିଟି



# ରାଜଧାନୀରେ ଗଣପତି ବାବାଙ୍କ ପୂଜା


ସୁନ୍ଦରପଦା ବଉଳକୋଳି ଯୁବ ପରିଷଦ


ନୀଳକଣ୍ଠ ୟୁଥ ଆସୋସିଏସନ, ପଣ୍ଡାକୁଦିଆ


ଜୟ ମା' ୟୁଥ କ୍ଲବ୍, ଭିଏସଏଭଏସନଗର


ସହିଦ ନଗର ୱିନର କ୍ଲବ


ଆଖଣ୍ଡଳମଣୀ ପୂଜା କମିଟି, ନୂଆପଲ୍ଲୀ


ମହାବୀର ପୂଜା କମିଟି, ନୟାପଲ୍ଲୀ


ତିନିମୁଣ୍ଡିଆ ଛକ


ଏକାମ୍ରରାଜା ବଡ଼େଇବାଙ୍କ ଛକ



ମା' ମଙ୍ଗଳା ୟୁଥ୍ କ୍ଲବ, ଜିଜିପି କଲୋନୀ


ଭୁବନେଶ୍ୱର ଫଟୋ ସାମ୍ବାଦିକ ଡଟ୍ କମ୍


ଗୋସାଗରେଶ୍ୱର ଛକ ପୂଜା କମିଟି


ହାଟସାହି ପୂଜା କମିଟି


କଳିଙ୍ଗ ୟୁଥ ଆସୋସିଏସନ

## 'ଲହରୀ'ର ଗୀତ ଓ ଟିଜର୍ ଉନ୍ମୋଚିତ




ଭୁବନେଶ୍ୱର, ୨୮।୮ (ସମିସ): ଓଡ଼ିଆ ଚଳଚ୍ଚିତ୍ର 'ଲହରୀ' ସେପ୍ଟେମ୍ବର ୧୨ ତାରିଖରେ ମୁକ୍ତିଲାଭ କରିବାକୁ ଯାଉଛି। ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏହାର ଗୋଟିଏ ଗୀତ ଓ ଟିଜର୍ ଉନ୍ମୋଚିତ ହେବା ସହ ମୁକ୍ତିଲାଭ ତାରିଖ ଘୋଷଣା ହୋଇଯାଇଛି। ସାମାଜିକ ଜୀବନରେ ମୂଳ ତତ୍ତ୍ୱ ସହ ନିଜକୁ ଯୋଡି ରଖିବା ଓ ବାପ ପୁଅର ସମ୍ପର୍କ ଉପରେ ଆଧାରିତ ଏହାର କାହାଣୀ। ଏଥିରେ ହସର ଲହରୀ ଯେମିତି, ଲୁହର ଲହରୀ ବି ସେମିତି ବୋଲି ବର୍ଣ୍ଣନା କରାଯାଇଛି। ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଓ ଜାତୀୟ ପୁରସ୍କାରପ୍ରାପ୍ତ ନିର୍ଦ୍ଦେଶକ ଅମର୍ଦ୍ଦେ ଭଟ୍ଟାଚାର୍ଯ୍ୟ ଏହାର ନିର୍ଦ୍ଦେଶନା ଦେଇଥିବା ବେଳେ ପ୍ରଯୋଜନା କରିଛନ୍ତି ଅଭିନେତ୍ରୀ ଝିଲିକ ଭଟ୍ଟାଚାର୍ଯ୍ୟ। ବିଭିନ୍ନ ଭୂମିକାରେ ଚୌଧୁରୀ ଜୟପ୍ରକାଶ ଦାସ, ଚୌଧୁରୀ ବିକାଶ ଦାସ, ସ୍ମୃତି ମହଲା, ଦୀପାନ୍ୱିତ ଦାସମହାପାତ୍ର, ସୁଶାନ୍ତ ମିଶ୍ର, ହର ରଥ, ପ୍ରସେନଜିତ, ସ୍ୱସ୍ତିକ ଚୌଧୁରୀ ପ୍ରମୁଖ ଅଭିନୟ କରିଛନ୍ତି। ଏଥିରେ ସଙ୍ଗୀତ ରଚନା କିଶଳୟ ରୟ କରିଥିବା ବେଳେ କଣ୍ଠଦାନ କରିଛନ୍ତି ଗୌରବ ଆନନ୍ଦ ଓ ନବ୍ୟା ଜାଇତି। ଝିଲିକ ମୋସନ ପିକ୍‌ଚର୍ସ ନିବେଦିତ ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ସହିତ କାହାଣୀ, ଗୀତ ରଚନା, ନୃତ୍ୟ ନିର୍ଦ୍ଦେଶନା ଓ ସମ୍ପାଦନାର ଗୁରୁ ଦାୟିତ୍ୱ ମଧ୍ୟ ଆମର୍ତ୍ତ୍ୟ ନିର୍ବାହ କରିଛନ୍ତି। ଆସନ୍ତା ସେପ୍ଟେମ୍ବର ୧୨ ତାରିଖରେ ସିନେମାଟି ରିଲିଜ୍ ହେବ।

## ଗଣେଶ ପୂଜାରେ ସଚେତନତା ବାର୍ତ୍ତା



ଭୁବନେଶ୍ୱର, ୨୮।୮ (ସମିସ): ପ୍ରତ୍ୟେକ ମଣିଷ ଅନ୍ତତଃ ଗୋଟିଏ ଲେଖାଏଁ ଗଛ ଲଗାଇ ତାହାର ଯତ୍ନ ନେଇ ତାକୁ ବଡ଼ କରିବାକୁ ଚେଷ୍ଟା କରନ୍ତୁ ବୋଲି ଗଣେଶ ପୂଜା ଅବସରରେ ସଚେତନତା ବାର୍ତ୍ତା ଦେଇଛନ୍ତି ଗୌରବ ରାଜ ସ୍ୱାଇଁ। ଜୀବେଦୟା ଫାଉଣ୍ଡେସନ୍ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୁନିପିଲା ଗୌରବ ଗଣେଶ ବେଶ ଧରି ସଚେତନତା ବାର୍ତ୍ତା କରିଛନ୍ତି। ହାତରେ ଗଛ ଚାରା ଧରି ଲୋକଙ୍କୁ ଲଗାଇବାକୁ ଦେବା ସହ ବୁଲା କୁକୁର, ବୁଲା ଗୋରୁଙ୍କୁ ଖାଦ୍ୟ ଦେଉଥିବା ଦେଖିବାକୁ ମିଳିଥିଲା।

## ମୁକ୍ତିଲାଭ କଲା ମ୍ୟୁଜିକ୍ ଭିଡିଓ 'ରେ ମନ'

ଭୁବନେଶ୍ୱର, ୨୮।୮ (ସମିସ): ଗଣେଶ ପୂଜା ଅବସରରେ ସ୍ୟାଡ୍ ରୋମାଣ୍ଟିକ ମ୍ୟୁଜିକ୍ ଭିଡିଓ 'ରେ ମନ' ରିଲିଜ୍ ହୋଇଯାଇଛି। ଜୁପିଟର କଲେଜ୍ ପରିସରରେ ଛାତ୍ରଛାତ୍ରୀଙ୍କ ଉପସ୍ଥିତରେ କଣ୍ଠଶିଳ୍ପୀ ସ୍ୱର୍ଣ୍ଣ ପାଢ଼ୀ, ଅଭିନେତା ଅଭିଷେକ, ନାୟିକା ଜସ୍ମିନ, ଜୁପିଟର ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନସ୍‌ର ଅଧ୍ୟକ୍ଷ ବିରଞ୍ଚି ନାରାୟଣ ପଣ୍ଡା, ଜୁପିଟର କଲେଜ୍‌ର ପ୍ରିନସିପାଲ ନିରୁପମା ପାତ୍ର, ପ୍ରଯୋଜକ ଶୁଭମ ମହାନ୍ତି, ପ୍ରଚାର ଓ ପ୍ରସାର ମୁଖ୍ୟ ମିଡିଆ ପ୍ଲାନର କ୍ରିଏଟିଭ ହେଡ୍ ପ୍ରଣୟ ଜେଠୀ, କଣ୍ଠଶିଳ୍ପୀ ସ୍ୱର୍ଣ୍ଣ ପାଢ଼ୀ, ନାୟକ ଅଭିଷେକ,



ନାୟିକା ଜସ୍ମିନ ପ୍ରମୁଖ ଯୋଗ ଦେଇଥିଲେଏହି ଅବସରରେ ସ୍ୱର୍ଣ୍ଣ ପାଢ଼ୀଙ୍କ କଣ୍ଠ ସହିତ ତାଳ ମିଶାଇ ଛାତ୍ରୀମାନେ ଗୀତ ଗାଇଥିଲେ। ଶୁଭମ ମହାନ୍ତି ଏଣ୍ଟରଟେନମେଣ୍ଟ ବ୍ୟାନରରେ ପ୍ରସ୍ତୁତ ଏହି ଗୀତ ରଚନା କରିଛନ୍ତି ଡ. ନିର୍ମଳ ନାୟକ, ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଅଭିଜିତ୍ ମଜୁମଦାର ଏବଂ କଣ୍ଠଦାନ କରିଛନ୍ତି ସ୍ୱର୍ଣ୍ଣ ପାଢ଼ୀ। ସେହିପରି ଏଥିରେ ଅଭିନୟ କରିଛନ୍ତି ଅଭିଷେକ ଓ ଜସ୍ମିନ।

## ପୂଜା ପେଣ୍ଡାଲରେ 'ବିଘ୍ନ ହର୍ତା' ଉନ୍ମୋଚିତ



ଭୁବନେଶ୍ୱର, ୨୮।୮ (ସମିସ): ସ୍ଥାନୀୟ ବଡ଼େଇବାଙ୍କ ଛକ ସ୍ଥିତ ଏକାମ୍ର ରାଜାଙ୍କ ଗଣେଶ ମହୋତ୍ସବରେ ଆଜି 'ବିଘ୍ନ ହର୍ତା' ପୁସ୍ତକ ଉନ୍ମୋଚିତ ହୋଇଥିଲା। ସେହିପରି ସୁନାମଧନ୍ୟ କଣ୍ଠଶିଳ୍ପୀ କୁଳଦୀପ୍ ପଟ୍ଟନାୟକ ଓ ସ୍ମିତା ପଣ୍ଡାଙ୍କ ଚିତ୍ତାକର୍ଷକ ସଙ୍ଗୀତ ପରିବେଷଣରେ ଦର୍ଶକ ମନମୁଗ୍ଧ ହୋଇଥିଲେ। ମହୋତ୍ସବର ସଭାପତି ଅମୀୟ ଦାଶଙ୍କ ଅଧ୍ୟକ୍ଷତାରେ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ, ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, କର୍ପୋରେଟର ଚନ୍ଦ୍ରଶେଖର ମଲିଆ, ଶିବ ନାରାୟଣ ବେହେରା, ମହାମାୟା ସ୍ୱାଇଁ, କେ ଶାନ୍ତି, ଅଜିତ ବେହେରା, ବିଜେଡ଼ି ନେତା ମନ୍ମଥ ରାଉତରାୟ, ଅନୁଷ୍ଠାନର ସମ୍ପାଦକ ତଥା କର୍ପୋରେଟର ଶିବ ପ୍ରସାଦ ବେହେରା ପ୍ରମୁଖ ଉପସ୍ଥିତଥିଲେ।

## 'ବିଘ୍ନ ବିନାଶିବେ ବିନାୟକ'ର ଅଡିଓ ରିଲିଜ୍

ଭୁବନେଶ୍ୱର, ୨୮।୮ (ସମିସ): ୱାର୍ଲଡ ଟିଭି ପ୍ରିମିୟର ଗଣେଶ ପୂଜା ଅବସରରେ ଜୀ ସାର୍ଥକର ନୂଆ ଓଡ଼ିଆ ଚଳଚ୍ଚିତ୍ର 'ବିଘ୍ନ ବିନାଶିବେ ବିନାୟକ'ର ଅଡିଓ ରିଲିଜ୍ ହୋଇଛି। ଜୀ ସାର୍ଥକ ପକ୍ଷରୁ ଏସପିପି ପ୍ରଡକସନ୍ସ ପକ୍ଷରୁ ପ୍ରସ୍ତୁତ ଓଡ଼ିଆ ଫିଲ୍ମ ଅଗଷ୍ଟ ୩୧ ତାରିଖ ସନ୍ଧ୍ୟା ୬.୩୦ରେ କେବଳ ଜୀ ସାର୍ଥକରେ ଦେଖିବାକୁ ପାଇବେ। ପ୍ରଯୋଜକ କ୍ଷୀରୋଦ ପଟ୍ଟନାୟକ ଓ ନିର୍ଦ୍ଦେଶକ ସଞ୍ଜୟ ନାୟକଙ୍କ ନେତୃତ୍ୱରେ ତିଆରି ହୋଇଥିବା ଏହି ଫିଲ୍ମଟି ଶିଶୁ ମନର ସ୍ୱପ୍ନ, ଦୈବୀୟ ମହିମା ଓ ପାରିବାରିକ ସତ୍ୟ ଉପରେ ଆଧାରିତ। ତେବେ ସିନେମାରେ କାହାଣୀର କେନ୍ଦ୍ରବିନ୍ଦୁ ପାଞ୍ଚବର୍ଷୀୟ ମୁନି। ଏଥିରେ ପାରିବାରିକ ସମ୍ପର୍କ, ଦୁର୍ଭାଗ୍ୟ, ଦୈବୀୟ ହସ୍ତକ୍ଷେପ ଓ ଅସତ୍ୟର ଉପରେ ସତ୍ୟର ଜୟକୁ ଦର୍ଶାଯାଇଛି। ଫିଲ୍ମରେ ମୁଖ୍ୟ ଭୂମିକାରେ ବିକ୍ରମ ଓ ଦୀପିକା ରହିଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ବୈଦ୍ୟନାଥ ଦାଶ। ସେହିପରି ଡ. ନିର୍ମଳ ନାୟକ ଗୀତ ରଚନା କରିଥିବା ବେଳେ କଣ୍ଠଦାନ କରିଛନ୍ତି ପ୍ରଜ୍ଞା ହୋତା, ରଶ୍ମିରେଖା ଓ ସାଇନା। ନୂଆ ଓ ଭିନ୍ନ କାହାଣୀ ର ଏହି ସିନେମାଟି ଦର୍ଶକଙ୍କୁ ବାନ୍ଧି ରଖିବାରେ ସଫଳ ହେବ ବୋଲି ପ୍ରଯୋଜନା ସଂସ୍ଥା ଆଶା ରଖିଛନ୍ତି। ଏହି ଉତ୍ସବରେ ଚଳଚ୍ଚିତ୍ରର ପ୍ରଯୋଜକ କ୍ଷୀରୋଦ ପଟ୍ଟନାୟକ, ନିର୍ଦ୍ଦେଶକ ସଞ୍ଜୟ ନାୟକଙ୍କ ସମେତ ଫିଲ୍ମର ଟିମ୍ ଉପସ୍ଥିତ ଥିଲେ।

## ପ୍ରଶାନ୍ତି ନୀଳୟମ୍‌ରେ ଓଡ଼ିଶା ପର୍ତ୍ତିଯାତ୍ରା



ପ୍ରଶାନ୍ତିନିୟଲୟମ୍, ୨୮।୮ (ସମିସ): ଶ୍ରୀ ସତ୍ୟସାଇବାବାଙ୍କ ପବିତ୍ର ଜନ୍ମଭୂମି ଓ କର୍ମଭୂମି ପ୍ରଶାନ୍ତି ନୀଳୟମ୍‌ଠରେ ୩ ହଜାରରୁ ଅଧିକ ଓଡ଼ିଶାର ସାଇ ଆଶ୍ରିତମାନଙ୍କର ଆଧ୍ୟାତ୍ମିକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ତୁଷାରକାନ୍ତ ନାଥ ତାଙ୍କ ସମ୍ଭାଷଣରେ ୨୦୦୭ ର ପର୍ତ୍ତିଯାତ୍ରାର ପ୍ରଥମ ଅନୁଭୂତିର ସ୍ମୃତିଚାରଣ କରି କହିଲେ, ଅତୁଟ ବିଶ୍ୱାସ ଓ ଭକ୍ତି ସହ ଓଡ଼ିଶା ଭକ୍ତମାନେ ପ୍ରତିବର୍ଷ ପ୍ରଶାନ୍ତିନିଳୟମ୍‌କୁ ଆସୁଛନ୍ତି। ସତ୍ୟସାଇ ସେବା ସଂଗଠନର ରାଜ୍ୟ ସଭାପତି ଡଃ ସତ୍ୟସ୍ୱରୂପ ପଟ୍ଟନାୟକ ସମାବେଶକୁ ଉଦ୍‌ବୋଧନ ଦେଇଥିଲେ।

ଚଣ୍ଡିଗଡ଼ ହସ୍‌ପିଟାଲର ବୃକକ ଭେଷଜ ବିଭାଗ ମୁଖ୍ୟ ଓ ଜାତୀୟ ଭେଷଜ ବିଜ୍ଞାନ ସଂସ୍ଥାନର ସଭାପତି ପଦ୍ମଶ୍ରୀ ଡଃ ଦିଗମ୍ବର ବେହେରା ଏବଂ ରାଜ୍ୟର ଖ୍ୟାତନାମା କଳାକାର ଏବଂ ନିର୍ଦ୍ଦେଶକ ଅଶ୍ରୁମୋଚନ ମହାନ୍ତି ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବର୍ଷୀୟାନ ସାଇଆଶ୍ରିତ ଅନ୍ତର୍ଯ୍ୟାମୀ ପଟ୍ଟନାୟକ, ସଂଗଠନର ପୂର୍ବମଣ୍ଡଳ ସଭାପତି ନାରାୟଣ ପ୍ରସାଦ ସର, ରାଜ୍ୟ ସଭାପତି ପ୍ରତାପ କୁମାର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମଗୁଡ଼ିକୁ ରମାବଲ୍ଲଭ, ଶିବକୁମାର, ଶୈଳେଶ, ବିଧୁଭୂଷଣ ଓ କଳ୍ପନା ପ୍ରମୁଖ ସଞ୍ଚାଳନ କରିଥିଲେ।

## ବିଭିନ୍ନ ସ୍ଥାନରେ ଗଣେଶ ପୂଜା



ମଣିଜଙ୍ଗା,୨୮।୮(ସମିସ): ତିର୍ତ୍ତୋଲ ବ୍ଲକ୍‌ର ଗାଁଠୁ ହାଟ ବଜାର ସବୁଠି ଗଣେଶ ପୂଜା ଅନୁଷ୍ଠିତ ହେଉଛି। ପିପ୍ପଳ ମାଧବ ପଞ୍ଚାୟତର ବଡିଲୋ (ଭୂଆଁସାହି) ଗ୍ରାମରେ ପ୍ରତିବର୍ଷ ଭଳି ଏ ବର୍ଷ ଗଣେଶ ପୂଜା ଅନୁଷ୍ଠିତ ହେଉଛି। ପ୍ରତ୍ୟେହ ସନ୍ଧ୍ୟାରେ ଭଜନ ସମାରୋହ, ପ୍ରବଚନ ଅନୁଷ୍ଠିତ ହେଉଛି। ସେହିପରି ବୋଧେଇ ପଞ୍ଚାୟତର ନୂଆପୋଖରୀ ବଜାରରେ ଧୁମ୍‌ଧାମରେ ଗଣେଶ ପୂଜା ଅନୁଷ୍ଠିତ ହୋଇଛି। ଜଗନ୍ନାଥପୁର ନାଳପୋଲ ନିକଟରେ ବଡ଼ ତୋରଣ କରାଯାଇ ଗଜାନନଙ୍କ ପୂଜା କରାଯାଉଛି। ପ୍ରତ୍ୟେହ ସନ୍ଧ୍ୟାରେ ମେଲୋଡି ଅନୁଷ୍ଠିତ ହେଉଛି। ସେହିପରି ତିର୍ତ୍ତୋଲର ୟଙ୍ଗଷ୍ଟାର କ୍ଲବ୍ ପକ୍ଷରୁ ୨୫ ବର୍ଷ ଧରି ଗଣେଶ ପୂଜା କରାଯାଉଛି। ଗ୍ରାମର ସମସ୍ତ ଯୁବକ ସହଯୋଗ କରୁଥିବା ସଭାପତି ତପନ କୁମାର ମଲ୍ଲିକ ଜଣାଇଛନ୍ତି।

# ସରକାରୀ ନିୟମକୁ ଅଣଦେଖା କରି ସମବାୟ ସମିତି ଗଠନ !

ଜଗତସିଂହପୁର,୨୮।୮(ସମିସ):

ଜଗତସିଂହପୁର ଜିଲ୍ଲାର ତିର୍ତ୍ତୋଲ ବ୍ଲକ୍ ଅନ୍ତର୍ଗତ ଗୋପାଳପୁର ପଞ୍ଚାୟତରେ ସରକାରୀ ନିୟମକୁ ଅଣଦେଖା କରି ବଟମଙ୍ଗଳା ପ୍ରାଥମିକ କୃଷି ସମବାୟ ସମିତି ଗଠନ ହୋଇଥିବା ନେଇ ଅଭିଯୋଗ ହୋଇଛି। ୧୯୭୬ରେ ତିନୋଟି ପଞ୍ଚାୟତ ବିରିତୋଳ, ଗୋପାଳପୁର ଓ ସଅଁରା ଚାଷୀଙ୍କ ସହମତି କ୍ରମେ ବିରିତୋଳ ସେବା ସମବାୟ ସମିତି ସଅଁରାଠାରେ କାର୍ଯ୍ୟକାରୀ ହୋଇଥିଲା। ଏବେ ବଟମଙ୍ଗଳା ପ୍ରାଥମିକ କୃଷି ସମବାୟ ସମିତି କୀର୍ତ୍ତନପୁର, ଗୋପାଳପୁର ପଞ୍ଚାୟତର ୮ଟି ଗ୍ରାମକୁ ନେଇ ଗଠନ କରାଯିବା ପରେ ଏହା ବିବାଦ ଘେରକୁ ଆସିଛି। ଏ ନେଇ ଗୋପାଳପୁର ପଞ୍ଚାୟତର କେତେକ ଚାଷୀ ଡେପୁଟି ରେଜିଷ୍ଟ୍ରାର କୋ-ଅପରେଟିଭ୍ ସୋସାଇଟି ଜଗତସିଂହପୁର, ସମବାୟ, ହସ୍ତଶିଳ୍ପ ଓ ବୟନ ବିଭାଗ ମନ୍ତ୍ରୀ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ଶିଳ୍ପମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ଅଭିଯୋଗ ମୁତାବକ, କେନ୍ଦ୍ର ସରକାରଙ୍କ ସମବାୟ ବିଭାଗ ୨୦୨୩ ଜାନୁଆରୀ ୫ ତାରିଖରେ ପ୍ରାଥମିକ କୃଷି ସମବାୟ ସମିତି ମଡେଲ ବାଇ ଲ ଅନୁଯାୟୀ ଏକ ପ୍ରାଥମିକ କୃଷି ସମବାୟ ସମିତିର ସଭ୍ୟ ହେବାକୁ ହେଲେ କୌଣସି ବ୍ୟକ୍ତି ଅନ୍ୟକୌଣସି ସମବାୟ ସମିତିର ସଭ୍ୟ ହୋଇ ନ ଥିବେ। ଅନ୍ୟ ସମିତିରେ ଋଣି ବା ଋଣ ଖିଲାପକାରୀ ହୋଇ ନ ଥିବେ। କିନ୍ତୁ ବଟମଙ୍ଗଳା ପ୍ରାଥମିକ କୃଷି ସମବାୟ ସମିତିରେ ଥିବା ୫୧ ଜଣ ସଭ୍ୟଙ୍କ ମଧ୍ୟରୁ ୧୬ ଜଣ ବିରିତୋଳ ସମିତିରେ ସଭ୍ୟ ଅଛନ୍ତି। ଏହି ୧୬ ଜଣଙ୍କ ମଧ୍ୟରୁ ୬ ଜଣ ଋଣି ଓ ଦୁଇଜଣ ଋଣ ଖିଲାପକାରୀ ଅଛନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ଓଡିଶା କୋ-ଅପରେଟିଭ୍ ଆକ୍ଟ ୧୯୬୨ ଅନୁଯାୟୀ କୌଣସି ଏକ ସମବାୟ ସମିତିରୁ ଅଲଗା ହୋଇ ଅନ୍ୟଏକ ସମିତି କରିବା ପାଇଁ ହେଲେ ପ୍ରଥମ ସମିତିର ଏକ ସାଧାରଣ ସଭାରେ ସଂଖ୍ୟାଗରିଷ୍ଠତା ସଦସ୍ୟଙ୍କ ଉପସ୍ଥିତି ଓ ଭୋଟ ଆଧାରରେ ଅଲଗା ପାଇଁ ପ୍ରସ୍ତାବ ଗୃହୀତ ହେବା ଆବଶ୍ୟକ। କିନ୍ତୁ ଏଠାରେ ସବୁ ନୀତି ନିୟମକୁ ଜଳାଞ୍ଜଳି ଦେଇ ସରକାରୀ ଅଧିକାରୀଙ୍କୁ ହାତବାରିସି କରି ସମିତିକୁ ରେଜିଷ୍ଟ୍ରେସନ କରାଯାଇଛି। ଆହୁରି ଆଶ୍ଚର୍ଯ୍ୟର କଥା ସମିତି ରେଜିଷ୍ଟ୍ରେସନ ହେବା ପରେ ଏହାର କାର୍ଯ୍ୟାଳୟ ପାଇଁ ୬।୧୧।୨୦୨୩ରେ ଗୋପାଳପୁର ପଞ୍ଚାୟତର ସରପଞ୍ଚ ଚିଠି ନଂ-୪୯ରେ ବଟମଙ୍ଗଳା ପ୍ରାଥମିକ ସମିତି ସଭାପତି ଓ ସମ୍ପାଦକଙ୍କୁ କୀର୍ତ୍ତନପୁର ପ୍ରାଥମିକ ବିଦ୍ୟାଳୟର ବନ୍ଦ ପଡିଥିବା ଦୁଇଟି ଶ୍ରେଣୀ ଗୃହକୁ ସମିତି କାର୍ଯ୍ୟାଳୟ କରିବା ପାଇଁ ପ୍ରଦାନ କରିଛନ୍ତି। କିନ୍ତୁ ଏଠି ଏକ ସାଙ୍ଘାତିକ କଥା ସମ୍ନାକୁ ଆସିଛି କି କୀର୍ତ୍ତନପୁର ପ୍ରାଥମିକ ବିଦ୍ୟାଳୟ କମ୍ ଉପସ୍ଥାନ ଯୋଗୁଁ ୨୦୨୧ରେ ଗୋପାଳପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ମିଶିଥିଲା। କିର୍ତ୍ତନପୁର ଅଙ୍ଗନବାଡ଼ିର ନିଜସ୍ୱ ଗୃହ ନ ଥିବାରୁ ଏହା କୀର୍ତ୍ତନପୁର ପ୍ରାଥମିକ ବିଦ୍ୟାଳୟର ଏକ ଗୃହରେ ଚାଲୁଥିଲା। ପୂର୍ବତନ ସରପଞ୍ଚଙ୍କ ଚିଠି ଓ ସୁପାରିଶ ଆଧାରରେ ସିଡିପିଓ ତିର୍ତ୍ତୋଲଙ୍କ ଚିଠି ନଂ ୪୪୩ ୧୩।୫।୨୦୨୩ରେ ତିର୍ତ୍ତୋଲ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ପତ୍ର ସଂଖ୍ୟା ୪୪୪ ମାଧ୍ୟମରେ ସରପଞ୍ଚ ଗୋପାଳପୁରଙ୍କୁ ଏହି ଦୁଇ ଶ୍ରେଣୀ ଗୃହକୁ କୀର୍ତ୍ତନପୁର ଅଙ୍ଗନବାଡିକୁ ହସ୍ତାନ୍ତର କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶକୁ ଅବମାନନା କରି ବର୍ତ୍ତମାନର ସରପଞ୍ଚ କେଉଁ ଆଧାରରେ ଓ କେଉଁ ନିର୍ଦ୍ଦେଶ ବଳରେ ବଟମଙ୍ଗଳା ପ୍ରାଥମିକ କୃଷି ସେବା ସମବାୟ ସମିତିକୁ ସ୍କୁଲ ଗୃହକୁ ପ୍ରଦାନ କରିଛନ୍ତି, ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ସମିତିକୁ ଦୁଇଟି ଶ୍ରେଣୀ ଗୃହ ପ୍ରଦାନ କରାଯାଇଥିବାବେଳେ ବାସ୍ତବରେ ଗୋଟିଏ ଗୃହରେ ସମିତି କାର୍ଯ୍ୟାଳୟ ହୋଇଛି। ଅନ୍ୟଏକ ଗୃହରେ ମୋ ସେବା କେନ୍ଦ୍ର ଚାଲିଛି ବୋଲି ଅଭିଯୋଗ କରାଯାଇଛି। ଏ ସମ୍ପର୍କରେ ଜଗତସିଂହପୁର ସମବାୟ ସମିତି ସମୂହର ଉପ-ନିବନ୍ଧକ ପ୍ରଭାତ ଚନ୍ଦ୍ର ଶତପଥୀଙ୍କୁ ପଚାରିବାରୁ ଏହି ମାମଲା ବିଭାଗୀୟ ନିର୍ଦ୍ଦେଶକଙ୍କ କୋର୍ଟରେ ବିଚାରଧୀନ ରହିଛି। ସେଠାରୁ ଯାହା ନିର୍ଦ୍ଦେଶ ଆସିବ, ତାହାକୁ କାର୍ଯ୍ୟକାରୀ କରାଯିବ ବୋଲି କହିଛନ୍ତି।

## ସ୍ମାଇଲ ୟୁଥ୍ କ୍ଲବ୍ ପକ୍ଷରୁ ଗଣେଶ ପୂଜା



ତିର୍ତ୍ତୋଲ,୨୮।୮(ସମିସ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଦାଇଁଲୋ ପଞ୍ଚାୟତର ସାନପୋଷଲସ୍ଥ ସ୍ମାଇଲ ୟୁଥ୍ କ୍ଲବ୍ ଆନୁକୂଲ୍ୟରେ ଗଣେଶ ପୂଜା କରାଯାଉଛି। ହରେକୃଷ୍ଣ ବେହେରା କର୍ତ୍ତା ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ଶନିବାର ଭସାଣି ଉତ୍ସବ ଅନୁଷ୍ଠିତ ହେବ। ପ୍ରତ୍ୟେକ ସନ୍ଧ୍ୟାରେ ଭଜନ ସନ୍ଧ୍ୟା ଅନୁଷ୍ଠିତ ହେଉଛି। ଏହି ପୂଜା ଉତ୍ସବକୁ କ୍ଷୀରୋଦ, ଶୈଳେନ୍ଦ୍ର, ପ୍ରତାପ, ବସନ୍ତ, ପ୍ରତାପ, ପ୍ରଭାତ, ଅନୀଲ, ଶିବପ୍ରସାଦ, ପ୍ରହ୍ଲାଦ, ଗୌରାଙ୍ଗ, ରଞ୍ଜିତ ପ୍ରମୁଖ ପରିଚାଳନା କରୁଛନ୍ତି।

## ବନ୍ଦର ଜାଗାରୁ ଜବରଦଖଲ ଉଚ୍ଛେଦ



ପାରାଦୀପ, ୨୮।୮(ସମିସ): ଶିଶୁ ବିଦ୍ୟାମନ୍ଦିର ସମ୍ମୁଖରେ ବେଆଇନ ଭାବେ ତିଆରି କରାଯାଇଥିବା ଏକ ସର୍ଭିସିଂ ସେଣ୍ଟରକୁ ବନ୍ଦର ଇଷ୍ଟେଟ ବିଭାଗ ଗତକାଲି ଭାଙ୍ଗିଦେଇଛି। ୫ ଫୁଟ କାନ୍ଥ ଉଠିଥିବା ସହିତ ସବୁ କାମ ସରିଥିଲା। କେବଳ ଉପରେ ସେଡ ପଡ଼ିଥା'ନ୍ତା। କ'ଣ ହେଲା କେଜାଣି ଅଚାନକ ଇଷ୍ଟେଟ ବିଭାଗର ସ୍କ୍ୱାର୍ଡ ଆସି ସବୁ କାନ୍ଥ ଭାଙ୍ଗି ମାଟିରେ ମିଶାଇ ଦେଇଛି। କାଶି ବାରିକ ଏହି ବେଆଇନ ଗୃହ ନିର୍ମାଣ କରି ଏକ ସର୍ଭିସିଂ ସେଣ୍ଟର ଖୋଲିବା ନେଇ ଚିନ୍ତା କରିଥିଲେ। କାହା ନିର୍ଦ୍ଦେଶରେ ସେ ଏତେବାଟ ଯାଇଥିଲେ, ତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ତେବେ ବନ୍ଦର ବିଭାଗର କେଉଁ କର୍ମଚାରୀ ଘର ତିଆରି କରିବା ପାଇଁ କହିଥିଲେ ପୁଣି କ'ଣ ହେଲା ଯେ ସେଇ ଇଷ୍ଟେଟ ବିଭାଗର କର୍ମଚାରୀ ଆସି ସେ ଘରକୁ ଭାଙ୍ଗିଲେ। ସେହି ବାଟ ଦେଇ ପ୍ରତିଦିନ ଇଷ୍ଟେଟ ବିଭାଗର ଗାଡ଼ି ଯିବା ଆସିବା କରୁଥିଲେ ହେଲେ ସେମାନେ କିଭଳି ଏତେ ବାଟ କାମ ଆଗେଇବା ଜାଣି ପାରିଲେନାହିଁ, ତାକୁ ନେଇ ଏବେ ସବୁଆଡେ ଆଲୋଚନା ଜୋର ଧରିଛି। ତେବେ ଇଷ୍ଟେଟ ବିଭାଗ ଜାଣି ନ ଥିଲା ନାଁ, ସବୁ ଦେଖି କେଉଁ ଜଣେ ବଡ ବାବୁଙ୍କ କଥାରେ ହେଉଥିବାରୁ ହାତ ମାରୁ ନ ଥିଲା, ତାହା ଏବେ ବନ୍ଦର ସହରରେ ଚର୍ଚ୍ଚାର ବିଷୟ ପାଲଟିଛି। ଏଥିରେ କାଶି ବାରିକଙ୍କ ହଜାର ହଜାର ଟଙ୍କା ପାଣିରେ ପଡିଥିବା କୁହାଯାଉଛି।



## ପୋଡ଼ିଗଲା ଗୁହାଳ, ବଞ୍ଚିଗଲେ ଗାଈ ଓ ବାଛୁରି

ରଘୁନାଥପୁର,୨୮।୮(ସମିସ): ରଘୁନାଥପୁର ବ୍ଲକ ଅନ୍ତର୍ଗତ ତାରପୁର ପଞ୍ଚାୟତର ହରିଶପୁର ଗ୍ରାମରେ କୃଷ୍ଣଚରଣ ଦାସଙ୍କ ଚାଳଘରେ ମଧ୍ୟାହ୍ନ ସମୟରେ ନିଆଁଲାଗି ସମ୍ପୂର୍ଣ୍ଣ ପୋଡ଼ି ପାଉଁଶ ହୋଇଯାଇଛି। ଘରେ ଥିବା ଆସବାବପତ୍ର ଓ ଧାନ ଚାଉଳ ପୋଡ଼ି ଯାଇଥିବାବେଳେ ଅଳ୍ପକେ ଗାଈ ଓ ବାଛୁରି ବଞ୍ଚିଯାଇଛନ୍ତି। ରଘୁନାଥପୁର ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## ନିଖୋଜ ଦୁଇ ନାବାଳିକା କାଶ୍ମୀରରୁ ଉଦ୍ଧାର

ପାରାଦୀପ, ୨୮।୮(ସମିସ): ପାରାଦୀପ ଅଭୟଚାନ୍ଦପୁର ଥାନା ଅଞ୍ଚଳରୁ ନିଖୋଜ ଥିବା ଦୁଇ ନାବାଳିକାଙ୍କୁ କାଶ୍ମୀରରୁ ଉଦ୍ଧାର କରିଛି ପୁଲିସ। ଗତ ୧୪ ତାରିଖରେ ଦୁଇ ନାବାଳିକା ନିଖୋଜ ଥିବା ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଦୁଇ ନାବାଳିକାଙ୍କ ମୋବାଇଲ ନମ୍ବରକୁ ଟ୍ରାକ୍ କରି କାଶ୍ମୀରର ଜମ୍ମୁରୁ ଜଣକୁ ଓ ବାରାମୁଲାରୁ ଅନ୍ୟ ଜଣକୁ ସେଠାକାର ମହିଳା ଥାନା ପୁଲିସ ସହାୟତାରେ ଉଦ୍ଧାର କରାଯାଇଥିବା ଥାନା ଅଧିକାରୀ ସମୀର କୁମାର ରାଉତ ସୂଚନା ଦେଇଛନ୍ତି। ଗତ ୨୦ ତାରିଖରେ ଥାନା ଅଧିକାରୀଙ୍କ ନିର୍ଦ୍ଦେଶରେ ଦୁଇଟି ଟିମ କାଶ୍ମୀର ଯାଇ ନାବାଳିକାଙ୍କୁ ଉଦ୍ଧାର କରି ଆଜି ସନ୍ଧ୍ୟାରେ ପାରାଦୀପରେ ପହଞ୍ଚିଛି। ଦୁଇ ନାବାଳିକା ଗୋଟିଏ ଗାଁର ଦୁଇ ସାଙ୍ଗ ହୋଇଥିବାବେଳେ ଫେସବୁକରେ ସାଙ୍ଗ ବନାଇ ଟ୍ରେନ ଯୋଗେ କାଶ୍ମୀର ଚାଲିଯାଇଥିଲେ। ଆସନ୍ତାକାଲି ସେମାନଙ୍କୁ ଡାକ୍ତରୀ ମଇନା କରାଯିବା ସହ କୋର୍ଟରେ ମାଜିଷ୍ଟ୍ରେଟଙ୍କ ସାମ୍ନାରେ ବୟାନ ରେକର୍ଡ କରାଯିବ ବୋଲି ଜଣାପଡ଼ିଛି। ତେବେ ପୁଲିସ ଏ ନେଇ ଅଧିକ ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି।

● ଫୁଲ ବିକାଳୀ ମହିଳାଙ୍କୁ ବଟି ମାଗିବା ଘଟଣା

## ମହିଳାଙ୍କୁ ସୁରକ୍ଷା ଦେଉଥିବା ବ୍ୟକ୍ତିଙ୍କ ନାଁରେ ମିଥ୍ୟା ଅଭିଯୋଗକୁ ଖଣ୍ଡନ



ପାରାଦୀପ,୨୮।୮(ସମିସ): ଫୁଲ ବିକାଳୀ ମହିଳାଙ୍କୁ ବଟି ମାଗିବା ଘଟଣା ଏବେ ନୂଆ ମୋଡ଼ ନେଇଛି। ମହିଳାଙ୍କୁ ବଟି ମାଗୁଥିବା କ୍ଲବର ଯୁବକଙ୍କ ବିରୋଧରେ ଥାନାରେ ଅଭିଯୋଗ ପରେ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାବେଳେ ସେମାନେ ଓଲଟା ସୁରକ୍ଷା ଦେଉଥିବା ଯୁବକଙ୍କ ବିରୋଧରେ ବିଭିନ୍ନ ମିଥ୍ୟା ଅଭିଯୋଗ ଆଣିଛନ୍ତି। ମହିଳାଙ୍କୁ ସୁରକ୍ଷା ଦେଇଥିବା ବ୍ୟକ୍ତିଙ୍କ ନାମରେ ବଟି ମାଗିଥିବା ତାରିଣୀଗଡ଼ାର ୟୁଥ ଫେଡେରେସନ କ୍ଲବର ଯୁବକ ମିଥ୍ୟା ଅଭିଯୋଗ ଆଣିଥିବା ନେଇ ରାମଚଣ୍ଡୀ ବିହାର ଗ୍ରାମ୍ୟ କମିଟି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ କରାଯାଇ ସର୍ବସମ୍ମୁଖରେ ଘୋଷଣା କରାଯାଇଛି।

ଘଟଣା ଦିନ ମହିଳାଙ୍କୁ ସୁରକ୍ଷା ଦେଇଥିବା ରାମଚଣ୍ଡୀ ବିହାରର ବାସିନ୍ଦା ଅୟସକାନ୍ତ ସାମଲ (ଟିପୁ) ତାଙ୍କ ସେହି ପଡ଼ାର ଜଣେ ଗୃହକର୍ତ୍ତାଙ୍କୁ ବାଲି ଗାଡ଼ି ପାଇଁ ୧ ହଜାର ଟଙ୍କା ମାଗୁଥିବାର ଏକ ଭିଡିଓକୁ ୟୁଥ ଫେଡେରେସନର ଯୁବକ ଜାଣିଶୁଣି ତାଙ୍କୁ ବଦନାମ କରିବା ପାଇଁ ତାଙ୍କର ଏକ ଅଡିଓକୁ ସୋସିଆଲ ମିଡିଆରେ ପକାଇଛନ୍ତି। ଏଥିସହିତ ସେ ରାମଚଣ୍ଡୀ ମଠରେ ଚୋରା କୋଇଲା, ତେଲ ବେପାର କରି ତାଙ୍କର ଆଧିପତ୍ୟ ବିସ୍ତାର କରିଛନ୍ତି ବୋଲି ୟୁଥ ଫେଡେରେସନ କ୍ଲବର ସଦସ୍ୟ ଅଭିଯୋଗ କରିଛନ୍ତି। ତେବେ ଅୟସକାନ୍ତ ସାମଲ (ଟିପୁ)ଙ୍କ ବିରୋଧରେ ସୋସିଆଲ ମିଡ଼ିଆରେ ଘୁରି ବୁଲୁଥିବା ଏଭଳି ଅଡିଓ ଭିତ୍ତିହୀନ ଓ ପ୍ରାୟୋଜିତ ବୋଲି ଉପସ୍ଥିତ ରାମଚଣ୍ଡୀ ବିହାର ଗ୍ରାମ୍ୟ କମିଟି ସଦସ୍ୟ ଅଭିଯୋଗ କରିବା ସହିତ ରାମଚଣ୍ଡୀ ମଠରେ କୌଣସି ଆପତ୍ତିଜନକ କାର୍ଯ୍ୟ କରାଯାଉନାହିଁ କି କୌଣସି ଚୋରା କୋଇଲା ଓ ତେଲ ଗଚ୍ଛିତ ନାହିଁ। ଏହି ମଠ ଦୀର୍ଘଦିନରୁ ଅବହେଳିତ ହୋଇପଡ଼ି ରହିଥିବାବେଳେ ରାମଚଣ୍ଡୀପଡ଼ାର ୧୫୦ ସ୍ଥାନୀୟବାସିନ୍ଦା ଏହି ମଠକୁ ସଜାଡ଼ିବା ସହିତ ଶୃଙ୍ଖଳିତ ଭାବେ ମଠ ପରିଚାଳନା କରୁଥିବା ମହନ୍ତ ସୀତାରାମ କହିଛନ୍ତି। ଯେଉଁ ବାଲି ଗାଡ଼ିଠାରୁ ଚାନ୍ଦା ମାଗିବା କଥା ଉଠୁଛି ପଡ଼ାର ସମସ୍ତ ଗୃହ କର୍ତ୍ତାଙ୍କ ନିର୍ଦ୍ଦେଶକ୍ରମେ ଅୟସକାନ୍ତ ସାମଲ ଟଙ୍କା ମାଗୁଛନ୍ତି। ଟଙ୍କା ମାଗିବା ତାଙ୍କର ବ୍ୟକ୍ତିଗତ ମତ ନୁହେଁ, କିମ୍ବା ସେ ବଟି କିମ୍ବା ନିଜ ପାଇଁ କୌଣସି ଟଙ୍କା ଆଦାୟ କରୁନାହାନ୍ତି। ତାହା ସମୂହ ସ୍ୱାର୍ଥରେ ଅର୍ଥାତ ରାମଚଣ୍ଡୀବାସୀଙ୍କ ସ୍ୱାର୍ଥରେ ବ୍ୟବହାର କରାଯାଉଛି। ପଡ଼ାରେ ଯେଉଁ ନୂଆ ଗୃହକର୍ତ୍ତା ତାଙ୍କର ଜାଗା ପୋତିବେ ସେହି ରାସ୍ତା ଦେଇ ବାଲି ଗାଡ଼ି ଯାଉଥିବାରୁ ରାସ୍ତା ଖାଲ ହୋଇପଡୁଛି। ଯେଉଁଠାରେ ମ୍ୟୁନିସିପାଲିଟିର ରାସ୍ତା ନାହିଁ ସେଠାରେ ରାସ୍ତା ତିଆରି କରିବା ସହିତ ରାସ୍ତା ମରାମତି ପାଇଁ ପ୍ରତ୍ୟେକ ଗୃହ କର୍ତ୍ତାଙ୍କଠାରୁ ଡିସିମିଲ ପିଛା ୧ ହଜାର ଟଙ୍କା ନିଆଯାଉଛି। ଯାହା ସେହି ରାସ୍ତା କାମ ଓ ପଡ଼ାର ଉନ୍ନତି, ରାମଚଣ୍ଡୀ ମଠ ପରିଚାଳନାରେ ଲାଗୁଥିବା ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି। ସାମ୍ବାଦିକ ସମ୍ମିଳନୀରେ ରାମଚଣ୍ଡୀ ପଡ଼ାର ମହନ୍ତ ସୀତାରାମଙ୍କ ସହିତ କମିଟିର ଟୁଟୁ ବେଉରା, କୈଳାସ ଚନ୍ଦ୍ର ସ୍ୱାଇଁ, ପ୍ରଦୀପ ଦାସ ଓ ପ୍ରଶାନ୍ତ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଶିକ୍ଷାବିତ୍ ରସାନନ୍ଦ ସାହୁଙ୍କ ବିୟୋଗ

ଜଗତସିଂହପୁର,୨୮।୮(ସମିସ): ଜଗତସିଂହପୁର ଜିଲ୍ଲାର ବିଶିଷ୍ଟ ଶିକ୍ଷାବିତ୍ ତଥା ପୂର୍ବତନ ଜିଲ୍ଲା ଶିକ୍ଷା ପରିଦର୍ଶକ ରସାନନ୍ଦ ସାହୁଙ୍କ ୮୯ ବର୍ଷ ବୟସରେ ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ନଟବର ବାରିକ, ପୂର୍ବତନ ପୌର ପରିଷଦ ଅଧ୍ୟକ୍ଷ ବିପ୍ଳବ ଚୌଧୁରୀ, ଶିକ୍ଷାବିତ୍ ନିକୁଞ୍ଜ ବେହେରା, ଶିକ୍ଷାବିତ୍ ନିରଞ୍ଜନ ପଣ୍ଡା, ସମାଜସେବୀ ବିଶ୍ୱଜିତ ପୋଥାଳ, ଅଭୟ କୁମାର ମହାନ୍ତି, ମାନସ କୁମାର ରଥ, ଇଂ ବେଦଦ୍ୟୁତି ପୃଷ୍ଟି, ସମୀର ଖୁଣ୍ଟିଆ, କୃଷ୍ଣଚନ୍ଦ୍ର ପ୍ରଧାନ, ମନୋରଞ୍ଜନ ଜେନା, ଇମତିୟାତ ଅହମ୍ମଦ ଖାଁ, ସେଖ୍ ଅମିନୁସ ସାଜେଦିନ, ସେଖ୍ ହେଦାୟତ ଅଲ୍ଲୀ, ଅବନୀକାନ୍ତ ମହାରଣା, ହିଫଜୁଲ ରହେମାନ, ଆଇନଜୀବୀ ତ୍ରିପୁରେଶ୍ୱର ମଲ୍ଲିକ, ସୌମ୍ୟରଞ୍ଜନ ବିଶ୍ୱାଳ, ବସନ୍ତ କୁମାର ଭୋଇ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ସିଳନ୍ଦି ଗ୍ରାମରେ ଜନ୍ମଗ୍ରହଣ କରିଥିବା ରସାନନ୍ଦ ସାହୁ ଜଗତସିଂହପୁର ଜିଲ୍ଲା ଶିକ୍ଷା ପରିଦର୍ଶକ ଭାବେ ଅବସର ଗ୍ରହଣ କରିବା ପରେ ଜଗତସିଂହପୁର ସହରର କୋର୍ଟ ଛକ ନିକଟରେ ଥିବା ନିଜ ଘରେ ରହୁଥିଲେ। ଶିକ୍ଷା ବ୍ୟବସ୍ଥାର ବ୍ୟାପକ ପରିବର୍ତ୍ତନ ପାଇଁ ତାଙ୍କୁ ଲକ୍ଷ୍ମଣ ମଲ୍ଲିକ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା।



■ ବାଲିଘାଟ ବନ୍ଦ ସତ୍ତ୍ୱେ ଚାଲିଛି ବାଲି ଚୋରାଚାଲାଣ

## ସରକାରଙ୍କ ଲକ୍ଷାଧିକ ଟଙ୍କାର ରାଜସ୍ୱ ହାନି



ନାଉଗାଁ, ୨୮।୮(ସମିସ): ନାଉଗାଁ ବ୍ଲକ୍ ଅନ୍ତର୍ଗତ ଦେବୀନଦୀର ପାଳେନ୍ଦି ଘାଟରୁ ଦୈନିକ ଲକ୍ଷ୍ୟାଧିକ ଟଙ୍କାର ଚୋରା ଉତ୍ତୋଳନ କରାଯାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି। ନାଉଗାଁ ତହସିଲ ଅଧୀନରେ ଥିବା ଦେବୀନଦୀର ଗଳଧାରୀ, ବଛାଳ, ଶିଖର ବାଲି ସୈରାତକୁ ସରକାରୀ ସ୍ତରରେ ନିଲାମ କରାଯାଇ ବାଲି ଉତ୍ତୋଳନ କରିବାକୁ ଅନୁମତି ମିଳିଛି। ତେବେ ନଦୀରେ ବନ୍ୟାଜଳ ପ୍ରବାହିତକୁ ଦୃଷ୍ଟିରେ ରଖି ଗତ ଜୁନ୍ ମାସଠାରୁ ପ୍ରଶାସନ ପକ୍ଷରୁ ଏହି ଘାଟରୁ ବାଲି ଉଠାଣକୁ ବନ୍ଦ ରଖାଯାଇଛି। ଏହାର ସୁଯୋଗ ନେଇ କିଛି ଅସାଧୁ ବ୍ୟକ୍ତି ସ୍ଥାନୀୟ ତହସିଲ ଓ ପୁଲିସ ପ୍ରଶାସନକୁ ହାତକରି ପୂର୍ବରୁ ଏହି ନଦୀର ରହିଥିବା ବଛାଳୋ ପଞ୍ଚାୟତସ୍ଥ ପାଳେନ୍ଦି ନାମକ ଏକ ବାଲିଘାଟରୁ ଦୈନିକ ହଜାର ହଜାର ଟଙ୍କାର ରାଜସ୍ୱ ଫାଙ୍କି ଟ୍ରାକ୍ଟର ମାଧ୍ୟମ ଶହ ଶହ ଟ୍ରିପ ବାଲି ଉତ୍ତୋଳନ କରୁଛନ୍ତି। ଗୋଟେ ଟ୍ରାକ୍ଟର ଟ୍ରିପ୍ ବାଲିକୁ ୨୫ ଶହ ଟଙ୍କାରୁ ୩ ହଜାର ଟଙ୍କା ପର୍ଯ୍ୟନ୍ତ ବିକ୍ରୟ କରୁଛନ୍ତି। ଏହାଦ୍ୱାରା ସରକାରଙ୍କ ରାଜସ୍ୱ ହାନି ହେବା ସହିତ ସାଧାରଣ ଲୋକ ମଧ୍ୟ ଶୋଷଣର ଶିକାର ହେଉଛନ୍ତି। ଏପଟେ ନଦୀଗର୍ଭରୁ କିପରି ଓ କେଉଁ ସର୍ତ୍ତରେ ବାଲି ଉତ୍ତୋଳନ ହେବ, ତାହା ଖଣି ବିଭାଗର ଦାୟିତ୍ୱ ବୋଲି ନାଉଗାଁ ତହସିଲ ପକ୍ଷରୁ କୁହାଯାଇଥିବାବେଳେ ଜିଲ୍ଲା ଖଣି ନିଗମ ଅଧିକାରୀଙ୍କ ସହିତ ଯୋଗାଯୋଗ କରିବାରୁ ପାଳେନ୍ଦି ଘାଟ କେଉଁଠି ସେ ଜାଣିନାହାନ୍ତି ବୋଲି କହିଛନ୍ତି। ଅନ୍ୟପକ୍ଷରେ ଏଠାରେ ଖୋଲାଖୋଲି ଭାବେ ଖଣି ନିଗମକୁ ହାତ କରି ଏହି ବାଲି ମାଫିଆ ଦୈନିକ ଶହ ଶହ ଟ୍ରିପ ବାଲି ଉଠାଇ ଲକ୍ଷାଧିକ ଟଙ୍କା ଲୁଟୁଥିବା ସାଧାରଣରେ ଆଲୋଚନା ହେବା ସହ ଏଥିପ୍ରତି ତୁରନ୍ତ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ଧର୍ମପ୍ରାଣ ମହିଳାଙ୍କ ଶ୍ରଦ୍ଧାଞ୍ଜଳି ସଭା



ଜଗତସିଂହପୁର,୨୮।୮(ସମିସ): ଜଗତସିଂହପୁର ଜିଲ୍ଲାର ନାଉଗାଁ ବ୍ଲକ୍ ଅନ୍ତର୍ଗତ ତିରୁଣା ପଞ୍ଚାୟତ ଉର ଗ୍ରାମର ଧର୍ମପ୍ରାଣ ମହିଳା ରେଖାରାଣୀ ଲେଙ୍କାଙ୍କ ଏକାଦଶାହରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ ଓ ପୂର୍ବତନ ବିଧାୟକ ଡ. ଲଲାଟେନ୍ଦୁ ମହାପାତ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ସେହିପରି ସ୍ୱର୍ଗତା ଲେଙ୍କାଙ୍କ ସ୍ମୃତିରେ ଏସଭିଏମ୍ ୧୯୮୯ +୨ ବ୍ୟାଚ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏହି ବ୍ୟାଚର ଛାତ୍ର ଇଂ ବସନ୍ତ ବାରିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସ୍ୱର୍ଗତା ଲେଙ୍କାଙ୍କ ପୁତ୍ର ପ୍ରଶାନ୍ତ ଲେଙ୍କା, ସାମ୍ବାଦିକ ଶଶାଙ୍କଶେଖର ପଣ୍ଡା, ସୁରେଶ ବାରିକ, ପ୍ରିୟ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ଦଳେଇ ଓ ଦୁର୍ଯ୍ୟୋଧନ ବାରିକ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଲଳିତ ଲେଙ୍କା, ଦୁଷ୍ମନ୍ତ ଲେଙ୍କା, ଜୟନ୍ତ ଲେଙ୍କା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

୫ ଦିନ ଧରି ଯୁବକ ନିଖୋଜ

# ବିଦ୍ୟୁତ୍ ଖୁଣ୍ଟରେ ହାତଗୋଡ଼ ବନ୍ଧା ଫଟୋ ଭାଇରାଲ

ବାଲିକୁଦା,୨୮।୮(ସମିସ):

ବାଲିକୁଦା ଥାନା ଅନ୍ତର୍ଗତ ଅଡଙ୍ଗା ପଞ୍ଚାୟତର କଁପୁର ଗ୍ରାମରେ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଜନ୍ମ ଦିନରେ ପୁରୀ ବୁଲିବାକୁ ଯାଇ ୫ ଦିନ ଧରି ନିଖୋଜ ଥିବା ଯୁବକଙ୍କ କୌଣସି ସନ୍ଧାନ ମିଳୁ ନ ଥିବାବେଳେ ବିଦ୍ୟୁତ ଖୁଣ୍ଟରେ ଯୁବକଙ୍କ ହାତ ଗୋଡ଼ ବନ୍ଧା ଫଟୋ ଭାଇରାଲ ହୋଇଛି। ଗତକାଲି ଅପରାହ୍ନରେ ସୋସିଆଲ ମିଡିଆରେ ଭାଇରାଲ ହୋଇଛି ଫଟୋ। ତେବେ କିଏ ତାଙ୍କୁ କେଉଁ ପରିସ୍ଥିତିରେ କେଉଁଠି ବାନ୍ଧିଛି, ତାହା ଜଣାପଡ଼ିନାହିଁ। ଭାଇରାଲ ଫଟୋ ଦେଖିବା ପରେ ପରିବାର ଲୋକ ବାଲିକୁଦା ଥାନାରେ ଏତଲା ଦେଇଛନ୍ତି।

ନିଖୋଜ ଯୁବକ ଜଣକ ବାଲିକୁଦା ଥାନା ଅନ୍ତର୍ଗତ ଅଡ଼ଙ୍ଗା ପଞ୍ଚାୟତ କଁପୁର ଗାଁର ସଂଗ୍ରାମ ସାହୁଙ୍କ ପୁଅ ନାରାୟଣ ସାହୁ। ନାରାୟଣ ଦିଲ୍ଲୀରେ ଏକ ଘରୋଇ ସଂସ୍ଥାରେ କାମ କରୁଥିବାବେଳେ ଗତ କିଛିଦିନ ହେଲା ଗାଁରେ ଆସି ରହୁଥିଲେ। ଗତ ୨୪ ତାରିଖ ଦିନ ନାରାୟଣଙ୍କ ଜନ୍ମ ଦିନ ଥିବାରୁ ସେ ପରିବାର ଲୋକଙ୍କୁ କହି ବାଲିକୁଦା ବଜାରରୁ ବସ୍ ଯୋଗେ ପୁରୀ ଯାଇଥିଲେ। ନାରାୟଣ ମାଆ ମାମିନା ସାହୁଙ୍କଠାରୁ ୬୦୦ ଟଙ୍କା ନେଇ ପୁରୀ ଯିବା ସହିତ ସେଦିନ ଠାକୁରଙ୍କୁ ଦର୍ଶନ ସାରି ଫେରିବାକୁ କହିଥିଲେ। ମାତ୍ର ନାରାୟଣ ଆଜିକୁ ୫ଦିନ ହୋଇଥିବାବେଳେ ଘରକୁ ଫେରିନାହାନ୍ତି। ଗତକାଲି ଅପରାହ୍ନରେ କଁପୁର ଓ ଆଖପାଖ ଗାଁର ଯୁବକ ସୋସିଆଲ ମିଡିଆରେ ନାରାୟଣଙ୍କ ଏକ ଫଟୋ ଦେଖିଥିଲେ। ଯେଉଁ ଫଟୋରେ



ନାରାୟଣଙ୍କୁ କେହି ଏକ ବିଦ୍ୟୁତ ଖୁଣ୍ଟରେ ହାତ, ଗୋଡ଼ ବାନ୍ଧି ରଖିଥିବା ଦେଖାଯାଇଛି। ଏହି ଫଟୋ ଦେଖିବା ପରେ ପରିବାର ଲୋକ ଭୟଭୀତ ହୋଇପଡ଼ିଥିଲେ। ନାରାୟଣଙ୍କ ମାଆ ମାମିନା ସାହୁ ବାଲିକୁଦା ଥାନାରେ ଏତଲା କରିଛନ୍ତି। କେଉଁ କାରଣରୁ ଲୋକେ ନାରାୟଣଙ୍କୁ ବାନ୍ଧି ଥିବେ ଓ ପୁଅର ଘରକୁ ଫେରିବାରେ ବିଳମ୍ବ ହେଉଥିବାରୁ ପୁଲିସ ପାଖରେ ପୁଅକୁ ଫେରାଇ ଆଣିବାକୁ ଆକୁଳ ନିବେଦନ କରିଛନ୍ତି। ନାରାୟଣଙ୍କ ବାପା ସଂଗ୍ରାମ ସାହୁ ପୁରୀ ଯିବା ରାସ୍ତାର ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ହେଁ ସନ୍ଧାନ ମିଳିପାରିନାହିଁ। ଯାହା ପରିବାରକୁ ବିଚଳିତ କରିଛି। ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁ କହିଛନ୍ତି, ଅଭିଯୋଗ ପାଇବା ପରେ ଆମେ ବିଭିନ୍ନ ଥାନାରେ ଏ ଘଟଣା ସମ୍ପର୍କରେ ଜଣାଇଥିଲୁ। କଟକ ସଦର ଥାନା ପକ୍ଷରୁ ସୂଚନା ମିଳିଛି କି ଉକ୍ତ ଯୁବକ ଓ ତାଙ୍କର କିଛି ବନ୍ଧୁ ପୁରୀରୁ ଫେରି କଟକରେ ଏକ ହୋଟେଲରେ ଖାଇଥିଲେ। ଖାଇ ସାରିବା ପରେ ହୋଟେଲ ମାଲିକ ଖାଇବା ଟଙ୍କା ମାଗିବାରୁ ଟଙ୍କା ନ ଥିବା କହିବା ସହ ଖରାପ ଭାଷା ପ୍ରୟୋଗ କରିଥିଲେ। ଯେଉଁ କାରଣରୁ ହୋଟେଲ କର୍ମଚାରୀ ନାରାୟଣଙ୍କୁ ବାନ୍ଧିବା ସହ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ପୁଲିସ ତାକୁ ଉଦ୍ଧାର କରି ଛାଡ଼ିଦେଇଥିଲା। ବୋଧହୁଏ ଫଟୋ ଓ ଭିଡିଓ ଭାଇରଲ ହୋଇଥିବା କାରଣରୁ ଲଜ୍ଜାରେ ଯୁବକ ଜଣଙ୍କ ଘରକୁ ଫେରିନାହିଁ। ଆମେ ଖୋଜା ଖୋଜି ଜାରି ରଖିଛୁ। ସନ୍ଧାନ ମିଳିଲେ ସୂଚନା ଦେବୁ। ତେବେ କଟକ ସଦର ପୁଲିସ ପରିବାରକୁ ହସ୍ତାନ୍ତର ନ କରି କିଭଳି ଯୁବକଙ୍କୁ ଛାଡିଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ଜବତ ଲୁହାପଥରର ମାନ ପରୀକ୍ଷା ରିପୋର୍ଟ କେବେ ?

ବଡ଼ବିଲ, ୨୮।୮(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ଖଣି ମଣ୍ଡଳରେ କାର୍ଯ୍ୟରତ ବହୁରାଷ୍ଟ୍ରୀୟ କମ୍ପାନୀ ଅଧୀନରେ ଥିବା ଠାକୁରାଣୀ ଖଣିରେ ବ୍ୟାପକ ଅନିୟମିତତା ଅଭିଯୋଗ ହୋଇଛି। ଗତ ୨୧ ତାରିଖ ଜବତ ପୁଲିସ ଓ ଖଣି ବିଭାଗ ପକ୍ଷରୁ ଜବତ କରାଯାଇଥିବା ଦୁଇଟି ଟ୍ରକରେ ଲୁହାପଥରର ଗ୍ରେଡ ଅନୁମତିଠାରୁ ଯଥେଷ୍ଟ ଅଧିକ ଥିବା ନେଇ ଯାଞ୍ଚ ଚାଲିଥିଲା ବେଳେ ଏହା ଉପରେ କୌଣସି ତଥ୍ୟ ସାମନାକୁ ଆସୁ ନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏହା ପ୍ରତିବାଦରେ ବଡ଼ବିଲ ସିଭିଲ ସୋସାଇଟି ପକ୍ଷରୁ ବଙ୍ଗଳା ଛକରେ ଏକ ଶାନ୍ତିପୂର୍ଣ୍ଣ ଧାରଣା ପ୍ରଦର୍ଶନ କରାଯାଇଛି। ଉଚ୍ଚସ୍ତରୀୟ ତଦନ୍ତ କମିଟି ଗଠନ, ଗ୍ରେଡ ପରୀକ୍ଷା ଫଳାଫଳ ତୁରନ୍ତ ପ୍ରକାଶ ଓ ପରିବହନରେ ବ୍ୟବହୃତ ଆଇଓଏମଏସ ଓ ଜିପିଏସ ଆଧାରିତ ଡିଜିଟାଲ ଟ୍ରାକିଂ ପଦ୍ଧତିକୁ ଯାଞ୍ଚ ପରିସରଭୁକ୍ତ କରିବା ଆଦି ଦାବି କରି ସୋସାଇଟିର ବରିଷ୍ଠ ସଦସ୍ୟ ଇନ୍ଦ୍ରମଣି ବେହେରା କହିଛନ୍ତି, ନିମ୍ନମାନର ଖଣିଜ




**ଜବତ ଦୁଇଟି ଟ୍ରକ୍ ପଡ଼ିଛି ଥାନାରେ**

ଅନୁମତିରେ ଉଚ୍ଚ ମାନର ଖଣିଜ ପରିବହନ ଦ୍ୱାରା ସରକାର ରାଜସ୍ୱ ହରାଉଛନ୍ତି। ସେ ଖଣି ବିଭାଗର ଯୋଡ଼ା ଉପନିର୍ଦ୍ଦେଶକଙ୍କୁ ତୁରନ୍ତ ବରଖାସ୍ତ କରି ତଦନ୍ତ ଦାବି କରିଛନ୍ତି। ସିଭିଲ ସୋସାଇଟିର ମୁଖ୍ୟ ସଂଯୋଜକ ରସାନନ୍ଦ ବେହେରା କହିଛନ୍ତି, ଶିଳ୍ପର ବିକାଶ ଆଇନସମ୍ମତ ଓ ପାରଦର୍ଶୀ ହେବା ଦରକାର। ପ୍ରକାଶ ଥାଉକି, ସ୍ଲରି ପାଇପ ଲାଇନ ଯୋଗେ ଖଣିଜ ପରିବହନ ଦ୍ୱାରା ସ୍ଥାନୀୟ ଟ୍ରକ ମାଲିକ କ୍ଷତିଗ୍ରସ୍ତ ହେଉଛନ୍ତି। ଟ୍ରକଗୁଡ଼ିକୁ ଲୋଡିଂ ମିଳୁ ନଥିବାରୁ ପରିବହନ ବ୍ୟବସାୟ ଘୋର ମାନ୍ଦାବସ୍ଥା ଦେଇ ଗତି କରୁଛି। ତେବେ, ଖଣିଜ ଦ୍ରବ୍ୟର ଗ୍ରେଡରେ ହେରଫେର କରିବା ଭଳି ବିଭିନ୍ନ ଅସାଧୁ ଉପାୟ ଅବଲମ୍ବନ କରିବା ବାବଦରେ ଯୋଡ଼ା ଖଣି ଉପନିର୍ଦ୍ଦେଶକ ଦିନେସ ଅଗରୱାଲ କହିଥିଲେ ଯେ ଉକ୍ତ ଟ୍ରକଦ୍ୱୟକୁ ବଡ଼ବିଲ ଥାନାରେ ରଖାଯାଇଛି। ଗ୍ରେଡ଼ର ରିପୋର୍ଟ ଆସିଲା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ପ୍ରଶ୍ନ ଉଠୁଛି, ଖଣି ବିଭାଗର ନିଜସ୍ୱ ମାନ ପରୀକ୍ଷାଗାର ସତ୍ତ୍ୱେ ନମୁନାର ଗ୍ରେଡ କାହିଁକି ଖୁଲାସା କରାଯାଇପାରିନାହିଁ ?

# ରବିରତୁ ପାଇଁ କେନ୍ଦୁଝର ଜିଲ୍ଲା କୃଷକଙ୍କୁ ସିଏମ୍ କିଷାନ ରାଶି

କେନ୍ଦୁଝର, ୨୮।୮(ସମିସ): ପବିତ୍ର ନୂଆଁଖାଇ ଅବସରରେ ୨୭ ତାରିଖ ବୁଧବାର କେନ୍ଦୁଝର ଜିଲ୍ଲା କଲେକ୍ଟୋରେଟସ୍ଥିତ ଦରବାର ହଲଠାରେ ରବିରତୁ ୨୦୨୫-୨୬ ସିଏମ୍ କିଷାନ ସହାୟତା ରାଶି ପ୍ରଦାନ ଉପଲକ୍ଷେ ଏକ କୃଷି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ଜିଲ୍ଲାର ୨ଲକ୍ଷ ୪୮ ହଜାର ୭ଶହ ୪୫ ଜଣ କୃଷକ (୨ଲକ୍ଷ ୪୫ହଜାର ୮ ଶହ ୪୨ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ, ୮ଶହ ୮୮ ଜଣ ଭୂମିହୀନ କୃଷକ ପରିବାର, ୧୯ ଶହ ୭୫ ଜଣ ଅନୁନ୍ନତ ଜନଜାତି ସମୂହ)ଙ୍କୁ ସିଏମ୍ କିଷାନ ସହାୟତା ରାଶି ପ୍ରଦାନ କରାଯାଇଥିବା ସେ କହିଥିଲେ। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱରସ୍ଥିତ ଓୟୁଏଟି କୃଷି ଶିକ୍ଷା ସଦନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମକୁ ସିଧାସଳଖ ପ୍ରସାରଣ କରାଯାଇଥିଲା। ଏହି ଅବସରରେ ମନୁଷ୍ୟ-ହାତୀ ସହାବସ୍ଥାନ ମାର୍ଗଦର୍ଶିକା ପୁସ୍ତିକା ଉନ୍ମୋଚନ କରିଥିଲେ। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ସତ୍ୟବାନ ସୋରେନ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ ଯୋଗ ଦେଇଥିଲା ବେଳେ ଜିଲ୍ଲା କୃଷି ଅଧିକାରୀ ବିଶ୍ୱଜୟୀ ମିଶ୍ର ଧନ୍ୟବାଦ ଦେଇଥିଲେ।



## ଚମ୍ପୁଆ ବ୍ଲକ ବିଜେଡି ସଭାପତି ଓ ନଗର ସଭାପତିଙ୍କ ନାମ ଘୋଷିତ





ଚମ୍ପୁଆ,୨୮।୮(ସମିସ): ବିଜୁ ଜନତା ଦଳ ପକ୍ଷରୁ କେନ୍ଦୁଝର ଜିଲ୍ଲାର ବିଭିନ୍ନ ବ୍ଲକ ଓ ସହରାଂଚଳର ସଭାପତିଙ୍କ ନାମ ଘୋଷଣା କରାଯାଇଛି। ସାଙ୍ଗଠନିକ ନିର୍ବାଚନ ପ୍ରକ୍ରିୟାରେ ଦଳୀୟ ନେତାମାନେ ମନୋନୀତ ହୋଇଛନ୍ତି। ବଚମ୍ପୁଆ ବ୍ଲକ ପାଇଁ ଗଣେଶ କୁମାର ଖିଲାର ଓ ଚମ୍ପୁଆ ଏନଏସି ପାଇଁ ୧ନଂ ୱାର୍ଡ କାଉନସିଲର ଛତ୍ରପତି ନାଏକଙ୍କ ନାମ ଘୋଷଣା କରାଯାଇଛି। ଜିଲ୍ଲା ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାର ଜେନା ବିଧିବଧ ସୂଚନା ଦେଇଛନ୍ତି। ନବନିର୍ବାଚିତ ସଭାପତିଙ୍କୁ ବିଜେଡି ଜିଲ୍ଲା ସଭାପତି ଆଶିଷ ଚକ୍ରବର୍ତ୍ତୀ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ନେତୃତ୍ୱରେ ଦଳ ଅଧିକ ସଂଗଠିତ ଓ ସଶକ୍ତ ହେବ ବୋଲି କହିଛନ୍ତି।

## ୨୨ ଦିନ ପରେ ଯୁବକ ଉଦ୍ଧାର

ହାଟଡ଼ିହୀ,୨୮।୮(ସମିସ): ହାଟଡ଼ିହୀ ବ୍ଲକ ବଞ୍ଜୋ ଗ୍ରାମର ଧ୍ରୁବ ଜେନାଙ୍କ ପୁଅ ଦୀପକ (୩୫) ଶ୍ରାବଣ ମାସରେ ଜଳାଭିଷେକ କରିବାକୁ ପୁରୀ ଯାଇ ସେଠାରୁ ନିଖୋଜ ହୋଇ ଯାଇଥିଲେ। ପରିବାର ଏବଂ ଗାଁର କିଛି ବ୍ୟକ୍ତିଙ୍କ ଉଦ୍ୟମରେ ଦୀର୍ଘ ୨୨ଦିନ ପରେ ଦୀପକ ଉଦ୍ଧାର ହୋଇଛନ୍ତି। ଦୀପକଙ୍କ ନିଖୋଜ ବାବଦରେ ପୁରୀ ସମୁଦ୍ର ଥାନାରେ ମଧ୍ୟ ନିଖୋଜ ଅଭିଯୋଗ ହୋଇଥିଲା। ପରିବାର ଲୋକେ ଦୀପକକୁ ଫେରି ପାଇବା ପରେ ଗାଁ ଲୋକଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ସାପ କାମୁଡ଼ାରେ ମୃତକଙ୍କ ପରିବାରକୁ ଭେଟିଲେ ବିଧାୟକ

ହାଟଡ଼ିହୀ,୨୮।୮(ସମିସ): ହାଟଡ଼ିହୀ ବ୍ଲକ୍ ଡ଼ଅଁର ପଞ୍ଚାୟତ ଚଷାଖଣ୍ଡ ଗ୍ରାମର ସୁନନ୍ଦ ବାରିକ ବିଲ କାମ କରୁଥିବା ସମୟରେ ସମୟରେ ଏକ ବିଷଧର ସାପ କାମୁଡା ଦେଇଥିଲା। ପରିବାର ଲୋକେ ତାଙ୍କୁ ଆନନ୍ଦପୁର ଉପଖଣ୍ଡ ମେଡିକାଲକୁ ନେଇଥିଲା ବେଳେ ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ତେବେ ଘରର ଜଣେ ରୋଜଗାରିଆ ବ୍ୟକ୍ତିକୁ ହରାଇ ପରିବାରଟି ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ସୁନନ୍ଦଙ୍କ ମୃତ୍ୟୁ ଖବର ପାଇ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ପହଞ୍ଚି ପରିବାରବର୍ଗଙ୍କୁ ଭେଟି ସମବେଦନା ଜଣାଇବା ସହ ତାଙ୍କ ଆତ୍ମାର ସଦଗତି କାମନା କରିଥିଲେ। ସରକାରୀ ସ୍ତରରେ ଉପଲବ୍ଧ ରାଶି ସହାୟତାରୁ ପରିବାରଟି କିଭଳି ଉପକୃତ ହୋଇପାରିବ ସେନେଇ ପ୍ରତିଶ୍ରୁତି ଦେଇଛନ୍ତି।

## ହାଇୱା ଦୁର୍ଘଟଣାରେ ଜଣେ ଗୁରୁତର

ବାଲିବନ୍ଧ, ୨୮।୮(ସମିସ): ୨୦ନମ୍ବର ଜାତୀୟ ରାଜପଥ ଝୁମ୍ପୁରା ଥାନା ନିକଟରେ ଏକ ହାଇୱା ପଛରେ ଏକ ହାଇୱା ଧକ୍କା ହେବାରୁ ଜଣେ ଚାଳକ ଗାଡ଼ିଭିତରେ ଚାପି ଗୁରୁତର ହୋଇଛନ୍ତି। ସେ ହେଲେ ପଶ୍ଚିମବଙ୍ଗ ଅଞ୍ଚଳର ଆଇନୁଲ ଶେଖ (୨୬)। ହମ୍ପସ ନିକଟରେ ଆଗରେ ଯାଉଥିବା ହାଇୱା ବ୍ରେକ୍ ଦେବାରୁ ପଛରେ ଥିବା ଓଡି ୨୯ଏନ୭୮୬୯ ନମ୍ବର ବିଶିଷ୍ଟ ହାଇୱା ଧକ୍କା ଦେଇଥିଲା। ଘଟଣାସ୍ଥଳରେ ପୁଲିସ ଓ ଅଗ୍ନିଶମ କର୍ମଚାରୀ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିବା ବେଳେ ଚାଳକଙ୍କୁ ଝୁମ୍ପୁରା ଡାକ୍ତରଖାନା, ପରେ କେନ୍ଦୁଝର ମୁଖ୍ୟ ଡାକ୍ତରଖାନକୁ ସ୍ଥାନାନ୍ତର କରାଇଥିବା ଜଣାପଡ଼ିଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା କଥା, ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କ ତ୍ରୁଟିପୂର୍ଣ୍ଣ ହମ୍ପସ ନିର୍ମାଣ ଯୋଗୁଁ ସେହି ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟୁଛି। ଏନେଇ କୌଣସି ସାଂକେତିକ ସୂଚନା ଦିଆଯାଇ ନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

## ମୂର୍ତ୍ତି କାରିଗରଙ୍କୁ ନିଶାଦେଇ ଲୁଟ୍

କେନ୍ଦୁଝର,୨୮।୮(ସମିସ): କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ଓମଫେଡ ପାର୍ଲର ନିକଟରେ ଗଣେଶ ମୂର୍ତ୍ତି ତିଆରି କରି ବିକ୍ରି କରୁଥିବା କାରିଗରଙ୍କୁ ନିଶାଦେଇ ମୋବାଇଲ ସମେତ ଲକ୍ଷାଧିକ ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। କାରିଗରଙ୍କ ପୁଅ ଅଶୁତୋଷ ରଣା ଟାଉନଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ସଦର ଥାନା ଅନ୍ତର୍ଗତ ନେଲୁଙ୍ଗ ଗ୍ରାମର ମୂର୍ତ୍ତି କାରିଗର ଦିଲ୍ଲୀପ କୁମାର ରଣା ଗତକାଲି ରାତ୍ର ସାଢେ ୮ ଟାବେଳେ ମୂର୍ତ୍ତି ବିକ୍ରିକରୁଥିବାବେଳେ ଜଣେ ବ୍ୟକ୍ତି ଚା'ରେ ନିଶା ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ବରଗଛ ମୂଳକୁ ଡାକି ତାଙ୍କୁ ମାଡ଼ ମାରି ମୋବାଇଲ ଓ ଟଙ୍କା ନେଇଯାଇଥିବା ଅଭିଯୋଗରେ ଦର୍ଶାଯାଇଛି। ପ୍ରକାଶଯେ ସିସିଟିଭି କ୍ୟାମେରା ଗତ ୧୨ ତାରିଖରୁ ଅଚଳ ହୋଇଥିଲେ ହେଁ ଏହାକୁ ମରାମତି କରାଯାଉନି। ଫଳରେ ଚୋରି, ଡକାୟତି ଭଳି ଅସାମାଜିକ କାର୍ଯ୍ୟାକଳାପ ଘଟିଲେ କୌଣସି ସନ୍ଧାନ ଖୋଜିବାକୁ ସମସ୍ୟା ହେଉଛି। ତୁରନ୍ତ ସିସିଟିଭି ମରାମତି କରାଯିବାକୁ ଦାବି ହୋଇଛି।

# କରମ ପର୍ବକୁ ସରକାରୀ ଛୁଟି ଘୋଷଣା ଦାବି



ତୁରୁମୁଙ୍ଗା, ୨୮।୮(ସମିସ): ଦେଶକରମ ଓଡ଼ିଶା ତରଫରୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସଚିବାଳୟଠାରେ ସାକ୍ଷାତ ପୂର୍ବକ କରମ ପର୍ବକୁ ଛୁଟି ଘୋଷଣା କରିବା ପାଇଁ ଦାବି କରିଛନ୍ତି। କୁଡୁମୀ ତଥା ଅନ୍ୟ ଜନଜାତି ତଥା ପ୍ରକୃତିପ୍ରେମୀମାନେ ପାଳନ କରୁଥିବା କରମ ପର୍ବ ପାଇଁ ସରକାରୀ ଛୁଟି ଘୋଷଣା କରିବାକୁ ରାଜ୍ୟସଭା ସାଂସଦ ମମତା ମହାନ୍ତଙ୍କ ଉପସ୍ଥିତିରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ଏହି ଦାବିକୁ ଗୁରୁତର ସହିତ ବିଚାର କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହାଛଡ଼ା ଓଡ଼ିଶା ସରକାରଙ୍କ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ମଧ୍ୟ ପ୍ରତିନିଧିମଣ୍ଡଳୀ ଭେଟି ଦାବି ଉପସ୍ଥାପନ କରିଥିଲେ। ଏହି ଦାବି ବିଚାରଯୋଗ୍ୟ ଏବଂ ଏହାକୁ କ୍ୟାବିନେଟରେ ଉପସ୍ଥାପନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କୁଡୁମୀ ଓ ଅନ୍ୟ ଜନଜାତିମାନେ ପାଳନ କରୁଥିବା ଏହି କରମ ପର୍ବ ପ୍ରତିବର୍ଷ ଭାଦ୍ରବ ମାସ ଶୁକ୍ଳ ପକ୍ଷର ଏକାଦଶୀ ତିଥିରେ ପାଳନ ହୋଇଥାଏ। ଏ ବର୍ଷ ସେପ୍ଟେମ୍ବର ୩ ତାରିଖରେ ପଡୁଛି। ଉକ୍ତ ଦିନ ଏହି କୃଷିଭିତ୍ତିକ ପର୍ବରେ କନ୍ୟାମାନେ ନିର୍ଜଳା ଉପବାସ କରି ଭାଇର ମଙ୍ଗଳ କାମନା କରି ବ୍ରତ କରିଥାନ୍ତି। ଉକ୍ତ ଗଣପର୍ବ ପାଇଁ ପଡୋଶୀ ରାଜ୍ୟ ଝାଡ଼ଖଣ୍ଡରେ ଦୁଇ ଦିନ ଏବଂ ପଶ୍ଚିମବଙ୍ଗରେ ଏକ ଦିନ ସରକାରୀ ଛୁଟି ଘୋଷଣା କରାଯାଇଛି। ଓଡିଶାରେ ବିଭିନ୍ନ ଜିଲ୍ଲାରେ ତିରିଶ ଲକ୍ଷ କୁଡୁମି ଜାତିର ଲୋକେ ବସବାସ କରୁଥିବା ବେଳେ ଏହି ପର୍ବ ଅନ୍ୟାନ୍ୟ ଜନଜାତି ପାଳନ କରୁଥିବାରୁ ଏହିପର୍ବକୁ ସରକାରୀ ଛୁଟି ଘୋଷଣା କରିବାକୁ ସର୍ବସାଧାରଣରେ ଦାବି ହେଉଛି। ଏହି ପ୍ରତିନିଧିମଣ୍ଡଳୀରେ ଦେଶକରମ ପରବ ଆବାହକ ଡା ପ୍ରତାପଚନ୍ଦ୍ର ମହାନ୍ତ, ସଂଯୋଜକ ପ୍ରାଧ୍ୟାପକ ଲକ୍ଷ୍ମୀଧର ମହାନ୍ତ, ସମ୍ପାଦକ ପ୍ରଭାତ ରଞ୍ଜନ ମହାନ୍ତ, ମହିଳା ସଂଗଠନ ସଭାନେତ୍ରୀ କଳ୍ପନା ମହାନ୍ତ, ସମ୍ପାଦିକା ଶୁଭଶ୍ରୀ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟସଭା ସାଂସଦ ମମତା ମହାନ୍ତ ସରକାରଙ୍କ ସହ ଏନେଇ ଆଲୋଚନା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।

## ଧରଣୀଧର ବିଶ୍ୱବିଦ୍ୟାଳୟ ଦର୍ଶନ ବିଭାଗରେ ଜାତୀୟ ସମ୍ମିଳନୀ



କେନ୍ଦୁଝର, ୨୮।୮(ସମିସ): ଧରଣଧର ବିଶ୍ୱବିଦ୍ୟାଳୟର ଦର୍ଶନ ବିଭାଗରେ ଦୁଇଦିନିଆ ଜାତୀୟ ସମ୍ମିଳନୀ ଉଦଯାପିତ ହୋଇଛି। ପ୍ରଥମ ଦିନ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ ଝାଡଖଣ୍ଡ ଧାନବାଦ୍ ଆଇଆଇଟି (ଆଇଏସଏମ୍) ପ୍ରଫେସର୍ ଅଜିତ୍ କୁମାର ବେଉରା। ସେ ତାଙ୍କ ଅଭିଭାଷଣରେ ସବୁ ମଣିଷଙ୍କ ଉପରେ ଭାରତୀୟ ସଂସ୍କୃତି ଏବଂ ଭାରତୀୟ ଦର୍ଶନର ପ୍ରଭାବ ଉପରେ ଟିପ୍ପଣୀ ରଖିଲେ। ଧରଣୀଧର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦ ଅଧକ୍ଷ ତଥା ଦର୍ଶନ ବିଭାଗର ମୁଖ୍ୟ ପ୍ରଫେସର ପ୍ରଭୁପ୍ରସାଦ ଦାସ୍ ସମ୍ମିଳନୀକୁ ପରିଚାଳନା କରିଥିଲେ। ଭାରତୀୟ ଦର୍ଶନର ଗୁରୁତ୍ୱ ଉପରେ ଅଭିମତ ରଖିଥିଲେ। ସହକାରୀ ପ୍ରାଧ୍ୟାପକ ଡକ୍ଟର ନରେଶ କୁମାର ବେହେରା ଜାତୀୟ ସମ୍ମିଳୀର ସମ୍ପୂର୍ଣ୍ଣ ବିଷୟବସ୍ତୁ ପ୍ରଦାନ କରିଥିଲେ। ଦ୍ୱିତୀୟ ଦିନରେ ଯୋଗ ଦେଇଥିଲେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରଫେସର୍ ସତ୍ୟରଞ୍ଜନ ମିଶ୍ର। ସେ ଅମର ଆତ୍ମା ଉପରେ ଦିଗ୍‌ଦର୍ଶନ ଦେଇଥିଲେ। ଛାତ୍ରଛାତ୍ରୀମାନେ ନିଜ ଗବେଷଣାପତ୍ର ଆଲୋଚନା କରିଥିଲେ।

## ଆନନ୍ଦପୁର ବିକାଶ ପରିଷଦର ବୈଠକ

ଆନନ୍ଦପୁର, ୨୮।୮ ସମିସ): ଆନନ୍ଦପୁର ବିକାଶ ପରିଷଦର ଏକ ବୈଠକ ହୋଟେଲ ଡ୍ରେନେଠାରେ ଅନୁଷ୍ଠିତ ହୋଇଛି। ନୂତନ ରେଳପଥ ସଂଯୋଗ, ୫୩ ନମ୍ବର ରାଜ୍ୟ ରାଜପଥକୁ ଜାତୀୟ ରାଜପଥରେ ପରିଣତ କରିବା, ଆନନ୍ଦପୁରରେ ଅତିରିକ୍ତ ଏସ୍‌ପି କାର୍ଯ୍ୟାଳୟ, ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟ, ଆନନ୍ଦପୁର ମହାବିଦ୍ୟାଳୟକୁ ସରକାରୀ ମହାବିଦ୍ୟାଳୟ ଘୋଷଣା କରିବା, ଉପଖଣ୍ଡ ଡାକ୍ତରଖାନାକୁ ସୁପରସ୍ପେସାଲିଟି ସହିତ ଟ୍ରମା କେୟାର ସେଣ୍ଟର ସ୍ଥାପନ, ହାଟଡିହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରିବା ଓ ଅନ୍ୟ ବିଷୟରେ ଆଲୋଚନା ହୋଇଥିଲା। ଏ ସମ୍ପର୍କରେ ରାଜ୍ୟ ସରକାରଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଆଲୋଚନାରେ ଗୋସ୍ୱାମୀ ଗୋଲାମ ଦେବତା, ପ୍ରମୋଦ ରାଉତ, ଅରୁଣ ମହାନ୍ତି, ସଂଜୟ ପଟ୍ଟନାୟକ, ନିର୍ମଳ ନାୟକ ପ୍ରମୁଖ ଯୋଗ ଦେଇଥିଲେ।

## ସ୍ୱାଧୀନତା ସଂଗ୍ରାମୀ ଶଙ୍କର୍ଷଣ ପଟ୍ଟନାୟକଙ୍କ ୧୧୦ତମ ଜୟନ୍ତୀ

ରାମଚନ୍ଦ୍ରପୁର/ବେଲବାହାଲି,୨୮।୮(ସମିସ): କେନ୍ଦୁଝର ଜିଲ୍ଲା ସାଇଁକୁଳ ଗ୍ରାମର ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ ଶଙ୍କର୍ଷଣ ପଟ୍ଟନାୟକଙ୍କ ୧୧୦ତମ ଜୟନ୍ତୀ ତାଙ୍କ ସୁପୁତ୍ରୀ ସୁସ୍ମିତା ପଟ୍ଟନାୟକଙ୍କ ପୌରହିତ୍ୟରେ ପତିତପାବନ ମହାବିଦ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସାଇଁକୁଳ ଉପନିବନ୍ଧକ ଅଜୟ ସାହୁ, ସ୍ୱତନ୍ତ୍ର ଅତିଥି ପ୍ରଖ୍ୟାତ ଚଳଚିତ୍ର ଅଭିନେତା ଅଶୃମୋଚନ ମହାନ୍ତି, ସମ୍ମାନିତ ଅତିଥି ଭାବେ ପତିତପାବନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଅମୂଲ୍ୟ ବିଶ୍ୱାଳ ଯୋଗ ଦେଇଥିଲେ। ଗାନ୍ଧୀ ସ୍ମାରକ ନିଧି କଟକର ସଂପାଦକ ଡ. ବିଶ୍ୱଜିତ ରାଏ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ବାନରସେନାର ଜଣେ ଅଗ୍ରଣୀ ସୈନିକ ଭାବେ ଶଙ୍କର୍ଷଣ ପଟ୍ଟନାୟକଙ୍କ ମହତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ସାଇଁକୁଳର ବର୍ଷୀୟାନ ସମାଜସେବୀ ଅନନ୍ତ ଚରଣ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ପଣ୍ଡୁଆ ଗ୍ରାମର ଶିକ୍ଷାବିତ୍ ବିପିନ ବିହାରୀ ଚକ୍ର ଓ ସ୍ୱାଧୀନତା ସଂଗ୍ରାମୀଙ୍କ ଧର୍ମପତ୍ନୀ ସୁମିତ୍ରା ପଟ୍ଟନାୟକଙ୍କୁ ସମ୍ମାନିତ କରାଯାଇଥିଲା। ସାଇଁକୁଳ ଅଞ୍ଚଳର ବୁଦ୍ଧିଜୀବୀ ଜଗତବନ୍ଧୁ ମହାନ୍ତି, ଗୌରାଙ୍ଗ ବେହେରା, ପ୍ରଦିପ କୁମାର ଚକ୍ର, ହଳଧର ପଣ୍ଡା, ଗୋପାଳଚନ୍ଦ୍ର ପରିଡା, ଗଣେଶ୍ୱର ସାହୁ, ହରିହର ବେହେରା, ଶଙ୍କର୍ଷଣ ଜେନା, ନରହରି ରାଉତ ଅନୁଭୂତି ସାଉଁଟିଥିଲେ। ଡ. ସନତ ରଥ ସଂଯୋଜନା କରିଥିଲାବେଳେ କାଳନ୍ଦୀ ପଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସତ୍ୟଶୌର୍ଯ୍ୟା ପଟ୍ଟନାୟକ ବିବରଣୀ ପାଠ କରିଥିବା ବେଳେ ଲିପାଞ୍ଜଳି ଜେନା ମାନପତ୍ର ପାଠ କରିଥିଲେ। ଅଧ୍ୟାପକ ଅନନ୍ତ ନାରାୟଣ ଦାସ, ସନ୍ତୋଷ ସ୍ୱାଇଁ, ଶ୍ରୀକାନ୍ତ ସେନାପତି, ଦୈତାରୀ ବିଶ୍ୱାଳ, ଅଶୋକ ଘଡେଇ, ମନୋଜ ପରିଡା, ବିଷ୍ଣୁ ସାମଲ ସହଯୋଗ କରିଥଲେ। ଦୁଇଶହରୁ ଅଧିକ ବୁଦ୍ଧିଜୀବୀ ଯୋଗଦାନ କରିଥିଲେ। ଉମାକାନ୍ତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।



## ସାପ କାମୁଡ଼ାରେ ଶିଶୁପୁତ୍ର ମୃତ

ବାଲିବନ୍ଧ, ୨୮।୮ (ସମିସ): ବିଷାକ୍ତ ସାପ କାମୁଡ଼ାରେ ୧ବର୍ଷ ୭ମାସର ଶିଶୁପୁତ୍ରର ମୃତ୍ୟୁ ଘଟିଛି। ଝୁମ୍ପୁରା ବ୍ଲକ ବାମେବାରୀ ଥାନା ନୟାଗଡ଼ ପଞ୍ଚାୟତ ଜଳପାପଶି ଗ୍ରାମର ପିଙ୍କୁ ନାଏକଙ୍କ ଶିଶୁପୁତ୍ର କ୍ରିଷ୍ଣା ଶୋଇଥିଲା ବେଳେ ହଠାତ କାନ୍ଦି ଚିତ୍କାର କରିଥିଲା। କିଛି ସମୟ ପରେ ବାନ୍ତି କରିଥିଲା। ପରିବାର ଲୋକେ ଏହି ସମୟରେ ଏକ ଚିତି ସାପକୁ ଦେଖିଥିଲେ। ୧୦୮ ଆମ୍ବୁଲାନ୍ସ ଯୋଗେ ଝୁମ୍ପୁରା ମେଡିକାଲକୁ ଆଣିଥିଲେ ହେଁ ଡାକ୍ତର ଯାଞ୍ଚ ପରେ କ୍ରିଷ୍ଣାକୁ ମୃତ ଘୋଷଣା କରିଥିଲେ। ବାମେବାରୀ ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ କରାଇଛି।

## ରେଶମ ପ୍ରଯୁକ୍ତି ବିଦ୍ୟା ହସ୍ତାନ୍ତରଣ ଅଭିଯାନ

ରାମଚନ୍ଦ୍ରପୁର/ଆନନ୍ଦପୁର, ୨୮।୮(ସମିସ): 'ମୋର ରେଶମ୍, ମୋର ଗର୍ବ' ଅନ୍ତର୍ଗତ ଦେଶବ୍ୟାପୀ ରେଶମ ବସ୍ତ୍ରର ବହୁଳ ବ୍ୟବହାର ନିମନ୍ତେ ଭାରତ ସରକାର ଏବଂ ରାଜ୍ୟ ସରକାରଙ୍କ ମିଳିତ ପ୍ରୟାସ ପରିପ୍ରେକ୍ଷୀରେ ରେଶମ ପ୍ରଯୁକ୍ତି ବିଦ୍ୟା ହସ୍ତାନ୍ତରଣ କାର୍ଯ୍ୟକ୍ରମ ୭ଟି ଜିଲ୍ଲାରେ ଚାଲୁ ରହିଛି। କେନ୍ଦୁଝର ଜିଲ୍ଲା ଦେଓଗାଁ ରାଘବପୁରଠାରେ ଦିନିକିଆ ପ୍ରଶିକ୍ଷଣ କର୍ମଶାଳାରେ ମାଷ୍ଟର୍ ଟ୍ରେନର ଅମୃତ ଲାୟକ୍ ରାଘବପୁରସ୍ଥିତ ଶକ୍ତିଶ୍ରୀ ମିଶନ ଶକ୍ତି ମହିଳାଙ୍କୁ ରେଶମ ପ୍ରକ୍ରିୟା କରଣରେ ଯାନ୍ତ୍ରିକ ବ୍ୟବହାର ଉପରେ ପ୍ରଶିକ୍ଷଣ ଦେଇଥିଲେ। ସାଂସଦ ପ୍ରତିନିଧି ଯଶସ୍ୱିନୀ ବଳ, ସମିତିସଭ୍ୟା କଳ୍ପନା ବଳ, ନଗେନ୍ଦ୍ର ସାହୁ, ଅମୀୟ ଚକ୍ର ପ୍ରମୁଖ ମହିଳାଙ୍କୁ ମାର୍ଗଦର୍ଶନ କରିଥିଲେ। ମିଶନ ଶକ୍ତିର ସଭାନେତ୍ରୀ କୌଶଲ୍ୟା ପତି, ସମ୍ପାଦିକା ପ୍ରତିମା ରାଉତ, ରେଶନ ପ୍ରଯୁକ୍ତି ବିଦ୍ୟା ସିନିୟର ଟେକନିକାଲ ଆସିଷ୍ଟାଣ୍ଟ ପ୍ରଦୀପ ଶତପଥୀ, ଗୟାଧର ଦାସ ପରିଚାଳନା କରିଥିବା ବେଳେ ୫୦ରୁ ଅଧିକ ମହିଳା ଅଂଶଗ୍ରହଣ କରିଥିଲେ।

## ରାମଚନ୍ଦ୍ରପୁର ସାର୍ବଜନୀନ ଦୁର୍ଗାପୂଜା ପ୍ରସ୍ତୁତି



ରାମଚନ୍ଦ୍ରପୁର,୨୮।୮ (ସମିସ): ରାମଚନ୍ଦ୍ରପୁର ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ଚଳିତବର୍ଷ ଦୁର୍ଗାପୂଜା ଆୟୋଜନ ପାଇଁ ଲକ୍ଷ୍ମୀନାରାୟଣ ହାଇସ୍କୁଲରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ତଥା ପୂଜା କମିଟି ସଂଯୋଜକ ପ୍ରଦୀପ ସାହୁଙ୍କ ଅଧ୍ୟକ୍ଷତାରେ ମିନା ବଜାର, ଦୋଳି, ଫାଷ୍ଟ ଫୁଡ ବଜାର ଏବଂ ଭଜନ ସନ୍ଧ୍ୟା, ମେଲୋଡି ସହ ଦଶମୀ ପୂଜା ପରଠାରୁ ଯାତ୍ରା କୋଣାର୍କ ଗଣନାଟ୍ୟ ଚାରିଦିନ ଧରି ଆୟୋଜନ ହେବା ନେଇ ନିଷ୍ପତ୍ତି ନିଆଯାଇଛି। ନବମୀ ତିଥିରେ ଅନ୍ନ ପ୍ରସାଦ ସେବା କରାଯିବାକୁ ସହମତି ପ୍ରକାଶ ପାଇଛି। ପୂଜାକମିଟି ବରିଷ୍ଠ ସଦସ୍ୟ ରମେଶଚନ୍ଦ୍ର ଜେନା, ପ୍ରଶାନ୍ତ ସାହୁ, ରାମଚନ୍ଦ୍ର ପଣ୍ଡା, ପ୍ରହ୍ଲାଦ ସ୍ୱାଇଁ, ଲକ୍ଷ୍ମୀଧର ସାହୁ, ତୃପ୍ତିରଞ୍ଜନ ରାଉତ, ତ୍ରିଲୋଚନ ସ୍ୱାଇଁ, ରଙ୍ଗାଧର ରାଉତ, ବାବୁନୁ ସାହୁ, ଅମିତ ରାଉତ, ଶୁଭମ ଜେନା, କାଳନ୍ଦୀ ସାହୁ, ଉମାକାନ୍ତ ସାହୁ, ରଙ୍ଗାଧର ସାହୁ, ବାବୁଲି ସାହୁ, ଅଭୟ ସାହୁ, ସୋମୁନାଥ ବେହେରା, ତପନ ସାହୁ, ମୁନା ବେହେରା ସମେତ ଅନେକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ଚକଧର ପ୍ରକଳ୍ପକୁ ନେଇ ପୁଣି ଅସନ୍ତୋଷ

ତେଲକୋଇ, ୨୮।୮(ସମିସ): ପ୍ରସ୍ତାବିତ ସମାକୋଇ ଚକଧର ପ୍ରକଳ୍ପକୁ ନେଇ କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ଅଞ୍ଚଳରେ ପୁଣି ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତିଙ୍କ ଏନେଇ ଏକ ବିବୃତ୍ତି ନେଇ ଅସନ୍ତୋଷର ନିଆଁ ଜଳିଛି। ଚକଧର ସମନ୍ୱୟ ସମିତି ପକ୍ଷରୁ ବାବା ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଏକ ଜରୁରୀ ବୈଠକରେ ଏହାକୁ ଦୃଢ଼ ନିନ୍ଦା କରାଯାଇଛି। କାର୍ଯ୍ୟକାରୀ ସଭାପତି କେଶରୀ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଧାୟକଙ୍କ ମନ୍ତବ୍ୟକୁ ଦାୟିତ୍ୱହୀନ ବୋଲି କୁହାଯାଇଥିଲା। ସରକାରଙ୍କ ଦ୍ୱାରା ବନ୍ଦ ଘୋଷଣା କରାଯାଇଥିବା ଚକଧର ପ୍ରକଳ୍ପ ମଞ୍ଜୁରୀ ହୋଇଥିବା ନେଇ ପାଲଲହଡ଼ା ବିଧାୟକ ମୁଖ୍ୟମନ୍ତ୍ରୀ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଏହି ଖବର ତେଲକୋଇବାସୀଙ୍କ ମଧ୍ୟରେ ଅସନ୍ତୋଷର ନିଆଁ ସୃଷ୍ଟି କରିଛି। ଆସନ୍ତା ସେପ୍ଟେମ୍ବର ୫ରେ ଏକ ସାଧାରଣ ବୈଠକ ସମିତି ସଦସ୍ୟମାନେ ଆହ୍ୱାନ କରିଛନ୍ତି।



# ବିଭିନ୍ନ ସ୍ଥାନରେ ଗଣେଶ ପୂଜା





ଉଖୁଣ୍ଡା, ୨୮।୮(ସମିସ): ଝୁମ୍ପୁରା ବ୍ଲକର ସମସ୍ତ ଶିକ୍ଷାନୁଷ୍ଠାନ ଓ ବିଭିନ୍ନ କ୍ଲବ ପକ୍ଷରୁ ଗଣେଶ ପୂଜା ଅନୁଷ୍ଠିତ ହୋଇଯାଇଛି। ଉଖୁଣ୍ଡା ଗଣେଶ ପୂଜା କମିଟି, ମା' ଅନ୍ଧାରୀ କ୍ଲବ୍, ଡ଼ିପାସାହି କ୍ଲବ, କାଞ୍ଚନଡୁମୁରିଆ, ରାଧିକା ଦେଇପୁର, କ୍ଲବ ଦର୍ଶକଙ୍କୁ ଆକୃଷ୍ଟ କରିଛି। ଏହାସହ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ବିଭିନ୍ନ ସ୍ଥାନରେ ପୂଜା ପେଣ୍ଡାଲ ନିକଟରେ ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରବଚନ, ଗଙ୍ଗାଆଳତିର ମଧ ଆୟୋଜନ କରାଯାଇଥିବା ଜଣାପଡିଛି। ଶିକ୍ଷାନୁଷ୍ଠାନରେ ଖଡିଛୁଆଁ ପର୍ବ ମଧ ଅନୁଷ୍ଠିତ ହୋଇଯାଇଛି।

**ତେଲକୋଇ:** ଗଣେଶ ପୂଜାକୁ ନେଇ ତେଲକୋଇ ବ୍ଲକର ସମସ୍ତ ସରକାରୀ ବେସରକାରୀ ଶିକ୍ଷାନୁଷ୍ଠାନଠାରୁ ଆରମ୍ଭ କରି କ୍ଲବ ଓ ଅନୁଷ୍ଠାନ ଚଳଚଞ୍ଚଳ ରହିଛି। ତେଲକୋଇ ବଜାର ମୁଖ୍ୟାଳୟ ସମେତ, ତଳସାହି, ମେଡ଼ିକାଲ ଛକ, କତରାପାଲି, ହାଲପୋଡ଼ି, ଜଟ, ରାମଚନ୍ଦ୍ରପୁର, ଆକୁଳ, ସିରିଗିଡ଼ା, କାଳିଆହତା, ବେଣାମୁଣ୍ଡା, ଜଗମୋହନପୁର, ପଡ଼ାଙ୍ଗ, ଖୁଣ୍ଟାପଡ଼ା, ଦୋବଲାପାଳ, ଛାମୁଣ୍ଡା, ବିଞ୍ଝବାହାଳ, ଓରିଆ, ସଲେଇକେନା, ନୂଆଗଡ ଉପରସାହି ଆଦି ବିଭିନ୍ନ ଅଞ୍ଚଳରେ ରହିଥିବା କ୍ଲବ ଓ ଅନୁଷ୍ଠାନରେ ଗଣେଶ ପୂଜୋତ୍ସବ ଧୁମଧାମରେ ଚାଲିଛି।

**ଆନନ୍ଦପୁର:** ଆନନ୍ଦପୁର ମହାବିଦ୍ୟାଳୟ, କନକ ମଞ୍ଜରୀ ମହିଳା ମହାବିଦ୍ୟାଳୟ, ବଳଭଦ୍ର ନାରାୟଣ ଉଚ୍ଚବିଦ୍ୟାଳୟ, ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବ୍ରଜବନ୍ଧୁ ବିଦ୍ୟାପୀଠ, ଫକୀରପୁର ହାଇସ୍କୁଲ ସ୍କୁଲ, ସତ୍ୟନାରାୟଣ ହାଇସ୍କୁଲ ପଦ୍ମପୁର, ଝାଡ଼େଶ୍ୱର ହାଇସ୍କୁଲ, କନକ ମଞ୍ଜରୀ ବାଲ ଶିକ୍ଷା ସଂସ୍ଥାନ, ଘସିପୁରା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଶାଳପଡ଼ା କ୍ଷେତ୍ରମୋହନ ବିଦ୍ୟାପୀଠ, କିନ୍ସ କ୍ଲରଡ଼ ପ୍ଲେ ସ୍କୁଲ ସହ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ଆନନ୍ଦପୁରର ତ୍ରିଶକ୍ତି କ୍ଲବ, ଜଗନ୍ନାଥ କ୍ଲବ, ଫ୍ରେଣ୍ଡସ୍ କ୍ଲବ, କିଡ୍ସ କ୍ଲବ, ସ୍ୱାଇସ୍ କ୍ଲବ, ସ୍ମାର୍ଟ କ୍ଲବ, ସିଦ୍ଧି ବିନାୟକ କ୍ଲବ, ପ୍ରେସ୍ ଫୋରମ୍, ପଦ୍ମପୁରର ବୃଷ୍ଟାର କ୍ଲବ, ରାଇଜିଂ ଷ୍ଟାର କ୍ଲବ, ବ୍ରଦର୍ସ କ୍ଲବ, ଡ଼ଞ୍ଜର କ୍ଲବ, କ୍ଲାକ ୱାରିୟର କ୍ଲବ, ପାର୍ଟନର କ୍ଲବ, ୟୁଥ୍ ଲାୟନ କ୍ଲବ, ରଷ୍ଟାର କ୍ଲବ, ଥଣ୍ଡର ନାଇଟ୍ କ୍ଲବ, ସ୍ୱାର୍କ କ୍ଲବ, ମହାଦେବ କ୍ଲବ, କ୍ଲବରେ ସାର୍ବଜନୀନ ଗଣେଶ ପୂଜା ଉତ୍ସାହ ସହ ପାଳନ କରାଯାଉଛି। ଶାନ୍ତିଶୃଙ୍ଖଳାରେ ପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ବେଳେ ପୁଲିସ ପକ୍ଷରୁ ମାତ୍ରାଧିକ ଶବ୍ଦ ପ୍ରଦୂଷଣ ନେଇ ତାଗିଦ କରାଯାଇଛି। ଘସିପୁରା ରୟାଲ ଟାଇଗର କ୍ଲବ୍ ସତ୍ୟନାରାୟଣ ସାହୁଙ୍କ ତତ୍ତ୍ୱାବଧାନରେ ଶ୍ରୀ ଗଣେଶଙ୍କ ପୂଜା ଆରମ୍ଭ ହୋଇଛି। ଶିଳ୍ପୀ କ୍ଷମାକର ରାଉତ, ଚିନ୍ମୟ ରାଉତ ଓ ଝାଡେଶ୍ୱର୍ ଟେଣ୍ଟ ହାଉସ ସହଯୋଗରେ ପୂଜକ ଭରତଚନ୍ଦ୍ର ମିଶ୍ର ପୂଜା କରିଥିଲେ। ଅନନ୍ତ ବାସୁଦେବ ଅଧିକାରୀ ସଂକଳ୍ପରେ କର୍ତ୍ତା ଥିଲେ। ସଭାପତି ସୌରଭ କାନୁନଗୋ, ଉପସଭାପତି ଦୀପକ ସାହୁ, ସମ୍ପାଦକ ତପନ ସାହୁ, କୋଷାଧକ୍ଷ ବଜେନ୍ଦ୍ର ସାହୁ ଏବଂ ସଦସ୍ୟମାନେ ପରିଚାଳନା କରୁଥିଲା ବେଳେ ସେପ୍ଟେମ୍ବର ୫ ତାରିଖ ମୂର୍ତ୍ତି ବିସର୍ଜନ ପାଇଁ ସ୍ଥିର କରାଯାଇଛି।





# କମିଳା ସୁବର୍ଣ୍ଣରେଖା ବନ୍ୟା, ମଉଳିଲା ଚାଷୀଙ୍କ ଶେଷ ଆଶା

ବାଲିଆପାଳ, ୨୮।୮ (ସମିସ)





ସୁବର୍ଣ୍ଣରେଖା ନଦୀରେ ଆସିଥିବା ଷଷ୍ଠ ବନ୍ୟା ପଞ୍ଚମ ଦିନରେ ଜଳ ସ୍ତର ହ୍ରାସ ପାଇ ଜନଜୀବନ ସ୍ୱାଭାବିକ ହେବାକୁ ଲାଗିଛି। କେବଳ ବିଷ୍ଣୁପୁର ପଞ୍ଚାୟତର ନୟାବାଲି, ରସଲପୁର ଓ ଇକଡପାଳ ଏବଂ ଜାମକୁଣ୍ଡ ପଞ୍ଚାୟତର କୁହ୍ଲାଚଡ ଓ ତାଳପଦା ଗ୍ରାମକୁ ବାଦ ଦେଲେ ଆଉ ସମସ୍ତ ଗାଁ ପାଣିଘେରରୁ ରକ୍ଷା ପାଇଛି। ଯୋଗାଯୋଗ ସ୍ୱାଭାବିକ ହୋଇଛି। ତେବେ ଚଳିତ ବର୍ଷ ଲଗାତାର ପାଞ୍ଚ ଥର ବନ୍ୟା ଆସି ଚାଷୀ ମାନଙ୍କ ଖରିଫ ଧାନର ତଳି ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଥିଲା। ଜନସାଧାରଣ ବନ୍ୟା ଆଗରେ ହାର ନ ମାନି ପୁଣିଥରେ ନିଜ ମନୋବଳ ଦୃଢ କରି ତଳି ପକାଇଥିଲେ। କିଛି ଚାଷୀ ତଳି ଆଣି ନିଜ ନିଜ ଚାଷ ଜମିରେ ରୁଆ ପୋତା କରିଥିଲେ। ହେଲେ ସତେ ଯେମିତି ସୁବର୍ଣ୍ଣରେଖା ନଦୀ ଚାହିଁ ବସିଥିଲା ଚାଷୀଙ୍କ ରୁଆ ପୋତାକୁ। ଲଘୁଚାପଜନିତ ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ଚଳିତ ମାସ ୨୪ ତାରିଖରେ ପୁଣି ଥରେ ସୁବର୍ଣ୍ଣରେଖା ନଦୀରେ ଆସିଲା ଚଳିତ ବର୍ଷର ଷଷ୍ଠ ବନ୍ୟା। ଆଉ ଚାଷୀ ମାନଙ୍କ ଶେଷ ଆଶାକୁ ଉଜାଡ଼ି ଦେଇଗଲା। ପ୍ରଥମ ଦୁଇଟି ବନ୍ୟାରେ ବାଲିଆପାଳ ବ୍ଲକର ୧୦ଟି ପଞ୍ଚାୟତର ୩ଶହ ହେକ୍ଟର ପନିପରିବା ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ଯେଉଁଥିପାଇଁ ବାଲିଆପାଳ ପରିବା ବଜାରରେ ନିଆଁ ଲାଗିଛି। ଷଷ୍ଠ ବନ୍ୟାରେ ୨.୫ହଜାର

**ବର୍ଷକର ଖାଦ୍ୟ ଚିନ୍ତାରେ ବନ୍ୟା ପ୍ରଭାବିତ**

ହେକ୍ଟରରୁ ଅଧିକ ଖରିଫ ଧାନ ନଷ୍ଟ ହୋଇ ଯାଇଥିବା ପରିସ୍ଥିତି ସୃଷ୍ଟି ହୋଇଛି। ବର୍ତ୍ତମାନ ବର୍ଷକର ଖାଦ୍ୟ ଚିନ୍ତାରେ ଚାଷୀ ତାର କ୍ଷେତକୁ ଅନାଇଁଛି।

ସେହିପରି ବନ୍ୟାକୁ ପାଞ୍ଚ ଦିନ ବିତି ଯାଇଥିଲେ ମଧ ଗୃହପାଳିତ ପଶୁ ମାନଙ୍କୁ ଗୋଖାଦ୍ୟ ଯୋଗାଇ ଦିଆଯାଇନଥିବା ଜଣାପଡ଼ିଛି। ତେବେ ବାଲିଆପାଳ ବ୍ଲକକୁ ୪୨୦ କ୍ୟୁଣ୍ଟାଲ ଗୋଖାଦ୍ୟ ସରକାରଙ୍କ ତରଫରୁ ଦିଆଯାଇଥିବା ସୂଚନା ମିଳିଛି। ଖାଦ୍ୟ ଅଭାବ ଯୋଗୁଁ ଗୃହପାଳିତ ପଶୁ ମାନେ ଡହଳ ବିକଳ ହେଉଥିବା ଦେଖିବାକୁ ମିଳିଛି। ତେବେ ସୁବର୍ଣ୍ଣରେଖା ନଦୀରେ ଜଳସ୍ତର କମିଯାଇଥିଲେ ମଧ ବିଷ୍ଣୁପୁର ପଞ୍ଚାୟତର ରସଲପୁରରେ ୧୫୦ଲୋକ ନୟାବାଲିରେ ୯୫୦ଲୋକ ଏବଂ ଇକଡପାଳରେ ୩୦୦ଲୋକ ଏହି ଭଳି ବ୍ଲକରେ ଆଜି ମଧ ୧୪ଶହ ଲୋକଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି। ତେବେ ଗୃହପାଳିତ ପଶୁ ମାନଙ୍କୁ ଯଥାଶୀଘ୍ର ଗୋଖାଦ୍ୟ ଯୋଗାଇ ଦେବାକୁ ପଶୁ ପ୍ରେମୀ ମାନେ ଦାବି କରିଛନ୍ତି। ଅନ୍ୟପକ୍ଷରେ ନଷ୍ଟ ହୋଇଯାଇଥିବା ଧାନ ଚାଷର ସଠିକ ତଦନ୍ତ କରି ଉଚିତ କ୍ଷତିପୂରଣ ସହିତ ଯଥାଶୀଘ୍ର ସହାୟତା ଯୋଗାଇ ଦେବାକୁ ବନ୍ୟା ପ୍ରଭାବିତ ଜନସାଧାରଣ ଦାବି କରିଛନ୍ତି।

## ନୂଆଁଖାଇ ଉତ୍ସବ ପାଳିତ



ଲଙ୍ଗଳେଶ୍ୱର, ୨୮।୮ (ସମିସ): ବାଲିଆପାଳ ବ୍ଲକ ଅନ୍ତର୍ଗତ କୁଣ୍ଡଳି ପଞ୍ଚାୟତର ଦାଣ୍ଡିପଦା ଠାରେ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇର ଭେଟ୍ ଘାଟ-ଜୁହାର ପର୍ବ ପାଳିତ ହୋଇଯାଇଛି। ଦାଣ୍ଡିପଦା ଜାତୀୟ ସାଂସ୍କୃତିକ ସଂଗଠନ ଦ୍ୱାରା ନୂଆଁଖାଇର ପର୍ବ ପାଳନ କରିଥିବାବେଳେ ଏହି ଉତ୍ସବକୁ ମଠ ମହାପଦାରୁ ଶ୍ରୀଚୈତନ୍ୟ ଗୌରଙ୍ଗ ମହାପ୍ରଭୁଙ୍କୁ ଆହ୍ୱାନ କରି ୨୪ ପ୍ରହର ନାମ ସଙ୍କୀର୍ତ୍ତନ ହୋଇଥିଲା। ଉତ୍ସବକୁ ସୁଜୟ କୁମାର ପାତ୍ର, ଗୋପବନ୍ଧୁ ଖମାରି, ବନ ବିହାରି ନାୟକ, ଅଜୟ ପାତ୍ର, ହରେନ୍ଦ୍ର ଖମାରୀ, ମଧୁ ମହାନ୍ତି, ବିବେକ ମହାନ୍ତି ପରିଚାଳନା କରିଥିଲେ।

## ବିନାୟକ ଯୁଥ କ୍ଲବ ପକ୍ଷରୁ ଗଣେଶ ପୂଜା



ଚନ୍ଦନେଶ୍ୱର, ୨୮।୮ (ସମିସ) : ଭୋଗରାଇ ବ୍ଲକ ଟୁଙ୍କୁରିହାଜିରା ଛକରେ ବିନାୟକ ଯୁଥ କ୍ଲବ ପକ୍ଷରୁ ଗଣେଶଙ୍କ ପୂଜାର୍ଚ୍ଚନା କରାଯାଇଛି। କ୍ଲବର ସମସ୍ତ ସଦସ୍ୟଙ୍କ ସାହାଯ୍ୟ ଓ ସହଯୋଗରେ ୨୦୧୯ ମସିହା ଠାରୁ ପୂଜା ଆରମ୍ଭ ହୋଇଥିଲା। କ୍ଲବର ସୁମନ ସାହୁ ପବିତ୍ର ଗିରି, ଚିତ୍ତରଞ୍ଜନ ମହାନ୍ତି, ରଞ୍ଜନ ପାତ୍ର, ସୁଦର୍ଶନ, ରାଜେଶ, ତପନ, ସୁକୁମାର, ଗଗନ ପ୍ରମୁଖ ଓ ଅନ୍ୟମାନେ ସହଯୋଗ କରିଥିଲେ।

## ଜଳେଶ୍ୱର ଯୁବ ମଞ୍ଚ ପକ୍ଷରୁ ଚାରାରୋପଣ



ଜଳେଶ୍ୱର, ୨୮।୮ (ସମିସ): ଜଳେଶ୍ୱର ସହରରେ ଗମନାଗମନ ସୁବିଧା ଲାଗି ଦୁଇ ବର୍ଷ ପୂର୍ବେ ନୂଆ ବଜାରଠାରେ ଡିଭାଇଡର ନିର୍ମାଣ ହୋଇଥିଲା। ସହରକୁ ସୌନ୍ଦର୍ଯ୍ୟମୟ କରିବା ଲାଗି ଜଳେଶ୍ୱର ଯୁବ ମଞ୍ଚ ପକ୍ଷରୁ ଖାଲି ପଡ଼ିଥିବା ଡିଭାଇଡରରେ ୧୩୦ଟି ଚାରାରୋପଣ କରାଯାଇଛି। ଏହି ସମୟରେ ଯୁବ ମଞ୍ଚର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଆନ୍ତଃରାଜ୍ୟ ନାଟକ ପ୍ରତିଯୋଗିତା ପାଇଁ ଆଖଡ଼ା ପୂଜା




ଚନ୍ଦନେଶ୍ୱର, ୨୮।୮ (ସମିସ): ଅନନ୍ୟ ସାଂସ୍କୃତିକ ଅନୁଷ୍ଠାନ ମେଘା କ୍ରିଏସନ ତରଫରୁ ଗୁରୁବାର ବେଲା ଠାରେ ଆନ୍ତଃରାଜ୍ୟ ନାଟକ ପ୍ରତିଯୋଗିତା ପାଇଁ ମନୋନୀତ ଚଳିତ ବର୍ଷର ନୂଆ କ୍ଷୁଦ୍ର ନାଟକ 'ଏମିତି ଭୁଲ କେବେ ହବନି'ର ଆଖଡ଼ା ପୂଜା ଅନୁଷ୍ଠିତ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନାଟ୍ୟକାର ଚିନ୍ମୟ ଦତ୍ତ, ନିର୍ଦ୍ଦେଶକ ବିଜୟ ଜେନା, ନିମାତପୁର ସରପଞ୍ଚ ରାଜେନ୍ଦ୍ର କୁମାର ଦଳାଇ, ହରିଶ୍ଚନ୍ଦ୍ର ପରିଡ଼ା, ରମେଶ ଚନ୍ଦ୍ର କୁଣ୍ଡୁ, ସଙ୍ଗୀତକାର ପ୍ରଭାକର ମଣ୍ଡଳ, ସାଂସ୍କୃତିକ ସମ୍ପାଦକ ସନାତନ ଦାସ, ସମ୍ପାଦକ ରାମକୃଷ୍ଣ ପ୍ରଧାନ, ଜିତେନ୍ଦ୍ର ଦିଣ୍ଡା, ଜ୍ୟୋତିପ୍ରଭା ଦାସ, ସନ୍ତୋଷ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ସୀମାନ୍ତରେ ପ୍ରଧାନମନ୍ତ୍ରୀ ଜନଔଷଧି କେନ୍ଦ୍ର ଉଦ୍‌ଘାଟିତ



ଜଳେଶ୍ୱର, ୨୮।୮ (ସମିସ): ଜଳେଶ୍ୱର ବ୍ଲକ ଅଧିନ ଗୋବର ଘାଟା ପଞ୍ଚାୟତସ୍ଥିତ ହାଟପଦାଠାରେ ପ୍ରଧାନମନ୍ତ୍ରୀ ଜନ ଔଷଧି କେନ୍ଦ୍ରର ଶୁଭ ଉଦଘାଟନ ହୋଇଯାଇଛି। ଗୁରୁବାର ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମକୁ ବିଜେପି ନେତା ପତନ ବିଶ୍ୱାଳ ସଞ୍ଚାଳନ କରିଥିଲେ। ମୁଖ୍ୟଅତିଥି ଭାବେ ଜଳେଶ୍ୱର ଏସଡିପିଓ ସୁବ୍ରତ ବେହେରା ଓ ବିଜେପି ନେତା ବ୍ରଜମୋହନ ପ୍ରଧାନ ଯୋଗଦେଇ ଜନ ଔଷଧି କେନ୍ଦ୍ରକୁ ଫିତା କାଟି ଉଦଘାଟନ କରିଥିଲେ। ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ପ୍ରତିନିଧି ଚନ୍ଦନ କର, ଯୁବନେତା ରାଜେଶ ଖଟୁଆ, ଲକ୍ଷ୍ମଣନାଥ ସରପଞ୍ଚ ରଞ୍ଜନ ମହାନ୍ତି, ବିଶ୍ୱରୂପ ଦାସ, ସଞ୍ଜୀବ ସେନାପତି, ଗଣେଶ ପାତ୍ର, ଅନୂପ ପ୍ରଧାନ, ବିଜୟ ସାମଲ, ମଧୁସୁଦନ ଦତ୍ତ, ସପନ ଜେନା, ବଂଶୀଧର ପ୍ରଧାନ, ଅନନ୍ତ ଘୋଷ, ଗଣେଶ ସିଂହ, ମୁରାଲୀ ଦାସ, ବଙ୍କିମ ପାଳ, ରଞ୍ଜନ ଘୋଷ, ଅନନ୍ତ ବିଶ୍ୱାଳ, ଗୋବିନ୍ଦ ଦାସ, ନିତ୍ୟାନନ୍ଦ ଦାସ, ମିଲନ୍ ଦାସ ପ୍ରମୁଖ ଯୋଗଦେଇଥିଲେ। ଜନଔଷଧି କେନ୍ଦ୍ରର ପ୍ରୋପାଇଟର ରାଜଲକ୍ଷ୍ମୀ ନାୟକ ଓ ବରୁଣ ନାୟକ ସମସ୍ତ ଅତିଥିଙ୍କୁ ସ୍ୱାଗତ କରିଥିଲେ।

## ଜଳେଶ୍ୱର ସିପିଏମ୍‌ର ବିକ୍ଷୋଭ ପ୍ରଦର୍ଶନ

ଜଳେଶ୍ୱର/ଜଳେଶ୍ୱର ବ୍ଲକ, ୨୮।୮ (ସମିସ): ଉପଭୋକ୍ତାଙ୍କୁ ବିଦ୍ୟୁତ ଯୋଗାଣ ବାହାନାରେ ଘରୋଇକରଣ ଓ କମ୍ପାନୀ ତୁଷ୍ଟିକରଣ ନୀତିକୁ ଜଳେଶ୍ୱର ସିପିଆଇଏମ ଜଳେଶ୍ୱର ଶାଖା ପକ୍ଷରୁ ଘୋର ବିରୋଧ କରାଯାଇଛି। ଗୁରୁବାର ଆଞ୍ଚଳିକ କମିଟିର ସମ୍ପାଦକ ତଥା ରାଜ୍ୟ ଅଷ୍ଟା ସଭାପତି ଅକ୍ଷୟ ମିଶ୍ରଙ୍କ ନେତୃତ୍ୱରେ ଜଳେଶ୍ୱର ଷ୍ଟେସନ ଛକଠାରେ ପ୍ରତିବାଦ ସଭା ଓ ବିକ୍ଷୋଭ ପ୍ରଦର୍ଶନ ହୋଇଥିଲା। ଜିଲ୍ଲା କମିଟି ସଦସ୍ୟ ଦିଲ୍ଲୀପ କୁମାର ଗିରି, ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ଦୀପ୍ତିମାନ ଆଚାର୍ଯ୍ୟ ପ୍ରମୁଖ ସରକାରଙ୍କ ଜନ ମାରଣ ନୀତିକୁ ତୀବ୍ର ସମାଲୋଚନା କରିଥିଲେ। ବିଜୁଳି ଉତ୍ପାଦନରେ ଓଡ଼ିଶା ବଳକା ରାଜ୍ୟ ହୋଇଥିବା ବେଳେ ଅନ୍ୟ ପ୍ରଦେଶ ତୁଳନାରେ ୟୁନିଟ ପିଛା ୪୮ ପଇସା ଦେଇ ରାଜ୍ୟବାସୀ ଶୋଷିତ ହେଉଛନ୍ତି। ଏହା ସହିତ କମ୍ପାନୀ ଜୋର୍ ଜବରଦସ୍ତ ସ୍ମାର୍ଟ ମିଟର ଲଗାଇ ଅତିରିକ୍ତ ବିଜୁଳି ଖର୍ଚ୍ଚ ହଡ଼ପ କରୁଥିବା ଅଭିଯୋଗ ହେଉଛି। ନାରୀନେତ୍ରୀ ମମି ପଣ୍ଡା, ଶ୍ରମିକ ନେତା ପଲ୍ଟୁ ଦାସ, ଦିଲ୍ଲୀପ ପରିଡ଼ା, କୃଷକ ନେତା ଜୀବନ ପରିଡ଼ା, ରତନ ଦାସ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ।

## 'ଉଠ ଓଡ଼ିଶା' ସଂଗଠନର ବୈଠକ



ଖଇରା, ୨୮।୮ (ସମିସ): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅଧୀନ ମହତୀପୁରସ୍ଥିତ ପଦ୍ମଲୋଚନ ବିଦ୍ୟାଳୟ ପରିସରରେ ଉଠ ଓଡ଼ିଶା ସଂଗଠନର ଏକ ବୈଠକ ବୁଧବାର ଦିନ ଅନୁଷ୍ଠିତ ହୋଇ ଯାଇଛି। ମହେନ୍ଦ୍ର ପ୍ରସାଦ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଉଠ ଓଡ଼ିଶା ସଙ୍ଗଠନର ସଂଯୋଜକ ଦୁର୍ଗା ପ୍ରସାଦ ଜେନା ଓ ସୁଶାନ୍ତ ମହାନ୍ତି ଉପସ୍ଥିତ ରହି ଓଡିଆ ଯୁବକମାନେ ଦାଦନ ଖଟିବାକୁ ବାହାରକୁ ଯିବାଠାରୁ ଆରମ୍ଭ କରି ବିନା ଲାଞ୍ଚରେ କୌଣସି କାମ ନହେବା ପର୍ଯ୍ୟନ୍ତ ପ୍ରାୟ ପ୍ରତ୍ୟେକ କ୍ଷେତ୍ରରେ ଓଡିଆ ମାନେ ଆଜି ଅବହେଳିତ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ ବସନ୍ତ କୁମାର ପାତ୍ର, ସାମ୍ବାଦିକ ଅନାମ ଚରଣ ପଣ୍ଡା, ଭାଗିରଥି ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ପୂର୍ବତନ ମନ୍ତ୍ରୀ ଅନନ୍ତ ଦାସଙ୍କ ଜୟନ୍ତୀ

ଚନ୍ଦନେଶ୍ୱର, ୨୮।୮ (ସମିସ): ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ଭୋଗରାଇର ବିଧାୟକ ସ୍ୱର୍ଗତ ଅନନ୍ତ ଦାସ ଥିଲେ ଭୋଗରାଇ ପ୍ରଗତିର ବିଶ୍ୱକର୍ମା। ଦଳ ମତ ନିର୍ବିଶେଷରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକାରୀ ସମସ୍ତଙ୍କ ହୃଦୟରେ ଛାପ ଛାଡି ଯାଇଛନ୍ତି ବୋଲି ଗୁରୁବର ତାଙ୍କ ୮୬ମ ଜୟନ୍ତୀ ପାଳନ ଅବସରରେ ମତ ପ୍ରକାଶ ପାଇଛି। ଏହି ଅବସରରେ ଚନ୍ଦନେଶ୍ୱର ମନ୍ଦିର ପରିସରରେ ପୂଜାର୍ଚ୍ଚନା ସଙ୍ଗକୁ ଚନ୍ଦନେଶ୍ୱରଠାରେ ଭଏସ ଅଫ ଭୋଗରାଇ ପକ୍ଷରୁ ତାଙ୍କ ଜନ୍ମ ଦିନ ପାଳନ କରା ଯାଇଥିଲା। ଏ ନେଇ ଆୟୋଜିତ ସଭାକୁ ମନ୍ଦିର ଟ୍ରଷ୍ଟ ବୋର୍ଡର ମୌରସୀ ତଥା ପୂର୍ବତନ ସରପଞ୍ଚ ତପନ କୁମାର ପଣ୍ଡା ପୌରୋହିତ୍ୟ କରିଥିଲେ। ଚନ୍ଦନେଶ୍ୱରଠାରେ ସ୍ୱର୍ଗତ ଅନନ୍ତ ଦାସଙ୍କର ଏକ ଆବକ୍ଷ ପ୍ରତିମୂର୍ତ୍ତି ପ୍ରତିଷ୍ଠା ପାଇଁ ପ୍ରସ୍ତାବ ଆଗତ କରିଥିଲେ। ଏଥିରେ ପୂର୍ବତନ ସରପଞ୍ଚ ନଗେନ୍ଦ୍ର ନାଥ ପାତ୍ର ଯୋଗଦେଇ ମନ୍ଦିରର ଉନ୍ନତି ସମେତ ଶିକ୍ଷା, ସ୍ୱାସ୍ଥ୍ୟ, ଗମନା ଗମନ, ବିଦ୍ୟୁତ ଯୋଗଣ, ପାନୀୟ ଜଳ ଆଦି ପ୍ରତ୍ୟେକ କ୍ଷେତ୍ରରେ ତାଙ୍କର ଅବଦାନ ରହିଛି। ସକ୍ଷହାବାଜିପୁର ସରପଞ୍ଚ ଅରୁଣ କୁମାର ଗିରି ଯୋଗଦେଇ ସୀମାନ୍ତର ସୁରକ୍ଷା ଲାଗି ସାମୁଦ୍ରିକ ଥାନା, ଉଚ୍ଚ ମାଧମିକ ବିଦ୍ୟାଳୟ ଏବଂ ଏକ ନୂତନ ପଞ୍ଚାୟତ ଗଠନ ତାଙ୍କ ଦୁରଦୃଷ୍ଟିର ପରିଚୟ ଦିଏ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଦେବାଶିଷ ଚନ୍ଦ, ସମିତି ସଦସ୍ୟ ରଧାଶ୍ୟମ ଦେ, ସମାଜସେବୀ ରବୀନ୍ଦ୍ର ନାଥ ଜେନା, ଧରଣୀଧର ସେନାପତି, ହରିଚନ୍ଦନ ଶତପଥୀ, ସେବାୟତ ବୁଦ୍ଧଦେବ ପଣ୍ଡା, ସୁକୁମାର ଜେନା ପ୍ରମୁଖ ଯୋଗଦେଇ ତାଙ୍କ ବହୁମୁଖୀ ପ୍ରତିଭାର ସ୍ମୃତି ଚାରଣ କରିଥିଲେ। ଶେଷରେ ଭଏସ ଅଫ ଭୋଗରାଇର ସଭାପତି ସୁବାସ ଦାସ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ମନ୍ଦିରରେ ପୂଜାର୍ଚ୍ଚନା ସାଙ୍ଗକୁ ଅଧିଆପଡ଼ା, ଅସହାୟ, ଗରିବ ମାନଙ୍କୁ ଫଳ ଓ ମିଠା ବଣ୍ଟନ କରା ଯାଇଥିଲା।

## ଭରା ନଈକୁ ଡେଇଁଲେ ଯୁବକ



ଜଳେଶ୍ୱର/ଜଳେଶ୍ୱର ବ୍ଲକ୍, ୨୮।୮ (ସମିସ): ଜଳେଶ୍ୱର ବ୍ଲକ ସୁବର୍ଣ୍ଣରେଖା ନଦୀ ଉପରେ ନିର୍ମିତ ପୋଲ ଉପରୁ ଡେଇଁଲେ ଯୁବକ। ଉକ୍ତ ଯୁବକ ଆଜି ଦିନ ଚାରି ଘଟିକା ସମୟରେ ଲକ୍ଷ୍ମଣନାଥ ପଟୁ ଆସି ଗୁରୁଦାସପୁର ପୋଲ ଉପରେ ଦୁଇଟି ମୋବାଇଲ ଏବଂ ଏକ ଚାର୍ଜର ରଖି ସୁବର୍ଣ୍ଣରେଖା ନଦୀକୁ ଡେଇଁ ପଡ଼ିଥିଲେ। ସ୍ଥାନୀୟ ଲୋକ ରାଇବଣିଆ ପୁଲିସକୁ ଖବର ଦେଇଥିଲେ। ଶହ ଶହ ଲୋକ ପୋଲ ଉପରେ ରୁଣ୍ଡ ହୋଇଥିଲେ। ଘଟଣା ସ୍ଥଳରେ ରାଇବଣିଆ ଥାନା ଭାରପ୍ରାପ୍ତ ଅଧିକାରିଣୀ ଲୋପାମୁଦ୍ରା ପଣ୍ଡା ପହଞ୍ଚିଥିଲେ। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ଉକ୍ତ ଯୁବକଜଣକ ଚମାର ଗାଁ ପଞ୍ଚାୟତ କୁମଞ୍ଚିଆ ଗ୍ରାମର ଅତୁଲ୍ ସିଂଙ୍କ ପୁତ୍ର ଅଞ୍ଜନ ସିଂ (୨୫)। ସେ ତାଙ୍କ ଶଶୁର ଘର ଲକ୍ଷ୍ମଣନାଥ ପଞ୍ଚାୟତ ବିରିଶପୁରରେ ରହୁଥିଲେ। କିଛି ସମୟ ପରେ ସେ ନଦୀରୁ ପହଁରୀ ଆସି ଉକ୍ତ ଯୁବକ ଗୋପ ଗାଁ ନିକଟରେ କୂଳକୁ ଆସି ରାସ୍ତାରେ ଆସୁଥିବା ସମୟରେ ସ୍ଥାନୀୟ ଲୋକ ତାକୁ ଅଟକ ରଖି ରାଇବଣିଆ ପୁଲିସକୁ ଜିମା ଦେଇଥିଲେ।

## ସାପ କାମୁଡ଼ାରେ ଯୁବ ଚାଷୀ ମୃତ

ରାଜଘାଟ, ୨୮।୮ (ସମିସ): ସାପ କାମୁଡ଼ାରେ ବସ୍ତା ବ୍ଲକର ସାହାଡ଼ା ଗାଁର ଜନୈକ ଯୁବ ଚାଷୀଙ୍କ ମୃତ୍ୟୁ ଘଟିଛି। ଏହି ଗାଁର ନିରଞ୍ଜନ ଦାସଙ୍କ ୧୯ ବର୍ଷର ପୁଅ ଜୟଦେବ ବିଲକୁ ଗତକାଲି ସାର ପକାଇବା ପାଇଁ ଯାଇଥିବା ବେଳେ ଏକ ବିଷଧର ସାପ ତାଙ୍କୁ କାମୁଡି ଦେଇଥିଲା। ଘରକୁ ଆସି ପହଞ୍ଚିବା କ୍ଷଣି ତାଙ୍କର ମୁଣ୍ଡ ବୁଲାଇଥିଲା। ସଙ୍ଗେ ସଙ୍ଗେ ତାଙ୍କୁ ବସ୍ତା ଡାକ୍ତରଖାନା ନିଆ ଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସଂକ୍ରାନ୍ତରେ ସିଂଲା ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ ସହ ଘଟଣାର ତଦନ୍ତ କରି ଶବ ବ୍ୟବଚ୍ଛେଦ କରିଛନ୍ତି। ଏହି ଚାଷୀ ପରିବାରକୁ ସରକାରୀ ସାହାଯ୍ୟ ପାଇଁ ଦାବି ହୋଇଛି।

## ପୁଲିସକୁ ଦେଖି ଯୁବକ ଚମ୍ପଟ

**● ଦେଶୀ ବନ୍ଧୁକ ଓ ବାଇକ ଜବତ**



ନୀଳଗିରି, ୨୮।୮ (ସମିସ): ବୁଧବାର ରାତି ପ୍ରାୟ ୯ଟାରେ ନୀଳଗିରି ପୁଲିସ ପାଟ୍ରୋଲିଂ କରୁଥିବା ବେଳେ ନୀଳଗିରି- ମିତ୍ରପୁର ରାସ୍ତାର କେନ୍ଦୁଖୁଣ୍ଟା ଛକ ନିକଟରେ ଜନୈକବାଇକ ଆରୋହୀ ପୁଲିସକୁ ଦେଖି ଗାଡ଼ି ଛାଡ଼ି ପଳାଇ ଯାଇଥିଲା। ସନ୍ଦେହ ହେବାରୁ ପୁଲିସ ବାଇକ ପାଖକୁଯାଇ ଦେଖିବା ବେଳକୁ ବାଇକରେ ଟଙ୍ଗାଯାଇଥିବା ବ୍ୟାଗରୁ ଏକ ଦେଶୀ ବନ୍ଧୁକ ଥିବା ଦେଖିବାକୁ ପାଇଥିଲେ। ବାଇକ ଓ ବନ୍ଧୁକକୁ ପୁଲିସ ଜବତକରି ଥାନାକୁ ଆଣିଥିଲା। ଗୁରୁବାର ସକାଳେ ଗାଡ଼ି ମାଲିକ ଧୋବାଶିଳା ଗ୍ରାମର ଭୀମ ସିଂକୁ ପୁଲିସ ଥାନାକୁ ଆଣି ପଚରାଉଚରା କରିଥିବା ବେଳେ ସେ ଗାଡ଼ି ମୋ ନାମରେ ଅଛି ଏବଂ ମୋ ଶଳା ସେ ଗାଡିକୁ ମାଗିନେଇଥିଲା ଏବଂ ଉକ୍ତ ବନ୍ଧୁକ ସମ୍ପର୍କରେ ସେ କିଛି ଜାଣିନାହାନ୍ତି ବୋଲି ଭୀମ ସିଂ ପୁଲିସକୁ କହିଛି। ଗାଡ଼ିଚାଳକ ଜଣକ ଭୀମ ସିଂ ଙ୍କ ଶଳା ହୋଇଥିବାବେଳେ ଅଭିଯୁକ୍ତ ଜଣକ ମାଟିଆଳି ଗ୍ରାମର ଶ୍ୱଶୁରଘରେ ରହୁଥିବା ଖବରପାଇ ପୁଲିସ ଆଜି ମାଟିଆଳି ଗ୍ରାମରେ ପହଞ୍ଚିବାବେଳକୁ ଅଭିଯୁକ୍ତ ଶଳା ତାଙ୍କ ଶ୍ୱଶୁର ଘରୁ ଖସିପଳାଇ ଯାଇଥିଲା। ଏ ନେଇ ନୀଳଗିରି ଥାନାରେ ୩୪୫ନଂ କେସ କରାଯାଇ ଅଧିକ ତଦନ୍ତ ଜାରି ରହିଥିବା ପୁଲିସ ସୂଚନା ଦେଇଛି।

## ଗଣେଶ ପୂଜା ଭସାଣି ଶାନ୍ତି କମିଟି ବୈଠକ

ବାଲେଶ୍ୱର, ୨୮।୮ (ସମିସ): ଆସନ୍ତା ୨୯ ଏବଂ ୩୧ ତାରିଖରେ ଗଣେଶ ଭସାଣି ଅନୁଷ୍ଠିତ ହେବ। ଏଣୁ ଶାନ୍ତିପୂର୍ଣ୍ଣ ଭାବରେ ପାଳନ ପାଇଁ ଗାନ୍ଧୀ ସ୍ମୃତି ଭବନରେ ଏକ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବାଞ୍ଚଳ ଡିଆଇଜି ପିନାକୀ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଏସପି ପ୍ରତ୍ୟୁଷ ଦିବାକର ଉପସ୍ଥିତ ଥିଲେ। ଭସାଣ ମେଢ଼ ଠିକ ସମୟରେ ବାହାରିବା ଉପରେ ଆଲୋଚନା ହୋଇଥିଲା। ଧ୍ୱନି ସୀମା, ସାଇଲେନ୍ସ ଜୋନ୍, ବ୍ୟବହୃତ ବାହନ ସୀମା ସମ୍ବନ୍ଧୀୟ ନିୟମକୁ କଡ଼ାକଡ଼ି ସହ ପାଳନ କରାଯିବା ଉପରେ ଗୁରୁତ୍ୱ ପ୍ରଦାନ କରାଯିବା ସହ ସମସ୍ତ ଭସାଣି କାର୍ଯ୍ୟ ରାତି ୧୦ଟା ପୂର୍ବରୁ ସମାପ୍ତ କରିବାକୁ ପଡ଼ିବ। ଏହାଛଡା ସିସିଟିଭି ଓ ଡ୍ରୋନ୍ ନିରୀକ୍ଷଣ ଉପରେ ଆଲୋଚନା ହୋଇଥିଲା। ଅନ୍ୟପଟେ ବିସର୍ଜନ ସ୍ଥଳରେ ଟ୍ରେ ବ୍ୟବସ୍ଥା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା।

## ବିଦ୍ୟାଳୟ ସମୂହ କ୍ରୀଡ଼ା ଓ ଦୌଡ଼ ପ୍ରତିଯୋଗିତା



ବାଲିଆପାଳ, ୨୮।୮ (ସମିସ): ପଶ୍ଚିମ ଜୋନସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡା ଏବଂ ଦୌଡ ପ୍ରତିଯୋଗିତା ବସ୍ତା ସମ୍ଭୁନାଥ ଉଚ୍ଚ ବିଦ୍ୟାଳରେ ଅନୁଷ୍ଠିତ ହୋଇଛି। ଏହି ପ୍ରୀତିଯୋଗିତା ବସ୍ତା ବାଳିକା ବିଦ୍ୟାଳର ପ୍ରଧାନ ଶିକ୍ଷକ ଅଜୟ କୁମାର ପାତ୍ର ସଭାପତିତ୍ୱ କରିଥିବା ମୁଖ୍ୟଅତିଥି ଭାବରେ ଶମ୍ଭୁନାଥ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଅଳକା ବିନ୍ଧାଣି ଯୋଗ ଦେଇ କ୍ରୀଡାର ଉପଯୋଗିତା ଏବଂ କ୍ରୀଡା ସମ୍ବଧୀୟ ଉପଦେଶ ଦେଇଥିଲେ। ଖେଳ ଶିକ୍ଷକ ସାରସ୍ୱତ ସାହୁ ଅତିଥି ପରିଚୟ କରିବା ସହିତ ବିବରଣୀ ପାଠ କରିଥିଲେ। ଶିକ୍ଷକ ଲକ୍ଷ୍ମୀଧର ଜେନା, ପ୍ରଦୀପ କୁମାର ବେହେରା, ନରେନ୍ଦ୍ର ସାମଲ, ଅଜୟ କମିଳା, ସମ୍ପ୍ରଭା ସେନ, ରିତାରାଣୀ ଦେ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଦୁଲିଚନ୍ଦ ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକ ବ୍ରଜମୋହନ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଉତ୍କଳ ସମ୍ମିଳନୀ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍




ଜଳେଶ୍ୱର, ୨୮।୮ (ସମିସ): ଓଡ଼ିଶାର ଗଣପର୍ବ ନୂଆଖାଇ ଅବସରରେ ରାଜ୍ୟର ପଶ୍ଚିମାଞ୍ଚଳରେ ଉତ୍ସବ ମୁଖରିତ ହୋଇଥିବା ବେଳେ ଜଳେଶ୍ୱରରେ ଏହାର ପ୍ରଭାବ ଦେଖିବାକୁ ମିଳିଛି। ଉତ୍କଳ ସମ୍ମିଳନୀ ଜଳେଶ୍ୱର ଶାଖା ପକ୍ଷରୁ ନୂଆଖାଇ ଭେଟଘାଟ, କୁନି କୁନି ଛାତ୍ରୀଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣ ତଥା ଶାଖାର ସାଂଗଠନୀକ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇ ଯାଇଛି। ଶୋଭା କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ସଭାରେ ଶାଖାର ସଭାପତି ଡ. ଶ୍ରୀକାନ୍ତ ଚରଣ ପାତ୍ର ଅଧକ୍ଷତା କରି ଜଳେଶ୍ୱରରେ ୨୦୦୩ ମସିହାରୁ ଉତ୍କଳ ସମ୍ମିଳନୀ, ଜଳେଶ୍ୱର ଶାଖା ପ୍ରତିଷ୍ଠା ହୋଇ ଅଦ୍ୟାବଧି ନିରନ୍ତରଭାବେ କାର୍ଯ୍ୟ କରୁଛି ବୋଲି କହିଥିଲେ। ମୁଖ୍ୟ ଅତିଥିଭାବେ ତହସିଲଦାର ସତ୍ୟଜିତ୍ ମହାନ୍ତି ଯୋଗଦେଇ ଆମେ ଓଡିଆ ବୋଲି ଡିଣ୍ଡିମ ପିଟୁଥିଲା ବେଳେ ଆମ ଭାଷାରେ ହିନ୍ଦୀ, ଇଂରାଜୀ ଶବ୍ଦ ବ୍ୟବହାର ହେଉଛି ଯାହାକି ଓଡିଆ ଅସ୍ମିତାକୁ କୁଠାରଘାତ କରୁଛି ବୋଲି କହିଥିଲେ। ମୁଖ୍ୟ ବକ୍ତାଭାବେ ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ ଶାଖାର ସାଧାରଣ ସମ୍ପାଦକ ରବୀନ୍ଦ୍ର କୁମାର ମିଶ୍ର ଯୋଗଦେଇ ଓଡ଼ିଶା କୃଷିଭିତ୍ତିକ ରାଜ୍ୟ ଘୋଷିତ ହୋଇଥିଲେ ମଧ ଦେଶର ଅନ୍ୟ ରାଜ୍ୟଭଳି ଭାଷାକୁ ଗୁରୁତ୍ୱ ଦିଆଯାଉନାହିଁ। ଉତ୍କଳ ସମ୍ମିଳନୀ ସେଥିପ୍ରତି ଗୁରୁତ୍ୱାରୋପ କରି ଆସୁଛି। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରୀୟ ସମ୍ପାଦକ କମଳ ଚକ୍ରବର୍ତ୍ତୀ, ପ୍ରଫେସର ଯୁଗୋଳ କିଶୋର ପ୍ରଧାନ, ଖଡଗପୁର ଶାଖା ସମ୍ପାଦକ ଦ୍ୱାରକେଶ ପଟ୍ଟନାୟକ, ବନମାଳି ଧଳ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସମ୍ପାଦକ ସୁନିଲ ନାୟକ ୨୦୨୧ରୁ ଅଦ୍ୟାବଧି ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। କୃଷି ବୈଜ୍ଞାନିକ ସରୋଜ କୁମାର ଧଳଙ୍କ ସହିତ ବହୁ କୃତି ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଓଡ଼ିଶାର ଅଖଣ୍ଡତା ପାଇଁ ଦୁର୍ଗା ମନ୍ଦିର ଠାରୁ ଶୋଭା କଲ୍ୟାଣ ମଣ୍ଡପ ଯାଏ ପଦଯାତ୍ରା ହେବା ସହିତ ନୂତନ ଚାଉଳରେ ମା'ଙ୍କ ନିକଟରେ ଭୋଗ ଲାଗି ହୋଇଥିଲା। ମନୋରଞ୍ଜନ ଦାସ ମଞ୍ଚ ଆହ୍ୱାନ କରିଥିବାବେଳେ ସାଇକଳା ମନ୍ଦିର ନୃତ୍ୟଶିଖା ଫାଉଣ୍ଡେସନ ଓ ତପସ୍ୱିନୀ ନୃତ୍ୟାଳୟର କୁନି କୁନି ଛାତ୍ରଛାତ୍ରୀ ସେମାନଙ୍କ ନୃତ୍ୟ ପରିବେଷଣ କରିଥିଲେ। ଚଳିତବର୍ଷ ଶାଖାର ସାଗଠନୀକ ଚୟନ ଅନୁଷ୍ଠିତ ହୋଇଯାଇଛି। ସଭାପତିଭାବେ କମଳ ଚକ୍ରବର୍ତ୍ତୀ, ଉପସଭାପତି ଭାବେ ଅଶୋକ ଦାସ ଓ ଡ. ଅଜିତ୍ କୁମାର ମହାନ୍ତି, ସମ୍ପାଦକ ଭାବେ ସୁନିଲ କୁମାର ନାୟକ, ସହ ସମ୍ପାଦକଭାବେ ହେମନ୍ତ ଗିରି, ସାଂଗଠନୀକ ସମ୍ପାଦକ ମନୋରଞ୍ଜନ ଦାସ ଓ କୋଷାଧକ୍ଷ ଭାବେ ରବୀନ୍ଦ୍ର ବାରିକ ମନୋନୀତ ହୋଇଥିବା ଜଣାଯାଇଛି।



# ପଟ୍ଟାମୁଣ୍ଡାଇ ବନ୍ୟା ସ୍ଥିତି ଅପରିବର୍ତ୍ତିତ







- ବିପଦ ସଂକେତର ୨ ଫୁଟ ଉପରେ ବନ୍ୟାଜଳ ପ୍ରବାହିତ
- ସିଂହଗାଁ, ଶ୍ରୀରାମପୁର, ଡାମରପୁର, ବଳଭଦ୍ରପୁର ବାଲିପାଟଣା, ବାଛରା, ତନୁପୁର ବାହ୍ୟଜଗତରୁ ବିଚ୍ଛିନ୍ନ
- ବିଧାୟକ, ବ୍ଲକ ଅଧ୍ୟକ୍ଷ, ବିଡିଓ ଓ ଇଓଙ୍କ ବନ୍ୟାଞ୍ଚଳ ଗସ୍ତ
- କୁମ୍ଭୀରକୁ ନେଇ ଲୋକେ ଆତଙ୍କିତ
- ବନ୍ୟା ବିପନ୍ନଙ୍କୁ ରିଲିଫ ଦାବି

**ପଟ୍ଟାମୁଣ୍ଡାଇ, ୨୮ ।୮ (ସମିସ)**

ପଟ୍ଟାମୁଣ୍ଡାଇରେ ବନ୍ୟା ପରିସ୍ଥିତି ଅପରିବର୍ତ୍ତିତ ରହିଛି। ବନ୍ୟାଜଳ ପ୍ରାୟ ସ୍ଥିର ରହିଛି। ବନ୍ୟା ପରିସ୍ଥିତି ଅପରିବର୍ତ୍ତିତ ରହିଥିଲେ ମଧ୍ୟ ତୁହାକୁ ତୁହା ବର୍ଷା ବନ୍ୟା ବିପନ୍ନଙ୍କ ଦୁର୍ଦ୍ଦଶା ଦ୍ୱିଗୁଣିତ କରିଛି। ବନ୍ୟାଜଳ ବିପଦ ସଙ୍କେତର ୨ ଫୁଟ ଉପରେ ପ୍ରବାହିତ ହେଉଛି। ବ୍ରାହ୍ମଣୀ ନଦୀରେ ଦେଖାଦେଇଥିବା ତୃତୀୟ ବନ୍ୟାରେ ପଟ୍ଟାମୁଣ୍ଡାଇ ବ୍ଲକର ଦୁର୍ଗମ ଅଞ୍ଚଳ ଭାବେ ପରିଚିତ ସିଂହ ଗାଁ ପଞ୍ଚାୟତ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇପଡ଼ିଥିବାବେଳେ ମାଳିପୁର ରାସ୍ତାରେ ବନ୍ୟା ସ୍ରୋତ ପ୍ରବାହିତ ଯୋଗୁଁ ଶ୍ରୀରାମପୁର, ଡାମରପୁର ଓ ବଳଭଦ୍ରପୁର ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇପଡ଼ିଛି। ସେହିପରି ବାଛରା-ମଣ୍ଡପଡ଼ା ରାସ୍ତାରେ ବନ୍ୟାର ପ୍ରଖର ସ୍ରୋତ ପ୍ରବାହିତ ହେଉଥିବାରୁ ବାଛରା-ମଣ୍ଡପଡ଼ା ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡ଼ିଛି। ବ୍ରାହ୍ମଣୀ, ବୈତରଣୀ ଓ କାଣୀ ନଦୀରେ ବନ୍ୟା ଆସି ବ୍ୟାପକ କ୍ଷୟକ୍ଷତି ସାଙ୍ଗକୁ ଫସଲହାନୀ ଘଟି ଗରିବ ଖଟିଖିଆ ଓ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି। ବାରମ୍ବାର ବନ୍ୟା ଆସିବା ଫଳରେ କ୍ଷୟକ୍ଷତି ଓ ଫସଲହାନୀ ଆଶଙ୍କାରେ ଗରିବ ଖଟିଖିଆ ଓ ଚାଷୀ ଚିନ୍ତିତ ହୋଇପଡ଼ିଛନ୍ତି। କୁମ୍ଭୀର ଭୟ ଲୋକଙ୍କ ମନରୁ ଲିଭିଯାଇଥିବାବେଳେ ପୁନରାୟ ୩ୟ ବନ୍ୟା ଆସିବା ଯୋଗୁଁ କୁମ୍ଭୀର ଭୟରେ ସମଗ୍ର ଧୋଆଞ୍ଚଳବାସୀ ଆତଙ୍କିତ ହୋଇପଡ଼ିଛନ୍ତି। ବ୍ରାହ୍ମଣୀ ଓ କାଣୀ ନଦୀରେ ବନ୍ୟା ଆସିବା ଫଳରେ ପଟ୍ଟାମୁଣ୍ଡାଇ ବ୍ଲକର ୧୪ ପଞ୍ଚାୟତ ଓ ପୌରାଞ୍ଚଳର ୧୧ଟି ୱାର୍ଡର ବ୍ୟାପକ ଅଞ୍ଚଳ ଜଳମଗ୍ନ ହେବା ସହିତ ହଜାର ହଜାର ଏକର ଜମି ବନ୍ୟା ପାଣିରେ ବୁଡି ରହିଛି। ଆଜି କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ବନ୍ୟା ବିପନ୍ନ ସିଂହଗାଁ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିବା ସହିତ ଅଭାବ ଅସୁବିଧା ସମ୍ପର୍କରେ ଲୋକଙ୍କ ସହିତ ଆଲୋଚନା କରିଛନ୍ତି।

ସେହିପରି ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ଓ ବିଡିଓ ଅଶୋକ ମହାନ୍ତି ବିଭାଗୀୟ ଅଧିକାରୀଙ୍କ ସହିତ ଶ୍ରୀରାମପୁର, ଡାମରପୁର, ବଳଭଦ୍ରପୁର, ପେଣ୍ଠପାଳ, ଅଳପୁଆ, ତରଡ଼ିପାଳ, ଅମୃତମଣୋହି ଆଦି ପଞ୍ଚାୟତ ଓ କୃଷ୍ଣଦାସପୁର, ଦାଣ୍ଡିସାହି ଆଦି ବିଭିନ୍ନ ବିପନ୍ନ ଅଞ୍ଚଳ ପରିଦର୍ଶନ କରିବା ସହିତ ବନ୍ୟାବିପନ୍ନ ଲୋକଙ୍କ ଯାତାୟାତ ପାଇଁ ୩ଟି ଏସଆରସି ବୋଟ ଓ ୧୭ଟି ଡ଼ଙ୍ଗା ଯୋଗାଇ ଦେଇଛନ୍ତି। ବ୍ଲକ ଅଧ୍ୟକ୍ଷ ଓ ବିଡିଓ ବିପନ୍ନ ଲୋକଙ୍କୁ ସମସ୍ତ ସୁବିଧା ଯୋଗାଇ ଦେବାକୁ ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ପଞ୍ଚାୟତ ପ୍ରତିନିଧିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗତ ସରକାର ସମୟରେ ବନ୍ୟା ଜଳପତନ ୧୭ ଫୁଟ ଥିବା ସମୟରେ ବନ୍ୟାବିପନ୍ନଙ୍କୁ ରିଲିଫ ଯୋଗାଇ ଦିଆଯାଇଥିବାରୁ ଚଳିତ ବର୍ଷ ତୃତୀୟ ବନ୍ୟା ଆସିବା ଓ ବନ୍ୟା ଜଳ ପତନ ୧୭ ଫୁଟ ଉପରେ ଥିବାରୁ ତୁରନ୍ତ ବିପନ୍ନ ଲୋକଙ୍କୁ ରିଲିଫ ଯୋଗାଇ ଦେବାକୁ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ରାଜନଗର ବିଧାୟକ ଧ୍ରୁବ ସାହୁ, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ବର୍ଷିଆନ ନେତା ନୃସିଂହ ଆଚାର୍ଯ୍ୟ ଓ ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ ସରକାର ନିକଟରେ ଦାବି କରିଛନ୍ତି।

ଚଳିତ ବ୍ରାହ୍ମଣୀ ତୃତୀୟ ବନ୍ୟାରେ ପଟ୍ଟାମୁଣ୍ଡାଇ ବ୍ଲକର ସିଂହଗାଁ ପଞ୍ଚାୟତର ସିଂହଗାଁ, କୃଷ୍ଣଦାସପୁର, ରାଉଳିଆଡିଆ, ପାଣିସାଉଁଳିଆ ଆଦି ଜଳମଗ୍ନ ହୋଇ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡ଼ିଛି। ଅଳପୁଆ ପଞ୍ଚାୟତର ଗୋଜିଆକଣ, ବିଲମଲିକସାହି, ବେହେରାସାହି, ମିଶ୍ରବାଗ, ସେଠୀସାହି, ଜେନାସାହି, ପାହାନ୍ତାସିଂହ ସାହି, ତରଡ଼ିପାଳ ପଞ୍ଚାୟତର ପୋଖରୀକୂଳ, ଗୋପାଳପୁର, ଜେନାସାହି, ବିଶ୍ୱାଳସାହି, ନାଥସାହି, ମଲିକସାହି, ଘାଗରାଡିଆ, ପେଣ୍ଠପାଳ ପଞ୍ଚାୟତର କୂଳସାହି, କୋଳଥିଆ, ବାଲିକିରା, ଦାଣ୍ଡିସାହି, ଅଣ୍ଡରା ପଞ୍ଚାୟତର ବ୍ରହ୍ମପୁର, ବିଷ୍ଣୁପୁର, ବ୍ରାହ୍ମଣସାହି, ଦାଣ୍ଡିଉପର, ଅମୃତମଣୋହି ପଞ୍ଚାୟତର ନୂଆଡ଼ିଆ, ଜଗନ୍ନାଥପୁର, ଶାନ୍ତିପଡ଼ା, ସିଦ୍ଧବାଲି, ବଲୁରିଆ ପଞ୍ଚାୟତର ଫୁଲପାଟଣା ଆଦି ଅଞ୍ଚଳର ହଜାର ହଜାର ଏକର ଚାଷଜମି ଜଳମଗ୍ନ ହୋଇପଡ଼ିଛି। ସେହିପରି ପଟ୍ଟାମୁଣ୍ଡାଇ ବ୍ଲକର ଶ୍ରୀରାମପୁର, ଡାମରପୁର, ନୀଳକଣ୍ଠପୁର, ବାଲିପାଟଣା, ବାଛରା, ବଳଭଦ୍ରପୁର ଶାସନ ଆଦି ପଞ୍ଚାୟତର ଶହ ଶହ ଏକର ଚାଷ ଜମି ଜଳମଗ୍ନ ହୋଇପଡ଼ିଛି। ବନ୍ୟା ପରିସ୍ଥିତିର ସଫଳ ମୁକାବିଲା ପାଇଁ ବ୍ଲକ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ କରାଯାଇ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ ଖୋଲାଯାଇଛି। ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ବାଲିପଡ଼ା, ତଳବାଲିପଡ଼ା, ବଳଦେବନଗର, ସିଦ୍ଧପାଟଣା, କଷଣଅଣ୍ଟା, ନୂଆଗାଁ, କାକୁଡିପଲ୍ଲୀ, ତନୁପୁର, ନନ୍ଦିନୀନଗର, ଷଣ୍ଢପଲ୍ଲୀ, ଅଳଭା ଆଦି ବିଭିନ୍ନ ଗ୍ରାମ ଓ ୧୧ଟି ୱାର୍ଡ ଜଳମଗ୍ନ ହୋଇପଡ଼ିବା ସହିତ ଶହ ଶହ ଏକର ଚାଷଜମି ମଧ୍ୟ ବୁଡି ରହିଛି। ପଟ୍ଟାମୁଣ୍ଡାଇ ପୌର ନିର୍ବାହୀ ଅଧିକାରୀ ରଞ୍ଜନ ଦାଶ, ଜନସ୍ୱାସ୍ଥ୍ୟ ବିଭାଗ କନିଷ୍ଠ ଯନ୍ତ୍ରୀ ସୁଦାମ ସାହୁ ପୌରାଞ୍ଚଳର ବନ୍ୟାବିପନ୍ନ ୱାର୍ଡ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିବା ସହିତ ଯାତାୟାତ ପାଇଁ ଆବଶ୍ୟକ ଡ଼ଙ୍ଗା ଯୋଗାଇ ଦେଇଛନ୍ତି। ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ ବିପନ୍ନ ଲୋକଙ୍କୁ ସମସ୍ତ ସହାୟତା ଯୋଗାଇ ଦେବାକୁ ପୌର ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ପଟ୍ଟାମୁଣ୍ଡାଇ ଜଳସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ଇଂ ମନୋରଞ୍ଜନ ସାହୁ ପ୍ରମୁଖ ଦୁର୍ବଳ ନଦୀବନ୍ଧ ପରିଦର୍ଶନ କରି ବିଭାଗୀୟ କର୍ମଚାରୀ ସହାୟତାରେ ବାଲିବସ୍ତା ପକାଇ ପରିସ୍ଥିତି ପ୍ରତି ସତର୍କ ଦୃଷ୍ଟି ରଖିଛନ୍ତି। ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ନିର୍ଦ୍ଦେଶରେ ବ୍ଲକ ଓ ପୌର ପ୍ରଶାସନ ବନ୍ୟା ମୁକାବିଲା ପାଇଁ ସଜାଗ ହୋଇପଡ଼ିଛି। ବନ୍ୟା ବିପନ୍ନ ଲୋକଙ୍କୁ ଆବଶ୍ୟକ ଗୋଖାଦ୍ୟ, କିରାସିନି, ବ୍ଲିଚିଙ୍ଗ ପାଉଡର ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି। ରିପୋର୍ଟ ଲେଖା ହେବା ବେଳକୁ ଅଳଭାଠାରେ ବନ୍ୟା ଜଳପତନ ୧୮ ଫୁଟ ରହିଥିବା ଜଣାପଡ଼ିଛି।

## ଉପଜିଲ୍ଲାପାଳ ଓ ଭାରପ୍ରାପ୍ତ ତହସିଲଦାରଙ୍କ ବନ୍ୟାଞ୍ଚଳ ଗସ୍ତ

**ମାଳିପୁର, ୨୮ ।୮ (ସମିସ):** ବ୍ରାହ୍ମଣୀରେ ଲଗାତର ବନ୍ୟା ଆସିବା ଫଳରେ ଉତିକଣ ଅଞ୍ଚଳର ତିନୋଟି ପଞ୍ଚାୟତ ବ୍ୟାପକ ଜଳମଗ୍ନ ହୋଇଛି। ଗତ ଦୁଇଟି ବନ୍ୟାଠାରୁ ଏଥରର ଜଳ ପତନ ଯଥେଷ୍ଟ ବୃଦ୍ଧି ପାଇଥିବାରୁ ଗମ୍ଭୀର ପରିସ୍ଥିତି ସୃଷ୍ଟି ହୋଇଛି। କୁମ୍ଭୀର ଆତଙ୍କ ଓ ଗତ ଦୁଇଟି ବନ୍ୟାରେ ଭାସିଯାଇ ଦୁଇଜଣଙ୍କ ମୃତ୍ୟୁ ଜନସାଧାରଣଙ୍କୁ ଆତଙ୍କିତ କରି ରଖିଛି। ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିଯାଇଥିବାବେଳେ ଗାଈ ଗୋରୁ ଖାଦ୍ୟ ଅଭାବରୁ ଭୋକରେ ଆଉଟୁ ପାଉଟୁ ହେଉଛନ୍ତି। ବନ୍ୟା ଫଳରେ କାମ ଅଭାବରୁ ଦିନ ମଜୁରିଆ ନିଜର ରୋଜଗାର ହରାଇ ଭୋକରେ ଦିନ କାଟୁଥିବା ନଜରକୁ ଆସିଛି। ଗତ ଦୁଇଟି ବନ୍ୟାରେ ସରକାରଙ୍କ ପକ୍ଷରୁ କେବଳ ଗୋଖାଦ୍ୟ ସ୍ୱଳ୍ପ ମାତ୍ରାରେ ଯୋଗାଇ ଦିଆଯାଇଥିବାବେଳେ ଜନସାଧାରଣଙ୍କ ପାଇଁ କୌଣସି ରିଲିଫ ସାମଗ୍ରୀ ଯୋଗାଇ ଦିଆଯାଇ ନ ଥିଲା। ଏଥର ବନ୍ୟାରେ ଯଦି ରିଲିଫ ଯୋଗାଇ ଦିଆ ନ ଯାଏ, ବେ ଅନେକ ପରିବାର ଭୋକରେ ଦିନ କାଟିବେ ବୋଲି ଅନେକ ବୁଦ୍ଧିଜୀବୀ ମତ ଦେଇଛନ୍ତି। ବନ୍ୟାଞ୍ଚଳର ଗମ୍ଭୀର ପରିସ୍ଥିତିକୁ ଅନୁଭବ କରି ଆଜି କେନ୍ଦ୍ରାପଡ଼ା ଉପଜିଲ୍ଲାପାଳ ଅରୁଣ ନାୟକ ଓ ପଟ୍ଟାମୁଣ୍ଡାଇ ଭାରପ୍ରାପ୍ତ ତହସିଲଦାର ଦିଲ୍ଲୀପ ନାୟକ ଶ୍ରୀରାମପୁର, ଡାମରପୁର, ବଳଭଦ୍ରପୁର ପଞ୍ଚାୟତର ବିଭିନ୍ନ ଅଞ୍ଚଳ ଗସ୍ତ କରି ସ୍ଥିତି ପରଖିବା ସହିତ ଆଗରୁ ଦିଆଯାଇଥିବା ଦୁଇଟି ପାୱାର ବୋଟ ସହିତ ଆଉ ତିନୋଟି ଦେଶୀ ଡଙ୍ଗା ଉଦୟପୁର ସମେତ ବିଭିନ୍ନ ଗ୍ରାମକୁ ଯୋଗାଇ ଦେଇଛନ୍ତି। ବନ୍ୟାଞ୍ଚଳରେ କୌଣସି ଲୋକ ଯେପରି ଅସୁବିଧାର ସମ୍ମୁଖୀନ ନ ହେବେ, ସେଥିପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

## ଧୋଆଞ୍ଚଳବାସୀ ପିଇବା ପାଣି ପାଇଁ ହନ୍ତସନ୍ତ



**ଗୋବିନ୍ଦପୁର, ୨୮ ।୮ (ସମିସ):** ଖରସ୍ରୋତା ଓ କାଣୀ ନଦୀରେ ତୃତୀୟ ବନ୍ୟା ଯୋଗୁଁ ଆଳି ଧୋଆଞ୍ଚଳର ୧୦ଟି ପଞ୍ଚାୟତର ପ୍ରାୟ ୭୦ ହଜାର ଲୋକ ୫ ଦିନ ଧରି ଜଳବନ୍ଦୀ ଅଛନ୍ତି। ଧୋଆଞ୍ଚଳର ମୁଖ୍ୟ ରାସ୍ତା ଗୋବିନ୍ଦପୁର-ମାନପୁର ରାସ୍ତାର ନରଣପୁର ମଠ ନିକଟରେ ୧୦ ଫୁଟର ବନ୍ୟା ଜଳ ପ୍ରବାହିତ ହେଉଥିବାରୁ ୧୦ଟି ପଞ୍ଚାୟତର ଲୋକେ ବ୍ଲକ ଓ ଜିଲ୍ଲା ସଦର ମହକୁମାଠାରୁ ୫ ଦିନ ହେଲା ବିଚ୍ଛିନ୍ନ ହୋଇଯାଇଛି। ଏହି ସ୍ଥାନରେ ବ୍ୟକ୍ତିଗତ ଭୁଟଭୁଟିରେ ଅଧିକ ଖର୍ଚ୍ଚାନ୍ତ ହୋଇ ଲୋକେ ପାର ହେଉଛନ୍ତି। ବ୍ଲକ ପକ୍ଷରୁ କୌଣସି ଡଙ୍ଗାର ବ୍ୟବସ୍ଥା କରାଯାଇ ନ ଥିବାରୁ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ଅଞ୍ଚଳରେ ଏକମାସ ଧରି ଧାନ ଜମି ବୁଡ଼ି ଫସଲ ନଷ୍ଟ ହୋଇଯାଇଥିଲା। ଦ୍ୱିତୀୟ ବନ୍ୟା କମିବା ପରେ ଚାଷୀ ପୁଣି ଧାନ ତଳି ରୋଇଥିଲେ। ୫ ଦିନ ହେଲା ବୁଡ଼ି ପୁନର୍ବାର ନଷ୍ଟ ହେବା ଆଶଙ୍କା ସୃଷ୍ଟି ହୋଇଛି। ଗାଈ, ଗୋରୁ ଛେଳି ମେଣ୍ଢା ପାଇଁ ଖାଦ୍ୟ ସଙ୍କଟ ଦେଖା ଦେଇଛି। ଗତ ବନ୍ୟାରେ ଥରେ ସ୍ୱଳ୍ପ ଗୋଖାଦ୍ୟ ଦିଆଯାଇଥିଲା। ଯାହାକି ସମୁଦ୍ରକୁ ଶଙ୍ଖେ। ଏ ଅଞ୍ଚଳର ଜନସଂଖ୍ୟାର ପ୍ରାୟ ୪୫ ଭାଗ ଲୋକ ଖଟିଖିଆ ଓ ଦିନମଜୁରିଆ। ବନ୍ୟା ଯୋଗୁଁ କୌଣସି କାମ ନ ଥିବାବେଳେ ଦିନରେ ଓଳିଏ ଖାଇବା କଷ୍ଟକର। ସବୁଠୁ ଅଧିକ ଦୁର୍ଦ୍ଦଶାରେ ଅଛନ୍ତି ପେତପଡ଼ା ଗ୍ରାମବାସୀ। ଗ୍ରାମଟି ସମ୍ପୂର୍ଣ୍ଣ ଜଳବନ୍ଦୀ ହୋଇଯାଇଛି। ଅତି କଷ୍ଟରେ ଦିନ କାଟୁଛନ୍ତି। ୬, ୭ ନମ୍ବର ୱାର୍ଡରେ ନଳକୂଅ ନ ଥିବାରୁ ପାନୀୟ ଜଳ ପାଇଁ ହୀନସ୍ତା ଭୋଗୁଥିବା ଦେଖିବାକୁ ମିଳୁଛି। ଧୋଆଞ୍ଚଳର ଅଧିକାଂଶ ପଞ୍ଚାୟତରେ ଏବେ ପାନୀୟ ଜଳ ବଡ ସମସ୍ୟା ଦେଖାଦେଇଛି। ଏରଡଙ୍ଗ ପଞ୍ଚାୟତର କେତେକ ପରିବାର ଜଳବନ୍ଦୀ ଯୋଗୁଁ ଘରୁ ବାହାରି ପାରୁନାହାନ୍ତି। ଏଭଳି ସ୍ଥଳେ ସରକାରଙ୍କ ପକ୍ଷରୁ ଡଙ୍ଗା ଯୋଗାଇବାକୁ ସଂଗଠକ ସୁବାସ ଚନ୍ଦ୍ର ଦାସ ଦାବି କରିଥିବାବେଳେ ତୁରନ୍ତ ଏହି ଅଞ୍ଚଳରେ ୩ରୁ ୪ଟି କେନ୍ଦ୍ର କରି ରନ୍ଧାଖାଦ୍ୟ ଯୋଗାଇ ଦେବା ସହିତ ୧୫ ଦିନ ପାଇଁ ରିଲିଫ୍, ଗୋଖାଦ୍ୟ ଯୋଗାଇ ଦେବାକୁ ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ ଓ ବରିଷ୍ଠ ବିଜେଡ଼ି ନେତା ଧନରଞ୍ଜନ ବୋଷ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି।

## ଗୋରୁ, ଷଣ୍ଢ ଚାଲାଣକୁ ନେଇ ଗଣ୍ଡଗୋଳ, ୪ କୋର୍ଟ ଚାଲାଣ

**ପଟ୍ଟାମୁଣ୍ଡାଇ, ୨୮ ।୮ (ସମିସ):** ବୁଲା ଗୋରୁ ଓ ଷଣ୍ଢ ଚାଲାଣକୁ ନେଇ ପଟ୍ଟାମୁଣ୍ଡାଇ ଅଞ୍ଚଳର ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ସୃଷ୍ଟି ହୋଇଥିଲା। ଏହି ଘଟଣାରେ କେତେକ ଆହତ ହେବା ସହିତ ଜଣେ ଗୁରୁତର ହୋଇଛନ୍ତି। ପଟ୍ଟାମୁଣ୍ଡାଇ ପୁଲିସ ୨୬୨/୨୫ରେ ଏକ ମାମଲା ରୁଜୁ କରି ଉଭୟ ପକ୍ଷର ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ବ୍ୟକ୍ତିମାନେ ହେଲେ ପଟ୍ଟାମୁଣ୍ଡାଇ ମୁସଲମାନ ବସ୍ତିର ଆକବର ଖାନ, ଶେଖ ଗରିଉଲ୍ଲା, ନୂଆଗାଁର ସଂଗ୍ରାମ ସେଠୀ, ବାଘୁଆ କେଶପୁରର ସୌମ୍ୟରଞ୍ଜନ କମିଲା ବୋଲି ଜଣାପଡ଼ିଛି। ଏ ଘଟଣାକୁ ନେଇ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଉତ୍ତେଜନା ଲାଗି ରହିଥିବାରୁ ପୁଲିସ ମୁତୟନ ସହ ପାଟ୍ରୋଲିଂ କରାଯାଉଛି।

ଗତକାଲି ଜଣେ ଯୁବକ କାକୁଡିପଲ୍ଲୀ ନିକଟରେ କେତେକ ବୁଲା ଗୋରୁ ଓ ଷଣ୍ଢଙ୍କୁ ନେଇ ଯାଉଥିବାବେଳେ ତାକୁ ବଜରଙ୍ଗ ଦଳର ସଦସ୍ୟ କୁହାଯାଉଥିବା ଜଣେ ଯୁବକ ଅଟକାଇ ପଚାରିବାରୁ ସେ କୌଣସି ଉତ୍ତର ଦେଇ ନ ଥିଲେ। ଫଳରେ କେତେକ ଯୁବକ ଏକାଠି ହୋଇ ସମ୍ପୃକ୍ତ ଯୁବକକୁ ଆକ୍ରମଣ କରିବାରୁ ତାଙ୍କ ମୁଣ୍ଡ ଫାଟି ଯାଇଥିଲା। ପରେ ଗୋରୁ ଓ ଷଣ୍ଢ ନେଇ ଯାଉଥିବା ଯୁବକଙ୍କ ସମର୍ଥକ ଆସି ପ୍ରତି ଆକ୍ରମଣ କରିବାରୁ ନୂଆଗାଁ ଗ୍ରାମର ସଞ୍ଜୀବ ରାଉତ ଓରଫ ବବଲୁ ଗୁରୁତର ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ଏହି ଘଟଣା ପାଇଁ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଉତ୍ତେଜନା ଲାଗି ରହିଛି।

## ଥାନା ଆଗରେ ସାମ୍ବାଦିକଙ୍କ ଧାରଣା

**ରାଜନଗର, ୨୮ ।୮ (ସମିସ):** ରାଜନଗର ବ୍ଲକରେ କାର୍ଯ୍ୟରତ ସାମ୍ବାଦିକ ନ୍ୟାୟ ପାଇଁ ରାଜନଗର ଥାନା ସମ୍ମୁଖରେ ଧାରଣାରେ ବସିଛନ୍ତି। ଗତ ବୁଧବାର ରାତି ୧୦ଟାରେ ରାଜନଗର ବ୍ଲକର ଟିଭି ସାମ୍ବାଦିକ ଦୋଳଗୋବିନ୍ଦ ଜେନା ନିଜ ଗାଁ ମହିଷାସୁରକୁ ଯାଉଥିବା ସମୟରେ ସେହି ଗ୍ରାମର ଭ୍ରମର ଜେନାଙ୍କ ପୁଅ କାର୍ତ୍ତିକ ଜେନା (ଲିପୁନ) ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏ ନେଇ ଦୋଳଗୋବିନ୍ଦ ରାଜନଗର ଥାନା ଆ ଇ ଆ ଇ ସି ଙ୍କୁ



ଫୋନ ଯୋଗେ ଜଣାଇଥିଲେ। ଆଇଆଇସି ଛୁଟିରେ ଥିବାରୁ ସେ ସେକେଣ୍ଡ ଅଫିସର ସୌମ୍ୟରଞ୍ଜନ ଜାଲିଙ୍କୁ କ'ଣ ହେଇଛି ବୁଝିବାକୁ କହିଥିଲେ। ପୁଲିସ ରାତିରେ କିଛି ନ ବୁଝିବାରୁ ଆଜି ସକାଳେ ଦୋଳଗୋବିନ୍ଦ ରାଜନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। କାଲି ରାତିଠାରୁ ଆଜି ରାତି ୯ଟା ପର୍ଯ୍ୟନ୍ତ ପୁଲିସ କିଛି ନ ବୁଝିବାରୁ ଏହାର ପ୍ରତିବାଦରେ ସାମ୍ବାଦିକ ଥାନା ଆଗରେ ଧାରଣାରେ ବସି ରହିଛନ୍ତି।

## ଗାଡ଼ି ଚାଳକ ନସିରୁଦ୍ଦିନଙ୍କ ପରଲୋକ



**ପଞ୍ଚୁପାଣ୍ଡବ, ୨୮ ।୮ (ସମିସ):** କେନ୍ଦ୍ରାପଡ଼ା ଜିଲ୍ଲାରେ ସରକାରୀ ଗାଡ଼ି ଚାଳକ ଭାବେ ବିଭିନ୍ନ ବ୍ଲକ ଓ ତହସିଲରେ କାର୍ଯ୍ୟ କରି ଅବସର ନେଇଥିବା ନସିରୁଦ୍ଦିନ ଖାନ (୭୯)ଙ୍କ ପରଲୋକ ହୋଇଯାଇଛି। ତାଙ୍କ ଘର ପଡ଼ୋଶୀ ବଡଚଣା ବ୍ଲକ ଭରତପୁର ପଞ୍ଚାୟତ ଅନ୍ତର୍ଗତ ପଣସୁଧା ଗ୍ରାମରେ। ପ୍ରଥମେ ଡେରାବିଶ ବ୍ଲକ କାର୍ଯ୍ୟାଳୟରେ ଗାଡ଼ି ଚାଳକ ଭାବେ ଯୋଗ ଦେଇଥିଲେ। ପରେ ରାଜନଗର ତହସିଲ, ମାର୍ଶାଘାଇ ତହସିଲ, ଆଳି ବ୍ଲକ ଓ ଶେଷରେ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ଅଫିସ୍ ରେ ଗାଡ଼ି ଚାଳକ ଥିଲେ। ୧୯୯୬ରେ ଅବସର ନେଇଥିଲେ। ସେ ସମାଜସେବୀ ଭାବେ ଜଣାଶୁଣା। ସେ ଜୀବନ କାଳରେ ହଜ୍ ଯାତ୍ରା କରିଥିବା ଜଣାପଡ଼ିଛି।

### ଶ୍ରୀବଳଦେବଜୀଉ କଲ୍ୟାଣ ମଣ୍ଡପରେ ଦ୍ୱିତୀୟ ଶ୍ରାଦ୍ଧୋତ୍ସବ

## 'ଭଜକୃଷ୍ଣ ରାଉତ ବ୍ୟକ୍ତି ନୁହେଁ, ଏକ ଅନୁଷ୍ଠାନ ଥିଲେ'



**କେନ୍ଦ୍ରାପଡ଼ା, ୨୮ ।୮ (ସମିସ):** ବିଶିଷ୍ଟ ସମାଜସେବୀ ତଥା ଶିକ୍ଷା, ସଂସ୍କୃତି ଓ କ୍ରୀଡ଼ା ସଂଗଠକ ଭଜକୃଷ୍ଣ ରାଉତ କେବଳ ଜଣେ ବ୍ୟକ୍ତି ନ ଥିଲେ, ବରଂ ନିଜେ ଏକ ଅନୁଷ୍ଠାନ ଥିଲେ ବୋଲି ସାନ୍ତସାହିସ୍ଥ ଶ୍ରୀବଳଦେବଜୀଉ କଲ୍ୟାଣ ମଣ୍ଡପରେ ଗୁରୁବାର ଅନୁଷ୍ଠିତ ଦ୍ୱିତୀୟ ବାର୍ଷିକ ଶ୍ରାଦ୍ଧୋତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଭଜକୃଷ୍ଣ ରାଉତ ମେମୋରିଆଲ ଟ୍ରଷ୍ଟ ଆନୁକୂଲ୍ୟରେ ଅନୁଷ୍ଠିତ 'ସ୍ମୃତିରେ ଭଜକୃଷ୍ଣ' ଶୀର୍ଷକ କାର୍ଯ୍ୟକ୍ରମରେ ଅଧ୍ୟାପକ ଅଜୟ ସାମଲ ଅଧ୍ୟକ୍ଷତା କରିଥିବାବେଳେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ଜିଲ୍ଲା ପରିଷଦ ସଭାପତି ଲିଳିତା ଦାସ, ପୌରାଧ୍ୟକ୍ଷା ସରିତା ସାହୁ, ପ୍ରାକ୍ତନ ବିଧାୟକ ଚିନ୍ମୟ ବେହୁରା, ଡ. ସିପ୍ରା ମଲ୍ଲିକ, ବିଜେପି ନେତ୍ରୀ ଗୀତାଞ୍ଜଳି ସେଠୀ, ସାହିତ୍ୟିକ ବାସୁଦେବ ଦାସ, ଭୀମସେନ ଭୂୟାଁ, ଯୁବନେତା ରାଜେଶ ପଣ୍ଡା, ଧିରେନ ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ରାଉତଙ୍କ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିବପ୍ରସାଦ ଭଳ, ମାନସ ପରିଡ଼ା, ପ୍ରଦୀପ୍ତ ମହାନ୍ତି, ଦୁର୍ଗାଶିଷ ମହାନ୍ତି, ସୁରେନ୍ଦ୍ର ରାଉତ, ପ୍ରମୋଦ ରଥ, ଅଜୟ ରାଉତ, ଅକ୍ଷୟ ପାଣି, ଶୁଭ୍ରାଂଶୁ ଦାସ, ଗୟାଧର ଧଳ, ପ୍ରତାପ ମଲ୍ଲିକ, ରମଣୀରଞ୍ଜନ ରାଉତରାୟ, ନୃସିଂହ ପତ୍ରୀ, ଜ୍ଞାନଦେବ ବେଉରା, ଅଭିମନ୍ୟୁ ଗୋଛାୟତ, ଜ୍ୟୋତ୍ସ୍ନାମୟୀ ପରିଡ଼ା, ପ୍ରିୟଦର୍ଶିନୀ ତରାଇ, ରବି ସାମଲ, ଅମ୍ବିକା ପରିଡ଼ା, ମୁକ୍ତାର ଖାଁ, ସୟଦ ଅବଦୁଲ ସତ୍ତାର, ଆଦିକନ୍ଦ ରାଉଳ, ଆଲୋକ ସାହୁ ପ୍ରମୁଖଙ୍କ ସମେତ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସିଥିବା ଜନପ୍ରତିନିଧି ସ୍ୱର୍ଗତ ରାଉତଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ। ଦଳମତ ନିର୍ବିଶେଷରେ ତାଙ୍କର ବ୍ୟକ୍ତିତ୍ୱ ସମାଜ ପାଇଁ ଆଦର୍ଶ ହୋଇଥିବାରୁ ସହରର ଏକ ପ୍ରମୁଖ ସ୍ଥାନରେ ତାଙ୍କର ପ୍ରତିମୂର୍ତ୍ତି ସ୍ଥାପନ ଓ ପୂର୍ଣ୍ଣାଙ୍ଗ ଆତ୍ମଜୀବନୀ ପ୍ରକାଶ କରିବାକୁ ଟ୍ରଷ୍ଟ ପକ୍ଷରୁ ସମସ୍ତଙ୍କ ସହଯୋଗ କାମନା କରାଯାଇଥିଲା। ପ୍ରାରମ୍ଭରେ ପଣ୍ଡିତ ପ୍ରତାପ ପତି ବେଦପାଠ କରିଥିବାବେଳେ ଟ୍ରଷ୍ଟ ସଦସ୍ୟ ମାନସ ରଞ୍ଜନ ରାଉତ ଧନ୍ୟବାଦ ପ୍ରଦାନ କରିଥିଲେ। ଟ୍ରଷ୍ଟର ଆବାହକ ରଶ୍ମିରଞ୍ଜନ ରାଉତ, ସ୍ମୃତିରଞ୍ଜନ ରାଉତ, ଦୀପକ ବାରିକ, ଉପେନ୍ଦ୍ର ନାୟକ, ଜ୍ଞାନରଞ୍ଜନ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଚଣ୍ଡିଖୋଲ-ପାରାଦୀପ ୫୩ନଂ ଜାତୀୟ ରାଜପଥ

## ରାସ୍ତାସାରା ଖାଲ; ସମସ୍ୟା ଭୋଗୁଛନ୍ତି ଯାତ୍ରୀ



**ପଞ୍ଚୁପାଣ୍ଡବ, ୨୮ ।୮ (ସମିସ):** ଚଣ୍ଡିଖୋଲ-ପାରାଦୀପ ୫୩ ନମ୍ବର ଜାତୀୟ ରାଜପଥରେ ୮ ଲେନ୍ ରାସ୍ତା କାମ ଚାଲିଥିବା ବେଳେ କେତେକ ଜାଗାରେ ମାଳ ମାଳ ଖାଲ ହୋଇଥିବା ଦେଖିବାକୁ ମିଳୁଛି। କେତେକ ଜାଗାରେ ରାସ୍ତା କାମ ଚାଲିଥିବାରୁ ସେପଟ ରାସ୍ତାକୁ ବନ୍ଦ କରାଯାଇ ଅନ୍ୟପଟ ରାସ୍ତାଟି ଖୋଲାଯାଇଛି। କିନ୍ତୁ ଯେଉଁ ରାସ୍ତାରେ ଗାଡ଼ି ମଟର ଯାତାୟାତ କରୁଛି ଅଧିକାଂଶ ଜାଗାରେ ଶହ ଶହ ଖାଲ ଥିବା ଦେଖିବାକୁ ମିଳୁଛି। ରାସ୍ତା କାମ ଚାଲିଥିବାରୁ ଦୁରିଆ ଛକଠାରୁ ପଞ୍ଚୁପାଣ୍ଡବ ଛକ ପର୍ଯ୍ୟନ୍ତ ପ୍ରାୟ ଶହେରୁ ଅଧିକ ହମ୍ପ ଥିବାରୁ ଯାତାୟାତରେ ଗାଡ଼ି ମଟର ଚଳାଚଳରେ ବାଧା ସୃଷ୍ଟି ହେଉଛି। ଏପରିକି ହଜାର ହଜାର ସଂଖ୍ୟାରେ ଖାଲଖମା ଥିବାରୁ ଲୋକମାନେ ଦୁର୍ଘଟଣାରେ ପ୍ରାଣ ହରାଇବାର ଅଭିଯୋଗ ହେଉଛି। ଠିକାଦାରମାନେ ମନମୁଖି କାର୍ଯ୍ୟ କରୁଥିବା ବେଳେ ଖାଲ ଖମା ଥିବା ରାସ୍ତାକୁ ଗୁରୁତ୍ୱ ଦେଉନାହାନ୍ତି। କେତେକ ରାସ୍ତାରେ ଡଷ୍ଟ ଧୋଇହୋଇ ରାସ୍ତା ସାରା କାଦୁଅ ହୋଇଥିବା ଦେଖିବାକୁ ମିଳୁଛି। ଅସରାଏ ବର୍ଷା ହେଲେ ଯାତାୟାତ କରୁଥିବା ଲୋକମାନେ ବିଭିନ୍ନ ପ୍ରକାର ସମସ୍ୟା ଭୋଗୁଥିବା ଅଭିଯୋଗ ହେଉଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଖାଲଖମାକୁ ମରାମତି କରିବା ପାଇଁ ସ୍ଥାନୀୟ ଲୋକେ ଏବଂ ଗାଡ଼ି ଚାଳକମାନେ ଦାବି କରିଛନ୍ତି।



ଥାନପତି ପୂଜା କମିଟି, ଇଚ୍ଛାପୁର

## ଡେରାଡିହରେ ଗଜାନନଙ୍କ ପୂଜା



**ଡେରାବିଶ, ୨୮ ।୮ (ସମିସ):** ଡେରାବିଶ ବ୍ଲକ ଏଣ୍ଡର ପଞ୍ଚାୟତ ଅନ୍ତର୍ଗତ ଡେରାଡିହ ଗ୍ରାମରେ ଗଜାନନଙ୍କ ପୂଜା ହେଉଛି। ଗତକାଲି ଗଣେଶ ଚତୁର୍ଥୀ ଉପଲକ୍ଷେ ଗ୍ରାମର ସିଦ୍ଧ ମହାପୁରୁଷ ଯୁବକ ସଂଘ ଦ୍ୱାରା ବିଘ୍ନ ବିନାଶକଙ୍କୁ ପୂର୍ବାହ୍ନରୁ ଶୋଡ଼ଷ ଉପଚାରରେ ପୂଜା କରାଯାଉଛି। ଏହି ପୂଜା ପାଞ୍ଚଦିନ ଧରି ଚାଲିବାକୁ ଥିବାବେଳେ ପୂଜା ମଣ୍ଡପକୁ ତୋରଣ ଓ ଆଲୋମାଳାରେ ସୁସଜ୍ଜିତ କରାଯାଇଛି। ପ୍ରତ୍ୟେହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭଜନ ସନ୍ଧ୍ୟା ଅନୁଷ୍ଠିତ ହେଉଛି। ସନ୍ଧ୍ୟାରେ ଗଜାନନଙ୍କ ଦର୍ଶନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହେଉଛି।

ସକାଳ THE SAKALA



## ବର୍ଷାରେ ବୁଡ଼ିଲା କୁଇଗୁରୁ ପୋଲ

# ମୋଟୁ ଦେଇ ଆନ୍ଧ୍ର ଓ ତେଲେଙ୍ଗନା ଯାତାୟାତ ଠପ୍

ମାଲକାନଗିରି, ୨୮ ।୮ (ସମିସ): ମାଲକାନଗିରି ଜିଲ୍ଲା ସମେତ ଆଖପାଖ ଜିଲ୍ଲା ଓ ରାଜ୍ୟରେ ଲଗାଣ ବର୍ଷା ଜାରି ରହିଥିବା ହେତୁ ବିଭିନ୍ନ ସ୍ଥାନରେ ସ୍ଥିତି ବେହାଲ ହେବାରେ ଲାଗିଛି । ମାଲକାନଗିରି ଜିଲ୍ଲାର ବିଭିନ୍ନ ଗ୍ରାମରେ ପାଣି ପଶି ସ୍ଥିତି ଅଣାୟତ କରିଥିବା ବେଳେ ବର୍ତ୍ତମାନ ସାବେରୀ ଓ ସିଲେରୁ ନଦୀର ଜଳସ୍ତର ବୃଦ୍ଧି ପାଇ କୋଇଗୁରୁ ପୋଲ ଉପରେ ପାଣି ଆସିବାରୁ ମୋଟୁ ଦେଇ ୩୨୬ ନଂ ଜାତୀୟ ରାଜପଥରେ ଯାତାୟାତ ଠପ୍ ହୋଇଯାଇଛି । ମାଲକାନଗିରିର ମୋଟୁ ଦେଇ ଆନ୍ଧ୍ର-ତେଲେଙ୍ଗାନା ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି । ଏହା ସହ ମାଲକାନଗିରିରୁ ଛତିଶଗଡର ସୁକୁମାକୁ ସଂଯୋଗ କରୁଥିବା ରାସ୍ତାରେ ଝାପରା ପୋଲକୁ ମଧ ପାଣି ଛୁଇଁଥିବା ସହ ପ୍ରାୟ ୨ଫୁଟ ଉଚ୍ଚର ପଣି ପ୍ରବାହିତ ହେବାରୁ ସୁକୁମା ଦେଇ ଛତିଶଗଡ଼ ସହ ଯୋଗାଯୋଗ



ବିଚ୍ଛିନ୍ନ ହୋଇଛି । ପୋଲାଭରମ ଯୋଗୁଁ ବିଭିନ୍ନ ନଦୀର ଜଳସ୍ତର ବୃଦ୍ଧି ହେତୁ ଜଳ ନିଷ୍କାସନରେ ସମସ୍ୟା ସୃଷ୍ଟି ହୋଇଛି । ମୋଟୁ ଓ ଆଖପାଖ ଗ୍ରାମ ଜଳମଗ୍ନ ହେବାର ଭୟ ସ୍ଥାନୀୟ ଲୋକଙ୍କୁ ଘାରିଛି । ତେବେ ଆଗକୁ ଯଦି ଅଧିକ ବର୍ଷା ହୁଏ, ଏହି ନଦୀର ଜଳସ୍ତର ଆହୁରି ଅଧିକ ବଢ଼ିବାର ଆଶଙ୍କା ରହିଛି । କେବଳ ମାଲକାନଗିରି ଜିଲ୍ଲା ନୁହେଁ, ଆଖପାଖ ଜିଲ୍ଲାରେ ବର୍ଷା ହେଲେ ଏହି ନଦୀ ଗୁଡ଼ିକର ଜଳସ୍ତର ବୃଦ୍ଧି ପାଉଛି । ପୂର୍ବରୁ ପୋଲାଭରମ ବନ୍ଧ ନିର୍ମାଣ ହୋଇ ନଥିବା ବେଳେ ନଦୀର ଜଳସ୍ତର ବୃଦ୍ଧି ହେଲେ ମଧ ଜଳ ନିଷ୍କାସନ ସଠିକ ଭାବେ ହେଉଥିବାରୁ ବିଶେଷ ସମସ୍ୟା ଉପୁଜି ନଥିଲା । କିନ୍ତୁ କିଛି ବର୍ଷ ଧରି ପୋଲାଭରମ କାର୍ଯ୍ୟ ଯୋଗୁଁ ସିଲେରୁ ଓ ସାବେରୀ ନଦୀରେ ଜଳ ନିଷ୍କାସନ ନ ହୋଇ ପଛୁଆ ଜଳ ଆସିବାରୁ ଅଞ୍ଚଳରେ ବର୍ଷା ଦିନ ହେଲେ ଚିନ୍ତା ବଢ଼ିବାରେ ଲାଗୁଛି ।

● ସରକାରୀ ବସ୍‌ରୁ ଗଞ୍ଜେଇ ଜବତ

## ଚାଲାଣକାରୀ ଚମ୍ପଟ



ଜୟପୁର, ୨୮ । ୮(ସମିସ) : ଜୟପୁର ସରକାରୀ ବସ୍‌ଷ୍ଟାଣ୍ଡ ଠାରେ ଟାଉନ୍ ଥାନା ପୁଲିସ ସରାକାରୀ ବସ୍‌ରୁ ପ୍ରାୟ ୫ କିଲୋ ଗଞ୍ଜେଇ ଜବତ କରିଛି । କିନ୍ତୁ ଏହାକୁ କିଏ ଚାଲାଣ କରୁଥିବା ଜଣାପଡିନଥିବା ବେଳେ ବସ କର୍ମଚାରୀଙ୍କୁ ପୁଲିସ ପଚରାଉଚରା କରିଛି । ରାଜ୍ୟ ପରିବହନ ନିଗମର ଏକ ବସ ଆନ୍ଧ୍ରପ୍ରଦେଶର ବିଜୟୱାଡାକୁ ଯାତ୍ରା କରୁଥିବା ବେଳେ ବସ୍ ଭିତରେ ଏକ ବ୍ୟାଗ ରହିଥିବା ନେଇ ଜଣେ ସ୍ଥାନୀୟ ମହିଳାଙ୍କ ଠାରୁ ସୂଚନା ପାଇବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ବ୍ୟାଗକୁ ଯାଞ୍ଚ କରିଥିଲା । କିଛି ପ୍ୟାଣ୍ଟ, ସାର୍ଟ ସହ ପ୍ୟାକେଟ ହୋଇଥିବା ପ୍ରାୟ ୫ କିଲୋଗ୍ରାମ ଗଞ୍ଜେଇ ଜବତ କରାଯାଇଛି । କିନ୍ତୁ ପୁଲିସ ପହଞ୍ଚିବା ପୂର୍ବରୁ ଉକ୍ତ ବ୍ୟାଗକୁ ମହିଳା ଜଣକ ଖୋଲିବା ସହ ଯାଞ୍ଚ କରିଥିଲେ ଏବଂ ଏହା ଭିତରେ ଗଞ୍ଜେଇ ରହିଥିବା ଜାଣିବା ପରେ ପୁଲିସକୁ ସୂଚନା ଦେଇଥିଲେ । ଟାଉନଥାନା ପୁଲିସ ଉକ୍ତ ବ୍ୟାଗ ସମେତ ଗଞ୍ଜେଇ ପ୍ୟାକେଟକୁ ଜବତ କରିଛନ୍ତି ବୋଲି ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ସୂଚନା ଦେଇଛନ୍ତି । ଏହିପରି ପୁଲିସ ସିସି ଟିଭି ଯାଞ୍ଚ କରୁଥିବା ବେଳେ ଅନ୍ୟାନ୍ୟ ବିଷୟ ଏବଂ ସୂଚନାକୁ ନେଇ ତଦନ୍ତ କରୁଥିବା ଜଣାପଡ଼ିଛି ।

## ଜିଲ୍ଲା ପରିଷଦ ସଭ୍ୟାଙ୍କ ବନ୍ୟା ପ୍ରପୀଡ଼ିତ ଅଞ୍ଚଳ ପରିଦର୍ଶନ





ମାଥିଲି, ୨୮ ।୮ (ସମିସ):

ମାଥିଲି ବ୍ଲକର ବିଭିନ୍ନ ବନ୍ୟା ପ୍ରପୀଡ଼ିତ ଅଞ୍ଚଳକୁ ଜିଲ୍ଲା ପରିଷଦ ସଭ୍ୟା ଲକ୍ଷ୍ମୀପ୍ରିୟା ନାୟକ ଗୁରୁବାର ଦିନ ପରିଦର୍ଶନ କରିଥିଲେ । ସେ କିଆଙ୍ଗ, ସାଲିମ୍, ଟେମୁରୁପାଲ୍ଲି, ମହୁପଦର ଓ କମାରପାଲି ପଞ୍ଚାୟତର ଅନେକ ବନ୍ୟା ପୀଡ଼ିତ ଗ୍ରାମକୁ ଯାଇ ପରିସ୍ଥିତି ଅନୁଧାନ କରିଥିଲେ । ଲଗାଣ ବର୍ଷାରେ ପାଣି ଘେରରେ ଥିବା ଦୁର୍ଗମ ଅଞ୍ଚଳର କିଛି ଘର ଭାଙ୍ଗିବା ସହ ଚାଷ ଜମିରେ ପାଣି ପ୍ରବାହିତ ହୋଇ ଧାନ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ଦେଖି ତୁରନ୍ତ ସ୍ଥାନୀୟ ପ୍ରଶାସନ ସହ ଆଲୋଚନା କରିଥିଲେ । ତୁରନ୍ତ କେମିତି ଲୋକମାନେ ସରକାରୀ ସୁବିଧା ପାଇପାରିବେ, ସେ ସମ୍ପର୍କରେ ଅବଗତ କରିଥିଲେ । ବର୍ଷାଜଳ ଘେରି ରହିଥିବା କିଛି ଅଞ୍ଚଳ ପରିଦର୍ଶନ କରିବା ସହ କ୍ଷତିଗ୍ରସ୍ତ ହୋଇଥିବା ଚାଷ ଜମି ଗୁଡିକ ବୁଲି ଦେଖିଥିଲେ । ଜିଲ୍ଲା ପରିଷଦଙ୍କ ସହ ସ୍ଥାନୀୟ ସରପଞ୍ଚ ଏବଂ ଅନ୍ୟାନ୍ୟ କର୍ମୀ ମାନେ ଉପସ୍ଥିତି ରହି ବ୍ଲକର ବିଭିନ୍ନ ବନ୍ୟା କ୍ଷୟକ୍ଷତି ହୋଇଥିବା ଅଞ୍ଚଳ ଗୁଡ଼ିକୁ ପରିଦର୍ଶନ କରିଥିଲେ । ସେଥିରେ ପୀଡ଼ିତ ଲୋକଙ୍କ ସହିତ ଆଲୋଚନା କରି, ସେମାନଙ୍କ ସମସ୍ୟା ସମାଧାନ ଓ ଆବଶ୍ୟକତା ବିଷୟରେ ଅଧିକାରୀଙ୍କୁ ଅବଗତ କରାଇବାକୁ ଆଶ୍ୱାସନା ଦେଇଥିଲେ ।

■ ଚିତ୍ରକୋଣ୍ଡା ବିଧାୟକଙ୍କ ମହୁପଦର, କମାରପାଲି ପଞ୍ଚାୟତ ଗସ୍ତ

## ବର୍ଷା କ୍ଷତିଗ୍ରସ୍ତ ପରିବାରକୁ ଭେଟିଲେ ବିଧାୟକ

ମାଲକାନଗିରି, ୨୮ ।୮ (ସମିସ): ଲଗାଣ ବର୍ଷାରେ ମାଥିଲି ବ୍ଲକ ମହୁପଦର ଏବଂ କମାରପାଲି ଅଞ୍ଚଳରେ ବନ୍ୟା ପରିସ୍ଥିତି ଉପୁଜିଛି । ଏହି ଖବର ପାଇଁ ଲୋକଙ୍କ ପାଖରେ ପହଞ୍ଚିଲେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ । ବିଧାୟକଙ୍କ ଏପରି କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି । ମାଥିଲି ବ୍ଲକର ଦୁର୍ଗମ ଅଞ୍ଚଳ କୁହାଯାଉଥିବା ମହୁପଦର ଏବଂ କମାରପାଲି ପଞ୍ଚାୟତର ବିଭିନ୍ନ ଗ୍ରାମରେ ଲଗାଣ ବର୍ଷା ହେତୁ କିଛି ଘର ଭାଙ୍ଗିବା ସହ ଚାଷ ଜମିରେ ପାଣି ପଶି ବହୁ କ୍ଷୟକ୍ଷତି ହୋଇଛି । ବିଧାୟକ ଲୋକଙ୍କ ଅସୁବିଧା ସୁବିଧା ପଚାରି ବୁଝିବା ସହ ତୁରନ୍ତ ସ୍ଥାନୀୟ ପ୍ରଶାସନକୁ ଅବଗତ କରାଇଥିଲେ । ସେ ବର୍ଷା ଜଳ ଘେରି ରହିଥିବା କିଛି ଅଞ୍ଚଳ



ପରିଦର୍ଶନ କରିବା ସହ କ୍ଷତିଗ୍ରସ୍ତ ଚାଷ ଜମିଗୁଡିକ ବୁଲି ଦେଖିଥିଲେ । ବିଧାୟକଙ୍କ ଏପରି କାର୍ଯ୍ୟକୁ ଗ୍ରାମବାସୀଙ୍କ ସମେତ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି ।

## ବାଲିମେଳାରେ ବ୍ରାହ୍ମଣ ସମାଜର ବୈଠକ



ବାଲିମେଳା/କୋରୁକୋଣ୍ଡା,୨୮ ।୮ (ସମିସ):

ମାଲକାନଗିରି ଜିଲ୍ଲା ବାଲିମେଳାରେ ସ୍ଥାନୀୟ କାଳୀ ମନ୍ଦିର ପ୍ରାଙ୍ଗଣରେ ଉତ୍କଳୀୟ ବୈଦିକ ବ୍ରାହ୍ମଣ ସମାଜର ପାରିବାରିକ ବୈଠକ ହୋଇଯାଇଛି । ଏହି ବୈଠରେ ବାଲିମେଳା ଓ ନିଳାକାମ୍ବେରୁର ୧୫୦ରୁ ଅଧିକ ପରିବାର ଏହି ବୈଠକରେ ଯୋଗ ଦେଇଥିଲେ । ବୈଠକ ଆରମ୍ଭରେ ଦୁର୍ଗାମାଧବଙ୍କ ତୈଳଚିତ୍ରରେ ଅତିଥି ମାନଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ କରାଯାଇ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ବୈଠକରେ ଅସ୍ଥାୟୀ ଭାବରେ ସଭାପତି ଶାରଦା ପ୍ରସାଦ ଦାସ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ପଦ୍ମନାଭ ପଣ୍ଡା, ବାଲିମେଳା ବରିଷ୍ଠ ପୁରୋହିତ ରଙ୍ଗନିଧି ରଥଶର୍ମା , ଗଜେନ୍ଦ୍ର ମହାନ୍ତି, ପୁରୋହିତ ବାସୁଦେବ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ । ବରିଷ୍ଠ ପୁରୋହିତ ରଥଶର୍ମା ନିଜ ବକ୍ତବ୍ୟରେ ଆସିଥିବା ସମସ୍ତ ବ୍ରାହ୍ମଣ ପରିବାରକୁ ଧନ୍ୟବାଦ ଦେବା ସହ ବେଦଧ୍ୱନୀ ମାଧମରେ ବ୍ରାହ୍ମଣର ପ୍ରକୃତ ପରିଚୟର ବ୍ୟାଖ୍ୟା କରିଥିଲେ । ଏଥିସହିତ ସମ୍ପାଦକ ନିଜ ବକ୍ତବ୍ୟରେ ପରିବାରକୁ ଏକ ଶୃଙ୍ଖଳିତ ପରିବାର ଭାବେ ଗଢ଼ିବା ନିମନ୍ତେ ଉପଦେଶ ଦେଇଥିଲେ । ଏହାପରେ ଆସିଥିବା ସମସ୍ତ ପରିବାର ଏହି ସମାଜ ଗଠନ ନିମନ୍ତେ ଖୁସି ବ୍ୟକ୍ତ କରିବା ସହିତ ଆଗାମୀ ଦିନରେ ସମସ୍ତ ପରିବାର ପାଇଁ ସୁଖଦୁଃଖର ସାଥି ହୋଇ ରହିବେ ବୋଲି ସଭାପତି ଶ୍ରୀ ଦାସ କହିଥିଲେ । ଉତ୍ତମ ସମାଜ ଗଠନ ଓ ନୀତି ନିୟମକୁ ସମସ୍ତ ବ୍ରାହ୍ମଣ ପରିବାର ପାଳନ କରିବା ପାଇଁ ଶପଥ ନେଇଥିଲେ । ବୈଠକରେ ବ୍ରାହ୍ମଣ କେବଳ ଖାଲି ଜାତି ଗୋଟିଏ ଜାତି ନୁହେଁ, ବ୍ରାହ୍ମଣ ହେଉଛି ସୃଖଳିତ ସମାଜର ସଂସ୍କାରକ ବୋଲି ଆଲୋଚନା କରାଯାଇଥିଲା । ସଭା ଶେଷ ହେବାପରେ ସମସ୍ତେ ଅନ୍ନଭୋଗ ସେବନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କୋଷାଧକ୍ଷ ଭାବଗ୍ରାହୀ ତ୍ରିପାଠୀ, ବାସୁଦେବ ପଣ୍ଡା, ବରିଷ୍ଠ ବ୍ରାହ୍ମଣ ଶ୍ୟାମସୁନ୍ଦର ପଣ୍ଡା, ଶିବପ୍ରସାଦ ଖାଡଙ୍ଗା, ବଦ୍ରୀ ପ୍ରସାଦ ମିଶ୍ର, ଅନ୍ତର୍ଯ୍ୟାମୀ ପଣ୍ଡା, ପ୍ରଶାନ୍ତ ପାଢ଼ୀ, ଆଲୋକ ମହାପାତ୍ର ,ଟୁକୁନା ପ୍ରସାଦ ବଡୁ, ପ୍ରମୋଦ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ । ସମସ୍ତ ବ୍ରାହ୍ମଣ ପରିବାର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ମଞ୍ଚ ପରିଚାଳନା କରିଥିଲେ ପୁରୋହିତ ଶୁଭାଶିଷ କର ।

## ବିଦ୍ୟୁତ୍ ବିଭାଗରେ ସ୍ଥାୟୀ କନିଷ୍ଠ ଯନ୍ତ୍ରୀ ନିଯୁକ୍ତି ଦାବି

କୁନ୍ଦୁରା, ୨୮ ।୮ (ସମିସ): କୁନ୍ଦୁରା ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟରେ ନାହାନ୍ତି ସ୍ଥାୟୀ କନିଷ୍ଠ ଯନ୍ତ୍ରୀ । ଏଥିଲାଗି ନାହିଁ ନଥିବା ଅସୁବିଧା ଭଗୁଛନ୍ତି ଅଞ୍ଚଳବାସୀ । ଏଣୁ ସ୍ଥାନୀୟ ମହିଳା ବିକାଶ ସଂଗଠନର ସମ୍ପାଦିକା ସାବିତ୍ରୀ ଦୁରୁଆଙ୍କ ନେତୃତ୍ୱରେ କର୍ମକର୍ତା ମାନେ ବିଦ୍ୟୁତ୍ କାର୍ଯ୍ୟାଳୟରେ ପହଞ୍ଚି ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଏଥିରେ ବାଗଦେରୀ, କୁନ୍ଦୁରା ଅଞ୍ଚଳର ଶତାଧିକ ମହିଳା ପୁରୁଷ ଅଂଶଗ୍ରହଣ କରିଥିଲେ । ଦାବି ଅନୁଯାୟୀ ସବ୍ ଷ୍ଟେସନରେ ସ୍ଥାୟୀ କନିଷ୍ଠ ଯନ୍ତ୍ରୀ ନ ଥିବାରୁ ନୂତନ ଭାବେ ବିଦ୍ୟୁତ ସଂଯୋଗ ଗୁଡିକ ଅହେତୁକ ବିଳମ୍ବ ହେଉଛି । ବିନା କାରଣରେ ବାରମ୍ବାର ଅଘୋଷିତ ବିଦ୍ୟୁତ କାଟ ହେଉଛି । ପାଟ୍ରୋଲିଂର ଅଭାବ ରହୁଛି । ରାତ୍ରି ସମୟରେ ଅଘୋଷିତ ବିଦ୍ୟୁତ୍ କାଟ ହେବା ଦ୍ୱାରା ଅସାମାଜିକଙ୍କ ଦୌରାମ୍ୟ ବଢୁଛି । ଏ ନେଇ ଏକ ସ୍ଥାୟୀ ଜେଇ ନିଯୁକ୍ତିର ବହୁ ଆବଶ୍ୟକତା ରହିଛି । ଏଣୁ କୁନ୍ଦୁରା ଭଳି ଏକ ଉପାନ୍ତ ଅଞ୍ଚଳରେ ବିଦ୍ୟୁତ ସମସ୍ୟାର ସମାଧାନ ପାଇଁ ବିଭାଗ ସ୍ୱତନ୍ତ୍ର ଦୃଷ୍ଟି ଦେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି । ଦାବିପତ୍ର ଦେବା ସମୟରେ ସଂଘ ଉପଦେଷ୍ଟା ଚନ୍ଦ୍ର ସଗରିଆ, ସମାଜସେବୀ ରାଧା ପ୍ରସାଦ ପାତ୍ର, ନାରାୟଣ ଭତରା ପ୍ରମୁଖ ଉପସ୍ଥିତ ଥିଲେ ।



## ହସ୍ତେରୁଆ ଗ୍ରୁପ୍‌ର ପୁରସ୍କାର ବିତରଣ କାର୍ଯ୍ୟକ୍ରମ



ବୈପାରୀଗୁଡ଼ା, ୨୮ ।୮ (ସମିସ): ବୈପାରୀଗୁଡା ସହିଦ ଲକ୍ଷ୍ମଣ ନାୟକ ପାଠାଗାର ଠାରେ ହସ୍ତେରୁଆ ଗ୍ରୁପ ପକ୍ଷରୁ ଜନ୍ମାଷ୍ଟମୀ ଉତ୍ସବରେ ବିଜେତାଙ୍କୁ ପୁରସ୍କାର ବିତରଣ କରାଯାଇଛି । ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ହସ୍ତେରୁଆ ଗ୍ରୁପ୍ ତରଫରୁ ଜନ୍ମାଷ୍ଟମୀ ଉତ୍ସବରେ ବିଭିନ୍ନ ବେଶ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଭିନ୍ନ ବେଶ ଯଥା ରାଧାକୃଷ୍ଣ, ରାଧାକୃଷ୍ଣ ଯୁଗଳ, ନନ୍ଦ ଯଶୋଦା, ନନ୍ଦ ପରିବାର ଭଳି ମୋଟ ପଚାଶରୁ ଅଧିକ ପ୍ରତିଯୋଗୀ ଭାଗନେଇଥିଲେ । ଏହି ପ୍ରତିଯୋଗିତାରେ ବୈପାରୀଗୁଡାର ମଧୁସୂଦନ ରାଉତଙ୍କ ପୁତ୍ର ଦିବ୍ୟାଂସୁ ରାଉତ କୃଷ୍ଣବେଶରେ ପ୍ରଥମସ୍ଥାନ ଅଧିକାର କରିଥିବା ବେଳେ ଦ୍ୱିତୀୟ ସ୍ଥାନରେ ଇସାଂଭି ତ୍ରିପାଠୀ ଓ ରଧାବେଶରେ କମଳା ମହାପାତ୍ରଙ୍କ ଝିଅ ସମ୍ୟାଶ୍ରୀ ମହାପାତ୍ର ୩ୟ ସ୍ଥାନ ଅଧିକାର କରିଥିଲେ । ବିଜେତା ମାନଙ୍କୁ ପୁରସ୍କାର, ପ୍ରମାଣ ପତ୍ର ସହ ଅନ୍ୟ ପ୍ରତିଯୋଗୀଙ୍କୁ ମଧ ପ୍ରଶଂସା ପତ୍ର ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ଗ୍ରୁପ୍ ପ୍ରତିଷ୍ଠାତା ରାମନାଥ ତ୍ରିପାଠୀଙ୍କ ସହ ଗ୍ରୁପର ସଦସ୍ୟ ମଧ୍ୟରୁ ପଙ୍କଜ ପାତ୍ର, ଦିଲ୍ଲୀପ ବଡ଼ତୀୟା ଓ ବିଜୟ ମିଶ୍ର, ବସନ୍ତ କୁମାର ଦାସ, ବଳରାମ ଯାନୀ, ସୁଶୀଲ କୁମାର ବେହେରା, ସଞ୍ଜୀବ ହୋତା ପ୍ରମୁଖ ଉପସ୍ଥିତ ଥିଲେ । ଗ୍ରୁପ୍ ପକ୍ଷରୁ ବିଭିନ୍ନ ସାମାଜିକ କାର୍ଯକ୍ରମ ଯଥା ବୃକ୍ଷ ରୋପଣ, ପୀଡ଼ିତାଙ୍କୁ ସହାୟତା କରିବା ସହିତ ପ୍ରତିଦିନ ଲୋକଙ୍କୁ ବିଭିନ୍ନ ମାଧ୍ୟମରେ ସହଯୋଗ କରିଥାନ୍ତି ।

## କୋଷାଗୁମୁଡ଼ାରେ ଗଣେଶ ପୂଜା



କୋଷାଗୁମୁଡ଼ା,୨୮ ।୮ (ସମିସ):

କୋଷାଗୁମୁଡ଼ା ସଦରରେ ବୁଧବାର ଦିନ ଗଣେଶ ଚତୁର୍ଥୀ ପୂଜା ବହୁ ଆଡମ୍ବରରେ ପାଳିତ ହେଉଛି । ଏଥିପାଇଁ ବିଭିନ୍ନ ଆଲୋକସଜା କରାଯାଇଛି । ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ସ୍ଥାନୀୟ ହାଇସ୍କୁଲ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଉତ୍କଳ କଳା ସଂଘ ଓ ବିନାୟକ ୟୁଥ କ୍ଲବ୍‌ରେ ଶ୍ରୀଗଣେଶ ପୂଜା ଅନୁଷ୍ଠିତ ହୋଇଛି । ବିନାୟକ ୟୁଥ କ୍ଲବ୍‌ର ୨୫ତମ ଶ୍ରୀ ଗଣେଶ ପୂଜା ଅନୁଷ୍ଠିତ ହେଉଥିବା ବେଳେ, ଉତ୍କଳ କଳା ସଂଘର ୧୮ ତମ ଶ୍ରୀ ଗଣେଶ ପୂଜା ଅନୁଷ୍ଠିତ ହେଉଛି । ବିନାୟକ ୟୁଥ କ୍ଲବର ସମ୍ପାଦକ ନରେନ୍ଦ୍ର କୁମାର ପାତ୍ର ଓ ସଭାପତି ଡମ୍ବରୁ ପୂଜାରୀ,ଉପ ସଭାପତିଦେବାନନ୍ଦ ପନକା, ଟୁନା ଆରଖୁ, ବିକାଶ ସ୍ୱାଇଁ, ରଶ୍ମି ରଞ୍ଜନ ପ୍ରଧାନ, ସତ୍ୟବ୍ରତ ସ୍ୱାଇଁ, ସନ୍ତୋଷ କୁମାର, ଏ-ଅନନ୍ତ କୁମାର, ବିଷ୍ଣୁ ଦଳେଇ, ଲଚ୍ଛମନ ପୂଜାରୀ, ଲକ୍ଷ୍ମଣ ପୂଜାରୀ, ଜଗବନ୍ଧୁ ମାଝୀ, ପ୍ରକାଶ ପରିଡା, ବିରଞ୍ଚି ସାହୁ ଓ ବଣ୍ଟି ଉପସ୍ଥିତ ରହି ପୁଜାବିଧି କାର୍ଯ୍ୟ ସମ୍ପାଦନ କରିଥିଲେ । ଉତ୍କଳ କଳା ସଂଘର ନକୁଳ ନାୟକ, ସତ୍ୟଜିତ ତ୍ରିପାଠୀ, ଭାସ୍କର ଭତ୍ରା, ବାବୁଲି ନାୟକ, ସନ୍ତୋଷ ଅଗ୍ରୱାଲ, ଖଗପତି ଗୌଡ଼, ପ୍ରମୋଦ ମେହେର, ଗୁଡୁ ଦଳେଇ, ଭଗବାନ ଗୌଡ଼, ପୂର୍ଣ୍ଣ ଦଳେଇ, ହେମନ୍ତ ରେଲି ପ୍ରମୁଖ ଉପସ୍ଥିତ ରହି ପୂଜାବିଧି କାର୍ଯ୍ୟ ସମ୍ପାଦନ କରିଛନ୍ତି ।

## ଜଙ୍ଗଲ ଜମି ପଟ୍ଟା ପାଇଁ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ

କୁନ୍ଦୁରା, ୨୮ ।୮ (ସମିସ): ଜଙ୍ଗଲ ଜମି ପଟ୍ଟା ପାଇଁ କୁନ୍ଦୁରା ତହସିଲଦାରଙ୍କୁ ଦାବି ଜଣାଇଛନ୍ତି ଅଞ୍ଚଳବାସୀ । ଜଙ୍ଗଲ ଜମି ଆଇନ ଅନୁସାରେ ୧୩ ଡିସେମ୍ବର ୨୦୨୫ ପୂର୍ବରୁ ଜମି ଗୁଡ଼ିକୁ ତିନି ପିଢ଼ିରୁ ଅଧିକ ବର୍ଷ ଧରି ଚାଷ କରି ଆସୁଛନ୍ତି । ଭୋଗ ଦଖଲ କରି ଆସୁଥିବା ସେହି ଜଙ୍ଗଲ ଜମିରେ ଚାଷ କରି ପରିବାର ପ୍ରତିପୋଷଣ କରୁଛନ୍ତି । ନିୟମ ଅନୁସାରେ ସମସ୍ତେ ପଟ୍ଟା ପାଇବାକୁ ଆବେଦନ କରିଥିଲେ । ଇତିମଧ୍ୟରେ ବହୁ ବର୍ଷ ବିତିଗଲାଣି । ସେଥିରୁ ବହୁ ହିତାଧିକାରୀଙ୍କୁ ପଟ୍ଟା ପ୍ରଦାନ କରାଯାଇଛି । ଅନେକ ହିତାଧିକାରୀ ଏଥିରୁ ବଞ୍ଚିତ ରହିଛନ୍ତି । ସେଥି ମଧ୍ୟରୁ କଟନିକୁଣ୍ଡ, ବାଗଦେରୀ, ଜାମକନାଡ଼ି, ମୁଣ୍ଡାପୁଟ, କୃପାକୋଟ .ଇନ୍ଦରଗୁଡ଼ା,



ରେଙ୍ଗାକନାଡ଼ି, ଝୋଲାଗୁଡ଼ା ଓ ପୁରୁଷୁତିଗୁଡ଼ା ଆଦି ଆଠ ଖଣ୍ଡ ଗ୍ରାମବାସୀ ଆଜି ପର୍ଯ୍ୟନ୍ତ ପଟ୍ଟା ପାଇନାହାନ୍ତି । ତେଣୁ ପଟ୍ଟା ପ୍ରଦାନ ପାଇଁ ଦାବି କରିଛନ୍ତି । ଏ ନେଇ ଅତିରିକ୍ତ ତହସିଲଦାର ଅଶୋକ କୁମାର ପାଲଙ୍କୁ ପଚାରିବାରୁ ଦାବିପତ୍ର ଗ୍ରହଣ କରାଯାଇଛି । ସେଥିପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି । ଅଞ୍ଚଳବାସୀଙ୍କ ସହ ପ୍ରଗତି ସ୍ୱେଚ୍ଛାସେବୀ ଅନୁଷ୍ଠାନର ସ୍ୱେଚ୍ଛାସେବୀ ଚନ୍ଦ୍ର ସଗରିଆ, ନାରାୟଣ ଭତରା ଏବଂ ସାବିତ୍ରୀ ଦୁରୁଆ ପ୍ରମୁଖ ଉପସ୍ଥିତ ଥିଲେ ।

## ମାଲକାନଗିରି ଜିଲ୍ଲାରେ ୟୁରିଆ ସାରର ସଙ୍କଟ

# ଆବଶ୍ୟକ ୧୫ ହଜାର ମେଟ୍ରିକ୍ ଟନ୍, ମିଳିଛି ୮ ୯୩୦ ଟନ୍

ମାଲକାନଗିରି, ୨୮ ।୮ (ସମିସ): ମାଲକାନଗିରି ଜିଲ୍ଲାରେ ୟୁରିଆ ସାରର ଘୋର ସଙ୍କଟ ଦେଖାଦେଇଛି । ଜିଲ୍ଲାରେ ୧୫ ହଜାର ମାଟ୍ରିକ ଟନ୍ ସାର ଆବଶ୍ୟକ ଥିବା ସ୍ଥଳେ ମିଳିଛି ମାତ୍ର ୮ ୯୩୦ ମେଟ୍ରିକ୍ ଟନ୍ ସାର । ସେଥିପାଇଁ ଜିଲ୍ଲାରେ ୟୁରିଆ ସାରର ସଙ୍କଟ ଦେଖାଦେଇଛି । ନିଜ ଜମିରେ ମୁଠାଏ ସାର ପକାଇବା ପାଇଁ ବାରମ୍ବାର ଲ୍ୟାମ୍ପସ ଓ ଡିଲର ନିକଟକୁ ଦୌଡ଼ି ଦୌଡ଼ି ହତାଶ ହୋଇ ଚାଷୀ ଚିନ୍ତିତ ହୋଇପଡ଼ିଛି । ବିଗତ ଦିନରେ ସାର ସମସ୍ୟା ପାଇଁ ମାଲକାନଗିରି ଜିଲ୍ଲାର ଶିଖପାଲୀ ଛକ ଓ ମାଥିଲି ଲ୍ୟାମ୍ପସ ସମ୍ମୁଖରେ ହଜାର ହଜାର ଚାଷୀ ଏକତ୍ରିତ ହୋଇ ଲ୍ୟାମ୍ପସରେ ତାଲା ପକାଇ ରାଜ ରାସ୍ତା ଅବରୋଧ କରିଥିଲେ । ଜମିରେ ଧାନ ଚାଷରେ ଏହି ସମୟରେ ୟୁରିଆ ସାରର ଆବଶ୍ୟକତା ପଡୁଥିବା ବେଳେ ଚାଷୀ ମାନେ ଉପଯୁକ୍ତ ପରିମାଣରେ ସାର ପାଇପାରୁ ନାହାନ୍ତି, । ସାରର କଳାବଜାର ହେଉଥିବାର ଚାଷୀ ମାନେ ଅଭିଯୋଗ କରିଛନ୍ତି । ଜିଲ୍ଲାରେ ୟୁରିଆ ସାରର ସଙ୍କଟ ସମ୍ପର୍କରେ ଆମେ ଜିଲ୍ଲା କୃଷି ଅଧିକାରୀ ଦିଲ୍ଲୀରଞ୍ଜନ ମହାଳିକଙ୍କୁ ପଚାରିବାରୁ ସେ କହିଛନ୍ତି, ଚଳିତ ଖରିଫ ଚାଷ ପାଇଁ ଜିଲ୍ଲାରେ ୭୫୬୬୦ ହେକ୍ଟର ଜମିରେ ଧାନ ଚାଷ ହୋଇଛି । ପୂର୍ବ ବର୍ଷ ତୁଳନାରେ ଚଳିତ ବର୍ଷ ୩ ହଜାର ହେକ୍ଟରରୁ ଅଧିକ ଜମିରେ ଅଧିକ ଧାନ ଚାଷ କରାଯାଇଛି । ଜିଲ୍ଲାକୁ ୧୦ ହଜାର ମେଟ୍ରିକ୍ ଟନ୍ ୟୁରିଆ ସାର ଯୋଗାଯିବା ପାଇଁ ବ୍ୟବସ୍ଥା ହୋଇଥିବା ବେଳେ ଅଦ୍ୟାବଧି ଜିଲ୍ଲାକୁ ୮ ୯୩୦ ମେଟ୍ରିକ୍ ଟନ ସାର ମିଳିଛି । ସେଥିମଧ୍ୟରୁ ମାଲକାନଗିରି, କାଲିମେଳା, ପଡିଆ, ଶିଖପାଲି, କୋରକୁଣ୍ଡା, କୁଡୁମୁଳୁଗୁମ୍ମା, ଗୋବିନ୍ଦପାଲି ୮ଟି ଲ୍ୟାମ୍ପସ ଜରିଆରେ ଇତି ମଧ୍ୟରେ ୩୭୬୫୯ ମେଟ୍ରିକ୍ ଟନ ୟୁରିଆ ସାର ଚାଷୀ ମାନଙ୍କୁ ବଣ୍ଟା ସରିଛି । ମାଲକାନଗିରି ଜିଲ୍ଲା ପାଇଁ ଆଉ ଅଧିକ ୫ ମେଟ୍ରିକ୍ ଟନ ସାର ଯୋଗାଇବା ପାଇଁ ରାଜ୍ୟ କୃଷି ବିଭାଗକୁ ଚିଠି ପଠାଯାଇଛି । ଖୁବ୍‌ଶୀଘ୍ର ଜିଲ୍ଲାରେ ୟୁରିଆ ସାର ସଙ୍କଟ ଦୂର ହେବ । ଚାଷୀ ମାନେ ଆବଶ୍ୟକୀୟ ପରିମାଣର ସାର ପାଇ ପାରିବେ ବୋଲି ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ ମହାଳିକ କହିଛନ୍ତି ।

# ‘ଚିତ୍ରଡ଼ାକୁ ଆଦର୍ଶ ଏନ୍ଏସିରେ ପରିଣତ କରାଯିବ’



**ମୋରଡା, ୨୮।୮ (ସମିସ):** ଗୃହ ଓ ନଗର ଉନ୍ନୟନ ବିଭାଗ ତରଫରୁ ୧୨ଟି ନୂତନ ଏନଏସି ଘୋଷଣା ହୋଇଥିବାବେଳେ ଚିତ୍ରଡା ସେଥିରେ ସ୍ଥାନ ପାଇଛି। ଏହାକୁ ଚିତ୍ରଡା ଏବଂ ହଳଦୀପାଳ ପଞ୍ଚାୟତବାସୀ ସ୍ୱାଗତ କରିଛନ୍ତି। ଗୁରୁବାର ଅଞ୍ଚଳବାସୀ ଏକତ୍ରିତ ହୋଇ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ଛଉ ପଡ଼ିଆରେ ସମ୍ବର୍ଦ୍ଧନା ଜଣାଇଥିଲେ। ପ୍ରଥମେ ମନ୍ତ୍ରୀ ମହାପାତ୍ରଙ୍କୁ ରାଜାବନ୍ଧ ନିକଟ ଏବଂ ପରେ ଶୀର୍ଷାପାଳ, ଫରେଷ୍ଟ ଅଫିସ ଛକ, କଲେଜ ଛକ, ସପ୍ଲାଇ ଛକ, ଟ୍ରାନ୍ସଫର୍ମର ଛକରେ ଅଞ୍ଚଳବାସୀ ସମ୍ବର୍ଦ୍ଧିତ କରିଥିଲେ। ପରେ ମନୋଜ ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୂର୍ବତନ ବିଧାୟକ କାହ୍ନା ସୋରେନ, ଜିଲା ଭାଜପା ଉପ ସଭାପତି ପରେଶଚନ୍ଦ୍ର ମହାନ୍ତ, ସାଂସଦଙ୍କ ମୋରଡା ପ୍ରତିନିଧି ନିରଞ୍ଜନ ମହାନ୍ତ, ବ୍ଲକ ଉପାଧକ୍ଷା ଜେମାମଣୀ ମହାନ୍ତ, ସମିତି ସଭ୍ୟ ତନୟ ଦାସ, ଚିତ୍ରଡା ଏବଂ ହଳଦୀପାଳ ସରପଞ୍ଚ ବାଳକ ମାର୍ଣ୍ଡି, ମାଳତୀ ମାର୍ଣ୍ଡି, ଦାନ୍ତିଆମୁହଁା ସମିତି ସଭ୍ୟ ସୁକୁଲ ମୁର୍ମୁ, ଅବସରପ୍ରାପ୍ତ ଉପଜିଲାପାଳ ରଜନୀକାନ୍ତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଚିତ୍ରଡାକୁ ଏକ ଆଦର୍ଶ ଏନଏସିରେ ପରିଣତ କରାଯିବ ବୋଲି ମନ୍ତ୍ରୀ ଡା. ମହାପାତ୍ର ବକ୍ତବ୍ୟ ରଖିଥିଲେ ମନ୍ତ୍ରୀ। ଶିରୀଶ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

# ସେପ୍ଟେମ୍ବର ୬କୁ କଳା ଦିବସ ପାଇଁ ପ୍ରସ୍ତୁତି ବୈଠକ




**କରଞ୍ଜିଆ, ୨୮।୮ (ସମିସ):** ଓଡ଼ିଶା କୁଡୁମୀ ସେନା ପକ୍ଷରୁ ସେପ୍ଟେମ୍ବର ୬ ତାରିଖକୁ କଳା ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ କରଞ୍ଜିଆରେ ଅନୁଷ୍ଠିତ ହୋଇଯାଇଛି। ଦିଲ୍ଲୀ ଯନ୍ତରମନ୍ତରଠାରେ ଏହି ଦିବସ ପାଳନ କରିବା ପାଇଁ ସ୍ଥିର କରାଗଲା। କୁଡୁମୀ ବହୁଳ ୪ଟି ରାଜ୍ୟର ଶତାଧିକ କୁଡୁମୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। କେନ୍ଦ୍ର ସରକାର ବିନା ନୋଟିଫିକେସନ୍‌ରେ ୧୯୫୦ ମସିହା ସେପଟେମ୍ବର ୬ ତାରିଖରେ ଆଦିବାସୀ ସୂଚୀରୁ ବାଦ୍ ଦେଇଛନ୍ତି। ସେହିଦିନରୁ କୁଡୁମୀ ଜାତି ସରକାରଙ୍କ ପ୍ରତାରଣାର ଶିକାର ହୋଇଆସୁଛି। ସରକାର ଦାବି ପୂରଣ ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ। ବୈଠକରେ ରାଜ୍ୟ ସଭାପତି ଦିବ୍ୟସିଂହ ମହାନ୍ତ, ରାଜ୍ୟ ଉପଦେଷ୍ଟା ଅଶୋକ କୁମାର ମହାନ୍ତ, କରଞ୍ଜିଆ ସଭାପତି ବିରେନ୍ଦ୍ର ମହାନ୍ତ, ରାଜ୍ୟ ଉପଦେଷ୍ଟା ଧରଣୀଧର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# ସେପ୍ଟେମ୍ବରର ଜନ ଶୁଣାଣି ଶିବିର କାର୍ଯ୍ୟସୂଚୀ

**ବାରିପଦା, ୨୬।୮ (ସମିସ):** ଜିଲ୍ଲାପାଳ ଓ ଏସ୍‌ପିଙ୍କ ତତ୍ତ୍ୱାବଧାନରେ ସେପ୍ଟେମ୍ବର ମାସରେ ଅନୁଷ୍ଠିତ ହେବାକୁ ଥିବା ଯୁଗ୍ମ ଜନଶୁଣାଣି ଶିବିରର କାର୍ଯ୍ୟସୂଚୀ ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ଦ୍ଧାରିତ ହୋଇଛି। ସୂଚୀ ଅନୁସାରେ, ସେପ୍ଟେମ୍ବର ମାସର ପ୍ରଥମ ସୋମବାର ୧ ତାରିଖ ଜିଲ୍ଲା ଓ ବାରିପଦା ଉପଖଣ୍ଡ ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ପୂର୍ବାହ୍ନ ୧୦ଟାରୁ ଶୁଣାଣି ହେବ। ସେହିପରି ଦ୍ୱିତୀୟ ସୋମବାର ୮ତାରିଖ ବାମନଘାଟି ଉପଖଣ୍ଡ ପାଇଁ ବାମନଘାଟି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ରାଇରଙ୍ଗପୁରରେ, ତୃତୀୟ ସୋମବାର ୧୫ ତାରିଖ ପାଞ୍ଚପୀଢ଼ ଉପଖଣ୍ଡ ପାଇଁ କରଞ୍ଜିଆ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏବଂ ଚତୁର୍ଥ ସୋମବାର ୨୨ତାରିଖ କପ୍ତିପଦା ଉପଖଣ୍ଡ ପାଇଁ କପ୍ତିପଦା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ଉଦଳା ଠାରେ ପୂର୍ବାହ୍ନ ୧୦ଟାରୁ ଶିବିର ଅନୁଷ୍ଠିତ ହେବ। ଏହାବ୍ୟତୀତ ୬ତାରିଖ ବଡ଼ସାହି ବ୍ଲକରେ ସ୍ୱତନ୍ତ୍ର ଜନଶୁଣାଣି ଶିବିର ଅନୁଷ୍ଠିତ ହେବ। ଉକ୍ତ ଶିବିରରେ ବଡ଼ସାହି ବିଧାୟକ ସନାତନ ବିଜୁଳି ଓ ଜିଲ୍ଲାପାଳ ଅଭିଯୋଗ ଶୁଣାଣି କରିବେ। ଶିବିରରେ ସମସ୍ତ ଜିଲ୍ଲା/ଉପଖଣ୍ଡ ସ୍ତରୀୟ ଅଧିକାରୀ, ସମସ୍ତ ଲାଇନ ବିଭାଗ ଅଧିକାରୀ ଏବଂ ସମସ୍ତ ବିଡିଓ, ତହସିଲଦାର ଓ ସିଡିପିଓଙ୍କ ଉପସ୍ଥିତିରେ ସାଧାରଣ ଜନତାଙ୍କ ଆପତ୍ତି ଅଭିଯୋଗ ପତ୍ର ଗୁଡିକର ଶୁଣାଣି କରି ସମାଧାନ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ନିଆଯିବ। ଧାର୍ଯ୍ୟ ତାରିଖ ଓ ସ୍ଥାନରେ ଅନୁଷ୍ଠିତ ହେବାକୁ ଥିବା ଜନ ଅଭିଯୋଗ ଶୁଣାଣି ଶିବିର କାର୍ଯ୍ୟକ୍ରମରେ ସମ୍ପୃକ୍ତ ଅଞ୍ଚଳର ଜନସାଧାରଣ ନିଜ ନିଜର ବ୍ୟକ୍ତିଗତ ଓ ସାମୂହିକ ସମସ୍ୟା ସମ୍ପର୍କିତ ଅଭିଯୋଗ ଉପସ୍ଥିତ ରହି ଜଣାଇପାରିବେ।

# ପ୍ରହ୍ଲାଦ ପୂର୍ତ୍ତି ନୟାଗଡ଼ ଜିଲ୍ଲା କଂଗ୍ରେସ ପର୍ଯ୍ୟବେକ୍ଷକ



**ରାଇରଙ୍ଗପୁର, ୨୮।୮ (ସମିସ):** ମୟୂରଭଞ୍ଜ ଜିଲ୍ଲା ବହଳଦାର ପୂର୍ବତନ ବିଧାୟକ ପ୍ରହ୍ଲାଦ ପୂର୍ତ୍ତିଙ୍କୁ କଂଗ୍ରେସ ପକ୍ଷରୁ ନୟାଗଡ଼ ଜିଲ୍ଲା ପର୍ଯ୍ୟବେକ୍ଷକ ଭାବେ ମନୋନୀତ କରାଯାଇଛି। ଏ ନେଇ ବାମନଘାଟି ଅଞ୍ଚଳର ବହୁ ବରିଷ୍ଠ କଂଗ୍ରେସ ନେତା ଓ କର୍ମକର୍ତ୍ତା ଅଭିନନ୍ଦନ ଜଣାଇଛନ୍ତି। ସେ ପୂର୍ବରୁ ଓଡ଼ିଶା ପ୍ରଦେଶ ଆଦିବାସୀ କଂଗ୍ରେସ କମିଟର ରାଜ୍ୟ ପ୍ରବକ୍ତା ମନୋନୀତ ହୋଇଛନ୍ତି। ବର୍ତ୍ତମାନ ଜାତୀୟ କଂଗ୍ରେସ ପକ୍ଷରୁ ଆଦିବାସୀ ସମାଜକୁ ବିଶେଷ ଗୁରୁତ୍ୱ ଦିଆଯାଉଥିବାରୁ ବହୁ ବରିଷ୍ଠ ବୁଦ୍ଧିଜୀବୀ ଓ ମାଝୀ ପରଗାନା ଓ ମୁଣ୍ଡା ମାନକୀ ପିସିସି ସଭାପତି ଭକ୍ତଚରଣ ଦାସ ଏବଂ ରାହୁଲ ଗାନ୍ଧୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଚୋର ଗ୍ୟାଙ୍ଗକୁ ଧରିଲା ବୈଶିଙ୍ଗା ପୁଲିସ

# ୯ ଚୋରି ବାଇକ୍ ଉଦ୍ଧାର; ୩ ଗିରଫ

**ବାରିପଦା/ବୈଶିଙ୍ଗା, ୨୮।୮ (ସମିସ)**



ଏକ ଚୋର ଗ୍ୟାଙ୍ଗକୁ ଧରିବାରେ ବୈଶିଙ୍ଗା ଥାନା ପୁଲିସକୁ ସଫଳତା ମିଳିଛି। ପୁଲିସ ୩ଜଣଙ୍କୁ ଗିରଫ କରିବା ସହିତ ୯ଟି ଚୋରି ବାଇକ୍ ଏବଂ ମୋବାଇଲ ଓ ବ୍ୟାଟେରୀ ଜବତ କରିଛି। ଏନେଇ ଗୁରୁବାର ବୈଶିଙ୍ଗା ଥାନାରେ ଆହୂତ ଏକ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସପି ଦୀପକ କୁମାର ଗୋଛାୟତ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ବୈଶିଙ୍ଗା ଥାନା ଅନ୍ତର୍ଗତ ପଣସିଆ ଗ୍ରାମର କୃଷ୍ଣ ସିଂ, ଅଶୋକ ସିଂ ଓ ଭୀମଦା ଗ୍ରାମର ଶିବଶଙ୍କର ଗିରି। ବାଲେଶ୍ୱର ଅଞ୍ଚଳର ସନ୍ତୋଷ ବେହେରା ମେ ୧୯ ତାରିଖ ସନ୍ଧ୍ୟାରେ ନିଜ ସମ୍ପର୍କୀୟ ବୈଶିଙ୍ଗା ଥାନା ଅଧୀନ ପଣସିଆ ଅଞ୍ଚଳର ଶିବ ଘରକୁ ଆସିଥିଲେ। ତେବେ ନିଜ ବାଇକକୁ ଶିବଙ୍କ ଘର ସମ୍ମୁଖରେ ରଖି ଭିତରକୁ ଯାଇ କିଛି ଫେରିବା ବେଳକୁ ଆଉ ସେଠାରେ ନଥିଲା। ସନ୍ତୋଷ ଖୋଜାଖୋଜି କରିଥିଲେ ମଧ୍ୟ ବାଇକ୍ ପାଇ ନ ଥିଲେ। ହେଲେ ସେ ଜାଣିବାକୁ ପାଇଲେ ଯେ, ପଣସିଆ ଅଞ୍ଚଳର ସୁନ୍ଦର ମୋହନ ସିଂଙ୍କ ପୁଅ ଅଶୋକ ସିଂ ଓ ବନ ସିଂଙ୍କ ପୁଅ କୃଷ୍ଣ ସିଂ ବାଇକକୁ ଚୋରିକରିନେଇ ରଖିଛନ୍ତି। ପରେ ଲିଖିତ ଅଭିଯୋଗ ହେବାରୁ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତକୁ ଜୋରଦାର କରିଥିଲା। ଥାନା ଅଧିକାରୀ ବାରିଣୀ ଦାସ ସବଇନ୍ସପେକ୍ଟର ଦେବାଶିଷ ମଣ୍ଡଳକୁ ନେଇ ଏକ ସ୍ୱତନ୍ତ୍ର ଟିମ ଗଠନ କରି ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢ଼ଉ ଆରମ୍ଭ କରିଥିଲେ। ଶେଷରେ ପୁଲିସ ମୁଖ୍ୟ ଅଭିଯୁକ୍ତ ଅଶୋକ ଓ କୃଷ୍ଣକୁ ଗିରଫ କରି ଅଧିକ ପଚରାଉଚରା କରିଥିଲା। ସେମାନେ ବିଭିନ୍ନ ଅଞ୍ଚଳରେ ଏକାଧିକ ବାଇକ ଚୋରି ଓ ଅନ୍ୟାନ୍ୟ ଚୋରି ମାମଲାରେ ସମ୍ପୃକ୍ତ ଥିବା ଜଣାପଡ଼ିଥିଲା। ପରେ ସେମାନଙ୍କ ନିକଟରୁ ୯ଟି ବାଇକ ସମେତ ୧୦ଟି ମୋବାଇଲ ଓ ୩ଟି ବ୍ୟାଟେରୀ ଜବତ କରାଯାଇଥିଲା। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଜିଲ୍ଲାପାଳଙ୍କ କଡ଼ା ନିର୍ଦ୍ଦେଶ; ଛାତ୍ରଛାତ୍ରୀଙ୍କୁ ଭସାଣି ମନା

**ବାରିପଦା, ୨୮।୮ (ସମିସ):** ମୟୂରଭଞ୍ଜ ଜିଲ୍ଲାରେ ଗଣେଶ ମୂର୍ତ୍ତି ଭସାଣିକୁ ନେଇ କଡାକଡି ନିର୍ଦ୍ଦେଶ ଜାରି କରାଯାଇଛି। ଜିଲ୍ଲାପାଳ ହେମକାନ୍ତ ସଏ ସମସ୍ତ ସ୍କୁଲ ଓ ହଷ୍ଟେଲରେ ରହୁଥିବା ଛାତ୍ରଛାତ୍ରୀ ଭସାଣି ସମୟରେ ପାଣିକୁ ଯେପରି ନ ଓହ୍ଲାଇବେ ସେ ନେଇ ଜିଲ୍ଲା ଶିକ୍ଷାଧିକାରୀ ଓ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କେବଳ ଶିକ୍ଷକ, ମାଟ୍ରନ ଓ ସିସିଏ ପାଣି ଭିତରକୁ ଯାଇ ମୂର୍ତ୍ତି ବିସର୍ଜନ କରିବେ ବୋଲି ସମସ୍ତ ସ୍କୁଲକୁ ନିର୍ଦ୍ଦେଶ ଦିଆଯାଇଛି। ସମଗ୍ର ଜିଲ୍ଲାରେ ଅଗ୍ରପୂଜ୍ୟ ଗଣେଶଙ୍କ ପୂଜା ଅନୁଷ୍ଠିତ ହୋଇଛି। ଗତବର୍ଷ ମୂର୍ତ୍ତି ବିସର୍ଜନ ସମୟରେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ମରଣାନ୍ତକ ଆକ୍ରମଣ ଏବଂ ଲକ୍ଷ୍ମୀପୋଷି ଅଞ୍ଚଳରେ ମୂର୍ତ୍ତି ବିସର୍ଜନ ସମୟରେ ୨ ଜଣ ଓଏଭି ହଷ୍ଟେଲ ଛାତ୍ର ସୁବର୍ଣ୍ଣରେଖା କେନାଲରେ ଭାସି ଜଳସମାଧି ନେଇଥିଲେ। ସେହିପରି ଏକ ବେସରକାରୀ ଅନୁଷ୍ଠାନର ଦୁଇ ଛାତ୍ର ମଧ୍ୟ ପାଣିରେ ଭାସିଯାଇ ମୃତ୍ୟୁବରଣ କରିଥିଲେ। ଏହାକୁ ନେଇ ଜିଲ୍ଲାପାଳ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ଭସାଣିକୁ ନେଇ କଡା ନିୟମ ପାଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପୂଜା ସମୟରେ ଅନ୍ତେବାସୀଙ୍କୁ ବାହାରକୁ ଛାଡିବାକୁ ବାରଣ କରାଯିବା ସହ ଚଲାପଥରେ ବ୍ଲିଚିଂ ଓ ଫିନାଇଲ ବ୍ୟବହାର କରିବାକୁ ପରାମର୍ଶ ଦେଇଛନ୍ତି।

## ସାମ୍ବାଦିକ ଗୃହ ନିର୍ମାଣରେ ବିଧାୟକ ବାଧକ

# ମଜୁରି ନ ପାଇ ଶ୍ରମିକ ଜିଲ୍ଲା ଶ୍ରମ ଆୟୋଗଙ୍କ ଦ୍ୱାରସ୍ଥ

**ବେତନଟୀ, ୨୮।୮ (ସମିସ):** ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ୩ ଲକ୍ଷ ୫୦ ହଜାର ଟଙ୍କା ଅନୁଦାନରେ ବୈଶିଙ୍ଗା ଯାତ୍ରୀ ବିଶ୍ରାମାଗାର ଉପରେ ନିର୍ମିତ ହେଉଥିବା ସାମ୍ବାଦିକ ଭବନ ଆଜକୁ ୪ ମାସ ହେବ ବିଧାୟକ ସନାତନ ବିଜୁଳିଙ୍କ ପାଇଁ ବନ୍ଦ ହୋଇଥିବା ନେଇ ସବୁଠି ଚର୍ଚ୍ଚା ଜୋର୍ ଧରିଛି। ଏପରିକି ବିଧାୟକ ବେତନଟୀ ବିଡିଓ ସୁଶାନ୍ତ କୁମାର ସୂତାରଙ୍କ ଜରିଆରେ ବୈଶିଙ୍ଗା ପୁଲିସ ସହାୟତାରେ ଜୁନ ୨ ତାରିଖ ସକାଳେ ଛାତ ପଡୁଥିବା ବେଳେ ବନ୍ଦ କରିଥିବା ପ୍ରମାଣ ରହିଛି। ସେହିଦିନ ୨୫ ଜଣରୁ ଉର୍ଦ୍ଧ୍ୱ କାମ କରୁଥିବା ମିସ୍ତ୍ରୀ ଏବଂ ଶ୍ରମିକଙ୍କୁ ଧମକଚମକ ମଧ୍ୟ ଦିଆଯାଇଥିଲା। କାମ ବନ୍ଦ ନ କରିଲେ ସମସ୍ତଙ୍କ ନାମରେ କେସ୍ କରି ଦିଆଯିବ ବୋଲି ଥାନାଧିକାରୀ ବାରିଣୀ ଦାସ କହିଥିଲେ। ଫଳରେ ବାଧହୋଇ ଶ୍ରମିକମାନେ କାମ ବନ୍ଦ କରିଥିଲେ। ପରେ ଖବର ପାଇ କନିଷ୍ଠ ଯନ୍ତ୍ରୀ ପୁଲିନ ସେଠୀ ପହଞ୍ଚି ବିଡିଓଙ୍କ ସହିତ କଥା ହେବା ପରେ କାର୍ଯ୍ୟ ହେବ ଏବଂ ଯଦି କାମ ବନ୍ଦ ରହେ ତେବେ ତୁମେ ତୁମର ପ୍ରାପ୍ୟ ପାଇଯିବ ବୋଲି ଶ୍ରମିକଙ୍କୁ କହିଥିଲେ। ସେହି ଦିନଠାରୁ ଆଜି ପର୍ଯ୍ୟନ୍ତ ନିର୍ମାଣ ବନ୍ଦ ରହିଥିବାରୁ ଘର କାର୍ଯ୍ୟରେ ବ୍ୟବହୃତ ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ ହୋଇ ଗଲାଣି ବୋଲି ମୁଖ୍ୟ ମିସ୍ତ୍ରି (ଶ୍ରମିକ) ଗୋପିନାଥ ବାଘୁଆ କହିଛନ୍ତି। ଶ୍ରୀ ବାଘୁଆ ବାରମ୍ବାର ଏଇଇ ସୌମ୍ୟାଶ୍ରୀ ଭୋଇ ଏବଂ କନିଷ୍ଠ ଯନ୍ତ୍ରୀ ପୁଲିନ ସେଠୀଙ୍କୁ ସାକ୍ଷାତ କରି ଶ୍ରମିକଙ୍କ ପ୍ରାପ୍ୟ ମାଗିଥିଲେ ମଧ୍ୟ ଅଦ୍ୟାବଧି ମିଳିନାହିଁ। ତେଣୁ ବାଧ ହୋଇ ଗତ ୨୬ ତାରିଖରେ ଗୋପୀନାଥ ବାଘୁଆଙ୍କ ନେତୃତ୍ୱରେ ୫/୬ ଜଣ ମହିଳା ଓ ପୁରୁଷ ଶ୍ରମିକ ଜିଲ୍ଲା ଶ୍ରମ ଆୟୁକ୍ତଙ୍କୁ ଗୁହାରି କରିଥିବା ଗଣମାଧ୍ୟମ ନିକଟରେ ପ୍ରକାଶ କରିଛନ୍ତି। ୧୫ଦିନ ମଧ୍ୟରେ ସେମାନଙ୍କ ପ୍ରାପ୍ୟ ନ ମିଳିଲେ ସେମାନେ ଆଇନର ଆଶ୍ରୟ ନେବେ ବୋଲି ସାକ୍ଷାତକାରରେ କହିଛନ୍ତି। ଏ ନେଇ କନିଷ୍ଠ ଯନ୍ତ୍ରୀ ଶ୍ରୀ ସେଠୀ ଏବଂ ଏଇଇ ଶ୍ରୀ ଭୋଇଙ୍କୁ ପଚାରିବାରୁ ବିଡିଓଙ୍କ ନିର୍ଦ୍ଦେଶ ମିଳିଲେ ସାମ୍ବାଦିକ ଭବନ କାର୍ଯ୍ୟ ସମ୍ପନ୍ନ ହେବ ଏବଂ ଶ୍ରମିକଙ୍କ ସମସ୍ତ ପ୍ରାପ୍ୟ ମିଳିବ ବୋଲି କହିଛନ୍ତି। ସେହିଭଳି କନିଷ୍ଠ ଯନ୍ତ୍ରୀଙ୍କ ଅନୁରୋଧ କ୍ରମେ ବୈଶିଙ୍ଗା ମିଡିଆ ସେଣ୍ଟରର ସଦସ୍ୟ ବିମଳେନ୍ଦୁ ମହାପାତ୍ର ପ୍ରକଳ୍ପର ସମସ୍ତ କାମ ବୁଝୁଥିଲେ। ହେଲେ ନିର୍ମାଣ ବନ୍ଦ ରହିଥିବାରୁ ସେ ବୈଶିଙ୍ଗା ଥାନାର ଦ୍ୱାରସ୍ଥ ହୋଇଥିଲେ। ଏହା ପରେ ବି ଯଦି ନ୍ୟାୟ ନ ମିଳିବ ତାହାହେଲେ ସେ ଆଇନର ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି।

# କାର୍‌ରୁ ୧୦ ପେଟି ବିଦେଶୀ ମଦ ଜବତ



**କୁଆମରା, ୨୮।୮ (ସମିସ):** ବାଲେଶ୍ୱର ଅଞ୍ଚଳରୁ ମଦ ନେଇ କୁଆମରା-ଉଦଳା ଅଭିମୁଖେ ଯାଉଥିବା ବେଳେ ଏକ କାର୍‌କୁ ଜବତ କରିଛି ଅବକାରୀ ବିଭାଗ। ବୁଧବାର ରାତିରେ ଦୁଇଟି ମାରୁତି କାରରେ ବିଦେଶୀ ମଦ ଭର୍ତ୍ତି ହୋଇ ମୟୂରଭଞ୍ଜ ଅଞ୍ଚଳକୁ ଚାଲାଣ ହେଉଥିଲା। କୌଣସି ସୂତ୍ରରୁ ଖବର ପାଇ ବାଲେଶ୍ୱର ଅବକାରୀ ବିଭାଗ କର୍ମଚାରୀ ଉକ୍ତ ମାରୁତି କାରକୁ ପିଛା କରିଥିଲେ; ହେଲେ ଗୋଟିଏ କାର୍ ଖସି ପଳାଇଥିବାବେଳେ ଅନ୍ୟଟି ଧରାପଡ଼ିଥିଲା। ଖବର ପାଇ କୁଆମରା ଫାଣ୍ଡି ଅଧିକାରୀ ରସାନନ୍ଦ ମହାନ୍ତି କର୍ମଚାରୀଙ୍କ ସହ ସେଠାରେ ପହଞ୍ଚି କାର୍‌କୁ ଜବତ କରିଥିଲେ। ଜବତ ହୋଇଥିବା କାର ଭିତରେ ୮ରୁ ୧୦ ପେଟି ମଦ ଥିବା ପୁଲିସ କହିଛି। ତଦନ୍ତ କରିବା ପରେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ପୁଲିସ କହିଛି।

# ଏମ୍‌ସିଏମ୍‌ରେ ଜାତୀୟ ଆଲୋଚନାଚକ୍ର ଉଦ୍‌ଯାପିତ




**ବାରିପଦା, ୨୮।୮ (ସମିସ):** ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍‌ସୀ ଆଣ୍ଡ ମ୍ୟାନେଜମେଣ୍ଟର ଉଭିଦ ବିଜ୍ଞାନ ଓ ପ୍ରାଣୀ ବିଜ୍ଞାନ ବିଭାଗ ପକ୍ଷରୁ ଅନୁଷ୍ଠିତ ଦୁଇଦିନିଆ ଜାତୀୟ ଆଲୋଚନାଚକ୍ର ଉଦଯାପିତ ହୋଇଯାଇଛି। ଉଦଯାପନୀ ଅଧିବେଶନରେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପୂର୍ବତନ ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର ଡ଼ ସୁଶିଲ କୁମାର ଦତ୍ତ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପୃଥିବୀ ପୃଷ୍ଠରୁ ବିଭିନ୍ନ ପଶୁ, ପକ୍ଷୀ, ବୃକ୍ଷର ସୁରକ୍ଷା ଓ ଉପଯୁକ୍ତ ବ୍ୟବହାର ଉପରେ ଚିନ୍ତାବ୍ୟକ୍ତ କରିବା ପାଇଁ ସରକାରୀ ଓ ବେସରକାରୀ ସ୍ତରରେ ସମସ୍ତେ ଦାୟିତ୍ୱବାନ ହେବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତାଭାବେ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାଣୀବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡ଼ ହରପ୍ରସାଦ ମହାପାତ୍ର ଯୋଗ ଦେଇ ଜୀବ ସମ୍ପଦ ପ୍ରକାର, ଦେଶ ଭିତରେ ଓ ବାହାରେ ଏହାର ବ୍ୟବହାରିକ ପ୍ରଣାଳୀ ଓ ସୁରକ୍ଷା ସମ୍ପର୍କରେ ଏକ ବିଶ୍ଳେଷାତ୍ମକ ତଥ୍ୟ ଉପସ୍ଥାପନ କରିଥିଲେ। ଅଙ୍ଗାରପଡ଼ା ପଞ୍ଚାୟତ ମହାବିଦ୍ୟାଳୟର ପ୍ରାଣୀବିଜ୍ଞାନ ମୁଖ୍ୟ ସରୋଜ କୁମାର ସାହୁ ଓ ମୟୂରଭଞ୍ଜ ଜୀବମଣ୍ଡଳ ଗବେଷଣା କେନ୍ଦ୍ରର କାର୍ଯ୍ୟନିବାହୀ ନିର୍ଦ୍ଦେଶକ ସମୀର କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପୋଷ୍ଟର ପ୍ରଦର୍ଶନୀରେ ସ୍ନାତକୋତ୍ତର (ପ୍ରାଣୀବିଜ୍ଞାନ) ଦ୍ୱିତୀୟ ବର୍ଷର ଛାତ୍ରୀ ନୁପୁର ଘୋଷ ପ୍ରଥମ, ଅଂଶୁପା ଦେବଯାନୀ ଦ୍ୱିତୀୟ ସ୍ଥାନ, ପିଙ୍କିଲତା ସାମନ୍ତରାୟ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଅଭିପ୍ସା ମହାପାତ୍ରଙ୍କୁ ବେଷ୍ଟ କଣ୍ଟେଟ ଆୱାର୍ଡ, ସିନିଗୋ ସୋରେନଙ୍କୁ ବେଷ୍ଟ କ୍ରିଏଟିଭ ଆୱାର୍ଡ ଓ ଅପନ୍ନା ବେହେରାଙ୍କୁ ବେଷ୍ଟ ଇନୋଭେଟିଭ ଆଇଡିଆ ପାଇଁ ମନୋନୀତ କରାଯାଇଥିଲା। ସମସ୍ତ କୃତୀ ଛାତ୍ରୀଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ଅଧକ୍ଷ ପ୍ରଦୀପ କୁମାର ନାୟକ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରାଣୀ ବିଜ୍ଞାନ ବିଭାଗୀୟ ମୁଖ୍ୟ ଅଭିପ୍ସା ନାୟକ ଅତିଥି ପରିଚୟ ଓ ଅଧାପିକା ଅଭିଲିପ୍ସା ଗିରି ଧନ୍ୟବାଦ ଅର୍ପଣ କରିଥିଲେ।

# ବିପ୍ର ଫାଉଣ୍ଡେସନ ପକ୍ଷରୁ ପଇତା ସୂତା ପୂଜା ସମ୍ପନ୍ନ



**ରାଇରଙ୍ଗପୁର, ୨୮।୮ (ସମିସ):** ଗୁରୁବାର ପବିତ୍ର ଋଷି ପଞ୍ଚମୀ ଦିବସ ଅବସରରେ ରାଇରଙ୍ଗପୁର ବିପ୍ର ଫାଉଣ୍ଡେସନ୍ ପରିବାର ପକ୍ଷରୁ ଆଚାର୍ଯ୍ୟ ପୂଜ୍ୟ ସାମ୍ବରମାଲ ଶାସ୍ତ୍ରୀ ଏବଂ ପଣ୍ଡିତ ଦିନେଶ ଶାସ୍ତ୍ରୀଙ୍କ ଦ୍ୱାରା ଏକ ସାମୂହିକ ପବିତ୍ର ପଇତା ସୂତା ପୂଜା ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଖଡଖାଇ ନଦୀ କୂଳରେ ସଂକଳ୍ପ ପୂଜା କରାଯାଇଥିଲା। ପରେ ସତ୍ୟନାରାୟଣ ମନ୍ଦିରରେ ପବିତ୍ର ସୂତା ପୂଜା ସମ୍ପନ୍ନ ହୋଇଥିଲା। ଫାଉଣ୍ଡେସନର ଅଧକ୍ଷ ରବି ଯୋଶୀ ଏବଂ ସାଧାରଣ ସମ୍ପାଦକ ବଦ୍ରି ଶର୍ମା ଏହି ପବିତ୍ର ସୂତା ପୂଜା ଶୁଭାରମ୍ଭ କରିଥିଲେ। ପୂଜା ସମାପ୍ତ ହେବା ପରେ ସମସ୍ତ ବ୍ରାହ୍ମଣ ଓ ପଣ୍ଡିତଙ୍କୁ ପ୍ରସାଦ ବର୍ଣ୍ଟନ କରାଯାଇଥିଲା। ଓଡ଼ିଶା ପ୍ରଦେଶ ବିପ୍ର ଫାଉଣ୍ଡେସନ୍ ସଦସ୍ୟ ସୁନୀଲ ଚୌବେ ଏବଂ କୋଷାଧକ୍ଷ ବିଷ୍ଣୁପ୍ରସାଦ ଶର୍ମା ଶ୍ରଦ୍ଧାଳୁଙ୍କୁ ଅଭିନନ୍ଦନ ଜଣାଇଥିଲେ।

## କିମ୍ସ-ଶୁଭ୍ରା ରୁରାଲ ହସ୍ପିଟାଲ କାର୍ଯ୍ୟକ୍ଷମ ଖୁବ୍‌ଶୀଘ୍ର

# ଛାତ୍ରଛାତ୍ରୀଙ୍କ ସହ ଭାବ ବିନିମୟ କଲେ ଗିରୀଶ ମୁର୍ମୁ

**ବୈଶିଙ୍ଗା, ୨୮।୮ (ସମିସ)**



ଦୀର୍ଘଦିନ ପରେ ଜନ୍ମମାଟି ବେତନଟୀ ଉପକଣ୍ଠ କଞ୍ଚୁଶୋଳ ଗ୍ରାମରେ ନିଜ ପରିବାରବର୍ଗଙ୍କୁ ନେଇ ବେଶ କିଛି ସମୟ ଅତିବାହିତ କରିବା ସହିତ କିମ୍ସ-ଶୁଭ୍ରା ରୁରାଲ ହସ୍ପିଟାଲ ଖୁବଶୀଘ୍ର କାର୍ଯ୍ୟକାରୀ ହେବାକୁ ଯାଉଥିବା ନେଇ ପୂର୍ବତନ ସିଏଜି ତଥା ଜମ୍ମୁ କାଶ୍ମୀରର ପ୍ରଥମ ଲେଫ୍ଟନାଣ୍ଟ ଗଭର୍ଣ୍ଣର ଗିରୀଶଚନ୍ଦ୍ର ମୁର୍ମୁ କହିଛନ୍ତି। ଏହି ଅବସରରେ ସେ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ସହିତ ଭାବ ବିନିମୟ କରିଥିଲେ। କଳଠାରେ କିମ୍ସ-ଶୁଭ୍ରା ରୁରାଲ ହସ୍ପିଟାଲ କାର୍ଯ୍ୟକ୍ଷମ ହେଲେ ବଡସାହି, ବାରିପଦା ଏବଂ ମୋରଡା ନିର୍ବାଚନମଣ୍ଡଳୀ ସମେତ ସର୍ବୋପରି ମୟୂରଭଞ୍ଜ ଜିଲ୍ଲାର ହଜାର ହଜାର ଜନସାଧାରଣ ଉପକୃତ ହେବେ। ଏହି ଅବସରରେ ଗିରିଶଚନ୍ଦ୍ର ମୁର୍ମୁଙ୍କ ସହିତ ତାଙ୍କ ସ୍ତ୍ରୀ ତଥା ଶୁଭ୍ରା ପ୍ରିୟମ୍ବା ଫାଉଣ୍ଡେସନର ଚେୟାରମ୍ୟାନ ସ୍ମିତା ଶୁକ୍ଳା ମୁର୍ମୁ, ପୁଅ ରୋହନ ମୁର୍ମୁ, ଝିଅ ରୁଚିକା ମୁର୍ମୁ ଏବଂ ସ୍ୱାଇଁ ଯତୀନ ଆନନ୍ଦ ମଧ୍ୟ ଉପସ୍ଥିତ ଥିଲେ। ସେ ପରିବାର ସହିତ କଞ୍ଚଶୋଳ ଗ୍ରାମରେ ବେଶ କିଛିସମୟ ଅତିବାହିତ କରିବାପରେ ବେତନଟୀ ଉପକଣ୍ଠ ଗରୁଡବସାସ୍ଥିତ ଦିବ୍ୟାଙ୍ଗ ବିଦ୍ୟାଳୟକୁ ଆସିଥିଲେ। ସେଠାରେ ମଧ ଦୀର୍ଘସମୟ ଧରି ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ସହିତ ଭାବବିନିମୟ କରିଥିଲେ। ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ପ୍ରଶିକ୍ଷଣ ନେଇ କିଭଳି ସାଙ୍କେତିକ ଭାଷା ମାଧ୍ୟମରେ ନିଜର ନାମ ଏବଂ ଭାବକୁ ପରିପ୍ରକାଶ କରିଥିଲେ ତାହା ଦେଖି ଖୁସିବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦିଲ୍ଲୀପ ମୁର୍ମୁ, ମନୋଜ ମୁର୍ମୁଙ୍କ ସମେତ ଅଞ୍ଚଳବାସୀ ଏବଂ ଦିବ୍ୟାଙ୍ଗ ସ୍କୁଲ ପକ୍ଷରୁ ପରିଚାଳକ ଦିଲ୍ଲୀପ କୁମାର ପରିଡ଼ା, ଜ୍ଞାନରଞ୍ଜନ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।



# ବର୍ଷାରେ ନନ୍ଦନକାନନ ବସଷ୍ଟାଣ୍ଡ ବେହାଲ୍

## କାଦୁଅ ଓ ପାଣି ମଧ୍ୟରେ ନାକ ଟେକୁଛନ୍ତି ପର୍ଯ୍ୟଟକ




**ବାରଙ୍ଗ,୨୮।୮(ସମିସ):** ବନ୍ୟଜନ୍ତୁଙ୍କୁ ଅତି ନିକଟରୁ ଦେଖିବା ପାଇଁ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ଧାଇଁ ଆସିଥାନ୍ତି ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ। କେବଳ ଦେଶରେ ନୁହେଁ ବିଦେଶରେ ମଧ ବେଶ ଖ୍ୟାତି ଅର୍ଜନ କରିଛି ନନ୍ଦନକାନନ ଚିଡିଆଖାନା। ହେଲେ ଏହାରି ମଧ୍ୟରେ ପର୍ଯ୍ୟଟକଙ୍କ ମୁଣ୍ଡବିନ୍ଧାର କାରଣ ସାଜିଛି ବସଷ୍ଟାଣ୍ଡ। ଲଗାଣ ବର୍ଷାରେ ବସଷ୍ଟାଣ୍ଡର ସ୍ଥିତି ବେହାଲ ହୋଇପଡୁଛି। କାଦୁଅ ପଚ-ପଚ ସାଙ୍ଗକୁ ଠାଏ ଠାଏ ପାଣି ଜମି ରହୁଛି। ବସଷ୍ଟାଣ୍ଡ ଭିତରକୁ ଯିବାକୁ ନାକ ଟେକୁଛନ୍ତି ପର୍ଯ୍ୟଟକ।

କେବଳ ଏତିକି ନୁହେଁ, ବସଷ୍ଟାଣ୍ଡ ପରିସରରେ ଅନେକ ଛୋଟ ବଡ଼ ଦୋକାନ ସାଙ୍ଗକୁ ହୋଟେଲ ମଧ୍ୟ ରହିଛି। ହେଲେ ବସଷ୍ଟାଣ୍ଡ ଭିତରକୁ ପର୍ଯ୍ୟଟକ ଆସୁ ନ ଥିବାରୁ ଦୋକାନରେ ଆଉ ସେଭଳି ବ୍ୟବସାୟ ନାହିଁ, ଫଳରେ ଦୋକାନୀମାନେ ନିଜ ଜୀବିକା ହରାଇବାକୁ ବସିଲେଣି। ପ୍ରତିଦିନ ପର୍ଯ୍ୟଟକଙ୍କୁ ନେଇ ଆସୁଥିବା ବସଗୁଡିକ ନନ୍ଦନକାନନ ବସଷ୍ଟାଣ୍ଡ ଉପରେ ନିର୍ଭର କରିଥାନ୍ତି। ୨୦ରୁ ୩୦ଟି ଛୋଟ ବଡ଼ ବସ ବସଷ୍ଟାଣ୍ଡରେ ପ୍ରବେଶ

### ଖୁବ୍ ଶୀଘ୍ର ବଦଳିବ ବସଷ୍ଟାଣ୍ଡର ରୂପରେଖ: କର୍ତ୍ତୃପକ୍ଷ

ଆଉ ପ୍ରସ୍ଥାନ କରିଥାନ୍ତି। ହେଲେ ବସଷ୍ଟାଣ୍ଡରେ ସେଭଳି କିଛି କାର୍ଯ୍ୟ କରାଯାଇନି। ମାଟି ରାସ୍ତା ସାଙ୍ଗକୁ ଅସରାଏ ବର୍ଷା ହୋଇଗଲେ କଥା ସରିଲା। ସ୍ଥିତି ଅଣାୟତ୍ତ ଥିବା ବେଳେ ଲୋକେ ପାଦ ପକେଇବାକୁ ମଧ୍ୟ ଚିନ୍ତା କରୁଛନ୍ତି। ବସଷ୍ଟାଣ୍ଡରେ ବସ ରଖିବାକୁ ହେଲେ ୭୦ଟଙ୍କା ଦେବାକୁ ପଡ଼ିଥାଏ। ଏହା ସତ୍ତ୍ୱେ ବସ କର୍ମଚାରୀ ଓ ପର୍ଯ୍ୟଟକଙ୍କ ପାଇଁ ନା ଅଛି ଶୌଚାଳୟ ନା ଅଛି ମୌଳିକ ସୁବିଧା। କେବଳ ପାର୍କିଙ୍ଗ ଫି ନେଇ କାମ ସାରି ଦେଇଛନ୍ତି ଚିଡିଆଖାନା କର୍ତ୍ତୃପକ୍ଷ। ତେବେ ବସଷ୍ଟାଣ୍ଡକୁ ଉନ୍ନତମାନର କରିବା ପାଇ ଗତ ୨ ବର୍ଷ ତଳେ ପ୍ଲାନ କରାଯାଇଥିଲା। ହେଲେ ବସଷ୍ଟାଣ୍ଡ କେବଳ ନକ୍ସାରେ ହିଁ ରହିଯାଇଛି। ଆଗାମୀ ଦିନରେ ବସଷ୍ଟାଣ୍ଡ ସ୍ଥିତିରେ ସୁଧାର ଆଣିବା ପାଇଁ ପର୍ଯ୍ୟଟକମାନେ ଦାବି କରିଛନ୍ତି। ଅନ୍ୟପଟେ ନନ୍ଦନକାନନ କର୍ତ୍ତୃପକ୍ଷ ବସଷ୍ଟାଣ୍ଡ ସ୍ଥିତିରେ ସୁଧାରିବା ପାଇଁ ପ୍ଲଟ ନମ୍ବର ୫ରେ ଗଢି ଉଠିଥିବା ଦୋକାନ ସବୁ ହଟେଇବା ପାଇଁ ରାଜସ୍ୱ ବିଭାଗ ତହସିଲଦାର ଏବଂ ଜିଲ୍ଲାପାଳଙ୍କ ସହିତ ପ୍ରାଥମିକ ପର୍ଯ୍ୟାୟରେ ଆଲୋଚନା କରିଛନ୍ତି। ଖୁବ୍ ଶୀଘ୍ର ଏହି ବସ ଷ୍ଟାଣ୍ଡର ରୂପରେଖ ବଦଳିବ ବୋଲି ପର୍ଯ୍ୟଟକ ପରିଚାଳନା ଦାୟିତ୍ୱରେ ଥିବା ଏସିଏଫ୍ ମନୋସ୍ମିତା ମହାରଣା କହିଛନ୍ତି।

# ପୁଲିସକୁ ଆକ୍ରମଣ ଘଟଣାରେ ଅଭିଯୁକ୍ତ ଗିରଫ



**କଣ୍ଟାପଡ଼ା,୨୮।୮(ସମିସ):** ଗତ ମାସ ୧୧ ତାରିଖ ସନ୍ଧ୍ୟାରେ ଗୋବିନ୍ଦପୁର ପୁଲିସ ପାଟ୍ରୋଲିଙ୍ଗ କରୁଥିବା ସମୟରେ ଗୋବିନ୍ଦପୁର ଥାନା ଝାରପଡ଼ାଠାରେ ରାସ୍ତାକଡରେ ବସି ଯୁବକମାନେ ମଦ୍ୟପାନ କରୁଥିଲେ। ଗୋବିନ୍ଦପୁର ଥାନା ସବ୍‌ଇନ୍ସପେକ୍ଟର ଚିନ୍ମୟ ଦ୍ୱିବେଦୀ ଓ ଥାନା କର୍ମଚାରୀ ପାଟ୍ରୋଲିଙ୍ଗ କରୁଥିବା ସମୟରେ ତାଙ୍କ ହାବୁଡ଼ରେ ପଡ଼ିଥିଲେ। ରାସ୍ତାକଡରେ ବସି ମଦ୍ୟପାନ ନ କରିବା ଓ ସେଠାରୁ ଚାଲିଯିବାକୁ ଏସଆଇ ଶ୍ରୀ ଦ୍ୱିବେଦୀ କହିବାରୁ ତାଙ୍କୁ ବିୟର ବୋତଲରେ ମରଣାନ୍ତକ ଆକ୍ରମଣ ହୋଇଥିଲା। ଏନେଇ ଗୋବିନ୍ଦପୁର ଥାନାରେ ଏକ ମାମଲା ରୁଜୁ ହେବା ସହ ଜଣେ ଯୁବକକୁ ଗିରଫ କରି ପୁଲିସ କୋର୍ଟଚାଲାଣ କରିଥିଲା। ଘଟଣାର ଅନ୍ୟତମ ଅଭିଯୁକ୍ତ ଗୋବିନ୍ଦପୁର ଥାନା ମଞ୍ଜୁରାଇ ଗ୍ରାମର ପ୍ରୀତମ ପାତ୍ର ସେହିଦିନଠାରୁ ଫେରାର ଥିଲା। ଗତକାଲି ଗଞ୍ଜାମ ଜିଲ୍ଲା ପାଟପୁରା ଥାନା ଅଞ୍ଚଳରୁ ଗଞ୍ଜାମ ପୁଲିସ ସହାୟତାରେ ଗୋବିନ୍ଦପୁର ପୁଲିସ ପ୍ରୀତମକୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଥିବା ଥାନା ଓ ଆଇଆଇସି ସୋନିଲା ଆନନ୍ଦ ସୂଚନା ଦେଇଛନ୍ତି।

# ନାବାଳିକାକୁ ଦୁଷ୍କର୍ମ ଅଭିଯୋଗରେ ଯୁବକ ଗିରଫ

**ନିଶ୍ଚିନ୍ତକୋଇଲି,୨୮।୮(ସମିସ):** ନିଶ୍ଚିନ୍ତକୋଇଲି ଥାନାଞ୍ଚଳରେ ଅଭାବନୀୟ ଘଟଣା ଘଟିଛି। ଗଣେଶ ପୂଜା ଅବସରରେ ମୋବାଇଲ ଦେଖିବାକୁ ଡ଼ାକି ନେଇ ତୃତୀୟ ଶ୍ରେଣୀରେ ପଢୁଥିବା ୮ ବର୍ଷର ନାବାଳିକାକୁ ଜଣେ ଯୁବକ ଦୁଷ୍କର୍ମ କରିଥିବା ନେଇ ପିତା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ପୁଲିସ ଗ୍ରାମର ୨୫ ବର୍ଷର ଯୁବକ ସୋମନାଥ ସାଥୁଆଙ୍କୁ ଗିରଫ କରି ପଚରାଉଚରା କରୁଛି। ପୀଡିତା ପରିବାର ଏକ ଭଡ଼ା ଘରେ ରହୁଥିଲେ। ଗଣେଶ ପୂଜା ଦିନ ସନ୍ଧ୍ୟାରେ ତାଙ୍କ ଘର ପାଖର ସମ୍ପୃକ୍ତ ଯୁବକ ଜଣକ ସୁଯୋଗ ନେଇ ଏହି ନାବାଳିକାକୁ ଏକୁଟିଆ ଏକ ଘର ଭିତରେ ଦୁଷ୍କର୍ମ କରିଥିଲା। ଏକଥା କାହାକୁ କହିଲେ ମାରିଦେବା ପାଇଁ ଧମକ ମଧ ଦେଇଥିଲା ଯୁବକ। ରକ୍ତସ୍ରାବ ହେବାରୁ ତାଙ୍କ ମାଆ ସନ୍ଦେହ କରି ଏ ଘଟଣା ସମ୍ପର୍କରେ ପଚାରିବାରୁ ସେ ସମସ୍ତ କଥା କହିଥିଲା। ଘଟଣା ଜଣାପଡ଼ିବା ପରେ ଥାନାରେ ଅଭିଯୋଗ କରିଥିଲା। ପୁଲିସ ଯୁବକଙ୍କ ଗିରଫ କରି ସମ୍ପୃକ୍ତ ନାବାଳିକାଙ୍କୁ ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା ବେଳେ ସମ୍ପୃକ୍ତ ଯୁବକ ଜଣକ ପୂର୍ବରୁ ଏଭଳି କେତେକ ଘଟଣା ଘଟାଇଥିବା ପୁଲିସ ଜାଣିବା ପରେ ଅଧିକ ତଦନ୍ତ କରୁଥିବା ଜଣାଯାଇଛି।

# ଆଞ୍ଚଳିକ ଟ୍ରକ୍ ମାଲିକ ସଂଘର ବୈଠକ

**ଟାଙ୍ଗୀ,୨୮।୮(ସମିସ):** ଆଞ୍ଚଳିକ ଟ୍ରକ ମାଲିକ ସଂଘ ଛତିଆ, ଟାଙ୍ଗୀର ଏକ ସାଧାରଣ ବୈଠକ ଟାଙ୍ଗୀ ଚୌଦ୍ୱାର ବ୍ଲକ ଟାଙ୍ଗୀ ହନୁମାନ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଂଘର ନୂତନ କମିଟି ଗଠନ କରାଯାଇଥିଲା। ସଭାପତି ଭାବେ ଅମୂଲ୍ୟ ସାହୁ, ଉପସଭାପତି ଭାବେ ବିଦ୍ୟାଧର ଲେଙ୍କା, ପ୍ରଶାନ୍ତ ମହାରଣା, ସାଧାରଣ ସମ୍ପାଦକ ରୂପେ ବାସୁଦେବ ସ୍ୱାଇଁ, କାର୍ଯ୍ୟକାରୀ ସମ୍ପାଦକ ସମରେଶ ପ୍ରହରାଜ, ଯୁଗ୍ମ ସମ୍ପାଦକ ଦେବାଶିଷ ବିଶ୍ୱାଳ, ମନୋରଞ୍ଜନ ବେହେରା, କୋଷାଧ୍ୟକ୍ଷ ଭାବେ ତପନ ସାହୁ, ମିଡ଼ିଆ ସେଲ ଅଧ୍ୟକ୍ଷ ତଥା କୋଅର୍ଡିନେଟର ଭାବେ ଇକବାଲ ଖାଁ ଓ କାର୍ଯ୍ୟକାରୀ କମିଟି ଓ ପରାମର୍ଶଦାତା କମିଟିର ସଭ୍ୟ ଭାବେ ସମରେନ୍ଦ୍ର ଦାସ, ସନ୍ତୋଷ ସିଂ, ଦର୍ଶନ ଦାସ, ପ୍ରହଲ୍ଲାଦ ରାଉଳ, ସାରଦା ପ୍ରସନ୍ନ ମହାନ୍ତି, ତୁଷାରକାନ୍ତ ମଲ୍ଲିକ, ରମେଶ ସାହୁ, ଆଶିଷ ସୁବୁଦ୍ଧିଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଛି।

# ଯାତ୍ରା କଳାକାରଙ୍କ ପରଲୋକ



**ନିଶ୍ଚିନ୍ତକୋଇଲି,୨୮।୮(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ନତକାଇ ପଞ୍ଚାୟତ ବଣ୍ଡୁଆସାହି ଗ୍ରାମର ସୁନାମଧନ୍ୟ ଯାତ୍ରା କଳାକାର ତଥା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ରଘୁନାଥ ସ୍ୱାଇଁ (୯୧) ଙ୍କ ବାସଭବନରେ ପରଲୋକ ହୋଇଛି। ସେ ପ୍ରଥମେ ଏକରୁଖିର କନକଦୁର୍ଗା ଯାତ୍ରା ପାର୍ଟିରେ ବିଭିନ୍ନ ଭୂମିକାରେ ଅଭିନୟ କରି ବେଶ ସୁନାମ ଅର୍ଜନ କରିଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁଶଯ୍ୟା ନିକଟରେ ୩ ପୁତ୍ର, ପୁତ୍ର ବଧୂ ଓ ନାତି ନାତୁଣୀ ଉପସ୍ଥିତ ଥିଲେ। ଖବର ପାଇ ଶିକ୍ଷାବିତ୍ ଶ୍ୟାମସୁନ୍ଦର ଲେଙ୍କା, ସରପଞ୍ଚ ଜୟଦେବ ରାଉତ, ଶିକ୍ଷାବିତ୍ ଲକ୍ଷ୍ମଣ ଲେଙ୍କା, ଅଜୟ ସ୍ୱାଇଁଙ୍କ ସମେତ ବହୁମାନ୍ୟଗଣ୍ୟ ବ୍ୟକ୍ତି ଗଭୀର ଶୋକବ୍ୟକ୍ତ କରିଛନ୍ତି। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଜ୍ୟେଷ୍ଠ ପୁତ୍ର ବିମଳ ପ୍ରସାଦ ସ୍ୱାଇଁ ମୁଖାଗ୍ନି ଦେଇଥିଲେ।

# ବର୍ଷିଆନ ବାଦ୍ୟକାରଙ୍କ ପରଲୋକ

**ଭଦ୍ରେଶ୍ୱର,୨୮।୮(ସମିସ):** ମାହାଙ୍ଗା ବ୍ଲକ କୁହୁଣ୍ଡା ଗ୍ରାମପଞ୍ଚାୟତ କଲ୍ୟାଣପୁର ଗ୍ରାମର ବର୍ଷିଆନ ବାଦ୍ୟକାର ତଥା କଳାନୁରାଗୀ ଜଟ ସେଠୀଙ୍କ ହୃଦଘାତ ଜନିତ ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁରେ ସମଗ୍ର ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳିଯାଇଛି। ତାଙ୍କର ମରଶରୀରକୁ ଏକ ବିରାଟ ଶୋଭାଯାତ୍ରାରେ ନିଆଯାଇ ଶୋକାକୂଳ ପରିବେଶରେ ଗ୍ରାମ୍ୟ ଶ୍ମଶାନରେ ଦାହ କରାଯାଇଛି। ତାଙ୍କ ବିୟୋଗରେ ସାମାଜିକ କର୍ମୀ ଅଖିଳେଶପଦ ମହାନ୍ତି, କୁହୁଣ୍ଡା ବିକାଶ ପରିଷଦର ସଭାପତି ନିରଞ୍ଜନ ମୁଦୁଲି, ସରପଞ୍ଚଙ୍କ ପ୍ରତିନିଧି ହେମନ୍ତ ପ୍ରଧାନ, ସମିତିସଭ୍ୟା ସୁପ୍ରଭା ସାମଲ, ସୁନାକର ବେହେରା, ସୁଦାମ ପଲେଇ, ଦାମୋଦର ପଲେଇ, ଅମୂଲ୍ୟ ପଲେଇ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଗଭୀର ଶୋକବ୍ୟକ୍ତ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

# ବେଲେଶ୍ୱରୀ ପୀଠରେ ନୂଆଁଖାଇ ପର୍ବ



**ନିଶ୍ଚିନ୍ତକୋଇଲି,୨୮।୮(ସମିସ):** ନିଶ୍ଚିନ୍ତକୋଇଲିର ଆରାଧ୍ୟା ଦେବୀ ବେଲେଶ୍ୱରୀଙ୍କ ପୀଠରେ କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ଭେଟଘାଟ ପାଳନ ହୋଇଛି। ପଶ୍ଚିମ ଓଡ଼ିଶାର ଏହି ପରମ୍ପରା ଓ ମୁଖ୍ୟ ପର୍ବକୁ ଅଧିକ ଉଜ୍ଜୀବିତ କରିବା ପାଇଁ ଏକ ଆଲୋଚନାଚକ୍ର କରାଯାଇଛି। ଯୁବନେତା ନିବାସ ଗାୟାଙ୍କ ନେତୃତ୍ୱରେ ସୁଦୂର ମେଣ୍ଢାଶାଳରୁ ଚଳିତ ବର୍ଷ ଅମଳ ହୋଇଥିବା ନୂତନ ଧାନ ସଂଗ୍ରହ କରାଯାଇ ସେଥିରୁ ଚୂଡା ପ୍ରସ୍ତୁତ କରାଯାଇଥିଲା। ପୂଜକ ସରୋଜ ଷଡ଼ଙ୍ଗୀଙ୍କ ଦ୍ୱାରା ପ୍ରତ୍ୟୁଷରୁ ମା' ବେଲେଶ୍ୱରୀଙ୍କ ମହାସ୍ନାନ, ନୂତନ ବସ୍ତ୍ର ପରିଧାନ ଓ ମାର୍ଜନା ସହ ଯଥାରୀତି ନୂଆଖାଇ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ପୂଜାର୍ଚ୍ଚନା ସମୟରେ ଘଣ୍ଟ ଘଣ୍ଟା, ଶଙ୍ଖ, ହୁଳହୁଳି, ହରିବୋଲ ଓ ସଂକୀର୍ତ୍ତନରେ ମା'ଙ୍କ ପୀଠ ପ୍ରକମ୍ପିତ ହୋଇଥିଲା। ପୂର୍ବତନ ସରପଞ୍ଚ ଦେବେନ୍ଦ୍ର ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ଆଲୋଚନାଚକ୍ରରେ ବରିଷ୍ଠ ବିଜୟ ସାହୁ, ସମାଜସେବୀ ରମେଶ ସ୍ୱାଇଁ, ଶିକ୍ଷାବିତ ପର୍ଶୁରାମ ବେହେରା, ଗୋପୀନାଥ ବେହେରା, ସମାଜସେବୀ ପ୍ରମୋଦ କୁମାର ପଣ୍ଡା, ଯୁବନେତା ହେମନ୍ତ ରାଉତ, ଜାନକୀବଲ୍ଲଭ ଦାସ, ଦୀପ୍ତିରଞ୍ଜନ ସାହୁ, ମଞ୍ଜୁଲତା ମହାପାତ୍ର, ସଞ୍ଜୟ ରାଉତଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପୁରୁଣାପାରୀ ରାହାସ ବିହାରୀ ଆଶ୍ରମର ପୁରୋଧା ଚିନ୍ମୟ ମିଶ୍ରଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ମା'ଙ୍କ ନିକଟରେ ପ୍ରସ୍ତୁତ ହୋଇଥିବା ନୂଆଖାଇର ମୁଖ୍ୟ ପ୍ରସାଦ ଚୂଡାଘଷାକୁ ଭକ୍ତଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା।

# ରାଧାମୋହନ ଯୁବକ ସଂଘର ଗଣେଶ ପୂଜା



**କଟକ,୨୮।୮(ସମିସ):** କମଳପୁରସ୍ଥିତ ରାଧାମୋହନ ଯୁବକ ସଂଘ ପକ୍ଷରୁ ଅଗ୍ରପୂଜ୍ୟ ଗଣେଶଙ୍କ ପୂଜା ଅନୁଷ୍ଠିତ ହୋଇଛି। କମଳପୁର ସାହି ଅଧିକାରୀ ଅଜୟ ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେଉଥିବା ଏହି ପୂଜା ଉତ୍ସବକୁ ଯୁବକ ସଂଘ ପକ୍ଷରୁ ଆଦିତ୍ୟ ବେହେରା, ସାଗର ମହାନ୍ତି, ରିଣ୍ଟୁନା ବେହେରା, ଚିକୁନ ଜେନା, ଶାନ୍ତନୁ ବେହେରା ଓ ସନ୍ତୋଷ ମହାନ୍ତି ପ୍ରମୁଖ ପରିଚାଳନା କରୁଛନ୍ତି। ସମସ୍ତ ସଦସ୍ୟ ଓ କମଳପୁର ସାହିବାସିନ୍ଦା ପରିଚାଳନାରେ ସହଯୋଗ କରୁଛନ୍ତି।

# ଡାଳିଯୋଡ଼ା ସାହିତ୍ୟ ସଂସଦର ମେଧା ସମ୍ମାନ ଉତ୍ସବ




**ଚୌଦ୍ୱାର,୨୮।୮(ସମିସ):** ଡାଳିଯୋଡ଼ା ସାହିତ୍ୟ ସଂସଦ ତରଫରୁ ମ୍ୟାଟ୍ରିକ୍ ଟପ୍ପର ଓ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି କେ.ସି. ପ୍ରତାପ ସିଂହଙ୍କ ପୌରୋହିତ୍ୟରେ ସ୍ଥାନୀୟ କଳିଙ୍ଗ ନୋଡ଼ାଲ ବିଦ୍ୟାପୀଠରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଧର୍ମାନନ୍ଦ ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଡ. ଉତ୍ତମଚରଣ ସାହୁ, ସୁଭାଷ କୁମାର ଖୁଣ୍ଟିଆ ଏବଂ ଦିଲ୍ଲୀପ ଛତାର ପ୍ରମୁଖ ଏଥିରେ ଅତିଥି ଭାବେ ଯୋଗ ଦେଇଥିଲେ। ମ୍ୟାଟ୍ରିକ୍ ପରୀକ୍ଷାରେ ଟପ୍ପର ହୋଇଥିବା ଏବଂ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ପୌରାଞ୍ଚଳରେ ଥିବା ସମସ୍ତ ହାଇସ୍କୁଲର ଦଶମ ଶ୍ରେଣୀର କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ ପୁରସ୍କାର ଓ ସାର୍ଟିଫିକେଟ ବିତରଣ କରାଯାଇଥିଲା। କାର୍ଯ୍ୟକାରୀ ସମ୍ପାଦକ ଗୌତମ କୁମାର ଆଚାର୍ଯ୍ୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ଅଶୋକ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ। ପ୍ରାରମ୍ଭରେ ବୈକୁଣ୍ଠନାଥ ତାରେଣିଆ ଓ ଅଧ୍ୟାପକ ପ୍ରଫୁଲ୍ଲ କୁମାର ସାହୁଙ୍କ ସଂଯୋଜନାରେ ଆୟୋଜିତ କବିତାପାଠ ଉତ୍ସବରେ ମନୋଜ ସ୍ୱାଇଁ, ସୁକାନ୍ତ ସାହୁ, ପ୍ରଦୀପ ପାଣି, ନିର୍ମଳା ପରିଡ଼ା, ନିରଞ୍ଜନ ବେହେରାଙ୍କ ସମେତ ବହୁ କବି ଓ କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। ନାରାୟଣ ସ୍ୱାଇଁ, ଅଜୟ ଦାସ ମହାପାତ୍ର, ବିଶ୍ୱକଲ୍ୟାଣ ଦାସ, ଦେବେନ୍ଦ୍ର ପୃଷ୍ଟି ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ବିଶ୍ୱହିନ୍ଦୁ ପରିଷଦର ପ୍ରତିଷ୍ଠା ଦିବସ

**ସାଲେପୁର,୨୮।୮(ସମିସ):** ରାମେଶ୍ୱର ପଞ୍ଚାୟତରେ ଥିବା ବାବା ଆନନ୍ଦଆତ୍ମା ଆଶ୍ରମରେ ବିଶ୍ୱହିନ୍ଦୁ ପରିଷଦର ପ୍ରତିଷ୍ଠା ଦିବସ ଓ ସନ୍ଥ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଦିବସ ପାଳିତ ହୋଇଯାଇଛି। ଦିବାକର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶ୍ୱହିନ୍ଦୁ ପରିଷଦର ସଂଗଠନ ମହାମନ୍ତ୍ରୀ ଶରତ ପ୍ରଧାନ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ରୂପେ ବାବା ଆନନ୍ଦଆତ୍ମା ଯୋଗଦେଇଥିବା ବେଳେ କଟକ ଜିଲ୍ଲା ବିଶ୍ୱହିନ୍ଦୁ ପରିଷଦର ସଭାପତି ମାନସ ରଞ୍ଜନ ପଣ୍ଡା ଯୋଗଦେଇ ହିନ୍ଦୁତ୍ୱ ଉପରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଧ୍ରୁବଚରଣ ବେହେରା, କୁଞ୍ଜମୋହନ ସେଠୀ, ଅମିତା ସାହାଣୀ, ମାନସ ରଞ୍ଜନ ବିଶ୍ୱାଳ, ବିଶ୍ୱଜିତ ଷଡ଼ଙ୍ଗୀ, ଅନିରୁଦ୍ଧ ବେହେରା, ହରେକୃଷ୍ଣ ରାଉତରାୟ, ଦୀନବନ୍ଧୁ ମିଶ୍ର, ପୂର୍ଣ୍ଣିମା ମିଶ୍ର, ତାପସ ଜେନା, ଜ୍ୟୋତି ରାଉତରାୟ, ମହେନ୍ଦ୍ର ବାରିକ, ସନ୍ତୋଷ ରଣା, ଅଧ୍ୟାପକ ସୁନୀଲ ଦାଶ, ଚିତ୍ତରଞ୍ଜନ ବିଶୋଇ, ଅଶୋକ ବେହୁରା, ବିନତୀ ପ୍ରଧାନ, ସନ୍ତୋଷ ମହାରଣା, ବିଭୁତି ଭୂଷଣ ପାତ୍ର, ସୁକାନ୍ତ ଷଡଙ୍ଗୀ, ପ୍ରକାଶ ସ୍ୱାଇଁ, ଲକ୍ଷ୍ମୀନାରାୟଣ ନାୟକଙ୍କ ସମେତ ବହୁ କର୍ମକର୍ତ୍ତା ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# ହନୁମାନ ଚାଳିଶା ଓ ଚଣ୍ଡୀପାଠ



**ଭଦ୍ରେଶ୍ୱର,୨୮।୮(ସମିସ):** ମାହାଙ୍ଗା ବ୍ଲକ ଖଣ୍ଡୋଳ ହନୁମାନଜୀୟୁଙ୍କ ବିଜେସ୍ଥଳିରେ ହନୁମାନ ଚାଳିଶା ଓ ଗ୍ରାମଦେବତୀ ମା' ମଙ୍ଗଳାଙ୍କ ପୀଠରେ ଚଣ୍ଡିପାଠ କରାଯାଇଛି। କର୍ତ୍ତା ଭାବେ ସୁକଦେବ ନନ୍ଦ, ଧରଣୀଧର ପାତ୍ର, ପୂଜକ ଭାବରେ ପଣ୍ଡିର ରାଜକିଶୋର ଷଡ଼ଙ୍ଗୀ, ସୁରେଶ କୁମାର ତ୍ରିପାଠୀ, ଭରତଚନ୍ଦ୍ର ଶରଣ କାର୍ଯ୍ୟ ସମ୍ପାଦନ କରିଥିଲେ। ସଦାନନ୍ଦ ବେହେରା, କ୍ଷୀରୋଦ ଲେଙ୍କା, ସୁରେନ୍ଦ୍ରନାଥ ଲେଙ୍କା, କୁଳମଣୀ ନାୟକ, ପଣ୍ଡିତ ବୈକୁଣ୍ଠନାଥ ପରିଡା, ମୃତ୍ୟୁଞ୍ଜୟ ପଣ୍ଡା, ସୁରଥଚନ୍ଦ୍ର ମହାପାତ୍ର, ଅଞ୍ଜନ ମିଶ୍ର, ରଞ୍ଜିତ ପୁହାଣ, ଅନିରୁଦ୍ଧ ମହାନ୍ତି, ନିରଞ୍ଜନ ଗୋଛାୟତ, ପରମାନନ୍ଦ ମହାନ୍ତି, ଅନନ୍ତ ମହାରଣା, ତାରିଣୀ ପ୍ରସାଦ ନାୟକଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ। ଭକ୍ତଙ୍କ ମଧ୍ୟରେ ପ୍ରସାଦ ବଣ୍ଟନ କରାଯାଇଥିଲା।

# ଔଷଧ ଦୋକାନୀ-ସାମ୍ବାଦିକଙ୍କ ମଧ୍ୟରେ ବିବାଦ

**ନିଶ୍ଚିନ୍ତକୋଇଲି,୨୮।୮(ସମିସ):** ନିଶ୍ଚିନ୍ତକୋଇଲି ଥାନା କଟିକଟା ପଞ୍ଚାୟତରେ ଥିବା ଏକ ଔଷଧ ଦୋକାନରୁ ଜଣେ ଥାନାଧିକାରୀ ଅଢେଇ ଲକ୍ଷ ଟଙ୍କା ନେଇଥିବା ଘଟଣାରେ ଦୁଇ ଜଣ ସାମ୍ବାଦିକ ଏଥିରେ ସମ୍ପୃକ୍ତ ଥିବା ନେଇ ନିଶ୍ଚିନ୍ତକୋଇଲି ଥାନାରେ ଅଭିଯୋଗ ହୋଇଛି। ଏହି ଦୁଇ ଜଣ ସାମ୍ବାଦିକ ଟଙ୍କା କାରବାରରେ ମଧ୍ୟସ୍ଥତା କରିଥିବା ଘଟଣା ସମ୍ପୃକ୍ତ ଔଷଧ ଦୋକାନୀଙ୍କ ପୁତ୍ର ପ୍ରଦୀପ୍ତ କୁମାର ସାହୁ ପୁଲିସ ଅଧିକାରୀଙ୍କୁ ଜଣାଇଥିଲେ। ଏହା ଜଣାପଡ଼ିବା ପରେ ଉକ୍ତ ଦୁଇ ଜଣ ସାମ୍ବାଦିକ ସେହି ମେଡ଼ିସିନ୍ ଷ୍ଟୋରକୁ ଯାଇ ସମ୍ପୃକ୍ତ ଦୋକାନୀକୁ ଅଶାଳୀନ ଭାଷାରେ ଗାଳିଗୁଲଜ କରିବା ସହିତ ତାଙ୍କୁ ହତ୍ୟା ଧମକ ଦେଇଥିବା ଏବଂ ଅନେକ ସମୟରେ ମୋବାଇଲରେ ମଧ ଧମକ ଦେଉଥିବା ନେଇ ପ୍ରଦୀପ୍ତ ଥାନାରେ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ସାମ୍ବାଦିକ ଶୁଭାଶିଷ ବସନ୍ତରାୟ ସମ୍ପୃକ୍ତ ଔଷଧ ଦୋକାନ ନାଁରେ ମଧ ଅଭିଯୋଗ କରିଛନ୍ତି। ଗଣେଶ ପୂଜା ଦିନ ଶୁଭାଶିଷ ଏବଂ ଅନ୍ୟ ଜଣେ ସାମ୍ବାଦିକ ଖବର ପ୍ରସାରଣ ନିମନ୍ତେ ଦୋକାନୀର ପ୍ରତିକ୍ରିୟା ନେବା ପାଇଁ କଟିକଟା ଛକ ଉକ୍ତ ମେଡ଼ିସିନ୍ ଷ୍ଟୋରକୁ

## ଥାନାରେ ଦୁଇଟି ମାମଲା ରୁଜୁ

ଯାଇଥିଲେ। ଦୋକାନରେ ଥିବା ମାଲିକ ପ୍ରଫୁଲ୍ଲ ସାହୁଙ୍କୁ ଏ ସଂକ୍ରାନ୍ତରେ ପଚାରିବାରୁ ସେ ପ୍ରତିକ୍ରିୟା ନ ଦେଇ ସାମ୍ବାଦିକଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ତାଙ୍କୁ ଧକ୍କା ମାରିଥିଲେ। ଏହାପରେ ଔଷଧ ଦୋକାନୀ ମାଲିକଙ୍କ ପୁଅ ପ୍ରଦୀପ୍ତ ସାହୁ ହଠାତ୍ ଶୁଭାଶିଷ ବେକରେ ଏକ ଗାମୁଛା ପକାଇ ତାଙ୍କୁ ଚେତାଶୂନ୍ୟ କରିବା ସହିତ ବେକରେ ଥିବା ଏକ ସୁନା ଚେନ, ନଗଦ ୪ ହଜାର ଟଙ୍କା ଓ କ୍ୟାମେରା ନେଇଯାଇଥିବା ଅଭିଯୋଗ ଫର୍ଦ୍ଦରେ ଦର୍ଶାଯାଇଛି। ଏ ସଂକ୍ରାନ୍ତରେ ଅଭିଯୋଗ ପାଇବା ପରେ ନିଶ୍ଚିନ୍ତକୋଇଲି ଥାନା ପୁଲିସ ଶୁଭାଶିଷଙ୍କ ଅଭିଯୋଗରେ ୧୬୯/୨୭.୦୮.୨୦୨୫ ରେ ଏକ ମାମଲା ରୁଜୁ କରିଛି। ଏହାପରେ ପ୍ରଦୀପ୍ତ ସାହୁଙ୍କ ଅଭିଯୋଗରେ ୧୭୦/୨୭.୦୮.୨୦୨୫ରେ ମଧ ଏକ ମାମଲା ରୁଜୁ ହୋଇଯାଇଛି। ଗୁରୁବାର ଏହି ଦୁଇ ମାମଲାକୁ ଭିତ୍ତି କରି ନିଶ୍ଚିନ୍ତକୋଇଲି ଥାନା ପୁଲିସ ସମ୍ପୃକ୍ତ ମେଡ଼ିସିନ୍ ଷ୍ଟୋରକୁ ଯାଇ ତଦନ୍ତ କରୁଥିବା ବେଳେ ସାମ୍ବାଦିକଙ୍କୁ ଡ଼ାକି ପଚରାଉଚରା କରୁଥିବା ଜଣାଯାଇଛି।

# ପୂର୍ବତନ ସରପଞ୍ଚଙ୍କ ବିୟୋଗରେ ଶୋକ



**କନ୍ଦରପୁର,୨୮।୮(ସମିସ):** କଟକ ସଦର ଅନ୍ତର୍ଗତ କନ୍ଦରପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ, ବରିଷ୍ଠ ସମାଜସେବୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଏକାନ୍ତ ଅନୁଗତ ଓ ବ୍ୟକ୍ତିଗତ ଭାବେ ଜଣାଶୁଣା ଟୁନା ରାଉତଙ୍କର ଗୁରୁବାର ଅପରାହ୍ନରେ ୮୪ବର୍ଷ ବୟସରେ ନିଜ କନ୍ଦରପୁର ବାସଭବନରେ ପରଲୋକ ଘଟିଛି। ସିଏ କିଛି ଦିନ ହେଲା ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ହୋଇ ଘରେ ଚିକିତ୍ସିତ ହେଉଥିଲେ। ତାଙ୍କ ମୃତ୍ୟୁ ଖବର ଜଣାପଡିବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପରିବାରର ସମସ୍ତ ସଦସ୍ୟ ଓ ସ୍ଥାନୀୟ ବହୁ ବ୍ୟକ୍ତିବିଶେଷ ତାଙ୍କର ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କ ପୁତ୍ର ପ୍ରିୟରଞ୍ଜନ ରାଉତ ମୁଖାଗ୍ନି ଦେଇଥିଲେ।

ସକାଳ
THE SAKALA



## ବୈତରଣୀ ବନ୍ୟାରେ ଚାନ୍ଦବାଲି ବ୍ଲକର ୨୦ଟି ଗାଁ ପ୍ରଭାବିତ

# ୬ ଦିନ ହେଲା କ୍ଷେତରେ ଲହଡ଼ି ଭାଙ୍ଗୁଛି

## ପାନୀୟ ଜଳ ଅଭାବ: ଦୂଷିତ ନଳକୂପ ପାଣି ପିଉଛନ୍ତି ବିପନ୍ନ








**ଭଦ୍ରକ/ଆରଡି, ୧୮ ।୮ (ସମିସ):** ବୈତରଣୀ ନଦୀରେ ବନ୍ୟା ଆସିବା ଫଳରେ ଦୀର୍ଘ ୬ ଦିନ କରାଳ ରୂପ ଦେଖାଦେଇଥିଲା । ହେଲେ ବୁଧବାରଠାରୁ ପାଣି ହ୍ରାସ ପାଇବାରେ ଲାଗିଛି । ବିଶେଷ କରି ଏହି ବନ୍ୟାରେ ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକର ୪ଟି ପଞ୍ଚାୟତର ୨୦ ଗାଁ ପ୍ରଭାବିତ ହୋଇଛି । କ୍ଷେତ ଓ ପଥରେ ବନ୍ୟାପାଣି ପ୍ରବାହିତ ହେଉଥିବାରୁ ଏବେବି ଅନେକ ଗାଁ ଲୋକମାନେ ପାଣିରେ ପଶି ଯାତାୟତ କରୁଛନ୍ତି । ୬ଦିନ ହେଲା ଶହଶହ ଏକର ଚାଷଜମି ଜଳମଗ୍ନ ହୋଇ ରହିଛି । ତାହା ଶହ ବେଶି ପ୍ରଭାବିତ ହୋଇଛନ୍ତି ଗୃହପାଳିତ ପଶୁ । ଦୀର୍ଘ ୬/୭ଦିନ ଧରି ଗାଁ ଦାଣ୍ଡ ଓ ନଦୀବନ୍ଧରେ ଆଶ୍ରୟ ନେଇଛନ୍ତି । ସେହିପରି ବନ୍ୟାର ୫ଦିନ ପରେ ଜିଲା ପ୍ରଶାସନ ଅଧିକାରୀ ବନ୍ୟାଞ୍ଚଳକୁ ଯାଇ ବିପନ୍ନଙ୍କୁ ଭେଟିବା ସହ ଜଳବନ୍ଦୀ ହୋଇ ରହିଥିବା ବିପନ୍ନଙ୍କ ପାଇଁ ରନ୍ଧାଖାଦ୍ୟର ବ୍ୟବସ୍ଥା କରାଇଥିଲେ ମଧ ଗୋଟିଏ ଓଳି ରନ୍ଧାଖାଦ୍ୟ ଦେଇ ପ୍ରଶାସନ ତା'ର କାମ ସାରିଛି । ଏପରିକି ବନ୍ୟା ର ୫ଦିନ ପରେ ବିପନ୍ନଙ୍କୁ ରନ୍ଧାଖାଦ୍ୟ ଦିଆଯାଇଥିବାରୁ ବହୁ ବିପନ୍ନ ଖାଦ୍ୟ ଗ୍ରହଣ ନକରିବା ସହ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ପାଣି ଛାଡିବା ଯାଏଁ ବିପନ୍ନଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦେବାକୁ ଭଦ୍ରକ ଜିଲାପାଳ ଦିଲୀପ ରାଉତରାଏ ପ୍ରେସ ବିବୃତ୍ତି ଦେଇଥିଲେ । ହେଲେ ଏପଟେ ବିପନ୍ନ ଭୋକ ଉପାସରେ ସ୍କୁଲ ଘରେ ଦୀର୍ଘ ୫ଦିନ ରହିବା ପରେ ବନ୍ୟାପାଣି କମିବାରୁ ନିଜ ଘରକୁ ଫେରି ସଜାଡୁଛନ୍ତି । ବନ୍ୟାପାଣି ଗାଁ ଦାଣ୍ଡ ଓ ଘରେ ପଶିବାରୁ ବେଶି ପ୍ରଭାବିତ ହୋଇଛି କଚ୍ଚାଘର । କେଉଁଠି ପାଣି ପଶି କାନ୍ଥ ଭୁଶୁଡ଼ି ପଡ଼ିଛି ତ ଆଉ କେଉଁଠି ଘରର ଆସବାବପତ୍ର ଓ ଦରକାରୀ କାଗଜପତ୍ର ବତୁରିଯାଇ ନଷ୍ଟ ହୋଇଯାଇଛି । ଏପରିକି ବନ୍ୟାଞ୍ଚଳରେ ଅଧିକାଂଶ ନଳକୂପ ବୁଡିଯାଇଥିବାରୁ ବିପନ୍ନମାନେ ଶୋଷ ମେଣ୍ଟାଇବା ପାଇଁ ନଳକୂପର ଦୂଷିତ ପାଣି ପିଇବାକୁ ବାଧ ହେଉଛନ୍ତି ।

## ବର୍ଷାରେ ଧୋଇଗଲା ଗ୍ରାମ୍ୟ ରାସ୍ତା



**ବାରିକପୁର, ୨୮ ।୮ (ସମିସ):** ବୈତରଣୀ ନଦୀରେ ଆସିଥିବା ତୃତୀୟ ବନ୍ୟା ଯୋଗୁଁ ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳର କିଛି ଗ୍ରାମ୍ୟ ରାସ୍ତା ଆଂଶିକ ଧୋଇଯାଇଛି । ମଣିନାଥପୁର ନିକଟସ୍ଥ ବଲ୍ଲଭୀଘାଟ ସେତୁଠାରୁ ଧାମନଗର ବ୍ଲକ ଦେହୁଡି ଆନନ୍ଦପୁରକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ରାସ୍ତା ଉପରେ ୩ ଫୁଟର ପାଣି ପ୍ରବାହିତ ହୋଇଥିଲା । ବିଶେଷ କରି ରାସ୍ତାର ଦାଣ୍ଡ କୂଳ ଶେଷ ଭାଗରେ ଥିବା କିଛି ଅଂଶ ଧୋଇହୋଇଯାଇଛି । ବିରୋଳୀ ଜଳହରି ଗ୍ରାମ୍ୟ ଉନ୍ନୟନ ରାସ୍ତାର କିଛି ଭାଗରେ ଥିବା ମାଟି ମଧ ଖସି ଯାଇଛି । ରାସ୍ତାରେ ପ୍ରାୟ ୨୪ ଘଣ୍ଟାଧରି ପାଣି ପ୍ରବାହିତ ହେବା ଯୋଗୁଁ ମାଟି ଧୋଇହୋଇଛି । ଅନୁରୂପ ଭାବେ ତିଖିଲିଆ ଗ୍ରାମ୍ୟ ଉନ୍ନୟନ ରାସ୍ତା ମଧ ପ୍ରଭାବିତ ହୋଇଛି ।

## ବାଇକ୍ ଲୁଟେରା ଗ୍ୟାଙ୍ଗକୁ ଧରିଲା ପୁଲିସ

**ତିହିଡି, ୨୮ ।୮ (ସମିସ):** ତିହିଡିରେ ବାଇକ ଚୋରି ହେବାର ଅଭିଯୋଗ ହୋଇ ଆସୁଥିଲା ୫ ମାସ ଭିତରେ ଦଶରୁ ଅଧିକ ବାଇକ ଚୋରି ହୋଇଥିବା ସୂଚନା ମିଳିଥିଲା; ହେଲେ ପୁଲିସ ଆଜି ଧରିବାରେ ସକ୍ଷମ ହୋଇଛି । ପୁଲିସ ୫ଟି ବାଇକ, ଲେଡ଼ି ସାଇକେଲ ଜବତ କରିବା ସହିତ ଗ୍ୟାଙ୍ଗର ୩ ଅଭିଯୁକ୍ତ ଗିରଫ କରାଯାଇଛି । ପୁଲିସ ଭାଟପଡ଼ା ପଞ୍ଚାୟତ କେଳାସାହି ଗ୍ରାମର ସିପୁନଦାସ ମକୁରୁ ନାଁରେ ଛ'ରୁ ଅଧିକ ମାମଲା ରହିଛି । ସେହିପରି ତାଳପଦା ପଞ୍ଚାୟତ ବଇକୁଣ୍ଠ ସାହିର ରାଜା ନାୟକ ଏବଂ ଅନ୍ୟଜଣେ ଅଭିଯୁକ୍ତ ବାଲେଶ୍ୱର ଜିଲ୍ଲାର ସିଙ୍ଗଳା, ଶଙ୍କର ମଣ୍ଡଳକୁ କୋର୍ଟ ଚାଲାଣ କରିଛି ପୁଲିସ ।



## ୫୧ ଲକ୍ଷ ଟଙ୍କାର ଧାନ ନେଇ କମ୍ପାନୀ ଛୁ', ଧାରଣାରେ ଚାଷୀ




**ଭଦ୍ରକ, ୨୮ ।୮ (ସମିସ):** ଚାଷୀଙ୍କଠାରୁ ୫୧ ଲକ୍ଷ ଟଙ୍କାର ଧନ ନେଇ କମ୍ପାନୀ ଫେରାର ହୋଇଯାଇଛି । ନିଜର ଅର୍ଜିତ ଟଙ୍କା ପାଇବାକୁ ପୁଲିସଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ନିକଟରେ ଦାବି କରିଥିଲେ ମଧ କୌଣସି ସୁଫଳ ନମିଳିବାରୁ ଆମରଣ ଅନଶନରେ ବସିଛନ୍ତି ଚାଷୀ । ଏଭଳି ଏକ ଘଟଣା ଘଟିଛି ଭଦ୍ରକ ଜିଲ୍ଲା ପିରାହାଟ ଥାନା ଅନ୍ତର୍ଗତ ଗୋବିନ୍ଦପୁର ଓ ବାରସର ପଞ୍ଚାୟତରେ । ଏହି ଦୁଇ ପଞ୍ଚାୟତର ୧୫ରୁ ଊର୍ଦ୍ଧ୍ୱ ଚାଷୀ ଦୀର୍ଘ ୫ବର୍ଷ ହେବ ଭିଭିଆର ସିଡ୍‌ସ ପ୍ରାଇଭେଟ ଲିମିଟେଡ଼ ହାଇଦ୍ରାବାଦ ଓ ଟାଟା ରେଲସ କୋ ଏହି ଦୁଇଟି କମ୍ପାନୀ ମାଧ୍ୟମରେ ରବି ଋତୁରେ ବହୁମୂଲ୍ୟ ମେଲ ଫିମେଲ ଧାନ ଚାଷ କରିଆସୁଥିଲେ । ଯାଜପୁର ମଙ୍ଗଳପୁରର ଅର୍ଦ୍ଧେନ୍ଦୁ ଶେଖର ରାଉତଙ୍କ ଜରିଆରେ ଏହି ଚାଷ କରାଯାଉଥିଲା । ତେବେ ଗତ ରବି ଋତୁରେ ଚାଷୀମାନେ ୨୬୪ ଏକରରୁ ଅଧିକ ଜମିରେ ଚାଷ କରିଥିଲେ । ତେବେ ଚାଷ ଶେଷ ହେବା ପରେ କମ୍ପାନୀ ଧାନ ନେଇଛି ହେଲେ ଚାଷୀଙ୍କ ପ୍ରାପ୍ୟ ୫୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଦେବାର ନାମ ଧରୁନାହିଁ । ଫଳରେ ଗତ ୪ମାସ ହେଲା ନିଜ ଧାନ ବିକା ଅର୍ଥ ପାଇବାକୁ ଚାଷୀମାନେ ପୀରାହାଟ ଥାନାରେ ଅଭିଯୋଗ କରିବା ସହିତ ଜିଲ୍ଲାପାଳଙ୍କୁ ମଧ ଅଭିଯୋଗ ଦେବା ପରେ କୌଣସି ସୁଫଳ ନମିଳିବାରୁ ଆଜି ଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ ଆରମ୍ଭ କରିଛନ୍ତି ବୋଲି ଚାଷୀ ହୃଷିକେଶ ପଣଶ୍ରୀ ଓ ଆନନ୍ଦ ଦାସ ପ୍ରମୁଖ ଅଭିଯୋଗ କରିଛନ୍ତି ।

## ଧାମନଗରରେ ସାର କଳାବଜାରୀ; ଚଢ଼ାଦରରେ ବିକ୍ରି

**ଧାମନଗର, ୨୮ ।୮ (ସମିସ):** ଧାମନଗର ବ୍ଲକ ଓ ସହରାଞ୍ଚଳ ଏବଂ ଏହାର ଆଖପାଖରେ ସରକାରୀ ସାରର କଳାବଜାରୀ ବହୁଳ ମାତ୍ରାରେ ବଢ଼ିଚାଲିଛି । ଯାହାକୁ ନେଇ ଚାଷୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି । ଦିନକୁ ଦିନ ଗଡ଼ି ଚାଲୁଛି ଫଳରେ ଚାଷୀ ଭାଇଟିଏ ତାର ଧାନ କ୍ଷେତରେ ସାର ପକାଇବା ପାଇଁ ଚଢା ଦରରେ କିଣିବା ପାଇଁ ବାଧ ହେଉଛି । ଯେଉଁ ସାରଟିକୁ କିଣୁଛି ସେଇଟା ମଧ ଅସଲି କି ନକଲି ତାହା ମଧ ସନ୍ଦେହ ଘେରରେ । ଏହି ଖରିଫ ଚାଷ ହିଁ କୃଷକ ଭାଇର ଜୀବନ ଜୀବିକା ଉପରେ ପ୍ରଭାବ ପକାଇଥାଏ ଯଦି ଚାଷ ଖରାପ ହୋଇଯାଏ ତାହାହେଲେ ପରିବାରର ମେରୁଦଣ୍ଡ ଦୋହଲି ଯାଏ । ସରକାର ଚାଷ ପାଇଁ ବହୁ ସୁବିଧା ସୁଯୋଗ ସୃଷ୍ଟି କରୁଛନ୍ତି । କଥାରେ ଅଛି 'ଚାଷ କାମ ଯାହାର କେତେ ସବୁସୁଖ ତାହାର ସେହି ଚାଷୀଟିଏ ଦୁନିଆକୁ ଯୋଗାଉଛି ଆହାର' ତେଣୁ ଚାଷୀମାନେ ଅସୁବିଧାର ସମ୍ମୁଖୀନ ନହେବେ ଏଥିପ୍ରତି କୃଷି ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଏବଂ ଅଧିକାରୀ ଯତ୍ନବାନ ହେବାକୁ ପରାମର୍ଶ ଦିଆଯାଇଛି ।




### ଜାଲ ପ୍ରମାଣପତ୍ର ଦେଇ ଚାକିରି କରିବା ପ୍ରସଙ୍ଗ

## ଜିଲ୍ଲାପାଳଙ୍କୁ ଅଭିଯୋଗ କଲେ ସୂଚନା ଅଧିକାର କର୍ମୀ

**ଭଦ୍ରକ, ୨୮।୮ (ସମିସ):** ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ସରକାରୀ ଅଫିସରେ ସୂଚନା ଅଧିକାର ଆଇନ ବଳରେ ଶିକ୍ଷାଗତ ପ୍ରମାଣପତ୍ର, ବାସସ୍ଥାନ, ଜାତିଗତ ପ୍ରମାଣପତ୍ର, ନିଯୁକ୍ତି ପ୍ରମାଣପତ୍ର ଆଦିରେ ଜାଲିଆତି କରି ଚାକିରି କରୁଥିବା କର୍ମଚାରୀଙ୍କ ବିରୋଧରେ ସୂଚନା ହସ୍ତଗତ ହୋଇଛି । ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରିବା ପରେ ବି କୌଣସି କାର୍ଯ୍ୟାନୁଷ୍ଠାନ ହେଲାନି । ଫଳରେ ସୂଚନା ଅଧିକାର କର୍ମୀ ବିକାଶ ଧଳ, ବିପ୍ଳବ ହୋତା, ପ୍ରକାଶ ଜେନା, ରତିକାନ୍ତ ସାହୁ ଏବଂ ବିନୋଦ ଧଳ ସାମନ୍ତ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଭଦ୍ରକ ବ୍ଲକ ଶିକ୍ଷାଧିକାରୀଙ୍କ ଅଧୀନ ସୁକନାଳିଆ ପ୍ରାଇମେରୀ ସ୍କୁଲରେ ପ୍ରଧାନଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ସୁମିତ୍ରା ସିଂହଙ୍କ ପ୍ରକୃତ ବାସସ୍ଥାନ ମୟୂରଭଞ୍ଜ ଜିଲ୍ଲା ବଡ଼ସୋଲେ ଗ୍ରାମରେ । ସେ ଚାକିରି ସମୟରେ ଭଦ୍ରକ ଜିଲ୍ଲା ବାସିନ୍ଦା ବୋଲି ଉଲ୍ଲେଖ କରି ଜାଲପ୍ରମାଣପତ୍ର ଦେଇଥିଲେ । ବ୍ଲକ ଶିକ୍ଷାଧିକାରୀ ତଦନ୍ତରୁ ଜାଣିବା ପରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ନିବେଦନ କରିଥିଲେ; କିନ୍ତୁ ଜିଲ୍ଲା ଶିକ୍ଷାଧିକାରୀ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାନ୍ତି । ସେହିପରି ବନ୍ତ ବ୍ଲକ ଶିକ୍ଷାଧିକାରୀଙ୍କ ଅଧୀନ ବିବିଦାସ ନୋଡ଼ାଲ ୟୁପି ସ୍କୁଲର ଶିକ୍ଷୟିତ୍ରୀ ଆରତୀ ସେଠୀ ଏକା ସମୟରେ ୨ଟି ସିଏଲସି ହାତେଇ ଏକା ବର୍ଷରେ ସିଟି ଓ +୨କଳାର ଶିକ୍ଷାଗତ ପ୍ରମାଣପତ୍ର ହାତେଇଥିବା ଓ ପରେ ଅଧିକାରୀଙ୍କ ତଦନ୍ତରୁ ଉକ୍ତ ଜାଲିଆତିର ସତ୍ୟତା ପ୍ରମାଣିତ ହେବା ପରେ ମଧ ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ଚାନ୍ଦବାଲି ବ୍ଲକର କରଣପୋଖରୀ ପ୍ରାଇମେରୀ ସ୍କୁଲରେ ସହକାରୀ ଶିକ୍ଷକ ଭାବେ କାର୍ଯ୍ୟରତ ବିଦ୍ୟାଧର ନାୟକ ଥରେ ମାଟ୍ରିକ ପରୀକ୍ଷାରେ ଅକୃତକାର୍ଯ୍ୟ ହେବା ପରେ ଜନ୍ମତାରିଖରେ ଜାଲିଆତିକରି ପୁଣି ମାଟ୍ରିକ ପରୀକ୍ଷା ଦେଇ କୃତକାର୍ଯ୍ୟ ହୋଇଥିଲେ । ବସନ୍ତିଆ ମଇ ବିଦ୍ୟାଳୟର ଶିକ୍ଷକ ଜାଲ ମେଡ଼ିକାଲ ଫିଟନେସ ପ୍ରମାଣପତ୍ର ମାଧ୍ୟମରେ ବେତନ ହାତେଇଛନ୍ତି । ଚାନ୍ଦବାଲି ବ୍ଲକ ଶିକ୍ଷାଧିକାରୀଙ୍କ ଅଧୀନ ବଡ଼ସିଂହପୁର ପ୍ରକଳ୍ପ ପ୍ରାଇମେରୀ ଶିକ୍ଷକ ଦୀନବନ୍ଧୁ ସେଠୀ ଜାଲ ବିଇଡ଼ି ପ୍ରମାଣପତ୍ର, ଭଣ୍ଡାରିପୋଖରୀ ତହସିଲରେ କାର୍ଯ୍ୟରତ ରାଜସ୍ୱ ନିରୀକ୍ଷକ ସୁବ୍ରତ ମଲ୍ଲିକ ଏବଂ ଚାନ୍ଦବାଲି ତହସିଲରେ କାର୍ଯ୍ୟରତ ରାଜସ୍ୱ ନିରୀକ୍ଷକ ସୌଭାଗ୍ୟ ସିଂହ ଜାଲ ଶିକ୍ଷାଗତ ଯୋଗ୍ୟତା, ମା' ସରସଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କୋଠାରରେ କାର୍ଯ୍ୟରତ କର୍ମଚାରୀ ବଂଶୀଧର ବେହେରା, ବୀଣାପାଣି ମହାପାତ୍ର, ଶଙ୍କର୍ଷଣ ଖଟୁଆ ଏବଂ ଚକ୍ରଧର ବେହେରା ପ୍ରମୁଖ ବୟସ ଜାଲିଆତି, ତିହିଡ଼ି ବ୍ଲକ ଅନ୍ତର୍ଗତ ଦହପାଣିଆ (ଏସଏସଡ଼ି) ହାଇସ୍କୁଲରେ ବିଜ୍ଞାନ ଶିକ୍ଷକ ଭାବେ କାର୍ଯ୍ୟରତ ଶଶିକାନ୍ତ ପଣ୍ଡା ଜାଲ ଶିକ୍ଷାଗତ ଯୋଗ୍ୟତା ଦେଇଛନ୍ତି । ସେହିପରି ଆଗରପଡ଼ା ମହାବିଦ୍ୟାଳୟରେ ବର୍ତ୍ତମାନ ମୁଖ୍ୟ ସହାୟକ ଭାବେ କାର୍ଯ୍ୟରତ ଅଶୋକ କୁମାର ସାହୁ ସୂଚନା ଅଧିକାର ଆଇନ ବଳରେ ହସ୍ତଗତ ତଥ୍ୟ ଅନୁସାରେ ନିଜ ଶିକ୍ଷାଗତ ଯୋଗ୍ୟତା ଅନୁଯାୟୀ ଇଲେକ୍ଟ୍ରିସିଆନ ପଦବୀରେ ନିଯୁକ୍ତି ପାଇଥିବା ବେଳେ ପରବର୍ତ୍ତୀ ସମୟରେ କିପରି ଓ କେମିତି ଏବଂ କେଉଁ ପରିଚାଳନା କମିଟି ଦ୍ୱାରା ମେକାନିକାଲ ପଦବୀରେ ନିଯୁକ୍ତି ପାଇଲେ ତାହା ତଦନ୍ତ ପରିସରଭୁକ୍ତ ହୋଇଛି । ସେ ଏବେ କଲେଜର ମୁଖ୍ୟ ସହାୟକ ପଦରେ ଅବସ୍ଥାପିତ । ତେଣୁ ସେ ବିଭିନ୍ନ ପ୍ରମାଣପତ୍ରରେ ଜାଲିଆତି କରି ପଦବୀ ଅକ୍ତିଆର କରିଥିବାରୁ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ମଧ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି ।

### ଏନ୍‌ଏସି ଦାବିରେ ବିଜେଡିର ଆଗରପଡ଼ା ବନ୍ଦ

# ବିଧାୟକ ସମେତ ବହୁ ଦଳୀୟ କର୍ମକର୍ତ୍ତା ସାମିଲ




**ବନ୍ତ/ଆଗରପଡ଼ା, ୨୮।୮ (ସମିସ):** ଭଦ୍ରକ ଜିଲ୍ଲା ଆଗରପଡ଼ାକୁ ବିଜ୍ଞାପିତ ପରିଷଦ ଅଞ୍ଚଳ ବା ଏନଏସି ରାଜ୍ୟ ସରକାରଙ୍କ ପ୍ରକାଶିତ ତାଲିକାରେ ବାଦ୍ ଦିଆଯାଇଥିବାରୁ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଗୁରୁବାର ବିଜୁ ଜନତାଦଳ ପକ୍ଷରୁ ଆଗରପଡ଼ା ବନ୍ଦ ଡ଼ାକରା ଦିଆଯାଇଥିଲା । ଏହି ବନ୍ଦ ଡାକରାରେ ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କ ସମେତ ଅବସରପ୍ରାପ୍ତ କର୍ମଚାରୀ ସଂଘ, ବରିଷ୍ଠ ନାଗରିକ, ବ୍ୟବସାୟୀ, ମହିଳା ଓ ଯୁବଛାତ୍ର ସକାଳ ୬ରୁ ଅପରାହ୍ନ ୪ଟା ଯାଏ ଶୋଭାଯାତ୍ରା, ପଥପ୍ରାନ୍ତ ସଭା ଓ ଗଣଧାରଣାରେ ସାମିଲ ହୋଇଥିଲେ । ଏହି ଅବସରରେ ମୁଖ୍ୟ ବଜାର କଲେଜଛକରେ ବିଜେଡି ବରିଷ୍ଠ ନେତା ପ୍ରଶାନ୍ତ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରତିବାଦ ସଭାରେ ସ୍ଥାନୀୟ ବିଧାୟକ ସଞ୍ଜୀବ ମଲ୍ଲିକ, ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ବନ୍ତ ବ୍ଲକ ଅଧକ୍ଷ ମନୋରଞ୍ଜନ ଘଡ଼େଇ, ଜିଲ୍ଲାପରିଷଦ ସଭ୍ୟା ରୁନିତା ଦାସ, ଅବସରପ୍ରାପ୍ତ କର୍ମଚାରୀ ସଂଘ କାର୍ଯ୍ୟକାରୀ ସଭାପତି ଗୋବିନ୍ଦ ଚନ୍ଦ୍ର ଶତପଥୀ, ସମ୍ପାଦକ ରବୀନ୍ଦ୍ର ଆଇଚ, ବ୍ଲକ ବିଜେଡି ସଭାପତି ଲକ୍ଷ୍ମୀଧର ମହାନ୍ତି, ସରପଞ୍ଚ ପ୍ରକାଶ ବିଶ୍ୱାଳ, ନିହାର ରଞ୍ଜନ ପଣ୍ଡା, ବିନୋଦିନୀ ମହାନ୍ତି, ମାଳତୀ ଲତା ପୃଷ୍ଟି, ମୀନାରାଣୀ ଜେନା, ଗୀତିକା ଭୋଇ, ସମିତିସଭ୍ୟା ଜ୍ୟୋର୍ତିମୟୀ ପଣ୍ଡା, ଶୁଶୀଳା ଜେନା, ସମିତିସଭ୍ୟ ନିର୍ମଳ ନାୟକ, ବରିଷ୍ଠ ନେତା ଶ୍ରୀନାଥ ମହାନ୍ତି, ଅଶୋକ ପାଣିଗ୍ରାହୀ, ସେକ୍ ଜଇନୁଲ ଆବେଦିନ, ନନ୍ଦକିଶୋର ନାୟକ, ଲିଙ୍ଗରାଜ ତ୍ରିପାଠୀ, ବିଷ୍ଣୁ ମୋହନ ଜେନା, ବାବୁରାମ ମଲ୍ଲୀକ, ଗଗନ ସିଂହ, ଯୁବନେତା ସତ୍ୟସାଧନ ବେଜ, ପ୍ରଦ୍ୟୁମ୍ନ ପୁହାଣ, ସୁରେଶ ପୃଷ୍ଟି, ଜିତେନ୍ଦ୍ର ଶତପଥି ପ୍ରମୁଖ ଐତିହ୍ୟ ସମ୍ପନ୍ନ ମାଟି ଆଗରପଡ଼ାକୁ ଏନଏସି କରିବାକୁ ଦାବି କରିଥିଲେ । ନୂତନ ଏନଏସି ଗଠନ ପାଇଁ ଆଗରପଡ଼ା ସମସ୍ତ ସର୍ତ୍ତାବଳୀ ପୂରଣ କରୁଛି । ପୂର୍ବରୁ ବିଜେଡ଼ି ସରକାର ସମ୍ପୃକ୍ତ ଅଞ୍ଚଳକୁ ବିଜ୍ଞାପିତ ପରିଷଦ ନେଇ ପ୍ରସ୍ତାବ ଘୋଷଣା କରିବା ପରେ ବର୍ତ୍ତମାନ ସରକାରଙ୍କୁ ଜିଲ୍ଲା ପ୍ରଶାସନଙ୍କ ଜରିଆରେ ସମସ୍ତ ପ୍ରକାର ଆବଶ୍ୟକୀୟ କାଗଜପତ୍ର ଦିଆଯାଇ ସାରିଛି; କିନ୍ତୁ ଆଗରପଡ଼ା ଏଥିରୁ ବାଦ ପଡ଼ିଲା । ବରପୁତ୍ରଙ୍କ ମାଟି ପ୍ରତି ଏହା ଅସମ୍ମାନ ବୋଲି ବକ୍ତାମାନେ ମତବ୍ୟକ୍ତ କରିଛନ୍ତି । ପ୍ରାରମ୍ଭରେ ଆଗରପଡ଼ା କୁଆଁସମଡ଼ିଆ ଛକରୁ ଶତାଧିକ କର୍ମୀ ଏକ ବାଇକ୍ ଶୋଭାଯାତ୍ରାରେ ଆସି ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ବିଭିନ୍ନ ସ୍ଲୋଗାନ ଦେଇଥିଲେ । ଶେଷରେ ଗଣଧାରଣା ସ୍ଥାନରେ ଭଦ୍ରକ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ଯୁବନେତା ବସନ୍ତ ପତି, ଧରଣୀ ପୃଷ୍ଟି, ମାନସ ରଞ୍ଜନ ପଟ୍ଟନାୟକ, ଦୀପକ ମହାନ୍ତି, ଜୟଦେବ ସିଂହ, ଜିତେନ୍ଦ୍ର ଶଡ଼ଙ୍ଗୀ, ଭିସ୍ୱେଶ୍ୱର ଦାସ, ବିଷ୍ଣୁ ମୋହନ ସାହୁ, ବ୍ରଜମୋହନ ମହାନ୍ତି, ଦିପ୍ତିରଞ୍ଜନ ଜେନା, ଦିଲ୍ଲୀପ ପୁହାଣ, ପରେଶ ନାୟକ, ଶଙ୍କର୍ଷଣ ରଥ, ଅକ୍ଷୟ ସାମଲ, ରମାକାନ୍ତ ବାରିକ, ମାମୁନ ସିଂହ, ସୁକାନ୍ତ ଦାସ, ଛାତ୍ରନେତା ହିମାଦ୍ରୀ ମହାନ୍ତି, ଦିପ୍ତିରଞ୍ଜନ ଦାଶ, ଗଜେନ୍ଦ୍ର ମଲ୍ଲୀକ ପ୍ରମୁଖ ଶତାଧିକ କର୍ମୀ ଉପସ୍ଥିତ ଥିଲେ ।

## ସମୁଦ୍ରରେ ବୁଡିଲା ଭୁଟୁଭୁଟି; ଅଳ୍ପକେ ବର୍ତ୍ତିଲେ ୪ ମତ୍ସ୍ୟଜୀବୀ

**ଭଦ୍ରକ/ବାସୁଦେବପୁର, ୨୮ ।୮ (ସମିସ):** ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଚୁଡାମଣି ମୁହାଣକୁ ମାଛ ଧରିବାକୁ ଯାଇଥିବା ଭୁଟୁଭୁଟି ସମୁଦ୍ର ମଧରେ ବୁଡିଯାଇଥିଲା; ହେଲେ ୪ ମତ୍ସ୍ୟଜୀବୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ମତ୍ସ୍ୟଜୀବୀଙ୍କୁ ବାସୁଦେବପୁର ଡାକ୍ତରଖାନାର ପ୍ରାଥମିକ ଚିକିତ୍ସା ପରେ ଘରକୁ ଛାଡି ପଠାଇ ଦିଆଯାଇଛି । ଚୁଡାମଣି ମୁହାଣରୁ ମା' ହିଡିମ୍ବା ଭୁଟୁଭୁଟି ୨୧ ତାରିଖରେ ମାଛ ଧରିବାକୁ ସମୁଦ୍ର ଅଭିମୁଖେ ଯାଇଥିଲା । ଭୁଟୁଭୁଟିରେ ୪ ଜଣ ମତ୍ସ୍ୟଜୀବୀ-ସପନ ମଲିକ, ପବନା ମଲିକ, ବନ ମଲିକ ଓ ପ୍ରକାଶ ମଲିକ ଥିଲେ । ଗତ ୨୩ ତାରିଖ ସମୁଦ୍ରରେ ଲଙ୍ଗର ପକାଇ ମାଛ ଧରୁଥିଲେ । ହେଲେ ଏତିକି ବେଳେ ଲଙ୍ଗର ଛିଡି ଯାଇଥିଲା । ମତ୍ସ୍ୟଜୀବୀମାନେ ପାଲ୍ ଟାଣି ଭୁଟୁଭୁଟିକୁ ଅଟକାଇ ଥିଲେ; କିନ୍ତୁ ୨୪ ତାରିଖରେ ଭୁଟୁଭୁଟି ବୁଡିଗଲା । ଜୀବନ ବିକଳରେ ମାଛ ସିଣ୍ଟେକ୍ସ, ମାଛ ବାକ୍ସ ସୋଲ ସାହାଯ୍ୟରେ ସମୁଦ୍ରରେ ମତ୍ସ୍ୟଜୀବୀ ଭାସିଥିଲେ । ଭାସି ଭାସି ଆସି ଗତକାଲି କସିଆଠାରୁ କିଛି ଦୂରରେ ଥିବା ବନି ଜଙ୍ଗଲ ପାଖରେ ପହଞ୍ଚି ଥିଲେ । ପରେ ଆମ୍ବୁଲାନ୍ସ ଯୋଗେ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଏହି ଭୁଟୁଭୁଟିର ମାଲିକ ନଟବର ମଲିକଙ୍କ ପୁଅ ପବନା ମଲିକ ମଧ ଥିଲେ । ଚାରି ଦିନ ଧରି ଚାରି ମତ୍ସ୍ୟଜୀବୀ ପାଣିରେ ଜୀବନ ସହିତ ଲଢେଇ କରି ଶେଷରେ କୂଳରେ ପହଞ୍ଚି ଥିଲେ ବୋଲି କହିଛନ୍ତି ମତ୍ସ୍ୟଜୀବୀ ।

### ପୁଣି ମାଫିଆ ସକ୍ରିୟ

# ରାତିରେ ନିଧଡ଼କ ମାଙ୍କଡ଼ା ପଥର କାରବାର

ନୟାଗଡ଼,୨୮।୮ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ତହସିଲ ଅଧୀନସ୍ଥ କୋମଣ୍ଡ, ରୋହିବାଙ୍କ ପଞ୍ଚାୟତରେ ପୁଣି ଥରେ ମାଙ୍କଡ଼ା ଖଣି ମାଫିଆମାନେ ସକ୍ରିୟ ହୋଇ ଉଠିଛନ୍ତି ବୋଲି ଅଭିଯୋଗ ହେଉଛି। ମାଙ୍କଡ଼ା ଖଣିକୁ ନେଇ ବେଆଇନ ହାତଗୁଞ୍ଜା କାରବାର ଅଡିଓ ଭାଇରାଲ ହେବା, ଖଣି କାରବାରକୁ ନେଇ ରକ୍ତପାତ ହେବା ଏବଂ ପୁଲିସ ଚଢ଼ଉ କରିବା ପରେ ଖଣି କାରବାର କିଛିଦିନ ବନ୍ଦ ରହିଥିବା ବେଳେ ଏବେ ପୁଣି ରାତିଅଧିଆ ବେପାର ଆରମ୍ଭ ହୋଇଛି ବୋଲି ଅଭିଯୋଗ ହେଉଛି। ଉକ୍ତ ଅଞ୍ଚଳରେ ରହିଥିବା ଏକ ମହିଳା ମହାବିଦ୍ୟାଳୟ ପଛ ପାଖରୁ ରାତି ଅଧରେ ମାଙ୍କଡ଼ା ପଥର କଟାଯାଇ ଗଞ୍ଜାମ ଓ ନୟାଗଡ଼ ଜିଲ୍ଲାକୁ ଚାଲାଣ ହେଉଛି। ଏହାସହିତ ବାଦଭୂଇଁ, କୋମଣ୍ଡ ପଥରା ପୋଖରୀ ପଛପାଖରେ ବ୍ୟାପକ ଖଣି ଖନନ କରାଯାଉଛି। ଏହି ବେଆଇନ ଖଣି କାରବାରରେ ଶତାଧିକ ଗାଡ଼ି ବ୍ୟବହାର ହେଉଛି। ଜେସିବି, ଟ୍ରାକ୍ଟର, ୪୦୭, ହାଇୱା, ଡମ୍ଫର, ଟ୍ରକ

> ▶ ଥାନା କର୍ମଚାରୀ ନେଉଛନ୍ତି ହାତଗୁଞ୍ଜା
> ▶ ଦୈନିକ ଶତାଧିକ ଟ୍ରିପ୍‌ରୁ ଊର୍ଦ୍ଧ୍ୱ ଚାଲାଣ

ଏବଂ ପଥର କାଟିବା ମେସିନ ବ୍ୟବହାର ହେଉଛି। ଦୈନିକ ଶତାଧିକ ଟ୍ରିପ ମାଙ୍କଡ଼ା ଓ ମୋରମ ବେଆଇନ ଚାଲାଣ ହେଉଛି। ଏଭଳି ଲୁଟ ପାଇଁ କିଏ ପ୍ରୋତ୍ସାହନ ଦେଉଛି, କିଏ ସମର୍ଥନ ଦେଉଛି ତାହା ବଡ଼ ପ୍ରସଙ୍ଗ ପାଲଟିଥିବା ବେଳେ ପ୍ରଶାସନିକ ଅଧିକାରୀମାନେ କୌଣସି ପଦକ୍ଷେପ ନନେବା ଜିଲ୍ଲାବାସୀଙ୍କୁ ଚିନ୍ତାରେ ପକାଇଛି। ପ୍ରତ୍ୟେକ ଦିନ ରାତିରେ ଖଣି ଚାଲୁଥିବା ବେଳେ ଖଣି ଖନନ ସମୟକୁ ପରିବର୍ତ୍ତନ କରାଯାଉଛି। କେଉଁ ଦିନ ରାତି ୧୨ଟାରୁ ଆରମ୍ଭ ହେଉଛି ତ ପୁଣି କେଉଁଦିନ ରାତି ୩ଟାରୁ ସକାଳ ୭ ଯାଏଁ ଖଣି ଖନନ ହେଉଛି। ସେହିଭଳି ଭାବେ ଅନେକ ସମୟରେ ସଂନ୍ଧ୍ୟା ସମୟରେ ପଥର କାଟି ରାତି ୧୧ଟା ସୁଦ୍ଧା ଖାଲି କରାଯାଉଛି। ଦୀର୍ଘବର୍ଷ ଧରି ଚାଲିଥିବା ବେଆଇନ ମାଙ୍କଡ଼ା ଖନନ ପାଇଁ ଉକ୍ତ ଅଞ୍ଚଳରେ ଶହ ଶହ ସଂଖ୍ୟାରେ ମୃତ ମାଙ୍କଡ଼ା ଖଣି ରହିଛି। ଏହି ମୃତ ମାଙ୍କଡ଼ା ଖଣି ଗୁଡ଼ିକର ଗଭୀରତା ୫୦ରୁ ୧୦୦ ଫୁଟ। ବର୍ତ୍ତମାନ ସମୟରେ ୮୪ଟି ଖଣି ଜୀବନ ଅବସ୍ଥାରେ ଥିବା ବେଳେ ୧୫୦ରୁ ଅଧିକ ମୃତ ଖଣି ରହିଛି। ମୃତ ଖଣିଗୁଡ଼ିକ ପୋତା ଯାଉନଥିବାରୁ ଏହା ଜଳାଶୟରେ ପରିଣତ ହୋଇରହିଛି। ନାଳିମାଟି ମାଫିଆମାନେ ଖଣି ଲୁଟ କରିବା ପରେ ତାହାକୁ ଏଭଳି ସ୍ଥିତିରେ ଛାଡ଼ି ଦେଉଛନ୍ତି। ଯାହା ଭବିଷ୍ୟତରେ ବିପଦ ସୃଷ୍ଟି କରିବା ନିଶ୍ଚିତ ବୋଲି ଆଲୋଚନା ହେଉଛି। ବିଗତ ଦିନରେ ଏହି ଜଳାଶୟରେ ଅନେକ ଜୀବନ ଯାଇ ସାରିଥିବା ବେଳେ ମରଣଯନ୍ତା ସୃଷ୍ଟି କେବେ ବନ୍ଦ ହେବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କୋମଣ୍ଡ ପଞ୍ଚାୟତ ପଥରା ଏବଂ ବାଦଭୂଇଁ ନିକଟସ୍ଥ ଅଞ୍ଚଳରେ ୨ କିଲୋମିଟର ପରିବ୍ୟାପ୍ତ ଅଞ୍ଚଳ ଖଣି ଦ୍ୱାରା ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିବା ସାଟେଲାଇଟ୍ ମ୍ୟାପରେ ସ୍ପଷ୍ଟ ଦେଖାଯାଇଛି। ଉକ୍ତ ଅଞ୍ଚଳରେ ଖଣି ପାଇଁ ବିରଟ ବିରାଟ ଜଳଶୟ ସୃଷ୍ଟି ହୋଇଥିବା ଦେଖାଯାଇଛି। ବିସ୍ତିର୍ଣ୍ଣ ଅଞ୍ଚଳକୁ ନାଳିମାଟି ମାଫିଆମାନେ ଛାରଖାର କରି ଦେଇଥିବା ବେଳେ ଜିଲ୍ଲା ପ୍ରଶାସନ ମଧ୍ୟ ଚୁପ ବସିଛି। ବିଗତ ୩ ବର୍ଷ ଧରି ବ୍ୟାପକ ଭାବେ ଏଠାରେ ଖଣି ଖନନ କରାଯାଇ ଲୁଟ କରାଯାଉଥିଲେ ମଧ୍ୟ ସମସ୍ତେ ଆଖିବୁଜି ଦେଇଛନ୍ତି ବୋଲି ଅଭିଯୋଗ ହେଉଛି। ଏହି ବେଆଇନ ଖଣିକୁ ଓଡ଼ଗାଁ ଆଦର୍ଶ ଥାନାର କିଛି ଅଧିକାରୀ ଓ ତଳିଆ କର୍ମଚାରୀ ହାତଗୁଞ୍ଜା ନେଇ ସମର୍ଥନ ଦେଉଥିବା ସ୍ଥାନୀୟ ଅଞ୍ଚଳରୁ ସୂଚନା ମିଳିଛି । ଏହି ବେଆଇନ ମାଙ୍କଡ଼ା ଖଣି ଖନନ କାର୍ଯ୍ୟରେ ୮ ଜଣ ମାଫିଆ ସକ୍ରିୟ ରହିଥିବା ଜଣାପଡ଼ିଛି।

# ପିତାମାତାଙ୍କ ସ୍ମୃତିରେ ଗଣଦୌଡ଼



ଭାପୁର,୨୮।୮ (ସମିସ): ପିତାମାତାଙ୍କୁ ଭଲପାଇବା ଓ ସେମାନଙ୍କର ଆଶୀର୍ବାଦ ନେଇ ଜୀବନଯାପନ କରିବା ହେଉଛି ଭାରତୀୟ ସଂସ୍କୃତିର ମୂଳପିଣ୍ଡ। ଏପରିକି ପିତାମାତାଙ୍କ ମୃତ୍ୟୁ ପରେ ସେମାନଙ୍କୁ ମନେ ରଖିବା ପାଇଁ ଶ୍ରାଦ୍ଧ ଦିବସ ପାଳନ କରାଯାଇଥାଏ। ନିଜର ପିତାମାତାଙ୍କ ଶ୍ରାଦ୍ଧ ଦିବସରେ ଶତାଧିକ ଯୁବକଙ୍କୁ ନେଇ ଏକ ମାରାଥନ ଦୌଡ ପ୍ରତିଯୋଗିତା ଆୟୋଜନ କରିଛନ୍ତି ତାଙ୍କର ପୁଅମାନେ। ପଦ୍ମାବତୀ ପଞ୍ଚାୟତ ପୂର୍ବତନ ସରପଞ୍ଚ କପିଳେନ୍ଦ୍ର ପଣ୍ଡା ଓ ସହଧର୍ମିଣୀ ଶଶିରେଖା ପଣ୍ଡାଙ୍କ ଶ୍ରାଦ୍ଧଦିବସରେ ତାଙ୍କର ତିନିପୁଅ ରମେଶ, ଦିଲ୍ଲୀପ ଓ ସନ୍ତୋଷ ପଦ୍ମାବତୀଠାରୁ ବାଉଁଶବାଟୀ ଗ୍ରାମ ପର୍ଯ୍ୟନ୍ତ ୩ କିଲୋମିଟର ରାସ୍ତାରେ ଏହି ମାରାଥନ ଦୌଡ଼ ଗୁରୁବାର ଆୟୋଜିତ ହୋଇଯାଇଛି। ଏଥିରେ ପଦ୍ମାବତୀ ଗ୍ରାମର ମନ୍ମଥ ବେହେରା ପ୍ରଥମ ଓ ଜିତେଶ ଖଟୁଆ ଦ୍ୱିତୀୟ ଓ ଶ୍ରୀଧର ଖଟୁଆ ତୃତୀୟ ସ୍ଥାନ ଅଧିକାର କରିଥିବା।

### ● ଦବିଗଲାଣି ରେଲ୍‌ୱେ ଓଭର ବ୍ରିଜ୍ ରାସ୍ତା

# ବିପଜ୍ଜନକ ଭାବେ ଯାତାୟାତ କରୁଛନ୍ତି ଲୋକେ

ନୟାଗଡ଼,୨୮।୮ (ସମିସ): ନୟାଗଡ଼ ଜିଲ୍ଲା ଟାଉନ ଷ୍ଟେସନରୁ ମହିପୁର ଷ୍ଟେସନ ଅଭିମୁଖେ ଯାଇଥିବା ରେଳ ଲାଇନ୍ ନୟାଗଡ଼-ଖଣ୍ଡପଡ଼ା ରାସ୍ତାକୁ ବରପଲ୍ଲୀଠାରେ ଅତିକ୍ରମ କରୁଛି। ଏହି ରାସ୍ତାରେ ୭ ବର୍ଷ ହେଲା ଲେବଲ୍ କ୍ରସିଂ ପାଇଁ ଲୋକେ ଦୁର୍ଦ୍ଦଶା ଭୋଗୁଥିବା ବେଳେ ୫ ବର୍ଷ ତଳୁ ଚାଲିଥିବା ଓଭର ବ୍ରିଜ କାମ ଗତବର୍ଷ ମାର୍ଚ୍ଚ ମାସରେ ଶେଷ ହୋଇଥିଲା। ତରବରିଆ ରାସ୍ତା ନିର୍ମାଣ କାରଣରୁ ଓଭର ବ୍ରିଜ ସଂଲଗ୍ନ ଉଭୟ ପାଶ୍ୱର୍ ରାସ୍ତାର ଅନେକ ସ୍ଥାନ ଦୁଇ ମାସ ମଧ୍ୟରେ ଦବି ଯାଇଥିଲା। ମାଟି ପକାଇ ତରବରିଆ ଭାବେ ପଟୁ ପକାଯିବା ଦ୍ୱାରା ବର୍ଷା ଆରମ୍ଭରୁ ଏହି ରାସ୍ତା ଦବି ଯାଇଥିଲା। ଯାହାକୁ ନେଇ ବାରମ୍ବାର ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଅକ୍ଟୋବର ୬ ତାରିଖରେ ଏହାକୁ ମରାମତି କରାଯାଇଥିଲା। ବିଭିନ୍ନ ସ୍ଥାନରେ ସୃଷ୍ଟି ହୋଇଥିବା ଖାଲକୁ ପୋତି ପୁଣି ପିଚୁ ପକାଯାଇଥିଲା। ଏବେ ପୁର୍ନବାର



> ➤ ଗତବର୍ଷ ଦବିଯିବାରୁ ମରାମତି ହୋଇଥିଲା
> ➤ ଏବେ ସମାନ ସ୍ଥାନରେ ଦୁଇ ଫୁଟର ଖାଲ

ସେହି ସ୍ଥାନ ଗୁଡ଼ିକ ଦୁଇ ଫୁଟ ଲେଖାଏଁ ଦବି ଗଲାଣି। ଅନେକ ସ୍ଥାନରେ ଆଣ୍ଠୁଏ ଲେଖାଁଏ ଖାଲ ସୃଷ୍ଟି ହୋଇଛି। ଓଭର ବ୍ରିଜକୁ ଲାଗିଥିବା ସଂଲଗ୍ନ ରାସ୍ତା ଖାଲକୁ ଦେଖିଲେ ଗାଡ଼ି ଚାଳକ ଭୟଭୀତ ହେଉଛି। ଅଘଟଣ ଆଶଙ୍କା ସୃଷ୍ଟି ହେଉଥିଲେ ବି ବିପଜ୍ଜନକ ଭାବେ ଲୋକେ ଯାତାୟାତ କରୁଛନ୍ତି। ରାତିର ଅନ୍ଧକାରରେ ଯାଉଥିବା ବାଇକ ଆରୋହୀ ନଜାଣି ଦୁର୍ଘଟଣାର ଶୀକାର ହେଉଛନ୍ତି। ଓଭର ବ୍ରିଜ ଓ ସଂଲଗ୍ନ ରାସ୍ତା ମଧ୍ୟରେ ଦୂରତା ମଧ୍ୟ ବୃଦ୍ଧି ପାଉଛି। ବ୍ରିଜ ଏବଂ ରାସ୍ତା ମଧ୍ୟରେ ଏବେ ୧୦ ଇଞ୍ଚ ଗ୍ୟାପ୍ ହୋଇସାରିଛି। ନୟାଗଡ଼ ଜିଲ୍ଲା ସଦରମହକୁମା ନିକଟବର୍ତ୍ତୀ ସ୍ଥାନରେ ନିର୍ମାଣ କରାଯାଇଥିବା ଏହି ଓଭର ବ୍ରିଜ ପାଇଁ ରେଳ ବିଭାଗ ପକ୍ଷରୁ ୧୬ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିଲା। ଶ୍ରୀ ଦୁର୍ଗା କନଷ୍ଟ୍ରକସନ୍ ଠିକାସଂସ୍ଥା ଏହାର ନିର୍ମାଣ ଦାୟିତ୍ୱ ନେଇଥିଲା। ନିର୍ମାଣ ଅବଧିଠାରୁ ବହୁ ବିଳମ୍ବରେ କାର୍ଯ୍ୟ ଶେଷ ହୋଇଥିବା ବେଳେ ବ୍ରିଜ ନିର୍ମାଣକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ମଧ୍ୟ ରହିଛି। ଏହାର ସଂଲଗ୍ନ ରାସ୍ତାକୁ ଯେନତେନ ନିର୍ମାଣ କରାଯାଇଥିବା ବେଳେ ରାସ୍ତା ଦବି ଯିବାକୁ ନେଇ ନୟାଗଡ଼ବାସୀଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଛି। ଏହି କାମର ତଦନ୍ତ ଏବଂ ଠିକାସଂସ୍ଥା ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଛି। ଏହାସହିତ ଉକ୍ତ ରାସ୍ତାକୁ ପୁଣି ମରାମତି କରି ଏହାକୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରିବାକୁ ଦାବି ହେଉଛି।

### ଦୟନୀୟ ଅବସ୍ଥାରେ ଭୂମିହୀନ ପରିବାର

# ବସୁନ୍ଧରା ଯୋଜନା କାହା ପାଇଁ ?

ଗଣିଆ,୨୮।୮ (ସମିସ): ରାଜ୍ୟ ସରକାର ଭୂମିହୀନ ପରିବାରଙ୍କୁ ଚିହ୍ନଟ କରି ବସୁନ୍ଧରା ଯୋଜନାରେ ଜମି ଜାଗା ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରିଛନ୍ତି। ମାତ୍ର ପ୍ରଶାସନିକ ସ୍ଥାଣୁତା ଯୋଗୁଁ ବର୍ତ୍ତମାନ ଗଣିଆ ବ୍ଲକର ୮ଟି ପଞ୍ଚାୟତରେ ବହୁ ସଂଖ୍ୟକ ଭୂମିହୀନ ପରିବାର ବାସହରା ହୋଇ ଦୟନୀୟ ଅବସ୍ଥାରେ ଦିନ କାଟୁଛନ୍ତି। ବସୁନ୍ଧରା ଯୋଜନା ଏହି ଭୂମିହୀନ ବର୍ଗର ପରିବାରଙ୍କ ପାଇଁ ସାତସପନ ପାଲଟିଛି। ଗଣିଆ ତହସିଲ ଅଧୀନରେ ବାସ କରୁଥିବା ବହୁ ସଂଖ୍ୟକ ଭୂମିହୀନ ଗରିବ ପରିବାରଙ୍କ ନିକଟରେ ରହିବା ନିମନ୍ତେ ଘରଟିଏ ନାହିଁ। କିଏ ସରକାରୀ ଜାଗାରେ ତ କିଏ କିଏ ଗୋଚର ଓ ଅନାବାଦି ଜାଗାରେ ବର୍ଷ ବର୍ଷ ଧରି ଝାଟିମାଟି ଓ ଆଜବେଷ୍ଟସ୍ ଘର କରି ଅସ୍ଥାୟୀ ଭାବେ ଅତି ଦୟନୀୟ ସ୍ଥିତିରେ ରହି ଆସୁଛନ୍ତି। ଏପରିକି ଉକ୍ତ ପରିବାରଗୁଡ଼ିକ ଆନୁସଙ୍ଗିକ ସରକାରୀ ସୁବିଧାରୁ ବଞ୍ଚିତ ହୋଇଥିବା ଜଣାପଡିଛି। ରାଜ୍ୟ ସରକାର ଭୂମିହୀନ ଲୋକଙ୍କୁ ବସୁନ୍ଧରା ଯୋଜନାରେ ସରକାରୀ ଜାଗା ଯୋଗାଇ ଦେବାର ବ୍ୟବସ୍ଥା କରିଛନ୍ତି। ମାତ୍ର ଗଣିଆ ତହସିଲ ଅଞ୍ଚଳରେ ବାସ କରୁଥିବା ଶହଶହ ଭୂମିହୀନ ପରିବାରବର୍ଗଙ୍କ ନିକଟରେ ଜାଗା ଟିକିଏ ନଥିବାରୁ ସେମାନେ ସଦାସର୍ବଦା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ଭୂମିହୀନ ପରିବାରମାନଙ୍କୁ ବସୁନ୍ଧରା ଯୋଜନାରେ ଜାଗା ଯୋଗାଇ ଦେବାରେ ଗଣିଆ ତହସିଲ ପ୍ରଶାସନ ବିଫଳ ହୋଇଥିବାରୁ




ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏସଂର୍ପକିତ ଆବେଦନପତ୍ରଗୁଡିକ ବିଭିନ୍ନ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ବର୍ଷବର୍ଷ ଧରି ପଡିରହିଥିବା ଜଣାଯାଇଛି। ଭୂମିହୀନ ପରିବାରଗୁଡ଼ିକୁ ଚିହ୍ନଟ କରି ବସୁନ୍ଧରା ଯୋଜନାରେ ଜାଗା ପ୍ରଦାନ ନିମନ୍ତେ ବିଭିନ୍ନ ସମୟରେ ରାଜସ୍ୱ ନିରୀକ୍ଷକମାନଙ୍କ ଦ୍ୱାରା ସର୍ଭେ କାର୍ଯ୍ୟ ଶେଷ ହୋଇଥିଲେ ହେଁ ଅଦ୍ୟାବଧି ଏହି ଯୋଜନା କାର୍ଯ୍ୟକାରୀ ନହୋଇ ପଡିରହିଛି। ବସୁନ୍ଧରା ଯୋଜନାରେ ସମସ୍ତ ଭୂମିହୀନ ପରିବାରଗୁଡ଼ିକୁ ଜାଗା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି। ନୟାଗଡ଼ ଜିଲ୍ଲାପାଳ ଓ ରାଜସ୍ୱ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଏଦିଗରେ ଦୃଷ୍ଟିଦେଇ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ

# ନିରୁତ୍ସାହିତ କରୁଛି ନିରାମୟ

ନୟାଗଡ଼,୨୮।୮ (ସମିସ): ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନାନାଦି ଅବ୍ୟବସ୍ଥା ସାଧାରଣ ଜନତାଙ୍କୁ ଅତିଷ୍ଠ କରୁଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବେଆଇନ ପାର୍କିଂ ବ୍ୟାପକ ସମସ୍ୟା ସୃଷ୍ଟି କରୁଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବିଭିନ୍ନ ୱାର୍ଡଠାରୁ ଆରମ୍ଭ କରି ଏହାର ପରିସରକୁ ସଠିକ ଭାବେ ସଫେଇ କରାଯାଉ ନଥିବାରୁ ରୋଗୀ ଓ ରୋଗୀଙ୍କ ସମ୍ପର୍କୀୟମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହେଉଛି। ସବୁଠାରୁ ବଡ଼ ସମସ୍ୟା ହେଉଛି ନିରାମୟ କେନ୍ଦ୍ର। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିରାମୟ କେନ୍ଦ୍ରରେ ରୋଗୀ ଓ ରୋଗୀଙ୍କ ସମ୍ପର୍କୀୟଙ୍କ ଲମ୍ବାଧାଡ଼ି ଯୋଗୁଁ ଅକଥନୀୟ ଯନ୍ତ୍ରଣା ଭୋଗିବାକୁ ବାଧ୍ୟ କରାଯାଉଛି। ସକାଳ ୮ଟାରୁ ଦିନ ୨ଟା ପର୍ଯ୍ୟନ୍ତ ବହୁ ସଂଖ୍ୟାରେ ଗହଳି ଲାଗି ରହୁଥିବା ଦେଖିବାକୁ ମିଳିଛି। ଏତେ ପରିମାଣର ଗହଳିକୁ ଦୃଷ୍ଟି ଦେଇ ଅଧିକ କାଉଣ୍ଟର ଖୋଲିବା ଆବଶ୍ୟକତାକୁ ଦୃଷ୍ଟି ଦିଆଯାଉନାହିଁ। ନିରାମୟ କେନ୍ଦ୍ରରେ ରହିଥିବା ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକଙ୍କ କାଉଣ୍ଟର ଦୀର୍ଘଦିନ ହେଲା ବନ୍ଦ ରହିଛି। କିଏ ଓ କାହା ନିର୍ଦ୍ଦେଶରେ ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକ




କାଉଣ୍ଟର ବନ୍ଦ କରାଯାଇଛି, ତାହା ବୁଝି ପଡୁନଥିବା ବେଳେ ନିରାମୟ କେନ୍ଦ୍ର କର୍ମଚାରୀ ଏହା ଆଦୌ ଖୋଲିବ ନାହିଁ ବୋଲି ସିଧା ସିଧା ରୋଗୀଙ୍କୁ ଶୁଣାଉଛନ୍ତି। ଫଳରେ ବୟସ୍କ ଓ ଦିବ୍ୟାଙ୍ଗ ବ୍ୟକ୍ତିମାନେ ଧାଡ଼ିରେ ଠିଆହୋଇ ଯନ୍ତ୍ରଣା ଭୋଗୁଛନ୍ତି। ଏନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଶାନ୍ତ କୁମାର ଦାଶଙ୍କୁ ପଚାରିବାରେ, ଏହା ଖୋଲିବାକୁ ନିର୍ଦ୍ଦେଶ ରହିଥିଲା। ବନ୍ଦର କାରଣ କଣ ମୁଁ ବୁଝିବି ବୋଲି କହିଛନ୍ତି।

> ➤ ଖୋଲୁନି ବୟସ୍କ ଓ ଦିବ୍ୟାଙ୍ଗ କାଉଣ୍ଟର
> ➤ ଲମ୍ବାଧାଡ଼ିରେ ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗ

### ଆନ୍ତରିକତାର ଅଭାବ

# ମାଟିରେ ମିଶିଲା ୧୧୦ ବର୍ଷର ସଂସ୍କୃତ ଶିକ୍ଷାନୁଷ୍ଠାନ

ଖଣ୍ଡପଡ଼ା,୨୮।୮ (ସମିସ): ବିଶ୍ୱ ବରେଣ୍ୟ ମହାନ ପଣ୍ଡିତ ପଠାଣି ସାମନ୍ତଙ୍କ ଜନ୍ମ ମାଟିରେ ସ୍ୱାଧୀନତା ପୂର୍ବରୁ ଗଢ଼ି ଉଠିଥିବା ଏକ ଶିକ୍ଷା ଅନୁଷ୍ଠାନର ନା କର୍ପୁର ଅଛି ନା କନା ଅଛି। ପ୍ରଶାସନିକ ଉଦାସୀନତା ସାଙ୍ଗକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଆନ୍ତରିକତା ଅଭାବରୁ ଖଣ୍ଡପଡ଼ା ସହରରେ ପ୍ରାକ ସ୍ୱାଧୀନତା ସମୟ ସନ ୧୯୧୫ ମସିହାରେ ପ୍ରତିଷ୍ଠିତ ହୋଇଥିବା ରାମଚନ୍ଦ୍ର ସଂସ୍କୃତ ଟୋଲ ଶିକ୍ଷାନୁଷ୍ଠାନଟି ମାଟିରେ ବିଲୀନ ହୋଇଯାଇଛି। ସଂସ୍କୃତ ଭାଷାର ପ୍ରସାର ଉଦ୍ଦେଶ୍ୟରେ ପ୍ରତିଷ୍ଠିତ ହୋଇଥିବା ସେହି ଶିକ୍ଷାନୁଷ୍ଠାନରୁ ଏକଦା ଅନେକ ଛାତ୍ରଛାତ୍ରୀ ପାଠପଢ଼ି ଏବେ ସମାଜରେ ପ୍ରତିଷ୍ଠିତ ହୋଇପାରିଛନ୍ତି। ମାତ୍ର ଦୀପତଳ ଅନ୍ଧାର ପରି ଶିକ୍ଷାନୁଷ୍ଠାନଟିର ସୁରକ୍ଷା ପ୍ରତି କେହିହେଲେ ଦୃଷ୍ଟି ନଦେବା ଫଳରେ ଏପରି ପରିସ୍ଥିତି ସୃଷ୍ଟି ହୋଇଥିବା ଜଣାପଡ଼ିଛି। ପ୍ରକାଶଥାଉକି ରାଜ୍ୟ ସରକାରଙ୍କ ଗଣଶିକ୍ଷା ବିଭାଗ ପକ୍ଷରୁ ବିଭିନ୍ନ



ସ୍ଥାନରେ ଛତୁ ଫୁଟିଲା ପରି ଶିକ୍ଷାନୁଷ୍ଠାନଗୁଡିକୁ ଖୋଲାଯିବା ପରେ ସମୟାନୁକ୍ରମେ ପୁରାତନ ଶିକ୍ଷାନୁଷ୍ଠାନ ଗୁଡ଼ିକୁ ପ୍ରଶାସନ ଅଣଦେଖା କରିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଜଣାପଡିଛି। ସେହିପରି ସଂସ୍କୃତ ଶିକ୍ଷାନୁଷ୍ଠାନରୁ ଧୀରେ ଧୀରେ ଛାତ୍ରଛାତ୍ରୀ ଦୂରେଇ ଯିବା ଶିକ୍ଷାନୁଷ୍ଠାନ ବନ୍ଦର ଅନ୍ୟତମ କାରଣ ଅଟେ ବୋଲି ଜଣାପଡ଼ିଛି। ୧୯୯୫ ମସିହା ପର୍ଯ୍ୟନ୍ତ ଉକ୍ତ ଶିକ୍ଷାନୁଷ୍ଠାନଟି ବେଶ ଚଳଞ୍ଚଳ ଥିବା ଖଣ୍ଡପଡ଼ା ସହରର ବହୁ ବୁଦ୍ଧିଜୀବୀ ଓ ପୁରୁଖା ବ୍ୟକ୍ତିବିଶେଷ ମତ ଦେଇଛନ୍ତି। ତତ୍କାଳୀନ ଖଣ୍ଡପଡ଼ା ରାଜା ରାମଚନ୍ଦ୍ର ସିଂହ ମର୍ଦ୍ଦରାଜଙ୍କ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ନାମିତ ଏହି ଶିକ୍ଷାନୁଷ୍ଠାନ ପ୍ରତି ଶିକ୍ଷା ବିଭାଗ ଉଚ୍ଚ କର୍ତ୍ତୃପକ୍ଷ, ଜିଲ୍ଲା ପ୍ରଶାସନ ଓ ଲୋକ ପ୍ରତିନିଧିମାନେ କେହି ହେଲେ ଦୃଷ୍ଟି ନ ଦେବାରୁ ପୁରାତନ ଶିକ୍ଷାନୁଷ୍ଠାନଟି ମାଟିରେ ମିଶିଯାଇଥିବାରୁ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଥିବା ବେଳେ ଜନମାନସରୁ ଉକ୍ତ ଶିକ୍ଷାନୁଷ୍ଠାନଟି ସବୁଦିନ ପାଇଁ ଦୁରେଇଯାଇ ଇତିହାସ ପାଲଟିଗଲା ବୋଲି ସାଧାରଣରେ ଆଲୋଚନା ହେଉଛି।

# ବୃଓଙ୍ଗ ନଦୀରେ ବୁଲୁଛି କୁମ୍ଭୀର

ଗଣିଆ,୨୮।୮ (ସମିସ): ଗଣିଆ ବ୍ଲକ୍ ଛାମୁଣ୍ଡିଆଠାରେ ଥିବା ବୃଓଙ୍ଗ ନଦୀରେ କୁମ୍ଭୀର ଆତଙ୍କ ଦେଖାଦେଇଥିବା ବେଳେ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି। ମହାନଦୀରେ ଜଳସ୍ତର ବୃଦ୍ଧି ପାଇଥିବା ବେଳେ ମହାନଦୀରୁ ଏକ କୁମ୍ଭୀର ବୃଓଙ୍ଗ ନଦୀକୁ ଚାଲିଆସିଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ। ଏନେଇ ଛାମୁଣ୍ଡିଆ ରେଞ୍ଜର ଲକ୍ଷ୍ମୀନାରାୟଣ ପଣ୍ଡା ଖବର ପାଇ କୁମ୍ଭୀର ଖଣିଠାରେ ଥିବା ବ୍ରିଜ ଉପରେ ରହି ତଦାରଖ କରିଥିଲେ। ଗ୍ରାମବାସୀଙ୍କୁ ସଚେତନ କରିବା ସହିତ ନଦୀ ଭିତରକୁ ନଯିବାକୁ ପରାମର୍ଶ ଦେଇଛନ୍ତି। ଗୋଳି ପାଣି ଯୋଗୁଁ କୁମ୍ଭୀରଟି ଆସିଥିବାରୁ ଭୟଭୀତ ନହେବାକୁ ସେ ଗ୍ରାମବାସୀଙ୍କୁ ସୂଚନା ପ୍ରଦାନ କରିଛନ୍ତି। ଯଦି କେହି ବି କୁମ୍ଭୀରଟିକୁ ଦେଖନ୍ତି ତେବେ ତୁରନ୍ତ ବିଭାଗକୁ ଜଣାଇବାକୁ ରେଞ୍ଜର ଅନୁରୋଧ କରିଛନ୍ତି।

# ଜିଲ୍ଲାସ୍ତରୀୟ କ୍ରାନ୍ତି କବିତା ଆସର




ଓଡ଼ଗାଁ,୨୮।୮ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଏନ୍‌ଏସି ମିନି ଷ୍ଟାଡିୟମ ନିକଟ ରଘୁନାଥ ଆଥଲେଟିକ ଆସୋସିଏସନ୍ ଠାରେ ଗୁରୁବାର କ୍ରାନ୍ତି କବିତା ଆସର ଅନୁଷ୍ଠିତ ହୋଇଯାଇଛି। ଆଥଲେଟିକ ଆସୋସିଏସନ୍ ତରଫରୁ ସମ୍ପାଦକ ତଥା ଓଡ଼ଗାଁର ଖେଳ ମଣିଷ ଭାବେ ପରିଚିତ ଦିବାକର ନାୟକଙ୍କ ଦ୍ୱାରା ଆୟୋଜିତ ଏବଂ ପ୍ରଫୁଲ୍ଲ ମାଝୀଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ଆସରରେ ନୟାଗଡ଼ ଜିଲ୍ଲା ଲେଖକ ପରିଷଦ ସମ୍ପାଦକ ସେଖ୍ ଅବଦୁଲ ଖାଲିକ, ନୟାଗଡ଼ ପରମ୍ପରାର ସମ୍ପାଦକ ନିର୍ମଳ ଚନ୍ଦ୍ର ଶୁରଦେଓ, କବି ପଞ୍ଚାନନ ପଣ୍ଡା, ଗୋଦାବରୀ ବସନ୍ତିଆ, ନିରାକାର ସ୍ୱାଇଁ, ଲଳିତ ମୋହନ ମିଶ୍ର, କ୍ଷଣପ୍ରଭା କର, ପ୍ରଦୀପ୍ତ ବିଶ୍ୱାଳ, ସାରସ ମିଶ୍ର, ପ୍ରଶାନ୍ତ କୁମାର ଦାଶ, ରବିନ୍ଦ୍ର କୁମାର ମହାପାତ୍ର (ଅଚଞ୍ଚାକିଳା) ପ୍ରମୁଖଙ୍କ ସହିତ ୩୭ ଜଣ କବି ଅଂଶଗ୍ରହଣ କରି ସେମାନଙ୍କ ସ୍ୱରଚିତ କବିତାମାନ ପାଠ କରିଥିଲେ। ସାମ୍ବାଦିକ ଅଶୋକ କୁମାର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କବି ଶରତ ଚନ୍ଦ୍ର ଷଡ଼ଙ୍ଗୀ, ଯଶୋବନ୍ତ ପଟ୍ଟନାୟକ, ରଞ୍ଜନ କୁମାର ଦାଶ ପରିଚାଳନାରେ ସହଯୋଗ କରିଥିଲେ।

### ଗୁଜୁରାଣ ମେଣ୍ଟାଇ ପାରୁନି କୌଳିକ ବୃତ୍ତି, ବିମୁଖ ଯୁବପିଢ଼ି

# ବୁଡ଼ିବାକୁ ବସିଲାଣି ଜ୍ୟୋତିଷ ବେଉସା

ଭାପୁର,୨୮।୮ (ସମିସ): ଜାତକ ତିଆରି ଓ ପାଞ୍ଜି ଦେଖି ରୋଜଗାର କରି ପରିବାର ଚଳାଇବା କଷ୍ଟକର ହୋଇପଡୁଛି। ଜୋତିଷ ପରିବାର ବୟସ୍କମାନେ କଷ୍ଟେମଷ୍ଟେ କୌଳିକ ବୃତ୍ତିକୁ ବଞ୍ଚାଇ ରଖିଥିଲା ବେଳେ ସେମାନଙ୍କ ପରବର୍ତ୍ତୀ ପିଢିମାନେ ଏହି ବୃତ୍ତି ପ୍ରତି ବିମୁଖ ହେଉଥିବା ଦେଖିବାକୁ ମିଳୁଛି। ଯୁଗ ଯେତେ ଆଗେଇଲେ ବି ଓଡିଆ ଜାତିର ନବଜାତକଙ୍କ ଜନ୍ମ ସମୟରେ ପିତାମାତାମାନେ ଜାତକ ତିଆରି କରନ୍ତି। ବିବାହ ସମୟରେ ଏହି ଜାତକକୁ ଆଧାର କରି ପୁଅ ଝିଅଙ୍କ କୋଷ୍ଠି ଗଣନା କରି ବିବାହ ସ୍ଥିର କରାଯାଇଥାଏ। ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍‌ର ନୂଆଗାଁ, କଇଁଫୁଲିଆ, ଚକ୍ରଧରପ୍ରସାଦ, କରବର, ଶାଶନ, ମାଧପୁର, ବିଜିପୁର, ଧଳାବନ୍ଧ,



ପୁରୁଷୋତ୍ତମ ପ୍ରସାଦ, ତରବାଲୋ ଆଦି ଗ୍ରାମରେ ଜୋତିଷ୍କ ଜାତିର ଲୋକମାନେ ରୁହନ୍ତି। ସେମାନେ ପିଢି ପରେ ପିଢି ତାଳପତ୍ରରେ ଜାତକ ତିଆରି କରିବା ସହ ବିଭିନ୍ନ ଗାଁକୁ ଯାଇ ପାଞ୍ଜି ପଢି ଯେଉଁ ସ୍ୱଳ୍ପ ରୋଜଗାର କରନ୍ତି ତାହା ପରିବାର ପ୍ରତିପୋଷଣ ପାଇଁ ଯଥେଷ୍ଟ ହେଉନାହିଁ। ଯୁଗ ବଦଳିବା ସହ ନବଜାତକଙ୍କ ଜାତକ ନିର୍ମାଣ କରିବା ସମୟରେ ଅକ୍ଷାଂଶ ଦ୍ରାଘିମା ଦେଖି ଜାତକ କରିବା ବୟସ୍କ ଜୋତିଷଙ୍କ ପାଇଁ କଷ୍ଟକର ହେଉଛି। ତଥାପି ସେମାନେ କିଛି ଅଧ୍ୟୟନ କରି ଜ୍ଞାନ ଆହରଣ କରି ଜାତକ ତିଆରି କରୁଛନ୍ତି। ଏପରିକି ତାଳପତ୍ରରେ ଜାତକ ତିଆରି କରିବା ଓ ଲିଖନୀରେ ତାଳପତ୍ରରେ ଲେଖିବା କଷ୍ଟକର ହୋଇଥିଲେ ହେଁ ଗରାଖଙ୍କ ଚାହିଦାକୁ ଦେଖି ବହୁ କଷ୍ଟ କରି ତାଳପତ୍ରରେ ଲେଖୁଛନ୍ତି ଅନେକ। ମାତ୍ର, ଏହି କାର୍ଯ୍ୟ ପାଇଁ ଦୁଇ ଦିନ ପରିଶ୍ରମ କରି ଗୋଟିଏ ଜାତକ ଲେଖିବା ସମ୍ଭବ ହେଉଥିବା ବେଳେ ଏହାର ପାରିଶ୍ରମିକ ୫ ଶହରୁ ଅଧିକ ହେଉନଥିବାରୁ ପରିବାର ପ୍ରତିପୋଷଣ କଷ୍ଟକର ହେଉଛି। ବର୍ତ୍ତମାନ ଅନେକ ଯୁବ ଜୋତିଷ୍କ କାଗଜରେ ଜାତକ ତିଆରି କରି ଲାମିନେସନ କରି ଗରାଖଙ୍କୁ ସନ୍ତୁଷ୍ଟ କରୁଥିବାରୁ ଦେଖିବାକୁ ମିଳୁଛି। ଏନେଇ ଶାଳପଡା ପଞ୍ଚାୟତ ନୂଆଗାଁ ଗ୍ରାମର ବାଇଧର ନାୟକ (୭୭) କୁହନ୍ତି ଆଖିକୁ ଭଲ ଦେଖାଯିବା ପର୍ଯ୍ୟନ୍ତ ତାଳପତ୍ରରେ ଲିଖନୀରେ ଜାତକ କରି ଚାଲିବି। ଜାତକ ଲେଖିବା ବେଳେ ହାତକୁ ଓ ଆଖିକୁ କଷ୍ଟ ହୋଇଥାଏ। ହେଲେ ଗରାଖଙ୍କୁ ସନ୍ତୁଷ୍ଟ କରିବା ପାଇଁ ସେ ଏହି କାର୍ଯ୍ୟ ସମ୍ପାଦନ କରି ଚାଲିବେ। ମାତ୍ର, ପାରିଶ୍ରମିକ କମ ମିଳୁଥିବାରୁ ପରିବାର ଚଳାଇବା କଷ୍ଟକର ହେଉଛି। ସେଥିପାଇଁ ମୋ ପରି ଅନେକଙ୍କ ପରିବାରର ପିଲାମାନେ ଆଉ ଏହି ବୃତ୍ତି କରିବାକୁ ଆଗ୍ରହ କରୁନାହାନ୍ତି।